ସୁରେନ୍ଦ୍ର ମହାନ୍ତିଙ୍କ କ୍ଷୁଦ୍ରଗଳ୍ପ

ସମ୍ପାଦକ

ଦୁର୍ଗାଚରଣ କୁଅଁର

Digitized by srujanika@gmail.com

ସୁରେନ୍ଦ୍ର ମହାନ୍ତିଙ୍କ କ୍ଷୁଦ୍ରଗଳ୍ପ

ସମ୍ପାଦକ

ଦୁର୍ଗାଚରଣ କୁଅଁର

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ISBN 81-237-4386- 6

2005 (ଶକାବ୍ଦ 1926)
© ଜିତାମିତ୍ର ମହାନ୍ତି, 2004
Surendra Mohantinka Kshudragalpa *(Oriya)*

ଟ. 85.00

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ଏ-5, ଗ୍ରୀନ୍ ପାର୍କ, ନୂଆଦିଲ୍ଲୀ - 110 016 କର୍ତ୍ତୃକ ପ୍ରକାଶିତ ।

Digitized by srujanika@gmail.com

ସୂଚୀ

ମୁଖବନ୍ଧ	vii
ରୁଟି ଓ ଚନ୍ଦ୍ର	1
କୃଷ୍ଣଚୂଡ଼ା	7
ନୟନପୁର ଏକ୍‌ସପ୍ରେସ୍	11
ଅଷ୍ଟ୍ରେଲିଆ	16
ମହାନଗରୀର ରାତ୍ରି	21
ଖାଦାନୀ	29
ଘନିଆଁର ଗଣେଶ ଚତୁର୍ଥୀ	40
ମେଣ୍ଢାଖାଇ	49
ଅପରିଚିତର ପରିଚୟ	59
ଓଃ ! କାଲକାଟା !!	76
ରାଜଧାନୀ	86
ଆନନ୍ଦଭୈରବୀ	100
ଜୀଅନ୍ତା ଭୂତ	115
ଶ୍ରୀକୃଷ୍ଣଙ୍କ ଶେଷ ହସ	126
ମଧୁମାଈର ରାତ୍ରି	134
ମହାନିର୍ବାଣ	147
କାବେରୀରୁ ଗଙ୍ଗା	160
ଦଳେଇ ବୁଢ଼ା	172
ଆକାଶ ତଥାପି ସୁନୀଳ	181
ପୁଷ୍ୟାଭିଷେକ	197
ଫାଲ୍‌ଗୁନ ଜ୍ୟୋତ୍ସ୍ନା	211

Digitized by srujanika@gmail.com

ମୁଖବନ୍ଧ

ଆଧୁନିକ ଓଡ଼ିଆ ସାହିତ୍ୟରେ ସୁରେନ୍ଦ୍ର ମହାନ୍ତି ଏକ ବହୁମୁଖୀ ପ୍ରତିଭା । ଗଳ୍ପ, ଉପନ୍ୟାସ, ସାହିତ୍ୟ ସମାଲୋଚନା, ସାମ୍ବାଦିକ ସ୍ତମ୍ଭରଚନା, ନାଟକ, ଭ୍ରମଣ କାହାଣୀ, ଆତ୍ମଜୀବନୀ ପ୍ରଭୃତି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ଯଶସ୍ୱୀ ହୋଇଅଛନ୍ତି । ତାଙ୍କର ପ୍ରସିଦ୍ଧ ଐତିହାସିକ ଉପନ୍ୟାସ 'ନୀଳଶୈଳ' ପାଇଁ ସେ 1970 ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ରାଜନୈତିକ ପୃଷ୍ଠଭୂମିରେ ଲିଖିତ ଉପନ୍ୟାସ 'ଅନ୍ଧଦିଗନ୍ତ' ତାଙ୍କର ଅନ୍ୟ ଏକ ସଫଳ କୃତି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଧାରିତ 'କୁଳବୃଦ୍ଧ' ଓ 'ଶତାବ୍ଦୀର ସୂର୍ଯ୍ୟ' ଉପନ୍ୟାସ ଦୁଇଟି ଓଡ଼ିଆ ସାହିତ୍ୟର ଚରିତୋପନ୍ୟାସ ରଚନା କ୍ଷେତ୍ରରେ ତାଙ୍କର ଏକ ପଥିକୃତ ଉଦ୍ୟମ ବୋଲି କୁହାଯାଇପାରେ । ଓଡ଼ିଆ ସାହିତ୍ୟର ଆଦିପର୍ବ, ଓଡ଼ିଆ ସାହିତ୍ୟର ମଧ୍ୟ ପର୍ବ ଓ ଉତ୍ତର ମଧ୍ୟ ପର୍ବ ଏବଂ ଓଡ଼ିଆ ସାହିତ୍ୟର କ୍ରମବିକାଶ ଗ୍ରନ୍ଥତ୍ରୟରେ ନୂତନ ଦୃଷ୍ଟିକୋଣରୁ ସେ ଓଡ଼ିଆ ସାହିତ୍ୟଇତିହାସର ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଅଛନ୍ତି । ତାଙ୍କ ଦ୍ୱାରା ଲିଖିତ 'ଫକୀରମୋହନ ସମୀକ୍ଷା' ପୁସ୍ତକ ଓଡ଼ିଆ ଗଳ୍ପ, ଉପନ୍ୟାସର ଜନକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସାହିତ୍ୟ କୃତି ଉପରେ ନୂତନ ଆଲୋକପାତ କରିଛି । ରାଜ୍ୟସଭାର ସଭ୍ୟଥିବା ସମୟରେ ଏକ ପାର୍ଲିଆମେଣ୍ଟାରୀ ପ୍ରତିନିଧି ଦଳରେ ଚୀନ ଭ୍ରମଣରେ ଯାଇ ସେ ଲେଖିଥିବା ପୁସ୍ତକ 'ପେକିଂ ଡାୟରୀ' ଏକ ସୁଖପାଠ୍ୟ ଭ୍ରମଣ କାହାଣୀ । 'ପଥ ଓ ପୃଥିବୀ' ତାଙ୍କର ଆତ୍ମଜୀବନୀ ପୁସ୍ତକ । ନିଜର ସାହିତ୍ୟକୃତି ପାଇଁ ସେ ଏକାଧିକବାର ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଅଛନ୍ତି ।

କବିତା ବ୍ୟତୀତ ସାହିତ୍ୟର ପ୍ରାୟ ସମସ୍ତ ବିଭାଗରେ ଲେଖନୀ ଚାଳନା କରି କୃତିତ୍ୱ ଅର୍ଜନ କରିଥିବା ସୁରେନ୍ଦ୍ରଙ୍କ ସାହିତ୍ୟିକ ଅଭିବ୍ୟକ୍ତିର ପ୍ରକୃଷ୍ଟ ମାଧ୍ୟମ କିନ୍ତୁ କ୍ଷୁଦ୍ରଗଳ୍ପ । ଥରେ ଏକ ସାକ୍ଷାତକାରରେ ସେ କହିଥିଲେ, ''ଗଳ୍ପ - ଗଳ୍ପ - ଗଳ୍ପ ହେଉଛି ମୋର First Love'' । ଶତାଧିକ କ୍ଷୁଦ୍ରଗଳ୍ପ ରଚନା କରି ସ୍ୱାଧୀନୋତ୍ତର ଓଡ଼ିଆ କ୍ଷୁଦ୍ରଗଳ୍ପକୁ ସେ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ।

କ୍ଷୁଦ୍ରଗଳ୍ପକୁ ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ଏକ ଅର୍ବାଚୀନ ବିଭାଗ ବୋଲି କୁହାଯାଇପାରେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ମୋପାଁସା, ଚେକୋଭ, ସମରସେଟ ମମ୍ ପ୍ରଭୃତି ପାଶ୍ଚାତ୍ୟ ଲେଖକମାନେ ଆଧୁନିକ କ୍ଷୁଦ୍ରଗଳ୍ପକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ପ୍ରଦାନ କରି ଜନପ୍ରିୟ କରିଥିଲେ । ପାଶ୍ଚାତ୍ୟ ସାହିତ୍ୟ ସଂସ୍ପର୍ଶରେ ଆସି ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ

Digitized by srujanika@gmail.com

ସାହିତ୍ୟ ଭଳି ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ବିକଶିତ ହୋଇଛି । ଓଡ଼ିଆ କ୍ଷୁଦ୍ରଗଳ୍ପର ଜନ୍ମଦାତା ଫକୀରମୋହନଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ 'ରେବତୀ' ପ୍ରକାଶ ପାଏ 1898 ମସିହାରେ । ମାତ୍ର କୋଡ଼ିଏଟି ଗଳ୍ପ ଲେଖି ଫକୀରମୋହନ ଓଡ଼ିଆ କ୍ଷୁଦ୍ରଗଳ୍ପର ଦୃଢ଼ ଭିତ୍ତି ସ୍ଥାପନ କରିଥିଲେ ଯାହାର ପ୍ରଭାବ ଥିଲା ସୁଦୂର ପ୍ରସାରୀ । ତାଙ୍କ ପରବର୍ତ୍ତୀ କାଳରେ ବିଗତ ପ୍ରାୟ ଏକ ଶତ ବର୍ଷ ମଧ୍ୟରେ ବହୁ ପ୍ରତିଭାବାନ କଥାଶିଳ୍ପୀଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟର ଏହି ବିଭାଗଟି ଉତ୍କର୍ଷର ଚରମରେ ଉପନୀତ ହୋଇପାରିଛି ।

1922 ମସିହାରେ କଟକ ଜିଲ୍ଲା ଅନ୍ତର୍ଗତ ଏକ ପଲ୍ଲୀଗ୍ରାମ ପୁରୁଷୋତ୍ତମପୁରରେ କଥାକାର ସୁରେନ୍ଦ୍ରଙ୍କର ଜନ୍ମ । କଟକ ରେଭେନ୍‌ସା କଲେଜରେ ଛାତ୍ରଥିବା ସମୟରେ 1942 'ଭାରତଛାଡ଼' ଆନ୍ଦୋଳନରେ ଯୋଗଦେଇ ପାଠପଢ଼ା ଛାଡ଼ି ସେ ଦେଶ କାମରେ ବ୍ରତୀ ହୋଇଥିଲେ । ଏହା ପରଠାରୁ ସାହିତ୍ୟ ସେବା, ସାମ୍ବାଦିକତା ଓ ରାଜନୀତିରେ ତାଙ୍କର ଦୀର୍ଘ କର୍ମମୟ ଜୀବନ ଅତିବାହିତ ହୋଇଛି । ଓଡ଼ିଶାର କେତୋଟି ପ୍ରତିଷ୍ଠିତ ସମ୍ବାଦପତ୍ରର ସମ୍ପାଦକ ଥାଇ ସେ ସାମ୍ବାଦିକତାକୁ ଏକ ସାହିତ୍ୟିକ ଅଭିରୁଚି ପ୍ରଦାନ କରି ଲୋକପ୍ରିୟ କରିଥିଲେ । ବିଶିଷ୍ଟ ଇଂରାଜୀ କବି, ଔପନ୍ୟାସିକ ଓ ନାଟ୍ୟକାର ଓସ୍କାର ୱାଇଲ୍‌ଡ (Oscar Wilde) ଥରେ ସାହିତ୍ୟ ଓ ସାମ୍ବାଦିକତା ଉପରେ ଲଘୁ ଟିପ୍ପଣୀ କରି କହିଥିଲେ - ସାମ୍ବାଦିକତା ଅପାଠ୍ୟ ଏବଂ ସାହିତ୍ୟକୁ କେହି ପଢ଼ନ୍ତି ନାହିଁ - "The difference between literature and journalism is that journalism is unreadable, and literature is not read." ସାହିତ୍ୟିକ ଓ ସାମ୍ବାଦିକ ସୁରେନ୍ଦ୍ରଙ୍କ କ୍ଷେତ୍ରରେ କିନ୍ତୁ ଏ ମନ୍ତବ୍ୟର ଅସାରତା ପ୍ରମାଣିତ ହୋଇଥିଲା ।

ସୁରେନ୍ଦ୍ର ଥରେ ରାଜ୍ୟସଭା ଓ ଥରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ରାଜନୀତି ଓ ସାମ୍ବାଦିକତା ତାଙ୍କୁ ଓଡ଼ିଶା ଓ ଓଡ଼ିଶା ବାହାରେ ବହୁସ୍ଥାନ ଭ୍ରମଣ କରି ବିଭିନ୍ନ ଲୋକଙ୍କ ସମ୍ପର୍କରେ ଆସିବା ଓ ସେମାନଙ୍କ ସମସ୍ୟା ଅନୁଧ୍ୟାନ କରିବାର ସୁଯୋଗ ଦେଇଥିଲା । ନିର୍ବାଚନ ରାଜନୀତିରେ ଭାଗ ନେଇ ସେ ଓଡ଼ିଶାର ଗାଁଗଣ୍ଡା ବୁଲିଛନ୍ତି ଓ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦେଖିଛନ୍ତି । ତେଣୁ ତାଙ୍କ ଗଳ୍ପରେ ଗ୍ରାମୀଣ ପରିବେଶ ଓ ଗ୍ରାମ ଜୀବନର ବର୍ଣ୍ଣନା ଏତେ ଜୀବନ୍ତ । ଦିଲ୍ଲୀ, କଲିକତା ପ୍ରଭୃତି ମହାନଗରୀର ଜୀବନ ସହିତ ଘନିଷ୍ଠ ସମ୍ପର୍କରେ ଆସି ସେସବୁ ନଗରୀର ଛଳନାପୂର୍ଣ୍ଣ ଜୀବନଚର୍ଯ୍ୟା, ଭ୍ରଷ୍ଟାଚାର ଇତ୍ୟାଦି ପର୍ଯ୍ୟବେକ୍ଷଣ କରି ତାହାର ବିଶଦ ବର୍ଣ୍ଣନା କେତେକ ଗଳ୍ପରେ ସେ କରିଅଛନ୍ତି ।

ସୁରେନ୍ଦ୍ର ମୁକ୍ତ ମନ ଓ ମୁକ୍ତ ଚିନ୍ତନର ପ୍ରବକ୍ତା । ଯୁକ୍ତିସିଦ୍ଧ ନହେଲେ କୌଣସି ବିଷୟକୁ ବିନା ବିଚାରରେ ସେ ଗ୍ରହଣ କରିନେଇ ନାହାନ୍ତି । କେତେକ ପାରମ୍ପରିକ ମୂଲ୍ୟବୋଧ, ବିଶ୍ୱାସ ଓ ପ୍ରଥାଜୀର୍ଣ୍ଣ ସାମାଜିକ ଅନୁଷ୍ଠାନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ନୂତନ

Digitized by srujanika@gmail.com

ମୂଲ୍ୟବୋଧ ଓ ଚିନ୍ତାଧାରାକୁ ସେ ସ୍ୱାଗତ କରିଅଛନ୍ତି । ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ନାନା ଦୁର୍ନୀତି, ଭ୍ରଷ୍ଟାଚାର, କ୍ଷମତାସୀନ ବ୍ୟକ୍ତିମାନଙ୍କର ନଗ୍ନ ଅର୍ଥ ଓ କ୍ଷମତାଲିପ୍ସା ତାଙ୍କୁ ବ୍ୟଥିତ କରିଛି ଓ ପ୍ରଚଳିତ ରାଜନୈତିକ ବ୍ୟବସ୍ଥା ପ୍ରତି ସେ ଅନାସ୍ଥା ପ୍ରକଟ କରିଅଛନ୍ତି । ତାଙ୍କର ଏ ପ୍ରକାର ଏଷ୍ଟାବ୍ଲିସମେଣ୍ଟ ବିରୋଧୀ ଓ ପରମ୍ପରା ବିରୋଧୀ ଆଭିମୁଖ୍ୟ ଯୋଗୁଁ କେତେକ ତାକୁ ହେତୁବାଦୀ (Sceptic) ବା ନେତିବାଦୀ (Cynic) ବୋଲି ଅଭିହିତ କରିଥାନ୍ତି । କିନ୍ତୁ ଶେଷ ପର୍ଯ୍ୟନ୍ତ ସେ ତାଙ୍କ ସିଦ୍ଧାନ୍ତରେ ଅଟଳ ଥିଲେ ।

ସୁରେନ୍ଦ୍ରଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ 'ବନ୍ଦୀ' ପ୍ରକାଶ ପାଏ 1938 ମସିହାରେ ସେ ସମୟର ପ୍ରସିଦ୍ଧ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ରେ । ଗାଁ ମହାଜନ ଏକ ଦରିଦ୍ର ପରିବାର ଉପରେ ଅତ୍ୟାଚାର କରିବା ଓ ଦରିଦ୍ର ଲୋକଟି ପ୍ରତିଶୋଧପରାୟଣ ହୋଇ ମହାଜନକୁ ହତ୍ୟା କରି ଜେଲଦଣ୍ଡ ଭୋଗିବା ଏ ଗଳ୍ପର ବିଷୟବସ୍ତୁ । ଲେଖକଙ୍କର ତରୁଣ ବୟସରେ ଲିଖିତ ଏ ଗଳ୍ପରେ ଶୈଳ୍ପିକ ପୌକୁମାର୍ଯ୍ୟ ଅପେକ୍ଷା ଭାବାବେଗହିଁ ପ୍ରାଧାନ୍ୟ ଲାଭ କରିଛି । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଲିଖିତ ତାଙ୍କର ଗଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ମୋଡ଼ ନେଇଛି ।

ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ପରିଣତି ପୃଥିବୀରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲା । ଆଶଙ୍କା, ଭୟ, ବିପଦ, ନୈରାଶ୍ୟ, ଯନ୍ତ୍ରଣାବୋଧ ବୁଦ୍ଧିଜୀବୀମାନଙ୍କର ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଥିଲା । ଏହି ମାନସିକ ସଙ୍କଟର ପରିପ୍ରକାଶ ହୋଇଥିଲା ଯୁଦ୍ଧୋତ୍ତରକାଳୀନ ସାହିତ୍ୟରେ । ସାହିତ୍ୟର ଆତ୍ମିକ ଓ ଆଙ୍ଗିକରେ ବହୁ ପରିବର୍ତ୍ତନ ଦେଖାଦେଲା । ଏକ ଜଟିଳ ମାନସିକ ଓ ଭାବ ସଙ୍କଟର ଯଥାର୍ଥ ରୂପାୟନ ପାଇଁ ପାରମ୍ପରିକ ପ୍ରକାଶନଶୈଳୀ ପର୍ଯ୍ୟାପ୍ତ ମନେ ନହେବାରୁ ନୂଆ ନୂଆ ଶୈଳୀର ପରୀକ୍ଷା ନିରୀକ୍ଷା କରାଗଲା । ପ୍ରତୀକର ବ୍ୟବହାର, ପ୍ରୟେଡ଼ୀୟ ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ଚେତନାପ୍ରବାହଧର୍ମୀ ଶୈଳୀ ଇତ୍ୟାଦି ଏହି ନୂତନ ପ୍ରକାଶଭଙ୍ଗୀରେ ଲକ୍ଷଣୀୟ । ସୁରେନ୍ଦ୍ର ଜଣେ କାଳସଚେତନ ଲେଖକ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଲିଖିତ ତାଙ୍କର କୁଷ୍ଠଚୂଡ଼ା, ରୁଟି ଓ ଚନ୍ଦ୍ର, ଅଷ୍ଟ୍ରେଲିଆ, ମହାନଗରୀର ରାତ୍ରି ପ୍ରଭୃତି ଗଳ୍ପରେ ଯୁଗ ସମସ୍ୟାର ରୂପାୟନ ପାଇଁ ସେ ନୂତନ ପ୍ରକାଶନଶୈଳୀ ପ୍ରୟୋଗର ପ୍ରଚେଷ୍ଟା କରିଅଛନ୍ତି । ତାଙ୍କର 'ଶ୍ରେଷ୍ଠଗଳ୍ପ' ସଂକଳନର ପ୍ରାରମ୍ଭରେ ସେ ଉଲ୍ଲେଖ କରିଛନ୍ତି - ''1950 ପୂର୍ବର କ୍ଷୁଦ୍ରଗଳ୍ପମାନ ଆକାରରେ କ୍ଷୁଦ୍ର ହେଲେ ହେଁ ପାଠକ ପ୍ରାଣରେ ଏ ଗଳ୍ପଗୁଡ଼ିକର ଅଭିଘାତ ଥିଲା ପ୍ରଖର । ପ୍ରାୟତଃ ଏ ଗଳ୍ପଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ ସୁଗଠିତ ପ୍ଲଟ ନଥିଲା । ଅନେକାଂଶରେ ଏଇ ଗଳ୍ପଗୁଡ଼ିକର ଶୈଳୀ ଥିଲା, ବିକ୍ଷିପ୍ତ ଚେତନାପ୍ରବାହଧର୍ମୀ । 'ଅଷ୍ଟ୍ରେଲିଆ', 'ଭାଗାବଣ୍ଡ' ଓ 'ମହାନଗରୀର ରାତ୍ରି' ପ୍ରଭୃତି ତାହାର କେତେକ ଉଦାହରଣ । ଆଦ୍ୟକାଳର ଏହି ଗଳ୍ପଗୁଡ଼ିକ ବିଷୟବସ୍ତୁ, ଆଙ୍ଗିକ ଓ ଶୈଳୀ ଯୋଗୁଁ ପାରମ୍ପରିକ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ଏକ ନୂଆମୋଡ଼ ଫିଟାଇଥିଲା । କିଛି ଗୋଟାଏ ନୂଆ ଏକ୍ସପେରିମେଣ୍ଟେସନ ମୋହରେ ମୁଁ ଯେ ଏ ଶୈଳୀ ଓ ଆଙ୍ଗିକ ସୃଷ୍ଟି କରିଥିଲି, ଆଦୌ ତାହା

Digitized by srujanika@gmail.com

ନୁହେଁ। ମାତ୍ର ପାରମ୍ପାରିକ ରୀତି, ଶୈଳୀ ଓ ଆଙ୍ଗିକରେ ମୋର ଶିଳ୍ପୀମନର ଆବେଗ ଓ ଉଦ୍‌ବେଳନ, ପୁଣି ଉପଲବ୍ଧିର ତୀବ୍ରତା ପ୍ରକାଶ କରିବା, ମୋତେ ପର୍ଯ୍ୟାପ୍ତ ମନେ ନ ହେବାରୁ, ମୁଁ ଏଇ ଶୈଳୀ ସୃଷ୍ଟି କରିଥିଲି।'' ଏହି ସମୟରେ ଲିଖିତ ତାଙ୍କର ଗଳ୍ପରେ ଏ ଯୁଗର ସମସ୍ୟା, ମାନସିକ ଦ୍ୱନ୍ଦ୍ୱ ଓ ଭାବସଙ୍କଟର ପରିପ୍ରକାଶ ଦେଖିବାକୁ ମିଳେ।

'ରୁଟି ଓ ଚନ୍ଦ୍ର' ଏବଂ 'କୃଷ୍ଣଚୂଡ଼ା' ଗଳ୍ପରେ କର୍ମବନ୍ଧନର ବିରୁଦ୍ଧିକର ଶୃଙ୍ଖଳାକୁ ନେଇ ଜୀବନରେ ବଞ୍ଚିବାର ଆନନ୍ଦକୁ ଉପେକ୍ଷା କରିବାର ବ୍ୟର୍ଥତା ପ୍ରକାଶ ପାଇଛି। 'ରୁଟି ଓ ଚନ୍ଦ୍ର'ରେ ପ୍ରତିପାଦନ କରାଯାଇଛି, ମଣିଷ ମେସିନ ନୁହେଁ। ତା'ର ମନ ଓ ହୃଦୟର ଆବେଦନ ବି ରହିଛି। ସ୍ଥାନୀୟ କମ୍ୟୁନିଷ୍ଟ ଇଉନିୟନ ନେତୃତ୍ୱରେ ପୁଞ୍ଜିପତିଙ୍କ ଲୁଗାକଳରେ ଏକମାସ ହେଲା ଧର୍ମଘଟ ଚାଲୁ ରହିଛି। କମ୍ରେଡ୍ ଲଳିତା ଧର୍ମଘଟ ପାଇଁ ବୁଲେଟିନ ପ୍ରସ୍ତୁତ କରିବାରେ ବ୍ୟସ୍ତ। ଅନ୍ୟଜଣେ କର୍ମକ୍ଲାନ୍ତ କମ୍ରେଡ୍ ବିନୋଦ କାଗଜ ଗଦା ଉପରେ ଶୋଇ ଘୁଙ୍ଗୁଡ଼ି ମାରୁଛି। ଅଫିସ ବାହାର ମାଧବୀ ଜ୍ୟୋସ୍ନାର ପ୍ଲାବନ ଲଳିତାକୁ ପ୍ରକ୍ଷୁବ୍ଧ କରିଛି। ବିନୋଦକୁ ସାଥୀରେ ଧରି ଜ୍ୟୋସ୍ନାସ୍ନାତ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରି ମନର କ୍ଲାନ୍ତି ଦୂର କରିବା ପାଇଁ ସେ ପ୍ରାନ୍ତର ଆଡ଼େ ବାହାରି ଯାଇଛି। କିଛି ଦୂରରେ ମିଲର ଛୋଟନାଗପୁରୀ ଶ୍ରମିକ ନୟନା ଓ କାଢ଼ରାଙ୍କର ମଧୁର ବଂଶୀବାଦନ ସେମାନଙ୍କୁ ମୁଗ୍ଧ କରିଛି। ଧର୍ମଘଟ ପାଇଁ ମଜୁରୀ ବନ୍ଦ। ରାତି ହୁଏତ ଓପାସରେ କଟିବ। ତଥାପି ପ୍ରାଣର ପ୍ରାଚୁର୍ଯ୍ୟରେ ସେମାନେ ପରିପୂର୍ଣ୍ଣ। ''ଲଳିତା ମନେ ମନେ ଭାବୁଥିଲେ, ମାର୍କସବାଦର ଅପୂର୍ଣ୍ଣତା ତ ଏଇଠି। ଜୀବନ କେବଳ ଉତ୍ପାଦନ ଆଉ ବଣ୍ଟନ ନୁହେଁ। ପୂରା ମଜୁରୀ ଆଉ ପୂରା ପେଟ, ଜୀବନର ପ୍ରୟୋଜନୀୟତା ହୋଇପାରେ, କିନ୍ତୁ ଜୀବନର ଲକ୍ଷ୍ୟ ନୁହେଁ। ତା' ହେଲେ ଜ୍ୟୋସ୍ନାର ଏ ବିଳାସ, ପ୍ରକୃତିର ଆନନ୍ଦମୟ ପୂର୍ଣ୍ଣତା କାହାପାଇଁ ? ବଞ୍ଚିବାଠାରୁ ଜୀବନ ଯେ ଆହୁରି ସୁନ୍ଦର।'' ଜୀବନବାଦୀ ଲେଖକ ସୁରେନ୍ଦ୍ରଙ୍କର 'କୃଷ୍ଣଚୂଡ଼ା' ଗଳ୍ପରେ ମଧ୍ୟ ଜୀବନ ପ୍ରତି ଏହି ଆଭିମୁଖ୍ୟ ପ୍ରକାଶ ପାଇଛି। ସଦାନନ୍ଦ ମନ ଓ ହୃଦୟର ଆହ୍ୱାନରେ ଶୁଷ୍ଳ ସମ୍ବାଦଲେଖା ଛାଡ଼ି ରଙ୍ଗିମ ପୁଷ୍ପମଣ୍ଡିତ ଏକ କୃଷ୍ଣଚୂଡ଼ା ଗଛ ଉପରକୁ ଉଠି କମନୀୟ କୃଷ୍ଣଚୂଡ଼ା ତୋଳିବା ପାଇଁ ବ୍ୟାକୁଳ ହୋଇଉଠିଛି। 'ଅଷ୍ଟ୍ରେଲିଆ' ଏକ ଭିନ୍ନ ସ୍ୱାଦର ଗଳ୍ପ। ଅଷ୍ଟ୍ରେଲିଆରେ ନୂତନ ଆବିଷ୍କୃତ ସୁନାଖଣିର ସ୍ୱପ୍ନ ଓ ଦେଶରେ ଉତ୍କଟ ଦାରିଦ୍ର୍ୟର ସ୍ୱରୂପ ଏ ଗଳ୍ପରେ ପ୍ରକାଶ ପାଇଛି। ଆଲ୍ଲାର ମେହେରବାନୀ ଓ କୋଟି ପରମାୟୁ ଏ ଦେଶରେ ପଇସା ଅଧଲାରେ ବିକ୍ରିହୁଏ। ଲେଖକଙ୍କ ଫୁଟା ପକେଟରେ ଅଚଳ ଚାରଣୀ ଚରମ ଦାରିଦ୍ର୍ୟର ଏକ ପ୍ରତୀକ। ଫୁଟା ପକେଟରୁ ରାସ୍ତାକଡ଼ ନର୍ଦ୍ଦମାରେ ଗଳିପଡ଼ିଥିବା ଅଚଳ ଚାରିଣୀଟିକୁ ଗୋଟାଇ ନେଇ ଗାନ୍ଧି ମହାତ୍ମାଙ୍କର ଏକ ହରିଜନ ବାଳକ କୋଟିନିଧି ପାଇଲା ଭଳି ସଜନା ଗଛତଳ ଧୂଳି ଶଯ୍ୟାରେ ଆରାମରେ ଶୋଇଯାଇଛି। ବିକ୍ଷିପ୍ତ ଭାବନାର ଚେତନାପ୍ରବାହଧର୍ମୀ ଶୈଳୀ ଓ ବ୍ୟଙ୍ଗ ବିଦ୍ରୂପର ପ୍ରୟୋଗ ଗଳ୍ପଟିକୁ ପ୍ରଭାବଶାଳୀ କରିଛି। 'ମହାନଗରୀର ରାତ୍ରି' ଲେଖକଙ୍କ

Digitized by srujanika@gmail.com

ଅନ୍ୟ ଏକ ସାର୍ଥକ ସୃଷ୍ଟି । ଏକ ଉଦ୍‌ବାସ୍ତୁ ରମଣୀର କରୁଣ ଜୀବନ କାହାଣୀ ଏଥିରେ ବର୍ଣ୍ଣିତ ହୋଇଛି । ତାହାର ପିତା, ପୁତ୍ର, ସ୍ୱାମୀ ହାଣ ମୁହଁରେ ଯାଇଛନ୍ତି । ନିଜର ଦେହଲାଗି କେବଳ ସେ ହାଣ ମୁହଁରୁ ବଞ୍ଚିଯାଇଥିଲା । ସେହି ଭୁଭାବଶିଷ୍ଟ ଦେହକୁ ନେଇ ସେ ମହାନଗରୀକୁ ଚାଲିଆସିଛି ଏବଂ ପରିସ୍ଥିତିର ତାଡ଼ନାରେ ଗଣିକା ସାଜିଛି । ଏହି ଦୁଃସ୍ଥା ନାରୀଟି ପ୍ରତି ଲେଖକଙ୍କର କରୁଣ ଓ ସମବେଦନା ପାଠକକୁ ଅଭିଭୂତ କରିଥାଏ ।

ଖାଦାନୀ, ଅପରିଚିତର ପରିଚୟ, ଘନିଆଁର ଗଣେଶ ଚତୁର୍ଥୀ ପ୍ରଭୃତି ଗଳ୍ପରେ ଲେଖକ ଓଡ଼ିଶା ପଲ୍ଲୀଜୀବନର ଯେଉଁ ଚିତ୍ରଣ କରିଅଛନ୍ତି ତାହା ଫକୀରମୋହନଙ୍କ ଗ୍ରାମ ଜୀବନର ନିଖୁଣ ବର୍ଣ୍ଣନା ସହିତ କେବଳ ତୁଳନୀୟ । 'ଖାଦାନୀ' ଗଳ୍ପରେ ଦାରିଦ୍ର୍ୟର ତାଡ଼ନାରେ ଏବଂ ଆଧୁନିକ ସଭ୍ୟତାର ଶସ୍ତା ଚାକଚକ୍ୟ ପ୍ରତି ଆକୃଷ୍ଟ ହୋଇ ଖଣିଖାଦାନରେ କାମ କରିବାକୁ ଆସି ପ୍ରକୃତିପାଳିତ ସରଳ ଆଦିବାସୀ ଜୀବନ କିପରି ବିପର୍ଯ୍ୟସ୍ତ ହେଉଛି ତାହାର ଏକ ବିଷାଦପୂର୍ଣ୍ଣ ଚିତ୍ର ଦିଆଯାଇଛି । 'ଅପରିଚିତର ପରିଚୟ' ଗଳ୍ପରେ କାଳୀଘାଇର ବନ୍ୟାପ୍ଲାବିତ ଅଞ୍ଚଳରେ ହୁଲି ଡଙ୍ଗାରେ ବସି ଦେଶସେବକ ଦଳ ବନ୍ୟାଗ୍ରସ୍ତମାନଙ୍କୁ ଚୁଡ଼ାଚାଉଳ ବାଣ୍ଟିବା ପାଇଁ ଯାଉଥିବାବେଳେ ଏକ ଦୁଃସ୍ଥ ଅପରିଚିତ ଲୋକ ଅନାହୂତ ଭାବରେ ଡଙ୍ଗା ଉପରକୁ ଉଠିଆସିଛି । ମୁଠାଏ ରିଲିଫ୍ ଚାଉଳ ପାଇଁ ଲୋକଟା ସେମାନଙ୍କ ପିଛା ଧରିଛି ବୋଲି ଦେଶସେବକ ଦଳ ତୁଚ୍ଛତାହ୍ଲ୍ୟ କରିବାରୁ ସେ ନିର୍ଭୀକ ଭାବରେ ଉତ୍ତର ଦେଇଛି, ''ସରକାର ହୁଅନ୍ତୁ କି ତୁମମାନଙ୍କ ପରି ଦଳ ହୁଅନ୍ତୁ, ଆମର ଏ ସର୍ବନାଶ ବେଳେ ଆମ ପାଖରେ ମୁଠାଏ ମୁଠାଏ ଚାଉଳ ଫିଙ୍ଗି, ମତଲବ ଉଠାଇବା ଅସଲ କଥା । ଆମେ ଭିକାରି ନୋହୁଁ । ମାତ୍ର ସମସ୍ତେ ମିଳି ଆମକୁ ଭିକାରି ନକରାଇଲେ କାହାର ଯେପରି ରକ୍ଷା ନାହିଁ । ଆମେ ଭିକାରି ନହେଲେ ଅନ୍ୟମାନଙ୍କର ଦାତା ପଣିଆର ବଡ଼େଇ ରହିବ କେଉଁଠି ?'' ଲୋକଟିର ଏ ପ୍ରକାର ରୋକ୍‌ଠୋକ୍ ଉତ୍ତର ଲେଖକଙ୍କୁ ଅଭିଭୂତ କରିଛି । ସେଇ ଲୋକଟି ପୁଣି ଗଣ୍ଡାଏ ସୋଲାଭଜା ଓ ଖଣ୍ଡେ ବିସ୍କୁଟ ପାଇଁ ରିଲିଫ୍ ପ୍ରାର୍ଥୀଙ୍କ ଭିତରେ ଠେଲାପେଲା କରି ଗାଳିମାଡ଼ ଖାଉଥିବାର ଦେଖି ସେ ଆଶ୍ଚର୍ଯ୍ୟ ହୋଇଛନ୍ତି । ପରେ ଯେତେବେଳେ ସେ ଜାଣିଲେ ଯେ ଲୋକଟି ନିଜ ପାଇଁ ନୁହେଁ, ଗୋଟିଏ ନିରାଶ୍ରୟା ଅଥର୍ବ ବୁଢ଼ୀର ଅନୁରୋଧରେ ଦ୍ୱିତୀୟଥର ପାଇଁ ଗଣ୍ଡାଏ ସୋଲା ଭଜା ପାଇଁ ଯାଇ ନିର୍ବିକାର ଭାବରେ ଗାଳିମାଡ଼ ସହ୍ୟ କରିଛି, ସେତେବେଳେ ଲୋକଟିର ମାନବିକତା ତାଙ୍କୁ ମୁଗ୍ଧ କରିଛି ।

ଓଃ ! କାଲକାଟା !!, ରାଜଧାନୀ, ମହାନଗରୀର ରାତ୍ରି ପ୍ରଭୃତି ଗଳ୍ପରେ ମହାନଗରୀମାନଙ୍କର ବିଭିନ୍ନ ସମସ୍ୟା, ଛଳନାପୂର୍ଣ୍ଣ ରାଜନୀତି, ଭ୍ରଷ୍ଟାଚାର, ରୁଗ୍‌ଣ ମାନସିକତା ଇତ୍ୟାଦିର ବିଶଦ ବର୍ଣ୍ଣନା ସ୍ଥାନ ପାଇଛି । ଲେଖକଙ୍କ ନିଜ ଭାଷାରେ ''ଓଃ! କାଲକାଟା !! ...ମହାନଗରୀ କଲିକତାର ଉଦ୍‌ବୋଧନ ନୁହେଁ... ଭଗ୍ନସ୍ୱପ୍ନ ଯୌବନର ବିଭ୍ରାନ୍ତ, ବିଷ୍ଫୋରଣ ଓ ବିକୃତିର ଏକ ସାଙ୍କେତିକ ଇତିବୃତ୍ତି । ସଂଘର୍ଷକୁଟିଳ ସାମ୍ପ୍ରତିକ କାଳର ଏହା

Digitized by srujanika@gmail.com

ଏକ ଅସହାୟ ଆର୍ତ୍ତନାଦ''। 'ରାଜଧାନୀ' ଗଳ୍ପରେ ବିକ୍ରମାଦିତ୍ୟ ହୋଟେଲର ଶୀତତାପନିୟନ୍ତ୍ରିତ କନଫରେନ୍ସ ହଲ୍‌ରେ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଉପରେ ଉପରଠାଉରିଆ ଆଲୋଚନା, ଦାରିଦ୍ର୍ୟର ସଂଜ୍ଞା ନିରୂପଣ ପାଇଁ ସବ୍‌କମିଟୀ ଗଠନ, ବକ୍ତାମାନଙ୍କର ଅନ୍ତଃସାରଶୂନ୍ୟ ବକ୍ତବ୍ୟକୁ ଲେଖକ ବିଦ୍ରୂପ କରିଅଛନ୍ତି। ତାଙ୍କ ମତରେ, 'ଦାରିଦ୍ର୍ୟ କ୍ଷମତାଲିପ୍ସୁ ରାଜନୀତିକ ନେତାମାନଙ୍କର ଏକ ନ୍ୟସ୍ତ ସ୍ୱାର୍ଥ। ଦାରିଦ୍ର୍ୟ ଲୋପପାଇଗଲେ, ସେମାନଙ୍କର ସହଜ ନେତୃତ୍ୱ ଆଉ ଚଳିବ ନାହିଁ। ଯେତେଦିନଯାଏ ଦାରିଦ୍ର୍ୟ ରହିଥିବ, ସେତେଦିନ ପର୍ଯ୍ୟନ୍ତ ସେମାନେ ସୁପ୍ରତିଷ୍ଠିତ ଥିବେ।' ଏ ଗଳ୍ପରେ ଆତ୍ମପ୍ରଚାରଧର୍ମୀ ଖବରକାଗଜ ନେତା ପ୍ରଫେସର ମାଇହୋତ୍ରା ଏବଂ ରାଜଧାନୀର ଛଳନାମୟୀ ଅତ୍ୟାଧୁନିକ ନାରୀର ପ୍ରତୀକ ଶାନ୍ତା ସାକ୍‌ସେନାର ଚରିତ୍ର ଚିତ୍ରଣ ବେଶ୍ ଜୀବନ୍ତ।

ଧର୍ମ ଓ ସାହିତ୍ୟ ଜଗତରେ ଚାଲିଥିବା ଭଣ୍ଡାମି ମଧ୍ୟ ସୁରେନ୍ଦ୍ରଙ୍କ ଦୃଷ୍ଟିରୁ ବାଦ୍ ଯାଇନାହିଁ। ଧର୍ମର ଆବରଣତଳେ ବ୍ୟଭିଚାରର ଏକ ଇଙ୍ଗିତଧର୍ମୀ ଚିତ୍ର ସେ ଦେଇଛନ୍ତି 'ଆନନ୍ଦ - ଭୈରବୀ' ଗଳ୍ପରେ। 'ଜୀଅନ୍ତା ଭୂତ' ଗଳ୍ପରେ ଆତ୍ମପ୍ରଚାର ପାଇଁ ସାହିତ୍ୟ ସଭାର ଆୟୋଜନ, ଜୀବିତ ସାହିତ୍ୟିକଙ୍କ ପାଇଁ ଶ୍ରାଦ୍ଧ ସଭାର ପ୍ରହସନକୁ ସେ ବ୍ୟଙ୍ଗ କରିଅଛନ୍ତି। ମଧୁବନର ପ୍ରତିଭାବାନ ସାହିତ୍ୟିକ ଗୋବର୍ଦ୍ଧନ ତାଙ୍କ ଜୀବଦ୍ଦଶାରେ କୌଣସି ସ୍ୱୀକୃତି ବା ସମ୍ମାନ ତ ପାଇନାହାନ୍ତି, ବରଂ ଦାରିଦ୍ର୍ୟ ଓ ଲାଞ୍ଛନା ତାଙ୍କ ଜୀବନକୁ ଦୁର୍ବିସହ କରିଛି। ତାଙ୍କ ଜୀବିତାବସ୍ଥାରେ ତାଙ୍କର ଶ୍ରାଦ୍ଧ ସଭା କରି ନିଜ ନିଜର ବାହାଦୁରି ନେବା ପାଇଁ ତଥାକଥିତ ସାହିତ୍ୟପ୍ରେମୀମାନେ ବ୍ୟଗ୍ର ହୋଇପଡ଼ିଛନ୍ତି।

ପୁରାଣ, ଇତିହାସ ଓ ବୌଦ୍ଧ ଯୁଗୀୟ କାହାଣୀକୁ ଆଧାର କରି ସୁରେନ୍ଦ୍ର କେତେକ ସାର୍ଥକ ଗଳ୍ପ ରଚନା କରିଅଛନ୍ତି। ଏଥିପାଇଁ ବହୁ ଶ୍ରମ ସ୍ୱୀକାର କରି ଆବଶ୍ୟକୀୟ ଉପାଦାନ ସଂଗ୍ରହ କରିବା ସହିତ ଉପଯୁକ୍ତ ଭାଷାବିନ୍ୟାସ, ଚରିତ୍ରଚିତ୍ରଣ ଏବଂ ଉପଯୋଗୀ ପରିବେଶ ଚିତ୍ରଣ କ୍ଷେତ୍ରରେ ସେ ନିଜର ଅନନ୍ୟ ପ୍ରତିଭାର ପରିଚୟ ଦେଇଅଛନ୍ତି। 'ଶ୍ରୀକୃଷ୍ଣଙ୍କ ଶେଷ ହସ' ଗଳ୍ପ ସାରଳା ମହାଭାରତର ଏକ ଉପାଖ୍ୟାନ ଉପରେ ଆଧାରିତ। ମହାଭାରତ ଯୁଦ୍ଧ ଶେଷରେ କୁରୁକ୍ଷେତ୍ର ରଣାଙ୍ଗନରେ ଗାନ୍ଧାରୀ ତାଙ୍କର ଅନ୍ଧପଟିକା ଉନ୍ମୋଚନ କରିବା ପାଇଁ ଯୁଧିଷ୍ଠିରଙ୍କୁ ଅନୁରୋଧ କରିଅଛନ୍ତି। ଶତପୁତ୍ରର ଜନନୀ ହୋଇ ଜୀବନରେ ଯେଉଁମାନଙ୍କୁ ଥରେ ହେଲେ ଦେଖିନାହାନ୍ତି ମୃତ୍ୟୁର ଧୂଳି ଶଯ୍ୟାରେ ଥରେ ହେଲେ ସେମାନଙ୍କୁ ଦେଖି ଚିରକ୍ଷୁଧିତ ନୟନର ଜ୍ୱାଳା ପ୍ରଶମିତ କରିବେ। କିନ୍ତୁ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ଏଥିରୁ ନିବୃତ କରି ଗାନ୍ଧାରୀଙ୍କର ଅବଶିଷ୍ଟ ଜୀବିତ ପୁତ୍ର ଦୁର୍ଦ୍ଦକ୍ଷକୁ ଏ କାର୍ଯ୍ୟ ସମ୍ପାଦନ କରିବାକୁ କହିଛନ୍ତି। ଗାନ୍ଧାରୀଙ୍କର କରାଳ ଦୃଷ୍ଟିର ପୁଞ୍ଜିଭୂତ ତେଜରେ ଦୁର୍ଦ୍ଦକ୍ଷ ମୁହୂର୍ତ୍ତକ ମଧ୍ୟରେ ମୁଠାଏ ଭସ୍ମରାଶିରେ ପରିଣତ ହୋଇଗଲା। ବୃଦ୍ଧା ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଇଛନ୍ତି, ''ବୁଝିଛି ଚକ୍ରୀ, ବୁଝିଛି ତୁମର ଚକ୍ରାନ୍ତ; କିନ୍ତୁ ସୁଦର୍ଶନ ଚକ୍ରର ଚକ୍ରାନ୍ତ ଓ ଶକ୍ତିରେ କେବଳ କୌଣସି

Digitized by srujanika@gmail.com

ସିଂହାସନ ରହିନାହିଁ, ପ୍ରତାରିତ ଓ ନିପୀଡ଼ିତ ଆତ୍ମାର ଅଭିଶାପରେ ସବୁ ଦଗ୍ଧ ହୋଇଯିବ, ସବୁ ଭସ୍ମ ହୋଇଯିବ । ତୁମର ମଧ୍ୟ ସେଥିରୁ ନିସ୍ତାର ନାହିଁ ଶ୍ରୀକୃଷ୍ଣ... ଧ୍ୱଂସ ହିଁ ସବୁ ଯୁଦ୍ଧର ଶେଷ ପରିଣତି ।'' ତ୍ରିକାଳଦର୍ଶୀ ଶ୍ରୀକୃଷ୍ଣ କିନ୍ତୁ ହସୁଥିଲେ । ତାଙ୍କ ରଙ୍ଗାଧରରେ ଚିର ରହସ୍ୟ ବିଜଡ଼ିତ ସେହି ସ୍ମିତ ହାସ୍ୟରେଖା ।

ସୁରେନ୍ଦ୍ରଙ୍କର ପୌରାଣିକ ଓ ବୌଦ୍ଧ ଯୁଗୀୟ କାହାଣୀ ଉପରେ ଆଧାରିତ ଗଳ୍ପରେ ଏକ ସର୍ବକାଳୀନ ଆବେଦନ ବି ରହିଛି । 'ମଧୁମତ୍ତାର ରାତ୍ରି' ଓ 'ମହାନିର୍ବାଣ' ଗଳ୍ପରେ ଲେଖକ ଇହଜନ୍ମ, ପୁନର୍ଜନ୍ମ, ମାଂସର ବ୍ୟାକୁଳତା ଓ ଆତ୍ମାର ଆହ୍ୱାନ, ଜୀବନ ଓ ମୋକ୍ଷ ଭଳି କେତେକ ଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱର ଅବତାରଣା କରିଅଛନ୍ତି । ''ବେତ୍ରବତୀର ଜଳଧାର ପରି, ମନୁଷ୍ୟ ଜୀବନ... ଏକ ଅନିଶ୍ଚିତ ଗନ୍ତବ୍ୟରୁ ବାହାରି ଅନ୍ୟ ଏକ ଅନିଶ୍ଚିତ ପରିଣତି ଆଡ଼େ ଗତିକରି ଚାଲିଛି । ଏହି ନିଃସଙ୍ଗ ପଥ ଓ ବିରାମହୀନ ଯାତ୍ରାହିଁ ଏକମାତ୍ର ସତ୍ୟ । ଆଉସବୁ ମିଥ୍ୟା, ସବୁ ଦୁଃଖ ।'' 'ମଧୁମତ୍ତାର ରାତ୍ରି' ଗଳ୍ପରେ ଜୀବନର ପ୍ରତୀକ ବୌଦ୍ଧ ଶ୍ରମଣ ଉପକ ବର୍ଷ ବର୍ଷ ଧରି ଚାଲିଛି, ସ୍ଥାନରୁ ସ୍ଥାନାନ୍ତର । ମନରେ ତାର ପ୍ରଶ୍ନ, ''ସବୁ ଯଦି ମାୟା, ସବୁ ଯଦି ଅଳୀକ, ତା ହେଲେ ନିର୍ବାଣ ଯେ ସତ୍ୟ ତାହାର ପ୍ରମାଣ କଣ ?'' ଶ୍ରମଣ କିଶାକୁ ସେ କହିଛି, ''ତୁମେ ଭ୍ରାନ୍ତ କିଶା । ଜୀବନ ଯଦି ମୋହଗ୍ରସ୍ତ ମାୟା, ନିର୍ବାଣ ବୁଦ୍ଧିଗ୍ରସ୍ତ ମନର ପରିକଳ୍ପନା । ମୁକ୍ତି, ନିର୍ବାଣ ସେସବୁ କେବଳ ଧର୍ମର ଧୂଆଁବାଣ ।'' ରୂପଜୀବ୍ୟା ମଧୁମତ୍ତା ଚାହିଁଛି ପୁନର୍ଜନ୍ମ, ହୁଏତ ତାର ବ୍ୟର୍ଥ ନାରୀତ୍ୱ ଓ ମାତୃତ୍ୱର ନୂତନ ସାର୍ଥକତା ପାଇଁ । ଉପକ ମଧ୍ୟ ଚାହେଁ ପୁନର୍ଜନ୍ମ ଜୀବନର ନୂତନ ଉପଲବ୍ଧି ପାଇଁ ।

''ମଧୁମତ୍ତା ଚାହିଁଥିଲା ପୁନର୍ଜନ୍ମ - ଉପକ ଚାହେଁ ପୁନର୍ଜନ୍ମ ।
କିନ୍ତୁ ପୁନର୍ଜନ୍ମ ନାହିଁ ।
ଦିନେ ପଞ୍ଚଭୂତ ପଞ୍ଚଭୂତରେ ଲୀନ ହୋଇଯାଏ ।
ପୁନର୍ଜନ୍ମ ନାହିଁ ।
ଏଇ ଜୀବନହିଁ ଏକମାତ୍ର ସତ୍ୟ ।''

ଉପକର ଭାଷାରେ, ''ଏଇ ଶିଶିରସିକ୍ତ ପ୍ରିୟଙ୍ଗୁ ବୀଥିକାର ପତ୍ରଶୀର୍ଷରେ, ଏ ଯେଉଁ ରାତ୍ରି ବିଦାୟ ନେଉଛି, ସେ ଆଉ ଫେରିବ ନାହିଁ ।''

'ମହାନିର୍ବାଣ' ଗଳ୍ପରେ ବୌଦ୍ଧଧର୍ମର ଅବକ୍ଷୟ କାଳର ଏକ ଚିତ୍ର ଉନ୍ମୋଚିତ ହୋଇଛି । ଭିକ୍ଷୁ ନୀଳୋତ୍ପଳ ଶ୍ୱେତପର୍ଣ୍ଣ ଶ୍ରେଷ୍ଠୀ ଗୃହକୁ ଭିକ୍ଷାନ୍ନ ଉଦ୍ଦେଶ୍ୟରେ ଯାଇ ତା'ର ପ୍ରୋଷିତଭର୍ତ୍ତୃକା ପୁତ୍ରବଧୂ ରୂପସୀ ମଧୁବ୍ରତା ପ୍ରତି ଆସକ୍ତ ହୋଇପଡ଼ିଛି । ପ୍ରତିମୋକ୍ଷ ଦିବସରେ ଆଚାର୍ଯ୍ୟ ଶାନ୍ତିଦେବଙ୍କ ନିକଟରେ ନୀଳୋତ୍ପଳ ନିଜର ସ୍ଖଳନ ସ୍ୱୀକାର କରିବା ପରେ ଶାନ୍ତିଦେବ ତାକୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରତିମୋକ୍ଷ ବିଧାନ ଅନୁଯାୟୀ ତିନି ସପ୍ତାହ ଧରି ଶ୍ମଶାନରେ ଅଶୁଭ ଭାବନା ଅଭ୍ୟାସ କରିବା ପାଇଁ । ଅଶୁଭ ଭାବନା ଯୋଗରେ ସିଦ୍ଧିପ୍ରାପ୍ତି

Digitized by srujanika@gmail.com

ମୁହୂର୍ତ୍ତରେ ସେ ଏକ ନବାଗତ ଶବ ପିଣ୍ଡର ସମାଧି ଉପରୁ ପ୍ରସ୍ତର ଖଣ୍ଡ ଉଠାଇଦେବା ମାତ୍ରେ ଶ୍ରେଷ୍ଠୀ ଶ୍ୱେତପର୍ଣ୍ଣର ସଦ୍ୟମୃତା ବଧୂ ମଧୁବ୍ରତାକୁ ଦେଖି ଦୁଃସହ ବେଦନାରେ ଅଧୀର ହୋଇପଡ଼ିଲା । ଯାହାର ରୂପାକର୍ଷଣ ଜୟ କରିବା ପାଇଁ ସେ ଶ୍ମଶାନରେ ପ୍ରେତ ପିଶାଚ ପରି ବୁଲି ଅଶୁଭ ଭାବନା ଅଭ୍ୟାସ କରୁଥିଲା ତାହାର ଶବପିଣ୍ଡ ଦର୍ଶନରେ ତାର ସବୁ ସଂଯମ, ସାଧନା ଓ ସିଦ୍ଧି ଗୋଟିଏ ଫୁତ୍‌କାରରେ କେଉଁଆଡ଼େ ଉଭେଇଗଲା । ଜୀବନରେ ଯାହାକୁ ପାଇପାରିନଥିଲା ତା'ର ଉଲଙ୍ଗ ପ୍ରାଣହୀନ ପିଣ୍ଡକୁ ଛାତିରେ ଜାକିଧରି ନୀଳୋତ୍ପଳ କେଉଁଆଡ଼େ ଅଦୃଶ୍ୟ ହୋଇଗଲା । ଏ ଗଳ୍ପରେ ମାଂସର ଆକର୍ଷଣ ଓ ଆତ୍ମାର ଆହ୍ୱାନ ମଧ୍ୟରେ ଥିବା ଚିରନ୍ତନ ସଂଘର୍ଷର ଚିତ୍ର ଲେଖକ ସ୍ୱକୀୟ ଅନୁପମ ବର୍ଣ୍ଣନା ଶୈଳୀରେ ଉପସ୍ଥାପନ କରିଅଛନ୍ତି ।

'କାବେରୀରୁ ଗଙ୍ଗା' ଓ 'ଦଳେଇବୁଢ଼ା' ଓଡ଼ିଶାରେ ସୂର୍ଯ୍ୟବଂଶୀ ଓ ମରାଠା ରାଜତ୍ୱକାଳ ପୃଷ୍ଠ ଭୂମିରେ ଲିଖିତ ଲେଖକଙ୍କର ଦୁଇଟି ଐତିହାସିକ ଗଳ୍ପ । ସାଧାରଣ ସ୍ତରରୁ ଉଠି ଓଡ଼ିଶା ମାଟିର ସନ୍ତାନ କପିଳେନ୍ଦ୍ର ନିଜର ବୀରତ୍ୱ ଓ ପ୍ରତିଭା ବଳରେ କିପରି ଓଡ଼ିଶାର ଦିଗ୍‌ବିଜୟୀ ଗଜପତି ସମ୍ରାଟ ହୋଇପାରିଥିଲେ ତା'ର ଏକ ସଂକ୍ଷିପ୍ତ ବିବରଣୀ ସହିତ କୃଷ୍ଣାନଦୀ ତୀରରେ ତାଙ୍କର ଆବାହନ ହେବା କଥା ଗଳ୍ପରେ ବର୍ଣ୍ଣିତ ହୋଇଛି । ଐର ଖାରବେଳଙ୍କ ପରେ କପିଳେନ୍ଦ୍ର ହେଉଛନ୍ତି ଓଡ଼ିଶାର ଶ୍ରେଷ୍ଠ ଦିଗ୍‌ବିଜୟୀ ସମ୍ରାଟ ଯେ କି ଗଙ୍ଗାଠାରୁ କାବେରୀ ନଦୀ ଯାଏଁ ବିସ୍ତୃତ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଭାଟ ମୁଖରେ ଲେଖକ କପିଳେନ୍ଦ୍ରଙ୍କ ଗୌରବ ଗାଥା ଶୁଣାଇ ଅଛନ୍ତି । ଇତିହାସକୁ ଉପଇକ୍ଷ୍ୟ କରି ସ୍ୱାଭିମାନୀ ସୁରେନ୍ଦ୍ରଙ୍କର ଜାତୀୟତା ପ୍ରୀତି ଏ ଗଳ୍ପରେ ପ୍ରକାଶ ପାଇଛି ।

ପ୍ରାୟ ଅର୍ଦ୍ଧ ଶତାବ୍ଦୀ କାଳ ମରାଠାମାନେ ଓଡ଼ିଶା ଶାସନ କରିଥିଲେ । ସେମାନଙ୍କ ଶାସନ କାଳରେ ମରାଠା ବର୍ଗୀମାନଙ୍କର ଅତ୍ୟାଚାର ଓ ଲୁଣ୍ଠନ ଚରମ ସୀମାରେ ପହଞ୍ଚିଥିଲା । ଉତ୍ତରରେ ବଙ୍ଗଦେଶ ପଟୁ ମୁସଲ୍‌ମାନ ଆକ୍ରମଣର ପ୍ରତିରୋଧ ପାଇଁ ଗଙ୍ଗ ଓ ସୂର୍ଯ୍ୟବଂଶୀ ନରପତିମାନେ ସେମାନଙ୍କ ଆସିବା ପଥରେ ଅନେକ ଦୁର୍ଗ, ଖଣ୍ଡାୟତ ଚୌପାଡ଼ି ଓ ପାଇକାଳି ଗାଁ ପ୍ରତିଷ୍ଠା କରିଥିଲେ । କିନ୍ତୁ ଓଡ଼ିଶାର ସ୍ୱାଧୀନତା ଲୋପପରେ ଏହି ପାଇକାଳି ଗାଁଗୁଡ଼ିକର ପୂର୍ବବୀରତ୍ୱ ଲୋପପାଇ ବୀରତ୍ୱର ବାହାଘୋଟ ମାତ୍ର ଅବଶିଷ୍ଟ ଥିଲା । ଏହି ବୀରବିଲୟ କାଳର ଏକ ପ୍ରତୀକ ହେଉଛନ୍ତି ଗଡ଼ମାଳୀପୁରର ବୃଦ୍ଧ ମାଗୁଣି ଦଳେଇ । ବର୍ଗୀମାନେ ଗାଁ ଲୁଣ୍ଠନ ପାଇଁ ଆସୁଥିବାର ଖବର ପାଇଁ ଗ୍ରାମବାସୀ ପ୍ରାଣ ବିକଳରେ ଗାଁରୁ ପଳାଇଯାଇ ପାଖ ବଣଜଙ୍ଗଲରେ ଆତ୍ମଗୋପନ କଲେ । ଗାଁ ଛାଡ଼ି ଗଲେନାହିଁ କେବଳ ବୃଦ୍ଧ ଦଳେଇ । ମାଇକଳା ମାରି, ଢାଲ, ତରବାରୀ ଇତ୍ୟାଦି ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବର୍ଗୀମାନଙ୍କର ପ୍ରତିରୋଧ ପାଇଁ ଯାଇ ଗାଁ ମୁଣ୍ଡରେ ଅପେକ୍ଷା କରି ରହିଲେ । ରାତ୍ରିବେଳା ବର୍ଗୀମାନେ ଦଳେଇଙ୍କୁ ଗୋଟାଏ ଗଛରେ ବାନ୍ଧିପକାଇ ଗ୍ରାମ ଲୁଣ୍ଠନ କରି ଚାଲିଗଲେ । ସକାଳୁ

Digitized by srujanika@gmail.com

ଦେଖାଗଲା ସେଇ ବନ୍ଧନ ଅବସ୍ଥାରେହିଁ ବୃଦ୍ଧ ମାଗୁଣି ଦଲେଇଙ୍କର ପ୍ରାଣବାୟୁ ଉଡ଼ିଯାଇଛି ।

ସ୍ୱାଧୀନତା ପ୍ରାପ୍ତି ସହ ଦେଶ ବିଭାଜନ ଥିଲା ଦେଶବାସୀଙ୍କ ପାଇଁ ଏକ ମର୍ମନ୍ତୁଦ ଘଟଣା । 'ଆକାଶ ତଥାପି ସୁନୀଳ' ଗଳ୍ପ ଏହି ଦେଶ ବିଭାଜନ ପୃଷ୍ଠଭୂମିରେ ଲିଖିତ । ଶାନ୍ତିସଦ୍‌ଭାବପୂର୍ଣ୍ଣ ଏକ ଛୋଟ ସହରରେ ହନୀଫ୍ ମିର୍ଚ୍ଚା ଓରଫ୍ ହନି ମାଷ୍ଟରର 'ମାଷ୍ଟର କଟିଙ୍ଗ ଆଣ୍ଡ ଟେଲରିଙ୍ଗ' ଥିଲା ଏକ ନାମକରା ଦର୍ଜୀ ଦୋକାନ ଏବଂ ହନି ମାଷ୍ଟର ଏକ ସମ୍ମାନିତ ନାମ । ଦେଶ ବିଭାଜନ କାଳରେ ସାମ୍ପ୍ରଦାୟିକ ଦଙ୍ଗା ଆତଙ୍କରୁ ଏ ଛୋଟ ସହରଟି ବି ସମ୍ପୂର୍ଣ୍ଣ ମୁକ୍ତ ନଥିଲା । ପାକିସ୍ତାନ କଣ ଜାଣିନଥିଲେ ବି ହନିମାଷ୍ଟର ଭୟରେ ପୂର୍ବ ପାକିସ୍ତାନକୁ ପଳାଇଯାଇଥିଲା । କିନ୍ତୁ ସେଠାରେ ଅଠର ବର୍ଷ କାଳ ଭ୍ରମି ଭ୍ରମି ନିଜକୁ ଅପାଂକ୍ତେୟ ମନେକରି ନିଜର ଉତ୍ସମୂଳ ଖୋଜି ଲୁଚିଛପି ଫେରିଆସିଛି ତା'ର ପୁରୁଣା ସହରକୁ ବିନା ପାସ୍‌ପୋର୍ଟ ଓ ଭିସାରେ । ଏଠାରେ ବି ସେ ଶାନ୍ତି ପାଇପାରିନାହିଁ । ନ୍ୟସ୍ତସ୍ୱାର୍ଥ ଲୋକେ ତାକୁ ପାକିସ୍ତାନୀ ଗୁପ୍ତଚର ବୋଲି ପ୍ରଚାର କରି ତା'ର ଜୀବନକୁ ଦୁର୍ବିସହ କରିଦେଇଛନ୍ତି । ଶେଷରେ ଫକୀର ବେଶରେ ସହରଠାରୁ ଦୂର ଗ୍ରାମାଞ୍ଚଳରେ ମାଙ୍କଡ଼ ନାଚ ଦେଖାଇ ସେ ପେଟ ପୋଷିଛି । ମନରେ ତାର ପ୍ରଶ୍ନ, ''ଏଇ ଦେଶ, ଏଇ ମାଟି, ତାର ଜୀବନର ଉତ୍ସମୂଳ । ମାତ୍ର ଏଠାରୁ ତାକୁ ନିର୍ବାସିତ କଲା କିଏ ? ଏଠି ତାକୁ ଅଜ୍ଞାତବାସର ଦୈନ୍ୟ ଓ ଅଭିଶାପ ଦେଲା କିଏ ? ଏ ଦେଶକୁ ବିଭାଗ କଲା କିଏ ?'' ଏସବୁ ପ୍ରଶ୍ନର ସଠିକ ଉତ୍ତର କିନ୍ତୁ ସେ ଖୋଜି ପାଇନାହିଁ ।

ସମୟର ପରିବର୍ତ୍ତନ ସହିତ କେତେକ ସମ୍ଭ୍ରାନ୍ତ ସାମନ୍ତବାଦୀ ପରିବାର କିଭଳି ଦୁଃଖ ଦାରିଦ୍ର୍ୟ ଓ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଅଛନ୍ତି ତାହାର ମର୍ମସ୍ପର୍ଶୀ ରୂପାୟନ ସୁରେନ୍ଦ୍ର ତାଙ୍କର କେତେକ ଗଳ୍ପ ଉପନ୍ୟାସରେ କରିଅଛନ୍ତି । 'ପୁଷ୍ୟାଭିଷେକ' ସେହି ଶ୍ରେଣୀର ଏକ ଗଳ୍ପ । ହଳଦୀ ଗାଁର ଏଗାରପୁରୁଷୀ ବୁନିଆଦ ଜମିଦାର ଜଗବନ୍ଧୁ ମହାପାତ୍ର ବଳୀୟାର ମଉଗଞ୍ଜ ମେଦିନୀରାୟଙ୍କର ପୂର୍ବ ବିଭବ ଲୋପ ପାଇଛି, କିନ୍ତୁ ପୂର୍ବର ସାମନ୍ତବାଦୀ ମେଜାଜ ତଥାପି ଯାଇନାହିଁ । ହାତରେ ସମ୍ବଳ ନଥିଲେ ବି 'ପୁଷ୍ୟାଭିଷେକ' ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ତାଙ୍କର ନିର୍ଦ୍ଦେଶ । ବଡ଼ ଜେନାମଣି କଟକରେ କେଉଁ ଏକ ସରକାରୀ ଦପ୍ତରରେ ଚଳିଆ ଅମଲା । ଶ୍ୱାସରୋଗୀ ବୃଦ୍ଧ ପିତାଙ୍କର ଅଫିମ ଖର୍ଚ୍ଚ ପାଇଁ ସେ ମାସିକ ପଚିଶ ଟଙ୍କା ପଠାଉଥିଲେ । ସେଇ ଟଙ୍କାକୁ ଶେଷରେ ମେଦିନୀରାୟ ବଢ଼ାଇ ଦେଇଛନ୍ତି ସାନ ଜେମାଙ୍କ ହାତକୁ 'ପୁଷ୍ୟାଭିଷେକ' ଉତ୍ସବ ପାଳନ ପାଇଁ ।

'ଫାଲ୍‌ଗୁନ ଜ୍ୟୋତ୍ସ୍ନା' ଗଳ୍ପ ଲେଖକଙ୍କର ଗଳ୍ପ ଲିଖନ ଶୈଳୀର ଏକ ସୁନ୍ଦର ନିଦର୍ଶନ । ଅବସରପ୍ରାପ୍ତ କଞ୍ଜରଭେଟର ଅପ୍ ଫରେଷ୍ଟ ବୃଦ୍ଧ ହୃଦୟବାବୁ ଚଳତ୍ ଶକ୍ତିହୀନ ଓ ଘରେ ଏକାକୀ । ରାତ୍ରି ଗଭୀର ହେଲେ ବି ଆଖିକୁ ନିଦ ଆସୁନାହିଁ । ବଡ଼ ନିଃସଙ୍ଗ ବୋଧ କରୁଛନ୍ତି । ସ୍ତ୍ରୀ ଯାଇଛନ୍ତି ତୀର୍ଥ-ଭ୍ରମଣରେ । ଏହି ସମୟରେ ଝରକାର ଗ୍ରୀଲ୍ କାଟି ଜଣେ ଜକାୟତ

Digitized by srujanika@gmail.com

ଘର ଭିତରକୁ ପ୍ରବେଶ କରିଛି । ପରେ ଜଣାଗଲା ସେ ବିଶ୍ୱବିଦ୍ୟାଳୟ ଡିଗ୍ରୀଧାରୀ ଜଣେ ଶିକ୍ଷିତ ବେକାର । ହୃଦୟବାବୁ ଡକାୟତକୁ ସ୍ୱାଗତ କରିବା ସହିତ ଆଳାପ ଜମାଇଛନ୍ତି ଓ ଷ୍ଟିଲ୍ ଆଲମିରାର ଚାବିକାଠି ତାକୁ ଦେଇ ଦେଇଛନ୍ତି । ଡକାୟତ ଆଲମିରା ଖୋଲି ଟଙ୍କା ପଇସା କିଛି ନପାଇ ଗୋଟିଏ ସୁନା ଚେନ ଓ ଦୁଇଟି ସୁନା ମୁଦି ନେଇ ପକେଟରେ ରଖିଛି । ଏ ସୁନା ଚେନ ଓ ମୁଦି ହୃଦୟବାବୁ ଅତି ଆଦରରେ ତାଙ୍କ କନ୍ୟା ପାଇଁ କିଣିଥିଲେ ବୋଲି କହିଲେ ବି ଡକାୟତ ସେଥିପ୍ରତି କର୍ଣ୍ଣପାତ କରିନାହିଁ । ପ୍ରଭାତ ହେବା ପୂର୍ବରୁ ଡକାୟତ ଚାଲିଯାଇଛି କିନ୍ତୁ ରଖି ଦେଇ ଯାଇଛି ହୃଦୟବାବୁଙ୍କ କନ୍ୟାର ସୁନାହାର ଓ ମୁଦି । ଗଳ୍ପଟିର ବର୍ଣ୍ଣନା ଚାତୁରୀ, ଦୃଷ୍ଟିଭଙ୍ଗୀ ଓ ନାଟକୀୟ ଉପସ୍ଥାପନା ବେଶ୍ ଉପଭୋଗ୍ୟ ।

ସୁରେନ୍ଦ୍ରଙ୍କ ଗଳ୍ପ ରଚନାର ପରିସର ବ୍ୟାପକ । ପୌରାଣିକ, ଐତିହାସିକ ବିଷୟବସ୍ତୁ ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଓ ରାଜନୈତିକ ସମସ୍ୟା, ମାନସିକ ସଂକଟ, ଗଭୀର ଜୀବନ ଜିଜ୍ଞାସା ଇତ୍ୟାଦିକୁ ନେଇ ସେ ଗଳ୍ପ ଲେଖିଅଛନ୍ତି । ଯେ କୌଣସି ବିଷୟକୁ ନେଇ ସଫଳ ଗଳ୍ପ ରଚନା କରିବାର ଦକ୍ଷତା ତାଙ୍କର ଥିଲା । ତାଙ୍କର ଆଦ୍ୟକାଳରେ ଲିଖିତ ଗଳ୍ପ ଓ ପରବର୍ତ୍ତୀ କାଳର ଗଳ୍ପ ପ୍ରତି ଦୃଷ୍ଟିପାତ କଲେ ଏକ କ୍ରମ ବିବର୍ତ୍ତନର ଧାରା ପରିଲକ୍ଷିତ ହୁଏ । ଆଦ୍ୟକାଳର ଗଳ୍ପଗୁଡ଼ିକ ଆକାରରେ କ୍ଷୁଦ୍ର ଓ ଭାବାବେଗପ୍ରଧାନ ହୋଇଥିବା ବେଳେ ପରବର୍ତ୍ତୀ କାଳରେ ଲିଖିତ ଗଳ୍ପମାନ ଚରିତ୍ର ଓ ବକ୍ତବ୍ୟ ପ୍ରଧାନ ଏବଂ ଆକାରରେ ସ୍ଫୀତ । ଲେଖକଙ୍କର ଅଧିକାଂଶ ଗଳ୍ପ ସ୍ୱଅନୁଭୂତିପ୍ରସୂତ ହୋଇଥିବାରୁ ଏହି ଚରିତ୍ରମାନଙ୍କ ମାଧ୍ୟମରେ ସେ ନିଜର ଆଭିମୁଖ୍ୟ ବା ମତାମତ ପ୍ରକାଶ କରିଅଛନ୍ତି । କେତେକ ଗଳ୍ପରେ ଲେଖକ ନିଜେ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିବାର ଦେଖାଯାଏ, ଯେପରି କି 'ମହାନଗରୀର ରାତ୍ରି', 'ଅପରିଚିତର ପରିଚୟ', 'କୃଷ୍ଣଚୂଡ଼ା', 'ଅଷ୍ଟ୍ରେଲିଆ' ଇତ୍ୟାଦି । ଗଳ୍ପର ବିଷୟବସ୍ତୁକୁ ଚାହିଁ ଭିନ୍ନ ଭିନ୍ନ ଶୈଳୀ ସେ ଅନୁସରଣ କରିଅଛନ୍ତି । 'ମରାଳର ମୃତ୍ୟୁ' ଗଳ୍ପ ସଂକଳନର ପ୍ରାରମ୍ଭରେ ସେ ନିଜେ କହିଅଛନ୍ତି, ''ମୋର କୌଣସି ନିର୍ଦ୍ଦିଷ୍ଟ ଶୈଳୀ ନାହିଁ ବା କୌଣସି ନିର୍ଦ୍ଦିଷ୍ଟ ରୀତି ମଧ୍ୟରେ ମୁଁ ଆବଦ୍ଧ ନୁହେଁ । ରୀତି ଓ ଶୈଳୀର ନିର୍ଦ୍ଦିଷ୍ଟତା ଜୀବନ ପରି ସାହିତ୍ୟରେ ମଧ୍ୟ ଗତିର ଲକ୍ଷଣ ନୁହେଁ ବୋଲି ଏହି ଲେଖକଙ୍କର ଧାରଣା । ତେଣୁ ଏହି ବିଭିନ୍ନ ଗଳ୍ପଗୁଡ଼ିକର ଶୈଳୀ ଓ ରୀତି ବିଭିନ୍ନ ।''

ଲେଖକଙ୍କର ବହୁ ସଂଖ୍ୟକ ଗଳ୍ପ ମଧ୍ୟରୁ ଏକୋଇଶିଟି ଗଳ୍ପ ଏ ସଂକଳନ ପାଇଁ ନିର୍ବାଚନ କରାଯାଇଛି । ସଂକଳନର ସୀମିତ କଳେବର ଦୃଷ୍ଟିରୁ ଅନିଚ୍ଛାସତ୍ତ୍ୱେ ଲେଖକଙ୍କର କେତେକ ଉପାଦେୟ ଗଳ୍ପ ଏଥିରୁ ବାଦ ଦେବାକୁ ପଡ଼ିଛି । ତଥାପି ଏହି ନିର୍ବାଚିତ ଗଳ୍ପଗୁଡ଼ିକରୁ ସୁରେନ୍ଦ୍ରଙ୍କ ଗଳ୍ପଲିଖନ ପ୍ରତିଭାର ସମ୍ୟକ ପରିଚୟ ପାଠକ ପାଇପାରିବେ ।

ଦୁର୍ଗାଚରଣ କୁଅଁର

Digitized by srujanika@gmail.com

ବୁଟି ଓ ଚନ୍ଦ୍ର

ପୁଞ୍ଜିପତିଙ୍କର ଲୁଗାକଳରେ ଗତ ଗୋଟାଏ ମାସ ଧରି ଚାଲିଛି ଶ୍ରମିକମାନଙ୍କର ବ୍ୟାପକ ଧର୍ମଘଟ ।

ବିରୁଦ୍ଧ ୟୁନିଅନର ସମସ୍ତ କୂଟଚକ୍ରାନ୍ତ, ମିଲ୍ ମାଲିକଙ୍କର ସମସ୍ତ ଅପଚେଷ୍ଟା ଓ ସର୍ବୋପରି ସରକାରୀ କଳର ସମସ୍ତ ଚାପ ଏଡ଼ି - ମିଲ୍‌ର ଶ୍ରମିକ ଧର୍ମଘଟ, ଉତ୍ତରୋତ୍ତର ଶକ୍ତି ଓ ବେଗ ସଞ୍ଚୟ କରି ଚାଲିଛି ।

ସ୍ଥାନୀୟ କମ୍ୟୁନିଷ୍ଟ ୟୁନିଅନର ବିଚକ୍ଷଣତା ଓ ନେତୃତ୍ୱକୁ ଏଥିପାଇଁ ତାରିଫ୍ ନ ଦେଇ ରହି ହେବନାହିଁ ।

ଦିନସାରା ଶ୍ରମିକ ବସ୍ତିରେ ବୁଲି ବୁଲି, ଶ୍ରମିକମାନଙ୍କୁ ଉତ୍ତେଜିତ ଓ ଉତ୍ସାହିତ କରିବା, ଚାନ୍ଦା ଆଦାୟ କରିବା, 'ଲାଲଝଣ୍ଡା ଜିନ୍ଦାବାଦ୍' ସ୍ଲୋଗାନ ଦେଇ ଶ୍ରମିକମାନଙ୍କର ଶୋଭାଯାତ୍ରା ସାରା ସହର ବୁଲି ବୁଲି ପରିକ୍ରମା କରାଇବା ପରେ କମ୍ରେଡ୍ ବିନୋଦର ଚଳଚ୍ଛକ୍ତି ପ୍ରାୟ ଆଉ ନଥିଲା । ସେଆଡୁ ଫେରି ସେ ପାର୍ଟି ଅଫିସର ଗୋଟିଏ ଛୋଟ ଘରେ, ଗଦାଏ ପାମ୍ଫଲେଟ୍ ଆଉ ଖବରକାଗଜ ଉପରେ କ୍ଲାନ୍ତ ଭାବରେ ଦେହ ମେଲି ଶୋଇ ପଡ଼ିଥିଲା । ଶଯ୍ୟା ଧରୁ ଧରୁ ଆଖିରେ ତା'ର ମାଡ଼ିଆସିଥିଲା ନିଦ ।

ଏହାର କେତେ ସମୟ ପରେ ସେ କୋଠରି ଭିତରକୁ ଆସିଲେ କମ୍ରେଡ୍ ଲଳିତା । କମ୍ରେଡ୍ ଲଳିତା - ସୁଲେଖିକା, କ୍ଷୀଣାଙ୍ଗୀ ଓ ସ୍ୱଳ୍ପଭାଷିଣୀ । ତାଙ୍କ ଦାୟିତ୍ୱ, ପାର୍ଟିର ସମସ୍ତ ଇଂରାଜୀ ସର୍କୁଲାର ଓ ପୁସ୍ତିକା ତର୍ଜମା କରିବା । ପାର୍ଟିର ସାପ୍ତାହିକ କାଗଜ ଖଣ୍ଡର ସମ୍ପାଦନା ଭାର ମଧ୍ୟ କମ୍ରେଡ୍ ଲଳିତାଙ୍କ ଉପରେ । ଧର୍ମଘଟ ଯୋଗୁଁ, ତାଙ୍କ ଭାଗରେ ଆଉ ଗୋଟିଏ ନୂଆ କାମ ପଡ଼ିଥିଲା - ବୁଲେଟିନ୍ ଲେଖିବା ।

ଏଇ ଘରଟି, କମ୍ରେଡ୍ ଲଳିତାଙ୍କର ଅଫିସ୍ । କମ୍ରେଡ୍ ଲଳିତା, ସୁଇଚ୍ ମାରି ଘରେ ଆଲୁଅ ଜଳାଇଲେ । ପଶ୍ଚିମପଟର ଖୋଲା ଝରକା ପାଖକୁ ଲାଗି ପଡ଼ିଛି ଖଣ୍ଡେ ଛୋଟ ଟେବୁଲ । ତା' ଉପରଯାକ କାଗଜ, ବହି ଆଉ ଖବରକାଗଜର ଗହଳି । କାନ୍ଥରେ ଝୁଲୁଛି ତିନିଖଣ୍ଡ ସମାନ ଆକାରର ବନ୍ଧେଇ ଫଟୋ - ମଝିରେ ମାର୍କସ । ମାର୍କସ୍‌ଙ୍କ ବାମରେ ଷ୍ଟାଲିନ୍ ଓ ଦକ୍ଷିଣରେ ଲେନିନ୍ ।

ଟେବୁଲ୍ ଉପରେ ସେ କାଗଜ ଗଦା ଭିତରେ କେବେକାର କଳକିଲଗା ଗୋଟିଏ କଲିଂ ବେଲ୍ । ଲଳିତା ସେଇ ବେଲ୍‌ଟାକୁ ତାଙ୍କର ଚମ୍ପକାଙ୍ଗୁଳିରେ ତିନିଥର ବାଡ଼େଇଦେଲେ ।

ଭିତରକୁ ଆସିଲା, ଅଫିସ୍‌ର ବୟ - ରମୁ ! ରମୁ ମଧ୍ୟ ଜଣେ କମ୍ରେଡ୍ । ଗୋଟିଏ

Digitized by srujanika@gmail.com

ଶ୍ରମିକର ପୁଅ ।

ଇଳିତା କହିଲେ - କଫି ।

ରମୁ ଚାଲିଗଲା ।

ବାହାରେ ସୁନ୍ଦର ଜହ୍ନ ଉଠିଥିଲା । ଫାକ୍‌ଟରୀ ଅଞ୍ଚଳର ଶେଷଆଡ଼କୁ ପାର୍ଟିଅଫିସ । ଝରକା କଡ଼ ଦେଇ, ଅଙ୍କା ବଙ୍କା ଗୋଟିଏ ନାଲି ଗୋଡ଼ିବିନ୍ଧା ରାସ୍ତା ଚାଲିଯାଇଛି, ତା'ର ଉପରେ ବେଳେ ବେଳେ ଚାଲିଯାଉଛି ଗୋଟାଏ ଶଗଡ଼ କିମ୍ବା ଚାଲି ଯାଉଛନ୍ତି ଜଣେ ଦୁଇଜଣ ବାଟୋଇ । ରାସ୍ତାର ସେପାଖକୁ ଅପନ୍ତରା ପଥୁରିଆ ପଡ଼ିଆ... ପଡ଼େଇ, ଢିପେଇ, ଦିଗ୍‌ବଳୟର ଧୂମ୍ରାଭ ରେଖା ପର୍ଯ୍ୟନ୍ତ ।

କୋଉଠି ଗୋଟାଏ ଫୁଲର ଗନ୍ଧରେ, ରାତିର ସେଇ ଶାନ୍ତ ମୁହୂର୍ତ୍ତଗୁଡ଼ିକ ପୁଲକିତ, ସ୍ନିଗ୍ଧ ହୋଇ ଉଠିଥିଲା ।

ଇଳିତା, ଭିତରର ଆଳୁଅ ପୁଣି ନିଭାଇ ଦେଲେ କ୍ଲାନ୍ତିରେ, ଅବସାଦରେ ଓ ବିରକ୍ତିରେ ।

ବାହାରର ଜହ୍ନଆଳୁଅର ଗୋଟିଏ ଫଳକ ପଡ଼ିଲା ଆସି ଇଳିତାଙ୍କ କୋଳରେ ମୂର୍ଚ୍ଛିତ ହୋଇ ! କି ଏକ ଅନିର୍ବଚନୀୟ ପରିପୂର୍ଣ୍ଣତା ଓ ତୃପ୍ତିରେ ଇଳିତାଙ୍କର ପ୍ରାଣର କୋଣ, ଅନୁକୋଣ ସ୍ନିଗଧ ହୋଇଉଠିଲା ! ଇଳିତାଙ୍କର ମନେହେଲା; ମନୁଷ୍ୟର ଇତିହାସରେ କେତେ ସଂଗ୍ରାମ ବ୍ୟର୍ଥ ହୋଇଛି, କେତେ 'ବାଦ' ବିବାଦ ଭିତରେ ବିଲୟ ପାଇଛି, ଅଥଚ ଜ୍ୟୋସ୍ନା - ପୁଇଜିତା ଏଇ ମାଧବୀ ସନ୍ଧ୍ୟାର ଶେଷ ନାହିଁ, ଏହାର ପୁଲକ ସଞ୍ଚାରର ବିରାମ ନାହିଁ !

ଇଳିତା ପୁଣି ସୁଇଚ୍ ଆଳୁଅ ଜାଳିଲେ । ଏ ପଳାୟନବାଦ - ବିପ୍ଳବ ବିରୋଧୀ (Counter Revolutionary) ବୁର୍ଜୋୟା ବିଳାସ ।

କମ୍ରେଡ୍ ବିନୋଦର ଘୁଙ୍ଗୁଡ଼ି କ୍ରମେ ଗଭୀରତର ହେଲାଣି ।

ଇଳିତା ଏପର୍ଯ୍ୟନ୍ତ ନିଦ୍ରିତ ବିନୋଦକୁ ଦେଖି ନ ଥିଲେ । ଘୁଙ୍ଗୁଡ଼ି ଶବ୍ଦରେ ଚମକି ପଡ଼ି ସେଆଡ଼େ ଚାହିଁଲେ । ଅଧାମଇଳା ଟ୍ରାଉଜର ଆଉ ଖଣ୍ଡେ ହାଫ୍ ସାର୍ଟ, ବିନୋଦର ପରିଧାନ । ପାଦରେ କାବୁଲୀ ସାଣ୍ଡଲ୍, ଦରଛିଣ୍ଡା ହାଫ୍ ସାର୍ଟର ବାମପାଖ କାନ୍ଧରେ ଗୋଟିଏ ପାର୍ଟିବ୍ୟାଜ୍, ଦା' ଆଉ ହାତୁଡ଼ି !

ରମୁ ଗୋଟିଏ କପ୍ କଫି ଆଣିଲା । ଇଳିତା କହିଲେ ଆଉ କପେ କଫି ପାଇଁ । ରମୁ ଚାଲିଗଲା ।

ଇଳିତା ମନେ ମନେ କମ୍ରେଡ୍ ବିନୋଦକୁ ସମ୍ମାନ କରନ୍ତି, ତା'ର ନେତୃତ୍ୱ ଓ ମାର୍କସ୍‌ବାଦରେ ପାଣ୍ଡିତ୍ୟ ଲାଗି । ବିନୋଦ କଥା କଥାରେ ମାର୍କସ୍ କ'ଣ କହିଥିଲେ, ଡଗଡଗ କରି ଆବୃତ୍ତି କରିଯାଇପାରେ । ଥରେ ବିନୋଦ ଗୋଟିଏ ଝିଅର ପ୍ରେମରେ ପଡ଼ିଥିଲା । ଝିଅଟି ମଧ୍ୟ ବିନୋଦର ପ୍ରଣୟର ପ୍ରତିଦାନ ଦେଇଥିଲା ଯଥେଷ୍ଟ । ଗାନ୍ଧର୍ବ ମତରେ ବିବାହ ପ୍ରାୟ

Digitized by srujanika@gmail.com

ସରିଥିଲା । କିନ୍ତୁ କନ୍ୟାପିତା ଅମିଶ୍ରିତ ବୁର୍ଜୋୟା । କନ୍ୟାର ବରବରଣ ଶୁଣି, ସ୍ପଷ୍ଟ ଭାବରେ ସେ ଉଭୟଙ୍କୁ ଜଣାଇ ଦେଲେ, ଜାମାତା ପଛେ ନଦିଆର ଚୈତନ୍ୟଙ୍କର ତିଳକ କାଟିଲେ ସେ ସହ୍ୟ କରିପାରିବେ, କିନ୍ତୁ ଦା' ହାତୁଡ଼ିର ତିଳକ... ଅସହ୍ୟ ।

ବିନୋଦ ନିରାଶ ହୋଇ ଫେରିଲା । ନୈରାଶ୍ୟ କିନ୍ତୁ ବ୍ୟର୍ଥ ପ୍ରଣୟ ଲାଗି ନୁହେଁ । ଲୀଳା ପରି ଜଣେ ଝିଅ ପାର୍ଟିରେ ଯୋଗ ଦେଇଥିଲେ, କମ୍ୟୁନିଜିମର ଉତ୍ତରୋତ୍ତର ଉନ୍ନତି ହୋଇଥାନ୍ତା । ତଥାପି ଆଜି ପର୍ଯ୍ୟନ୍ତ ବି ବିନୋଦ ଲୀଳା ପାଖକୁ ଚୁଲେଟିନ୍ ପଠାଇବାରେ ତ୍ରୁଟି କରେ ନାହିଁ । ଜଣେ ଅଧେ ବନ୍ଧୁ ଯେତେବେଳେ ବିନୋଦର ଏ ବ୍ୟର୍ଥପ୍ରଣୟ ଘେନି ଉପହାସ କଲେ, ବିନୋଦ କହିଲା - ମାର୍କସ୍ କହିଛନ୍ତି, 'Nothing is being, every thing is becoming' ଅର୍ଥାତ୍ କେହି ସ୍ଥିର ଗତିହୀନ ନୁହେଁ । ପ୍ରେମର ଗୋଟାଏ ଗତି ଅଛି । ଡାୟଲିକ୍‌ଟିସରେ ପ୍ରେମର ଗତି ଯଦି ବ୍ୟର୍ଥପ୍ରେମ ହୁଏ, ସେଥିରେ ଦୁଃଖ କରିବାର କ'ଣ ଅଛି ?

ରମୁ ଆଉ କପେ କଫି ଆଣିଲା । ଇଳିତା ଉଠିଯାଇଁ ବାଳିକାସୁଇଭ ଚପଚପାରେ ନିଦ୍ରିତ ବିନୋଦର କପାଳ ଉପରେ ଆଙ୍ଗୁଠିରେ ଟିପା ମାରିଲେ ।

ବିନୋଦ ଆଖି ମଳି ମଳି ଖବରକାଗଜ ଗଦା ଉପରେ ଉଠି ବସିଲା ।

ଇଳିତା ପଚାରିଲେ - କପେ କଫି ଚଳିବ କମ୍ରେଡ୍ !

ବିନୋଦର ଆଖିରେ ମୁହଁରେ ଫୁଟିଉଠିଲା, ଅପ୍ରତ୍ୟାଶିତର ପ୍ରାପ୍ତିରେ ଆନନ୍ଦର ଦୀପ୍ତି ।

ବିନୋଦ କହିଲା - ଧନ୍ୟବାଦ କମ୍ରେଡ୍ !

ତା'ପରେ ଦୁହେଁ ଆସି ବସିଲେ, ସେଇ ଟେବୁଲ ପାଖରେ । ଇଳିତା କଫି କପ୍‌ଟା ଓଠ ପାଖକୁ ଉଠାଇ ନେଲେ । ଦୁହେଁ ନୀରବରେ କଫି ପିଉଥାନ୍ତି ।

ବାହାରେ ଶୁକ୍ଲ ତିଥି ଚନ୍ଦ୍ରର ସେଇ ଜହ୍ନରୋଳ । ରାସ୍ତା ସେ ପାଖର ସେଇ ଉଠେଇ ପଡ଼େଇ ଅପନ୍ତରା ।

ପଥୁରିଆ ପଡ଼ିଆ - ତା'ରି ଭିତରୁ କୋଉଠୁ ଭାସି ଆସୁଥିଲା କାହାର ବଂଶୀରେ ନାଗେଶ୍ୱରୀ ରାଗର ଲହରିଆ ମାତାଇ ଆଳାପ ।

ବିନୋଦ ପଚାରିଲା - କାଇପାଇଁ ଚୁଲେଟିନ୍‌ଟା ପ୍ରେସକୁ ଯାଇ ସାରିଲାଣି କମ୍ରେଡ୍ ଲଳିତା ?

ଇଳିତା ମନେ ମନେ ଗୋଟାଏ କବିତାର କଥା ଭାବୁଥିଲେ - 'ହେ ଚନ୍ଦ୍ର ! ଆଜି ତମ ଓ ମୋ ଭିତରେ ସହସ୍ର ସହସ୍ର ଯୋଜନର ବ୍ୟବଧାନ ଦୂର ହୋଇଯାଇଛି । ତମେ ଆସିଛ ଆଜି ନବୀନ ନଟବର ବେଶରେ, ଅଭିସାରର ପ୍ରଣୟୀ ସାଜି, ମୋର ବାତାୟନ ପାଖକୁ । ହେ ସୁନ୍ଦର ! ହେ କାନ୍ତ ! ଗାଢ଼ ଆଶ୍ଳେଷରେ ଆଲିଙ୍ଗନ କର ମୋତେ ।'

Digitized by srujanika@gmail.com

ବିନୋଦ କହିଲା - କାଲି ସନ୍ଧ୍ୟାବେଳେ ଗୋଟାଏ ବିରାଟ ସଭା ପାଇଁ ଆୟୋଜନ ହେଉଛି । ମିଲ୍ ଏରିଆର ଅନ୍ୟାନ୍ୟ ମିଲ୍‌ଗୁଡ଼ିକର ସବୁ ଶ୍ରମିକ ମଧ୍ୟ ଆମର ଧର୍ମଘଟରେ ଯୋଗ ଦେଉଛନ୍ତି, କାଲିଠାରୁ । ତମର ବୁଲେଟିନ୍‌ଟା ସେଥିପାଇଁ ବୁଲେଟ୍ ପରି ତୀକ୍ଷ୍ଣ ହେବା ଉଚିତ । ଗୋଟାଏ ଗୀତ ଚରନା କରିପାରିଲେ ଭଲ ହୁଅନ୍ତା, ସଭା ଆରମ୍ଭରେ କୋରସ୍ ଗାଇବା ପାଇଁ ।

ଲଳିତା କୌତୁକମିଶ୍ରିତ କଣ୍ଠରେ ପଚାରିଲେ - କେମିତି ଗୀତ କୁହ ତ ?

ବିନୋଦ କହିଲା - ଏଇ ଏମିତି ହେଲେ ଚଳିବ,

'ବାଂଝ ମାଟିରେ
ଫଳାଇଛୁ ଆମେ
ସୁନାର ଫସଲ - ସୁନେଲି ଫସଲ ।

ଲଳିତା ଅଟ୍ଟହାସ କରି ଉଠିଲେ ।

ବିନୋଦ ଅପ୍ରତିଭ କଣ୍ଠରେ ପଚାରିଲା - ହସିଲ ଯେ !

ଲଳିତା ସଂକ୍ଷେପରେ ଜବାବ ଦେଲେ - ନା !

ପକେଟରୁ ଖଣ୍ଡେ ସିଗାରେଟ୍ କାଢ଼ି, ବିନୋଦ ସେଥିରେ ନିଆଁ ଲଗାଇଲା ।

ଲଳିତା କ୍ଲାନ୍ତ ଓ ଅବସାଦରେ ଚାହିଁଲେ ମାର୍କସ୍‌ଙ୍କ ଛବି ଆଡ଼େ । ହାୟ ମାର୍କସ୍, ତମର Economical interpretation of history (ଇତିହାସର ଅର୍ଥନୈତିକ ସୂତ୍ର) ମଣିଷକୁ କରିଛି ଘୁଷୁରୀ, ଜୀବନ ଯାହାର ଖାଲି 'ରୋଟିକା ସବାଲ୍ ।' ମଣିଷର ଆଖିରେ ବଞ୍ଚିବାର ଏକମାତ୍ର ଲକ୍ଷ୍ୟ, ତମେ ଆଣି ଦେଇଚ ଖାଲି ପେଟଭରି ଗିଳିବା ! ମଣିଷର ଆଖିରେ ଚୁଟିକୁ କରିଚ ତମେ ଏଇ ଚନ୍ଦ୍ରଠାରୁ ବଳି ଆଉରି ଲୋଭନୀୟ । ପ୍ରାଚୁର୍ଯ୍ୟକୁ କରିଚ ତମେ ଜୀବନର ଲକ୍ଷ୍ୟ । କିନ୍ତୁ ପ୍ରାଚୁର୍ଯ୍ୟ ପରେ ଅଛି ଯେଉଁ ବୃହତ୍ତର ଲକ୍ଷ୍ୟ, ତା'ର ସନ୍ଧାନ ଦେଇନା ତମେ !

ବିନୋଦ ଜଳା ସିଗାରେଟ୍‌ଟା ଝରକା ବାଟେ ବାହାରକୁ ଫିଙ୍ଗିଦେଇ ଗମ୍ଭୀର କଣ୍ଠରେ କହିଲା - ମୁଁ କେତେଦିନ ହେଲା ଲକ୍ଷ୍ୟ କରି ଦେଖୁଚି, ତମେ କିପରି ପଳାୟନବାଦୀ ହୋଇଯାଉଛ କମ୍ରେଡ୍ ! ଫ୍ରୟେଡ୍ ଏ ପଳାୟନବାଦକୁ କହନ୍ତି ମୃତ୍ୟୁର ପ୍ରବୃତ୍ତି (Death instinct) - ବୌଦ୍ଧଦର୍ଶନର 'ଅଭିଦାମ' । ବିରାଟ ଶୂନ୍ୟତା ଦେହରେ ଏଇ ସବୁ ବିଲୋପରେ ପ୍ରବୃତ୍ତି ଗୋଟାଏ ମାନସିକ ଦୁର୍ବଳତା, ଗୋଟାଏ ବୁର୍ଜୋୟା ବିଳାସ, ଗୋଟାଏ ଆଧ୍ୟାତ୍ମିକ ଜଡ଼ତା - ଏରିକ୍ ଫ୍ରୋମ୍‌ଙ୍କ ଭାଷାରେ 'ସ୍ୱାଧୀନତାର ସନ୍ତ୍ରାସ ।'

ଲଳିତା ମନେ ମନେ ବିରକ୍ତ ହୋଇ ଉଠିଲେ । ଗ୍ରନ୍ଥକୀଟ ଏଇ ଆତ୍ମ-ସ୍ୱାତନ୍ତ୍ର୍ୟହୀନ ଦଳର ମଣିଷମାନଙ୍କୁ ଲଳିତା ଆଦୌ ସହ୍ୟକରି ପାରନ୍ତି ନାହିଁ । ମାର୍କସ୍ କ'ଣ କହିଲେ, ଫ୍ରୟେଡ୍‌ଙ୍କ ମତ କ'ଣ, ଫ୍ରୋମ୍ କେଉଁଠି କ'ଣ କହିଛନ୍ତି - ତାହାହିଁ ଯେପରି ଜୀବନର ଚରମ

Digitized by srujanika@gmail.com

ଓ ପରମ । ସେଥିରୁ ଯାହାକିଛି ବାହାରେ, ସବୁ ଅବାନ୍ତର, ସବୁ ଦୁର୍ବଳତା, ସବୁ ବୁର୍ଜୋୟା - ବିଳାସ ।

ଲଳିତା କହିଲେ - ସେ ସବୁ ବହୁତ ଶୁଣିଛି କମ୍ରେଡ୍ ! ବରଂ ବୁଲିଯିବ ବାହାରକୁ ? ଚମତ୍କାର ଜହ୍ନ ପଡ଼ିଚି ।

ଅନ୍ୟଦିନ ହୋଇଥିଲେ ବିନୋଦ ଲଳିତାର ଏ ପ୍ରସ୍ତାବକୁ Counter Revolutionary ବୁର୍ଜୋୟା ବିଳାସ କହି, ଲଳିତାକୁ ହୁଏତ ଲେନିନ୍‌ଙ୍କର Insurrection tactics ବା ଷଡ଼ଯନ୍ତ୍ରୀ ବିପ୍ଳବର ଗୂଢ଼ ତଥ୍ୟ ସବୁ ବୁଝାଇଥାନ୍ତା ! ଆଜି କିନ୍ତୁ ସାରାଦିନର ପରିଶ୍ରମ ଓ କ୍ଲାନ୍ତି ପରେ, ସେ ଚାହୁଁଥିଲା ରାତ୍ରିର ଜ୍ୟୋତ୍ସ୍ନା, ଶୀତଳତା ଓ ଶାନ୍ତି ।

ବିନୋଦ କହିଲା - ଚାଲ ।

ଚାଲି ଚାଲି, ବିନୋଦ ଆଉ ଲଳିତା ବହୁଦୂର ଚାଲି ଆସିଥିଲେ । ସହର ଆଉ ଆଖିରେ ପଡ଼େନା । ଯୁଆଡ଼େ ଆଖି ଯାଏ ସେ ଆଡ଼େ ଖାଲି ସେଇ ଉଠେଇ ପଡ଼େଇ ପଡ଼ିଆର କ୍ରମାଗତ ବିସ୍ତାର; ଜ୍ୟୋତ୍ସ୍ନାର ଖିଆଲୀ ଚପଳତା !

ବିନୋଦ ଆଉ ଲଳିତା ଦୁହେଁ ଗୋଟାଏ ଢାଲୁ ଢାଗା ଉପରେ ବସିପଡ଼ିଲେ । ବେଳେବେଳେ, ବିନୋଦ ପାଟିରୁ ମାର୍କସ୍ କେବେ କ'ଣ ଏଞ୍ଜେଲସ୍‌ଙ୍କ ପାଖକୁ ଚିଠି ଲେଖିଥିଲେ, ସେଇସବୁ ଖଇ ଫୁଟିଲା ଭଳି ଫୁଟି ଉଠୁଥିଲା ।

ଲଳିତା କୌତୁକରେ ପଚାରିଲେ - ଆଚ୍ଛା ମାର୍କସ୍ କେଉଁଠି ଏ ଜହ୍ନରାତି ବିଷୟରେ କିଛି କହି ନାହାନ୍ତି ?

ବିନୋଦ ସେଇ ପ୍ରଶ୍ନର ଉତ୍ତର ଭାବୁଥିଲା, ଏତିକିବେଳେ ଜ୍ୟୋତ୍ସ୍ନାର ସେଇ ସମୁଦ୍ର ଭିତରୁ ଦୂରରୁ ବହୁତ ଦୂରରୁ ଶୁଭିଲା କାହାର ବଂଶୀର ଲହରିଆ ସୁର ! ବଂଶୀର ସେଇ ସୁର ଯେପରି ମିଶି ଏକ ହୋଇ ଯାଇଥିଲା ଏଇ ଉଠେଇ ପଡ଼େଇ ଅପତରା ପଡ଼ିଆ, ଏଇ ଶାନ୍ତ, ସ୍ତବ୍ଧ ରାତ୍ରି ଓ ଏହି ଜ୍ୟୋତ୍ସ୍ନାର ଚଟୁଳ ଚପଳତା ସହିତ । ଲୀଳା ଓ ବିନୋଦ ମନ୍ତ୍ରମୁଗ୍ଧ ପରି ଶୁଣୁଥିଲେ ବଂଶୀର ସେଇ ଆଳାପ ।

କିଛି ସମୟ ପରେ ଦୁଇଟି ଛାୟା ଆସି ସେମାନଙ୍କଠାରୁ ଦୂରରେ ଆଉ ଗୋଟିଏ ସ୍ଥାନରେ ବସି ପଡ଼ିଲେ । ବଂଶୀର ସେ ଆଳାପର ବିରାମ ନ ଥିଲା । ପ୍ରାଣର ଗିରିନଦୀ ଯେପରି କୂଳ ଲଙ୍ଘି ମିଶିଯିବାକୁ ଚାହୁଁଥିଲା ଜ୍ୟୋତ୍ସ୍ନାର ସମୁଦ୍ର ସହିତ ।

ଲଳିତା ଓ ବିନୋଦ, ଉଭୟଙ୍କର ମନେମନେ ଅଦମ୍ୟ କୌତୂହଳ, ସେ ଦୁଇଜଣଙ୍କୁ ଦେଖିବା ପାଇଁ !

ଦୁହେଁ ଉଠିଲେ ।

କ୍ରମେ ନିକଟବର୍ତ୍ତୀ ହେବାରୁ ବଂଶୀର ଆଳାପ ବନ୍ଦ ହୋଇଗଲା । ଲଳିତା ଓ ବିନୋଦ ପାଖକୁ ଆସି ଚିହ୍ନିଲେ... ସେ ଦୁଜଣ ନୟନା ଆଉ କାଜ୍‌ରୀ । ଯେଉଁ ମିଲ୍‌ରେ ଧର୍ମଘଟ

Digitized by srujanika@gmail.com

ହୋଇଛି, ସେଇ ମିଲ୍‌ର ଶ୍ରମିକ ସେମାନେ । ଛୋଟନାଗପୁରୀ !

ଧର୍ମଘଟ ପାଇଁ ମଜୁରୀ ବନ୍ଦ । ରାତି ହୁଏତ ଓପାସରେ କଟିବ । ତଥାପି ପ୍ରାଣର ପ୍ରାଚୁର୍ଯ୍ୟରେ ସେମାନେ ପରିପୂର୍ଣ୍ଣ !

ଲଳିତା କହିଲେ - ତମେ ଚମତ୍କାର ବଂଶୀ ବଜାଇ ପାର ତ ନୟନା !

ନୟନା ଛତିଶଗଡ଼ୀ ବୋଲିରେ ଜବାବ ଦେଲା - ହଁ ଦିଦି । ଆମ ମୂଲକରେ ଜହ୍ନ ଉଠିଲେ ଆମେ ଏମିତି ଜଙ୍ଗଲ ପାହାଡ଼ରେ ବୁଲି ବାହାରୁ !

ରାତି ଅନେକ ହୋଇଛି । ଲଳିତା ଆଉ ବିନୋଦ ପୁଣି ଅଫିସ ଆଡ଼େ ଫେରିଲେ ।

ଲଳିତା ମନେ ମନେ ଭାବୁଥିଲେ, ମାର୍କସବାଦର ଅପୂର୍ଣ୍ଣତା ତ ଏଇଠି ! ଜୀବନ କେବଳ ଉତ୍‌ପାଦନ ଆଉ ବଣ୍ଟନ ନୁହେଁ ! ପୂରା ମଜୁରୀ ଆଉ ପୂରା ପେଟ, ଜୀବନର ପ୍ରୟୋଜନୀୟତା ହୋଇପାରେ; କିନ୍ତୁ ଜୀବନର ଲକ୍ଷ୍ୟ ନୁହେଁ । ତା'ହେଲେ ଜ୍ୟୋତ୍ସ୍ନାର ଏ ବିକାସ, ପ୍ରକୃତିର ଆନନ୍ଦମୟ ପୂର୍ଣ୍ଣତା କାହାପାଇଁ ? ବଞ୍ଚିବାଠାରୁ ଜୀବନ ଯେ ଆଉରି ସୁନ୍ଦର !

ବଞ୍ଚିବାର କୋଳାହଳ ଓ ସଂଗ୍ରାମ ଭିତରେ ମାର୍କସ୍‌ବାଦ ଭୁଲିଯାଇଛି କିନ୍ତୁ ଜୀବନର ସୌନ୍ଦର୍ଯ୍ୟ !

ଲଳିତା କହିଲେ - ବେଶ୍ ଅଛନ୍ତି ଦୁଇଜଣ !

ବିନୋଦ ଚମକି ପଡ଼ି ଚାହିଁଲା ଲଳିତା ଆଡ଼େ । ତାହାର ପ୍ରାଣର କେଉଁ ରୁଦ୍ଧ ଦ୍ୱାରରେ କିଏ ଯେପରି ମୃଦୁ ଅଥଚ ଦୃଢ଼ ଆଘାତ କଲା । ନୟନାର ବଂଶୀ ପୁଣି ବାଜି ଉଠିଲା । କାଜ୍‌ରୀର କବରୀର ହେନାର ଗନ୍ଧ ସେ ପର୍ଯ୍ୟନ୍ତ ଯେମିତି ମିଶି ରହିଥିଲା ରାତିର ପବନରେ ।

ବିନୋଦ ଡକୁ ଆଖି ଉଠାଇ ଚାହିଁଲା ଲଳିତାଙ୍କ ଆଡ଼େ !

ଜୋତ୍ସ୍ନାସ୍ନାତା ଲଳିତାଙ୍କର ଅଙ୍ଗେ ଅଙ୍ଗେ ଅନୁପମ ମାଧୁରୀ ! ପର ମୁହୂର୍ତ୍ତରେ ତା'ର ମନେହେଲା ଏ ସବୁ କେବଳ ନିର୍ଜ୍ଜଳା ବୁର୍ଜୋୟା ଭାବପ୍ରବଣତା ।

ଲଳିତା ଓ ବିନୋଦ ଦୁହେଁ ଫେରୁଛନ୍ତି - ସେଇ ଉଠେଇ ପଡ଼େଇ ରାସ୍ତାରେ ।

ପାର୍ଟି ଅଫିସ୍ ଏଇ ଦେଖାଯାଉଛି ।

ଲଳିତାକୁ ଫେରି ଯାଇ ପୁଣି ବର୍ତ୍ତମାନ ବୁଲେଟିନ୍ ଲେଖିବା ପାଇଁ ପଡ଼ିବ । କ୍ଲାନ୍ତି ଓ ବିରକ୍ତିରେ ଲଳିତାଙ୍କର ଦେହ ଓ ମନ ବିଷାକ୍ତ ହୋଇ ଉଠିଲା ।

ନୟନାର ବଂଶୀର ଆଓ୍ୱାଜ, ରାତିର ନିଃଶବ୍ଦତା ଓ ନିର୍ଜ୍ଜନତା ଭିତରେ ଶୁଭୁଥିଲା ଅସ୍ପଷ୍ଟ ହୋଇ ।

ଲଳିତାଙ୍କର ମନେହେଲା, ମାର୍କସ୍‌ବାଦର ଅପୂର୍ଣ୍ଣତା ପୁଣି ବଞ୍ଚିବାର ମାଲିନ୍ୟ ଏବଂ ସଂଗ୍ରାମ ପ୍ରତି ଶୁଭ୍ର ଶାଶ୍ୱତ ଜୀବନର ଏ ଯେପରି ଏକ ସୁତୀବ୍ର ଆହ୍ୱାନ !

Digitized by srujanika@gmail.com

କୃଷ୍ଣଚୂଡ଼ା

ସାପ୍ତାହିକ 'ସଂଗ୍ରାମ' ଖବରକାଗଜ ଅଫିସ ।

ସଦାନନ୍ଦ ପ୍ରୁଫ୍ ଦେଖୁଛି । କେବେକାର ପୁରଣା କୋଠା । ଛାତ ଫାଟି ବର୍ଷା ଝରୁଛି । ତଳର ଚଟାଣରେ ପାଣିର ସୁଅ ବହି ଚାଲିଚି । ଗୋଟାଏ ପାଖ କାନ୍ଥରେ ମାଡ଼ିଯାଇଚି ଶିଉଳୀର ନେଳୀ ଆସ୍ତରଣ ।

ବାହାରେ ଆଦ୍ୟ ଆଷାଢ଼ର ଅବିରାମ ବର୍ଷାଧାରା ଟିକିଏ କମି ଆସିଛି । କ୍ଲାନ୍ତିରେ, ଅବସାଦରେ ସଦାନନ୍ଦ କାଗଜର ପ୍ରୁଫ୍ ଟେବୁଲର ଗୋଟାଏ ପାଖକୁ ଠେଲିଦେଲା । ପ୍ରୁଫ୍ ଦେଖି ଦେଖି, ଗତ କେଇଟା ବର୍ଷ ଭିତରେ ସେ କିପରି ଅସ୍ୱାଭାବିକ ଭାବରେ ନୈରାଶ୍ୟବାଦୀ ସିନିକ୍ ପାଇଟି ଗଲାଣି । ଜୀବନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଠି ଖାଲି ଭୁଲ୍ ଆଉ ଭୁଲ୍ ପୁଣି ଭୁଲ୍ ।

କାଗଜ ବାହାରିବା ପାଇଁ ଆଉରି ଚାରିପୃଷ୍ଠା ବାକି, ଅର୍ଥାତ୍ ଷୋଳ କଲମ । ଷୋଳ କଲମ ପୁଣି ପୂର୍ଣ୍ଣ କରିବାକୁ ପଡ଼ିବ । କ୍ଲାନ୍ତି ଓ ବିରକ୍ତିରେ ସଦାନନ୍ଦ ପକେଟ୍‌ରୁ ଖଣ୍ଡେ ସିଗାରେଟ୍ କାଢ଼ି ନିଆଁ ଲଗାଇଲା ।

ସଦାନନ୍ଦ ସବୁ । ଏକାଧାରରେ ସମ୍ପାଦକ, ପ୍ରୁଫ୍ ରିଡ଼ର ସବୁ । ଆଉ ଜଣେ ସହକର୍ମୀ ଅଛି । କିନ୍ତୁ ସେ ବାହାରର କଥା ବୁଝିବା ପାଇଁ ।

ସଦାନନ୍ଦ କେଜାଣି କାହିଁକି ଅକାରଣରେ ପଛକୁ ଫେରି ଖୋଲା ଝରକାବାଟେ ଚାହିଁଲା ପୃଥିବୀକୁ ।

ଅନେକ ଦିନ ଧରି ସେ ଭୁଇରେ ସୁଦ୍ଧା କେବେ ଥରେ ହେଲେ ଏମିତି ଚାହିଁ ନଥିଲା । କେତେଦିନ ଧରି ସେ ଜାଣେନା, କିନ୍ତୁ ଅନେକ ଦିନ ଧରି ।

ଝରକା ଦେହକୁ ଲାଗି ଗୋଟିଏ କୃଷ୍ଣଚୂଡ଼ା ଗଛ । ସାବଜା ଗଛର ଶ୍ୟାମଳ ଶୀର୍ଷ ଲୁଚିଯାଇଛି କୃଷ୍ଣଚୂଡ଼ାର ଜ୍ୱଳିଲ ଆବରଣ ତଳେ ।

ସୁନ୍ଦର... ନା ଖାଲି ସୁନ୍ଦର କହିଲେ ଅନେକ କିଛି ଅସମ୍ପୂର୍ଣ୍ଣ ରହିଯିବ । ସୁନ୍ଦର, କୋମଳ, କାନ୍ତ, ମଧୁର ଓ କମନୀୟ କୃଷ୍ଣଚୂଡ଼ାର ସେ ରଙ୍ଗିମ ବିକାଶ ।

ଆଷାଢ଼ର ଆକାଶରେ କଳାହାଣ୍ଡିଆ ମେଘ ଯେପରି ମାଟି ଛୁଉଁଚି, ଆଉ ମେଘର କୋଳରେ କୃଷ୍ଣଚୂଡ଼ା । ବୈଷ୍ଣବ-ସାଧକର ଅତସୀ-କୁସୁମ କୃଷ୍ଣ ଚୂଡ଼ାରେ ଯେପରି ପିନ୍ଧିଛନ୍ତି ସଦ୍ୟଫୁଟନ୍ତ କୃଷ୍ଣଚୂଡ଼ାର ଗୁଚ୍ଛ ।

ସିଗାରେଟ୍ ସରିଗଲା । ସଦାନନ୍ଦ ଜଳନ୍ତା ସିଗାରେଟ୍‌ଟା ଫିଙ୍ଗିଦେଲା ବାହାରକୁ ।

Digitized by srujanika@gmail.com

...ଆହୁରି ଖୋଳ କଇମ ବାକି ।

ସଦାନନ୍ଦ ହିଂସ୍ର ଭାବରେ ଝରକାଟା ବନ୍ଦ କରିଦେଲା । କ୍ରୀତଦାସର ପୃଥିବୀରେ ଜୀବନ ମାନେ ବଞ୍ଚିବା ନୁହେଁ କିନ୍ତୁ ଏକ ଅର୍ଥହୀନ ଜୀଇ ରହିବା । କ୍ରୀତଦାସର ଏ ପୃଥିବୀ । ଏହାର ପ୍ରତ୍ୟେକ ଅଧିବାସୀର ଅସ୍ଥି ମଜ୍ଜାରୁ ବଞ୍ଚିବାର ଆନନ୍ଦ ଶୋଷଣ କରିନେଇଛି ଦାସତ୍ୱ ।

ସହରତଳି କୁଲିବସ୍ତିର କୁଲି ଆଉ ସଦାନନ୍ଦ ଭିତରେ କଣ ବା ତଫାତ୍ ଅଛି ? କୁଲି, କାରଖାନା ମାଲିକର କ୍ରୀତଦାସ, ଆଉ ଆଦର୍ଶବାଦୀ ସଦାନନ୍ଦ, କ୍ରୀତଦାସ ଏକ ଆଦର୍ଶର ବା ଆଦର୍ଶବାଦର ।

ବରଂ କୁଲିର ଜୀବନରେ ପୂର୍ଣ୍ଣତାର ଆସ୍ୱାଦ ଅଛି । ସପ୍ତାହରେ ମଜୁରୀ ମିଳିଲା ଦିନ, ଅନ୍ତତଃ ଦିନକ ଲାଗି ସୁଦ୍ଧା ପାଣିମିଶା ସରାପ ପିଇ, ସେ ଜୀବନରେ ତୃପ୍ତିପାଏ । କିନ୍ତୁ ସଦାନନ୍ଦର ସେତକ ନାହିଁ ଯେ ! ଜୀବନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ବିରାଟ ଅତୃପ୍ତି । ଆଦର୍ଶର ପୂର୍ଣ୍ଣତା କାହିଁ ?

ଦମକାଏ ପବନରେ ଝରକାଟା ଆପେ ଆପେ ପୁଣି ଖୋଲିଗଲା ।

କ୍ରୀତଦାସର ମୁମୂର୍ଷୁ ଜୀବନ ପ୍ରତି ଜୀବନୋଚ୍ଛଳ କୃଷ୍ଣଚୂଡ଼ାର ସେଇ ରଙ୍ଗ । ଉପହାସ ।

ଏହା ଭିତରେ ଅନେକ ବର୍ଷ ବିତିଯାଇଛି । ଦିନେ ତମସାର ଜୁଡ଼ାରେ ନିଜ ହାତରେ ସେ ପିନ୍ଧାଇଥିଲେ କୃଷ୍ଣଚୂଡ଼ାର ସ୍ତବକ । ସେ ଅନେକ ଦିନ ତଳେ, ଯେଉଁଦିନ ତମସା ଆସିଥିଲା ନବବଧୂ ସାଜି । ସେ ଦିନ ଏମିତି ହୁଏତ ବର୍ଷଣକ୍ଲାନ୍ତ ଆଷାଢ଼ର ଗୋଟିଏ ଅଳସ ମଧ୍ୟାହ୍ନ ।

ଆଜି ହାତରୁ ସେ ଚପଳତା ମରିଗଲାଣି ।

ଖୋଳଟି ସ୍ତମ୍ଭ ଆଉରି ବାକି ।

ସଦାନନ୍ଦ ପୁଣି ଆସି ଟେବୁଲ୍ ପାଖରେ ବସି ପଡ଼ିଲା । କିନ୍ତୁ କଣ ଦେଇ ବା ସେ ପୂର୍ଣ୍ଣ କରିବ ଏ ବାକି ଖୋଳଟି ସ୍ତମ୍ଭ ? ବିଲାତର ଦଲାଲୀ ? ରୁଷିଆର ଜମିଦାରୀ ବୃଦ୍ଧି ? ଆମେରିକାର ମହାଜନୀ ? ଭାରତର ମାନସିକ ଦାରିଦ୍ର୍ୟ ? ...ସେ ସବୁ ଲେଖିବା ପାଇଁ ସଦାନନ୍ଦର ଆଉ ଧୈର୍ଯ୍ୟ ନାହିଁ ।

ଆଚ୍ଛା ଏଇ କୃଷ୍ଣଚୂଡ଼ାର କଥା ଖବରକାଗଜରେ ଲେଖି ହୁଏନା । ଏଇ କାନ୍ତ, ଲଳିତ ରଙ୍ଗୀ କୃଷ୍ଣଚୂଡ଼ା... ଯାହାର ରକ୍ତିମ ବିଳାସରେ ଆଷାଢ଼ର ଏଇ ନୀରବ, ମେଦୁର ମଧ୍ୟାହ୍ନ ଚପଳ ହୋଇଉଠିଛି ।

ନା, ସମ୍ପାଦକର ପୃଥିବୀରେ କୃଷ୍ଣଚୂଡ଼ା ଏକ ଅବାନ୍ତର ସୃଷ୍ଟି । ସମୁଦାୟ ପୃଥିବୀ ହୁଏତ ଉପହାସ କରିବ, ଖବରକାଗଜ ସ୍ତମ୍ଭରେ କୃଷ୍ଣଚୂଡ଼ା ବର୍ଣ୍ଣନା ।

କିନ୍ତୁ ଏପରି ରାଜନୀତିର କଣ ପରିକଳ୍ପନା ହୁଏନା, ଯେଉଁଥିରେ ଜୀବନର ଅର୍ଥ ଖାଲି ବଞ୍ଚିବା ନୁହେଁ, ଇକ୍ଷ୍ୟ ଖାଲି ସାମ୍ରାଜ୍ୟ ନୁହେଁ, ଆଧିପତ୍ୟ ନୁହେଁ, କ୍ଷମତା ନୁହେଁ, ଅନ୍ୟକୁ ଶୋଷଣ କରି ଅଭିବୃଦ୍ଧି ନୁହେଁ । ଯୋଉ ଜୀବନରେ କୃଷ୍ଣଚୂଡ଼ାର ମଧ୍ୟ ସ୍ଥାନ ଅଛି ।

Digitized by srujanika@gmail.com

ସଦାନନ୍ଦ ପୁଣି ଆସି ପ୍ରଫ୍‌ବିଡ଼ା ପାଖରେ ବସି ପଡ଼ିଲା ।

କିନ୍ତୁ ଏ ସଂକୀର୍ଣ୍ଣ କୋଣ ବିରୁଦ୍ଧରେ ମନ ଆଜି ତାର ଯେମିତି ବିପ୍ଳବ କରି ଉଠିଛି । କୃଷ୍ଣଚୂଡ଼ା ସେଇ ବିପ୍ଳବର ଗୈରିକ ପତାକା ଉଡ଼ାଇ ଦେଇ ଯାଇଛି ବାହାରର ପୃଥିବୀରେ ।

ସଦାନନ୍ଦ ଚଉକି ଛାଡ଼ି ଉଠି ଆସିଲା ସମ୍ମୋହିତ ହେଲା ପରି । ତା'ପରେ ଅଫିସ ଛାଡ଼ି ପଳାଇଗଲା ବାହାରକୁ ।

ବାହାରେ ବର୍ଷା ବନ୍ଦ ହୋଇ ଯାଇଛି । ସଦାନନ୍ଦ ଠିଆ ହେଲା ଆସି କୃଷ୍ଣଚୂଡ଼ାର ସେଇ ଗଛ ତଳେ । ତଳର ସାବ୍‌ଜା ଘାସ ଶେଯ ଉପରେ ପବନରେ ବିଛେଇ ହୋଇ ପଡ଼ିଛି କୃଷ୍ଣଚୂଡ଼ାର ନାଲି ପାଖୁଡ଼ା ।

ସଦାନନ୍ଦର ଦେହର ପ୍ରତି ଧମନୀରେ ଜାଗିଉଠିଲା ଯେପରି ଆଦ୍ୟ ଯୌବନର ମୃତ ଚପଳତା । ଗଛରେ ଚଢ଼ି ଇଚ୍ଛା ହେଲା ତା'ର ମନଭରି କୃଷ୍ଣଚୂଡ଼ା ତୋଳିବା ପାଇଁ ।

ଭିତରେ କିନ୍ତୁ, ସଦାନନ୍ଦ ଖୋଜି ପାଇଲା ନାହିଁ ସାହସ । ସଦାନନ୍ଦ ଏ ବୟସରେ ଗଛ ଚଢ଼ି କୃଷ୍ଣଚୂଡ଼ା ତୋଳୁଛି - ପୃଥିବୀ ଉପହାସ କରିବ । ସଦାନନ୍ଦ ଚାରିଆଡ଼କୁ ଚାହିଁଲା । ଚାରିଆଡ଼େ ମଣିଷ । ଚାରିଆଡ଼େ ଖାଲି ଅଗଣିତ ଘୃଣ୍ୟ କୁତ୍ସିତ ଦ୍ୱିପଦ ପଶୁ ।

ଏଇ ରମେଶ ଆସୁଛି, ଆସୁଛି ନିଶ୍ଚୟ କଣ ଗୋଟାଏ ନୂଆ ଅସୁବିଧାର ଅଭିଯୋଗ ନେଇ ।

ରମେଶ କହିଲା - ପ୍ରେସ୍ ବନ୍ଦ । ଆପଣ ଏଣେ ବୁଝୁଛନ୍ତି, କିନ୍ତୁ କାଲି କମ୍ପୋଜିଟରମାନେ କେମିତି ଦରମା ପାଇବେ କହନ୍ତୁ ତ ।

ସଦାନନ୍ଦ କହିଲା - ଜାଣେନା ।

ରମେଶ ପଚାରିଲା - ମାନେ ?

ସଦାନନ୍ଦ କହିଲା - ଜାଣେନା । ତମେ ଯାଅ ରମେଶ । ମୋତେ ଆଉ ବିବ୍ରତ କରନା ।

ରମେଶ ଅଭିଭୂତ ପରି ସେଠୁ ଚାଲି ଆସିଲା ।

କିଛି ସମୟ ପରେ ସଦାନନ୍ଦ ମଧ୍ୟ ଫେରି ଆସିଲା । ଚାରିଆଡ଼େ ମଣିଷ । ଗଛରେ ଚଢ଼ି କୃଷ୍ଣଚୂଡ଼ା ତୋଳିବା ପାଇଁ ସାହସ ହେଲା ନାହିଁ ତା'ର ।

ରାତି ଅନେକ ହୋଇଛି ।

ମେଘାକ୍ରାନ୍ତ ଆକାଶରେ ହୋଇଛି କୃଷ୍ଣାତିଥିର ମଳିନ, ବିଳମ୍ବିତ ଚନ୍ଦ୍ରୋଦୟ ।

ସେଇ ମଳିନ ଜ୍ୟୋତ୍ସ୍ନାର ଗୋଟିଏ ଫଳକ ପଡ଼ିଛି ଆସି ସୁପ୍ତା ତମସା ଉପରେ । ସଦାନନ୍ଦର ଆଖିରେ ନିଦ ନାହିଁ । ଦୁଇ ଆଖିରେ ତା'ର କୃଷ୍ଣଚୂଡ଼ାର ରକ୍ତିମ ଚପଳତା ।

ଏଇ ସେଇ ତମସା... ଯାହାର କବରୀରେ ସଦାନନ୍ଦ ଦିନେ ଖୋସି ଦେଇଥିଲା କୃଷ୍ଣଚୂଡ଼ାର ସ୍ତବକ ? ନା ଏ ତମସା, ସେ ନବବଧୂ ତମସା ନୁହେଁ, ଯାହାର କବରୀରେ

Digitized by srujanika@gmail.com

ସେଦିନ ପୁଞ୍ଜୀଭୂତ ହୋଇ ରହିଥିଲା ତମସାବୃତ ରାତ୍ରିର ମାୟା । ସେ ତମସା ମରିଗଲାଣି ।

ମଣିଷ ମରିଯାଏ, କୋଉଦିନ ନିଜର ଅଲକ୍ଷିତରେ ମରିଯାଏ । ତା'ପରେ ଯେଉଁ ଅବଶିଷ୍ଟ ଜୀବନ ପଡ଼ିରହେ ସେ ଖାଲି କ୍ରୀତଦାସର ବୈଚିତ୍ର୍ୟହୀନ ବଞ୍ଚିବା । ତମସା ମରିଯାଇଛି, ସଦାନନ୍ଦ ମରିଯାଇଛି ।

ସଦାନନ୍ଦ ବିଛଣା ଛାଡ଼ି ଅତି ସନ୍ତର୍ପଣରେ ଘରୁ ବାହାରିଗଲା । ସେଇ କୃଷ୍ଣଚୂଡ଼ା ଗଛ ।

ସୁପ୍ତା ପୃଥିବୀର ଶଯ୍ୟା ଉପରେ କୃଷ୍ଣଚୂଡ଼ା ଯେପରି ଚାମର ଦୋଳାଉଛି ।

ସଦାନନ୍ଦ ଗଛ ତଳେ ଆସି ଠିଆ ହେଲା । ଦେହରେ ଲୁଗାପଟା ଭିଡ଼ିଲା, ଗଛରେ ଚଢ଼ିବା ପାଇଁ, କିନ୍ତୁ ମନେହେଲା ତା'ର ସେ ଯେମିତି ଅଥର୍ବ, ପଙ୍ଗୁ ହୋଇଯାଇଛି । ଦେହରେ ପ୍ରତି ଅଙ୍ଗ ପ୍ରତ୍ୟଙ୍ଗରୁ ଆଗର ସେ ଜୀବନ୍ତ ଚପଳତା ମରିଯାଇଛି ।

ତଥାପି ସଦାନନ୍ଦ ଗଛରେ ଚଢ଼ିବାକୁ ଆରମ୍ଭ କଲା, ସମସ୍ତ ଶକ୍ତି ଓ ସାମର୍ଥ୍ୟ ପ୍ରୟୋଗ କରି ।

ହଠାତ୍ ପଛରୁ ଶୁଭିଲା... କୋନ୍ ହାୟ ?

ରାତି ବିଟ୍‌ର କନେଷ୍ଟବଳ । ବେକରୁ ପାଦ ପର୍ଯ୍ୟନ୍ତ ବର୍ଷାତୀ । ହାତରେ ଖଣ୍ଡେ ଠେଙ୍ଗା । ଓଠରେ ଖଣ୍ଡେ ବିଡ଼ି ।

ସଦାନନ୍ଦ ଗଛରୁ ଖସି ଆସିଲା ।

କନେଷ୍ଟବଳ ଟର୍ଚ୍ଚ ମାରିଲା ସଦାନନ୍ଦ ଉପରକୁ ।

'- ଓ ଆପଣ ! ଏତେ ରାତିରେ ?'

ସଦାନନ୍ଦ ଅପ୍ରତିଭ ହୋଇ କହିଲା - 'ନା - ଏମିତି - କିଛି ନୁହେଁ ।'

କନେଷ୍ଟବଳ ଆଉ କିଛି କହିବା ଆଗରୁ ସଦାନନ୍ଦ ଦ୍ରୁତପଦରେ ସେଠୁ ଚାଲିଆସିଲା ।

ମନେହେଲା ତା'ର ଏ ପୃଥିବୀ ମରିଯାଇଛି । ସଦାନନ୍ଦ ମରିଯାଇଛି । କୃଷ୍ଣଚୂଡ଼ା କେବଳ ସେଇ ଏକଦା ଛବିଳ ଜୀବନର ଅଶ୍ରୁଳ ସ୍ମାରକୀ ।

Digitized by srujanika@gmail.com

ନୟନପୁର ଏକ୍ସପ୍ରେସ୍

ଆସନ୍ନ ବର୍ଷାର ଅନ୍ଧକାର ପ୍ରାଗୈତିହାସିକ ସରୀସୃପ ପରି ଆକାଶକୁ ଗ୍ରାସ କରି ଯାଇଛି ।

ଷ୍ଟେସନ ରାସ୍ତାରେ ଚୁଲା କୁକୁରଗୁଡ଼ାଙ୍କର ସୁଦ୍ଧା ଦେଖାନାହିଁ । କିଏ କେଉଁଠି ଆତ୍ମରକ୍ଷା କଲେଣି । ବିଜୁଳି କେଇଥର ଲକ୍‌ଲକ୍ ହୋଇ ଖେଳିଗଲା ।

ମୁଣ୍ଡଟା ଅବିକା ଅନ୍ଧାରରେ ବାଡ଼େଇ ହୋଇ ଯାଇଥାନ୍ତା ରାସ୍ତାକଡ଼ର ଟେଲିଗ୍ରାଫ୍ ଲାଇନ୍ ଖୁମ୍ଭରେ ! ଅନ୍ଧାରରେ ନରେନ୍ଦ୍ର ବାଟ ଛାଡ଼ି ଅବାଟରେ ଚାଲୁଥିଲା ।

ଓଃ... ଆଉରି ଅଧେବାଟ ! ବର୍ଷା ପଡ଼ିଲା ପରା ! ବଡ଼ ବଡ଼ ବରକୋଳିଆ ଟୋପା ।

ବାରଟା ପଇଁଚାଳିଶ... ଫାଇଭ୍ ଡାଉନ୍ ଦୁଇଟା ସତାବନରେ, ଆଉ ତିନି ଘଣ୍ଟା ବାକୀ ! ଫାଇଭ୍ ଡାଉନ କୋଉଠି ହୋଇଥିବ ଅବିକା ? ମଧୁପୁର ? ଶାଙ୍କରେଲ୍ ? କମାର ଘାଟୀ ? ହିଂସ୍ର ଉତ୍ତେଜନାରେ ନରେନ୍ଦ୍ରର ଅବଶ ପାଦ ଦୁଇଟା ସତେଜ ଚଞ୍ଚଳ ହୋଇ ଉଠିଲା ।

ନାଃ... ଏତେ ଶୀଘ୍ର 'ସେଲ୍'କୁ ଫେରିବା ପାଇଁ ମନ ଡାକେନା । ଜୀବନର ଅସୁମାରି ରାତି ଭିତରେ ଏ ଗୋଟିଏ ସ୍ମରଣୀ । ରାତି ! ବର୍ଷାର ବେଗ ବଢ଼ି ଉଠିଛି, ତା ସହିତ ଝଡ଼ ବି ! ଝଡ଼ ଓ ବର୍ଷାର ଅପୂର୍ବ ଦ୍ୱନ୍ଦ୍ୱନୃତ୍ୟ, ଆଉ ବଜ୍ରର ମାଦଲ... ଜରାଜୀର୍ଣ୍ଣ, ଶିଥିଳ, ପଙ୍ଗୁ, ଅଥର୍ବ ସମାଜ ବିରୁଦ୍ଧରେ ବିଦ୍ରୋହର ବେଦଗାନ !

ବିଜୁଳିଟା ପୁଣି ଲକ୍ ଲକ୍ ହୋଇ ଖେଳିଗଲା । ବାଁ ହାତ ଗଳି ରାସ୍ତାରେ ବାଙ୍କିଗଲେ ଝୋଟକଳର ଶ୍ରମିକ ବସ୍ତି । ...ନିର୍ଜନ ! ରାତି ଦୁଇଟା ସିଫଟ୍‌ର ଶ୍ରମିକମାନେ ବର୍ଷା ଆସନ୍ନ ଦେଖି ମିଲ୍‌କୁ ଚାଲିଗଲେଣି କେତେବେଳୁ । ଇସ୍... ସିଗାରେଟ୍‌ଗୁଡ଼ା ବର୍ଷାରେ ଭିଜି କାଦୁଅ ହୋଇ ଗଲାଣି । ନନ୍‌ସେନସ୍ !

ଦୂରରେ ଗୋଟାଏ ଟ୍ରେନ୍‌ର ଶବ୍ଦ ଶୁଭୁଛି । ନରେନ୍ଦ୍ର ଚମକି ପଡ଼ିଲା । ଅପ୍ ନା ଡାଉନ୍ ? ଅପ୍ ନିଶ୍ଚୟ, ମଇନା ନଦୀର ପୋଲ ଉପରେ ଆସୁଛି । ମାଲଗାଡ଼ି ଗୋଟାଏ ହୋଇଥିବ ! ଅବିକା ତ ଆଉ ପାସେଞ୍ଜର ନାହିଁ । ସକାଳ ପାଞ୍ଚଟା ଚାଳିଶିରେ ଫାଇଭ୍ ଡାଉନ୍... ନୟନପୁର ଏକ୍‌ସପ୍ରେସ !

ନୂଆ କାନାଡ଼ିଆନ୍ ମେସିନ୍ ! ଘଣ୍ଟାକୁ ବେଗ ଅଶୀମାଇଲ । ଅନ୍ଧକାର ପୃଥିବୀ ଉପରେ ଧାଇଁ ଚାଲିଛି ଲୌହ ଦୈତ୍ୟ ପରି !

ନରେନ୍ଦ୍ରର ପାଦ ଦୁଇଟା ରହିଗଲା !

ଚାରିଶ ବା'ଓରୀ ମାଇଲ ଖୁଣ୍ଟୀ ।

Digitized by srujanika@gmail.com

ତାପରେ ମେଘାବ୍ରିଜ ।

ନରେନ୍ଦ୍ରର ମୁଣ୍ଡଟା କିପରି ବୁଲାଇ ଦେଲା । ତା'ପରେ ଆଉ ଭାବି ହୁଏନା । ନାରୀକଣ୍ଠରେ ଆର୍ତ୍ତକ୍ରନ୍ଦନ, ଶିଶୁର ଚିତ୍କାର, ବୃଦ୍ଧର ଆର୍ତ୍ତନାଦ, ବୃଦ୍ଧାର ମରଣ ଯନ୍ତ୍ରଣା... ମୃତ୍ୟୁର ଅଟ୍ଟହାସ ।

କାଲି ଖବରକାଗଜର ସକାଳ ସଂସ୍କରଣରେ ବଡ଼ ବଡ଼ ହରଫରେ ପ୍ରକାଶ ପାଇବ ''ନୟନପୁର ଏକ୍ସପ୍ରେସ୍‌ର ଶୋଚନୀୟ ଦୁର୍ଘଟଣା !''

ଏ ହତ୍ୟା ! ନାରୀହତ୍ୟା ! ଶିଶୁହତ୍ୟା ! ହଁ ହଁ ହତ୍ୟା ନୁହେଁ ତ ଆଉ କ'ଣ ? କେଉଁ ନିରୀହ ବୃଦ୍ଧ ହୁଏ ତ ଢାକିଜୁକି ହୋଇ ବେଞ୍ଚଟା ଉପରେ ଢୁଳାଉଥିବ ! ନିଦଭରା ଆଖିରେ ତଥାପି ଲାଗିରହିଥିବ ଆସନ୍ତା କାଲିର ସାତରଙ୍ଗୀ ଇନ୍ଦ୍ରଧନୁର ସ୍ୱପ୍ନ - ''ତୃତୀୟ ଶ୍ରେଣୀର ଗୋଟିଏ ବଗୀ, ଗୋଟାଏ ଇଣ୍ଟରକ୍ଲାସ୍ ବଗୀ ଭିତରକୁ ଟେଲିସ୍କୋପ କରି ଯାଇଥିଲା ।'' ବିଶେଷ ସମ୍ବାଦଦାତାଙ୍କ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ।

ଏ ହତ୍ୟା ନିର୍ମମ, ପାଶବିକ, ଜଘନ୍ୟ । ତଥାପି ଇତିହାସର ପୃଷ୍ଠା ଲେଉଟାଇ ଦେଖ, ଦେଖିବ ଯେ ଯେତିକି ନିର୍ମମ ନରହତ୍ତା, ତା ପାଇଁ ସେତିକି ବେଶି ଜୟଗାନରେ ପୃଷ୍ଠା ପରେ ପୃଷ୍ଠା ମୁଖରିତ ହୋଇ ଉଠିଛି । ଆଲେକଜାଣ୍ଡାର, ଅଶୋକ, ଖାରବେଳ, ଶିବାଜୀ, ନେପୋଲିଅନ୍, ହିଟଲର୍ ।

ଶ୍ରମିକ ବସ୍ତିର ଗୋଟିଏ କୁଡ଼ିଆରେ ଧୂଆଁଳିଆ ଲଣ୍ଠନଟାଏ ଜକୁଛି ମିଞ୍ଜି ମିଞ୍ଜି ହୋଇ । କିଏ ଜଣେ ଓଠରେ ଖଣ୍ଡେ ପିଙ୍କା ଲଗାଇ ବସିଛି କୁଡ଼ିଆ ଦୁଆରେ । ପିଙ୍କା ନିଆଁ ଦପ୍ ଦପ୍ କରୁଛି ଅନ୍ଧାରରେ । କିଏ ! କାହାଲାଗି ଏ ପ୍ରତୀକ୍ଷା ?

ନରେନ୍ଦ୍ର ଡାକିଲା... କିଏ ?

ଲୋକଟା ଜଣ୍ଡ ଚିହ୍ନି ପାରିଲା ହୁଏତ । ଜବାବ ଦେଲା ଛତିଶଗଡ଼ି ଭାଷାରେ... ''ମୁଁ ବାବୁ ! କମଳାର ମା ଏ ଝଡ଼ବର୍ଷାରେ କେମିତି ଯେ ମିଲ୍‌ରୁ ଫେରିବ ! ତାକୁ ଅନାଇଁ ବସିଛି ।''

ନରେନ୍ଦ୍ରର ସାରାଦେହ ବର୍ଷାପାଣିରେ ଭିଜି ଜୁଡୁବୁଡୁ ହୋଇଥିଲା । କାଦୁଅ ରାସ୍ତା ଉପରୁ ନରେନ୍ଦ୍ର ଉଠିଯାଇ ସେଇ କୁଡ଼ିଆ ଭିତରକୁ ପଶିଗଲା । ''ବିନ୍‌ଦିଆ ବିଡ଼ି ରଖିନୁ କିରେ ?'' ନରେନ୍ଦ୍ର ପଚାରିଲା ।

ଏ ଅସମୟରେ ପୁଣି ଏ ଅବସ୍ଥାରେ ନରେନ୍ଦ୍ରକୁ ଦେଖି ବିନ୍‌ଦିଆ ପ୍ରଥମେ ସାମାନ୍ୟ ବିସ୍ମିତ ହୋଇଥିଲା ! କିନ୍ତୁ ଏ ବାବୁମାନଙ୍କ କଥା ବିନ୍‌ଦିଆକୁ ବେଶ୍ ଜଣା ! ଏମାନଙ୍କ ପାଇଁ ଦିନ ନାହିଁ, ରାତି ନାହିଁ, ଝଡ଼ ନାହିଁ, ବର୍ଷା ନାହିଁ । ବିନ୍‌ଦିଆ ଆଉ କିଛି ନ କହି କୁଡ଼ିଆର ଗୋଟାଏ କୋଣରୁ କେଇଖଣ୍ଡ ବିଡ଼ି କାଢ଼ି ନରେନ୍ଦ୍ର ହାତକୁ ବଢ଼ାଇ ଦେଲା । ସତ୍ତସନ୍ତିଆ ଚଟାଣ । ଖଣ୍ଡେ ହେଁସ ଉପରେ ଢାକିଜୁକି ହୋଇ ଶୋଇଥିଲେ ବିନ୍‌ଦିଆର ସାନ ସାନ ଝିଅ

Digitized by srujanika@gmail.com

କମଳା ଆଉ ବିମଳା । କମଳାମାର ସ୍ଥାନ ଖାଲି ପଡ଼ିଥିଲା ।

ନରେନ୍ଦ୍ର ଲଣ୍ଡନରୁ ଖଣ୍ଡେ ବିଡ଼ିରେ ନିଆଁ ଲଗେଇଲା । ନୟନପୁର ଏକ୍ସପ୍ରେସ୍‌ରେ କେଉଁ ଜଣେ ସ୍ତ୍ରୀ ହୁଏ ତ ଚଢ଼ିଥିବ, କୌଣସି ଗୋଟିଏ କମ୍ପାର୍ଟମେଣ୍ଟରେ । ସାଙ୍ଗରେ ତାର ହୁଏତ ଗୋଟିଏ ଛୋଟ ଶିଶୁ ! ଲକ୍ଷ୍ୟ ତାର ହୁଏତ ମସୁଦ୍‌ଗଡ଼, ରାତି ଦୁଇଟା ସତାବନରେ ପହଞ୍ଚିବ ନୟନପୁର ଏକ୍ସପ୍ରେସ୍ ! ଶିଶୁଟି ନିଶ୍ଚିନ୍ତରେ ଶୋଇ ପଡ଼ିଛି ବାର୍ଥର ଗୋଟଏ କୋଣକୁ, ସ୍ତ୍ରୀଟିର ଆଖିକୁ କିନ୍ତୁ ନିଦ ନାହିଁ । ଝରକାର କାଚ ପକାଇଦେଇ ଖାଲି ଚାହିଁ ରହିଛି ବାହାରର ଅନ୍ଧକାର ଭିତରକୁ । ନୟନପୁର ଏକ୍ସପ୍ରେସ୍ ଚାଲିଛି ଘଣ୍ଟାରେ ଅଶୀମାଇଲ !

ମସୁଦ୍‌ଗଡ଼ରେ ହୁଏତ ସ୍ୱାମୀ ତାର, ଘର ଛାଡ଼ି, ସଂସାର ଛାଡ଼ି, ଦିନପରେ ଦିନ ଗଧ ଖଟଣି ଖଟନ୍ତି, ସଂସାର ପ୍ରତିପାଳନ ପାଇଁ । ଏ ଝଡ଼ରାତିରେ ସେ ଷ୍ଟେସନକୁ ଆସିଥିବେ ତ ! ହଁ ଆସିଥିବେ ନିଶ୍ଚୟ । ଚିଠି ଲେଖିଥିଲେ, ବହୁକଷ୍ଟରେ ଖଣ୍ଡେ ଭଡ଼ା ଘର ପାଇଛନ୍ତି । ଘର ସାମନାକୁ କୁଆଡ଼େ ଖଣ୍ଡେ ଛୋଟ ବଗିଚା ଅଛି । ସୁନୁ ସକାଳେ ସଞ୍ଜରେ ଖେଳିବ ସେଠି । କିଛି ଫୁଲ ଲଗାଇ ଦେଲେ ବି ଚଳିବ । ଫୁଲ ନ ହେଲେ ବେଣୀବନ୍ଧା ଚଳେନା । ନୟନପୁର ଠାକୁର ବଗିଚାରେ ସିନା ଅସୁମାରି ଫୁଲ ! ଏଇ ମେଘା ବ୍ରିଜ୍ ପଡ଼ିଲା ! ନୟନପୁର ଏକ୍ସପ୍ରେସ୍‌ରେ ଯେଉଁ ଯାତ୍ରୀମାନେ ଶୋଇବା ପାଇଁ କୌଣସି ସୁବିଧା କରିପାରି ନ ଥିବେ, କୌତୂହଳରେ ଝରକାବାଟେ ସେମାନେ ଚାହିଁ ଦେଖୁଥିବେ ତଳର ମେଘାବ୍ରିଜ୍ ! ତା ପରେ ମସୁଦ୍‌ଗଡ଼ ! ଅନେକ ଯାତ୍ରୀ ଓହ୍ଲାନ୍ତି ସେଠି । ସବୁ କମ୍ପାର୍ଟମେଣ୍ଟ୍ ହଠାତ୍ କର୍ମବ୍ୟସ୍ତତାରେ ଚଞ୍ଚଳ ହୋଇଉଠେ ! ସେ ସ୍ତ୍ରୀ ଲୋକଟି ନିଦ୍ରିତ ଶିଶୁଟିକୁ ଉଠାଉ ଥିବ... ସୁନୁ, ସୁନୁ, ହେଇ ବାପା ଆସିଛନ୍ତି... ଉଠ୍ ଉଠ୍ ଦେଖ୍ !

ତା ପରେ । ତା'ପରେ ଚାରିଶ ବାସ୍ତରି ମାଇଲ ଖୁଣ୍ଟୀ !

ଫିସ୍‌ପ୍ଲେଟ ଉଠିଯାଇଛି । ନୟନପୁର ଏକ୍ସପ୍ରେସ୍... ନରେନ୍ଦ୍ର ଝଡ଼ପରି କୁଡ଼ିଆ ବାହାରକୁ ଧାଇଁ ପଳାଇଲା ।

ବସ୍ତି ମଝିରେ ଦସ୍ତା ଛାଉଣୀ ଗୋଟାଏ ଭଙ୍ଗାଘର । ସେଇଟା 'ସେଲ୍' ।

ନରେନ୍ଦ୍ର ଦରଜା ଶିକୁଳି ହାତରେ ଝଣଝଣ କଲା । ଶ୍ୟାମଳ ଭିତରୁ ଦରଜାରେ ଶିକୁଳି ନ ଦେଇ ଶୋଇ ପଡ଼ିଛି । ବର୍ଷାର ବେଗ କମି ନାହିଁ, ଝଡ଼ ତଥାପି ସେମିତି ସୁ ସୁ ଗର୍ଜୁଛି ! ନରେନ୍ଦ୍ରର କଣ୍ଠଟା ଶୋଷରେ ଶୁଖିଲା ଲାଗୁଛି - ନରେନ୍ଦ୍ର ଘର କୋଣରୁ ପାଣି କଳସୀଟା ଉଠାଇ ଆଣିଲା । କଳସୀରେ ପାଣି ନଥିଲା । ନରେନ୍ଦ୍ର ହିଂସ୍ରଭାବରେ ଗୋଟାଏ ଗୋଇଠା ମାରି କଳସୀଟା ବାହାରକୁ ଫିଙ୍ଗିଦେଲା ।

ମେଘାବ୍ରିଜ୍ ପାଖ ଚାରିଶବାସ୍ତରୀ ମାଇଲରୁ ଫିସ୍‌ପ୍ଲେଟ୍ ଉଠାଇବାର ଦାୟିତ୍ୱ ନେଇ ଆଜିକି ସାତଦିନ ହେଲା ସେ ବୁଲୁଥିଲା ବାହାରେ ବାହାରେ । ଆଜି ସେ ଦାୟିତ୍ୱ ଶେଷ କରି ସେ ଫେରୁଥିଲା । ଅଥଚ ଶ୍ୟାମଳ କି ବୁଟ୍ । କଳସୀରେ ଟୋପାଏ ପାଣି ସୁଦ୍ଧା ରଖିନାହିଁ ।

Digitized by srujanika@gmail.com

ରାସ୍କେଲ୍ । ନରେନ୍ଦ୍ରର ହଠାତ୍ ମନେପଡ଼ିଲା ନିଜ ସ୍ତ୍ରୀ କଥା । ବିଚାରୀକୁ ସେ ନିଜେ ଜୋର କରି ତଡ଼ି ଦେଇଥିଲା ଦିନେ ।

''ମଞ୍ଜୁ ମୁଁ ଚାହେଁ ସହକର୍ମିଣୀ, ଶଯ୍ୟା-ସଙ୍ଗିନୀ ନୁହେଁ ।'' ମଞ୍ଜୁ କାନ୍ଦି କାନ୍ଦି ଜବାବ ଦେଇଥିଲା... ''ମୋତେ କ୍ଷମାକର, ଏସବୁ ହେବନି ମୋ ଦ୍ୱାରା । ପିସ୍ତଲ, ଗୁଳି, ବୋମା ଏସବୁ ଦେଖିଲେ ମୋ ଛାତି ଥରିଉଠେ ।''

ନରେନ୍ଦ୍ର ସେ ଦିନ ରୁକ୍ଷ କଣ୍ଠରେ ଜବାବ ଦେଇଥିଲା... ''ଆଗାମୀ ବିପ୍ଳବ ବିରୁଦ୍ଧରେ ତୁମର ଏ ହୀନ ବିଶ୍ୱାସଘାତକତା ମୁଁ ସହ୍ୟ କରିପାରିବି ନାହିଁ ମଞ୍ଜୁ । ତୁମକୁ ହୁଏତ ଏ ଅଣ୍ଡରଗ୍ରାଉଣ୍ଡରେ ଯୋଗ ଦବାକୁ ପଡ଼ିବ । ନଚେତ୍ ଏଠାରେ ତମର ସ୍ଥାନ ନାହିଁ ।''

ବହୁ ଲାଞ୍ଛନା, ଉପେକ୍ଷା ମଞ୍ଜୁ ଅନେକଦିନ ମୁହଁ ବୁଜି ସହିଛି ସର୍ବଂସହା ମାଟିପରି । କିନ୍ତୁ ସହିବା ସୀମାଲଙ୍ଘନ କରିଥିଲା, ଯେଉଁଦିନ ନରେନ୍ଦ୍ର ପ୍ରାୟ ଜୋର ଜବରଦସ୍ତ କରି ମଞ୍ଜୁକୁ ଘରୁ ତଡ଼ି ଦେଇଥିଲା ନାନା ଲାଞ୍ଛନା କରି ।

ସେ ଦିନ ରାତି ପାହାନ୍ତା ପାହାନ୍ତା କରି ନରେନ୍ଦ୍ର ଘରକୁ ଫେରିଥିଲା କୁଆଡୁ । ମଞ୍ଜୁ ଏ ଅନିୟମିତତା, ଦେହପ୍ରତି ଏ ଅନାଚାର, ଏମିତି ଆଉ କଣ ଦି କଥା କହିବାରୁ, ଉପବାସିନୀ ମଞ୍ଜୁପ୍ରତି ନରେନ୍ଦ୍ର ସେଦିନ ଅସଭ୍ୟ ବର୍ବର ପରି ବ୍ୟବହାର କରିଥିଲା । ଆଜି ସେ କଥା ଭାବିଲେ ବାସ୍ତବିକ୍ ଲଜ୍ଜାଲାଗେ । ତାପରେ ମଞ୍ଜୁ ତା ବାପଘରକୁ ଚାଲିଯାଇଥିଲା କୌଣସି ପ୍ରତିବାଦ ନ କରି । ନରେନ୍ଦ୍ରର ଶ୍ୱଶୁର ନୟନପୁର ଗୁଡସ୍ୱାର୍ଡରେ ଜଣେ କିରାଣୀ । ସେଇ ନୟନପୁରରୁ କିଛିଦିନପରେ ନରେନ୍ଦ୍ର କେବଳ ଚିଠିରେ ଜାଣିଥିଲା ଗୋଟିଏ କନ୍ୟା ସନ୍ତାନର ଜନ୍ମକଥା । ମାତ୍ର ସେ କେବେ ଭୁଇରେ ସୁଦ୍ଧା ସେ ସବୁ ଦୁର୍ବଳତା ମନରେ ସ୍ଥାନ ଦେଇ ନ ଥିଲା । ମଞ୍ଜୁକଥା ସେ ଭୁଲିଯାଇଥିଲା ଅନେକ ଦିନୁ । କିନ୍ତୁ ଦିନେ ଦିନେ ଏମିତି ଅସହାୟ, ଅତ୍ୟାଚାରିତ ମୁହୂର୍ତ୍ତରେ ମନେପଡ଼େ ସେବାମୟୀ ମଞ୍ଜୁ କଥା ! ମନ ତାର ଅସ୍ୱାଭାବିକ ଭାବରେ ଆର୍ଦ୍ର ହୋଇଯାଏ ! ଇଚ୍ଛା ହୁଏ ନାଗବନ୍ଧନରୁ ମୁକ୍ତି ପାଇ କେଉଁଠି ବିପୁଳ ପୃଥିବୀର କେଉଁ ନାମହୀନ ସଂକୀର୍ଣ୍ଣ କୋଣରେ ଛୁଟିର ଦୀର୍ଘଶ୍ୱାସ ମାରିବା ପାଇଁ । ସେ ମଧ୍ୟ ଅତୀତର ସବୁ ଦୁର୍ଘଟଣା ପାଇଁ ଅନୁତାପ କରି ମଞ୍ଜୁ ପାଖକୁ ଫେରି ଆସିବା ଲାଗି ଚିଠି ଲେଖିବାର ଚେଷ୍ଟା କେତେବାର କରିଛି । ମାତ୍ର ସେଥିରେ ବାଧା ଦେଇଥିଲା ତାର ପୌରୁଷ ଓ ଅଭିମାନ !

ଶ୍ୟାମଳ ଉଠି ବସିଲା । ନରେନ୍ଦ୍ରକୁ ନୀରବ ଦେଖି ଶ୍ୟାମଳ ପଚାରିଲା... ''କେତେବେଳେ ଫେରିଲୁ ?''

ନରେନ୍ଦ୍ର ବାସ୍ତବତା ଭିତରକୁ ଫେରିଆସି ଶାନ୍ତ କଣ୍ଠରେ ଜବାବ ଦେଲା... ''ମେଘା ବ୍ରିଜ ଚାରିଶ ବାସ୍ତରୀ ମାଇଲ ପୋଷ୍ଟ ପାଖରୁ ଛ'ଟା ଫିସ୍ ପ୍ଲେଟ ଉଠାଇ ନେଇ ଫିଙ୍ଗି ଦେଇଛି ମେଘା ଭିତରକୁ । ଫାଇଭ୍ ଡାଉନ୍ ମସୁଦ୍‌ଗଡ଼ରେ ଆରାଇଭାଲ୍ ଦୁଇଟା ସତାବନ୍ !''

ଶ୍ୟାମଳ ଆନନ୍ଦରେ ଗୋଟାଏ ଅସ୍ପୁଟ ଚିତ୍କାର କରି କହିଲା ''ସେଥିରେ ଆଜି ନେତା

Digitized by srujanika@gmail.com

ସାହେବ ଆସୁଛନ୍ତି, କାଲି ଏଠି ଶ୍ରମିକ ସଭାରେ ଭାଷଣ ଦେବାପାଇଁ ! ବିପ୍ଳବର ଐତିହାସିକ ଭୂମିକା ବିରୁଦ୍ଧରେ ଷଡ଼ଯନ୍ତ୍ର କରିବାର ଶାସ୍ତି କି ଭୀଷଣ, ନେତାସାହେବ ଠିକ୍ ବୁଝିଯିବେ ଏଥର ! ଜାଣ ନରେନ୍ଦ୍ର, କେତେ କଷ୍ଟରେ ଦେହର ବିନ୍ଦୁ ବିନ୍ଦୁ ଝାଳ ସାଙ୍ଗରେ ରକ୍ତ ମିଶାଇ ମୁଁ ଏ ଶ୍ରମିକ ଇଉନିୟନ ଗଢ଼ିଥିଲି ଏଠି; କିନ୍ତୁ ମିଲ୍‌ମାଲିକ, ପୁଞ୍ଜିପତିମାନଙ୍କର ଦଲାଲି କରି ବିପ୍ଳବକୁ ଭ୍ରଷ୍ଟ କରିବା ପାଇଁ ସେମାନେ ବସିଥିଲେ ଏଠି ଆଉ ଗୋଟିଏ ସମାନ୍ତରାଳ ଅନୁଷ୍ଠାନ ଗଢ଼ିବା ପାଇଁ ! Welldone ନରେନ୍ଦ୍ର, ବ୍ରାଭୋ !''

ନରେନ୍ଦ୍ର କ୍ଲାନ୍ତ ଭାବରେ ଖଣ୍ଡେ କାନଭାସ୍ ଖଟିଆ ଉପରେ ସେଇ ଭିଜାଲୁଗା ଜାମା ପିନ୍ଧି ଗଡ଼ିପଡ଼ିଲା । ମୁଣ୍ଡ ଉପର ସେଲ୍‌ଫରେ ଟାଇମପିସ୍‌ରେ ବାଜିଥିଲା ସାଢ଼େ ଦୁଇଟା !

ଆଉ ସତେଇଶ ମିନିଟ୍ ।

ନରେନ୍ଦ୍ର ପାଗଳ ପରି ବାହାରକୁ ଛୁଟି ପଳାଇଲା ! ଝଡ଼ର ଗର୍ଜ୍ଜନ, ତାଇଁ ତାଇଁଆ ବର୍ଷା, ଅଚାନକ ବର୍ଷା ହଠାତ୍ ମାତି ଉଠିଲା । ଆକାଶ ଆଜି ମନଭରି କାନ୍ଦୁଛି । ଆକାଶ ଆଜି ପାଗଳ ! ଉପାୟ ?

ଆଉ ବାଇଶ୍ ମିନିଟ୍ ।

ବିନ୍‌ଦିଆ କୁଡ଼ିଆରେ ଆଲୁଅ ନାହିଁ । କମ୍‌ଲୀର ମା ହୁଏତ ଫେରି ଆସିଲାଣି ।

ନରେନ୍ଦ୍ର ପୁଣି 'ସେଲ୍' ଭିତରକୁ ଫେରି ଆସିଲା ।

ଦୁଇଟା ପଇଁଚାଳିଶ୍ !

ଆଉ ବାରମିନିଟ୍ ବାକୀ !

ଶ୍ୟାମଳ କହିଲା... ''ନରେନ୍ଦ୍ର, କାଲି ଆମକୁ ଗୋଟାଏ ବଡ଼ ଧରଣର ଶ୍ରମିକସଭା ଆୟୋଜନ କରିବାକୁ ପଡ଼ିବ । କଣ କହୁଛ ?''

ଦୁଇଟା ସତଚାଳିଶ !

ଆଉ ଦଶମିନିଟ୍ ବାକି ।

ନରେନ୍ଦ୍ର ମୁହଁମାଡ଼ି କାନଭାସ୍ ଖଟଟା ଉପରେ ପଡ଼ିଗଲା । ନୟନପୁର ଏକ୍ସପ୍ରେସ୍ ନରେନ୍ଦ୍ରର ମୁଣ୍ଡ ଭିତରେ ଛୁଟି ଚାଲିଥିଲା, ଘଣ୍ଟାକୁ ଅଶୀ ମାଇଲ ବେଗରେ... ନିର୍ମ୍ମମ, ନିଷ୍କରୁଣ, ନିଷ୍ଠୁର ।

Digitized by srujanika@gmail.com

ଅଷ୍ଟ୍ରେଲିଆ

ପକେଟଟା ଫୁଟା ।

ଗୋଟିଏ କୋଣରେ ତାର ପଡ଼ିଛି ସେଇ ଅଚଳ ସୁକିଟା ।

ଦୁଇଶକୋଟୀ ମଣିଷର ଧନଧାନ୍ୟଶାଳୀ ପୃଥିବୀରେ ସମ୍ବଳ କେବଳ ଗୋଟାଏ ଅଚଳ ଚାରଣୀ !

ଚା ଦୋକାନୀଟା ବେଶ୍ ଭଦ୍ର କିନ୍ତୁ, ସକାକୁ ତିନି କପ୍ ଚା ବାକୀ ଦେଲାଣି !

ସିଗାରେଟ୍ ଦୋକାନୀଟା ମଧ୍ୟ ମଣିଷର ମନର ଦୁଃଖ ବୁଝେ । ବାକୀ ସିଗାରେଟ୍ ପଇସା ପାଇଁ ଛିଦ୍ ଧରେନା ।

ରାସ୍ତା... ସହରର ବଡ଼ ରାସ୍ତା । ଉପର ଦେଇ ତାର ବହି ଚାଲିଛି ମଣିଷର ପ୍ରବାହ । କେତେ ଆଶା, କେତେ ସ୍ୱପ୍ନ ନେଇ ସକାଳ ହେଲେ ଏଇ ବଡ଼ରାସ୍ତା ଉପରେ ଛୁଟି ଚାଲନ୍ତି, ମଣିଷ ପରେ ମଣିଷ, ଅଗଣିତ ମଣିଷ ।

ମୁଁ ବି ଭାସି ଚାଲିଛି ସେଇ ମଣିଷର ସୁଅରେ । ସ୍ୱପ୍ନ ମୋର ଅଷ୍ଟ୍ରେଲିଆ... ସୁଦୂରର ଅଷ୍ଟ୍ରେଲିଆ । ଚୂଆ ସୁନାଖଣିର ସନ୍ଧାନ କୁଆଡ଼େ ମିଳିଛି ସେଠି !

ଆଉରି ବି ସ୍ୱପ୍ନ ଅଛି ମୋର । ବିରାଟ କମ୍ପାନୀ 'ଫ୍ଲୋଟ୍' କରିଚି, ମୂଳଧନ ତାର ଲକ୍ଷ ଲକ୍ଷ ଟଙ୍କା । ଅଷ୍ଟ୍ରେଲିଆର ସ୍ୱର୍ଣ୍ଣ ଅଞ୍ଚଳରେ । ସୁନାର ସନ୍ଧାନ କରିବା ପାଇଁ ନେଇଛି ମନୋପଲୀ ।

ଅଷ୍ଟ୍ରେଲିଆ ! ସୁଦୂରର ଅଷ୍ଟ୍ରେଲିଆ ! ଯୋଉଠି କୁର୍ଲଗାର୍ଲିର ସୁନାଖଣିରୁ ଟିମ୍‌ନୀ ବାଟେ କଳାଧୂଆଁ ବାହାରେ କୁଣ୍ଡଳୀ ମୋଡ଼ି । ଯୋଉଠି ଅରମା ବାଲୁମୟ ପ୍ରାନ୍ତରରେ ଯାଯାବର ମେଷପାଳକ ପଥ ହରାଏ, ଅନ୍ଧାର-ଝଡ଼ ରାତିରେ !

ରାସ୍ତାର ଧାରେ ଧାରେ ଚାଲିଛି ନଗ୍ନ ବୁଭୁକ୍ଷୁ, କାଙ୍ଗାଳର ଶୋଭାଯାତ୍ରା... ବୃଦ୍ଧ, ତରୁଣ, ବାଳକ, ଶିଶୁ, ତରୁଣୀ, ବୃଦ୍ଧା, ପ୍ରୌଢ଼, ଚକ୍ଷୁଷ୍ମାନ୍, ଚକ୍ଷୁଷ୍ମତୀ, ଦୃଷ୍ଟିହୀନ, ଦୃଷ୍ଟିହୀନା, ସ୍ୱାସ୍ଥ୍ୟବାନ, ସ୍ୱାସ୍ଥ୍ୟବତୀ, ରୁଗ୍‌ଣ ଓ ରୁଗ୍‌ଣା...

''ଆଲ୍ଲା ତେରା ଭଲା କରେ...''

''ଭଗବାନ ତମର ମଙ୍ଗଳ କରିବେ ବାବୁ...''

ଭଗବାନଙ୍କର ଆଶୀର୍ବାଦ, ଆଲ୍ଲାର ମେହରବାନୀ, ପଇସା ଅଧଲାରେ ବିକ୍ରି ହେଉଛି । ହାୟ ଆଲ୍ଲା ପୃଥିବୀରେ ସବୁଠୁ ଶସ୍ତା, ତମର ମେହର୍‌ବାନୀ !

ସେଇ ବିଜୁଳି ଆଲୁଅର ଖୁଣ୍ଟ ଦେହରେ ଆଉଜି ଠିଆ ହୋଇଚି ଯେଉଁ ପଙ୍ଗୁ, କୁଷ୍ଠ

Digitized by srujanika@gmail.com

ବ୍ୟାଧିଗ୍ରସ୍ତ, ''ଆଲ୍ଲାର ମେହେରବାନୀ''ର ସୌଦାଗର । ଝୁଲୀରେ ତାର ଆଲ୍ଲାର ମେହରବାନୀର ଅଫୁରନ୍ତ ପଣ୍ୟ । ମୁଣ୍ଡରେ ଫେଜ୍ ଟୋପିଟିର, ପହିଲେ କଣ ରଙ୍ଗ ଥିଲା, ଆଜି ଠିକ୍ କହି ହେବନାହିଁ ତା ।

ବାର୍ଦ୍ଧକ୍ୟର ଲକ୍ଷ ଲକ୍ଷ ଜଟିଳରେଖା ମୁହଁ ଉପରେ ତାର । ଆଖି ଦୁଇଟି ଶେତା, ପାଣି ଝରୁଛି । ଦେହରେ ଗୋଟାଏ ଛିଣ୍ଡା, କଳା କୋଟ୍... କାହାର କେବେକାର ପରିତ୍ୟକ୍ତ ଛିଣ୍ଡା, ମଇଳା କୋଟ୍ ।

''ଆଲ୍ଲା ତେରା ଭଲା କରେଗା ବେଟା ।''

ପାଖରେ ତାର ଆଉ ଜଣେ ବୃଦ୍ଧା ବି ମେଲିଛି ତାର ପଣ୍ୟର ଭଣ୍ଡାର, ଫୁଟ୍‌ପାଥ ଉପରେ ଖଣ୍ଡେ ଛିଣ୍ଡା ଅଖା ବିଛାଇ ।

''କୋଟୀ ପରମାୟୁ ତୋର ହେବ ବାପ ।''

ବୃଦ୍ଧାର ଭିନ୍ନ ବ୍ୟବସାୟ, ବୃଦ୍ଧାର ପଣ୍ୟ, 'କୋଟି ପରମାୟୁ' । ମୋ ଆଗରୁ କେତେଜଣ ଗରାଖ ବି ଆସି, କୋଟି ପରମାୟୁ କିଣି ସାରିଛେଣି । ସାମନାରେ ତାର ଖଣ୍ଡେ କଛେଇଛଡ଼ା ଟିଣବାଟୀ ଭିତରେ ପଡ଼ିଚି, ଦୋପଇସୀ ପଇସା ହୋଇ, ତିନିଅଣା ପଇସା... କୋଟୀ ପରମାୟୁର ମୂଲ୍ୟ ।

ଫୁଟା ପକେଟରେ ଅଚଳ ଚାରଣୀ ।

ଆଲ୍ଲାର ମେହେରବାନୀ ନା - କୋଟି ପରମାୟୁ ?

ତା ଠୁଁ କପେ ଚା ଭଲ !

ସନ୍ଧ୍ୟାର ଅନ୍ଧାରରେ ଅଚଳ ସୁକୀଟା ନିଶ୍ଚୟ ଯେ କୌଣସି ଚା ଦୋକାନରେ ଚଳିଯିବ !

ଗୋଟାଏ ଗଳି ରାସ୍ତା ଭିତରକୁ ଚାଲିଗଲି ।

ସକାଳ ସୁନ୍ଦର ନରମା ଖରା, ଶରତର ସ୍ୱଚ୍ଛ ସୁନ୍ଦର ଉଦାର ଆକାଶ, ନବବଧୂର ବ୍ରୀଡ଼ାସ୍ନିଗ୍ଧ ଶୁଭଦୃଷ୍ଟି ପରି !

ଗେଙ୍ଗୁଟାବିଛା ନାଲି ଗଳି ରାସ୍ତା ଉପରେ ପାଖର ଘରଗୁଡ଼ାକର ଛାଇ ପଡ଼ିଚି ଡେରଛା ହୋଇ, ଜନହୀନ ଗଳିରାସ୍ତା ।

ପାର୍ଥ୍ ବନ୍ଦର, ଅଷ୍ଟ୍ରେଲିଆର ପାର୍ଥ୍ ବନ୍ଦର । ବମ୍ବେରୁ ଜାହାଜ ଆସି ଭିଡ଼ିଲା ପାର୍ଥ୍ ବନ୍ଦରରେ ।

ଉଦାର, ବିସ୍ତୃତ, ସୀମାହୀନ, ଦିଗହୀନ ଭାରତମହାସାଗର । ନେଳି ଲହରୀର ଧଳାଚୂଡ଼ା ଉପରେ ଭାସି ଯାଉଛନ୍ତି ଧଳା ଗଲ୍ ପକ୍ଷୀ । ଉତ୍‌କ୍ଷିପ୍ତ ଲହରୀର ଜଳକଣା ଭିଜାଇ ଦେଉଚି, ସେମାନଙ୍କର ତପ୍ତ ପକ୍ଷ । ...ପାର୍ଥ୍ ବନ୍ଦର । କୁଲି ଦେହର ଝାଳଗନ୍ଧ, ତମାଖୁର ଗନ୍ଧ, ଅପରିଚିତ ଦେହର ଗନ୍ଧ, ଅଷ୍ଟ୍ରେଲିଆର ଗନ୍ଧ... ସବୁ ମିଶି କିପରି ଅଦ୍ଭୁତ ଗୋଟାଏ

Digitized by srujanika@gmail.com

ରନ୍ଧ... ଚମତ୍କାର !

ଅମୀର ଖାଁ ଗଛି । ଖଣ୍ଡେ ଟିଣ ଉପରେ ଆଇକାତରାରେ ଲେଖା ହୋଇ କାନ୍ଥରେ ମରିଚି, ''ଅମୀର ଖାଁ ଗଛି'' । ବିଂଶ ଶତାବ୍ଦୀ ମାର୍କା ଅମରତ୍ୱ ! ଯୋଉ ଉପମହାଦେଶରେ କୋଟୀ ପରମାୟୁ ମିଳେ ଗୋଟାଏ ଅଚଳ ଦୋ ପଇସି ଦେଲେ, ସେଠାରେ ଖଣ୍ଡେ ଟିଣ ଆଉ ସାମାନ୍ୟ ଆଇକାତରା, ଅମରତ୍ୱ ପାଇଁ ତ - ଯଥେଷ୍ଟ ।

''...ସେ କଥା ଜାଣ କି ତମେ, ଦାଢ଼ିବାଲା ଅମୀର ଖାଁ ଜାନ୍ !

କାଇସ୍ରୋତେ ଭାସିଯାଏ ଜୀବନ, ଯୌବନ, ଧନ, ମାନ ?''

ହାଃ - ହାଃ - ହାଃ ! ପାର୍ଥ୍ ବନ୍ଦର ଓ ଅମୀର ଖାଁ ଗଛି !

ହାଃ - ହାଃ - ହାଃ

ରାସ୍ତାର ଦୁଇପାଖରେ ନର୍ଦ୍ଦମା । ସକାଳେ ମଇଳା ପାଣିର ସୁଅ ଚାଲିଚି । ସେଇ ସୁଅରେ ଭାସି ଭାସି ଚାଲିଚି, ଗୋଟାଏ ମଲା ବିଲେଇ ଛୁଆ, ଛିଣ୍ଡା ଚିଠି କାଗଜ, କାଠି କୁଟା, ଅନେକ କିଛି !

ଭାରତ ମହାସାଗରର ରୁଚିହୀନ ବିଦ୍ରୂପ । ବାଥ୍‌ରୁମର ସାବୁନ ଫେଣମିଶା ମଇଳା ପାଣିର ସୁଅ ଉତ୍‌କ୍ଷିପ୍ତ ଫେନଚୂଡ଼ ଲହରୀର କୁତ୍ସିତ ବ୍ୟଙ୍ଗସୃଷ୍ଟି !

ତାରି ଭିତରେ ଘାଣ୍ଟିଘାଣ୍ଟି ଚାଲିଛି, କଳା କୁତ୍ସିତ, କଙ୍କାଳସାର ରୋଗା ଗୋଟାଏ ମଣିଷ ଛୁଆ; ଗାନ୍ଧି ମହାତ୍ମାଙ୍କର କୌଣସି ଏକ ହରିଜନ ଶିଶୁ । ହାୟ ହରି ! ମନ୍ଦଭୁହେଁ ତମର ରୁଚିଜ୍ଞାନ !

ହାଃ - ହାଃ - ହାଃ ।

ପିଲାଟା ଚମକି ପଡ଼ି ଚାହିଁଲା ମୋ ଆଡ଼େ । ଭୀରୁ, ମଳିନ ଆଖି, ହରିଜନ ବାଳକର ରକ୍ତହୀନ, ପିଙ୍ଗଳ ଆଖି !

ବିଂଶ ଶତାବ୍ଦୀରେ ମଧ୍ୟ ଆବିଷ୍କାର ପାଇଁ ତଥାପି ଅନେକ କିଛି ବାକୀ ଅଛି । ବିଂଶ ଶତାବ୍ଦୀରେ ଶିଳ୍ପ ବ୍ୟବସାୟର ଉନ୍ନତି ସଙ୍ଗେ ସଙ୍ଗେ, କେତେକ ନୂତନ ବ୍ୟବସାୟ ଜନ୍ମ ନେଇଚି ଭାରତର ବାଣିଜ୍ୟ ଜଗତରେ ।

କୋଟି ପରମାୟୁ ଓ ଆତ୍ମାର ମେହେର୍‌ବାନୀ ବିକ୍ରୀ ସେଥିମଧ୍ୟରୁ ଏକ ବ୍ୟବସାୟ ! ହରିଜନ ବାଳକମାନଙ୍କର ନର୍ଦ୍ଦମା ଘାଣ୍ଟିବା ଅନ୍ୟ ଏକ ବ୍ୟବସାୟ । ନର୍ଦ୍ଦମାର ପଙ୍କ ଭିତରେ କୋଉଠି ପଡ଼ିଥାଏ ଗୋଟାଏ ସେଫ୍‌ଟିପିନ୍, ଦନ୍ତଭଙ୍ଗା ବୁରୁଶ, ଆଉରି ଏମତି କେତେ କଣ । କୋଉଦିନ ବା ହରିଙ୍କର ବାସଇଚ୍ଛାର ମାତ୍ରା ଅଧିକ ହୋଇ ଉଠିଲେ, ଗୋଟାଏ ଚାରଣୀ, ନୋହିଲେ ଆଠଣୀ ପର୍ଯ୍ୟନ୍ତ ମିଳିଯାଏ ।

ଭାରତ ଆବିଷ୍କାର ସମ୍ବନ୍ଧରେ ଏ ସମସ୍ତ ଅନାବିଷ୍କୃତ ନୂତନ ତଥ୍ୟ !

ଫୁଟା ପକେଟ ବାଟେ, ତଳେ ପଡ଼ିଗଲା ସେଇ ଅଚଳ ଚାରଣୀଟା ମୋର !

Digitized by srujanika@gmail.com

ସେତେବେଳକୁ କିଛି ବାଟ ଆଗେଇ ଆସିଥାଏ । ଚଳମାନ ପୃଥିବୀରେ ହଜି ଯାଉ ଅଚଳ ଚାରଣିଟା... କେମିତି ଗୋଟାଏ ଅଦ୍ଭୁତ ଆନନ୍ଦ !

ନକଲୀ ନିକେଲ୍‌ର ଫଟା ବିକୃତ ଶବ୍ଦ ଗଳିରାସ୍ତାର ସେଇ ନୀରବତା ଭିତରେ ସାମାନ୍ୟ ଶବ୍ଦ କରି ଉଠିଲା ! ନର୍ଦ୍ଦମା ଭିତରୁ ସେଇ ହରିଜନ ବାଳକଟି ଉଠିଆସି ଇଗଲ ପରି ଝାମ୍ପି ନେଇଗଲା ସେଇ ଚାରଣିଟାକୁ !

ଆଖି ଦୁଇଟାରେ ସଫଳତାର ଆନନ୍ଦ !

ମୋ ଆଡ଼େ ଚାହିଁଲା ।

ତାର ଆଖି ଦୁଇଟାର କୋଣେ କୋଣେ ଭରି ରହିଛି ଘୃଣା ଓ ଅବିଶ୍ୱାସ ! ବିଶ୍ୱାସ କରେ ନା ମୋତେ, କାଳେ ଆସି ଛଡ଼ାଇ ନେବି ତାଠୁ ! ପାଟି ଭିତରେ ପୂରାଇ ଦେଲା !

ତା ପରେ ମୋ ଆଗେ ଆଗେ ଦୌଡ଼ି ଦୌଡ଼ି ଚାଲିଗଲା ଚିଲ ପରି, ଯେପରି ଗୋଟାଏ ହିଂସ୍ର ଜାନୁଆର ହାବୁଡ଼ରେ ପଡ଼ିଚି ସେ ।

ଗଜିଶେଷର ମେହେନ୍ତର ବସ୍ତି । ଅମୀର ଖାଁ ଗଜି ମୁଣ୍ଡରେ ସହରର ମେହେନ୍ତର ବସ୍ତି ।

ଏଇ ସେ ପିଲାଟା ଠିଆ ହୋଇଚି, ସେଇ ଭଙ୍ଗାକୁଡ଼ିଆର ପିଣ୍ଡାରେ ! ସଜନାଗଛର ଧଳାଫୁଲ ଝରି ପଡ଼ିଚି ଅଗଣାରେ... ସୁନ୍ଦର ! ସେ ପିଲାଟା ଠିଆ ହୋଇ ଖଣ୍ଡେ ବିଡ଼ି ଟାଣୁଚି ମନର ଆନନ୍ଦରେ ।

ମୋତେ ଦେଖି, କୁଆଡ଼େ ଲୁଚିଗଲା ସେଇ ଭଙ୍ଗାକୁଡ଼ିଆର ଜଙ୍ଗଲ ଭିତରେ । ମେହେନ୍ତର ବସ୍ତି ଭଙ୍ଗାକୁଡ଼ିଆର ଜଙ୍ଗଲ ଭିତରେ, କୁଆଡ଼େ ହଜିଗଲା ମୋର ସୁନାର ଅଷ୍ଟ୍ରେଲିଆ... ହାୟ ଅଷ୍ଟ୍ରେଲିଆ !

ରାତି ଦୁଇଟା । ଆକାଶରେ ଜହ୍ନଟା ଦିଶୁଚି ଶେତା । ଆଖିରେ ନିଦ ନାହିଁ !

ଅଷ୍ଟ୍ରେଲିଆ... ସୁନାର ଅଷ୍ଟ୍ରେଲିଆ... ସୁଦୂରର ଅଷ୍ଟ୍ରେଲିଆ, ହାୟ ଅଷ୍ଟ୍ରେଲିଆ !

ମୋର ଆତ୍ମଜୀବନୀରେ ଯଦି, କୌଣସି ମରଣଶୀଳ ମନୁଷ୍ୟ ଲାଗି ଲେଖିବି ପୂରା ଗୋଟାଏ ଅଧ୍ୟାୟ ତା ହେଲେ ସେ ହେଉଛି ସିଗାରେଟ ଦୋକାନୀ ନସୀର, ଯେ ବେପରୁଆ ଭାବରେ ସିଗାରଟ ବାକୀ ଦିଏ ମୋତେ ।

ଓଠରେ ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରି ଚାଲିଲି ସେଇ ଅମୀର ଖାଁ ଗଳିଆଡ଼େ, ଜାଣେ ନା କି ଦୂରନ୍ତ ତାର ଆକର୍ଷଣ !

ପୁଣି ସେଇ ମେହେନ୍ତର ବସ୍ତି ! ହରିଜନମାନେ ଶୋଇ ପଡ଼ିଲେଣି ଆରାମରେ, ନିଶ୍ଚିନ୍ତରେ, ହରିଙ୍କର ଧୂଳିସୂସର କୋଳରେ !

ଏଇ ସେଇ ସଜନାଗଛ ।

ବଙ୍କା ଛାଇ ତାର ପଡ଼ିଛି ତେରଛା ହୋଇ, ଜହ୍ନ ଆଲୁଅରେ ।

Digitized by srujanika@gmail.com

ସଜନାଗଛ ତଳେ ଖଣ୍ଡେ ଅଖା ବିଛାଇ, ଏଇ ଶୋଇଛି ସକାଳର ସେଇ ପିଲା । ଦେହ ଉପରେ ତାର ପଡ଼ିଛି ଚେନାଏ ଶେତା, ଜହ୍ନ ଆଲୁଅ ।

ରାତ୍ରି... ସୁନ୍ଦର, ଶାନ୍ତିମୟ, ଉଦାର, କୋମଳ ରାତ୍ରି ।

ଆଜିର ସୁଦିନଟିର କଥା ଭାବି ଭାବି, ଆଖିରେ ତାର କେତେବେଳୁ ରାତ୍ରିର କୋମଳସ୍ପର୍ଶ ତଳେ ଲାଗି ଗଲାଣି ନିଦ ।

କାଲି ପୁଣି ନିତିଦିନଆ ସେଇ ସକାଳ । ଅମୀର ମିଆଁ ଗଛି କଡ଼ର ନର୍ଦ୍ଦମା ଭିତରେ ସେଇ ଦୁର୍ଲଭ ରତ୍ନର ସନ୍ଧାନ ।

ମୋ ଆଖିରେ ନିଦ ନାହିଁ ।

ଅଷ୍ଟ୍ରେଲିଆ... ସୁନାର ଅଷ୍ଟ୍ରେଲିଆ... ଆଖିରେ ମୋର ନିଦ ନାହିଁ ।

ସଜନାଗଛ ମୂଳେ, ସେଇ ବାଇକଟିର ଧୂଳିଶଯ୍ୟା ଉପରେ ଝୁଙ୍କି ପଡ଼ିଲି । ହାତରେ ତାର ସେଇ ଅଚଳ ଚାରଣୀ, ଜହ୍ନଆଲୁଅ ପଡ଼ି ଚକ୍ ଚକ୍ କରୁଛି । ଓଠରେ ତାର ଭୀରୁ, ମଳିନ-ହସର ଗୋଟିଏ କ୍ଷୀଣ ରେଖା ଯେପରି ଶୋଇ ପଡ଼ିଛି ।

ଚାଲି ଆସିଲି ।

ଆକାଶରେ ଜହ୍ନଟା ମହଲ ଦେଖା ଯାଉଛି, ସେଇ ଅଚଳ ଚାରଣୀଟା ପରି ।

Digitized by srujanika@gmail.com

ମହାନଗରୀର ରାତ୍ରି

ଗଙ୍ଗା ଜେଟୀରେ ଗୋଟାଏ ଷ୍ଟିମରର ଅଶାନ୍ତ ଚିତ୍କାର ଶୁଭୁଛି ।

ତୌରଙ୍ଗୀର ଜନବିହୀନ ରାସ୍ତା ବିଜୁଳିବତିର ନିର୍ଜ୍ଜନ ଆଲୋକରେ ଦିଶୁଛି ପ୍ରେତପୁରୀ ପରି ଅଶରୀରୀ ଓ ରହସ୍ୟାବୃତ ।

ତୌରଙ୍ଗୀ - ବଣିଆ ସଂସ୍କୃତିର ମକ୍କା ମଦିନା ।

ଟ୍ରାମରାସ୍ତାର ସେପାଖେ ଦଳ ଦଳ ହୋଇ ଶରଣାର୍ଥୀ ଶୋଇଛନ୍ତି ମାଟିରେ - ତଳେ ମହାନଗରୀର ଧୂଳି, ଉପରେ ରାତିର ନିଶୀଥ ଆକାଶ । କୋଉଠି କୋଉଠି ବିଡ଼ିରୁ ଏପର୍ଯ୍ୟନ୍ତ ନିଆଁ ତଥାପି ନିଭିନାହିଁ, ରାସ୍ତା କଡ଼ ଚୁଲିରେ ରଡ଼ ନିଆଁ ଧପ୍‌ଧପ୍ କରୁଚି ।

ଆକାଶରେ ଶୁଦ୍ଧ ଚତୁର୍ଦ୍ଦଶୀ ତିଥିର ନିଃସଙ୍ଗ ଚନ୍ଦ୍ର ମାତାଇ ପରି ଢଳିଢଳି ଚାଲିଛି ଆକାଶର ରାଜପଥରେ । ପାଖରେ ଗୋଟିଏ ବିଲାତୀ ହୋଟେଲରୁ ନାଚର ଆଡ଼୍‌ତା କେତେବେଳୁ ଭାଙ୍ଗିଲାଣି । ଜଣେ ଜଣେ ବିଲାତୀ ପୋଷାକ ପିନ୍ଧା ସାହେବ ପାଞ୍ଚ ଦଶ ମିନିଟ୍ ଅନ୍ତରରେ ହୋଟେଲ ଭିତରୁ ବାହାରି ଆସୁଛନ୍ତି ହୁଇସିଲ ମାରି ମାରି । ତୌରଙ୍ଗୀ ପେଭ୍‌ମେଣ୍ଟ ।

'ସଲାମ ସାହେବ' ।

'ସଲାମ ।'

'ଛୋକରୀ ମାଙ୍କ୍‌ତେ ହେଁ ?'

'ନନ୍‌ସେନ୍‌ସ ! କଣ କହୁଛ ?' କଡ଼ା ଗଜାରେ ପଚାରିଲି । ମାତ୍ର ତା'ର ଏହାହିଁ ବ୍ୟବସାୟ । ଲୋକଟା ଟିକିଏ ଶଙ୍କି ଯାଇ କହିଲା, 'ବେଶି ଦୂର ନୁହେଁ, ଏଇ ପାର୍କ ଷ୍ଟ୍ରୀଟ୍ ମୋଡ଼ରେ ସାହେବ !'

ଆଗକୁ ଆଗକୁ ଚାଲିଲି । ଘୃଣାରେ ଲଜ୍ଜାରେ ମୋର ଦେହ ଥରିଗଲା । ସେ ଲୋକଟିକୁ ଯଦି କୁକୁର ପରି ଗୁଳି କରି ମାରି ପାରନ୍ତି ! କି ନୀଚ, କି କଦର୍ଯ୍ୟ । ଅଥଚ ଏ ଦଲାଲୀ ସଭ୍ୟତାର ସେ ତ ଜଣେ ପ୍ରତିନିଧି ! ରାଷ୍ଟ୍ର ଓ ବ୍ୟକ୍ତି ମଧ୍ୟରେ ଦଲାଲୀ କରି ଯଦି ନେତାର ସମ୍ମାନ ମିଳେ, ନ୍ୟାୟ ବିଚାର ଓ ବ୍ୟକ୍ତି ମଧ୍ୟରେ ଦଲାଲୀ କରି ଯଦି ଓକିଲର ପ୍ରତିଷ୍ଠା ମିଳେ, ଭଗବାନ ଓ ବ୍ୟକ୍ତି ମଧ୍ୟରେ ଦଲାଲୀ କରି ଯଦି ମହାପୁରୁଷ ଓ ମହାତ୍ମାର ପଦବୀ ମିଳେ, ତା' ହେଲେ କେଉଁ ହତଭାଗିନୀର ମାଂସ ଓ କେଉଁ କାମୁକର ଜାନ୍ତବ କ୍ଷୁଧା ଭିତରେ ଦଲାଲୀ କଲେ, ତାହା ନିନ୍ଦନୀୟ ହେବ କାହିଁକି ? ବିଚିତ୍ର ଏହି ଦଲାଲୀ ସଭ୍ୟତା ଓ ବଣିଆ ସଂସ୍କୃତି ! ଶେଷକୁ କେଉଁଦିନ ଏ ଦେଶର ଆତ୍ମାକୁ ନେଇ ଯେ ଏମାନେ ବିକ୍ରି

Digitized by srujanika@gmail.com

କରିଦେବେ, ତା'ର ଠିକଣା ନାହିଁ ! ଦଲାଲୀ ପରସେଣ୍ଟେଜ୍‌ଟା ତ ମିଳିବ - କ୍ଷତି କଣ ?

ଜଣେ କିଏ ଗୋଟିଏ ଖୁମ୍ଭର ଉଡ଼ାଜ ଛାଇରେ ଠିଆ ହୋଇଥିଲା । ମୋତେ ଦେଖି ଶିକାରୀ ପରି ଝାମ୍ପ ଦେଇ ମୋ ଆଗରେ ଆସି ଠିଆ ହୋଇଗଲା ।

ସେହି ଏକ ବିଜ୍ଞାପନ; 'ବେଶି ଦୂର ନୁହେଁ ବାବୁ, ଏଇ ପାର୍କଷ୍ଟ୍ରୀଟ୍ ମୋଡ଼ ଉପରେ !'

ପଛକୁ ଫେରି ଚାହିଁଲି, ସେ ପ୍ରଥମ ଲୋକଟା ଜଣେ ସାହେବୀ-ପୋଷାକ ପରିହିତ ବିଳାସୀକୁ ଧରି ଗୋଟାଏ ଟ୍ୟାକ୍‌ସିରେ ଉଠୁଛି ! ...ଆଗକୁ ଆଗକୁ ଅନାସକ୍ତ ଭାବରେ ଚାଲିଲି; ଯେମିତି କିଛି କଥା ଶୁଣିନାହିଁ ! ସେ ଲୋକଟା ମୋ ପଛରେ କେଇ ପାହୁଣ୍ଡ ଆସି ପୁଣି ଫେରିଗଲା । ଗୋଟିଏ ଘୋଡ଼ାଗାଡ଼ିବାଲା, ରାସ୍ତା ଉପରେ ବଗି ଛୁଟାଇ ନେଉ ନେଉ ଦିଲ୍‌ଦାରିଆ କଣ୍ଠରେ ଡାକିଲା... 'ଆଇୟେ ସା'ବ, ବଡ଼ାବଜ୍ଜାର ! ବଡ଼ାବଜ୍ଜାର ସା'ବ ।'

ପୁଣି ଆଉ ଜଣେ । ସେଇ ଏକ କଥା... 'ଏଇ ପାର୍କଷ୍ଟ୍ରୀଟ୍ ମୋଡ଼ ଉପରେ !' ସେ ଲୋକଟା ଆଡ଼େ ଥରେ ଚାହିଁଲି । ପାର୍କଷ୍ଟ୍ରୀଟ୍ ମୋଡ଼ର କଥା, ସେ ବିଶଦ ଭାବରେ ବର୍ଣ୍ଣନା କରିବାକୁ ଲାଗିଲା ।

ପଚାରିଲି... 'ଏହା କଣ ରୋଜଗାର ?'

ସେ ଲୋକଟା ନିର୍ବିକାର ଭାବରେ ଜବାବ ଦେଲା...

ହଁ ବାବୁ, ପରସେଣ୍ଟେଜ୍ ଆଉ ବକ୍‌ସିସ୍‌ରୁ ରୋଜଗାର ମନ୍ଦ ହୁଏ ନାହିଁ !'

ତା'ପରେ ଚାଲିଲା ପାର୍କଷ୍ଟ୍ରୀଟ୍ ମୋଡ଼ରେ ଲୋଭନୀୟ ବିଜ୍ଞାପନ !

* * *

ପାର୍କଷ୍ଟ୍ରୀଟ୍ ମୋଡ଼ ନୁହେଁ, ତା'ର ଆହୁରି ଆଗକୁ ।

ମାର୍ଚ୍ଚ ମାସର ରାତି ! ତଳର ମାଟି ଉପରୁ ଗୋଟାଏ ଗରମ ବାଷ୍ପ ବାହାରୁଛି । ସର୍ବଂସହା ଧରଣୀର ମର୍ମଭେଦୀ ଦୀର୍ଘଶ୍ୱାସ ! ନିଶ୍ୱାସ ରୁନ୍ଧି ହୋଇ ଆସିଲା ପରି ଲାଗୁଛି । ରାସ୍ତାର ଡାହାଣ ପାଖରେ ଶିମିଳି ଗଛଗୁଡ଼ାକରେ ଧରିଛି ଅସୁମାରି ଫୁଲ, ପାରାଭାଡ଼ି ପରି ଉଞ୍ଚା କୋଠାଗୁଡ଼ାକରେ କେତେ ହଜାର ହଜାର ପରିବାର ଅବିକା ହୁଏତ ନିଦ୍ରା ଅଚେତନ ହୋଇ ପଡ଼ିବେଣି... ସ୍ୱାମୀ, ସ୍ତ୍ରୀ, ଭାଇ, ଭଉଣୀ, ବାପ, ଝିଅ, ସମସ୍ତେ ।

ଗୋଟାଏ ଗଳି, ତା'ପରେ ଗୋଟାଏ ଉପଗଳି, ସେଇ ଉପଗଳି ଯେଉଁଠି ଶେଷ ହୋଇଛି, ସେଇଠି ତଳ ମହଲାର ଗୋଟାଏ ଫ୍ଲାଟ୍ । ଉପରେ ଫ୍ଲାଟ୍‌ଗୁଡ଼ାକରେ ଶୁଭୁଛି ଉଚ୍ଛୃଙ୍ଖଳ ହସ, ମାତାଲ କଣ୍ଠର କୋଳାହଳ... ! ଏଇ ତା' ହେଲେ ପାର୍କଷ୍ଟ୍ରୀଟ୍ ମୋଡ଼ !

ସେ ଲୋକଟା ବାହାରୁ ଦରଜା ଶିକୁଳି ହଲାଇ ଡାକିଲା । ଦରଜା ଖୋଲିଗଲା । ଯିଏ ଦରଜା ଖୋଲିଲେ, ସେହି ହୁଏତ ପାର୍କଷ୍ଟ୍ରୀଟ୍ ମୋଡ଼ର ବିଳାସିନୀ ! ଲଜ୍ଜାରେ ମୁଣ୍ଡ ତଳକୁ କରିନେଲି ! ତଳକୁ ଚାହିଁ କଣ ଯେ ଭାବୁଥିଲି, ନିଜେ ଜାଣେନା । ଲୋକଟା ମୋତେ

Digitized by srujanika@gmail.com

ସାମାନ୍ୟ ଠେଲିଦେଇ କହିଲା...'ବାବୁ, ବକ୍‌ସିସ୍ !' ପକେଟରୁ ଖଣ୍ଡେ ପାଞ୍ଚଟଙ୍କିଆ ନୋଟ୍ କାଢ଼ି ସେ ଲୋକଟାର ହାତରେ ଗୁଞ୍ଜି ଦେଲି । ସେ କୃତ୍ୟକୃତ୍ୟ ହୋଇ ନିତ୍ୟଅଭ୍ୟସ୍ତ ଭଙ୍ଗୀରେ କହିଲା..., 'ସଲାମ !' ତା'ପରେ ପାର୍କଷ୍ଟ୍ରୀଟ୍ ମୋଡ଼ର ଅଧିବାସିନୀଙ୍କ ଆଡ଼େ ଚାହିଁ କହିଲା, 'ମୋତେ ମିଳିଯାଉ ଦିଦି !'

ମୁଁ ପଚାରିଲି... 'ଆଉ କଣ ?'

ସେ ଲୋକଟା କହିଲା... 'ମୋର ପର୍‌ସେଣ୍ଟେଜ୍ !'

ଆଉ ଖଣ୍ଡେ ପାଞ୍ଚ ଟଙ୍କିଆ ନୋଟ୍ ସେ ଲୋକଟା ହାତରେ ଗୁଞ୍ଜି ଦେଇ କହିଲି,... 'ଯାଅ ଏଥର !'

ସେ ଲୋକଟା ହୁଇସିଲ୍ ମାରି ମାରି ବେପରୁଆ ଭାବରେ ଚାଲିଗଲା । ପାର୍କଷ୍ଟ୍ରୀଟ୍ ମୋଡ଼ର ଅଧିବାସିନୀ ମୋ ଆଡ଼େ କିଛି ସମୟ ବିସ୍ମିତ ଆଖିରେ ଚାହିଁ କହିଲେ, 'ଭିତରକୁ ଆସନ୍ତୁ ।'

ଶୋଷରେ ତତ୍ତିଟା କିପରି ଶୁଖି ଆସିଛି । ଭିତରକୁ ଯାଇ ପଚାରିଲି, 'କିଛି ପିଇବାକୁ ଦେଇ ପାରିବ ?'

ସେ ସ୍ତ୍ରୀ ଲୋକଟି କହିଲା, 'ନିଶ୍ଚୟ ।' ତା'ପରେ ଗୋଟିଏ ଝିଅର ନାଁ ଧରି ଡାକିଲା - 'ମିନୁ, ମିନୁ !'

କିଛି ସମୟ ପରେ ତେର ଚଉଦ ବର୍ଷର ଝିଅଟିଏ ଆସିଲା ନିଦ ମଜମଜ ଆଖିରେ, ମୁହଁରେ ତା'ର ବିରକ୍ତିର ଚିହ୍ନ ସୁସ୍ପଷ୍ଟ । ମାତ୍ର ସେଥିରେ ତାର ଉଭିନ୍ନ କମଳ ପରି ମୁଖମଣ୍ଡଳର ସୌନ୍ଦର୍ଯ୍ୟ ଯେପରି ଆହୁରି ଶତଗୁଣ ବଢ଼ି ଉଠିଛି । ସେ ସ୍ତ୍ରୀ ଲୋକଟି କହିଲା... 'ଗୋଟାଏ ବିୟରରେ ବରଫ ଦେଇ ନେଇ ଆ ତ, ମିନୁ ।'

ଯାହା ହେଉ, ଭଦ୍ର ମହିଳାଙ୍କର ରୁଚି ଅଛି । ଆଶ୍ୱସ୍ତ ହେଲି । ମିନୁ ଚାଲିଗଲା । ନିଦ୍ରାଶିଥିଳିତ ବେଣୀ, କେଉଁ କାମୁକର ବ୍ୟଗ୍ର ବାହୁ ପରି, ମାଂସଳ ନିତମ୍ବକୁ ତା'ର ବାରମ୍ବାର ବେଷ୍ଟନ କରି ଯାଉଥିଲା । ବେଣୀରେ ବାନ୍ଧିଥିଲା ପୁଣି ଗୋଟିଏ ରକ୍ତ ଗୋଲାପ । ତାହା କିନ୍ତୁ ମଥିତ, ମଳିନ ଦିଶୁଥିଲା !

ସେଇଆଡ଼େ ଚାହିଁ ରହିଥିଲି ମୁଗ୍ଧ ଆଖିରେ । ସେ ସ୍ତ୍ରୀ ଲୋକଟି କହିଲା, 'ସେ ମୋର ଭଉଣୀ ବାବୁ । କିନ୍ତୁ ତା'ର ଶୁଭବଢି ହୋଇନାହିଁ ।'

ସେ ହୁଏତ ଆଶଙ୍କା କରୁଥିଲା, ମୁଁ ମିନୁର ମାଂସ ଅଡ଼ି ବସିବି । ମାତ୍ର ଏ ମାଂସ କଣ ଦେହରୁ କ୍ଷୁଧା ମେଣ୍ଟାଇଛି କେବେ ? ଏ ମାଂସ କେବଳ ମନର କ୍ଷୁଧା ପାଇଁ । ନିଜର କନ୍ୟା ପରି ମିନୁକୁ ସ୍ନେହ କରିହୁଏ, କିନ୍ତୁ ବାରବିଳାସିନୀ ପରି ତାକୁ ଉପଭୋଗ କରି ହେବ ନାହିଁ ।

ମିନୁ ଗୋଟିଏ ଟ୍ରେରେ ବରଫ ମିଶା ଗୋଟିଏ ବିୟର୍ ଗ୍ଲାସ ଆଣି ରଖି ଦେଇଗଲା ।

Digitized by srujanika@gmail.com

ସେ ସ୍ତ୍ରୀ ଲୋକଟି କହିଲା, 'ସିଗାରେଟ୍ ଆଣିବୁ ନାହିଁ ଯେ ।'

ମିନୁ ସିଗାରେଟ୍ ଆଣିବା ପାଇଁ ଚାଲି ଯାଉଥିଲା । ମୁଁ କହିଲି, 'ମୋ ପାଖରେ ସିଗାରେଟ୍ ଅଛି, ବସ ତମେ ।'

ମିନୁ ବସିଲା । ନିଦରେ ଆଖି ଦୁଇଟା ତା'ର ଭାଙ୍ଗିପଡୁଥିଲା ! ଇଚ୍ଛା ହେଉଥିଲା, ମିନୁର ମୁଣ୍ଡକୁ କୋଳରେ ରଖି ତାକୁ ଶୁଣାଇବା ପାଇଁ ରୂପକଥାର ରାଜପୁତ୍ର ଓ ରାଜକନ୍ୟାର କଥା । ମନପବନ ଘୋଡ଼ା ଉପରେ ବସିଛି ରାଜକୁମାର । କୋଳରେ ତାର ରାଜକୁମାରୀ ! ମନପବନ ଘୋଡ଼ା ତୀର ବେଗରେ ଉଡ଼ି ଚାଲିଛି । ଆଉ ପଛରେ ଛୁଟିଛି ଗୁହାଫେରନ୍ତା କ୍ଷୁଧାର୍ତ୍ତ ଦୁର୍ଦ୍ଦାନ୍ତ ରାକ୍ଷସ ।

ମିନୁ ଭିଡ଼ି ମୋଡ଼ି ହୋଇ କହିଲା, 'ମୁଁ ଯାଉଛି ଦିଦି, ମୁଣ୍ଡ ବିନ୍ଧିଲାଣି ।'

ମିନୁ ଉଠିଗଲା ।

ଉଚ୍ଛଳ ସେଇ ଦୁଇ ବର୍ତ୍ତୁଳ ନିତମ୍ବ ଉପରେ ନର୍ତ୍ତିତ ଦୀର୍ଘ କବରୀ । ମିନୁ କିନ୍ତୁ ପଛରେ ରଖିଗଲା କରୁଣା, ସମବେଦନା, ବାତ୍ସଲ୍ୟ, ଘୃଣା, ସ୍ନେହ ଓ ପ୍ରବୃତ୍ତି ପ୍ରଭୃତି କେତେଗୁଡ଼ିଏ ପରସ୍ପର-ବିରୋଧୀ ଆବେଗର ମିଳିତ ଆବେଶ ।

ମିନୁ ଚାଲିଯିବା ପରେ, ଚାହିଁଲି ସେ ଲୋକଟି ଆଡ଼େ । ବୟସ ଚାଳିଶି ପାଖାପାଖି ହେବ । ଦେହର ଚମ ଶିଥିଳ ହୋଇଗଲାଣି । ମୁହଁ ଉପରେ, ଦୁଇ ଆଖି କୋଣରେ ବୟସ କେତୋଟି କୁଟାଚ ରେଖା ଟାଣି ଦେଇ ଗଲାଣି । ତଥାପି ଚେଷ୍ଟାକରି ସେ ନିଜକୁ ଯୁବତୀ କରିବାରେ କାର୍ପଣ୍ୟ କରିନାହିଁ । ମୁହଁ ଉପରଯାକ ବୋଳା ହୋଇଛି ପେଣ୍ଟ୍ । ଓଠରେ ଲିପ୍‌ଷ୍ଟିକ୍, ଗାଇରେ ରୁଜ୍, କିନ୍ତୁ ଏହା ଫଳରେ ବୟସ ତା'ର ଯେମିତି ଆଉରି ଦଶବର୍ଷ ଆଗେଇ ଯାଇଛି । ପୁଅ ଥିଲେ ତା'ର କେଜାଣି, ମୋରି ବୟସର ହୁଅନ୍ତାଣି ।

ଅଥଚ ଆଜି ସେ ଆଉ ମୁଁ... ପାର୍କଷ୍ଟ୍ରୀଟ୍ ମୋଡ଼ର ଏଇ ଫ୍ଲାଟ୍... ସୋଫା ତଳେ ବିୟର୍ ବୋତଲ ଦୁଇଟା ପଡ଼ିଛି ଖାଲିହୋଇ... ପାଖର ଆସ୍‌ଟ୍ରେଟା ଖଣ୍ଡିଆ ସିଗାରେଟ୍‌ରେ ରୁନ୍ଧି ହୋଇଗଲାଣି ।

କି ଭୀଷଣ ଏ ନାରୀ ମୂର୍ତ୍ତି ! ଏ ଶିଥିଳ ଲୋଳଚର୍ମ ତଳେ ଦିନେ ବଞ୍ଚିଥିଲା ଯେଉଁ କନ୍ୟା, ବଧୂ ଓ ମାତା, ତାକୁ ବଞ୍ଚିବାର ଏକ ବିକଟ ବାସ୍ତବତା ଅତି ନର୍ମମ ଭାବରେ ହତ୍ୟା କରି ଆଜି ବଞ୍ଚାଇ ରଖିଛି ଯାହାକୁ, ସେ ନାରୀରୂପଣୀ ବୀଭତ୍ସ ମହାକ୍ଷୁଧା । ମନୁଷ୍ୟର ଆତ୍ମାକୁ ଗ୍ରାସକରି ସୁଦ୍ଧା ତାହାର କ୍ଷୁଧା - ନିବୃତ୍ତ ହୋଇନାହିଁ । କି ଭୀଷଣ ! କି ବିକଟ ! ଲୋମ ମୋର ତଥାପି ଟାକୁରି ଉଠିଲା, ଘୃଣାରେ ।

ପ୍ରତ୍ୟେକର ଚେହେରାରେ ଏମିତି କିଛିନା କିଛି ଥାଏ, ଯାହା ମନେ ପକାଇଦିଏ ଆଉ ଜଣକର କଥା । ସେହିପରି ସେ ସ୍ତ୍ରୀଲୋକଟିର ଦୁଇ ନାକପୁଡ଼ାଠାରୁ ଚିବୁକ ପର୍ଯ୍ୟନ୍ତ ଅର୍ଦ୍ଧବୃତ୍ତାକାରରେ ଲମ୍ବି ଆସିଥିବା ଦୁଇଟି ଗଭୀର ରେଖା, ମନେ ପକାଇ ଦେଲା ମୋର

Digitized by srujanika@gmail.com

ଆଉ ଜଣେ ସ୍ତ୍ରୀଲୋକର କଥା ।

ହାଉଡ଼ାଠାରୁ ସେଥର ଯାଉଥିଲି ଦିଲ୍ଲୀ - ପଞ୍ଜାବ ମେଲ୍‌ରେ । ଇଷ୍ଟରକ୍ଲାସ୍ ଡବାରେ ଭୀଷଣ ଭିଡ଼ । ତିଳଧାରଣ ପାଇଁ ସ୍ଥାନ ନ ଥିଲା । ହାଉଡ଼ାଠାରୁ ଆସାନ୍‌ସୋଲ ପର୍ଯ୍ୟନ୍ତ ଯାଇଥିଲି ଠିଆ ହୋଇ । ଗୋଟିଏ କୋଣରେ ଲମ୍ବା ବାର୍ଥର ଶେଷକୁ ଜଣେ ହିନ୍ଦୁସ୍ଥାନୀ ମହିଳା ବସିଥିଲେ କମଳ ବିଛାଇ । ମୋତେ ଦେଖି କହିଲେ... 'ଆଉ କେତେ ଠିଆହୋଇ ଯିବ ବାପା ! ବସିପଡ଼ ଏଇଠି ।'

ସଙ୍କୋଚରେ ତାଙ୍କ ପାଖରେ ଜାକିଜୁକି ହୋଇ ବସିଥିଲି । ସ୍ୱଚ୍ଛନ୍ଦ ଭାବରେ ବସିବା ପାଇଁ ସେ ମୋତେ ଅଭୟ ଶୁଣାଇ କହିଲେ... 'ଇଚ୍ଛା କଣ ବାବୁ ! ତମେ ତ ମୋ ପୁଅ ବୟସର । ମୋ ପୁଅ ବି ଅଛି ଦିଲ୍ଲୀରେ । ମୁଁ ତା ପାଖକୁ ଯାଉଛି ଯେ ।'

ତାଙ୍କର ମଧ୍ୟ ଦୁଇ ନାକପୁଡ଼ା ତଳୁ ଚିବୁକ ପର୍ଯ୍ୟନ୍ତ ଲମ୍ବି ଆସିଥିଲା ଦୁଇଟି ଅର୍ଦ୍ଧବୃତ୍ତାକାର ରେଖା । ସେ ରେଖା କିନ୍ତୁ ଥିଲା କୋମଳ ଓ ମସୃଣ, ଏପରି କଠୋର ନୁହେଁ । ଏ ସ୍ତ୍ରୀଲୋକଟି ମୋତେ ସେମିତି କେଉଁଠି ବାଟରେ ଘାଟରେ ଦେଖିଥିଲେ, ନିଶ୍ଚୟ ସମ୍ବୋଧନ କରିଥାନ୍ତା 'ବାପା' ବୋଲି ।

ଆଜି କିନ୍ତୁ ଏଇ ପାର୍କଷ୍ଟ୍ରୀଟ୍ ମୋଡ଼, ରାତି ଦୁଇଟା ବାଜିବାକୁ ପନ୍ଦର ମିନିଟ ବାକି; ମୋ ଆଗରେ ବସିଛି ସେ ମୁହଁରେ ରୁଜ୍ ପାଉଡ଼ର ମାଖି !

ନୀରବତା କ୍ରମେ ଅସହ୍ୟ ହୋଇ ଉଠୁଛି । ଏଠୁ ପଳାଇ ପାରିଲେ ଯେପରି ରକ୍ଷା । ପଚାରିଲି, 'ତୁମ ନାଁ କଣ ?'

ସେ କହିଲା - 'ଚନ୍ଦ୍ରା' ! ତା' ପରେ ଅଭ୍ୟସ୍ତ କଣ୍ଠରେ କହିଲା... 'ଭିତରକୁ ଆସନ୍ତୁନା ! ଏଠି ଆଉ କେତେବେଳ ଯାଏ ବସିବେ ?'

ଦୁଇଖଣ୍ଡ ନୋଟ କାଢ଼ି ଚନ୍ଦ୍ରା ହାତରେ ଗୁଞ୍ଜି ଦେଇ କହିଲି... 'ରାତି ଅନେକ ହେଲାଣି । ଯାଉଛି ମୁଁ !'

ଚନ୍ଦ୍ରା ହୁଏତ ମନେମନେ ଭାବୁଥିଲା ଏ ଅପ୍ରତ୍ୟାଶିତ ଅର୍ଥ ଉପରେ ତା'ର କୌଣସି ନୈତିକ ଅଧିକାର ନାହିଁ । ତେଣୁ ସେ ପୁଣି କଣ କହିବାକୁ ବସିଥିଲା ସେତିକିବେଳେ ଦରଜା ଖୋଲି, ମୁଁ କହିଲି...

'ମିନୁକୁ ଅଧେ ଦେଇଦେବ ସେଥିରୁ !'

ଚନ୍ଦ୍ରା କହିଲା... 'କିନ୍ତୁ ତାର ଶୁଭବଳି ପଡ଼ିନାହିଁ ଯେ !'

ଚାଲି ଯାଉଁ ଯାଉଁ ମୁଁ ଶୁଣିଲି ।

ମାର୍ଚ୍ଚର ଜ୍ୟୋତ୍ସ୍ନାଚପଳ ରାତ୍ରି ମୁହୂର୍ତ୍ତକ ମଧ୍ୟରେ ବିଷାକ୍ତ ହୋଇ ଉଠିଲା । ଦିନେ ମିନୁର ଶୁଭବଳି ପଡ଼ିବ । ତା'ପରେ ତା'ର ମାଂସ ବାଷ୍ଟି ଖାଇବେ ମହାନଗରୀର ବିଳାସୀମାନେ । ଯେଉଁଦିନ ସେ ମାଂସ ସରିଯିବ, ସେଦିନ ସେ ଫିଙ୍ଗାହେବ ଉଚ୍ଛିଷ୍ଟ

Digitized by srujanika@gmail.com

ମାଂସହାଡ଼ ପରି କେଉଁଠି କେଉଁ ନର୍ଦ୍ଦମାରେ ।

* * *

ତା' ପରଦିନ ରାତି ବାରଟା । ସେଇ ଚୌରଙ୍ଗୀ ପେଭ୍‌ମେଣ୍ଟ୍, ସେଇ ପ୍ରଶ୍ନ... 'ଛୋକ୍‌ରୀ ମାଙ୍କଡେ ହେଁ ସାହେବ ?'

ମୁଁ ଚାଲିଛି ପାର୍କଷ୍ଟ୍ରୀଟ୍ ମୋଡ଼ ଉପରେ ସେଇ ଫ୍ଲାଟ୍ ଆଡ଼େ ।

ସେଇ ଫ୍ଲାଟ୍ । ଭିତରୁ ଦରଜା ବନ୍ଦ । କଡ଼ା ଝଣ ଝଣ କଲି । ଦରଜା ଫିଟିଲା । ମିନତି କହିଲା... 'ଆସନ୍ତୁ ।' ଭିତରକୁ ଯାଇ ଗତ ରାତିର ସେଇ ସୋଫା ଉପରେ ବସି ପଡ଼ିଲି ।

ମିନତିର ଉଭିନ୍ନ-କମଳ-ମୁଖ, କାଲିଠାରୁ କିନ୍ତୁ ଆହୁରି ସୁନ୍ଦର, ଆହୁରି ପ୍ରସନ୍ନ !

ମିନତି କହିଲା... 'ଭିତରେ କିଏ ଦୁଇଜଣ ଅଛନ୍ତି । ଦିଦି ଅବିକା ଆସିବେ, ଆପଣ ବସନ୍ତୁ । ମୁଁ ବିଅର୍ ନେଇ ଆସେ !'

ମୁଁ କହିଲି... 'ନା, ଖାଲି ପାଣି ଆଣ ମିନୁ ।'

କିଛି ସମୟ ପରେ ମିନତି ଗୋଟାଏ ଗ୍ଲାସରେ ପାଣି ଆଣି ପାଖରେ ଟି'ପୟ ଉପରେ ରଖିଦେଇ ଚାଲି ଯାଉଥିଲା । ମୁଁ କହିଲି... 'ବସ ମିନୁ !'

ଦ୍ୱିଧା ଓ ସଙ୍କୋଚରେ ମିନୁ ମୋରି ସୋଫାର ଗୋଟିଏ କୋଣରେ ବସିଲା ।

ମୁଁ ପଚାରିଲି - 'ତମ ଘର କେଉଁଠି ମିନୁ ?

ମିନୁର ଦୁଇଆଖି ଏ ପ୍ରଶ୍ନରେ ଛଳଛଳ ହୋଇ ଉଠିଲା । କ୍ରମେ ତା'ର ଦୁଇ ନିଟୋଳ ଗଣ୍ଡ ଉପରେ ବହି ଆସିଲା ଦୁଇଧାର ଲୁହ !

ମୁଁ ପଚାରିଲି- 'କାନ୍ଦିଲ ଯେ !'

ସେ କହିଲା- 'ଆମ ଘର ଏଠୁ ଅନେକ ଦୂର ବାବୁ ! ଆମେ ପଳାଇ ଆସୁଥିଲୁ । ମୋ ବାପା କେଉଁଠି ହଜିଗଲେ । ଭାଇ ହାଣ ମୁହଁରେ ମଲା ।'

'ମା ଶେଷକୁ ମୋତେ ଏଇଠି...' ଆଉ କିଛି କହି ପାରିଲା ନାହିଁ । ହତଭାଗିନୀ ମାତା ଶେଷକୁ ନିଜ ଜୀବନର ଭାରକୁ ଉଶ୍ୱାସ କରିବା ଲାଗି, ତାକୁ ବିକ୍ରି କରି ଦେଇ ଯାଇଛି, ଏଇ ପାର୍କଷ୍ଟ୍ରୀଟ୍ ମୋଡ଼ରେ ।

ଏ ପୃଥିବୀରେ ଆଜି କାନ୍ଦିବା ପାଇଁ ଏତେ ଉପାଦାନ ମିଳୁଛି ଯେ କାନ୍ଦିବା ଅତି ସ୍ୱାଭାବିକ ହୋଇ ଉଠିଛି । ଆଉ ଲୁହ ନାହିଁ; ସେଥିପାଇଁ ମିନୁ ସାଙ୍ଗରେ ଆଖିର ଲୁହ ମିଶାଇ କାନ୍ଦି ପାରିଲି ନାହିଁ ।

ପଚାରିଲି, 'ତୁମେ ପାଠ ପଢ଼ିଛ ମିନୁ ?'

ମିନୁ କହିଲା, 'ହଁ, ବହି ପଢ଼ିପାରେ ।'

ପକେଟରୁ ଖଣ୍ଡେ ଛୋଟ ରୂପକଥାର ବହି କାଢ଼ି ତା' ହାତରେ ଦେଇ କହିଲି... 'ମନ ଯେତେବେଳେ ବେଶି ଖରାପ ହେବ, ସେତେବେଳେ ବହି ଖଣ୍ଡକ ପଢ଼ିବ ମିନୁ, ରଖିଥାଅ ।'

Digitized by srujanika@gmail.com

କୁମାରୀସୁଇଭ ଚପଚଡାରେ ମିନୁ ବହିର ସୁନ୍ଦର ମଲାଟଟା ଉପରେ କେଇଥର ହାତ ବୁଲାଇ ନେଲା । ବହିର ମଲାଟ ଉପରେ କେଉଁ ଅଜଣା ଦେଶର ରାଜକୁମାରର ଚିତ୍ର । ମନ ପବନ ଘୋଡ଼ାରେ ଚଢ଼ି ଚାଲିଛି, ବନ୍ଦିନୀ ରାଜକନ୍ୟାକୁ ମୁକ୍ତ କରିବା ପାଇଁ ।

କେଜାଣି ମିନୁ ହୁଏତ ଭାବୁଥିଲା ତାର ସ୍ୱପ୍ନର ରାଜକୁମାର କେବେ ଆସିବ କି ? ନା, ହୁଏତ ଆସିବ ନାହିଁ । ମହାନଗରୀର ଉପକଣ୍ଠର ଅଗଣାଗ୍ନି ବନସ୍ତ ମଝିରେ ମନପବନ ଘୋଡ଼ାର ପକ୍ଷ ଭାଙ୍ଗିପଡ଼ିଛି ।

ଶିଡ଼ିରେ ଚନ୍ଦ୍ରା ଆଉ ତା'ର ଦୁଇ ମଦ୍ୟପ ବିଳାସୀଙ୍କର ଉଚ୍ଛୃଙ୍ଖଳ ପାଦଶବ୍ଦ ଶୁଭିଲା । ମିନତି ଉଠି ଚାଲିଗଲା ।

ସେ ଦୁଇଜଣ ଚାଲିଗଲେ । ଚନ୍ଦ୍ରା ଦରଜା ବନ୍ଦକରି ମୋ ପାଖରେ ଆସି ବସିପଡ଼ିଲା । ଦେହରୁ ତା'ର ବାହାରୁଥିଲା ଶସ୍ତା ଜୀନ୍‌ର ଗନ୍ଧ । ଘୃଣାରେ ଘୁଣ୍ଟି ଆସିଲି ।

ଚନ୍ଦ୍ରା କହିଲା - 'ଆଜି ଆଉ ଏଠି ନୁହେଁ ବାବୁ, ଉପରକୁ ଆସନ୍ତୁ ।'

ଇଚ୍ଛା ନଥିଲା; ମାତ୍ର ଅଦମ୍ୟ କୌତୂହଳ ଦମନ କରି ନ ପାରି ଚନ୍ଦ୍ରାର ପ୍ରସ୍ତାବରେ ସମ୍ମତ ହୋଇ ତା ପଛେ ପଛେ ଉପରକୁ ଆସିଲି । ଉପର ମହଲାରେ ଚନ୍ଦ୍ରାର କେଛି ମନ୍ଦିର । ଭିତରଟାଯାକ ହୁଇସ୍କି, ସୋଡ଼ା ବୋତଲ ଆଉ ସିଗାରେଟ୍ ବୁଣ୍ଟି ।

ଚନ୍ଦ୍ରା ଖଣ୍ଡେ ସୋଫା ଉପରେ ବସି ପଡ଼ିଲା । ଜୀନ୍ ଓ ହୁଇସ୍କି ନିଶାରେ ତାର ମୁଣ୍ଡ ଧରିଥିଲା ।

ହଠାତ୍ ଆଖି ପଡ଼ିଲା ମୋର, ଚନ୍ଦ୍ରାର ଡ୍ରେସିଂ ଟେବୁଲ ଉପରେ ଖଣ୍ଡେ ପ୍ରେମବନ୍ଧା ଫଟୋ ଉପରେ । ଫଟୋଟି ଜଣେ ସୌମ୍ୟ-ଦର୍ଶନ ଯୁବକର । ପାଖକୁ ଯାଇ ସେ ଫଟୋଟିକୁ ଦେଖିଲି ।

ଚନ୍ଦ୍ରା ଝଡ଼ ପରି ସୋଫା ଉପରୁ ଉଠିଆସି, ସେ ଫଟୋ ଖଣ୍ଡକ ଡ୍ରୟାର ଭିତରେ ପୂରାଇ ବନ୍ଦ କରିଦେଲା ।

ମୁଁ ବିସ୍ମିତ କଣ୍ଠରେ ପଚାରିଲି... 'ଭୟନାହିଁ ଚନ୍ଦ୍ରା । ତୁମର ପ୍ରେମିକ ଶିରୋମଣିଙ୍କୁ ଥରେ ଭଲକରି ଦେଖିଲେ କ୍ଷତି କଣ ?'

ଚନ୍ଦ୍ରା ଅଶ୍ରୁ ଉଦ୍‌ବେଳିତ କଣ୍ଠରେ କାନ୍ଦି କାନ୍ଦି କହିଲା... 'ଜାଣ, ଜାଣ ବାବୁ, କିଏ ସେ ! ସେ ମୋର ନିଜର ପୁଅ - ପୁଅ ଜନ୍ମ ଦେଇଥିଲି ଯାହାକୁ ଦଶମାସ ଗର୍ଭରେ ଧରି ! ଜାରଜ ନୁହେଁ ସେ ବାବୁ, ତା ବାପର ପୁଅ । ଓଃ, ସେଦିନ ତାକୁ ମୋ'ରି ଆଖି ଆଗରେ ହାଣି ପକାଇଲେ । ମଣିଷ କେମିତି ପଶୁ ହୁଏ, ସେହିଦିନ ମୁଁ ଦେଖିଛି । ସ୍ୱାମୀକୁ ମାରିଲେ ସେମିତି । ତା'ପରେ ମୋତେ କେବଳ ବଞ୍ଚାଇଲେ ମୋର ଦେହଲାଗି । ସେହି ଭୁତାବଶିଷ୍ଟ ଦେହକୁ କୌଣସିମତେ ବଞ୍ଚାଇ ମୁଁ ପଳାଇ ଆସିଲି ଏଠିକି !'

ଚନ୍ଦ୍ରା ମୋର ଛାତି ଉପରେ ମୁହଁ ଲୁଚାଇ ଅବୋଧ ବାଳିକା ପରି କାନ୍ଦିବାକୁ ଲାଗିଲା ।

Digitized by srujanika@gmail.com

ତୀବ୍ର କଦର୍ଯ୍ୟ ଗନ୍ଧ ଯୋଗୁଁ ଇଚ୍ଛା ହେଉଥିଲା ତାକୁ ଠେଲି ଫିଙ୍ଗି ଦେବାପାଇଁ । ତଥାପି... ଯେତେ ଇଚ୍ଛା ହୁଏ କାନୁ, କାନୁ ଚନ୍ଦ୍ରା - କାନ୍ଦିଲେ ଯଦି ତା'ର ଅତ୍ୟାଚାରିତ ଆତ୍ମା ଶାନ୍ତି ପାଇପାରେ ।

କିଛି ସମୟ ପରେ ଚନ୍ଦ୍ରା ମୋ ଛାତି ଉପରୁ ମୁହଁ ଉଠାଇ ଲୁହ ପୋଛିଲା । ମୁହଁର ପେଣ୍ଟ୍ ଲୁହରେ ଠାଏଁ ଠାଏଁ ଧୋଇଯାଇ ଦିଶୁଥିଲା ତଳର କଳା ଶେତା ଚମଡ଼ା... ଅତି କଦର୍ଯ୍ୟ ଓ ବୀଭତ୍ସ ! କଇଁଚଛଡ଼ା ଟିଣ ପରି ! ଚନ୍ଦ୍ରାର ଦୁଇ ଆଖିରେ ଦୁଇ ବିନ୍ଦୁ ଲୁହ ଜଳୁଥିଲା, ଦୁଇମୁଣ୍ଡା ରଡ଼ନିଆଁ ପରି ।

ପକେଟରୁ କେଇ ଖଣ୍ଡ ନୋଟ କାଢ଼ି, ଚନ୍ଦ୍ରା ହାତରେ ଗୁଞ୍ଜି ଦେଇ କହିଲି, - 'ମୁଁ ଆସୁଛି ଚନ୍ଦ୍ରା ।'

ଚନ୍ଦ୍ରା କହିଲା - 'ନା ବାବୁ, ଆଜି ଛାଡ଼ିବି ନାହିଁ ତମକୁ, ସେ ମାତାଲ ଦୁଇଟା... ।'

ରାତି ଦୁଇଟା ବାଜିବାକୁ ପାଞ୍ଚମିନିଟ୍ ବାକି ।

ମୁଁ କହିଲି - 'ନା, ମୁଁ ଯିବି ଚନ୍ଦ୍ରା !'

ଚନ୍ଦ୍ରା ମୋ ମୁହଁ ଉପରେ ତାର ଲିପ୍‌ଷ୍ଟିକ୍‌ମଖା ଓଠ ଚାପି ଧରି କହିଲା, 'ନା, ତମେ ଯାଇ ପାରିବ ନାହିଁ ବାବୁ ।'

ଦେହ ଉପରେ ମୋର କିଏ ଯେପରି ମାଡ଼ି ଧରିଥିଲା ଖଣ୍ଡେ ଜଳନ୍ତା କୋଇଲା । ଚନ୍ଦ୍ରାର ରଙ୍ଗଛଡ଼ା ଗାଲ ଉପରେ ଗୋଟାଏ ଚଟକଣା ମାରି କହିଲି, - 'ଛାଡ଼ ମୋତେ ।'

ଚନ୍ଦ୍ରା ବିସ୍ମିତ ଓ ଆହତ କଣ୍ଠରେ କହିଲା - 'ବାବୁ' !

ମୁଁ କହିଲି - 'ବାବୁ ନୁହେଁ । ଡାକିବା ପାଇଁ ଇଚ୍ଛା ହୁଏ ତ କୁହ ବାପ ବୋଲି- ତମର ପୁଅ ବଞ୍ଚିଥିଲେ... ।'

ଚନ୍ଦ୍ରା ମୋ ଛାତି ଉପରେ ମୁହଁ ମାଡ଼ି କାନ୍ଦି କାନ୍ଦି କହିଲା - 'ହେ ଭଗବାନ !'

ବାହାରେ ମହାନଗରୀର ରାତ୍ରି ଉପହାସ କରି ଉଠୁଥିଲା - 'ହେ ଭଗବାନ ।'

ଗଙ୍ଗା ଜେଟୀରେ କୂଳଛଡ଼ା ଷ୍ଟିମର୍‌ର ସେହି ଅଶାନ୍ତ ଚିତ୍କାର ଭିତରେ ତାହାର ପ୍ରତିଧ୍ୱନି ଶୁଭୁଥିଲା ।

Digitized by srujanika@gmail.com

ଖାଦାନୀ

ମେଘ କୁଣ୍ଡା ଝାଡୁଛି ...

କାରୋ ପାହାଡ଼ଚୂଳ ଖଣ୍ଡେ ଧଳା ବଉଦର କମଳ ତଳେ ଅଧା ଦିଶୁନାହିଁ । ବାର୍ଡ଼ କମ୍ପାନୀ ଖାଦାନରେ ଘଣ୍ଟା ପିଟା ହେଲା... ଦିନ ବାରଟା ।

ରେଲ୍ ସାଇଡ଼ିଂ ବନ୍ଧତଳେ, ଗୁଣ୍ଡ କୋଇଲା ଆଉ ମାଙ୍ଗାନିଜ ପଥର ଗୁଣ୍ଡର ଗୋଟିଏ ଗଦା ଉପରେ ବସି, ଜାନମ୍ ମୁଣ୍ଡା ଚାହିଁ ରହିଥିଲା ସାମନା ରାସ୍ତା ଆଡ଼େ ।

ଜାନମ୍ ମୁଣ୍ଡା ବୁଢ଼ା । ବୟସ ପଚାରିଲେ ସେ କହିବ, 'ଜାଣେ ନାହିଁ ।' ଜୋର କରି, ଧମ୍‌କେଇ ପଚାରିଲେ କହିବ 'ଦି' କୋଡ଼ି କି କୋଡ଼ିଏ ! କିନ୍ତୁ ଦେଖିଲେ ମନେ ହେବ ଷାଠିଏ ପାଖାପାଖି । ଅଲରା ମୁଣ୍ଡବାଳ ସବୁ ପାଚି ଆସିଲାଣି । ଆଖି ଦୁଇଟା ଫୁଲାଫୁଲା, ସେଥିରୁ ପାଣି ଝରୁଛି । ଚେପ୍‌ଟା ନାକଅଗଟା ଗୋଟିଏ ମାଂସ ପିଣ୍ଡୁଳା । କଳାଗାରଟଣା, ଶୁଖିଲା ଚମଡ଼ାଢଙ୍କା ମୁହଁ ଉପରେ ସେହି ନାକ ଅଗଟା ପ୍ରଥମ ଦିଶେ ଖୁବ୍ ବଡ଼ ଓ ସ୍ପଷ୍ଟ ହୋଇ । ଅଣ୍ଡାରେ ଖାଦାନ ଧୂଳିରେ କଷରା ଖଣ୍ଡେ କନା, ମୁଣ୍ଡରେ ସେହି ରଙ୍ଗର ଆଉ ଖଣ୍ଡେ କନା ଗୁଡ଼ା ହୋଇଛି । କାନରେ ଖଣ୍ଡେ ଖଣ୍ଡିଆ ସିଗାରେଟ୍ ଖୋସା ହୋଇଛି । ଫ୍ରାନ୍‌ସିସ୍ ହାଁସ୍‌ଦା ଆଜି ସକାଳେ ବଡ଼ବିଲ ବଜାରରେ ତାକୁ ଡାକି ଦେଇଥିଲା ଟିଣେ ଚା' ଆଉ ଖଣ୍ଡେ ସିଗ୍ରେଟ୍ ।

ଫ୍ରାନ୍‌ସିସ୍ କହୁଥିଲା, ପାଦ୍ରୀ ସାଇବ ପାଖକୁ ଗଲେ ଟଙ୍କା ଦେବ, ଲୁଗା ଦେବ, ଜମି ଜାଗା କରାଇଦେବ । ବୁଢ଼ାଦିନେ ଜାନମ୍ ମୁଣ୍ଡା ଶାନ୍ତିରେ, ସୁଖରେ ରହି ପାରିବ ।

ଦୂର୍ ହ... ଦୂର୍ ହ... ଫ୍ରାନ୍‌ସିସ୍ ପରି ସେ ବଡ଼ ବୋଝାକୁ ଛାଡ଼ିଯିବ ନାହିଁ । ଆଉ କେଇଟା ବା ଦିନ ? କପାଳରେ ତ ନାହିଁ । ନୋହିଲେ କାରୋ ଗାଁରେ ସେତ ଥିଲା ମୁଖିଆ । ଦୁଇଝିଅ ଥିଲେ ରାୟମନି, ଫୁଲମନି । ଖିଲ୍ ଖିଲ୍ ହସରେ ଯେପରି ସୁନା ନଈର ପାହାଡ଼ୀ ସୁଅ ଛୁଟୁଥିଲା । ମୁହଁ ଯେମିତି ଇନ୍ଦୁ ପୁନେଇଁର ଚାଣ୍ଡୁ । କଳା ମୁଗୁନି ପଥରର ନିହାଣକଟା କୁନ୍ଦା ଦେହ । ଜାନମ୍ ଭାବିଥିଲା, କେଢାଣି କୋଡ଼ିଏ ମୁଣ୍ଡ ପୋଡ଼ ବଳଦ ପାଇଥାନ୍ତା - ରାୟମନି ଆଉ ଫୁଲମନିକୁ ସାଦୀ ଦେଇ, ସୁଖମୁ ବାବଦକୁ । ସେତ ହେଲାନାହିଁ ! ଆଉ ଏ ଦିନେ ସେ ଯିବ ପାଦ୍ରୀ ସାଇବ ପାଖକୁ ।

ଇଞ୍ଜିଣିଝରଣ, ଜୋର୍ଡ଼ା, କୋଇଡ଼ା, ବଣେଇ ଆଡ଼େ ସାପେଇ ସାପେଇ, ଉଠ୍‌ପଡ୍ ହୋଇ ପାହାଡ଼ କାଟି କାଟି ଚାଲି ଯାଇଛି, ଶାଇନ୍ଧାଇଡଙ୍କା ଗେରୁଆ ସଡ଼କ । ସେହି ସଡ଼କରେ ଚାଲିଛି ଅସୁମାରୀ ଟ୍ରକ୍ ଆଉ ଜିପ୍, ଘଡ଼ିକେ ପହୁଡ଼କେ ପାହାଡ଼ଖଣ୍ଡ ଚମକାଇ । ଡ୍ରାଇଭରର ସିଟ୍ ପଛଆଡ଼େ ଟ୍ରକ୍ ବାଡ଼ାକୁ ଧରି ଠିଆ ହୋଇଛନ୍ତି ରେଜା ଟୋକୀ । ଜୁଡ଼ାରେ କୁରୁଚି ଫୁଲ,

Digitized by srujanika@gmail.com

ଓଠରେ ହସ, ଦେହରେ ଖୁଦାବୟସ । ତାର ରାୟମନି, ଫୁଲମନି ଏଇମାନଙ୍କ ଦଳରେ କେଚାଣି ଏମିତି କୋଉ ଟ୍ରକ୍‌ରେ ହୁଏତ ଠିଆହୋଇ ଯାଉଥିବେ । ଜାନମ୍‌ର ଜାଇଜାଲୁଆ ଆଖିରେ ସେମାନେ ଆଉ ଦିଶୁନାହାନ୍ତି କି ସେମାନଙ୍କୁ ଦେଖିବା ଆଉ ଦରକାର ନାହିଁ । ...ସେମାନେ ଶାଢ଼ୀ ଲୋଭରେ, ଅତର ଲୋଭରେ, କଳବାଜା ଶୁଣିବା ଲୋଭରେ, ଖାଦାନୀ ହେଲେ, ଖୀରସ୍ତାନ ହେଲେ । କମ୍ପାନୀ ସାଇବ, ପଞ୍ଜାବୀ ଡ୍ରାଇଭରର ସଙ୍ଗୀ ହେଲେ । ଛି, ଛି, ଇଜ୍ଜତ ଦେଲେ । ଗଲେ । ମଲେ । ଯାଆନ୍ତୁ ! ଜାନମ୍‌ର ବା ଆଉ କେତେଟା ଦିନ ? ଏଇ ଠାକୁରାଣୀ ପାହାଡ଼ର ବୁରୁବଙ୍ଗା, ଶାଳଜଙ୍ଗଲର ବୀରବଙ୍ଗା, କାରୋ ନଈର ନାଗେଏରା, ତଳମାଟିର ହାସାବଙ୍ଗା, ସବୁରି ଉପରେ ଯେ ଦିନ ରାତି ଆଖି ମେଲି ଅନେଇ ବସିଛି ରିମିଲବଙ୍ଗା, ଏମାନଙ୍କୁ ଛାଡ଼ି ଜାନମ୍ ପାଦ୍ରୀ ପାଖକୁ ଯିବନାହିଁ । ଜାନମ୍ ସମସ୍ତଙ୍କ ଉଦ୍ଦେଶ୍ୟରେ ଥରେ ଥରେ ମାଟିରେ ମୁଣ୍ଡ ଇଗାଇ ଦଣ୍ଡବତ୍ ହେଲା ।

ଜାମ୍‌ଦା ଷ୍ଟେସନ ଆଡୁ ବଡ଼ବିଲ ରେଲ ସାଇଡିଂ ଆଡ଼େ ଗୋଟାଏ ଖାଲି ମାଲ୍‌ଗାଡ଼ି ସିଟି ଦେଇ ଦେଇ ମାଡ଼ି ଆସୁଛି । ଇଞ୍ଜିନ୍‌ରୁ ଧୂଆଁ ବାହାରୁଛି ଭକ୍ ଭକ୍ । ଏହା ପରେ ଖାଲି ଡବା ଗୁଡ଼ାକରେ ବୋଝେଇ ହୋଇ ଓଡ଼ିଶାର ଗୋଡ଼ି ମାଟି, ରପ୍ତାନୀ ହେବ କଲିକତା ବନ୍ଦରରୁ । ଆମଦାନୀ ହେବ ସୁନା, ତଲାର । ଓଡ଼ିଶାର ଆଦିବାସୀ ଜାନମ୍ ମୁଣ୍ଡା, ଯେଉଁ ମାଟିକୁ ପୂଜା କରି ଆସୁଥିଲା ହାସାବଙ୍ଗା ବୋଲି, ଯେଉଁ ପାହାଡ଼କୁ ବଳି ଦେଇ ଆସୁଥିଲା ବୁରୁବଙ୍ଗା ଭାବି, ସେହି ମାଟି ଖୋଳି, ପାହାଡ଼ ତାଡ଼ି, ବିଦେଶୀ ବଣିଆ ଆଜି ସୁନା କୁଡ଼ୋଉଛି ! ଯେଉଁ ସାରୁନାରେ ରାତିଅଧରେ ଅରଣ୍ୟ ଦେବତା ବୀରବଙ୍ଗା ବୁଲି ବୁଲି ବଂଶୀ ବଜାଉଥିଲା, ସେ ସାରୁନା ଆଜି କଟା ହୋଇ ପଡ଼ିଛି, ଥୁଣ୍ଟା ଟାଙ୍ଗର । ବୀରବଙ୍ଗା ଏହିପରି ମାଲଗାଡ଼ିରେ ବୁହା ହୋଇ ବିକ୍ରି ହୋଇଛି କଲିକତା ବଜାରରେ । ସଭ୍ୟଜଗତର ବଣିଆ ସବୁ ଲୁଟ୍ କରିଛି; ଜାନମ୍ ମୁଣ୍ଡାର ମାଟି, ଜାନମ୍ ମୁଣ୍ଡାର ପାହାଡ଼, ଜାନମ୍ ମୁଣ୍ଡାର ସାରୁନା, ଜାନମ୍ ମୁଣ୍ଡାର ସମ୍ପଦ ! ଶୋଷଣ କରିଛି ଜାନମ୍ ମୁଣ୍ଡାର ଝାଇ, ଜାନମ୍ ମୁଣ୍ଡାର ରଭ, ଲୁଣ୍ଠନ କରିଛି ପୁଣି ସୁନିଆଁ, କଇଁଚା, ରାୟମନି ଆଉ ଫୁଲମନି ପରି କେତେ ଧାଙ୍ଗଡ଼ୀଙ୍କ ଇଜ୍ଜତ ! ସବୁ ଶେଷ ହେଲା ପରେ, ପାହାଡ଼ ପଡ଼ିଛି ଫମ୍ପା ହୋଇ, ଗୋଡ଼ା ଜମି ପଡ଼ିଛି ଖାତ ହୋଇ, ରାୟମନି କୁଆଡ଼େ ଯାଇଛି କୋଉ ଶିଖ୍ ଡ୍ରାଇଭରର ସଙ୍ଗୀ ହୋଇ, ଫୁଲମନି ରାଣ୍ଡୀ ସାଜି ପଡ଼ିଛି ବଡ଼ବିଲ ବସ୍ତିରେ ଗନୋରିଆ, ସିଫିଲିସ୍‌ରେ ଷଡ଼ି; ଆଉ ଜାନମ୍ ମୁଣ୍ଡା ବସିଛି ଭୋକିଲା ପେଟରେ, ଶେତା ଫୁଲା ଆଖିରୁ ପାଣି ଗଡ଼ାଇ; ମାଙ୍ଗାନିଜ୍ ପଥର ଗୁଣ୍ଡର ଗଦା ଉପରେ... ରେଲ୍ ଲାଇନ କଡ଼ରେ !

କାରୋ ଗାଁର ଜାନମ୍ ମୁଣ୍ଡା ।

ଖାଲି ଜଣେ ମଣିଷ ନୁହେଁ - ଏ ଲାଞ୍ଛନା, ଏ ଶୋଷଣ ଓ ନିର୍ଯ୍ୟାତନାର ସଙ୍କେତ !

ବାଗିନ୍ ପରେ ବାଗିନ୍ (ୱାଗନ୍) ବୋଝାଇ ହୋଇ ଆସୁଛି ବାର୍ଡ କମ୍ପାନୀର ମାଙ୍ଗାନିଜ୍, ଟାଟା କମ୍ପାନୀର ଲୁହା... ଅଣ୍ଡା ପିଠି ନୁଆଁଇ ବାଗିନ୍ ଠେଲି ଠେଲି ଆଣୁଛନ୍ତି ପୁରୁଷ ଆଉ ସ୍ତ୍ରୀ

Digitized by srujanika@gmail.com

ଯୋଡ଼ି ଯୋଡ଼ି ହୋଇ । ଅଲରା ଜୁଡ଼ାରେ ଧାତକୀ ଫୁଲ ଶୁଖି ଯାଇଛି, ମୁଣ୍ଡର ଝାଳ ବର୍ଷା ପାଣି ସାଙ୍ଗରେ ମିଶି ତୁଣ୍ଡ ଭିତରେ ବୋହି ଯାଉଛି । ନାଲି ଧୂଳିରେ କଷରା ଶାଢ଼ୀ ତନ୍ତୁ କୋଣାର୍କ ନର୍ତ୍ତକୀର ବକ୍ଷଶ୍ରୀ, ଠିକାଦାରର ଲୁବ୍‌ଧ ଆଖିରୁ ବଞ୍ଚାଇବା ପାଇଁ ଉଦ୍ୟମ ନାହିଁ । ହାୟ ଭଗବାନ୍ ...ଏତେ ଐଶ୍ୱର୍ଯ୍ୟ, ଏତେ କ୍ଷୁଧା, ଏତେ ସୌନ୍ଦର୍ଯ୍ୟ, ଏତେ ଦାରିଦ୍ର୍ୟ କେବଳ ଓଡ଼ିଶାର ଅନ୍ଧାରିମୂଳକ ଏହି ଖାଦାନ୍ ରାଜ୍ୟରେ ହିଁ ସମ୍ଭବ କରିଛି ।

ଜାନମ୍ ମୁଣ୍ଡା ଯିବାପାଇଁ ଉଠିଲା । କାରୋ ଗାଁ ଏଠୁ ପୁଣି ବହେ ବାଟ । କ୍ଷେତବାଡ଼ି କାମ ଦିନରେ ଖାଦାନ୍‌ମାନଙ୍କରେ କୁଲି ମଜୁରିଆମାନେ ଖାଦାନ୍ ଛାଡ଼ି ଚାଲିଯାନ୍ତି । କ୍ଷେତକାମ ଶେଷ ହେଲେ ପୁଣି ଫେରିଆସନ୍ତି ଖାଦାନ୍‌କୁ । ସେମାନଙ୍କ ଭିତରୁ କେତେକ କାମ ପାନ୍ତି ପୁଣି ଆଉ ଅନେକେ କାମ ନପାଇ ଫେରିଯାନ୍ତି । ଜାନମ୍ ଖାଦାନ୍‌ରେ କାମ କରିବା ପାଇଁ ଘୃଣାକରେ । ସମସ୍ତେ ଘୃଣା କରନ୍ତି । ସେଥିପାଇଁ ଖାଦାନ୍ ମାଲିକମାନେ ବର୍ଷ କେତେଟା ତଳେ ସୁଦ୍ଧା, ବାହାରୁ କୁଲି ଆଣି ଖାଦାନ୍ ଚଳାଉଥିଲେ । ଏବେ ଅବଶ୍ୟ ଖାଦାନ୍‌ର ଆକର୍ଷଣ ବଢ଼ିଛି । ଖାଦାନ୍ କମାଣରୁ ସୁବିଧାରେ ଦାରୁ ମିଳେ, ବଡ଼ବିଲ୍ ବଜାରରେ ଶସ୍ତା ସିଗାରେଟ୍ ମିଳେ, ଶସ୍ତା ଅତର ମିଳେ, ରଙ୍ଗ ବେରଙ୍ଗ ଶାଢ଼ୀ ମିଳେ... ତେଣୁ ପୂର୍ବର ସେ ଘୃଣା ଆଉ ସେତେ ପରିମାଣରେ ନାହିଁ । ତଥାପି କାରୋ, ଖେଣ୍ଡ୍ରା, ଦଲକୀ, ବେଲକୋଣ୍ଡୀ ପ୍ରଭୃତି ଗାଁର ଗ୍ରାମ୍ୟସମାଜରେ ଖାଦାନ୍ ପ୍ରତି ପୂର୍ବର ଭୟ ଓ ଘୃଣା କମିନାହିଁ । ଯେ ଖାଦାନ୍‌କୁ ଗଲା ସେ ହେଲା ଖାଦାନୀ, ତାର ବୁନିୟାଦ୍ ଗଲା । ଖାଦାନ୍ ଭିତରେ କମ୍ପାନୀ ସାଇବ ବୁରୁବଙ୍ଗା ପାଖରେ ବଳି ପକାଏ, ହାସପାତାଲ ଭିତରେ ଧରି ନେଇ ହାତ ଗୋଡ଼ କାଟି ପକାଏ ବୋଲି ତଥାପି ନାନା ବିଚିତ୍ର ଆଶଙ୍କା ଏହି ସମାଜରେ ଛପି ରହିଛି ।

ଜାନମ୍ ମୁଣ୍ଡା ସେହିମାନଙ୍କ ମଧ୍ୟରୁ ଜଣେ ।

ମାତ୍ର ଗତବର୍ଷ ମରୁଡ଼ି ପଡ଼ିଲା । ଖାଦାନ୍ ଗର୍ଭରେ ଯାଇଁ ଜାନମ୍ ମୁଣ୍ଡାର ଜମି ଯାହା ବଳିଥିଲା, ସେଥିରେ ଫସଲ ଜଳିଗଲା । ଜାନମ୍ ବାଧ ହୋଇ ଆସିଥିଲା ଖାଦାନ୍‌କୁ ।

ଆଜି କିନ୍ତୁ ଠିକାଦାର ମନା କରିଦେଲା... କାମ ନାହିଁ । କୋଉ ସକାଳୁ ଖୁରୀଏ ସିଝାପିତାକୁ ଖାଇ ଜାନମ୍ ମୁଣ୍ଡା ବଡ଼ବିଲ ଆସିଥିଲା କାମ ପାଇଁ । କାମ ମିଳିଲା ନାହିଁ । କାରୋ ଗାଁ ଆଉରି ବୁହେ ବାଟ । ଜାନମ୍ ମୁଣ୍ଡା ଯିବା ପାଇଁ ଉଠିଲା ।

ଦୁଇ

ବଡ଼ବିଲ ବସ୍ତି ମୁଣ୍ଡରେ ମଦଭାଟି ।

ଆଜି ଖାଦାନ୍‌ମାନଙ୍କରେ ସପ୍ତାହର ମଜୁରୀ ମିଳିବା ଦିନ । କାଲି ରବିବାର; ଖାଦନ୍ ବନ୍ଦ । ଆଉ ଟିକକୁ ରାସ୍ତାରେ ଘାଟରେ ଲାଗିଯିବ ମାତ୍‌ଲାମି; ଛୁଟିଯିବ କର୍କଶ କଣ୍ଠରେ ଗୀତ

Digitized by srujanika@gmail.com

ଲହର, ତା'ର ଭିତରେ ଲାଗିଯିବ ଦଙ୍ଗାହଙ୍ଗାମା... ଦାରୁ ଆଉ ବେପରୁଆ ଜୀବନ, ମହୁଆ ଆଉ ଧାଙ୍ଗଡ଼ୀ... ସକାଳକୁ ନିଃଶେଷ ହୋଇ ଯାଇଥିବ ସପ୍ତାହକର ଉପାର୍ଜନ । ଅବଶିଷ୍ଟ ଥିବ ଖାଲି କେତେ ସେର ଚାଉଳ । ନିଜ ନିଜର ପାଉଣା ଆଦାୟ ପାଇଁ ଆସିଲେଣି ଘରର ତିର୍ଲ୍ଲା, ଠେଙ୍ଗାଧରି ଆସିଲେଣି କାବୁଲିବାଲା, ଶ୍ରମିକ ୟୁନିୟନର ବିହାରୀ ଗୁଣ୍ଡା ମଧ୍ୟ ଆସିଲାଣି ଚାନ୍ଦା ଆଦାୟ ପାଇଁ । ମଦଭାଟି ସାମ୍ନାରେ ଲାଗିଗଲାଣି ଭିଡ଼ । ଆକାଶରେ ମାଛକାଡିଆ ବଉଦ ଫାଙ୍କରେ ଉଙ୍କିମାରିଲାଣି ଛତ୍ର । ମଦଭାଟି ପଛ ପଡ଼ିଆରେ ଟିଣ ପିଟି ଦଳେ ଆରମ୍ଭ କରି ଦେଲେଣି ଝୁମୁର ନାଚ । ମାନସିଂ ମୁଣ୍ଡା ବୋତଲେ ଦାରୁ କାଖତଳେ ଯାକି, ଭାଟି ଭିତରୁ ବାହାରି ଆସିଲା । ଏ ଗୋଳମାଳ ଭିତରେ ତାକୁ ଭଲ ଲାଗୁ ନଥିଲା । ସେ ଚାହିଁଥିଲା ଦାରୁ ଆଉ ନିର୍ଜନ ନୀରବତା ।

ମାନସିଂକୁ କିଏ ଜଣେ ଗହଳି ଭିତରକୁ ଡାକିଲା... କାହାଁ ଯାଆଲ୍ ବାନିରେ ଛୋରା ?

ମାନସିଂ ଫେରି ଚାହିଁଲା । ରାସ୍ତା ଉପରକୁ ବାହାରି ଆସିଲା ଗୋରଖପୁରୀ ଏକ ଗୁଣ୍ଡା । ଏ ମଧ୍ୟ ଖାଦାନୀ; ଠାକୁରାଣୀ ଖାଦାନ୍‌ରେ କାମ କରିବା ପାଇଁ କମ୍ପାନୀ ବାହାରୁ ଆଣି ରଖିଛି । ପିନ୍ଧିଛି ଖଣ୍ଡିଏ କଳା ଛିଣ୍ଡା ପ୍ୟାଣ୍ଟ, ଦେହରେ ଖଣ୍ଡେ କଳା କିଟ୍ କିଟ୍ ଗେଞ୍ଜି । ବେକରେ କଳାଫିତାର ଗୋଟାଏ ତାରିକୋଣିଆ ମାଦୁଲୀ ଝୁଲୁଛି । କାଖତଳେ ଖଣ୍ଡେ ବାଉଁଶ ଠେଙ୍ଗା । ଦାରୁ ନିଶାରେ ପାଦ ଚାର ଟଳମଳ ହେଉଛି । କେତେଦିନ ତଳେ ଫୁଲ୍‌ମନି ପାଖରେ ବସି ଦୁହେଁ ମଦ ପିଉଥିଲେ । ମାନ୍‌ସିଂ ସେଦିନ ଯାଇଥିଲା ଫୁଲ୍‌ମନି ପାଖକୁ ତାକୁ ଅଧଃପତନର ସେ ନର୍କ କୁଣ୍ଡରୁ ଫେରାଇ ଆଣିବାପାଇଁ । କିନ୍ତୁ ଫୁଲମନି ସେଦିନ ଏଇ ଗୁଣ୍ଡାକୁ ଲଗାଇ ଦେଇଥିଲା, ମାନସିଂହକୁ ପିଟିବା ପାଇଁ । ମାତ୍ର ନରସିଂହଠାରୁ ମାଡ଼ ଖାଇ ସେ ହାସ୍‌ପାତାଲରେ ପଡ଼ିଥିଲା କିଛିଦିନ । ମୁଣ୍ଡାନ୍ତୁଆ ବାଘନ୍ତୁଆ । ତା'ଦେହରେ ହାତ ଦେବ କିଏ ? ଆଜି ତେଣୁ ଗୋରଖପୁରୀ ନାରାୟନ୍ ପରସାଦ୍ ମାନସିଂହକୁ ଦେଖି ଆସୁଥିଲା ସେଦିନର ପ୍ରତିଶୋଧ ନେବା ପାଇଁ, ଅଶ୍ରାବ୍ୟ ଭାଷାରେ ମାନସିଂହକୁ ଗାଳି ଦେଇ ଦେଇ । ମାନସିଂହ ଦଣ୍ଡକ ପାଇଁ ଚାହିଁଲା ନାରୟନ୍‌ର ଦାରୁଦଙ୍ଗା ଆଖି ଆଡ଼େ । ତା'ପରେ ତା ପେଟକୁ ଲକ୍ଷ୍ୟ କରି ମାରିଲା ଏକ ଘୁଷି । ନାରାୟନ୍ ତଳେ ପଡ଼ିଗଲା । ନାରାୟନ୍‌ର ଠେଙ୍ଗା କାଡ଼ିଆଣି ମାନସିଂ ଉଞ୍ଚାଉଥିଲା, ନାରାୟନ୍‌ର ମୁଣ୍ଡ ଉପରକୁ । କିନ୍ତୁ ପର ମୁହୂର୍ତ୍ତରେ କଅଣ ଭାବି ଠେଙ୍ଗାଟା ତଳେ ପିଙ୍ଗି ଦେଇ ସେ ଚାଲିଗଲା ଲୋକ ଗହଳି ବାହାରକୁ ।

କି ଗୋଟାଏ ବଣଫୁଲର ମହକ ସନ୍ଧ୍ୟାର ପବନରେ ବହୁଦୂରରୁ ଭାସି ଭାସି ଆସୁଛି । ଗୋଟିଏ ଅଦିନ କୋଇଲି କେଉଁଠୁ କେଉଁ ପତ୍ର ଗହଳିରେ ରାବି ଉଠୁଛି ରହି ରହି । ମାନସିଂ ନିଭୃତ ନିର୍ଜନ ରାସ୍ତା କଡ଼ରେ ଗୋଟାଏ ଶାଳ ଗଛ ଦେହରେ ଆଉଜି ବସି ପଡ଼ିଲା, ସାମ୍ନାରେ ମେଘ ଆଲୁଅଧୁଆ ଜଙ୍ଗଲ ଆଡ଼େ ଚାହିଁ ।

ଏମିତି ଜହ୍ନଆଲୁଅ ଦେଖିଲେ ମନେ ପଡ଼ିଯାଏ ଫୁଲ୍‌ମନିର କଥା, ବହୁଦିନ ତଳର ସେଇ ଇତ୍‌ପରତ୍‌ର କଥା । ବୁଡ୍... ଫୁଲ୍‌ମନି ରାଣ୍ଡି । ଫୁଲ୍‌ମନି ମଇଶାଣି । ଆଉ ଫୁଲ୍‌ମନିର କଥା କାହିଁକି ? ମାନସିଂ ଦାରୁ ବୋତଲ ଖୋଲି ମୁହଁରେ ଲଗାଇଲା । ମାନସିଂହର ମନେ ପଡ଼ିଲା ଗାଁ କଥା,

Digitized by srujanika@gmail.com

ଘର କଥା । ଦଲ୍‌କୀ ଗାଁରେ ଥିଲା ଘର । ଗାଁ ଶେଷରେ, ପାହାଡ଼ ମୁଣ୍ଡି ଉପରେ ଛବି ପରି ଖଣ୍ଡେ ଘର । ମାନ୍‌ସିଂର ମା ବହୁ ଯତ୍ନରେ ସେ ଘରକୁ ରଙ୍ଗାଇ ଥିଲା... ପ୍ରଥମେ ଢାଉଆ ମାଟି ତା' ଉପରକୁ କଳାମାଟି, ଆଉ କଳାମାଟି ଉପରକୁ ହଳଦିଆ ମାଟିର ଗୋଟିଏ ଚଉଡ଼ା ଗାର ଦେଇ ଉପରେ ଟାଇଲର ଛାଉଣି । ଏଦିନେ ସେ ଘର ଚାରିକଡ଼େ ସାବୁଜା ମକ୍‌କା କ୍ଷେତ ଜଙ୍ଗଲ ପରି ବଢ଼ିଉଠେ । ଆଜି ସେ ଘର ଭାଙ୍ଗିଗଲାଣି । ମାନ୍‌ସିଂର ବାପ ଗଲା ଇଢ଼େଇକୁ, ଆସାମ । ପାଦ୍ରୀ ସାଇବ ଦାଦନ୍ ଦେଇ ପଠାଇଥିଲା ଲଢ଼ିବାପାଇଁ । ମାନସିଂହର ବାପ ଆଉ ସେ ଇଢ଼େଇରୁ ଫେରିଲା ନାହିଁ । ଗାଁ ମୁଣ୍ଡରେ ମାନ୍‌ସିଂର ମା, ତା' ବାପ ଉଦ୍ଦେଶ୍ୟରେ ଶାଳଗଛ ତଳେ ବସାଇଥିଲା ଖଣ୍ଡେ ଶଶାନ୍‌ଦିରୀ । ଦୁଇବର୍ଷ ତଳେ ମାନ୍‌ସିଂର ମା'କୁଠାକୁରାଣୀ ଜଙ୍ଗଲରେ ବାଘ ଖାଇଲା । ମାନ୍‌ସିଂ ମା' ଯାଇଥିଲା ପିତାଳୁ, ବଇଙ୍ଗା, ମହୁଆକୁ ଖୋଳିବା ପାଇଁ ଜଙ୍ଗଲକୁ । ମାନ୍‌ସିଂ ତା' ବାପର ଶଶାନ-ଦିରୀ ପାଖରେ ତିନିକୋଣିଆ ଚିକ୍‌କଣ ପଥର ଖଣ୍ଡେ ଆଣି ତା' ମା ଉଦ୍ଦେଶ୍ୟରେ ପକାଇଦେଲା ଆଉ ଖଣ୍ଡେ ଶଶାନ-ଦିରୀ ...ସ୍ମୃତିର ଶେଷଚିହ୍ନ ! ପୁଷମାସର ଶୀତଫୁଲ ଝରିଲେ ସେ ଶଶାନ୍‌ଦିରୀ ଦୁଇଟା ପୋତି ହୋଇପଡ଼େ ଶୀତଫୁଲରେ ।

ଆଜିକୁ ସେ ଅନେକ ଦିନ ତଳେ ।

କାରୋ ଗାଁରେ ହେଉଥିଲା ଇନ୍ଦ୍ର ପରବ । ଶାଳ ଜଙ୍ଗଲରେ ନାଲିପତ୍ରର, ପଲାଶ ଗଛରେ ନାଲି ପଲାଶର, ହୋରି ଲାଗିଥିଲା । ମହୁଲ ଗଛରେ କଚା ଉଅଁର ମାତାଲ ହୋଇଥିଲା । ତଳେ କାରୋଗାଁ, ଦଲକୀ ଗାଁ, ଖେଣ୍ଡ୍ରା ଗାଁ ଆଉ ବେଲକୋଣ୍ଡୀ ଗାଁର ଯେତେକ ଧାଙ୍ଗଡ଼ା, ଯେତେକ ଧାଙ୍ଗଡ଼ୀ ମାତାଲ ହୋଇଥିଲେ ମହୁଆ ନିଶାରେ, ଝୁମ୍‌ର ନାଚରେ, ମାଦଲ ବାଜାରେ, ବଂଶୀର ଲହରରେ । ନାଚି ନାଚି ପାଦ ଥକିଗଲେ, ଦମ୍ ଛିଣ୍ଡିଗଲେ, ଦଳ ଦଳ ହୋଇ ଧାଙ୍ଗଡ଼ା ଧାଙ୍ଗଡ଼ୀ ହାତ ଧରାଧରି ହୋଇ ଚାଲି ଯାଉଥିଲେ ଜଙ୍ଗଲ ଭିତରକୁ, କାରା ନଈ କୂଳକୁ । ଆକାଶରେ ଆଜି ପୁଷୁ ପୂନେଇଁର ଚାଣ୍ଟୁ ଉଠିବ । ଯୌବନ ଦରିଆରେ ତେଣୁ ଆଜି ଜୁଆର ଉଠିଛି । ଆଜି ସାତ ଖୁଣ୍ ମାଫ୍ ।

ଦିନ ଶେଷ ହୋଇ କେତେବେଳେ ସନ୍ଧ୍ୟା ଆସିଲା । ଆକାଶରେ କେତେବେଳେ ଜହ୍ନ ଉଠିଲା । ମାନ୍‌ସିଂର ବଂଶୀ ତଥାପି ବାଜୁଛି । ଜାନମ୍ ମୁଣ୍ଡାର ସାନଝିଅ ଫୁଲ୍‌ମନି ଅନ୍ୟ ଧାଙ୍ଗଡ଼ୀମାନଙ୍କ ସାଙ୍ଗରେ କାନ୍ଧକୁ କାନ୍ଧ ମିଶାଇ, ଅଣ୍ଟାକୁ ଅଣ୍ଟା ମିଶାଇ ତଥାପି ନାଚୁଛି... ପବନରେ ଯେମିତି ପେଛାଏ କୁରେହୀ ଫୁଲ ଦୋକୁଛି ।

ମାନସିଂ ଫୁଲ୍‌ମନିର ଅଣ୍ଟା ଚାରିଆଡ଼େ ହାତ ବେଢ଼ାଇ, ଅଣ୍ଟାରେ ବଇଁଶୀ ଖୋସି ଚାଲି ଆସିଲା, ଜହ୍ନ ଆଲୁଅରେ ଛାପିଛାପିକିଆ ଶାଳଜଙ୍ଗଲ ଭିତରକୁ । ଖଣ୍ଡେ ପଥର ଉପରେ ଦୁହେଁ ବସି ପଡ଼ିଲେ । ମାନ୍‌ସିଂ କହିଲା... 'ଦୁଗିନ୍ ଚାଣ୍ଟୁ ନିଦାହ ବାୟାନା' (ସୁନ୍ଦର ଜହ୍ନରାତି ହୋଇଛି ।)

ଫୁଲ୍‌ମନି ଖିଲ୍ ଖିଲ୍ ହସି ମାନ୍‌ସିଂର ଛାତି ଉପରେ ଲୋଟି ପଡ଼ି, ପୁଣି ଦୂରେଇ ଗଲା ।

ଆକାଶରେ ପୁଷ୍ ପୂନେଇଁର ଚାଣ୍ଟୁ, ପବନରେ ମହୁଲ ଫୁଲର ସୁଆନ୍ ।

Digitized by srujanika@gmail.com

ମାନ୍‌ସିଂ କହିଲା ... 'ଆୟାଁ ହାଡିକାନା' (ମୁଁ ତୋତେ ବାହା ହେବି ।)

ଫୁଲମନି କାରାନଈର ପାହାଡ଼ୀ ସୁଅ ପରି ହସି ହସି ମାନ୍‌ସିଂହଠାରୁ ଦଉଡ଼ି ପଳାଇଲା ।

ମାନ୍‌ସିଂ ତାକୁ ଖୋଜି ଖୋଜି ଆସି ପାଇଲା କାରା ନଈକୂଳରେ, ଗୋଟିଏ ଶାଳଗଛ ତଳେ । ଦୂରରୁ ଶୁଭୁଛି ଇନ୍ଦ୍ର ପରବର ବାଜା ଆଉ ଗୀତ । ଫୁଲମନି ଗୁଣଗୁଣୁ ହୋଇ ଗୀତ ଗାଉଥିଲା । ମାନ୍‌ସିଂହ ତା' ପାଖରେ ବସିପଡ଼ି ପଚାରିଲା... 'ଚିକାନ୍ ଦୁରାଂ ତାନା ?' (କି ଗୀତ ଗାଉଛୁ ?) ଫୁଲମନି ଜହ୍ନ ଆଲୁଅ ଧୁଆ ଏହି ଶାଳ ଜଙ୍ଗଲ ପରି... ତାକୁ ଧରି ହୁଏ, କିନ୍ତୁ ବୁଝି ହୁଏନା । ମାନସିଂ ଫୁଲ୍‌ମନିକୁ ଦୁଇବାହୁ ଭିତରେ ଚାପି ଧରି ତାର କପାଳରେ ଲଗାଇଦେଲା ସିନ୍ଦୂରର ଟିପ । ଫୁଲମନି ମାନସିଂର ବାଗ୍‌ଦତ୍ତା । ମାନସିଂ ମନେ ମନେ ଆଶା କରୁଥିଲା ଫୁଲମନି ମାନସିଂର କପାଳରେ ମଧ୍ୟ ପିନ୍ଧାଇଦେବ ସିନ୍ଦୂରର ଟୀକା । କିନ୍ତୁ ଫୁଲମନି ପୁଣି ଖିଲ୍‌ଖିଲ୍ ହସି ଗାଁ ଆଡ଼କୁ ଦୌଡ଼ି ପଳାଇ ଆସିଲା ।

* * *

ବୋତଲରୁ ଦାରୁ ଶେଷ ହୋଇଛି । ମାନସିଂ ମୁଣ୍ଡା ଖାଲି ବୋତଲଟା ପକେଟ୍ ଭିତରେ ପୂରାଇଦେଲା । ପକେଟ୍‌ରେ ତଥାପି ହପ୍ତାକର ମଜୁରି ପଡ଼ିଛି । ଏ ବୋତଲେ ଦାରୁରେ ହେବନାହିଁ । ମାନସିଂ ଖଣ୍ଟେ ସିଗ୍ରେଟରେ ନିଆଁ ଇଗାଇ ଟଚି ଟଚି ପୁଣି ବତ୍ତି ଆଡ଼େ ଫେରିଲା । ଆଜି ସେ ଚାହେଁ ମାତାଲ ହେବା ପାଇଁ ।

ଅଥଚ ଦିନେ ମାନସିଂ ଦାରୁର ବାସ୍ନା ପାଇଲେ ପାଖ ମାଡୁ ନ ଥିଲା । ତା' ଗାଁରେ ଯେଉଁମାନେ ଦାରୁ ପିଉଥିଲେ, ସେମାନଙ୍କ ସଙ୍ଗରେ ସେ ମିଶୁ ନଥିଲା । ଖାଦାନକୁ ସେ ଘୃଣା କରୁଥିଲା । କିନ୍ତୁ ଜାନମ୍ ମୁଣ୍ଡା ଯେଉଁଦିନ ଖବର ପଠାଇଲା - ଦଶମୁଣ୍ଡ ପୋଡ଼ ସୁଖ୍‌ମୁ ନ ପାଇଲେ ସେ ଫୁଲ୍‌ମନିକୁ ଦେବନାହିଁ, ମାନସିଂ ସୁଖ୍‌ମୁ ପଇସାପାଇଁ ଆସିଲା ବଡ଼ବିଲ୍ ଖାଦାନ୍‌କୁ । ପଇସା ପଇସା କରି ସେ ସଞ୍ଚିଲା ପୋଡ଼ କିଣିବାର ମୂଲ୍ୟ ।

କିନ୍ତୁ ଏହା ଭିତରେ ସବୁ ଓଇଟ ପାଲଟ ହୋଇଗଲା ।

ସେ ବର୍ଷ ପଡ଼ିଲା ମବୁଡ଼ି । ଜଙ୍ଗଲରେ ମହୁଲ ଫଳ, ଚାର୍‌ଫଳ, କାନ୍ଦୁ, ଗୁଲ୍‌ଦି ଫସଲ ଆଉ ତେନ୍ତୁଳି ମଞ୍ଜି, ଯାହା ସଞ୍ଚିତ ହୋଇଥିଲା ସବୁ ଶେଷ ହୋଇଗଲା । ଜଙ୍ଗଲରେ ପିତାନୁ, ବଇଙ୍ଗା, ମଣ୍ଡେଇ, ମହୁଆକୁ ଖୋଜି ଖୋଜି ସବୁଆଡ଼େ ଗୋଟିଏ ଗୋଟିଏ ଛୋଟିଆ ଖାଦାନ୍ ହୋଇଗଲା । କାରୋ ଗାଁର ଲୋକେ ତଥାପି ଖାଦାନ୍‌କୁ ଗଲେନାହିଁ । ଅଥଚ ଖାଦାନ୍‌ରେ ମିଳେ ପଇସା ଆଉ ଚାଉଳ । ବାଧ୍ୟ ହୋଇ ଶେଷରେ କାରୋ ଗାଁରୁ ଜଣ ଜଣ ହୋଇ ଆସିଲେ । ଖାଦାନ୍‌କୁ । କିନ୍ତୁ ଜାନମ୍ ମୁଣ୍ଡା ଆସିଲା ନାହିଁ । ଆସିଲା ଏକା ରାୟମନି, ଗାଁର ଆଉ କେତେକଙ୍କ ସଙ୍ଗରେ ।

* * *

ଫୁଲ୍‌ମନି ତା' କୁଡ଼ିଆଘର ଅଗଣାରେ ବସି କାନ୍ଦୁଥିଲା । ଘର କହିଲେ କାଠବାକ୍‌ସରେ ତିଆରି

Digitized by srujanika@gmail.com

ଅନ୍ଧାର କିଟ୍‌କିଟ୍ ଗୋଟାଏ ଗୁମ୍ଫା । ଉପରେ ଫୁଟା ଦସ୍ତା ଆଉ ଭଙ୍ଗାଟିଣର ଛାତ । ପବନରେ ଟିଣ ଉଡ଼ି ନ ଯିବାପାଇଁ ଉପରେ ଚପା ଯାଇଛି ପଥର, ଇଟା, ସାଇକେଲର ଭଙ୍ଗା ରିମ୍, ଆଉ ବସ୍ତିର ଯେତେକ ପରିତ୍ୟକ୍ତ ଆବର୍ଜନା ।

ପୋଡ଼ପଡ଼ା ଜହ୍ନକୁ ବି ମରଣ ନାହିଁ ! ମେଘଧୂଆ ଆକାଶରେ ତୋରା ଜହ୍ନଆଜୁଅ ପଡ଼ିଛି ଆସି ଫୁଲ୍‌ମନିର କୁଡ଼ିଆ ଅଗଣାରେ, ପଚା ବର୍ଷାପାଣିର ଶିଉଳିଦଳଭରା ନଳା ଉପରେ, ଫୁଲ୍‌ମନିର ବ୍ୟାଧିଗ୍ରସ୍ତ ଶୀର୍ଣ୍ଣ ଦେହ ଉପରେ । ଫୁଲ୍‌ମନି ଦେହରେ ଜର... ଏବେ ସବୁଦିନେ ସଞ୍ଜ ହେଲେ ଦେହ ଜରତାତିରେ ଖଇ ଫୁଟେ । ଫୁଲ୍‌ମନି ଦାରୁ ପିଇ ଦେହକୁ ତାଜା କରେ । ମୁହଁରେ ସ୍ନୋ ପାଉଡ଼ର ମାଖେ, ଜୁଡ଼ାରେ ଧାତକୀ ଫୁଲ ଖୋସେ, ରଙ୍ଗବେରଙ୍ଗର ଶାଢ଼ୀ ପିନ୍ଧେ । ଫୁଲମନିକୁ ସଙ୍ଗୀ କରିଛି ଜଣେ ପଞ୍ଜାବୀ ଡ୍ରାଇଭର । ଅସୁରପରି ଚେହେରା, ବିନା ଲାଇସେନ୍‌ସରେ ଟ୍ରକ୍ ଚଳାଏ । ଦିନକୁ କମାଣି ଶହେଟଙ୍କା । ଦିନେ ଦିନେ ଦୂର ନୋଆମୁଣ୍ଡୀ, ଚାଇଁବସା, ଚକ୍ରଧରପୁର ନୋହିଲେ କୋଇଡ଼ା ପର୍ଯ୍ୟନ୍ତ ଯାଏ ଟ୍ରକ୍ ନେଇ । ସେ ଦିନମାନଙ୍କରେ ସେ ଫେରେ ନାହିଁ । ଫୁଲ୍‌ମନି ସେପରି ସନ୍ଧ୍ୟାମାନଙ୍କରେ ଠିଆ ହୁଏ ଯାଇଁ ମଦଭାଟୀ ପାଖରେ । ଯାହାକୁ ଦେଖେ ତା ଆଡ଼େ ଚାହିଁ ହସେ ।

ଆଜି ଖୁବ୍ ମାଡ଼ ଖାଇଛି ଫୁଲମନି, ସେ ପଞ୍ଜାବୀ ଡ୍ରାଇଭର ପାଖରୁ । ଦାରୁ ନିଶାରେ ଖୁବ୍ ପିଟିଗଲା... ଫୁଲ୍‌ମନିଠାରୁ ତା ଦେହକୁ କୁଆଡ଼େ ବେମାରୀ ଡେଇଁଛି । ଫୁଲ୍‌ମନି ମାଡ଼ର ଜ୍ୱାଳାରେ କାନ୍ଦୁ ନଥିଲା, କାନ୍ଦୁଥିଲା ମନର ଜ୍ୱାଳାରେ ।

ଫୁଲମନିର ମନେ ପଡୁଥିଲା ମାନସିଂ ମୁଣ୍ଡାର କଥା, କାରୋ ଗାଁରେ ସେଦିନ ସେଇ ଇନ୍ଦ ପରବର କଥା । ମାନ୍‌ସିଂ ମୁଣ୍ଡାର ହାତଧରି ସେ ମଧ ଗଡ଼ି ପାରିଥାନ୍ତା ସୁନାର ସଂସାର । ଶାଳଫଳ, ମହୁଲ ଫଳ ସାଉଣ୍ଟି, ବଉଙ୍ଗା, ମଣ୍ଡେଇ ଖୋଳି, ମକା, ମାଣ୍ଡିଆ, କାଙ୍ଗ, ଗୁଇଦି ଚାଷକରି, ଶାଳଗଛ ଛାଇତଳେ ଝୁମୁର, ଡାଇକୋଇ ନାଚି ନାଚି, ସେ ମଧ ବିତାଇ ଦେଇ ପାରିଥାନ୍ତା ଜୀବନ ।

କିନ୍ତୁ... ସେଥର ସେଇ ଯୋଉ ମରୁଡ଼ି ପଡ଼ିଲା, କାରୋ ଗାଁରୁ ଅନେକ ଲୋକ ଗଲେ ଆଖ ପାଖ ଖାଦାନମାନଙ୍କୁ କାମ କରିବା ପାଇଁ । ଖାଦାନରେ ପଇସା ମିଳେ, ଚାଉଳ ବି ମିଳେ । ରାୟମନି ଗାଁ ଲୋକଙ୍କ ସାଥିରେ ଆସିଲା ବଡ଼ବିଲ ଖାଦାନକୁ । ଜାନମ୍ ମୁଣ୍ଡା ମନାକଲା । ଖାଦାନରେ ବୁରୁବଙ୍ଗା ପାଖରେ ବଳି ପକାନ୍ତି, ହାସପାତାଳରେ ରକ୍ତ ହାତଗୋଡ଼ କାଟି ପକାନ୍ତି । କିନ୍ତୁ ରାୟମନି ଜାନମ୍ ମୁଣ୍ଡାର କଥା ନମାନି ଆସିଲା । ମାନସିଂ ମୁଣ୍ଡା ସୁଖ୍‌ମୁ ପଇସା ଯୋଗାଡ଼ କରି ଦଶମୁଣ୍ଡ ପୋଡ଼ କିଣି ଯେଉଁଦିନ ଜାନମ୍ ମୁଣ୍ଡା ପାଖକୁ ଲୋକ ପଠାଇବ, ସେହି ଦିନର ଅପେକ୍ଷା କରି ଫୁଲ୍‌ମନି ରହିଲା ଘରେ ।

ସେଦିନ... ସନ୍ଧ୍ୟା ।

ଫୁଲ୍‌ମନି ଚୁଲି ପାଖରେ ବସି ପିତାନୁ ସିଝାଉଥିଲା ଗୋଟିଏ ହାଣ୍ଡିରେ । ଜାନମ୍ ମୁଣ୍ଡା

Digitized by srujanika@gmail.com

କୋଉଠୁ ଏ ପିତାକୁ ଖୋଜି ଆଣିଛି ଯେ, ଯେତେ ସିଝେଇ ପାଣି ଗାଳିଲେ ବି, ସେଥିରୁ ପିତାଅଂଶ ଯାଉନାହିଁ । ରାୟମନି ଖାଦାନରୁ ଫେରି ଫୁଲମନିଠାରୁ ଅଳ୍ପ ଦୂରେ କାନ୍ଥକୁ ଆଉଜି ବସି ପଡ଼ିଲା । ଜାନମ୍ ମୁଣ୍ଡା ଘର ସାମନା ଶାଳଗଛ ତଳେ ଖଣ୍ଡେ ଦଉଡ଼ିବୁଣା ଖଟିଆ ପକାଇ ହାଣ୍ଡିଆ ନିଶାରେ ଅଚେତ ହୋଇ ପଡ଼ିଥିଲା । କି ଗୋଟାଏ ସୁନ୍ଦର ଭୁରୁଭୁରୁ ଗନ୍ଧରେ ଚାରିଆଡ଼ ମହକି ଉଠିଲା ।

ଫୁଲ୍‌ମନି ପଚାରିଲା... ଏ ବୁଗିନ୍ ସୁଆନ୍ କାହୁଁ ଆସିଲାରେ ରାୟମନି ?'

ରାୟମନି ମାତାଇ କଣ୍ଠରେ ହସିଲା ଖାଲି ହି ହି ହୋଇ । ଫୁଲ୍‌ମନି ରାୟମନି ଆଡ଼େ ଚାହିଁଲା । ରାୟମନି ଦେହରେ ଆଉ ସେ ମଚ୍ଛି କୋଚଟ ଲୁଗା ନାହିଁ । ପିନ୍ଧିଛି ଖଣ୍ଡେ ଆରାଃ (ଲାଇ) ଶାଢ଼ୀ, କଳାଚିକଣ ଜୁଡ଼ାରେ ଖୋସିଛି କୁରୁଚି ଫୁଲ, ମୁହଁରେ ବୋଳିଛି ପାଉଡ଼ର, ଦେହରେ ପିନ୍ଧିଛି ଦିକୁ ମାଇକିନାମାନଙ୍କ ପରି ରଙ୍ଗୀନ ଜାମା ।

ଫୁଲ୍‌ମନି ବିସ୍ମୟରେ ପଚାରିଲା... 'ଏସବୁ କାହୁଁ ପାଇଲୁରେ ରାୟମନି ?'

ରାୟମନି ଖିଲ୍ ଖିଲ୍ ହସି ଲୁଗା ଭିତରୁ ଗୋଟାଏ ଛୋଟ ଅତର ଶିଶି କାଢ଼ି ଫୁଲ୍‌ମନି ଆଡ଼େ ବଢ଼ାଇଦେଲା । ଫୁଲ୍‌ମନି ସେ ଛୋଟ ଶିଶିଟି ନାକ ପାଖରେ ଧରିବାମାତ୍ରେ ଭୁରୁ ଭୁରୁ ସୁଗନ୍ଧରେ ମନ ତାର ସ୍ନିଗ୍ଧ ହୋଇଗଲା । ରାୟମନି ଯାଦୁକର ପରି ଶାଢ଼ୀ ଅଞ୍ଚଳ ଭିତରୁ ଆଉରି ପୁଣି କାଢ଼ିଲା ଖଣ୍ଡେ ବାସନା ସାବୁନ, ଗୋଟାଏ ଆଇନା । ଫୁଲ୍‌ମନି ରାୟମନି ହାତରୁ ଅଇନାଟା ଝାମ୍ପି ନେଇ ଚୁଲି ଆଗୁଅରେ ଥରେ ନିଜ ମୁହଁଆଡ଼େ ଚାହିଁଲା । ସେ ଏତେ ସୁନ୍ଦର, ଏ ଧାରଣା ତା'ର ନଥିଲା କେବେ । ଅଇନାରେ ନିଜର ଚେହେରା ଦେଖି ସେ ଏତେ ମୁଗ୍ଧ ହୋଇଗଲା ଯେ ପିତାକୁ କେତେବେଳେ ହାଣ୍ଡି ତଳିରେ ଲାଗି ପୋଡ଼ିଗଲା, ତାକୁ ଜଣା ସୁଦ୍ଧା ପଡ଼ିଲା ନାହିଁ । ଫୁଲ୍‌ମନି ପଚାରିଲା... 'ଏ ସବୁ କାହୁଁ ପାଇଲୁରେ ରାୟମନି ?'

ରାୟମନି ଖିଲ୍ ଖିଲ୍ ହସି ଜବାବ ଦେଲା - 'ଖାଦାନ୍ ବାବୁ ଦେଲା, କହିଛି ଆହୁରି ଦେବ ।'

ତା' ପରଦିନ ରାୟମନି ଫୁଲ୍‌ମନି, ଦୁଇ ଭଉଣୀ ହାତ ଧରାଧରି ହୋଇ, କରମା ଗୀତ ଗାଇ ଗାଇ, ଡାଲିରେ ବଡ଼ବିଲ ଖାଦାନ ଆଡ଼େ ।

ସେ ବହୁଦିନ ତଳେ ।

ସେଦିନୁ ଫୁଲ୍‌ମନି କେତେ ଖାଦାନ ଠିକାଦାରର ସଙ୍ଗୀ ହୋଇ ରହିଛି । ପୁଣି କେତେବାର ତଡ଼ା ଖାଇ ମାଡ଼ ଖାଇ ଆସିଛି ତା'ର ସୁମାରି ନାହିଁ । ମାନସିଂ ମୁଣ୍ଡା ଦଶମୁଣ୍ଡ ପୋଡ଼ କିଣି ବହୁବାର ଜାନମ୍ ମୁଣ୍ଡା ଦୁଆରକୁ ଆସିଛି । କିନ୍ତୁ ସବୁଥର ଫେରିଛି ଫୁଲମନି ଠାରୁ ଦୂର୍ ଦୂର୍, ମାର୍ ମାର୍; ଗାଳି ଶୁଣି । ଆଜି ଅବଶ୍ୟ ଖାଦାନର ମୋହ ଗଲାଣି । ବାସ୍ନାତେଲ, ସାବୁନର ଚଟକ ଗଲାଣି । ଫୁଲ୍‌ମନି ବେଢେ ବେଢେ ଭାବେ କାରୋ ଗାଁରେ, ଶାଳଛାଇ ତଳେ ଛାଉଣୀ ମାଟିରେ ରଙ୍ଗୀ ସେହି ଘରଟି ଭିତରକୁ ଧାଇଁ ପଳାଇବା ପାଇଁ । ଫୁଲ୍‌ମନି ଦିନେ କେତେ ଦୂରବାଟରୁ ଲାଲମାଟି, କଳାମାଟି ଆଣି ନିଜ ହାତରେ ଲିପି ପୋଛି ସେ ଘର ଖଣ୍ଡିକୁ ଚିକ୍ ଚିକ୍ କରି ରଖିଥିଲା ।

Digitized by srujanika@gmail.com

କିନ୍ତୁ ଆଜି କାରୋଗାଁରେ ସମାଜରେ ତା'ର ସ୍ଥାନ ନାହିଁ । କାରୋ ଗାଁ । ରାସ୍ତାରେ ତା' ପାଇଁ ଆଜି କଣ୍ଟା ଛଟା ହୋଇଛି ।

* * *

ଖାଦାନ ସାଇବ ବଙ୍ଗଳାରେ ଘଣ୍ଟା ପିଟା ହେଲା... ରାତି ବାରଟା । ସବୁଆଡ଼େ ନୀରବ, ନିର୍ଜନ । ଆକାଶରେ ମେଘ ପରେ ମେଘ ଜମି ଆସୁଛି । ମେଘର ଗହଳି ଭିତରେ ଜହ୍ନ ମହଳ ଦିଶିଲାଣି । ମାନସିଂ ମୁଣ୍ଡା ବଡ଼ବିଲ ବଜାର ଶେଷରେ ଫୁଲ୍‌ମନିର କୁଡ଼ିଆ ଦୁଆରେ, ଅନ୍ଧାରରେ, ଦାରୁନିଶାରେ ଟଳିଟଳି ଛିଡ଼ା ହେଲା । ଭିତରୁ ଶୁଭୁଛି ଫୁଲ୍‌ମନି କାହାସଙ୍ଗରେ ଦାରୁ ପିଇ ମାତାଇ କଣ୍ଠରେ ହସୁଛି, କଥା କହୁଛି । ମାନସିଂ ମୁଣ୍ଡା ଚିତା ବାଘ ପରି ଲେପ୍‌ଟି, ବାକ୍‌ଲା ଫାଙ୍କାରେ ଚାହିଁ ଦେଖିଲା ସେହି ନାରାୟନ୍ ପରସାଦ ଚଟାଣରେ ପଡ଼ିଛି ଚିତ୍ ହୋଇ, ଚାରିକାତ ମେଲାଇ । ଫୁଲ୍‌ମନି ତା' ଛାତି ଉପରେ ମୁଣ୍ଡ ରଖି ପାଗଳୀ ପରି ହସୁଛି, କଥା କହୁଛି । ଗୋଟାଏ ଲଣ୍ଠନ ଖଣ୍ଡିଆ ତଳେ ଜକୁଛି ମିଞ୍ଜି ମିଞ୍ଜି ହୋଇ । ଦୁଇ ତିନିଟା ଦାରୁ ବୋତଲ ଏଣେ ତେଣେ ପଡ଼ିଛି ବିଅ୍ ହୋଇ ।

ନାରାୟନ୍ ପରସାଦ୍ ସନ୍ଧ୍ୟାରେ ମାନସିଂ ଠାରୁ ମାଡ଼ର ଜ୍ୱାଳା ଭୁଲି ନଥିଲା । ସେ କହୁଥିଲା ଏଥର ମାନସିଂ ମୁଣ୍ଡାକୁ ସେ ପାଇଲେ ଖୁନ୍ କରିଦେବ । ଖୁନ୍ କରି ତାକୁ ଖାଦାନ ଭିତରେ ପୋତିଦେବ । ମାନସିଂ ନା ଶୁଣି ଫୁଲ୍‌ମନି ଚିତ୍କାର କରି ଉଠିଲା... 'ତୁଇ ନାମରଦ୍ । ମୁହଁରେ ଖାଲି ବାହାଦୂର୍ । ଯୋଉ ଦିନ ମାନସିଂହକୁ ମାରି ଖାଦାନ ଭିତରେ ପୋତିବୁ, ସେଇଦିନ ଆସିବୁ । ଯା, ଯା, ଏଠୁ । ତୁଟା ନାମରଦ୍ ।'

ମାନସିଂ ନ ମଲେ ଫୁଲ୍‌ମନି ନିତି ନିତି ଆସୁଥିବା ଜୀବନରେ ଯେମିତି ଶାନ୍ତି ନାହିଁ ।

ନାରାୟନ୍ ପରସାଦ୍ କହିଲା... 'ଠୟର୍‌ରେ ଛୋରୀ, ଦେଖିବୁ ମାନସିଂକୁ ମାରି କେମିତି ମୁଁ ସାପ୍ କରିଦେବି । ସବୁ ଦିନ ସଞ୍ଜ ହେଲେ ସେ ଠାକୁରାଣୀ ରାସ୍ତାରେ ଫେରେ ରୁଙ୍ଗଟା ହଟିଂ ଆଡ଼େ । ଏକା ପାହାରକେ ମାନସିଂ ତ ମାନସିଂ ତା' ବୋପା ସୁଦ୍ଧା ଖତମ ହୋଇଯିବ ।

ନାରାୟନ୍ ଉତ୍ତେଜନାରେ ଚିତ୍କାର କରି ଉଠିଲା... ''ଜୟ ବଜରଙ୍ଗ ବାଲୀ କି ଜୟ ।''

ମାନସିଂ କେଉଁଠି ଥିଲା; ବାପ କଥା ଶୁଣି କ୍ଷିପ୍ତପରି ବାକ୍‌ଲାଚାଳିର କାଠ କବାଟରେ ଗୋଟିଏ ଧକ୍କା ମାରିଲା । କବାଟଟା ଭିତରୁ ଖୋଲି କାନ୍ଥରେ ବାଡ଼େଇ ହେଇଗଲା । ଫୁଲ୍‌ମନି କୁଡ଼ିଆ ଭିତରେ ମାନସିଂ ମୁଣ୍ଡାର ରୁଦ୍ର ମୂର୍ତ୍ତି ଦେଖି, ଭୟରେ ଚିତ୍କାର କରି କହିଲା... 'ଭାଗ୍ ଭାଗ୍ ଏଠୁ ମାନସିଂ । ନୋହିଲେ ମୁଁ ପୋଲିସ ଡାକିବି ।'

କୁଡ଼ିଆ କୋଣରେ ପଡ଼ିଥିବା ଖଣ୍ଡିଏ ଟାଙ୍ଗିଆ ହାତ ମୁଠାରେ ଧରି, ଚିତାବାଘ ସାମ୍ନାର ଶିକାର ଆଡ଼େ ଚାହିଁଲା ପରି, ମାନସିଂ ଚାହିଁ ରହିଲା ନାରାୟନ୍ ପରସାଦ ଆଉ ଫୁଲ୍‌ମନି ଆଡ଼େ । ନାରାୟନ୍ ପରସାଦ୍ ଅବସ୍ଥାର ମାରାତ୍ମକତା ବୁଝି, ଉଠୁଥିଲା ମାନସିଂ ଉପରେ ଲମ୍ଫ ଦେଇ ତାକୁ କାବୁ କରିଦେବା ପାଇଁ । ମାତ୍ର ଟାଙ୍ଗିଆ ଚୋଟରେ ତା'ର ମୁଣ୍ଡ ଦେହରୁ ଅଲଗା ହୋଇଗଲା ।

Digitized by srujanika@gmail.com

ପିଚ୍ ପିଚ୍ ରଙ୍ଗଛିଟାରେ ଲଣ୍ଠନଟା ନିଭିଗଲା । ଫୁଲ୍‌ମନି ଚିତ୍କାର କରି ଚେଷ୍ଟା କରୁଥିଲା ବାହାରକୁ ପଳାଇ ଆସିବା ପାଇଁ, ମାତ୍ର ମାନସିଂ ତା'ର ଚୁଟି ଧରି ଝିଙ୍କିଆଣି, ନାରାୟଣ୍ ପରସାଦ୍ ଉପରେ ତାକୁ ପକାଇ, କୁରାଢ଼ୀ ଚୋଟରେ ତାର ଗଣ୍ଡି ମୁଣ୍ଡ ମଧ୍ୟ ଅଇଗା କରିଦେଲା ।

ତିନି

ଥାନାରେ ଦୁଇ ହାତରେ ଦୁଇ କଟାମୁଣ୍ଡ ଧରି ପୁଲିସ୍ ପାଖରେ ଆପେ ଆପେ ଧରା ଦେଲା ମାନସିଂ ।

ସକାଳୁ ବର୍ଷା ପୁଣି ଲଗାଇଛି । ଅଝରଝର ବର୍ଷା । ବିରାମ ନାହିଁ ।

ରବିବାର । ଖାଦାନ ବନ୍ଦ ।

ଢାନମ୍ ମୁଣ୍ଡା କାରା ନଈ କୂଳେ କୂଳେ ବୁଲି ଝରିଆ ପୋକ ଧରି ବୁଲୁଥିଲା । ଢାନମ୍ ମୁଣ୍ଡା ଅନେକ ଦିନ ଝରିଆ ପୋକ ଖାଇ ନାହିଁ । ଝିଅମାନେ ଥିଲେ ଆଗେ ଖୁବ୍ ଝରିଆ ପୋକ, କାଇଡ଼ିମ୍, କୁରକୁଟୀ ପୋକ ଆଣୁଥିଲେ । ଆକାଶରେ ଅସୁମାରି ଝରିଆ ପୋକ ଦେଖି ଢାନମ୍ ମୁଣ୍ଡାର ପାଟି ଲାଳେଇ ଯାଉଥିଲା । ଉଇହୁଙ୍କାମାନଙ୍କର ଗାତ ମୁହଁମାନଙ୍କରେ ଢାନମ୍ ମୁଣ୍ଡା ଶାଳପତ୍ରର ଠୁଙ୍ଗାମାନ ଲଗେଇ ଦେଇ ଯାଇଛି । ହୁଙ୍କା ଭିତରୁ ଶହ ଶହ ଝରିଆ ପୋକ ବାହାରି ଆଖି ପିନ୍ଧୁଡ଼ାକେ ସେ ଠୁଙ୍ଗାମାନ ଭରାଇ ଦେଉଛନ୍ତି । ଠାକୁରାଣୀ ପାହାଡ଼ ଉପରେ ମେଘ ରହି ରହି ଗର୍ଜନ କରି ଉଠୁଛି । କାରା ନଈରେ ବହଳ ନାଲି ପାଣିର ସୁଅ କଇକଳ ହୋଇ ଉଠୁଛି ।

କିଏ ଜଣେ ପଛରୁ ଡାକିଲା... 'ବାବା, ଏ ବାବା ।'

ଢାନମ୍ ଫେରି ଚାହିଁଲା । ଡାଙ୍କରି ଗାଁର କରକଣ୍ଡା ମୁଣ୍ଡା ଢାନମ୍ ଆଡ଼େ ଧାଇଁ ଧାଇଁ ଆସୁଛି । କରକଣ୍ଡା ବଡ଼ବିଲ ଖାଦାନରେ କାମକରେ, ରହେ ହଟିଂରେ ।

ଢାନମ୍ ପାଖକୁ ଧାଇଁ ଆସି କରକଣ୍ଡା କହିଲା... 'ଫୁଲମନି ଲାସ୍ ପଡ଼ିଛି ଥାନାରେ, ଯା ନେଇ ଆସିବୁ । କାଲି ରାତିରେ ଫୁଲ୍‌ମନି ଓ ଆଉ ଜଣେ ଗୋରାଖପୁରୀକୁ ଖୁନ୍ କରି ଦେଇଛି ମାନସିଂ ମୁଣ୍ଡା ।'

ଢାନମ୍ ନିର୍ବୋଧ ପରି ଖାଲି ଚାହିଁ ରହିଲା ଠାକୁରାଣୀ ପାହାଡ଼ ଆଡ଼େ, କରକଣ୍ଡାର ମୁହଁ ଆଡ଼େ । ଝରିପୋକ ଧରିବା ସେ ଭୁଲିଗଲା ।

* * *

ମୁଣ୍ଡା ସମାଜରେ ଶବକୁ ପୋଡ଼ିଦେବା ବିଧି । କାରା ନଈ କୂଳରେ ନିଭି ନିଭି ଆସୁଥିଲା ଫୁଲ୍‌ମନିର ଚିତା । ଆକାଶରେ ମେଘ ଜମି ଆସୁଥିଲା ପୁଣି ଅନ୍ଧାର କରି - କାରା ନଈର ଉନ୍ଧୁଳା ପାଣିରେ ଫୁଲ୍‌ମନିର ଚିତା ଆଳୁଅ ନାଚି ଉଠୁଥିଲା, ଅରଣ୍ୟକନ୍ୟା ଫୁଲ୍‌ମନି ପରି । ଢାନମ୍ ଠାକୁରାଣୀ ପାହାଡ଼ ଆଡ଼େ ଚାହିଁ ଭାବୁଥିଲା, ସବୁ ତ ଗଲା ଏଠି ଆଉ ରହିଲା କଅଣ ? ଏହାପରେ ଚାଲିଯିବ

Digitized by srujanika@gmail.com

ସେ ଏ କାରୋ ଗାଁ ଛାଡ଼ି । କିନ୍ତୁ ଯିବ କୁଆଡ଼େ ? ସିଂହଭୂଇଁ ? ସେଠି ସୁଦ୍ଧା ଖାଦାନ୍ ! ବଣେଇ ? ସେ ଆଡ଼େ ବି ଖାଦାନ ! ପାଲଲହଡ଼ା; ସେଠି ଜଙ୍ଗଲ ଠିକାଦାର ଆଉ ଜଙ୍ଗଲ ବାକି ରଖିଥିବ କି ନାହିଁ କେ ଜାଣେ ? ଠିକ୍ ଜାଣିଥିଲା ଜାନମ୍ ମୁଣ୍ଡା, ଖାଦାନକୁ ଥରେ ଗଲେ ମଣିଷ ଆଉ ଫେରେନାହିଁ । ବୁରୁବଙ୍ଗା ରକ୍ତ ଶୋଷି ମାରି ପକାଏ । ବୁରୁବଙ୍ଗାକୁ ହାଣିଲେ ସେ ମାରିବ ନାହିଁ ? ଫୁଲ୍‌ମନି, ରାୟମନି, କାହିଁକି ସେ ସର୍ବନାଶର ବାଟରେ ଗଲେ କେଜାଣି ? ଜାନମ୍ ମୁଣ୍ଡା ଜଙ୍ଗଲ ଆଡ଼େ ଚାହିଁଲା । ଆଗେ ଏଠି ମୟୂର ନାଚୁଥିଲା, ମହାବଳ ଗର୍ଜୁଥିଲା... ବୁରୁବଙ୍ଗା ରାତି ଅଧରେ ବଇଁଶୀ ଫୁଙ୍କି ବୁଲୁଥିଲା । ଆଜି ସେଠି ଶୁଭୁଛି ଖାଲି ଗଛ ଦେହରେ କୁରାଢ଼ୀ ପାହାରର ଠକ୍ ଠକ୍ ଚୋଟ ! ସାର୍‌ନା ଗଲା, ଜମି ଗଲା, ପାହାଡ଼ ଗଲା, ରାୟମନି ଫୁଲ୍‌ମନି ଗଲେ । ଆଗରୁ ଯାଇଥିଲା ସେମାନଙ୍କ ମା । ଜାନମ୍ ମୁଣ୍ଡାର ଦୁଇ ଆଖି ଲୁହରେ ଛଳ ଛଳ ହୋଇଗଲା ।

ଫୁଲ୍‌ମନିର ଚିତା ନିଭିଗଲା । ଚିତାରୁ ମୁଠାଏ ପାଉଁଶ ଆଉ ଖଣ୍ଡେ ହାଡ଼ ଆଣି ଜାନମ୍ ମୁଣ୍ଡା ଫେରିଲା ଗାଁ ଆଡ଼େ ।

ତା' ପରଦିନ ଗାଁ ମୁଣ୍ଡ ବୁଢା ଖାଦାନର ତଳେ ଫୁଲ୍‌ମନିର ମାଆର ଶ୍ମଶାନଦିରୀ ପାଖରେ ସେ ଗାତ ଖୋଳି ସେଥିରେ ପୋତି ଦେଲା ଫୁଲ୍‌ମନିର ପାଉଁଶ ଆଉ ଖଣ୍ଡେ ହାଡ଼ । ତା'ପରେ ଖଣ୍ଡେ ଚିତ୍‌କଣ, ତିନିକୋଣିଆ ପଥର ଆଣି ପୋତିଦେଲା । ତା' ଉପରେ ଫୁଲ୍‌ମନିର ଶ୍ମଶାନ - ଦିରୀ ଉପରେ କୁରେହୀ ଗଛରୁ କେଇଟା ଧଳା କୁରେହୀ ଫୁଲ ବଡ଼ ବଡ଼ ଲୁହ ବିନ୍ଦୁ ପରି ତଳେ ଝରି ପଡ଼ିଲା ।

ଜାନମ୍ ମୁଣ୍ଡାର ବିଶ୍ୱାସ, ଏ ବୁଢ଼ା ଶାଳଗଛ ବୁରୁବଙ୍ଗାର ଆସ୍ଥାନ । ତା' ଉପରେ ଠିକାଦାର ଆଲ୍‌କାତରା ଦାଗ ଦେଇ ଗଲାଣି । କେବେ ତା ଦେହରେ କୁରାଢ଼ୀ ଚୋଟ ବାଜିବ କେଜାଣି ? ଜାନମ୍ ମୁଣ୍ଡା ବୁରୁବଙ୍ଗା ଉଦ୍ଦେଶ୍ୟରେ ମାଟିରେ ମୁଣ୍ଡ ଲଗାଇ ପ୍ରଣାମ କରି, ଅଚିହ୍ନା ଅଜଣା ବାଟରେ ଚାଲିଲା ସାର୍‌ନାର ସନ୍ଧାନରେ, ଶୋଷଣ ଓ ଲୁଣ୍ଠନ-ସଭ୍ୟତାର ଆକ୍ରମଣରୁ ଆତ୍ମରକ୍ଷା ପାଇଁ । ଗଲାବେଳେ ଫୁଲ୍‌ମନି ମା ଶ୍ମଶାନ-ଦିରୀ ଆଡ଼େ ଚାହିଁ, ଗଛପତ୍ର ଅନ୍ତରାଳରେ ଦିଶୁଥିବା ଡାଉରଙ୍ଗା ବହୁ ପୁରାତନ, ବହୁ ଆପଣାର ସେ ଘରଆଡ଼େ ଚାହିଁ ଜାନମ୍ ମୁଣ୍ଡାର ଆଖିରେ ସାମନା ବାଟ ଜାଲଜାଲୁଆ ଦିଶୁଥିଲା । ଜାନମ୍ ମୁଣ୍ଡାର ଶ୍ମଶାନ-ଦିରୀ ଏଠାରୁ କେତେ ଦୂରେ କେଉଁଠି ପୋତା ହେବ କେଜାଣେ ?

ଜାନମ୍ ମୁଣ୍ଡା ଦୁଇ ଆଖିରୁ ଲୁହ ପୋଛିଲା । ଟ୍ରକ୍ ପରେ ଟ୍ରକ୍ ଛୁଟିଛି କୋଇଲା ଖାଦାନ୍ ଆଡ଼େ । ଜାନମ୍ ପତ୍ର ଗହଳି ଭିତରେ ଛପି ଛପି ଜଙ୍ଗଲୀ ବାଟରେ ଆଗକୁ ଆଗକୁ ଚାଲିଲା ।

Digitized by srujanika@gmail.com

ଘନିଆଁର ଗଣେଶ ଚତୁର୍ଥୀ

କଇରାପତରିଆ ବାଘ ଦେହରେ ପଟା ପଟା କଚାଗାର ପରି, ଆକାଶରେ ଖଣ୍ଡ ଖଣ୍ଡ ଛିଣ୍ଡା ବଉଦର ପାଉଁଶିଆ ଗାର ଟାଣି ହୋଇଗଲାଣି । ଆଉଟିକକୁ କିଏ ଯେମିତି ସେଥିରେ ଆଉଟା ସୁନାର ଫିକା ହଳଦୀ ରଙ୍ଗ ବୋଳି ଦେଇଯିବ । ବାଉରୀସାହି ମୁଣ୍ଡରେ ସବୁଦିନେ ସକାଳ ହୁଏ ପ୍ରାୟ ଏଇ ରୀତିରେ । ଯେତେ ଦେଖୁଛେ ବି ଘନିଆଁକୁ ସବୁଦିନ ଏ ଦୃଶ୍ୟ ଲାଗେ ଚୂଆ ପରି । ପନ୍ଦର ବର୍ଷର ବାପା ମା ଛେଉଣ୍ଡ ଘନିଆଁ । ତିନିକୋଡ଼ି ବର୍ଷର ବୁଢ଼ୀମା ଛଡ଼ା ସଂସାରରେ ଘନିଆଁର ଆଉ କେହି ନାହିଁ । ତିରସ୍ତା ବର୍ଷ ଘନିଆଁ ବାପ ବରଜୁ ମଲିକ ଦିନେ ସଞ୍ଜବେଳେ ପାଟପୁର ଗହୀରରେ ଆସୁଥିଲାବେଳେ କୋଇଥିଆ ନାଗ କାମୁଡ଼ାରେ ମରିଥିଲା । ତା' ଆଗରୁ ଘନିଆଁ ବୋଉ ମରିଥିଲା ଝାଡ଼ାବାନ୍ତିରେ । ସଂସାରରେ ଆହା ବୋଲି ଇଦିନାକୁ କେବଳ ଥାଇହୁଡ଼ାଟିଏ । - ଘନିଆଁ ମା ବୁଢ଼ୀ !

ଘନିଆଁ ଭିଡ଼ିମୋଡ଼ି ହୋଇ ହାଇ ମାରିମାରି ଚାଳୀ ପିଣ୍ଡାରେ ଆସି ବସିଲା । ଗୁହାଳରେ ଛେଳିମାନେ ବାହାରିବା ପାଇଁ ବୋବାଳି ଛାଡ଼ିଲେଣି । ଘର ଭିତରୁ ଘନିଆଁ ମା ବୁଢ଼ୀର ଖୁଁ ଖୁଁ କାଶ ଶୁଭୁଛି । ରାତି ପାହାନ୍ତାରୁ ବୁଢ଼ୀର କାଶ ଆରମ୍ଭ ହୁଏ, ଖରା ନ ପଡ଼ିବା ପର୍ଯ୍ୟନ୍ତ ବୁଢ଼ୀ କଡରା ଛାଡ଼ି ଉଠିପାରେ ନାହିଁ । ହେଇ ରେ ! ପାଉଁଶିଆ ବଉଦର ପଟା ପଟା ଗାର ଗଲା କୁଆଡ଼େ ? ଆକାଶଯାକ କିଏ ଯେମିତି ସୁନାର ମାଛକାଡି ବିଛି ଦେଇଗଲାଣି । ଚୁଲାର ଏ ପର୍ଯ୍ୟନ୍ତ ଉଷୁମ ପହଡ଼ ଭାଙ୍ଗିନାହିଁ । ହାଡ଼ପଞ୍ଜରାମାଳା ରୁମନ୍ତଡ଼ା ଦେହକୁ ବଙ୍କାଇ ଆଉ କଡ଼େ ଶୋଇବା ପାଇଁ ତା'ର ଉଦ୍ୟମ ଚାଲିଛି । ଅଧାକଟା ଲାଙ୍ଗୁଡ଼ଟା ବେଳେବେଳେ ନାଚି ଉଠୁଚି, ମାନ୍ଛିପଲ ତଡ଼ିବା ପାଇଁ ।

ଘନିଆଁ ଡାକିଲା - 'ଚୁଲା ବେ ଚୁଲା !'

ଚୁଲା ମିଞ୍ଜି ମିଞ୍ଜି ଆଖିରେ ଥରେ ଚାହିଁଲା, ଘନିଆଁ ଆଡ଼େ, ତା'ପରେ ପୁଣି ଆଖି ବୁଜିଦେଲା । ସେ'ତ ଆଉ କାଉ, ବଣୀଙ୍କ ପରି ପେଟ କାଙ୍ଗାଳିଆ ହୋଇନାହିଁ ଯେ, ଭଲ କରି ସକାଳ ନ ହଉଣୁ କେଁ କାଁ ହୋଇ ଅଧାର ପାଇଁ ଛୁଟି ବୁଲିବ ! ଦିନ ଘଡ଼ିଏ ହେଲେ ଘନିଆଁ ମା, ପହଁରା ବୁଲାଇ ଦାଣ୍ଡ ଖରକିଲା ବେଳେ, ଦି ପାହାର ପହଁରା ମାଡ଼ ନ ଦେଲେ ତା'ର ନିଦ ନ ଭାଙ୍ଗେ ! ତା'ପରେ ଭିଡ଼ି ମୋଡ଼ି ହୋଇ ଧୀରେ ସୁସ୍ଥେ ଚୁଲା ଉଠିବ । ଲାଙ୍ଗୁଡ଼ଟା ହଲାଇ ହଲାଇ ତା'ପରେ ବାହାରିଯିବ ଗାଁ ପରିକ୍ରମାରେ । ସାଇ ସାଇ, ଘର ଘର, ଓଳି ଓଳି, ନଳା ନଳା ସେ ବୁଲିବ ପେଟ ମୁହାଏ କି ଅଇଁଠା ପତର ଖଣ୍ଡେ ପାଇଁ । କିଏ ପାହାରେ ପକାଇବ, ତ କିଏ ଡେଇଁଟିଏ ପିଙ୍ଗିବ ! ସେଥିରୁ ଚୁଲାର ଦେହସୁହା ହୋଇଗଲାଣି । ମାଡ଼ଟା ଖୁବ୍ ଜୋରରେ ବାଜିଲେ

Digitized by srujanika@gmail.com

ସେ କାଉଁ କାଉଁ ହୋଇ ପଳାଏ । ନୋହିଲେ ମିଟି ମିଟି ଆଖିରେ ଅନାଇ ଧୀରେ ଧୀରେ ଚାଲିଯାଏ । ମଣିଷର ଭାଷାରେ ସେ ଚାହାଣୀର ଅର୍ଥ ହେଉଛି... ଇଚ୍ଛା ହେଉଛି ତ ଆହୁରି ମାର ଦି'ଟା; କିନ୍ତୁ ମାରିଲା ଲୋକ ବଡ଼ ନୁହେଁ, ସହିଲା ଲୋକ ବଡ଼ ! ମାହାନ୍ତି ସାଇରେ କାହା ନଜାମୁହଁରେ ଥରେ ବୁଲା ପେଜ ତୋରାଣୀ ହାଣ୍ଡିରେ ମୁହଁ ପୂରାଇଥିଲା । କିଏ ଗରମ ପେଜ ତା ଉପରକୁ ଛାଟିଥିଲା ଯେ ଦେହର ଫାଳେ ପୋଡ଼ି ଛାଇ ଉଠିଯାଇଥିଲା । ତଥାପି ବୁଲା ମରିନାହିଁ । ବୁଲା ବଞ୍ଚିଛି । କିନ୍ତୁ ଫାଳେ ଦେହରେ ରୁମ ନାହିଁ । ଗାଁ ଦାଣ୍ଡର ଲଙ୍ଗଳା ପିଲାଙ୍କ ସାଙ୍ଗରେ ବୁଲାର ବେଶ୍ ପଟେ । ତା ବେକରେ ଦଉଡ଼ି ବାନ୍ଧି ସେମାନେ ଟାଣନ୍ତି, ଉପରେ ଚଢ଼ନ୍ତି, ବେଳେ ବେଳେ ମୁଡ଼ି ଗଣ୍ଡାଏ କି ଚକୁଳି ଖଣ୍ଡେ ଫିଙ୍ଗିଦିଅନ୍ତି । ବୁଲାର ସେ ସବୁ ଭୋଜିଭାତ ବ୍ୟାପାର । ପ୍ରାୟ ତିନିବର୍ଷ ତଳେ, ଘନିଆଁ କଳା ମୁହଁ ମୁହଁ ବୁଲା-କୁକୁର ଛୁଆଟିଏ କୁଆଡୁ ଆଣିଥିଲା, ବେକରେ ଖଣ୍ଡେ କନାଧଡ଼ି ବାନ୍ଧି । ସେଇଥିପାଇଁ ଘନିଆଁ ବୋଉ ତା ନାଁ ରଖିଥିଲା ବୁଲା । ସେଇଦିନୁ, ଘନିଆଁ ଘରେ ସେ ରହିଆସିଛି ଘରର ଜଣେ ହୋଇ । ଘନିଆଁ ମା ବୁଢୀର ପହଁରା ମାଡ଼ ଛଡ଼ା, ତା ଭାଗ୍ୟରେ ଏଠି ଅବଶ୍ୟ ଆଉ କିଛି ମିଳିନାହିଁ । ତଥାପି ରାତି ହେଲେ, ଘନିଆଁ ମା ଦାଣ୍ଡରେ ବିଛେଇଟା ଦଉଡ଼ିଗଲେ ସୁଦ୍ଧା ବୁଲା ବୀର ବିକ୍ରମରେ କୁଦି, ଭୁକି ସାଇ କମ୍ପାଇ ଦିଏ । ଘନିଆଁ ଘରେ ଆଉ କିଛି ନ ଥାଉ ଖୁଦ ମୁଠାଏ ତ ଅଛି ? କାଳେ ସେତକ କିଏ ଗଣ୍ଡି କାଟିନେଲା ! ମଣିଷକୁ କୋଉ ବିଶ୍ୱାସ ଅଛି ? କିନ୍ତୁ ବିଲେଇ ଯଦି ଗର୍ଜ୍ଜି ଫୁଲି ବୁଲା ଆଡ଼େ ଉହୁଁକି ଆସେ, ତାହେଲେ ବାଡ଼ କନ୍ଦିରେ ଆଶ୍ରୟ ଖୋଜିବା ଛଡ଼ା ବୁଲାର ଅନ୍ୟ ଉପାୟ ନ ଥାଏ ।

ଘନିଆଁ ଦେହରେ ପିନ୍ଧା କାନିଟା ବୁଲାଇ ନେଲା । ସକାଳ ପବନରେ ଦେହ ଶୀତେଇ ଉଠୁଛି । କାଉଟାଏ କୁଆଡୁ ଆସି ସଜନାଗଛ ଡାଳରେ ଦୁଇଥର ରାବି ଦେଇ ଉଡ଼ିଗଲା । ବାଉରୀ ସାହି ମୁଣ୍ଡରେ ଶିଶୁକଣ୍ଠର କଳରୋଳ ଶୁଭୁଛି । ଘନିଆଁ ସେଇଆଡ଼େ ଚାହିଁଲା । ଏତେ ସକାଳୁ ପିଲା କଣ୍ଠରେ ପାଟି ଶୁଭୁଛି କାହିଁକି ? କିଛି ସମୟ ପରେ ଦଳେ ପିଲା ହାତରେ ଲଗୀ ଆଉ ଚାଙ୍ଗୁଡ଼ା ଧରି ହସ ଖୁସିରେ ବାଉରୀ ସାଇ ଦାଣ୍ଡ କୁରୁଳେଇ ଚାଲିଗଲେ । ଗାଁ ପିଲା ସମସ୍ତେ । ଘନିଆଁ ପଚାରିଲା...

'ଏତେ ସକାଳୁ କୁଆଡ଼େ ବାହାରିଛରେ ପିଲେ ?'

ଜଣେ କହିଲା - 'ଆଜି ପରା ଗଣେଶ ଚଉଠୀ । ଆମେ ଯାଉନୁ ଫୁଲ ପାଇଁ । ତମ ସାଇରେ ଫୁଲ ଅଛି ?'

ଘନିଆଁର ଉତ୍ତର ପାଇଁ ଅପେକ୍ଷା ନକରି ପିଲାମାନେ ଚାଲିଗଲେ ।

ଦାଣ୍ଡ ସାମନା ସିଝୁବାଡ଼ ଦେହରେ ଦୁଇଟା ଶିଙ୍ଗଡ଼ାହାର ଗଛ । ରାତିରୁ ଟୋକେଇ ଟୋକେଇ ଶିଙ୍ଗଡ଼ାହାର ଫୁଲ ବାଡ଼ କଡ଼ରେ ଝରି ପଡ଼ିଛି । ଶିଶିରଧୂଆ ଶିଙ୍ଗଡ଼ାହାରର ଭୁରୁଭୁରୁ ଗନ୍ଧରେ ସକାଳର ପବନ ସ୍ନିଗ୍ଧ ମଧୁର ହୋଇ ଉଠିଛି । ଏ ଫୁଲଗୁଡ଼ା ପୂଜାରେ ଲାଗେ ନାହିଁ... କେହି ଶ୍ରଦ୍ଧାରେ ଏ ଫୁଲ ତୋଳେ ନାହିଁ... ଅସୁମାରି ଅଲୋଡ଼ା ଜୀବନ ପରି ଫୁଟେ, ପୁଣି

Digitized by srujanika@gmail.com

ଝରିଯାଏ । ଘନିଆଁ ତକୁ ଆଞ୍ଜୁଳାଏ ଫୁଲ ସାଉଣ୍ଟି ନାକ ପାଖରେ ଉଠାଇ ଧରିଲା ।

ଚେରଛା ଖରାରେ ଦାଣ୍ଡ ଅଗଣା ଭରି ଗଲାଣି । ଗୁହାଳ ଭିତରେ ଛେଳିଗୁଡ଼ା ବାହାରକୁ ବାହାରିବା ପାଇଁ କାନଫଟା ବୋବାଳି ଆରମ୍ଭ କରିଦେଲେଣି । ଘନିଆଁ ଗୁହାଳ କବାଟ ଫିଟାଇ ଛେଳିଗୁଡ଼ାକୁ ପଦାକୁ ତଡ଼ିଦେଲା । ଘନିଆଁ ମା ବୁଢ଼ୀ ଭିତର ଦୁଆର ଓଳାଉଛି । ଆଉ ଟିକକ ପରେ ଆସିବ ଦାଣ୍ଡ ଦୁଆର ଓଳାଇବା ପାଇଁ । ବେଳେ ବେଳେ ଅଛିଣ୍ଡା ଲହରିଆ କାଶରେ ବୁଢ଼ୀ ମାଟିରେ ବସି ପଡୁଛି ।

ଘନିଆଁ ଘର ଦାଣ୍ଡରେ ଦଳେ ବାଉରୀ ଟୋକା କାଳୀପୋଖରୀ ଆଡ଼େ ଯାଉଥିଲେ, ଘନିଆଁକୁ ଦେଖି କହିଲେ...

'ଘନିଆଁ, ମହନାପୁର ମୂଳ ଲାଗି ଯିବୁ ପରା ? ପଧାନଘର ମୂଳଦୁଆ ପଡୁଛି । ଆଉ ଯିବୁ କେତେବେଳେ ? - ଆ ଗାଧୋଇ ପଡ଼ି ବାହାରିଯିବା । ଅବିକା ଦି'କୋଶ ବାଟ ଯିବାପାଇଁ ପଡ଼ିବ ! ' ମେଘ ବୁନ୍ଦାଏ ହେଲେ ଦେଖାନାହିଁ । ବିଲବାଡ଼ି ସବୁ ମାଟି ଆଁ ଇଚିଛି । ଗାଈ ଗୋରୁ ଶୁଖିଲା ମାଟି ଶୁଙ୍ଘି ବୁଲୁଛନ୍ତି । ବିଇରେ ଫସଲ ସବୁ ଶୁଖି ଜଳି ଗଲାଣି । ଗାଁ ମୂଲିଆଙ୍କ ହାତରେ କିଛି କାମ ନାହିଁ । ମୂଲ ମିଳିଲେ ଦୁଇକୋଶ, ତିନିକୋଶ ଦୂରର ଗାଁମାନଙ୍କୁ ବାଡ଼ିଆ ପିଟା ହୋଇ ଧାଇଁଛନ୍ତି ।

ବାଉରୀସାଇର କେତେଜଣ ଦିନମୂଲିଆ, କାଳି ପୋଖରୀର ଦକୁଆ ପାଣିରେ ବୁଡ଼ଟାଏ ପକାଇ ଅବିକା ବାହାରିଯିବେ ମହନାପୁର; ଏଠୁ ଦୁଇକୋଶ ବାଟ - ପଧାନଘର ମୂଳଦୁଆ ପଡୁଛି ।

ଘନିଆଁ ଈଷତ୍ ବିରକ୍ତ ହୋଇ କହିଲା - 'ଯାବେ, ଆଜି ଗଣେଶ ଚଉଠୀରେ ମୁଁ ମୂଳ ଲାଗି ଯାଉଚି ?'

କାହୁ - ଘନିଆଁ ଠାରୁ ବୟସରେ ଚାରି, ପାଞ୍ଚବର୍ଷ ବଡ଼ ହେବ - କହିଲା, 'ଆବେ ତୋର କି ଗଣେଶ ଚଉଠୀ ବେ ?' ବରଚ୍ଚା ଟିପ୍‌ପଣୀ କାଟିଲା - 'ହ୍ୟାପଃ ବୁଷ୍‌ପଣ୍ଡିତ !' ଘନିଆଁର ଲେଖାଯୋଖାରେ ଦାଦି ମହନା କହିଲା - 'ତାର ହ୍ୟାପଃ, ମା' ଦେବ ଷେଣ୍ଡ ପରି ଇଗା ଅଛି ନା ପଘା ଅଛି ?'

ବୁଲାର ତଥାପି ଏ ପର୍ଯ୍ୟନ୍ତ ପହୁଡ଼ ଭାଙ୍ଗିନାହିଁ । ଘନିଆ ସବୁ ରାଗ ଛିଣ୍ଡାଇବା ପାଇଁ ବୁଲା ଉପରକୁ ଗୋଟିଏ ଢିମା ଟେଚା ପକାଇ କହିଲା - 'ଦିନ ଆସି ପହରେ ହେଲାଣି । ଏ ଶଚା କୋଡ଼ିର ନିଦ ଭାଙ୍ଗୁନାହିଁ ! ଢିମାଟା ବସିଲା ବୁଲାର ପଛପଟ ଗୋଟାଏ ଗୋଡ଼ରେ । ବୁଲା କେଁ କାଁ ହୋଇ, ଛଖମ ଗୋଡ଼ଟା ଟେକି ଟେକି ଧାଇଁ ପଳାଇଲା ।

ଘନିଆଁ ଦୁମ୍ ଦୁମ୍ ହୋଇ ଭିତରକୁ ପଶି ଆସି ଭିତର ପିଣ୍ଡାରେ ଦୁଲ୍ କରି ବସି ପଡ଼ିଲା । ଘନିଆଁ ମା ବୁଢ଼ୀ ପଚାରିଲା - 'ତୋର କ'ଣ ହୋଇଚିରେ ଘନିଆଁ, ତୁ ପରା ମହନାପୁର ଯିବୁ ? ଯା ଗାଧୋଇପଡ଼ି ଆ ! ଏ ଯେଉଁ ପୋଡ଼ାପଡ଼ା ଖରା ହେଉଚି !'

Digitized by srujanika@gmail.com

ଚଳନ୍ତା ନିଆଁରେ କୁଟା ପଡ଼ିଲା ପରି ଘନିଆଁ ଚିହିଙ୍କି ପଡ଼ି କହିଲା - 'ଆଜି ଗଣେଶ ଚଉଠୀରେ ମୁଁ କାମକୁ ଯିବିନାହିଁ !'

ଘନିଆଁ ମା କହିଲା - 'ମଲା, ତୋର ଗୋଟିଏ କି ଗଣେଶ ଚଉଠୀ ବା ! ଇସ୍କୁଲିଆ ପିଲାଙ୍କର ସିନା ଗଣେଶଚଉଠୀ !'

ଘନିଆଁ ବୁଢ଼ୀକୁ ମାରେ-କି-ନମାରେ-କଣ୍ଠରେ ପାଟିକରି କହିଲା - 'କାଇଁକି ସକାଳୁଟାରୁ ବଜର ବଜର ହେଉଚୁ ବେ ? ମୁଁ ଆଜି କୁଆଡ଼େ ଯିବିନାହିଁ ଯା !'

ବୁଢ଼ୀ ପହଁରାରେ ଛେଳିନଣ୍ଡୀଗୁଡ଼ା ଖରକି ଗୋଟାଏ ଜାଗାରେ ଜମା କରୁକରୁ କହିଲା - 'ହଉ ନ ଯିବୁ ତ ନାହିଁ ଏମିତି ଦନ୍ତାମାଙ୍କଡ଼ ପରି ଖିଙ୍କାରି ହଉଚୁ କାହିଁକି ? ହାଃରେ ଯମ ! ବରଜୁଆ ପରି ପୁଅକୁ ନେଇ ମୋତେ ଯାହା ବଞ୍ଚେଇ ରଖିଛୁ ହନ୍ତସନ୍ତ ହେବାପାଇଁ ! କାଶି କାଶି ବୁଢ଼ୀ ପୁଣି ତଳେ ବସି ପଡ଼ିଲା । ଘନିଆଁ ପୁଣି ଦୁମ୍ ଦୁମ୍ ହୋଇ ଦାଣ୍ଡଆଡ଼କୁ ବାହାରିଗଲା ।

ଘନିଆଁ ର ମନେ ପଡ଼ିଲା, ପିଲାଦିନେ ଚାଟଶାଳୀ ପାଠ କଥା । ଘନିଆଁ ବାପର ବଡ଼ ଇଚ୍ଛା ଥିଲା, ଘନିଆଁ ପାଠ ପଢ଼ି ମଣିଷ ହେବ । ବାଉରୀ ସାଇରେ ପିଲାଏ ଛ ସାତ ବର୍ଷଦିନୁ ଛେଳି ଚରାନ୍ତି, ଶାଗ ତୋଳନ୍ତି, କଙ୍କଡ଼ା ଗାତରେ ହାତ ପୂରାନ୍ତି, ପତର ସାଉଣ୍ଟନ୍ତି, ବିଲକୁ ଯାନ୍ତି ! କିନ୍ତୁ ଘନିଆଁକୁ ଛ' ପୂରି ସାତ ଚାଲିବା ସଙ୍ଗେ ସଙ୍ଗେ, ଘନିଆଁ ବାପ ବରଜୁ ମଳିକ ଘନିଆଁକୁ ନେଇ ବସାଇଥିଲା ଗାଁ ଚାହାଳୀରେ । କୁସୁନପୁର ହାଟରୁ ବରଜୁ ଘନିଆଁ ପାଇଁ କିଣି ଆଣିଥିଲା ନାଲି କନ୍ତା, ସିଲଟ, ଖଡ଼ି ଆଉ ଖଣ୍ଡେ ବର୍ଣ୍ଣବୋଧ । ହେଇ, ସେ'ଦିନ ପରି ମନେ ପଡୁଛି... ଦୁଇ ହାତରେ ମୋଟା ମୋଟା ଗିଲିଟି ଖଡୁ ନାଇ, ପିଳେହୀ ପେଟତଳେ ନାଲିକନ୍ତା ବେଢ଼େଇ, ଅଣ୍ଡାସୂତା ପିନ୍ଧି, ଅଣ୍ଡିରେ ମୁଡ଼ିଚୁଡ଼ା ପୂରାଇ, ହାତରେ ଖଣ୍ଡେ ମାଟି ଖଡ଼ି ଧରି, ବାପ ପଛେ ପଛେ, ଘନିଆଁ ଆସି ଠିଆ ହୋଇଥିଲା ଗାଁ ଚାହାଳୀ ଘର ଦୁଆର ମୁହଁରେ । ମାହାନ୍ତିସାଇର ବଇ ଅବଧାନେ ସେତେବେଳେ ଖଣ୍ଡେ ଛିଣ୍ଡା କମ୍ବଳ ଉପରେ କାନ୍ଥକୁ ଆଉଜି ବସି ଢୁଳାଉଥିଲେ । ବଇ ଅବଧାନଙ୍କର ଆପୁନିଶା । ଢୁଳାଉ ଢୁଳାଉ ପାଟିଟା ଅଧା ଆଁ ହୋଇ ଯାଇଥିଲା । ପାଖରେ ପଡ଼ିଥିଲା ଦୁଇଖଣ୍ଡ ବେତ, ଖଣ୍ଡେ ନହନହକିଆ, ଆଉ ଖଣ୍ଡେ ଆଙ୍ଗୁଠି ମୋଟା । ପିଲାମାନଙ୍କର ଫଳା ବୋଲାରେ ବଇ ଅବଧାନଙ୍କର ଢୁଳଟା ଆସ୍ତେ ଆସ୍ତେ ଜମି ଆସୁଥିଲା । ହଠାତ୍ ଦୁଇଟା ମାଛି ଅବଧାନଙ୍କ ପାଟି ଭିତରକୁ ଉଡ଼ି ପଶିଗଲେ । ଖଁ ଖଁ କାଶି, ଛିଙ୍କି, ବଇ ଅବଧାନ ଧଡ଼ପଡ଼ ହୋଇ ଉଠି ବସିଲେ । ପିଲାମାନଙ୍କର ଚପା ହସରେ ଫଳା ବୋଲା ବନ୍ଦ ହୋଇଗଲା । ସେ ଦୃଶ୍ୟରେ ବରଜୁଆ ସୁଦ୍ଧା ଖିଁ ଖିଁ ହୋଇ ହସି ପକାଇଲା ।

ଢୁଳ ଭାଙ୍ଗିଲା ତ ଭାଙ୍ଗିଲା ତା'ଉପରେ ପୁଣି ପିଲାମାନଙ୍କର ହସ... ବେତଟା ହାତରେ ମୁଠାଇ ବଇ ଅବଧାନ ସିଧା ହୋଇ ବସିଲେ । ପିଲାମାନଙ୍କ ମୁହଁ ଏହା ପରେ ଆସନ୍ନ ବିପଦର ଆଶଙ୍କାରେ କଳା ପଡ଼ିଗଲା ।

'ପଚିଶ ସତାଁ କେତେ କାହାଣେ କେତେ ପଣ ?'

Digitized by srujanika@gmail.com

ପ୍ରଶ୍ନ ସଙ୍ଗେ ସଙ୍ଗେ ସପାଟ୍ ସପାଟ୍ ବେତ ମାଡ଼ ।

'ତେର କାହାଣ ଚଉଦ ପଣ, କେତେକ ପଣିକିଆରେ ଅଛି ?' ଉତ୍ତର ଭାବିବାକୁ ବେଳ ନାହିଁ । ଉତ୍ତର ଭାବୁ ଭାବୁ ବେତ ପାହାରରେ ମୂଳପ୍ରଶ୍ନ ବି ଆଉ ମନେ ନାହିଁ ।

ଆଖିରେ ଯିଏ ପଡ଼ିଲା, ହାତ ପା'ନ୍ତାରେ ଯିଏ ଆସିଲା... ସମସ୍ତଙ୍କ ଉପରେ କାଳିସୀ ନାଚିଲା ପରି ବେତଟା ଥରେ ନାଚିଗଲା । ପିଲାମାନେ ସକେଇ ସକେଇ ଏକା ସାଙ୍ଗରେ ଫଳା, ପଣକିଆ ସବୁ ପାଟିକରି ବୋଲି ଉଠିଲେ ।

ବରଜୁ, କାନ୍ଧରୁ ଗାମୁଛାରେ ବନ୍ଧା ହୋଇଥିବା ଛୋଟ ବୁଜୁଲିଟି ତଳେ ରଖି ଦଣ୍ଡବତ ହୋଇ କହିଲା - 'ଓଳଗି ଆପଣେ !'

ବଇ ଅବଧାନ ବୁଜୁଲିଟି ଆଡ଼େ ଚାହିଁ କହିଲେ - 'କିଏ,ବରଜୁ କିରେ ? ପୁଅକୁ ଆଣିନୁ ! ହଉ ବସ। ସେଇଠି ପିଣ୍ଡାରେ । ଆଜି ବୁଧବାର, ବିଦ୍ୟାରମ୍ଭ ପାଇଁ ଶୁଭଦିନ । କଣ କଣ ଆଣିଚୁ ସେଥିରେ ?'

ବରଜୁ ବୁଜୁଳାଟା ଫିଟାଇ କହିଲା - 'ଆମେ ମୂଲିଆ ମୁଣ୍ଡ । ଆପଣଙ୍କୁ କଣ ଦେଇପାରିବୁ ?'

ବୁଜୁଳା ଭିତରେ ସେରେ ଉଆପଖିଆ ସବୁ ଚାଉଳ, ଦୁଇ ଖଣ୍ଡ ଧୂଆଁପତ୍ର, ବିଡ଼ାଏ ପାନ, କେଇଖଣ୍ଡ ଗୁଆ, ଚାରିଟା ବାଇଗଣ, ଗୋଟାଏ ନଡ଼ିଆ, ହଳଦୀଗୁଣ୍ଡ ଆଉ ଦୁବପତ୍ର ବିଡ଼ାଏ । ବଇ ଅବଧାନ ଥରେ ବୁବ୍ଧ ଆଖିରେ ସିଧା ବୁଜୁଲିଟିକୁ ଚାହିଁ ଛଣେ ପିଲାକୁ ଡାକି କହିଲେ... 'ଯା' ରେ ନାଥିଆ, ଦଉଡ଼ି ଯା, ଏତକ ଘରେ ଦେଇ ଆସିବୁ ! ଏଇଠି ଛେପ ପକେଇ ଯା ।'

ନାଥିଆ ତା ଜାଗାରୁ ଉଠି ଆସି, ଚିଲପରି ବୁଜୁଳଟା ଝାମ୍ପି ନେଇ ପଳାଇ ଯିବାକୁ ବସିଥିଲା; ବଇ ଅବଧାନ ତା ପିଠିରେ ପାହାରେ ବେତ କଷି ଦେଇ ଖିଙ୍କାରି ଉଠିଲେ - ''ଏଇଟା କୁଆଡ଼େ ମାହାନ୍ତି ପିଲା ! କୁଳାଙ୍ଗାର, ଭୂତ ! ବାଉରୀ ଲୁଗା ଛୁଇଁ, ଘରଯାକ ଛୁଆଁତା କରିବ ! ଇଙ୍ଗଳା ହୋଇ ପଡ଼ !''

ନାଥ ଅଣ୍ଡାରୁ ଖୋଷଣି ଫିଟାଇ ଲୁଗାଟା ତଳେ ରଖିଦେଲା । ବଇ ଅବଧାନ କହିଲେ - 'ଯା, ଏଠି ଛେପ ପକେଇ ଯା... ସଞ୍ଜାତକ ଗାମୁଛାରୁ ଫିଟାଇ ଘରେ ଦେଇ ଆସିବୁ । ଛେପ ଶୁଖିଥିଲେ ସାତ ବେତ୍ ।'

ବଇ ଅବଧାନଙ୍କ କଥା ସରୁଣୁ ନ ସରୁଣୁ ନାଥ ବୁଜୁଳଟା ଧରି ଇଙ୍ଗଳା ହୋଇ ଚିଲ ପରି ପଳାଇଲା । ବଇ ଅବଧାନ ବରଜୁଆଡ଼େ ଚାହିଁ କହିଲେ - 'ଦକ୍ଷିଣା କାହିଁ ?'

ବରଜୁ ଅଣ୍ଡାରୁ ଯାଦୁ କୁଣ୍ଡାଚ କୁଣ୍ଡାଇ ଅତି ସନ୍ତର୍ପଣରେ ଚାରଣା ପଇସା କାଢ଼ି ତଳେ ରଖିଦେଲା । ବଇଅବଧାନେ ପଇସାତକ ଗଣି ଗଣି ଅଣ୍ଡାରେ ଖୋସିଲେ ।

ବରଜୁ କହିଲା - 'ମୋର କାମ ବେଳ ହୋଇ ଗଲାଣି । ମୁଁ ଯାଉଚି, ଘନିଆଁ ରହିଲା ।

Digitized by srujanika@gmail.com

ମୋ ଗାମୁଛାଟା ଘନିଆଁ ନେଇଯିବ ।'

ବରଜୁ ଚାଲିଗଲା ।

ବଇଅବଧାନ ଜଣେ ଚାଟକୁ ଡାକିଲେ - ସନିଆଁ ।'

ସନିଆଁ ଫଳା ବୋଲୁଥିଲା । ଅବଧାନଙ୍କ ଡାକରେ ଫଳା ପାଠ ଛାଡ଼ି, ବଇ ଅବଧାନଙ୍କ ପାଖରେ ଆସି ଠିଆ ହେଲା ଆଦେଶର ପ୍ରତୀକ୍ଷାରେ । ବଇ ଅବଧାନ କହିଲେ,... 'ପିଣ୍ଡାରେ ଡାକୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ମଡ଼େଇ ଦେ ! ତୋ ନାଁ କଣ ରେ ?'

ଘନିଆଁ ତକଲୁ ମୁହଁ ପୋତି, ଛେପ ଢୋକି କହିଲା - 'ଘନିଆଁ ।'

ବଇ ଅବଧାନେ କହିଲେ - 'ସେଇଠି ପିଣ୍ଡାରେ ସବୁଦିନେ ବସି ଖଡ଼ିପାଠ ମଡ଼େଇବୁ । ଭିତରକୁ ଆସିବୁ ନାହିଁ ।'

ଘନିଆଁ ତା ଖଡ଼ିରେ, ପିଣ୍ଡାରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଡାକି ତିନିଟା ମୁଣ୍ଡଳା ବୁଲେଇ ଦେଲା ।

ବର୍ଷେ ଗଲା, ଦୁଇ ବର୍ଷ ଗଲା । ମାସକୁ ମାସ ବରଜୁ ଆସି ମୁଣ୍ଡିଆଟିଏ ମାରି ଚାରିଣା ପଇସା ବଇ ଅବଧାନଙ୍କ ଆଗରେ ରଖି ଦେଇଯାଏ । ହାଟ ପାଳିକୁ ପାଳି ଘନିଆଁ ଅବଧାନଙ୍କ ପାଇଁ ଧୂଆଁ ପତ୍ର ଖଣ୍ଡେ, କଞ୍ଚା ଇଙ୍କାମରିଚ ମୁଠାଏ ଆଣି ଦେଇଯାଏ । କିନ୍ତୁ ବିଦ୍ୟା ସୋରେଅ, ସୋରେଅ, ଆଉ ଦୁଇକ ପଣିକିଆରୁ ବେଶିଦୂର ଯାଇ ପାରିଲା ନାହିଁ । ପୂର୍ବମୁହାଁ ଚାହାଳୀ, ବାହାର ପିଣ୍ଡାରେ ସକାଳୁଆ ଟାଣ ଖରା ପଡ଼େ । ବଇ ଅବଧାନ ଘନିଆଁକୁ କହନ୍ତି ପଛ ପିଣ୍ଡାରେ ଛାଇରେ ବସି ପାଠ ମଡ଼େଇବା ପାଇଁ । ଘନିଆଁ ଚାହାଳୀ ପଛ ପିଣ୍ଡାରେ ବସି କଙ୍କି ଧରେ, ଛେଳିଛୁଆ ପଛରେ ଗୋଡ଼ାଏ, ପାଖ ଦେବଦାରୁ ଗଛରେ ବଣି ଛୁଆର ସନ୍ଧାନ କରେ । ଚାଟଶାଳୀ ବେଳଟା ମନ୍ଦ କଟେ ନାହିଁ ! ଦିନେ ଦିନେ ବଇ ଅବଧାନ କରିଆ ଖଣ୍ଡେ ପିଛି, ପିକା ଖଣ୍ଡେ ଟାଣି ଟାଣି, ଗୋଟାଏ ହାତରେ ପେଟ ବାଡ଼େଇ ବାଡ଼େଇ, ଚାଟଶାଳୀ ପଛପଟ ବାଉଁଶବଣକୁ ବାହାରିଲା ବେଳେ ଘନିଆଁ ଉପରେ ନଜର ପଡ଼ିଥାଏ । 'ଦୁଇ ସତାଁ କେତେ ପଣ ? ଘନିଆଁ ନିର୍ବୋଧ ପଶୁଙ୍କ ପରି ଅନାଏ ବଇ ଅବଧାନଙ୍କ ଆଡ଼େ । ବଇ ଅବଧାନ ଘନିଆଁକୁ ଛୁଇଁ ପିଟିବେ କିପରି ? ତେଣୁ ଡାକ ପଡ଼େ, ସନିଆ ନୋହିଲେ ନାଥିଆ ନୋହିଲେ ଆଉ କାହାରିକୁ । ବଇ ଅବଧାନେ ଆଦେଶ ଦିଅନ୍ତି - 'ତା ପିଠିରେ ଚାରି ବିଧା ପକା । ଦୁଇଟା ଖୁଦା ଦେ ।' ଚାଟ ଶିରୋମଣି ଲୁଗାପିଛି ମାରିଲେ ଛୁଆଁଟା ହେବେ । ତେଣୁ ଲଙ୍ଗଳା ହୋଇ ଅବଧାନଙ୍କ ନିର୍ଦ୍ଦେଶମତେ ଦୁମ୍ ଦାମ୍ ଇଗାଇ ଦିଅନ୍ତି । ଏହାପରେ କେଜାଣେ ହୁଏତ ଢିଙ୍କିଆ ପଡ଼ିବାକୁ ବଇ ଅବଧାନଙ୍କ ପାଟିରୁ ବାହାରି ପାରେ । ଘନିଆଁ ପ୍ରାଣ ବିକଳରେ କହେ - 'ମୁଁ ଦିଖଣ୍ଡ ଧୂଆଁପତ୍ର ଆଣିଦେବି ଅବଧାନେ !' ବଇ ଅବଧାନ କାହାକୁ ପାଣି ଢାଳେ ରଖି ଦେବାପାଇଁ ଆଦେଶ ଦେଇ ବାଡ଼ିଆଡ଼େ ଚାଲିଯାନ୍ତି ।

ଏମିତି କଟିଲା ଦୁଇ ବର୍ଷ । ତା'ପରେ ଦିନେ ଘନିଆଁ ଆଉ ଚାଟଶାଳୀକୁ ଆସିଲା ନାହିଁ ।

Digitized by srujanika@gmail.com

ବରଜୁ କହିଲା - 'କୁଚ ବେଉସା ଛାଡ଼ି, ଆମେ ବାଉରୀ ମୁଣ୍ଡ, ପାଠ ପଢ଼ିଲେ କ'ଣ ହେବ ?' ଘନିଆଁ ଜଗିଲା ଛେଳି । ଏ ଦୁଇବର୍ଷ ଭିତରେ ଗଣେଷ ଚଉଠୀ ଯାଇଛି; ସରସ୍ୱତୀ ପୂଜା ଯାଇଛି । ଘନିଆଁ ବଇ ଅବଧାନ ପାଇଁ ଭେଦା ଆଣି ଦେଇଚି, ବାଡ଼ିରୁ କାକୁଡ଼ି ହାଟରୁ ନଡ଼ିଆ ଆଣି ଦେଇଛି । କିନ୍ତୁ ଅଟ୍ଟବ ପିଲା, ପୂଜା କରିବ କିପରି ? ପୁଷ୍ପାଞ୍ଜଳି ଦେବ କେମିତି ?

'ଘନିଆଁ-ଇ, ହେ ଘନିଆଁ-ଇ !'

ଘନିଆଁ ଚମକି ପଡ଼ି ଚାହିଁଲା । ବାଉରୀ ସାହିର ଦଳେ ପିଲା, ହାତରେ ଚାଙ୍ଗୁଡ଼ି ଆଉ ଲଗୀ ଧରି ତା ଆଡ଼କୁ ଆସୁଛନ୍ତି ।

ଘନିଆଁ ପଚାରିଲା - 'କଣ କିରେ ?'

ପିଲାମାନଙ୍କ ଭିତରୁ ଜଣେ କହିଲ। - 'ଆମ ଇସ୍କୁଲରେ ଗଣେଶପୂଜା । ମାହାନ୍ତିସାଇଆ, ବ୍ରାହ୍ମଣସାଇଆ ପିଲାମାନେ ସବୁ ଫୁଲ ତୋଳି ନେଇଗଲେଣି । ଆମକୁ ଫୁଲ ତୋଳି ଦେ ।'

ଘନିଆଁ ବିସ୍ମିତ କଣ୍ଠରେ ପଚାରିଲା - ' ସେମାନଙ୍କର ସିନା ଗଣେଶ ପୂଜା, ତମର କଣରେ ?'

ପିଲାମାନେ କହିଲେ - 'ବାଃରେ - ଆମର ବି ଗଣେଶ ପୂଜା । ମାଷ୍ଟ୍ରେ କହିଛନ୍ତି ଦେଶ ସ୍ୱାଧୀନ ହେଲାଣି, ଆମେ ବି ଫୁଲ ଆଞ୍ଜୁଳି ଦେବୁ ଏଣିକି ।'

ଘନିଆଁ ବୀରବିକ୍ରମରେ ମାତି ଉଠି କହିଲା - 'ଚାଲ କେତେ ଫୁଲ ନେବ ! ଦଧିପୋଖରୀରୁ ମୁଁ ତୋଳିଦେବି ଟୋକେଇ ଟୋକେଇ କଇଁ ଫୁଲ, ପଦ୍ମଫୁଲ, ଅନ୍ଧାରୁଆ ତୋଟାରୁ ତୋଳିଦେବି ଚମ୍ପାଫୁଲ... ଫୁଲ ମିକ୍ଚୁନାହିଁ ?'

ଘନିଆଁ ପଛେ ପଛେ ପିଲାମାନେ ଆନନ୍ଦରେ କଳରବ କରି ଛୁଟିଲେ ।

ଗାଁ ମୁଣ୍ଡ ଚାଟଶାଳୀ ସେ ଦିନ କଇଁ ଆଉ ପଦ୍ମ ଫୁଲରେ ଭରିଗଲା । ଘନିଆଁର ମନ ତଥାପି ମାନିଲା ନାହିଁ । ଦେବଦାରୁ ଗଛରେ ଚଢ଼ି ସେ ଶଗଡ଼େ ଦେବଦାରୁ ପତ୍ର ଭାଙ୍ଗିଲା । ସେଇ ପତ୍ର ଆଉ ଫୁଲରେ ସଜାଗଲା ତୋରଣ । ଚାଟଶାଳୀ ପିଣ୍ଡାରେ ଖଣ୍ଡ ଖଣ୍ଡ କରି ଭଙ୍ଗା କଇଁନାଡ଼ରୁ ଝୁଲା ହେଲା କଇଁ ଫୁଲ । ବାଉରୀସାଇଆ ପିଲାଙ୍କ ପ୍ରଶଂସାରେ ଇସ୍କୁଲର ଟୋକା ସେକେଣ୍ଡ ମାଷ୍ଟର ଶତମୁଖ । ମାହାନ୍ତି ଆଉ ବ୍ରାହ୍ମଣ ସାଇ ପିଲାମାନଙ୍କର ମୁହଁ ଶୁଖିଗଲା । ଘନିଆଁ ଚାଟଶାଳୀ ପିଣ୍ଡାତଳେ ବସି ନିଜର କୀର୍ତ୍ତିରେ ନିଜେ ଆତ୍ମହରା ହୋଇ ପଡ଼ିଥିଲା । ବାଉରୀସାଇଆ ପିଲାଙ୍କ ହସରେ ତାରି ସାର୍ଥକତା ତାରି ବିଜୟର ବାର୍ତ୍ତା ଯେପରି ମୁଖରିତ ହୋଇ ଉଠିଥିଲା, ତାରି ପୁଷ୍ପାଞ୍ଜଳି ପୁଷ୍ପିତ ହୋଇ ଉଠିଥିଲା ।

ପୂଜା ସରିଲା । ଶିକୁପତାରେ ନଡ଼ିଆ ପିଟା ସରିଲା । ବାଉରୀ ସାଇଆ ପିଲାଙ୍କର ଏକା ଏକା ପାହାରରେ ନଡ଼ିଆଟାମାନ ଫାଟି ଦିଫାଳ । କିନ୍ତୁ ବ୍ରାହ୍ମଣସାଇଆ, ମାହାନ୍ତିସାଇଆ ପିଲାଙ୍କ ଭିତରୁ ଅନେକେ ଦୁଇ ପାହାରରେ ସୁଦ୍ଧା ନଡ଼ିଆ ଫଟାଇ ନପାରି ସେମିତି ଗଡ଼େଇ ଦେଲେ ।

Digitized by srujanika@gmail.com

ଓଷା କରି ସେମାନେ ଲୁଚାଇ ଲୁଚାଇ ଖାଇଛନ୍ତି ପରା ! ସେଇଥିପାଇଁ ନଡ଼ିଆ ଫାଟିଲା ନାହିଁ ! ତା'ପରେ ହେଲା ପୁଷ୍ପାଞ୍ଜଳି । ଘନିଆଁର ହାତ ତୋଳା କଇଁ ଆଉ ପଦ୍ମଫୁଲର ପାଖୁଡ଼ା ଗଣେଶ ମୂର୍ତ୍ତି ଉପରକୁ ଫିଙ୍ଗା ହେଉଥିବାବେଳେ ଘନିଆଁର ମନ ସାର୍ଥକତାର ଏକ ବିପୁଳ ଆନନ୍ଦରେ ଭରିଗଲା ।

ପୂଜା ସରିଲା । ପିଲାମାନଙ୍କୁ ପ୍ରସାଦ ବିତରଣ ସରିଲା । ଇସ୍କୁଲର ଟୋକା ସେକେଣ୍ଡ ମାଷ୍ଟର ବାହାରକୁ ଆସି ଦେଖିଲେ, ଘନିଆଁ ପିଣ୍ଡାତଳେ ବସିଛି । ପ୍ରସାଦ ଟୋକେଇଟା ହାତରେ ଧରି ସେକେଣ୍ଡ ମାଷ୍ଟର କହିଲେ - 'ଅଣ୍ଡି ଦେଖା ଘନ, ପ୍ରସାଦ ନେ ।'

ଘନିଆଁ ସଙ୍କୋଚଜଡ଼ିତ କଣ୍ଠରେ କହିଲା - 'ନାଇଁ, ମୁଁ କଣ ପିଲା ହେଇଚି !'

ମାଷ୍ଟର କହିଲେ - 'ନାଇଁ, ନାଇଁ, ତୁ ବହୁ ପରିଶ୍ରମ କରିଛୁ । ନେ, ପ୍ରସାଦ ନେ ।'

ଘନିଆଁର ଅଣ୍ଡି ଖଇ, ଉଖୁଡ଼ା, ଖସାନଡୁ, ନଡ଼ିଆ ଖଣ୍ଡ ଖଣ୍ଡ କାକୁଡ଼ି ଆଉ କଦଳୀରେ ଭରିଗଲା ।

ବେଳ ଗଡ଼ିଗଲାଣି ।

ଘନିଆଁ ଘରଆଡ଼େ ଫେରିଲା ।

ବାଟରେ କେଉଁଠି ଘନିଆଁକୁ ଦେଖି, ବୁଲା ଘନିଆଁ ପାଖକୁ ଦଉଡ଼ି ଆସି , ତା ପାଦରେ ଛନ୍ଦି ହୋଇଗଲା । ଅନ୍ୟ ଦିନ ହୋଇଥିଲେ, ହୁଏତ ଗୋଇଠାଟାଏ ପକାଇଥାନ୍ତା । ଆଜି କିନ୍ତୁ ମୁଠାଏ ଖଇ ଉଖୁଡ଼ା ଛାଟି ଦେଇ କହିଲା - 'ନେବେ ବୁଲା, ଗଣେଶ ଭୋଗ । ନେ ଏ ଖସାନଡୁ ଖଣ୍ଡେ ଖା ।'

ବୁଲା ନାଚି ନାଚି ସେତକ ଚାଟି ଦେଲା । ଆଃ, ଆଜି ଏ କି ସୌଭାଗ୍ୟ ! ଏ କି ଆନନ୍ଦ !

ବାଉରୀ ସାଇ ମୁଣ୍ଡକୁ ଘନିଆଁ ମା'ର ପାଟି ଶୁଭୁଥିଲା - 'ଘନିଆଁ ରେ ଘନି....ଆ ! ହା'ରେ ଯମ ! ସାତ ସାରରେ ସାର ଜୀବନକୁ ନେଇ, ମତେ ଯାହା ପକେଇ ରଖିଚୁ ! ଘନିଆଁରେ...'

ଘନିଆଁ ଅଣ୍ଡାରୁ ଖଇ ଉଖୁଡ଼ା ତୋବେଇ ଚୋବେଇ କୁଡ଼ିଆ ଦୁଆର ମୁହଁରେ ପହଞ୍ଚିଲା । ବୁଲା ତା ପଛେ ପଛେ ଛୁଟି ଡଙ୍କେ ବୁଣି ପଡୁଥିବା ଖଇଟାଏ, ଉଖୁଡ଼ାଟାଏ ପରମ ଆନନ୍ଦରେ ଚାଟି ଚାଟି ଚାଲିଥିଲା ।

ବୁଢ଼ୀ ପଚାରିଲା - 'କି'ରେ ଘନିଆଁ, ଦିନ ଆସି ଦି'ପହର ଗଡ଼ି ଗଲାଣି । ଅଖିଆ ଅପିଆ ତୁ କୁଆଡ଼େ ବୁଲୁଚୁ କିରେ ?'

ଘନିଆଁ କହିଲା, 'କିଲୋ, ଆଜି ପରା ଗଣେଶ ଚଉଠୀ !'

ବୁଢ଼ୀ କହିଲା 'ଇସ୍କୁଲିଆ ପିଲାଙ୍କର ସିନା ଗଣେଶ ଚଉଠୀ । ତୋ'ର ଗୋଟାଏ କି ଗଣେଶ ଚଉଠୀ ବା ?'

ଘନିଆଁ ବୁଢ଼ୀଆଡ଼େ ଆଙ୍ଗୁଳାଏ ଭୋଗ ଦେଇ କହିଲା - 'ନେ, ନେ, ଏ ଭୋଗ

Digitized by srujanika@gmail.com

ପରସାଦ । ତୋ ପାଇଁ ଆଣିଚି ଆଉ ବଚ୍ଚର୍ ବଚ୍ଚର୍ ହ ନା ।'

ବୁଢ଼ୀ ପାଟିରେ ଗୋଟାଏ ଖସାନତୁ ପକାଇ ଦେଇ, ମାଡ଼ିରେ ସେଇଆକୁ ଚାକୁଳେଉ ଚାକୁଳେଉ କହିଲା - 'ମଲା, ଏ ନତୁଟା ପଥର ପରି ହେଇଚିମ ! ମୋର କଣ ଆଉ ଦାନ୍ତ ଅଛି ?'

ବୁଲା ଲାଙ୍ଗୁଡ଼ଟା ହଲାଇ ଘନିଆଁ ଆଗରେ ନାଚି ଯାଉଥିଲା । ଘନିଆଁ ଆଉ ମୁଠାଏ ଖଇ ଉଖୁଡ଼ା ତଳେ ଫିଙ୍ଗି ଦେଇ କହିଲା - 'ଶଳାଟା ପେଟରେ ଯୋଗଣୀ ଅଛି ।'

ଘନିଆଁମା' ବୁଢ଼ୀ ପାଟିରୁ ଲାଳ ସଙ୍ଗରେ ଖଣ୍ଡେ ଖଣ୍ଡେ ଖସାନତୁଁ ତଳକୁ ବୋହି ପଡୁଥିଲା ।

ଘନିଆଁ ସେଇଆଡ଼େ ଚାହିଁ ଖିଲ୍ ଖିଲ୍ ହୋଇ ହସି ଉଠିଲା ।

Digitized by srujanika@gmail.com

ମେଣ୍ଢାଖାଇ

ମେଣ୍ଢାଖାଇ ବଢୁଛି... ।

ପଧାନସାଇ ଅତଡ଼ା ଧାରରେ ଅଙ୍କରାନ୍ତି ଆଉ ଅରଖ ବୁଦାଗୁଡ଼ା ଆଉ ଟିକକ ପାଣିରେ ବୁଡ଼ିଯିବ । ବୋଝେ କାଠି କୁଟା, ବଢ଼ିପେଣ ଆଉ ମଶାଣିର ପୋଡ଼ା କାଠ, ସେଇଠି ଲାଗି ପାଣି ଉଉଁରି ଖାଉଛି ।

ଅତଡ଼ା ଉପରେ ଅର୍ଜୁନ ଗଛର ଚେରଗୁଡ଼ା ପାଣିରେ କଳା କଳା ସାପ ପରି ଲହଲହ ହେଉଛି । କେଇଟା ଶାଳ ଗଯଳ ପାଣି ସୁଅରେ ଭାସିଗଲା । ପହଲା ଚମାର ଖୁଣ୍ଟିଆ ସାହି ଗଡ଼ାଣିରେ କାଠ ଧରିବାପାଇଁ ଦଉଡ଼ି ଖଣ୍ଡେ ଧରି ଠିଆ ହୋଇଛି । କିନ୍ତୁ ଘୂରେଇ ଘୂରେଇ ଦଉଡ଼ି ଫିଙ୍ଗି କାଠ ଧରିବା ପାଇଁ ତାର ସାହସ ଖଟୁନାହିଁ । ଡାକହରକରା କାନ୍ଧରେ ଡାକମୁଣା ପକାଇ ଘାଟରେ ଡିଣ୍ଡି ବୁଡ଼ି ଠିଆ ହୋଇଛି । ଘାଟଡଙ୍ଗା ନାହିଁ କି ନାଉରୀର ଦେଖା ନାହିଁ । ଘାଟ-ଡଙ୍ଗା ସୁଅ ତୋଡ଼ରେ ତଳକୁ ଭାସି ଯାଇଛି ।

ପୂର୍ବରେ କେତେବେଳେ ସୂର୍ଯ୍ୟ ଉଦୟ ହୋଇ ପୁଣି ପଶ୍ଚିମରେ ଅସ୍ତ ଯାଉଛି... ତାହା ଗତ କେତେଦିନ ହେଲା ଜାଣିବାର ଉପାୟ ନାହିଁ । ଗଲା ଶନିବାର ରାତି ଭାଡଖିଆ ପହରୁ ଝଡ଼ି ବର୍ଷା ଲଗାଇଛି ଯେ ଛଅଦିନ ହୋଇଗଲା ବର୍ଷା ଛାଡ଼ିବାର ଦେଖା ନାହିଁ । ଆଗରେ ଆସୁଛି ଫମ୍ପା ଅମାବାସ୍ୟା । ଚତୁର୍ଦ୍ଦଶୀ ଦିନ ପୁଣି ପଞ୍ଚଗ୍ରହକୂଟ ! ତେରଦିନିଆ ଝଡ଼ି ଲାଗିବ, ନାହାକ ପାଞ୍ଜି ଦେଖି କହିଛି ।

ସଞ୍ଜ ହେବାପାଇଁ ଅନେକ ଡେରି ଅଛି । ଦିନ ତଥାପି କେଜାଣେ ଆଉ ଦୁଇ ତିନି ଘଡ଼ି ଥିବ ! କିନ୍ତୁ ମେଘ ଯୋଗୁଁ ସବୁଆଡ଼େ କେମିତି କାଳି ଅନ୍ଧାର ଘୋଟିଗଲାଣି । ସେଦିନ ଜଗୁ ତିହାଡ଼ି ମାଳିକା ବୋଲୁଥିଲା, ''ଘୋର କଳି, ମହାଘୋର ତମ ଆଚ୍ଛାଦିବ ।''

ଘାଟ ଉପରେ ଜାଗୁଳେଇ ବରଗଛତଳେ ମୁଣ୍ଡ ଉପରେ ଛତା ମେଲାଇ ବସି ହରି ପଟ୍ଟନାୟକ ମେଣ୍ଢାଖାଇର ବଢ଼ି ଦେଖୁଥିଲେ । ନାତି ଏକୋଇସିଆକୁ ମଧୁପୁର ଯିବାପାଇଁ ହରି ପଟ୍ଟନାୟକ ଆଜକୁ ଚାରିଦିନ ହେଲା ବାହାରିଛନ୍ତି । ମାତ୍ର ମେଣ୍ଢାଖାଇରେ ପାର ଉତ୍ତାର ବନ୍ଦ । ସେଥିରେ ବର୍ଷା ଲଗାଣ, ଝିଅଘର ଗାଁ, ଗେଙ୍ଗୁଟି କୂଳରେ । ଏ ବଢ଼ିରେ ଗାଁ ଥିବ କି ନାହିଁ କେ ଜାଣେ ? ହରି ପଟ୍ଟନାୟକ ଗୋଟିଏ ଦୀର୍ଘନିଶ୍ୱାସ ପକାଇଲେ ।

କେଉଁ ପ୍ରପିତାମହ ଅମଳରେ ମେଣ୍ଢାଖାଇ ନଈ ଥିଲା । ପୁଣି ବଢ଼ି ବଦଳି ଦିନେ ମେଣ୍ଢାଖାଇ ସୁଅରେ ସାପମୁଣ୍ଡ କଟି ଦି'ଖଣ୍ଡ ହେଉଥିଲା । ସେ କଥା କୁସୁମୀ, ନାରାୟଣପୁର, ମିରିଗଡ଼ିଆ, ଡଅଁର ପ୍ରଭୃତି ଗାଁର ଲୋକେ ଏବକୁ ଭୁଲି ସାରିଥିଲେ । ଦୟାରେ, ଅନୁକମ୍ପାରେ

Digitized by srujanika@gmail.com

ନୋହିଲେ ଗାଁର ମର୍ଯ୍ୟାଦା ରକ୍ଷାପାଇଁ, କେହି କେହି ମେଣ୍ଢାଖାଇକୁ ନଈ ବୋଲି କହୁଥିଲେ ସୁଦ୍ଧା, ଲୋକମୁଖରେ ମେଣ୍ଢାଖାଇ ଜୋଡ଼ ନୋହିଲେ ସଫେଇ ବୋଲି ଏତେକାଳ ପରିଚିତ ଥିଲା ।

ମେଣ୍ଢାଖାଇ ସଫେଇ ନୁହେଁ ତ ଆଉ କ'ଣ ? ତାର ଛଇ ମୁକୁରରେ ଗମ୍ଭୀର ପର୍ବତ ଶିଖରର ଛାଇ ପଡ଼ି ନାହିଁକି, ଗହନ ଶାଳବନ ଛାଇତଳେ ମେଣ୍ଢାଖାଇର ପାଣି କଳାଘୁମର ବୁଲିନାହିଁ । କଇରାପତରିଆ ମହାବଳ ମେଣ୍ଢାଖାଇ କୂଳରେ ହାଇ ମାରିନାହିଁ, କି ମେଣ୍ଢାଖାଇ ବାଲିରେ ମିରିଗଦଳର ପାଦଖୋଜ ପଡ଼ିନାହିଁ । ହରିପୁର ପଚାଶ ବାଟିଆ ଚକରୁ ଅତି ନିରୀହ ଭାବରେ ବାହାରି ବର୍ଷାଦିନେ ବିଲ ପାଣି ଧରି, ମେଣ୍ଢାଖାଇ ସାପେଇ ସାପେଇ ଅଣ୍ଡିକଟା ଗାଁ ତଳେ, ବ୍ରାହ୍ମଣୀ ନଦୀ ସଙ୍ଗରେ ମିଶିଯାଇଅଛି । ବର୍ଷସାରା ବିଲାତିଦଳ, ନେଳୀ କଇଁ, ନାଲି କଇଁ ପ୍ରଭୃତିରେ ମେଣ୍ଢାଖାଇର ଗର୍ଭକୁ ପୋତି ତା ଉପରେ ଧାନ କ୍ଷେତ ସୁଦ୍ଧା କରି ଯାଇଛନ୍ତି । ଏଥର କିନ୍ତୁ ବର୍ଷାପାଣି ସାଙ୍ଗକୁ ବ୍ରାହ୍ମଣୀର ପନ୍ଥୁଆଣି ପାଣି ମେଣ୍ଢାଖାଇରେ ପଡ଼ିଛି ।

କେବେ କେଉଁ ପ୍ରପିତାମହ ଜାଳରେ ହରିପୁରଠାରୁ ବ୍ରାହ୍ମଣୀର ଧାରାଟିଏ ମେଣ୍ଢାଖାଇ ନାଁ ଧରି ବାହାରି ଆସିଥିଲା । ସେ ଦିନେ ମେଣ୍ଢାଖାଇ ବଢ଼ିଲେ ଚାରିଆଡ଼େ ଆତଙ୍କ ପଡ଼ିଯାଉଥିଲା । ଲୋକେ ନଦୀକୁ କୁଆଡ଼େ ମେଣ୍ଢାବଳି ଦେଲେ ଯାଇଁ ବଢ଼ି ସମଳା ପଡୁଥିଲା । ସେଇଥିପାଇଁ ହୁଏତ ବ୍ରାହ୍ମଣୀର ଏହି ଧାରାଟିର ନାଁ ଥିଲା ମେଣ୍ଢାଖାଇ । କିନ୍ତୁ ହରିପୁରଠାରେ ପଥର ବନ୍ଧ ପଡ଼ିଲା । ମେଣ୍ଢାଖାଇର ବିକ୍ଷଦାନ୍ତ ଭାଙ୍ଗିଲା । ଯେଉଁଠି ଶ୍ରାବଣ ମାସରେ ବ୍ରାହ୍ମଣୀର ସୁଅ ଗର୍ଜୁଥିଲା ଆଜି ସେଠି ହରିପୁର ପଚାଶବାଟିଆ ଚକର ଅଉଲ ଜମି । ପ୍ରତି ବର୍ଷ ବଢ଼ି ବଦଳଦିନେ ମେଣ୍ଢାଖାଇରେ ପାଣି ପଡ଼େ । ଅତି ବେଶି ବଢ଼ିଲେ ମେଣ୍ଢାଖାଇ ଦୁଇ ପାଖରେ ନଈକୂଳର ବିଆଳି ଜମିସବୁ ବୁଡ଼ିଯାଏ । କେଉଁଠି କେଉଁଠି ଗାଁ ଦାଣ୍ଡରେ ପାଣି ଲାଗିଯାଏ । କିନ୍ତୁ ସେ ବଢ଼ି କିଛି ନୁହେଁ । ଜୁଆଏ ସୁଦ୍ଧା କଦଳୀ ଭେଳାରେ ମେଣ୍ଢାଖାଇ ପାର ହୋଇଯା'ନ୍ତି ।

ମେଘ ଟିକିଏ କମି ଆସିଥିଲା, ପୁଣି ଝପର ଝପର ଲଗାଇଲାଣି । ହରି ପଟ୍ଟନାୟକ ଉଠିଲେ । ପଶ୍ଚିମା ପବନରେ ହାଡ଼ମଞ୍ଜି ଥରି ଯାଉଛି । ବିଆଳି ଧାନଗୁଡ଼ା ଅଧାର ନେଉଥିଲା । ଏ ବଢ଼ି ପାଣି ଯେମିତି ଆଣ୍ଠୁ ଧରି ଭିଡ଼େଇଛି ସେଥିରେ ସେ ସବୁ ପଚିଯିବ । ଆହା ! ଫୁଲଉଡ଼ା ବିଆଳିକିଆରୀ ଦେଖିଲେ ପେଟ ପୂରି ଉଠୁଥିଲା !

ସିନ୍ଧୁ ଖୁଣ୍ଟିଆ ମିରିଗଡିଆଁ ଗାଁର ମହାଜନ, ମାତବର ଲୋକ । ଜମି ପାଞ୍ଚବାଟୀ, ମହାଜନୀ ଲେଣଦେଣ ଅଛି । ଗାଁରେ ପୁଣି ଗୋଟାଏ ତେଜରାତୀ ଆଉ ଲୁଗା ଗୋଦାମ ଅଛି । ପାଞ୍ଚ ପୁଅ, ପାଞ୍ଚ ବୋହୂ, ନାତି, ନାତୁଣୀ, ମୂଲିଆ, ହଳିଆ, ଖାତକ, ଗୁହାରିଆ... ସିନ୍ଧୁ ଖୁଣ୍ଟିଆଙ୍କ ଘରେ ଦାଣ୍ଡରେ ସବୁବେଳେ ଘୋ ଘୋ ରଡ଼ି । ସିନ୍ଧୁ ଖୁଣ୍ଟିଆ ପିଲାଦିନେ ଧାନହଚା ମୁଣ୍ଡରେ ବୋହିବାର, ମେଣ୍ଢାଖାଇରେ କେରାଣ୍ଡି ମୀନ ଧରିବାର ଦେଖିଥିବା ଲୋକ ଏବେ ସୁଦ୍ଧା ମିରିଗଡିଆଁ ଗାଁରେ ଅଛନ୍ତି । ଥରେ କୁଆଡ଼େ ବାଇଗଣ କିଆରୀ ହାଣୁ ହାଣୁ ସିନ୍ଧୁ ଖୁଣ୍ଟିଆ ହଣ୍ଡାଏ ସୁନା ପାଇଥିଲେ । ଏ କିନ୍ତୁ ଶୁଣା କଥା । ସତ ମିଛ କେହି ଜାଣନ୍ତି ନାହିଁ । ମାତ୍ର ସିନ୍ଧୁ ଖୁଣ୍ଟିଆ ଲୋକଟା

Digitized by srujanika@gmail.com

ଖୁବ୍ ପରିଶ୍ରମୀ । ଏବେ ଅବଶ୍ୟ ଧଇଁ ବେମାରିରେ ବୁଢ଼ା ବସିଲା ଜାଗାରୁ ସହଜରେ ଉଠିପାରେ ନାହିଁ । କିନ୍ତୁ ବର୍ଷ କେତେଟା ଆଗେ ବିଇବଢା, ବେଉଷଣ କି ଧାନକଟା ଦିନେ ସିନ୍ଥୁ ଖୁଣ୍ଟିଆ କିଆରୀ କିଆରୀ ବୁଲୁଥିଲା । ଲୋକଟା ଘୋର ପରଡଣ୍ଟିଚିପା, କୃପଣ, ଚମଚଟା । ଧାନ, ଟଙ୍କାରେ ମହାଜନୀ କରି କେତେ ଲୋକଙ୍କୁ ଯେ ଭିଟାମାଟିରୁ ସେ ଉଚ୍ଛନ୍ନ କରିଛି, ତାର ଠିକଣା ନାହିଁ । ଦୁନିଆଁ ଯାକର ସବୁ ଅଭିଶାପ ତା ଉପରେ ପଡ଼ୁଛି ! ତଥାପି ତାକୁ କେବେ ସର୍ଦ୍ଦି କାଶ୍ ହେବା ସୁଦ୍ଧା ଲୋକେ ଜାଣନ୍ତି ନାହିଁ । କେତେ ନିଆଶ୍ରୀ ବିଧବା, କେତେ ଦୀନ ଦରିଦ୍ର, ସିନ୍ଥୁ ଖୁଣ୍ଟିଆ ଦାଣ୍ଡରେ ମୁଣ୍ଡ କୋଡ଼ି ଧର୍ମକୁ ଚାହିଁ ଧୂଳି ଉଡ଼େଇଛନ୍ତି । ମାତ୍ର ସିନ୍ଥୁ ଖୁଣ୍ଟିଆ ପିଉଜ ଝୁଇଁଲେ ସୁଦ୍ଧା ସୁନା ପାଇଟିଛି । ସେଥିପାଇଁ ''ଲୋକଟାକୁ ଧରମ କେମିତି ସହିଛି'' ବୋଲି ଲୋକେ ପଛରେ ଯେତେ ଆଲୋଚନା କଲେ ସୁଦ୍ଧା, ଖୁଣ୍ଟିଆସାହି ଦାଣ୍ଡରେ ଗଲାବେଳେ ତାକୁ ଜୁହାରଟାଏ ପକାଇ ନ ଯିବା ଲୋକ ମିରିଗଡିଆଁ ଗାଁରେ ଅତଡଃ କେହି ନାହାନ୍ତି ।

ସିନ୍ଥୁ ଖୁଣ୍ଟିଆ କିନ୍ତୁ ବଡ଼ ପରମାର୍ଥୀ ଲୋକ । ବେକରେ ତିନିସାର ତୁଳସୀ ମାଳି । ମୁଣ୍ଡରେ ଚିତା ତିଳକ । ଯେତେ କାମ ଥାଉ ପଛେ ସକାଳେ ଘଡ଼ିଏ ସେବା ପୂଜା, ସନ୍ଧ୍ୟାରେ ପୁରାଣଶୁଣା ନହେଲେ ନ ଚଳେ । ଖୁଣ୍ଟିଆ ଘର ଭାଗବତ ଗାଦିରେ ପୁଣି କେତେ ମାଳିକା ପୋଥି ଅଛି । ମାଳିକା ଶୁଣିବା ପାଇଁ ଦିନେ ଦିନେ ସଞ୍ଜରେ ଖୁଣ୍ଟିଆଙ୍କ ଦାଣ୍ଡ ମେଲାରେ ବହୁ ଗାଁ ଲୋକ ଜମନ୍ତି । ପୁରାଣ ବୋଲିବା ପାଇଁ ଜଗୁ ଡିହାଡ଼ି ବର୍ଷକୁ ଭରଣେ ଧାନ ଆଉ ମାସକୁ ଦୁଇ ଟଙ୍କା ବେତନରେ ମୁକରିର ହୋଇଛନ୍ତି ।

କଳିଷଠା ଟପିଲାଣି । ସିନ୍ଥୁ ଖୁଣ୍ଟିଆକୁ ବୟସ ସତୁରୀ । ଡେଙ୍ଗା ହାଡ଼ଗିଳା ଚେହେରା । ଦିହଯାକ ହାଡ଼ ପଞ୍ଜରାମାଳ । ଆଖି ଦୁଇଟା ଶେତା, ହଳଦିଆ । ଦେହଚମ ଦୁହିଁ ହୋଇଗଲାଣି । ବେକରେ ମୋଟ ମୋଟ ଶିରାମାଳ । ଦେହ ହାତ ଥରିଲାଣି । ତଥାପି ପରମାର୍ଥ ଓ ପରଅର୍ଥ ସେବା ସିନ୍ଥୁ ଖୁଣ୍ଟିଆ ଛାଡ଼ି ନାହାନ୍ତି ।

ସଞ୍ଜ ହୋଇନାହିଁ...

ନରି ପଟ୍ଟନାୟକ, ଖୁଣ୍ଟିଆଘର ଗଡ଼ାଣିରେ ଗାଁ ଭିତରକୁ ଗଡ଼ିଲେ । ରାସ୍ତା ଦୁଇ ପାଖରେ ବାଉଁଶ ବଣ । କେଇଟା ବାଉଁଶ ଗଛ ଝଡ଼ି ପବନରେ ନଇଁ ରାସ୍ତା ଉପରେ ଶୋଇଛି । ବାଉଁଶ ବଣ କୋହଲା ପବନରେ ବାବନା ଭୂତ ପରି ନାଚୁଛି । ରାସ୍ତାରେ ବଢାଗଣ୍ଡି ପାଣି । ସୁଅ ଫିଟିଛି । ସେଥିରେ କାଗଜ ଡଙ୍ଗା ଦୁଇଟା ସିଜୁ ବାଡ଼ କଡ଼ ସୁଅରେ ନାଚି ନାଚି ଭାସି ଯାଉଛି । ନିଧି ସାମଲର କାନ୍ଥ ନଇଁ ପଡୁଛି । ସେଥିପାଇଁ ବର୍ଷାରେ ତିନ୍ତି ବୁଡ଼ି ନିଧି ସାମଲ କାନ୍ଥରେ ଢିରା ଦେଉଛି । ତାର ସ୍ତ୍ରୀ, କୋଳରେ ଦୁଇ ବର୍ଷର ଝୁଆଟିକୁ ଧରି ବର୍ଷା ଛାଟରେ ପିଣ୍ଡା ଉପରେ ଠିଆ ହୋଇଛି । ନିଧିର ମା ବୁଢ଼ୀ ପିଣ୍ଡାରେ ଖଣ୍ଡେ ପଖିଆ ଆଢୁଆଳରେ ବସିଛି । ତାକୁ ଆସି ଚାରିକୋଡ଼ି ବର୍ଷ ହେଲା । ଏମିତି ନାହିଁ ନଥିବା ପୋଡ଼ପୋଡ଼ା ମେଘ ସେ ଦେଖି ନ ଥିଲା ବୋଲି ମନକୁ ମନ କହି ହେଉଛି । ଦାମ ସ୍ୱାଇଁର ଘର ଚାଳସବୁ ମେଘ ବତାସୀରେ ଉଡ଼ି ଗଲାଣି । ବର୍ଷାରେ କାନ୍ଥସବୁ

Digitized by srujanika@gmail.com

ଧୋଇ ଗଲାଣି । ଆଉ ଟିକକୁ ପଡ଼ିଯିବା ଅସମ୍ଭବ ନୁହେଁ । ବରକୁ ସାମଲ ପିଣ୍ଡାରେ କେତେଜଣ ବୁଢା କାନିରେ କାନମୁଣ୍ଡା ଘୋଡ଼ାଇ ବର୍ଷାକୁ ଚାହିଁ ବସିଥିଲେ । ନରି ପଟ୍ଟନାୟକଙ୍କୁ ଦେଖି ବରକୁ ସାମଲ ପଚାରିଲେ... ''କିଏ ପଟ୍ଟନାଇକେ, ଝିଅ ଘରକୁ ଯାଇଥିଲ କି ?''

ନରି ପଟ୍ଟନାୟକ ନିଶ୍ୱାସ, ନିରାଶ କଣ୍ଠରେ କହିଲେ - ''ନାଇଁ ହେ, ବର୍ଷାରେ ତ ଘରୁ ଗୋଡ଼କାଢ଼ି ହେଉନାହିଁ; ଝିଅଘର ଯାଉଛି ! ସେଥିରେ ମେଣ୍ଟାଖାଇ ଯେମିତି ବଢୁଚି, ତମ ଗାଁକୁ ସମ୍ଭାଳ !''

ପିଣ୍ଡା ଉପରୁ ଆଉ କିଏ ଜଣେ କହିଲେ, ''ହଃ, ବେଙ୍ଗ ମୁଡିଲେ ମେଣ୍ଟାଖାଇରେ ପାଣି, ମେଣ୍ଟାଖାଇ ବଢୁଛି !''

କିଛି ଆଗରେ ପିନ୍ଧୁ ଖୁଣ୍ଟିଆଙ୍କର ଘର । ପିନ୍ଧୁ ଖୁଣ୍ଟିଆଙ୍କ ଦାଣ୍ଡଘରେ ବଡ଼ି ବଳଦର ଖବର ନିଶ୍ଚୟ ମିଳିବ । ସେଠି ଆଖପାଖ ଗାଁମାନଙ୍କରୁ ନାନା କାର୍ଯ୍ୟରେ ନାନା ଲୋକ ଯୁଟନ୍ତି । ପିନ୍ଧୁଙ୍କ ବଡ଼ପୁଅ କରୁଣୀ ଖୁଣ୍ଟିଆ ପୁଣି ୟୁନିୟନ୍ ପ୍ରେସିଡେଣ୍ଟ । ଗେଙ୍ଗୁଟି ବଡ଼ିରେ ମଧୁପୁର ମାହାନ୍ତି ସାଇ ଅଛି ନା ଭାଙ୍ଗିଛି ଏତିକି ଜାଣି ପାରିଲେ ନରି ପଟ୍ଟନାୟକ ଆଶ୍ୱସ୍ତ ହୁଅନ୍ତେ ।

ଖୁଣ୍ଟିଆଙ୍କ ଦାଣ୍ଡଘରେ ଖଣ୍ଡେ ହେଁସ ଉପରେ ଆଠ ଦଶ ଜଣ ବସିଥିଲେ । ପିନ୍ଧୁ ଖୁଣ୍ଟିଆ ପାଦଠୁଁ ମୁଣ୍ଡ ପର୍ଯ୍ୟନ୍ତ ଖଣ୍ଡେ କମ୍ବଳରେ ଢାଙ୍କି ହୋଇ କାନ୍ଥକୁ ଆଉଜି ବସିଥିଲେ । କମ୍ବଳ ଭିତରୁ ବେଳେ ବେଳେ ଜଫମିଶା ଘାଘଡ଼ା କାଶ ଛଡ଼ା, ଜୀବନର ଅନ୍ୟ କୌଣସି ସଙ୍କେତ ମିଳୁ ନଥିଲା । ବଇଠା ଉପରେ ଲଣ୍ଠନଟା ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । ଆଜି ପୁରାଣ ଶୁଣିବାରେ କାହାରି ମନ ନଥିଲା ।

ମାଳିକାର ସତ୍ୟତା ସମ୍ବନ୍ଧରେ ଆଲୋଚନା ଚାଲିଥିଲା । ପିନ୍ଧୁ ଖୁଣ୍ଟିଆ କମ୍ବଳ ଭିତରୁ ଗଞ୍ଜେଇ ଚିଲମଟା ଅନ୍ୟ ହାତକୁ ବଢ଼ାଇ ଦେଇ ଉକ୍ ଉକ୍ କାଶି ଉଠିଲେ । ଗଞ୍ଜେଇ ଧୂଆଁର କଡ଼ା ଗନ୍ଧ ସେ ସନ୍ଧସନ୍ଧିଆ ପରିବେଶକୁ ସରଗରମ କରିଦେଲା । ଏକଦା ସେଟଇମେଣ୍ଟ ଇଲାକାରେ ଚେମ୍ପମେନ୍ ଥିବା ଯଦୁ ମହାନ୍ତି ଗଞ୍ଜେଇ ଚିଲମରେ ଗୋଟାଏ ଟାଣ ଭିଡ଼ା ଦେଇସାରି ଗମ୍ଭୀର ଭାବରେ ଧୂଆଁ ଛାଡୁ ଛାଡୁ କହିଲେ...''ଏସବୁ ବାଜେକଥା ହେ । ମାଳିକା ଫାଳିକା ସବୁ ତୁନ୍ଧା ମିଛ !''

ଜଗୁ ତିହାଡ଼ି ପାଟି କରି ଉଠିଲେ... ''କେମନ୍ତ ! ମାଳିକା କଥା ଗୋଟି ଗୋଟି କରି ଫଳି ଯାଉଚି । ସେଦିନ ଦେଖିଲ ନାଇଁ କାଳିଆବୋଦାରେ ଇଙ୍ଗୁଳିମାନେ ଧରା ହେଲେ । ଅଚ୍ୟୁତାନନ୍ଦ ମାଳିକାରେ ଥିଲା ପରା -

'କଟକ କଟିରେ ଇଙ୍ଗୁଳି ଧରା ହୋଇବେ ପୁଣ,
କାଳିଆବୋଦାରେ ସହସ୍ରେ ଦୁଷ୍ଟ ହେବେ ନିଧନ ।'

ଆଉରି ଏମିତି କେତେ କଥା ହାତେ ହାତେ ଫଳିଯାଉଥିବା ବେଳେ ମାଳିକା ମିଛ ହେବ କେମିତି ?''

Digitized by srujanika@gmail.com

ନରି ପଟ୍ଟନାୟକ ପିଣ୍ଡାତାଳରେ ଛତାଟା ଟାଙ୍ଗି ଦେଇ ଦାଣ୍ଡଘର ଭିତରକୁ ପଶି ଆସିଲେ । ନରି ପଟ୍ଟନାୟକ ବଡ଼ ମାଳିକା ଲୋକ । ଦାଣ୍ଡ ପିଣ୍ଡା ଉପରକୁ ଉଠୁ ଉଠୁ ଆଲୋଚନାଟା ସେ ଶୁଣି ସାରିଥିଲେ । ନରି ପଟ୍ଟନାୟକ କହିଲେ, ''ମାଳିକା କହିଥିଲା ତରକି ଥିବୁ ତେରକୁ, 1363 ସାଲ - ଆଉ ଦିନ କେତେଟା ପରେ; ସୁନିଆ ଦିନ ପଶିବ । 1363 ମିଶେଇ ଦିଅ - ହେଲା ତେର । ତା ନୋହିଥିଲେ ଏମିତି ବର୍ଷା, ଏମିତି ବଢ଼ି କେବେ ଦେଖିଥିଲ ନା ଶୁଣିଥିଲ ?''

ଛଗୁ ତିହାଡ଼ି ତଳେ ଗଞ୍ଜେଇ ହାତରେ ମଶିଣା ଉପରେ ଚାପୁଡ଼ାଟିଏ ପିଟି କହିଲେ, ''କି ହେ, କାଲି ମାଳିକା ବୋଲା ହେଉଥିଲା ପରା ! କୋଉଠି ଖଳେଇ ଘାଇ ଭାଙ୍ଗିବ, ଚିତଳ ମାଛ ଆଉ ବଉଳା କିମ୍ବୀର ବାହାରି ୫ଙ୍କଡ଼ଶାରଳାକୁ ଦର୍ଶନ ପାଇଁ ଯିବେ !''

ଛଗୁ ତିହାଡ଼ିଙ୍କ କଥା ନ ସରୁଣୁ କଣ୍ଡୁରୀ ସ୍ୱାଇଁ କହିଲେ, ''ତମେ ଶୁଣିନାହଁ କି ? ମୁଁ କଟକ ଯାଇଥିଲି ଶୁଣିଲି, କାଠଯୋଡ଼ି ବଡ଼ିରେ କୁଆଡ଼େ ବଉଳା କିମ୍ବୀର ମୁଣ୍ଡରେ ସିନ୍ଦୂର ବୋଳି ହୋଇ ବେକରେ ଧଣ୍ଡା ହାର ପକାଇ କିଲଟରୀ ଘାଟରେ ଶୋଇଥିଲା । ଆଉ କଚେରି ହବ କଅଣ ? ମେଜେଷ୍ଟରମାନେ ଇଚ୍ଛଲାସ ଛାଡ଼ି ତ କିଲଟାରୀ ଘାଟରେ ! ଲୋକରେ ଲୋକ ଯେ ମୁଣ୍ଡ ଉପରେ ଥାଳି ମାରିଦେଲେ ଥାଳି ଗଡ଼ିଯିବ ।''

ଛଗୁ ତିହାଡ଼ି କହିଲେ, ''ଖାଲି ସେତିକି ନୁହେଁ ହୋ । ସେଦିନ ହରିପୁର ହାଟକୁ କୁଆଡୁ ଏକ ଦାଢ଼ିଆ ବାବାଢି ଆସି ଚେମପଧାନ ଗୋଦାମରୁ ଆଞ୍ଜୁଳାଏ ଟଙ୍କା ଉଠାଇ ନେଇ ପଳାଉଥିଲା । ଲୋକେ ତାକୁ ଧରି ବାଡ଼େଇ ବାଡ଼େଇ ଫାଣ୍ଡିକୁ ନେଇଗଲେ । ଫାଣ୍ଡିରେ ବାବାଢି କହିଲା ପରିସ୍ରା କରି ଯିବି । ସେଇଠି ଫାଣ୍ଡି ହତାରେ ବାଡ଼ କଡ଼ରେ ପରିସ୍ରା ସାରି ଉଠିଲା ବେଳକୁ ବାବାଢିର ଦାଢ଼ି ନାହିଁ । ଦାଢ଼ି କାହିଁ ଗଲା ବୋଲି ବାବାଢିକୁ ପଚାରିବାରୁ ଜବାବ ମିଳିଲା, ମୋ ଦାଢ଼ିସବୁ ରାମାୟଣ ପୋଥି ଭିତରେ ପାଇବ । ସତକୁ ସତ ଏବେ ଯୋଉ ରାମାୟଣ ପୋଥି ଖୋଲ ତା ଭିତରେ ବାବାଢି ଦାଢ଼ି !''

କନ୍ଥଳ ଭିତରୁ ସିନ୍ଦୁଖୁଣ୍ଟିଆ ଥରା ଥରା କଣ୍ଠରେ କହିଲେ... ''ହଁ, କାଲି ପରା ଆମ ରାବଣ ପୋଥିରୁ ଦୁଇଟା ଦାଢ଼ିବାଳ ବାହାରିଲା । କଳିକାଳ ଶେଷ ହେଉଛି, ଛତିଆ ବଟରୁ ବାରହାତ ଖଣ୍ଡା ବାହାରିବ !''

ସଞ୍ଜ ହୋଇଗଲାଣି । ଦିନ ଦିନ ଧରି ଗୁହାଳ ଭିତରେ ବନ୍ଧା ହୋଇ ହୋଇ ଗୋରୁଗୁଡ଼ା ହମ୍ବାରଡ଼ି ଛାଡ଼ିଥିଲେ । ମେଘ ପୁଣି ଦୂରରେ ଗୁରୁ ଗୁରୁ ଗର୍ଜୁଥିଲା । ସିନ୍ଦୁ ଖୁଣ୍ଟିଆର ସାନ ମଝିଆଁ ପୁଅ ନରହରି କୁଆଡୁ ବର୍ଷାରେ ଚୁତୁ ବୁତୁ ହୋଇ ପିଣ୍ଡା ଉପରକୁ ଉଠିଆସି କହିଲା, ''ମୁଁ ହରିପୁର ଯାଇଥିଲି, ସେଠି ଲେଙ୍କାବନ୍ଧ ଭାଙ୍ଗିଛି । ଥାନାବାବୁ ଖବର ଦେଇଛନ୍ତି, ମେଣ୍ଢାଖାଇରେ ପାଣି ମାଡ଼ିବ । ଲୋକେ ଛାଗଡିଆର ରହନ୍ତୁ ।''

ନରହରି କଥା ଶୁଣି ସମସ୍ତେ ଦଣ୍ଡ ପାଇଁ ସ୍ତମ୍ଭିତ ହୋଇଗଲେ । କଣ୍ଡୁରୀ ସ୍ୱାଇଁ ଉଠୁ ଉଠୁ କହିଲେ... ''ବ୍ରାହ୍ମଣୀ ପାଣି ଆମର କ'ଣ କରିବ ? ଆଉ ମେଣ୍ଢାଖାଇ ପାଣିଯୋଡ଼ଟାଏ,

Digitized by srujanika@gmail.com

ମେଣ୍ଢାଖାଇ ବଢ଼ିଲେ ଆମ ଗାଁର କିଛି ହେବ ନାହିଁ ।''

କୟଟ ଭିତରୁ ସିନ୍ଥୁ ଖୁଣ୍ଟିଆ କହିଲେ, ''ନାଇଁ ନାଇଁ, ଥାନାବାବୁ ଯେତେବେଳେ ଖବର ପଠେଇଛନ୍ତି, ଗାଁଲୋକେ ଜାଗତିଆର ରୁହ, କେତେବେଳେ କୋଉ କଥା । ନିଆଁ, ପାଣି ଆଉ ତିର୍ଲାକୁ କୋଉ ବିଶ୍ୱାସ ?''

ସିନ୍ଥୁ ଖୁଣ୍ଟିଆଙ୍କ ଦାଣ୍ଡଘରୁ ଜଣ ଜଣ ହୋଇ ଉଠିଗଲେ ।

ଦଣ୍ଡକ ଭିତରେ ଗାଁକୁ ଗାଁ ରାଷ୍ଟ୍ର ହୋଇଗଲା, ହରିପୁର ଲେଙ୍କାବନ୍ଧ ଭାଙ୍ଗିଛି । ହରିପୁର ଲେଙ୍କାବନ୍ଧ ଅବଶ୍ୟ ମିରିଗଡିଆଁଠାରୁ ପାଞ୍ଚକୋଶ ବାଟ ।

ତଥାପି ମେଣ୍ଢାଖାଇ ଯେମିତି ବଢ଼ିଛି ସେଥିରେ ଯଦି ବ୍ରାହ୍ମଣୀର ଘାଇ ଭାଙ୍ଗେ ତା' ହେଲେ ଗାଁ ଗଣ୍ଡାର ଆଉ ସରା ରହିବ ନାହିଁ । କିନ୍ତୁ ମେଣ୍ଢାଖାଇ ବଢ଼ିରେ ମିରିଗଡିଆଁ, ଡଅଁର, ନରାୟଣପୁର ପ୍ରଭୃତି ଗାଁଗୁଡ଼ା ଭାସିଯିବ ବୋଲି କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରୁ ନ ଥିଲେ ।

କିଟିକିଟି ଅନ୍ଧାର, ଝମ୍ ଝମ୍ ବର୍ଷା ଆଉ ବତାସୀ ପବନ ଭିତରେ ମିରିଗଡିଆଁ ଗାଁ ନିଶୁତି ହୋଇପଡ଼ିଲା । କିନ୍ତୁ ଗାଁଲୋକ କାହାରି ଆଖିରେ ନିଦ ନଥିଲା । ବେଳେ ବେଳେ ମେଣ୍ଢାଖାଇ ସୁ ସୁ ଗର୍ଜ୍ଜନ କରି ବର୍ଷା ଆଉ ଝଡ଼ର ଗର୍ଜ୍ଜନକୁ ଆଉରି ଭୀଷଣ କରି ଦେଇଥିଲା । ତେଲୀସାଇରେ ନରିଆ ତେଲୀର ନାତୁଣୀ ବୋହୂ ତିନିଦିନ ହେଲା ଗର୍ଭକଷ୍ଟ ପାଉଛି । ଝଡ଼ ଆଉ ବର୍ଷାର ବେଗଟା ଦଣ୍ଡକ ପାଇଁ ଥମିଗଲେ, ତାରି ଚିତ୍କାର ଛୁରୀ ପରି ରାତିକୁ ଯେମିତି ଦିଖଣ୍ଡ କରିଦେଉଛି ।

ପାଖ ଡଅଁର ଗାଁରୁ ଗଉରାମା ବୁଢ଼ୀକୁ ଡାକିବାପାଇଁ ନରିଆ ନାତି କୁସୁନା ସଞ୍ଜବେଳେ ବାହାରିଥିଲା । ଗଉରାମା ବୁଢ଼ୀ ପହିଲେ ନାହିଁ ନାହିଁ କରୁଥିଲା । ବୋହୂ ଖଲାସ ହେଲେ ଗଉରାମାକୁ ଖଣ୍ଡେ ଶାଢ଼ୀ ଆଉ ଭରିଏ ଅଫିମ ଦେବ ବୋଲି କୁସୁନା ପ୍ରଲୋଭନ ଦେଖାଇବାରୁ, ବୁଢ଼ୀ କୁସୁନା ପଛେ ପଛେ ଖଣ୍ଡେ ପଖିଆ ଘୋଡ଼େଇ ହୋଇ ଆସୁଥିଲା । ମିରିଗଡିଆଁ ଡାକେ ବାଟ ଅଛି, କୁସୁନାର ପାଦ ଅଟକିଗଲା । ଯେଉଁଠି ଥିଲା ଗୋଚର ଭିତରେ ପାଦଚଲା ବାଟ, ସେଠି ମେଣ୍ଢାଖାଇର ପାଣି ନହଡ଼ା ଭାଙ୍ଗୁଛି । ପଛରେ ଡଅଁର ଗାଁର ଲୋକେ କାଉବସାରେ ଢାମଣା ପଶିଲାପରି ହାଉଳି ଖାଉଛନ୍ତି । କୁସୁନା ପ୍ରଥମେ କିଛି ବୁଝିପାରିଲା ନାହିଁ । ଆଖି ପିନ୍ଧୁଡ଼ାକେ ଗଉରାମା ବୁଢ଼ୀ 'କୁସୁନାରେ କୁସୁନାରେ' ବୋଲି ପାଟି କରୁ କରୁ , ପାଣି ସୁଅରେ କୁଆଡ଼େ ଭାସିଗଲା । ଚାହୁଁ ଚାହୁଁ ପାଣି ଆସି କୁସୁନାର ଅଣ୍ଟା ଛୁଇଁଲା । ପ୍ରାଣ ରଖିବା ପାଇଁ ଭାସି ଆସୁଥିବା ଖଣ୍ଡେ କାଠ ଧରି କୁସୁନା ପାଣି ଭିତରକୁ ପହଁରିଗଲା ।

ବାଉରୀ ସାଇରେ ଆଗେ ପାଣି ପଶିଲା । ଜିଭ ଲଗେଇ ଚାଟିଲା ପରି ଘରଗୁଡ଼ା ପାଣି ସୁଅରେ ନିଶ୍ଚିହ୍ନ ହୋଇଗଲା । ବାଉରୀ ସାଇର ଲୋକେ ଯିଏ ଯାହା ପାଇଲା ଧରି ପିଲା ଛୁଆକୁ କାନ୍ଧେଇ ନାଚ ବନ୍ଧ ଉପରକୁ ଦଉଡ଼ିଲେ । ଛେଚି ମେଣ୍ଢାଗୁଡ଼ା କୁଆଡ଼େ ଯେ ଭାସିଗଲେ ତାର ପତ୍ତା ରହିଲା ନାହିଁ । ଦଣ୍ଡକ ଭିତରେ ମିରିଗଡ଼ିଆଁ ଗାଁ ଦାଣ୍ଡରେ ଛାତିଏ ଅଣ୍ଟାଏ ପାଣି ସୁଅ

Digitized by srujanika@gmail.com

ଚାଲିଲା । ଚାରିଆଡ଼େ କିଟି କିଟି ଅନ୍ଧାର । ମୁହଁକୁ ମୁହଁ ଦିଶୁନାହିଁ । ଝଡ଼ ପବନରେ ଲଣ୍ଠନ ଆଲୁଅ ଦପ୍ ଦପ୍ ହୋଇ ନିଭି ଯାଉଛି । ଝଡ଼ ବର୍ଷା ଆଉ ପାଣି ତୋଡ଼ର ଜଳ କଳ ଶବ୍ଦକୁ ବୁଡ଼ାଇ ଶୁଭୁଛି, ବହୁକଣ୍ଠର ମିଳିତ ଚିତ୍କାର, ଶିଶୁ ଓ ନାରୀକଣ୍ଠର ଆର୍ତ୍ତନାଦ, ଗୋରୁବଳଦଙ୍କ ହମ୍ବାରଡ଼ି, ବର୍ଷା ଭିଜା କାନ୍ଥ ପାଣିରେ ଝୁପ୍‌ଝାପ୍ ହୋଇ ପଡ଼ିଯିବାର ଶବ୍ଦ ।

ବ୍ରାହ୍ମଣ ସାହିରେ ଦନେଇ ଶତପଥୀ ଦୁଇ କାନ୍ଧରେ ଦୁଇ ଝିଅକୁ ବସାଇ ମୁଣ୍ଡରେ ଗୋଟିଏ ଟିଣ ବାକ୍ସ ମୁଣ୍ଡେଇ କେନାଇ ବନ୍ଧ ଉପରକୁ ପଳାଉଥିଲେ । ତାଙ୍କ ସ୍ତ୍ରୀ, ବୁଢ଼ା ଅନ୍ଧାରକଣା ଶ୍ୱଶୁରକୁ ବାଟ କଢ଼େଇ ନେଉଥିଲେ । ଶୀଘ୍ର ଶୀଘ୍ର ଚାଲି ଆସିବା ପାଇଁ ଦନେଇ ପାଟି କରୁଥାନ୍ତି । କିନ୍ତୁ ବୁଢ଼ା ମଣିଷ ଚାଲି ପାରିଲେ ତ ! ଦାଣ୍ଡ ମଝିରେ ହଠାତ୍ କୁଆଡୁ ଭାସି ଆସୁଥିବା ରୋଟାଏ ଗଛର ଧକ୍କାରେ ଦୁହେଁ ପାଣି ଭିତରେ ମିଶିଗଲେ । ଦନେଇ ପାଣି ସୁଅ ସେ ପଟେ ଅନ୍ଧାରରେ 'ନନା', 'ନନା' ବୋଲି ଚିତ୍କାର କରୁଥାନ୍ତି । ପାଣିର ଜଳ ଜଳ ଶବ୍ଦ ଭିତରେ ସେ ଚିତ୍କାର ଶୁଭୁ ନଥାଏ ।

ରାତି ପାହାନ୍ତାକୁ ଝଡ଼ ବର୍ଷା କମିଲା । ପୂର୍ବ ଆକାଶରେ ସିନ୍ଦୂରା ଫାଟିଲା । ପୂର୍ବ ଆକାଶ ହସୁଛି, ଶିଶୁର ସ୍ନିଗ୍ଧ, ନିଷ୍ପାପ ହସ । କାଲି ରାତିର ବତାସ ଓ ବର୍ଷା, ଏ ଆକାଶ ଯେମିତି କେବେ ଜାଣିନାହିଁ । କେନାଲ ବନ୍ଧ ଉପରେ ଶହଶହ ମଣିଷ, ବର୍ଷାରେ ତିନ୍ତି ଭିଜି ପଡ଼ିଛନ୍ତି । କିଏ କ'ଣ ଛାଡ଼ି ଦେଇଆସିଲା, କିଏ କାହାକୁ ଛାଡ଼ିଦେଇ ଆସିଲା, କିଏ କୁଆଡେ ଗଲା - ଏ ସବୁପାଇଁ ବିଳାପ କେତେବେଳୁଁ ବନ୍ଦ ହେଲାଣି । ସିନ୍ଦୂରା ଆଲୁଅରେ ଦିଶୁଛି ଖାଲି ପାଣି ଆଉ ପାଣି । କୋଶ ପରେ କୋଶ ଧରି ପାଣିର ବିସ୍ତାର । ଗଛର ଡାଳପତ୍ରଗୁଡ଼ା ଦିଶୁଛି ଖଣ୍ଡେ ଖଣ୍ଡେ ଛୋଟିଆ ଟାପୁପରି । ସମସ୍ତେ ମୂକ, ମୌନ, ନୀରବ । କେବଳ ମେଣ୍ଢାଖାଇର ସୁଅ ଗର୍ଜୁଛି ସୁ ସୁ ହୋଇ । ଝଡ଼ ଆଉ ବର୍ଷା ମଧ୍ୟ ବନ୍ଦ ହୋଇଯାଇଛି ।

ହଠାତ୍ ବନ୍ଧକଡ଼ ସାହାଡ଼ାଗଛମୂଳେ କେତେ ଜଣଙ୍କର ଆର୍ତ୍ତ ଚିତ୍କାରରେ ବନ୍ଧ ଉପରର ଲୋକେ ଜଡ଼ ନିର୍ଜୀବତା ଭାଙ୍ଗି ଏକଡ଼ ସେକଡ଼ ଚାହିଁଲେ । ନରିଆ ତେଲୀ ନାତୁଣୀ ବୋହୂର ପୁଅଟିଏ ପ୍ରସବ ହେଲା । ପୁଆତି ଝୋଲା ମାରି ଯାଉଛି । ଶାଶୁ ବୁଢ଼ୀ, ବନ୍ଧତଳୁ ଆଞ୍ଜୁଳାଏ ପାଣି ଆଣି ବୋହୂ ମୁହଁ ଉପରେ ଢାଳିଦେଲା । ନରିଆ ତେଲୀର ହଠାତ୍ ମନେ ପଡ଼ିଲା କୁସୁନା ଯାଇଥିଲା ଗଉରା ମାକୁ ଡାକି ଆଣିବା ପାଇଁ । କୁସୁନା କୁଆଡ଼େ ଗଲା ବୋଲି ସେତେବେଳେ ନରିଆ ତେଲୀର ପରିବାରରେ କାନ୍ଦବୋବାଳି ପଡ଼ିଗଲା ।

ଚେମ ପଧାନର ବାପ ବୁଢ଼ାକୁ ଝଡ଼ ଆଉ ବର୍ଷା ମାଡ଼ରେ ସନ୍ନିପାତ ଘୋଟି ଅଣଚାଶ ବୋହିଲାଣି । ସିନ୍ଧୁ ଖୁଣ୍ଟିଆଙ୍କ ପାଞ୍ଚ ପୁଅ, ପାଞ୍ଚ ବୋହୂ । ନାତି ନାତୁଣୀ ଗୋଟାଏ ତେନ୍ତୁଳି ଗଛତଳେ ପଡ଼ିଛନ୍ତି ।

ସମସ୍ତେ ଆସିଲେ କିନ୍ତୁ ସିନ୍ଧୁ ଖୁଣ୍ଟିଆ ଆସିଲେ ନାହିଁ ।

ସିନ୍ଧୁକ ଆଉ ଲୁହା ଚେଷ୍ଟ୍ ଥିବା ଗମ୍ଭୀରି ଘରୁ ବୁଢ଼ା ବାହାରିଲେ ନାହିଁ । ସିନ୍ଧୁ ଖୁଣ୍ଟିଆଙ୍କର

Digitized by srujanika@gmail.com

ପକ୍କା ଦସ୍ତା ଛାଉଣୀ ଘର, ପୁଣି ଉଞ୍ଚା ମୂଳଦୁଆ ଉପରେ । ଗାଁ ସାରା ସମସ୍ତେ ବନ୍ଧ ଉପରକୁ ପଳାଇ ଆସିଲାବେଳେ ସିନ୍ଧୁ ଖୁଣ୍ଟିଆଙ୍କ ପିଲାନୁଆ ବନ୍ଧ ଉପରକୁ ପଳାଇ ଆସିଲେ । କିନ୍ତୁ ଖୁଣ୍ଟିଆ ଆଉ ତାଙ୍କ ପାଞ୍ଚ ପୁଅ ଆସିଲେ ନାହିଁ । ଖୁଣ୍ଟିଆଙ୍କ ଘର ଉଞ୍ଚା ମୂଳଦୁଆ ଉପରେ ତିଆରି ହୋଇଥିଲେ ସୁଦ୍ଧା ଘର ଯେଉଁ ଜାଗାରେ ଥିଲା ସେଠାରେ ସୁଅର ତୋଡ଼ିଥିଲା ବେଶି ।

ଖୁଣ୍ଟିଆଙ୍କ ଦାଣ୍ଡରେ ଗୋଟାଏ ବୁଢ଼ା ବଉଳ ଗଛ ଥିଲା । ସୁଅ ତୋଡ଼ରେ ବଉଳଗଛଟା ଭାଙ୍ଗି ଖୁଣ୍ଟିଆଙ୍କ ଦାଣ୍ଡଘର ଉପରେ ପଡ଼ିବାରୁ କାନ୍ଥ ଫାଟି ବୁଖୁଡ଼ି ପଡ଼ିଲା । ତାପରେ ସୁଅମାଡ଼ରୁ ଖୁଣ୍ଟିଆଙ୍କ ଘର ବର୍ତ୍ତି ରହିବାର ସବୁ ଆଶା ଉଭେଇ ଗଲା । କରୁଣୀ ଭିତରଖଞ୍ଜା ଗମ୍ଭୀରି ଘରେ ପଶି ବୁଢ଼ାକୁ ପଦାକୁ କାଢ଼ି ଆଣିବାକୁ ଦଉଡ଼ିଗଲା । ସିନ୍ଧୁ ଖୁଣ୍ଟିଆ ଜ୍ୟେଷ୍ଠ ମାସରେ ସୁଦ୍ଧା ଭିତରୁ କବାଟ କିଳି ଶୁଅନ୍ତି । ତୁନ୍ଧାକୁ ତ ଏ ଝଡ଼ି ବର୍ଷା ଦିନ । କରୁଣୀ ସିନ୍ଧୁ ଖୁଣ୍ଟିଆଙ୍କ ଗମ୍ଭୀରି ଦୁଆର ମୁହଁରେ ଧକାମାରି ଡାକିଲା, ‘‘ବାପା, ବାପା, କବାଟ ଖୋଲ ।’’

ସିନ୍ଧୁ ଖୁଣ୍ଟିଆ ଥରେ କବାଟ କିଳି ଖୋଇଲେ ଆଉ ଫିଟାନ୍ତି ନାହିଁ । ଚୋର ତସ୍କରମାନେ ନାନା କଷ୍ଟ ଅନୁକରଣ କରି ଡାକି ପାରନ୍ତି । ପୁଣି ଗମ୍ଭୀରି ଭିତରେ ସିନ୍ଧୁ ଖୁଣ୍ଟିଆଙ୍କ ସବୁ ଅର୍ଜ୍ଜିତ ସମ୍ପଦ ସିନ୍ଦୂକ ଆଉ ଲୁହା ଚେଷ୍ଟରେ ସାଇତା ହୋଇ ରହିଛି । ତେଣୁ ରାତିରେ ସେ ଘର କବାଟ ଖୋଲିବାକୁ ଖୁଣ୍ଟିଆଙ୍କ ଛାତି ପଡାଏ ନାହିଁ । କରୁଣୀ ବାପାଙ୍କର ଏ ଅଭ୍ୟାସ ଜାଣେ । ତେଣୁ ସେ ଆଉ ନରହରି ଦୁହେଁ ମିଶି ଗୋଟାଏ କୁରାଢ଼ିରେ ଦୁଆରବନ୍ଧ ହାଣି ବହୁ କଷ୍ଟରେ କବାଟଟା ତାଡ଼ି ଫିଟାଇଲେ ।

ଇତିମଧ୍ୟରେ ମିରିଗଡ଼ିଆଁ ଗାଁରେ ଯେ ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି ତାହା ସିନ୍ଧୁ ଖୁଣ୍ଟିଆକୁ ଜଣା ନଥିଲା । ଚୋର ଡକାୟତମାନେ ଆସି କବାଟ ତାଡୁଛନ୍ତି ବୋଲି ତାଙ୍କର ପାଟି ଖନି ମାରି ଯାଉଥିଲା । କାଲି ଜଗୁ ତିହାଡ଼ି ମାଳିକା ବୋଲୁଥିଲା, ‘ବଡ଼ ଲୋକମାନଙ୍କୁ ମାରି ଖଣ୍ଡମାନେ ଧନରତ୍ନ ସବୁ ବୋହି ନେବେ’ ! ସିନ୍ଧୁ ଖୁଣ୍ଟିଆ ସିନ୍ଦୂକ ଉପରେ ଚଢ଼ି କମ୍ବଳଟା ଡାଙ୍କି ହୋଇ ଅଧିଆ ପଡ଼ିଲା ପରି ପଡ଼ିଥିଲେ । କରୁଣୀ ସିନ୍ଧୁ ଖୁଣ୍ଟିଆଙ୍କ ଉପରୁ କମ୍ବଳଟା କାଢ଼ି ଫିଙ୍ଗିଦେଇ କହିଲା, ‘‘ପଳେଇ ଆସ ବାପା, ଆଉ ଡେରି କଲେ ବାହାରିବାର ବାଟ ନଥିବ । ମେଣ୍ଟାଖାଇ ପାଣିରେ ଗାଁ ଭାସି ଗଲାଣି ।’’ ସିନ୍ଧୁ ଖୁଣ୍ଟିଆ କିଛି ବୁଝି ନ ପାରି ମୂକ ନିର୍ବୋଧଙ୍କ ପରି କରୁଣୀ ଆଉ ନରହରି ଆଡ଼େ ଅନେଇ ରହିଲେ । କରୁଣୀ ତାଙ୍କୁ ଆଉ ଥରେ ଢୋରରେ ହଲାଇ ଦେଇ କହିଲା, ‘‘ଆସ, ଆଉ ଡେରି କଲେ ରକ୍ଷା ନାହିଁ । ଆମ ଦାଣ୍ଡ ସାହାଲା ଘରଗୁଡ଼ା ଆଉ ଟିକକୁ ପଡ଼ିଯିବ ।’’ ସତକୁ ସତ, ସଞ୍ଜବେଳେ ଯେଉଁ ଦାଣ୍ଡ ଘରେ ବସି ମାଳିକାଚର୍ଚ୍ଚା ହେଉଥିଲା ସେ ଘରର ଦାଣ୍ଡପଟ କାନ୍ଥଗୁଡ଼ା ଝୁପ୍‌ଝାପ୍ ହୋଇ ପାଣିରେ ଖସି ପଡୁଥିଲା ।

ସିନ୍ଧୁ ଖୁଣ୍ଟିଆ କେତେବେଳ ପରେ ଖନୀମରା କଣ୍ଠରେ କହିଲେ - ‘‘ମୁଁ ଯିବିନାହିଁ ।’’

କରୁଣୀ ଆଉ ନରହରି ବାପାକୁ କାଖେଇ କାନ୍ଧେଇ ନେଇ ଯିବାକୁ ବସିଲେ । କିନ୍ତୁ ସିନ୍ଧୁ ଖୁଣ୍ଟିଆ ସିନ୍ଦୁକକୁ ଆଣ୍ଠ କରି ଧରି କହିଲେ... ‘‘ମଲେ ପଛେ ଏଇଠି ମରିବି, ଏ ଘର, ଏ ଧନ

Digitized by srujanika@gmail.com

ଛାଡ଼ି ଯିବି କୁଆଡ଼େ ?''

ସିଆଡ଼େ ପୁଣି ଆଉ ସମସ୍ତେ କେଉଁଠି କେଉଁ ଅପନ୍ତରାରେ ପଡ଼ି ରହିଲେ କିଏ ଜାଣେ ? କରୁଣୀ ଆଉ ନରହରି ବିରକ୍ତ ହୋଇ ଘରୁ ବାହାରି ପଳାଇଲେ । ଅପେକ୍ଷା କରିବାକୁ ସେତେବେଳେ ସମୟ ନଥିଲା ! ବୁଢ଼ା ଯାହା ଖୁସି କରନ୍ତୁ !

ସକାଳେ ଗୋଟିଏ କଦଳୀଭେଳା ଯୋଗାଡ଼ କରି କରୁଣୀ ଆଉ ଗାଁର ତିନି ଚାରିଜଣ ସିନ୍ଧୁ ଖୁଣ୍ଟିଆକୁ ଆଣିବା ପାଇଁ ପୁଣି ଯାଇଥିଲେ । ଗାଁ ଦାଣ୍ଡରେ ଅଧେ ଘର ଭାଙ୍ଗି ପଡ଼ିଥିଲା । ଅଧେ ଦରଭଙ୍ଗା ହୋଇ ଠିଆ ହୋଇଥିଲା । ମାତ୍ର ଦାଣ୍ଡରେ ଯେଉଁଠି ସିନ୍ଧୁ ଖୁଣ୍ଟିଆଙ୍କ ଘର ଆଡ଼କୁ ମୋଡ଼ ବୁଲିଛି, ସେଠି ପ୍ରଚଣ୍ଡ ସୁଅ । ଖୁଣ୍ଟିଆଙ୍କ ଦାଣ୍ଡ ସାମନା ଗୋହିରୀବାଟେ ଗୋଟାଏ ମୋଟ ସୁଅ ପିଟିଛି । ତା ସଙ୍ଗରେ ଅନ୍ୟ ଆଡୁ ବୋହି ଆସୁଥିବା ସୁଅ ମିଶି ପାଣି ଭଉଁରୀ ଖାଉଛି । କଦଳୀ ଭେଳା ବୁଡ଼ିଯିବା ଆଶଙ୍କାରେ ସେଆଡ଼େ ଆଉ କେହି ଉରସି ଗଲେନାହିଁ ।

ବଢ଼ି ଛାଡ଼ିଗଲାଣି...

ମିରିଗଡ଼ିଆଁ ପାଖ କୁସୁମୀ ଗାଁ ମାଇନର ସ୍କୁଲରେ ରିଲିଫ୍ କ୍ୟାମ୍ପ୍ ବନ୍ଦ ହୋଇନାହିଁ ।

ମେଷାଖାଇ ବଢ଼ିରେ କୁସୁମୀଗାଁ ମଧ୍ୟ ମିରିଗଡ଼ିଆଁ ପରି ଉଚ୍ଚନ୍ତ ହୋଇଥିଲେ ସୂଦ୍ଧା ସ୍କୁଲ ଘରଟି କୌଣସିମତେ ରକ୍ଷା ପାଇ ଯାଇଅଛି । ରିଲିଫ୍ କ୍ୟାମ୍ପରେ ପ୍ରଥମ କେତେଦିନ ଭାରି ଲୋକ ଭିଡ଼ ଥିଲା, ଏବେ କ୍ରମେ ଭିଡ଼ କମି ଆସୁଛି । ଆଉ ରିଲିଫ୍ ମଧ୍ୟ ମିଳୁନାହିଁ । ଯେଉଁମାନଙ୍କର ନିହାତି କିଛି ନାହିଁ ବା ମୁଣ୍ଡ ଗୁଞ୍ଜିବାକୁ ଛାଗା ନାହିଁ, ସେହିମାନେ କେବଳ ସ୍କୁଲ ବାରଣ୍ଡାରେ କର୍ମ ଆଦରି ପଡ଼ିଛନ୍ତି ।

ଦୁଇଦିନ ପରେ ବଢ଼ି ଟିକିଏ ଛାଡ଼ିବାରୁ ନରହରି ଗାଁର ଆଉ କେତେ ଜଣଙ୍କୁ ଧରି ବାପାଙ୍କୁ ଦେଖିବା ପାଇଁ ଗୋଟାଏ ଡଙ୍ଗା ଧରି ବାହାରିଲା । ଖୁଣ୍ଟିଆଙ୍କ ପୁଅ ବୋହୂମାନେ ସାଙ୍ଗରେ ପିଲାଛୁଆକୁ ଧରି ବନ୍ଧୁଘର ପଳାଇଥିଲେ । ସିନ୍ଧୁ ଖୁଣ୍ଟିଆଙ୍କ ଲାଗି ଏକା ନରହରି କେବଳ ପଡ଼ି ରହିଥିଲା ।

ସିନ୍ଧୁ ଖୁଣ୍ଟିଆ ଘରର ଚିହ୍ନବର୍ଣ୍ଣ ନାହିଁ । କେବଳ ଭିତର ଖଞ୍ଜାର କେତୋଟି ଘର ଦରଭଙ୍ଗା ହୋଇ ଠିଆ ହୋଇଛି । ସିନ୍ଧୁ ଖୁଣ୍ଟିଆ ଯେଉଁ ଗମ୍ଭୀର ଘରେ ଥିଲେ, ସେ ଘର ବାହାରପଟ କାନ୍ଥ ପଡ଼ିଯାଇଛି ।

ନରହରି ଗାଁ ଲୋକଙ୍କୁ ଧରି ସେ ଘର ଭିତରକୁ ପଶିଗଲା । ଘରେ କିଛି ନାହିଁ, ଯେଉଁ ସିନ୍ଦୂକ ଉପରେ ବାପା ଶୋଇଥିଲେ ସେହି ସିନ୍ଦୂକଟା ଅଧେ ମାଟିରେ ପୋତି ହୋଇ ପଡ଼ିଛି । ପାଳେ କାନ୍ଥ ସିନ୍ଦୂକ ତଳେ ଚଟାଣ ଉପରେ ଭାଙ୍ଗି ପଡ଼ିଛି ।

ଗୋଟାଏ ବୁଢ଼ା ଗୋଖର ସାପ ଭଙ୍ଗାକାନ୍ଥ ବୁଡ଼ ଭିତରୁ ଫଣା ଟେକି ଚାହିଁଲା । ତା'ପରେ ଧୀର ମନ୍ଥର ଭାବରେ ବାହାରକୁ ବାହାରି ଚାଲିଗଲା । ଚେମ ପ୍ରଧାନ ସାପଟାକୁ ମାରିବାପାଇଁ ଖଣ୍ଡେ ବାଉଁଶ ଉଠାଉଥିଲା । ନରହରି ସାପଟାକୁ ମାରିବା ପାଇଁ ମନାକରି କହିଲା... ''ସେଇଟା

Digitized by srujanika@gmail.com

ତିଅ ଗୋଖୁର !''

ଉଙ୍ଗା ଭିଜା କାନ୍ଥକୁ ଆଉଜି ପଥରମୂର୍ତ୍ତି ପରି ବସିଥିଲେ ସିନ୍ଦୁ ଖୁଣ୍ଟିଆ । ଦେହରୁ ତାଙ୍କର ଜୀବନର ସବୁ ସଙ୍କେତ ଯେପରି ନିଭି ଯାଇଥିଲା । ଆଖି ଦୁଇଟା କୋରଡ଼ା କୋରଡ଼ା ହୋଇ ପଶି ଯାଇଥିଲା । ଡୋଳା ଦୁଇଟା ଦିଶୁଥିଲା କାଚର ଆଖି ପରି । ନରହରିକି ଦେଖି ସିନ୍ଦୁ ଖୁଣ୍ଟିଆଙ୍କ ଦୁଇ ଓଠ ଥରି ଉଠିଲା । ସେ କ'ଣ କହିବା ପାଇଁ ଚେଷ୍ଟା କରୁଥିଲେ; କିନ୍ତୁ ପାଟି ପଡ଼ି ଯାଇଥିଲା । ନରହରି ଖୁଣ୍ଟିଆଙ୍କ ଦେହରେ ହାତ ଦେଲା । ତାତିରେ ଦେହ ଖଇ ଫୁଟୁଛି । ନରହରି ଓ ଗାଁ ଲୋକେ ଧରାଧରି କରି ସିନ୍ଦୁ ଖୁଣ୍ଟିଆକୁ ସେଠାରୁ ଉଠାଇ କୁସୁମୀ ରିଲିଫ୍ କ୍ୟାମ୍ପକୁ ଘେନିଗଲେ ।

ତଳେ ଗୋଟାଏ କେମିତି ସନ୍ତସନ୍ତିଆ ପଚା ଗନ୍ଧ । କ୍ଷେତରେ ଧାନ ଗଛଗୁଡ଼ା ପଚି ସେଥିରୁ ଗୋଟାଏ ଦୁର୍ଗନ୍ଧ ବାହାରୁଛି । ସବୁଆଡ଼େ ନୀରବ, ଜୀବନର କୌଣସି ସଙ୍କେତ ନାହିଁ । ଉପରେ ପଲେ ଶାର୍ଗୁଣା ଉଡୁଛନ୍ତି । ସେଇମାନଙ୍କର ଛାଇ ତଳେ ଠାଏ ଠାଏ ଜମିଥିବା ବଢ଼ିପାଣି ଉପରେ ପଡ଼ିଯାଉଛି । କୁସୁମୀ ସ୍କୁଇ ବାରଣ୍ଡା ଉପରୁ ମେଣ୍ଟାଖାଇ ଦିଶୁଛି, ଗୋଟିଏ ଶାନ୍ତ ନିରୀହ ଶିଶୁ ଯେପରି ତଳେ ଶୋଇ ପଡ଼ିଛି ।

ରିଲିଫ୍ କ୍ୟାମ୍ପ୍ ପିଣ୍ଡାର ଗୋଟାଏ କୋଣରେ ଖଣ୍ଡେ କମ୍ବଳରେ ଗୁଡ଼େଇ ହୋଇ ପଡ଼ିଛନ୍ତି ସିନ୍ଦୁ ଖୁଣ୍ଟିଆ । ନରହରି ହରିପୁର ଯାଇଛି ଡାକ୍ତର ଡାକିବା ପାଇଁ । କରୁଣୀ ଆଉ ଅନ୍ୟ ଭାଇମାନଙ୍କ ପାଖକୁ ଖବର ଯାଇଛି । ଆଉ ଟିକକୁ ସେମାନେ ଆସିଯିବେ ପରା ।

ସିନ୍ଦୁ ଖୁଣ୍ଟିଆଙ୍କ ତଣ୍ଟି ଘଡ଼ ଘଡ଼ ଡାକିଲାଣି । ବେକଭାଙ୍ଗି ସେ ଚାରିଆଡ଼କୁ ଚାହିଁଲେ... କେହି ନାହିଁ ।

ପିଣ୍ଡାତଳେ ବସି କେଉଁ ଗାଁର ଦୁଇଟା ଭିଖାରୁଣୀ କାହିଁକି କେଜାଣି କଳି ଲଗାଇଛନ୍ତି ।

- ଜଣେ କହିଲା - ''ଆଲୋ ଛତରଖାଇ ଚୋରଣୀ, ତୁ ଚୋରି ନ କଲେ ଆଉ କିଏ ମୋ ଭାତ ଚୋରି କରନ୍ତାଲୋ ?''

ଆର ଜଣକ ଅନାସକ୍ତ ନିର୍ବିକାର ଭାବରେ ମୁଣ୍ଡରୁ ଉକୁଣୀଟାଏ ଆଣି ନଖରେ ମାରୁ ମାରୁ କହିଲା, '' ଯା, ଲୋ, ଏତେ ଗରବକୁ ତ ନଈ ଭାଙ୍ଗିଲା । ଫେରେ କୋଉ ଗରବରେ କଥା କଉଚୁ ?''

Digitized by srujanika@gmail.com

ଅପରିଚିତର ପରିଚୟ

ଏମାନେ ଆମର ଚିର ଅପରିଚିତ । ତାହା ଅତି ସ୍ୱାଭାବିକ । କାରଣ ଏମାନେ ଜନନେତା ନୁହଁନ୍ତି । ତା ହୋଇଥିଲେ ଏମାନଙ୍କ ଛବି ଆମେ ଖବରକାଗଜ ସ୍ତମ୍ଭରେ ଦେଖୁଥାନ୍ତୁ । ବେତାରରେ ଏମାନଙ୍କ ଭାଷଣ ଶୁଣୁଥାନ୍ତୁ; ପତ୍ରପତ୍ରିକାର ସ୍ତମ୍ଭରେ ଏମାନଙ୍କ ବିବୃତ୍ତି ପଢୁଥାନ୍ତୁ ।

ଏମାନେ ସମାଜସେବୀ ନୁହନ୍ତି । ତା ହୋଇଥିଲେ ଚାନ୍ଦାପାଇଁ ଏମାନେ ଆମଠାକୁ ବାରମ୍ବାର ଆସୁଥାନ୍ତେ । ଏମାନେ ସଂସ୍କୃତିବନ୍ତ ମାର୍ଜିତ ବ୍ୟକ୍ତି ନୁହନ୍ତି । ତା ହୋଇଥିଲେ ବହୁ ସାଂସ୍କୃତିକ ''ଉତ୍ସବ'' ଓ ''ମେଳା''ର ଦ୍ୱାରଦେଶରେ ଏମାନଙ୍କ ପଣ୍ଡାଗିରି ଦେଖିବାକୁ ମିଳୁଥାନ୍ତା ।

ଏମାନେ ବିଦ୍ୟାବନ୍ତ, ପଣ୍ଡିତ ତ ଆଦୌ ନୁହନ୍ତି ।

ଏମାନଙ୍କ କଲାଭୂଷଣ, କାଳିଦାସ ଚେହେରାରେ ସବୁ ଅଛି,... ମାତ୍ର ନାହିଁ, ବିଦ୍ୟା ଓ ପାଣ୍ଡିତ୍ୟର ପାଲିସ୍ ।

ଏମାନଙ୍କୁ ଆମେ ଚିହ୍ନୁ ନାହିଁ, ଚିହ୍ନିବାପାଇଁ ଚେଷ୍ଟା ମଧ୍ୟ କରୁନାହିଁ ।

କୌଣସି ଏକ ବିରକ୍ତିକର ସୁଦୀର୍ଘ ଉପନ୍ୟାସରେ, ଏମାନେ କେତେକ ଘଟଣାବିହୀନ ପୃଷ୍ଠା ପରି ... ଏମାନଙ୍କ ଉପରେ ଆମ୍ଭେମାନେ କେବଳ ଆଖି ପକାଇ ଯାଉ । ମାତ୍ର ଏମାନଙ୍କ ସହିତ ପରିଚୟ ପାଇଁ ଆମ୍ଭମାନଙ୍କର ସମୟ ବା ଧୈର୍ଯ୍ୟ ନ ଥାଏ ।

ଦୀର୍ଘ, ଅସରନ୍ତି, ବିରକ୍ତିକର ରାସ୍ତା କଡ଼ରେ, ଏମାନେ ଗୋଟିଏ ଗୋଟିଏ ଫରଇଙ୍ଗ ଖୁଣ୍ଟପରି । ମାତ୍ର ବେଳେବେଳେ ସେମାନେ ନିରୀହତାର କଙ୍କପୃଷ୍ଠ ମଧ୍ୟରୁ ବାହାରି ଆମ୍ଭମାନଙ୍କର ନିମ୍ନ ମଧ୍ୟବିତ୍ତଶ୍ରେଣୀୟ ବିଚାରଧାରା ଓ ମୂଲ୍ୟବୋଧ ଉପରେ ନିର୍ମମ ଅଙ୍କୁଶାଘାତ କରିଥାନ୍ତି ।

ସେ - ଅର୍ଥାତ୍ ଏଇ ଗଳ୍ପର ନାୟକ - ସେଇ ଚିର ଅନାମଧେୟ, ଅପରିଚିତମାନଙ୍କ ମଧ୍ୟରୁ ଜଣେ । ମୁଁ ତେଣୁ ତାଙ୍କ ନାଁ ଭୁଲି ଯାଇଛି ।

ତାଙ୍କ ସହିତ ମୋର ସାକ୍ଷାତ ହୋଇଥିଲା; ଏକ ଆଦିମ ପ୍ରାଗୈତିହାସିକ ପରିବେଶ ମଧ୍ୟରେ । ମୁଁ ଅବଶ୍ୟ ତାଙ୍କ ନାମ ଭୁଲି ଯାଇଅଛି । କାରଣ ସେ ଅତି ସାମାନ୍ୟ ବ୍ୟକ୍ତି; ତାଙ୍କଠାରେ ଲୁଣ୍ଠନର ସିନ୍ଧିକାଠି ନାହିଁ, ପୀଡ଼ନର ଚାବୁକ ନାହିଁ, ଅଥବା ଶାସନର ଅଙ୍କୁଶ ନାହିଁ ।

ପ୍ରେମଠାରୁ ଆରମ୍ଭ କରି ପୀଡ଼ନ ପର୍ଯ୍ୟନ୍ତ, ଯେଉଁମାନେ ଆମ୍ଭମାନଙ୍କୁ ଆଘାତ ଦେଇ ପାରନ୍ତି ବା ଦିଅନ୍ତି; ଆମ୍ଭେମାନେ ସେହିମାନଙ୍କୁ କେବଳ ସ୍ମରଣ ରଖୁ ।

ମାତ୍ର ତାଙ୍କଠାରେ ସେ ଶକ୍ତିର ଅଭାବରୁ, ସେ ମୋ ସ୍ମୃତିରେ କୌଣସି ରେଖାପାତ କରିନାହାନ୍ତି ।

Digitized by srujanika@gmail.com

ତଥାପି ମୋ ସ୍ମୃତିର ଦୈନ୍ୟ ତାଙ୍କ ସ୍ମରଣୀୟତାକୁ ଆଦୌ କ୍ଷୁଣ୍ଣ କରିନାହିଁ ।

ମୁଁ ତାଙ୍କ ନାମ ଭୁଲି ଯାଇଅଛି । ସେ କିନ୍ତୁ ମୋ ନାମ ସ୍ମରଣ ରଖିଥିବେ; ତାଙ୍କ ଗ୍ରାମ୍ୟ ଓ ଘଟଣାବିହୀନ ଜୀବନକାହାଣୀରେ ଏକ ବିଶିଷ୍ଟ ନାମରୂପେ ।

ସେ ଓ ମୁଁ ।

ଆମର ସାକ୍ଷାତ ହୋଇଥିଲା; କାଳୀଘାଇ ବନ୍ୟାର ପ୍ରାଗୈତିହାସିକ ଜଳପ୍ଳାବନ ମଧ୍ୟରେ ।

ଆପଣ ମୋର ପରିଚୟ ସମ୍ବନ୍ଧରେ ସମ୍ଭବତଃ କୌତୂହଳୀ ହୋଇଥିବେ ...ମାତ୍ର ଆପଣଙ୍କ ଧୈର୍ଯ୍ୟଚ୍ୟୁତି କରି ନପାରିବା ଭଳି, ସଂକ୍ଷେପରେ, ମୁଁ କିପରି ବା ମୋ ପରିଚୟ ଦେଇ ପାରିବି ? ଇଂରାଜୀ ଲିପିମାଳାରେ କାପିଟାଲ (ବଡ଼) ଓ ସ୍ମଲ (ସାନ) ଅକ୍ଷରମାନ ଅଛି, ଓଡ଼ିଆରେ ସେପରି ଲିପିବ୍ୟବସ୍ଥା ଥିଲେ; ମୋ ନାମ ମୁଁ କେବଳ କାପିଟାଲ ଅକ୍ଷରରେହିଁ ଇତିହାସର ପୃଷ୍ଠାରେ ଲେଖୁଥାଆନ୍ତି ।

ଗ୍ରୀକ୍-ଉପକଥାର ନାରସିସସ୍ ପରି ଇତିହାସର ସ୍ରୋତମୁକୁରରେ ନିଜର ପ୍ରତିବିମ୍ବ ଦେଖିବା ମୋର ସବୁଦିନର ପ୍ରିୟକର୍ମ । ମାତ୍ର ଧାବମାନ ସ୍ରୋତର ଚହଲା ପାଣି, ମୋର କ୍ଷୀଣ ପ୍ରତିବିମ୍ବକୁ ଅନାମଧେୟତାର ଅତଳ ଗର୍ଭ ମଧ୍ୟରେ ବାରବାର ବୁଡ଼ାଇ ଦେଉଥିବାରୁ, ଆଉ କାହାରି ଆଖିରେ ତାହା ଧରା ପଡୁ ନ ଥିଲେହେଁ, - ମୁଁ ଅନ୍ତତଃ ମୋର ବିପର୍ଯ୍ୟସ୍ତ ପ୍ରତିବିମ୍ବ ଦେଖି ବାରମ୍ବାର ମୁଗ୍ଧ ହୁଏ ।

ମୋର ବ୍ୟବସାୟ ? ମୁଁ ଜଣେ ଦେଶସେବକ । ମାତ୍ର ଦେଶସେବା ପାଇଁ ମୋତେ କ୍ୱଚିତ୍ ଅବକାଶ ମିଳିଥାଏ । କାରଣ ପ୍ରଭୁତ୍ୱ ଅପେକ୍ଷା ସେବକତ୍ୱ ପାଇଁ ବିକଟ ସଂଗ୍ରାମରେ ଅନ୍ୟମାନଙ୍କ ସହିତ ମୁଁ ସବୁବେଳେ ପାରି ଉଠେନାହିଁ ।

ମାତ୍ର ବନ୍ୟା, ମଡ଼କ, ମହାମାରୀ ଓ ଅନ୍ୟାନ୍ୟ ଭୌତିକ ଅଥବା ଆଧିଭୌତିକ ବ୍ୟୁତ୍ପାତମାନ ଘଟିଲେ ଦେଶସେବା ପାଇଁ ମୋତେ ଏକ ସ୍ୱର୍ଣ୍ଣ ଅବକାଶ ମିଳିଥାଏ । ବାସ୍ତବିକ୍, ସମାଜ ଜୀବନରେ ଏସବୁ ଦୁର୍ଯୋଗ ନଥିଲେ, ଦେଶରେ ସମ୍ଭବତଃ ଦେଶସେବକଗୋଷ୍ଠୀ ନ ଥାନ୍ତେ ।

* * *

ସେଥର କାଳୀଘାଇର ବନ୍ୟାପ୍ଳାବନ କେବଳ ମୁଁ ନୁହେଁ, ମୋରି ପରି ଆଉରି ଅନ୍ୟମାନଙ୍କ ପାଇଁ ମଧ୍ୟ, ଦେଶସେବାର ଏକ ସ୍ୱର୍ଣ୍ଣ ଅବକାଶ ସୃଷ୍ଟି କରିଯାଇଥିଲା । ସେତ ବନ୍ୟା ନୁହେଁ ...ପ୍ରାଗୈତିହାସିକ ଜଳରାଶିର ଏକ ଆଦିମ ପ୍ଳାବନ । ...ସେହି ପ୍ଳାବନ ମଧ୍ୟରେ, ତାଙ୍କ ସହିତ ମୋର ସାକ୍ଷାତ୍ ହୋଇଥିଲା, ଅତ୍ୟନ୍ତ ଅପ୍ରତ୍ୟାଶିତ ଓ ଆକସ୍ମିକ ଭାବରେ ।

ଉପଚ୍ଛବିକ୍ଷତ, ସୁବିସ୍ତୀର୍ଣ୍ଣ ବାଲୁକାଶଯ୍ୟାରେ ଯେଉଁ ଜଳଧାରା, ଚପଳଚରଣା ଗ୍ରାମ୍ୟବାଳିକା ପରି, ଲୀଳାୟିତ ଛନ୍ଦରେ, ମୋଡ଼ ବାଙ୍କି ବାଙ୍କି ବହିଯାଏ, ସ୍ରୋତପ୍ରାନ୍ତର କୃଷ୍ଣଚୂଡ଼ା,

Digitized by srujanika@gmail.com

ଶାଳୁକୀ ଓ ପଲାଶ ପ୍ରଭୃତିର ଛିନ୍ନଦଳ ଯାହା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ନିବେଦନ କରେ, ଗୁଳ୍ଫାକୀର୍ଣ୍ଣ, ଅରଣ୍ୟ ପଠାରେ କାଶତଣ୍ଡୀ ଯାହା ଉଦ୍ଦେଶ୍ୟରେ ଚାମର ଦୋଳାଏ, ସ୍ୱର୍ଣ୍ଣାଭ ଅପରାହ୍ଣରେ ଜଳାର୍ଥିନୀ ଗ୍ରାମ୍ୟବଧୂର ଦୁଇପାଦ ବେଷ୍ଟନ କରି, ଯେଉଁ ଜଳଧାରା ଏକ ଅବ୍ୟକ୍ତ ପ୍ରାଣସଙ୍ଗୀତରେ ମୂର୍ଚ୍ଛନାମୟ ହୋଇଉଠେ; ଦିନାନ୍ତର ସୂର୍ଯ୍ୟ ଯାହାର କପୋଳରେ ବ୍ରୀଡ଼ାର ଅରୁଣିମା ବୋଳିଦିଏ, ପୁଣି ରାତ୍ରିର ଶିଶିର, ଯାହାର ବକ୍ଷ ଉପରେ କୁଜ୍ଝଟିକାର ନୀଳ ଉତ୍ତରୀ ଟାଣିଆଣେ - ଏ, ସେ ଅନ୍ନଦାତ୍ରୀ ପ୍ରାଣଦାତ୍ରୀ, ଆନନ୍ଦଦାତ୍ରୀ ନଦୀ ନୁହେଁ... ଏ ଯେପରି ଧ୍ୱଂସ ଓ ମୃତ୍ୟୁର ଦିଗନ୍ତପ୍ରସାରିତ ଏକ ଲୋଳଜିହ୍ୱା ।

ଲଘୁ ଓ ଶାରଦଧାନର ଶହଶହ ଏକର କ୍ଷେତ ବୁଡ଼ାଇ, ଅସଂଖ୍ୟ ପଲ୍ଲୀଗ୍ରାମକୁ ଗୋଟିଏ ଗୋଟିଏ ବିଚ୍ଛିନ୍ନ ଦ୍ୱୀପରେ ପରିଣତ କରି, ହରିଜନପଲ୍ଲୀମାନଙ୍କରେ କାନ୍ଥଭୁଷୁଡ଼ାଇ, ଗାଁମୁଣ୍ଡ ଆମ୍ବତୋଟାମାନଙ୍କରେ ଆମ୍ବଗଛ ଗଣ୍ଡିରେ, ଶୁଖିଲା ବଡ଼ିପେଣ ଓ କାଠିକୁଟାର ଦାଗ ଆଙ୍କି, ମଲାସାପ ପରି କେଉଁକାଳରୁ ପଡ଼ିଥିବା ଛୋଡ଼ମାନଙ୍କରେ ସାପମୁଣ୍ଡକଟା ସୁଅ ଫିଟାଇ, ଚାରିଆଡ଼େ ମାଟିଆ ତମ୍ବା ରଙ୍ଗର ଜଳ ରାଶି ବିସ୍ତୃତ ହୋଇ ପଡ଼ିଅଛି; ଏହା ନଦୀର ପ୍ଲାବନ ନୁହେଁ, ପ୍ରାଗୈତିହାସିକ ପ୍ରଳୟପୟୋଧିର ଏକ ରୂପାନ୍ତର ।

ତାଙ୍କ ସହିତ ମୋର ସାକ୍ଷାତ ହୋଇଥିଲା, ସେହି ପରିବେଶ ମଧ୍ୟରେ ।

ଉପରେ ଭାଦ୍ରବର ନିର୍ମେଘ ଆକାଶ । ଖଣ୍ଡେ ଖଣ୍ଡେ ଜଳଭାରହୀନ ଧଳାମେଘ, ପ୍ରତି ମୁହୂର୍ତ୍ତରେ ଆକାର ବଦଳାଇ, ବହୁ ଉର୍ଦ୍ଧ୍ୱରେ ଭାସି ଚାଲିଅଛି । ଦିପହରର ମୁଣ୍ଡଫଟା ଖରାରେ ଦେହ ସିଝିଯାଉଅଛି । ଖଣ୍ଡେ ହୁଲିଡଙ୍ଗାରେ ଆମେ ସକାକୁ ବାହାରିଛୁ, ବନ୍ୟାଞ୍ଚଳ ପରିଦର୍ଶନ କରି । ସାଙ୍ଗରେ କେତେଜଣ ଅନୁଚର, ଦେଶସେବାର ମହାଆହ୍ୱାନ ଏଡ଼ି ନ ପାରି, ହୁଲିଡଙ୍ଗାରେ ମଧ୍ୟ ବାହାରିଅଛନ୍ତି । ବସ୍ତାଏ ଚାଉଳ, ଆଉ କେତେ ସେର ଚୁଡ଼ା ହୁଲିଡଙ୍ଗାରେ ପଡ଼ିଅଛି । ବନ୍ୟାଗ୍ରସ୍ତ ଅଞ୍ଚଳରେ ବିଶ୍ୱକ୍ଷୁଧା ତୃପ୍ତ କରିବା ପାଇଁ ଏହା ଉଦ୍ଦିଷ୍ଟ ନୁହେଁ । ଚୁଡ଼ା, ଚାଉଳ ଧରି ଆମେ ଯେ, ବନ୍ୟାଦୁର୍ଗତଙ୍କୁ ସଙ୍ଗୋଳିବା ପାଇଁ ବାହାରିଥିଲୁ, ତାହାର ପ୍ରମାଣ ସ୍ୱରୂପ, କେଉଁଠି ମୁଠାଏ ଚାଉଳ, କେଉଁଠି ବା ଦୁଇଟା ଚୁଡ଼ା ପକାଇ ଆସିବା ପାଇଁ, ଏହା ସଂଗୃହୀତ ହୋଇଅଛି । ତା' ଛଡ଼ା ସଙ୍ଗରେ ଅଛି, ଦେଶସେବାର ଆଉରି ନାନା ପ୍ରହରଣ; ଯଥା, କାମେରା, ଚା'ପ୍ଲାସ୍ ଓ ଖବରକାଗଜରେ ବିବୃତିର ଉପାଦାନ ସଂଗ୍ରହ ପାଇଁ, କାଗଜ ଓ କଲମ ଇତ୍ୟାଦି ।

ସୁନ୍ଦରଗାଁଠାରୁ ଆମେ ଏଇ ହୁଲିଖଣ୍ଡକରେ ବାହାରିଲୁ, କାଳୀ ଘାଇ ମୁହାଣପର୍ଯ୍ୟନ୍ତ । ମାତ୍ର ଏହି ଦିଗହୀନ ଜଳରାଶିମଧ୍ୟରେ କାଳୀଘାଇ ତଥାପି କେଉଁଠି କେତେ ଦୂରରେ, ଜାଣିବାର ଉପାୟ ନ ଥିଲା । ଆମ ବିପରୀତ ଦିଗରୁ ପୁଲିସ୍‌ଫଉଜବୋଝେଇ ଦୁଇଟା ମୋଟରଲଞ୍ଚ, ହାତେ ହାତେ ଉଚ୍ଚର ଲହରୀ କାଟି ଆମ ହୁଲିଡଙ୍ଗାଟିକୁ ଉଠାଇ, ପକାଇ, ଦୋହଲାଇ ସେହି ପାଣି ଭିତରେ ଚାଲିଗଲା । ନାଉରୀମାନେ ହୁଲିଖଣ୍ଡ ସମ୍ଭାଳୁ ସମ୍ଭାଳୁ କହିଲେ ''ସକାକୁ ପୁଲିସଫଉଜ ବାହାରିଛନ୍ତି କୋଟିଳା ନଈର ଲିଙ୍ଗାବନ୍ଧ ଆଡ଼େ ।'' ଲିଙ୍ଗାବନ୍ଧର ସ୍ଲୁଇସ୍ ଗେଟମାନ

Digitized by srujanika@gmail.com

ଖୋଲିଦେଲେ, ଏ ପାଣିସବୁ ଦିନ କେତେଟାରେ ନିଗିଡ଼ି ପଡ଼ନ୍ତା । କ୍ଷେତରେ ପଟୁମାଟି ତନୁ ଧାନଗଛମାନ ପୁଣି ମୁଣ୍ଡ ଟେକି ଉଠନ୍ତା । ସେତିକିବେଳେ ଯଦି, ଦୁଇ ତିନି ଅସରା ବର୍ଷା ହୋଇଥାଆନ୍ତା ତା' ହେଲେ ଧାନ ଫସଲ ଅନ୍ତତଃ ଟଙ୍କାରେ ଚାରିଅଣା ଆଶା କରାଯାଇ ପାରନ୍ତା । ମାତ୍ର ଲିଙ୍ଗାବନ୍ଧଡଲର ଗାଁମାନ ସ୍ଲୁଇସ୍ ଗେଟ ଫିଟାଇ ଦେଉନାହାନ୍ତି । ଗେଟ ଫିଟିଲେ, ତଳଗାଁସବୁ ବଢ଼ି ପାଣିରେ ଉଚ୍ଛନ୍ନ ହୋଇଯିବ । ବିଆଳିକ୍ଷେତରୁ ପାତିଆସୁଥିବା ଧାନତକ ସୁଦ୍ଧା ଅମଳ ହୋଇପାରିବ ନାହିଁ । ସେଥିପାଇଁ ସେଠାରେ ଶହ ଶହ ଲୋକ ଠେଙ୍ଗା ବାଡ଼ି ଧରି, ରାତିରେ ପେଟ୍ରୋଲ ଜାଳି, ବନ୍ଧ ଉପରେ ଜଗି ରହୁଅଛନ୍ତି । ସେଠାକୁ ପୂର୍ତ୍ତବିଭାଗର ଯେଉଁ କର୍ମଚାରୀମାନେ ଯାଇଥିଲେ, ସେମାନେ ଉତ୍ତ୍ୟକ୍ତ ଜନତା ହାତରେ ପ୍ରାଣନାଶର ଆଶଙ୍କା କରି ସଦର ମହକୁମାକୁ ଫେରି ଆସିବା ପରେ, ସଶସ୍ତ୍ର ପୋଲିସବାହିନୀ ସେଠାକୁ ଯାଇଅଛନ୍ତି, ସ୍ଲୁଇସ୍ ଗେଟ ଫିଟାଇବା ପାଇଁ - ମାତ୍ର ଲୋକେ ସେଥିରେ ବିଚଳିତ ନୁହନ୍ତି । ବଢ଼ିରେ ଭାସିବା ଅପେକ୍ଷା ଗୁଳିର ସମ୍ମୁଖୀନ ହେବା ପାଇଁ ସେମାନଙ୍କର ତିଳାର୍ଦ୍ଧେ ସୁଦ୍ଧା କୁଣ୍ଠା ନାହିଁ । ''ପରିସ୍ଥିତି ଅତି ଜଟିଳ ଓ ବିସ୍ଫୋରକ'' ବୋଲି, ଖବରକାଗଜ ସମ୍ବାଦ ମଧ୍ୟ ପ୍ରକାଶ ପାଇଅଛି ।

ଯଦି ଦୈବକ୍ରମେ ଗୁଳି ଚାଲେ, ତା'ହେଲେ ଗୁଳିକାଣ୍ଡର ତୀବ୍ର ପ୍ରତିବାଦ ଓ ନିନ୍ଦାବାଦ କରି କିପରି ବିବୃତ୍ତି ଦିଆଯିବ, ମୁଁ ତା'ର ଗୋଟିଏ ରୂପରେଖ ଚିନ୍ତା କରୁଥିଲି । ମାତ୍ର ଉପରମୁଣ୍ଡରେ ବନ୍ୟାଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ଅସନ୍ତୁଷ୍ଟ କରି ତଳମୁଣ୍ଡର ଗାଁ ଲୋକଙ୍କୁ କିପରି ସନ୍ତୁଷ୍ଟ କରାଯାଇ ପାରିବ ତାହାହିଁ ଥିଲା ଏ କ୍ଷେତ୍ରରେ ସମସ୍ୟା । କାରଣ ଉପରମୁଣ୍ଡରେ ବନ୍ୟାଗ୍ରସ୍ତ ଅଞ୍ଚଳରୁ ବନ୍ୟାପାଣି ଛଡ଼ାଇବାର ଏକମାତ୍ର ଉପାୟ ଲିଙ୍ଗାବନ୍ଧର ସ୍ଲୁଇସ୍‌ଗେଟ ଖୋଲିବା । ମାତ୍ର ସେଥିରେ ତଳମୁଣ୍ଡ ଗାଁମାନଙ୍କର ବିଷମ ଆପତ୍ତି; କାରଣ ତାହା ହେଲେ ତଳମୁଣ୍ଡର ଗାଁମାନ ବନ୍ୟାରେ ଉଚ୍ଛନ୍ନ ହୋଇପଡ଼ିବ । ତେଣୁ ପୋଲିସର ବଳପ୍ରୟୋଗ ଦ୍ୱାରା ସ୍ଲୁଇସ୍ ଗେଟ୍ ଖୋଲିବାର ନିନ୍ଦାବାଦ କଲେ, ତଳମୁଣ୍ଡର ଗାଁଲୋକ ହୁଏତ ଆନନ୍ଦିତ ହୋଇ ପାରନ୍ତି; ମାତ୍ର ଉପର ମୁଣ୍ଡର ବନ୍ୟାଗ୍ରସ୍ତ ଅଞ୍ଚଳରେ ଏହା ଘୋର ଅସନ୍ତୋଷ ସୃଷ୍ଟି କରିବ । ଏ ସମଗ୍ର ଅଞ୍ଚଳ ମିଳି ପୁଣି ଗୋଟିଏ ନିର୍ବାଚନମଣ୍ଡଳୀ । ତେଣୁ ଏ ବ୍ୟାପାରରେ ଉଭୟପକ୍ଷରୁ କିପରି ସନ୍ତୁଷ୍ଟ ରଖାଯାଇ ପାରିବ, ତାହାହିଁ ମୋର ଘୋର ଚିନ୍ତାର ବିଷୟ ହୋଇପଡ଼ିଥିଲା ।

ଅଳ୍ପ ଦୂରରେ ଖଣ୍ଡେ ଗାଁ, ଗୋଟିଏ ଛୋଟିଆ ଦ୍ୱୀପ ପରି ଦିଶୁଥିଲା । ଗାଁ ଚାରିପଟ କିଆ-ଗୋହିରୀମାନଙ୍କୁ ପାଣିରେ ବୁଡ଼ାଇ, ବାଉଁଶ ବୁଦାମାନଙ୍କର ନୂଆଣିଆଁ ଝଙ୍କା କେନା ଛୁଇଁ, ଚାରିଆଡ଼େ ପାଣି ଘେରି ରହିଥିଲା । ସେହି ପାଣିଚିଲିକା ଭିତରେ କେତେଟା ଇଙ୍ଗଳା ପିଲା ପୋଲୁହ ମଡ଼ାଇ ମାଛ ଧରିବାର ଅବକାଶରେ ଉଦ୍ଦଣ୍ଡ ଜଳକେଳି ଲଗାଇଥିଲେ । ଆମ ହୁଲି ଡଙ୍ଗା ଦେଖି ''ବୁଡ଼ା ଦିଅ, ଚାଉଳ ଦିଅ'' ବୋଲି, ସେମାନେ ଦୁଇ ହାତ ଉପରକୁ ଡୋଳି ପାଟି କରି ଉଠିଲେ । ମାତ୍ର ସେ ଦିଗରେ ଆମଠାରୁ କୌଣସି ଆଶାପ୍ରଦ ସଙ୍କେତ ନ ପାଇ, ସେମାନେ ପୁଣି ପୂର୍ବପରି ଉଦ୍ଦଣ୍ଡ ଜଳକେଳିରେ ମାତିଗଲେ । ଏମାନଙ୍କ ପୂର୍ବଜନମାନେ କେବେ, ସମ୍ଭବତଃ

Digitized by srujanika@gmail.com

ଏ ଗାଁରେ ?''

ପୂର୍ବପରି ନିସ୍ପୃହ କଣ୍ଠରେ ଉତ୍ତର ମିଳିଲା...

''ଗାଁ ଭିତରେ କୋଉଠି କେତେ ଘର ଭାଙ୍ଗିଛି, ଆମେ ଏବେ କୋଉ ଗଣିବୁ ?''

ପ୍ରଶ୍ନକର୍ତ୍ତା ଏଥର ପେନ୍‌ସିଲ୍ ମୁଣ୍ଡିଟା ଦାନ୍ତରେ କାମୁଡ଼ି ଗମ୍ଭୀର ଭାବରେ ପଚାରିଲେ... ''ତମମାନଙ୍କୁ ରାତିମଚ ରିଲିଫ୍ ମିଳୁଛି ତ?''

ଉତ୍ତର - ''ହଃ, ଯୋଉମାନେ ରିଲିଫ୍ ପାଇଁ ଯାଉଥିବେ, ସେମାନେ ପାଉଥିବେ, ଆମେ ଯାଇନାହୁଁ, କି ପାଇନାହୁଁ ।''

ଯିଏ ପ୍ରଶ୍ନ ପଚାରୁଥିଲେ, ସିଏ ଏ ପ୍ରକାର ଉତ୍ତରରେ ସମ୍ପୂର୍ଣ୍ଣ ହତାଶ ହୋଇ ବସିପଡ଼ିଲେ । ଡଙ୍ଗାବାଲା ନାଉରୀ, ପୁଣି ଡଙ୍ଗା ବାହିବା ପାଇଁ ପାଣି ଭିତରକୁ କାତ ପକାଇଲେ ।

ମୁଁ ଅସହାୟ କଣ୍ଠରେ ପଚାରିଲି... ''କାଳୀଘାଇ ଏଠୁ ଆଉ କେତେ ବାଟ ?''

ସେ - ଅର୍ଥାତ୍ ଏ ଗହ୍ୱର ନାମହୀନ ନାୟକ - ମାଳିପାଟଣା ଗାଁର ସେ କେତେଜଣ ଗ୍ରାମବାସୀଙ୍କ ମଧ୍ୟରେ ଠିଆହୋଇ ଏତେ ସମୟ ପର୍ଯ୍ୟନ୍ତ ଆମ୍ଭମାନଙ୍କର କଥାବାର୍ତ୍ତା ଶୁଣୁଥିଲେ । ମୋ ପ୍ରଶ୍ନ ଶୁଣି ବହୁଦୂରରେ ଚାଇଚାଇୁଆ ଦିଶୁଥିବା ଅସ୍ପଷ୍ଟ ଦିଗନ୍ତ ରେଖା ଆଡ଼େ, ହାତର ଗୋଟିଏ ଆଙ୍ଗୁଳି ଦେଖାଇ ସେ କହିଲେ, ''ଏଇ ସେଠି... ଯେଉଁ ତାଳଗଛ ଦି'ଟା ଦିଶୁଛି ଛଡ଼ା ଛଡ଼ା ହୋଇ କାଳୀଘାଇ ମୁହଁ ସେଇଠି । ଏଠୁ ଚାରି ପାଞ୍ଚ ମାଇଲ ବାଟ ପଡ଼ିବ ।''

ସକାଳ ଦଶଟା ବେଳେ ଆକଣ୍ଠ ଭୋଜନ ସାରି, ଆମେ ବାହାରିଲା ବେଳେ ମଧ୍ୟ ପାଞ୍ଚ ଛଅ ମାଇଲ ଯିବା ପରେ, ଘାଇ ମୁହଁରେ ପହଞ୍ଚିବୁ ବୋଲି ଶୁଣିଥିଲୁ । ମାତ୍ର ଦିନ ଦି'ପହର ପଡ଼ିଗଲାଣି , ସେ ପାଞ୍ଚ ଛଅ ମାଇଲ ତଥାପି ଅସରନ୍ତି ପଡ଼ିଅଛି । ନାଉରୀମାନେ ଏ ପାଟପାଣି - ଟିଲିକା ଭିତରେ ବାଟ ବାରି ପାରୁ ନାହାନ୍ତି । ପାଣି ଭିତରେ ସବୁ ଗାଁ ଏକାପରି ଦିଶୁଅଛି ।

କିନ୍ତୁ ସେ - ଅର୍ଥାତ୍ ଏ ଗହ୍ୱର ନାୟକ - ଆମ ସମସ୍ୟାର ସମାଧାନ କରି କହିଲେ... ''କାଳୀଘାଇ ଯିବେ ତ ! ଚାଇନୁ, ମୁଁ ଆପଣମାନଙ୍କୁ ବାଟ ଦେଖାଇ ନେବି ।''

ଆମ ଅନୁମତିର ଅପେକ୍ଷା ନ ରଖି, ସେ ହୁଇିଡଙ୍ଗା ଉପରକୁ ପାଣି ଭିତରୁ କୁଦିଉଠି ବସି ପଡ଼ିଲେ ।

ନାଉରୀମାନେ କେଜାଣି କାହିଁକି ତାଙ୍କ ଆସିବାରେ ଘୋର ଆପତ୍ତି ଉଠାଇ କହିଲେ - ''ତମର ଆସିବା ଦରକାର ନାହିଁ, ଆମେ ବାଟ ଦେଖିନୁ । ସେ ଦିନ ସେମିତି ରିଲିଫ୍ ହାକିମଙ୍କ ସାଙ୍ଗରେ ଆସିଥିଲ ଯେ, କୋଉଠୁ ଗୋଟାଏ ଦରମଲା ବାବୁରୀକୁ ଡଙ୍ଗାରେ ନଦି ଆଣିଲ । ଏ ଡଙ୍ଗାରେ ପାଣି ପଶୁଛି, ତମେ ଓହ୍ଲାଇ ଯାଅ ।

ସେ ଏ ପ୍ରତିବାଦ ପ୍ରତି କର୍ଣ୍ଣପାତ ନ କରି, ହୁଲି ଡଙ୍ଗାର ଖଣ୍ଡେ ପଟା ଉପରେ ଆସନ ଜମାଇ କହିଲେ... ''ଚଲାମ, ଏଇ ଅଣ୍ଡାଏ ପାଣିରେ ଡଙ୍ଗା ବୁଡ଼ି ଯାଉଛି ।''

ନାଉରୀମାନଙ୍କର ଅସ୍ପଷ୍ଟ, ଅନୁନାସିକ ପ୍ରତିବାଦ, କାତ ବାହି ବାର ହୁଁ - ହାଁ ଶବ୍ଦ ମଧ୍ୟରେ

Digitized by srujanika@gmail.com

ନୀରବ ହୋଇଗଲା । ଆମକୁ ଘେରି ଚାରିଆଡ଼େ ପୁଣି ସେଇ ମୁଣ୍ଡପଟା ଖରା, ଆଉ ତୟାରଙ୍ଗ ମାଟିଆ ପାଣିର ଅଫୁରନ୍ତ ପୁନରାବୃତ୍ତି ।

ତାଙ୍କ ବୟସ ନିଶ୍ଚୟ ଷାଠିଏ ଟପିଲାଣି । ମୁଣ୍ଡର ବାଳ ସବୁ ପାଚି ଆସିଲାଣି । ମାତ୍ର ଦେହ ତଥାପି ବାଙ୍କି ନାହିଁ । ଚଉକୋଣିଆ ମୁହଁରେ, ଦୁଇ ପାଖର ହନୁହାଡ଼ ବାହାରି ପଡ଼ିଅଛି । ଦାନ୍ତ ଦୁଇପାଟି ହଳଦିଆ । ଗୋଟିଏ ଗୋଟିଏ ଦାନ୍ତ ଏଠି ସେଠି ପଡ଼ିଆସିଲାଣି । ମୁହଁଯାକ ଟାଉଁସିଆ ଦାଢ଼ି, ତାଳଅଁଶା ପରି । ହନୁହାଡ଼ ବାହାରି ପଡ଼ିଥିବା ହେତୁ ଦୁଇ ପାଖର ଗାଲ ଠାକରା ହୋଇ, ପଶିଗଲା ଭଳି ଦିଶୁଅଛି । ଦେହର କଳା କିଟ କିଟ ଚମଡ଼ା ଉପରେ, ଝାଳ ଶୁଖି ଠାଏ ଠାଏ ଧଳା ଯାଦୁ ପରି ଦିଶୁଅଛି । କାନ୍ଧ ଉପରେ ପଡ଼ିଥିବା ମଇଳା ଗାମୁଛା ଖଣ୍ଡକରେ ତୀବ୍ର ଝାଳୁଆ ଗନ୍ଧ ।

ସେ ନିଜକୁ ସ୍ୱଗତୋକ୍ତି କଲା ପରି କହିଲେ... ''ଗୁହାଳ କାନ୍ଥ ଚାପାରେ, ବାନ୍ଥୁରୀଟା ଦରମଲା ହୋଇ ପଡ଼ିଥିଲା । ଘରଦ୍ୱାର ଛାଡ଼ି ସମସ୍ତେ ବନ୍ଧ ଉପରେ । ମୁଁ ଉଠାଇ ଆଣିଲି ବୋଲି ସିନା, ଦିନସାରା କାନ ଫୁଙ୍କି ଫୁଙ୍କି ପାଟିରେ ଗରମ ପେଜ ଢୋକ ଦେଇ, ବାନ୍ଥୁରୀଟାକୁ ବଞ୍ଚାଇ ରଖିଲି । ନୋହିଲେ ଜୀବନଟା ତ ଯାଇଥିଲା ।''

ତାଙ୍କ ପାଖରେ ଯେ ବସିଥିଲେ, ସେ ସ୍ଥାନ ବଦଳାଇ ଇଂରାଜୀରେ କହିଲେ... ''ଏହାକୁ ଆଣି, ଆମର ଭୁଲ୍ ହେଲା । ଏ ନିଶ୍ଚୟ ଆମଠାରୁ କିଛି ଛଡ଼ାଇବା ମତଲବ୍‌ରେ ଆସିଅଛି ।''

ସେ କିଛି ବୁଝି ନ ପାରି ହଠାତ୍ ପଚାରି ଦେଲେ... ''କ'ଣ କହିଲେ ?''

ଯିଏ ତାଙ୍କ ସମ୍ପର୍କରେ ଏ ପ୍ରକାର ଅଭିସନ୍ଧି ପୋଷଣ କରି କହିଥିଲେ, ସେ ତାଙ୍କର ଏ ପ୍ରଶ୍ନରେ ହଠାତ୍ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ି କହିଲେ... '' ମୁଁ କହିଲି, ଖରାଟା ଖୁବ୍ ଟାଣ ହୋଇଛି ।''

ସଂକୀର୍ଣ୍ଣମନର କ୍ଷୁଦ୍ର ଅଭିସନ୍ଧି, ଆତ୍ମରକ୍ଷା ପାଇଁ ଚିରଦିନ ଏହିପରି ମିଥ୍ୟାର ଆବରଣ ଅବଲମ୍ବନ କରିଅଛି । ମୁଁ ତାଙ୍କ ଆଡ଼େ ଆଉଥରେ ଭଲକରି ଆଖିମଳି ଚାହିଁଲି । ମୁହଁରେ ତାଙ୍କର ରହସ୍ୟମୟ ନିରୁଦ୍‌ବିଗ୍ନ ଅନାସକ୍ତି । ଦିଗ୍‌ବଳୟ ରେଖାପର୍ଯ୍ୟନ୍ତ ବିଛେଇ ହୋଇ ପଡ଼ିଥିବା ଜଳପ୍ଲାବନ ଆଡ଼େ ଚାହିଁ, ସେ କ'ଣ ଭାବୁଥିଲେ କେଜାଣି ।

ଯିଏ ତାଙ୍କର ଆସିବାର ଉଦ୍ଦେଶ୍ୟ ସମ୍ପର୍କରେ ସନ୍ଦେହ ପ୍ରକାଶ କରି, ଆତ୍ମମାନଙ୍କୁ ଇଂରାଜୀ ଭାଷାରେ ସତର୍କ କରି ଦେଇଥିଲେ ସେ ତାଙ୍କୁ ଏଥର ପଚାରିଲେ... '' ତମେ ଏମିତି ଜବରଦସ୍ତ ଆମ ଡଙ୍ଗାରେ ଚଢ଼ି ଆସିଲ ଯେ ?''

ସେ କହିଲେ... ''ପାଣି ଭିତରେ ତ ଏକ ଧର୍ମଡଙ୍ଗାରେ ବସିଛେ । ଏଠି ତମର, ଆମର କ'ଣ ?''

ପ୍ରଶ୍ନକର୍ତ୍ତା ଏଥର ମଧ୍ୟ ଚୁପ୍ ହୋଇ ପଡ଼ିଲେ ।

ତାଙ୍କ ପ୍ରତି ମୋର କୌତୂହଳ ଧୀରେ ଧୀରେ ବଢୁଥିଲା । ଗୋଟିଏ ବିଶୁଦ୍ଧ ଗ୍ରାମ୍ୟ ଘୁଘୁକୁ

Digitized by srujanika@gmail.com

ସାମନାରେ ଦେଖି, ଆଉରି ମନୋନିବେଶ ସହିତ ତାକୁ ଦେଖୁଥିଲି ।

ସେ ଛଣକପାଖରୁ ଖଣ୍ଡେ ବିଡ଼ି ମାଗିନେଇ, ଦୁଇ ଠାକରା ଗାଇକୁ ଆଉରି ଠାକରା କରି, ଛଇଚ୍ଛା ଦିଆସିଲି କାଠିରୁ ନିଆଁ ଶୋଷିଲା ପରି, ବିଡ଼ି ଖଣ୍ଡକରେ ନିଆଁ ଲଗାଉଥିଲେ । ମୁଁ ପଚାରିଲି... ''ତା' ପରେ ଏ ଆଡ଼ର ଖବର ସବୁ କ'ଣ ?''

ବିଡ଼ିରୁ କଚ୍ଚେ ଧୂଆଁ ଛାଡ଼ି ସେ ଅନାସକ୍ତ ଭାବରେ କହିଲେ... ''ଖବର ଆଉ କ'ଣ ? ଖବର ତ ନିଜ ଆଖିରେ ଦେଖୁଛନ୍ତି ।''

ମୁଁ ତାଙ୍କଠାରୁ ଆଶା କରୁଥିଲି ବନ୍ୟାପ୍ଲାବନର ଅତିରଞ୍ଜିତ ବିବରଣୀ, ମୁଁ ଶୁଣିବା ପାଇଁ ଉତ୍‌କର୍ଣ୍ଣ ହୋଇ ଉଠିଥିଲି, ରିଲିଫ୍ ଓ ବନ୍ୟାଦୁର୍ଗତଙ୍କୁ ସାହାଯ୍ୟଦାନ ସମ୍ପର୍କରେ ନାନା ନାଲିସ୍ ଓ ଅଭିଯୋଗ ! ଖବରକାଗଜରେ ବିବୃତ୍ତି ପାଇଁ ତାଙ୍କଠାରୁ ବହୁ ଉପାଦାନ ମିଳି ପାରିବ ବୋଲି, ମୁଁ ମନେ ମନେ ଆଶାନ୍ୱିତ ହୋଇ ପଡ଼ିଥିଲି । ମାତ୍ର ତାଙ୍କଠାରୁ ନିସ୍ପୃହ କଣ୍ଠରେ ଏ ପ୍ରକାର ଉତ୍ତର ଶୁଣିଲା ପରେ ମନେ ମନେ ମୁଁ ନିରାଶ ହୋଇପଡ଼ିଲି ।

କେତେ ସମୟ ପରେ ମୁଁ ଭାବିଚିନ୍ତି ପୁଣି ପଚାରିଲି... '' ଏ ବଢ଼ିରେ ଧାନଫସଲ ତ ସମ୍ପୂଚ୍ଚେ ଲୋପ ପାଇଗଲା, ନା କ'ଣ କହୁଛ ?''

ସେ କହିଲେ, ''ପାଣି ଯଦି ଆଉ ଚାରି, ପାଞ୍ଚ ଦିନରେ ଛାଡ଼ିଯାଏ, ଆଉ ତା ପରେ ପରେ କେତେ ଅସରା ବର୍ଷା ହୋଇଯାଏ ତାହାହେଲେ ଧାନଫସଲ କିଛି ରକ୍ଷା ପାଇଯିବ । ହେଲେ ରବିଫସଲଟା ଭଲ ଉତୁରିବ ଏସନ । ନଈ·କେବେ ମଣିଷକୁ ବୁଡ଼ାଇ ଦିଏ ନାହିଁ ଆଜ୍ଞା ! ଏ ପାଖରୁ ଖାଇଗଲେ, ସେ ପାଖରୁ ପୁଣି ଭରିଦିଏ ।''

ସର୍ବନାଶିନୀ ନଦୀ ପ୍ରତି ମମତା ଓ କୃତଜ୍ଞତାରେ ସନ୍ଭବତଃ ସେ ଆଞ୍ଜୁଳାଏ ପାଣି ନେଇ, ସେଥିରେ ମୁହଁ ଧୋଇ ପକାଇଲେ । ତା' ପରେ ହାତକୁ ଆଞ୍ଜୁଳା କରି, ତମ୍ବାରଙ୍ଗର ମାଟିଆ ପାଣି ସେ କେତେ ଆଞ୍ଜୁଳା ଢକ ଢକ କରି ପିଇଗଲେ । କେତେ କୋଟି କୋଟି ବିସୂଚିକା ଜୀବାଣୁ, ତାଙ୍କ ଉଦରସ୍ଥ ହେଲା ଭାବି ମୁଁ ମନେ ମନେ ଆତଙ୍କିତ ହୋଇ ପଡ଼ିଥିଲି; ମାତ୍ର ସେଥିପ୍ରତି ତାଙ୍କର କୌଣସି ବିକାରବ ଭ୍ରୂକ୍ଷେପ ନ ଥିଲା ।

ଏହା ପରେ ତାକୁ ଆଉ ମୋର କୌଣସି ପ୍ରଶ୍ନ ପଚାରିବା ପାଇଁ ନଥିଲା । ସର୍ବଂସହା ଧରିତ୍ରୀର ମୂକ ସନ୍ତାନ ଏମାନେ । ନିଜକୁ ପ୍ରକାଶ କରିବାର ଭାଷା ଏମାନଙ୍କ କଣ୍ଠରେ କେବେ ଫୁଟିବ ନାହିଁ ।

ମୁଁ ଅଗତ୍ୟା ଚାହିଁ ରହିଲି, ଖଣ୍ଡେ ଖଣ୍ଡେ ଟାପୁପରି ଦିଶୁଥିବା ଦୂର ଓ ନିକଟର ବହୁ ନାଁ ନ ଜଣା ଗାଁ ଆଡ଼େ । ଆତ୍ମମାନଙ୍କ ଦୃଷ୍ଟିରେ ବନ୍ୟାର ପ୍ରକୋପ ଯେତେ ଭୀଷଣ ଓ ମାରାତ୍ମକ ହେଉ ପଛକେ, ଏହି ବନ୍ୟାକ୍ଲିଷ୍ଟ ଲୋକମାନଙ୍କୁ ଏହା ମଧ୍ୟ ଦେଇଥିଲା, କ୍ରୀଡ଼ା ଓ କୌତୁକର ନାନା ଅବକାଶ । ଗୋଟିଏ ଗାଁମୁଣ୍ଡ ଗୋହିରୀରେ, ଯେଉଁଠି ଦିନେ ଧୂଳି ଉଡୁଥିଲା, ସେଠି ଏବେ ଦଳ ଦଳ ସ୍ତ୍ରୀଲୋକ ଅଳସ, ମନ୍ଥର ଛନ୍ଦରେ ଗରାମାଜି ସେଥିରେ ପାଣି ଭରୁଥିଲେ । କେଉଁଠି

Digitized by srujanika@gmail.com

ବା ଦଳ ଦଳ ଲୋକ ପାଣି ଭିତରେ ପଶି ମାଛ ଧରୁଥିଲେ । ଜୀବନର ନାନା ବିଚିତ୍ର କୋଳାହଳ ଓ କୌତୂକରେ ଏହି ପ୍ରାଗୈତିହାସିକ ଜଳରାଶି ମୁଖରିତ ହୋଇ ଉଠିଥିଲା ।

ସେ କେତେ ସମୟ ପରେ, ନିଜର ରହସ୍ୟମୟ ନୀରବତା ଭଙ୍ଗ କରି କହିଲେ... 'ଏବେ କି ନଇବଢ଼ି ଦେଖୁଛନ୍ତି ! ଆମ ପିଲାଦିନେ କାଳୀ ନଇରେ ଯେଉଁ ବଢ଼ି ଆସୁଥିଲା, ଏବେ କାହିଁ ? ଆମେସବୁ ଦିନ ଦିନ ରାତି ରାତି, କିଏ ଗଛଡାଳରେ କିଏ ଘର ଛପର ଉପରେ ବସି ରହୁଥିଲା । ମୋର ମନେ ଅଛି, ସେ ଦିନ ଚିତୋଉ ଅମେଇସିଆ ସକାଳୁ, ବିଇ ଗହୀର ଭିତରେ ପାଟିଗୋଳ ଶୁଭିଲା । ମୁଁ ସେତେବେଳକୁ ପିଲା । କୋଉଠି ପାଟିଗୋଳ ହେଉଛି ଶୁଣିବା ପାଇଁ, ଆମ ବାଡ଼ିପଟେ ଗୋଟାଏ ଜାମୁଗଛ ମଥାନ ଉପରକୁ ଉଠିଗଲି । କହିଲେ ବାବୁ ମିଛ କରିବେ, ପାଣି ମାଡ଼ି ଆସୁଥିଲା, ତାଳ ଗଛ ଉଞ୍ଚରେ । ଗଛରୁ ଓହ୍ଲାଇ ତଳେ ଠିଆ ହେଲା ବେଳକୁ, ଆମ ଗାଁ ତଳକୁ ପାଣି ମାଡ଼ି ଆସିଥିଲା ।''

ତାଙ୍କ ବ୍ୟକ୍ତିତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ, ଯେଉଁମାନେ ସନ୍ଦେହ ପୋଷଣ କରି ଆସୁଥିଲେ - ମୁଁ ମଧ୍ୟ - ସେମାନଙ୍କ ମଧ୍ୟରୁ ଜଣେ ପଚାରିଲେ... ''ପାଣି ତ ମାଡ଼ି ଆସୁଥିଲା ତାଳଗଛ ଉଞ୍ଚରେ । ତମେ ପିଲାଦିନେ ତାଳ ଗଛରୁ ଆଉରି ଉଞ୍ଚ ଥିଲ ପରା ! ନୋହିଲେ ତମେ ଭାସି ନ ଯାଇ ରହିଲ କିପରି ?''

ଏ ପ୍ରଶ୍ନ ଶୁଣି ଡଙ୍ଗାରେ ଯେତେକ ଥିଲେ, ସମସ୍ତେ ବଡ଼ ପାଟିରେ ହସି ଉଠିଲେ । ଏତେ କଷ୍ଟର ଉଚ୍ଚ, ମିଳିତ ଅଟ୍ଟହାସ ଓ ପ୍ରଚ୍ଛନ୍ନ ଉପହାସରେ ସେ କିନ୍ତୁ ତିଳେମାତ୍ର ବିବ୍ରତ ବା ବିଚଳିତ ନ ହୋଇ କହିଲେ... ''ମଣିଷ ତ କେବେ ତାଳଗଛ ଉଞ୍ଚ ହୁଏନାହିଁ ! ଆମ ଏଆଡ଼େ ଘର ମୂଳଦୁଆ ସବୁ ଅନେକ ଉଞ୍ଚ ହୋଇ ପଡ଼ିଥାଏ । ସେଥିପାଇଁ ଯେତେ ବଢ଼ି ଆସୁ ପଛେ, ଘର କାନ୍ଥକୁ ପାଣି ଛୁଏଁନାହିଁ । ବେଶି ବଢ଼ି ଆସିଲେ ଆମେ ସବୁ ଘର ଛପର ଉପରକୁ ଉଠିଯାଉ । ତା ନ ହେଲେ ତ ଏ ଖଣ୍ଡକରେ ଜନମାନବ ନ ଥାନ୍ତେ ।''

ସେ ପୁଣି କହି ଚାଲିଲେ... ''ଏବେ ଆଉ ସେମିତି ବଢ଼ି ଆସୁନାହିଁ । କାଳୀନଈରେ ବନ୍ଧ ପଡ଼ିଲା ଦିନୁ, ବଢ଼ି କ'ଣ ଆମେ ଜାଣି ନ ଥିଲୁ । ଏବେ ଆଉ ସେ ବଢ଼ି ନାହିଁ କି, ସେ ଫସଲ ବି ନାହିଁ ।''

ତା'ପରେ ସେ ପୁଣି ନୀରବ ହୋଇଯାଇଁ ଦୂରର ରୌଦ୍ରଦୀପ୍ତ ଦିଗନ୍ତ ଆଡ଼େ ଚାହିଁ ରହିଲେ । ମୁଁ ପଚାରିଲି... ''ଆଜିକାଲି ସେମିତି ବଢ଼ି ଆସୁନାହିଁ ବୋଲି କ'ଣ ତୁମର ଦୁଃଖ ହେଉଚି ?''

ସେ କହିଲେ... ''ସବୁଆଡ଼େ ଆଜିକାଲି ଅଧର୍ମ ମାଡ଼ିଗଲା ଆଜ୍ଞା ! ଆଉ ସେ ବଢ଼ି କୋଉଠୁ ଆସିବ ନା ଫସଲ କୋଉଠୁ ଆସିବ ?''

ଜଣେ ଟିପ୍‌ପଣୀ କରି ଇଂରେଜୀରେ କହିଲେ... ''ଏ ମୂର୍ଖକୁ ନେଇ ଦେଶ ଗଢ଼ିବା ଯାହା, ହଡ଼ା ବଳଦ ବାନ୍ଧି ଜମି ଚଷିବା ସେଇଆ । ନଈରେ ବନ୍ଧ ପଡ଼ିବାରୁ ଆଙ୍କର ଅବ୍‌ଶୋଷ୍ !

Digitized by srujanika@gmail.com

ବଢ଼ି ବର୍ଷକୁ ବର୍ଷ ମାଡୁ ନ ଥିବାରୁ ଦୁଃଖ !''

ମୁଁ କହିଲି... '' ଅଧର୍ମ ମାଡ଼ିବାରୁ ନୁହେଁ, ହୀରାକୁଦରେ ବନ୍ଧ ପଡ଼ିବାରୁ ବଢ଼ି ଆଜିକାଲି କମୁଛି । ହୀରାକୁଦ ନାଁ ଶୁଣିଛ ?''

ସେ ନିସ୍ପୃହ କଣ୍ଠରେ କହିଲା... ''ହଁ, ତିଦସ୍ତା ଭୋଟବେଳେ ସରକାରୀ ଲୋକେ ଆମ ଗାଁରେ ବାଇସୋପ୍ ଛବିରେ ହୀରାକୁଦ ବନ୍ଧ ଦେଖାଉଥିଲେ । ଯେତେ ଯାହା କଲେ ଆଜ୍ଞା, ନଈକୁ ବାନ୍ଧିବ କିଏ ? ବନ୍ଧବାଡ଼ ହେଇଛି ତ ନଈ ପୁଣି ବନ୍ଧ ଭାଙ୍ଗୁଛି କାହିଁକି ? ନଈ ସାଙ୍ଗରେ ମଣିଷ ଯେମିତି ଶତ୍ରୁତା କରୁଛି, ନଈ ବି ସେମିତି ମଣିଷ ଉପରେ ଦାଉ ସାଧୁଚି । ତା ନ ହେଲେ ମୁଁ ତ ଏତେ ନଈବଢ଼ି ଅଙ୍ଗେ ନିଭେଇଲି । ପାଣି ଏତେ ଭିଡ଼େଇ ରଖିବା ତ କେବେ ଦେଖି ନ ଥିଲି ।''

ଏମାନେ ପ୍ରକୃତିର ନଦୀମାତୃକ ସନ୍ତାନ । ନଦୀର ଉତ୍ସଙ୍ଗରେ ନଦୀର ସ୍ତନ୍ୟପାନ କରି ଏମାନେ ବର୍ଦ୍ଧିତ ହୋଇଛନ୍ତି । ନଦୀ ସହିତ ସଂଘର୍ଷରେ ନୁହେଁ, ସହଯୋଗ ମଧ୍ୟରେ ଏମାନେ ଲାଳିତ ପାଳିତ ଓ ବର୍ଦ୍ଧିତ ହୋଇଅଛନ୍ତି । ନଦୀ, ବନ୍ୟା ଓ ଫସଲ ଏମାନଙ୍କୁ ଯେଉଁ ଦୃଷ୍ଟିକୋଣ ଓ ବିଚାରଧାରା ଦେଇଛି, ହୀରାକୁଦ ଯୋଜନାର ଇଂଜିନିୟରିଂ ତଥ୍ୟ ଯେତେ ବୁଝାଇଲେ ସୁଦ୍ଧା, ତାହା ବଦଳିଯିବାର ନୁହେଁ ।

ମୁଁ କହିଲି... '' ଲିଙ୍ଗା ବନ୍ଧର ସ୍ଲୁଇସ୍ ଗେଟ୍ ଖୋଲିଦେଲେ ଦିନ ଦୁଇଟାରେ ସବୁ ପାଣି ନିଗିଡ଼ି ପଡ଼ନ୍ତା । ମାତ୍ର ବନ୍ଧତଳର ଲୋକମାନେ ଗେଟ୍ ଫିଟାଇ ଦେଉ ନାହାନ୍ତି । ସେଥିପାଇଁ ପାଣି ଭିଡ଼େଇ ରଖିଛି । ପୁଲିସ୍‌ଫଉଜ ଯାଇଛନ୍ତି ଗେଟ୍ ଫିଟାଇବା ପାଇଁ । ତମେ ଏ ଅଞ୍ଚଳର ଲୋକମାନେ ଗାଁ ଭିତରେ ହାତଗୋଡ଼ ଛାଡି ନ ବସି, ସେଠିକୁ ଯାଇଁ ବନ୍ଧ ଫିଟାଉ ନାହଁ । ତମମାନଙ୍କ ଘର, ଫସଲ ସବୁ ରକ୍ଷା ପାଇଯାନ୍ତା ।''

ଆଉ ଜଣେ ସେଥିରେ ଅନ୍ୟ ଏକ ସଂଶୋଧନ ପ୍ରସ୍ତାବ ଆଣି କହିଲେ... '' ତମେମାନେ ଯାଇଁ ବନ୍ଧ ତଳର ଲୋକମାନଙ୍କ ଦୁଆରେ ଅନଶନ ସତ୍ୟାଗ୍ରହ କରୁନାହଁ । ସେଇମାନଙ୍କ ପାଇଁ ତ ତମେମାନେ ଏମିତି ବଢ଼ିପାଣିରେ ତଳିତଛାନ୍ତ ହେଉଛ ।''

କିନ୍ତୁ କୌଣସି ପ୍ରସ୍ତାବ ତାଙ୍କ ମନକୁ ପାଇଲା ନାହିଁ । ସେ ପୂର୍ବର ନିସ୍ପୃହ ଓ ଅନାସକ୍ତ କଣ୍ଠରେ କହିଲେ... ''ବଢ଼ିରେ ତ ଆମର ଯାହା ଉଚ୍ଛନ୍ନ ହେବାର ହେଲା, ସେମାନଙ୍କ ଘରଦ୍ୱାର ଉସାଇ ଦେଲେ, ଆମର ଯାହା ଯାଇଛି ସେ ବା ପୁଣି କୋଉ ଫେରି ଆସିବ ?''

ତେରଛା ଖରାରେ ଜାଲଜାଳୁଆ ଦିଶୁଥିବା ମୋର କ୍ଲାନ୍ତ ଆଖିକୁ ଭଲକରି ଦୁଇହାତରେ ମଜି, କାଳୀନଦୀର ଏହି କ୍ଷୁଧାର୍ତ୍ତ, ଦରିଦ୍ର ମଳିନ ସନ୍ତାନ ଆଡ଼େ ପୁଣି ଥରେ ଭଲ କରି ମୁଁ ଚାହିଁ ଦେଖିଲି । ସେମାନଙ୍କୁ ଚିହ୍ନିବାର ଉପାୟ ନାହିଁ; ସେମାନେ ଆମର ଚିର ଅପରିଚିତ । କ୍ଲେଦମଳିନ, ଅମାର୍ଜିତ ଓ କ୍ଷୁଧାପୂର୍ଣ୍ଣ ଆବରଣ ତଳେ, ଏମାନେ ସୃଷ୍ଟିଧର୍ମର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ପ୍ରତିନିଧି । ସୃଷ୍ଟିକୁ ଶାସନ କରନ୍ତି ନାହିଁ ଏମାନେ; ମାତ୍ର ଶତଦୈନ୍ୟ ଓ ନିପୀଡ଼ନ ମଧ୍ୟରେ ସୃଷ୍ଟିକୁ

Digitized by srujanika@gmail.com

ଧାରଣ କରି ରଖିଛନ୍ତି ଏମାନେ ! ସୁନ୍ଦରର କୁତ୍ସିତ ପ୍ରତିନିଧି ! ଠାକରାଗାଇ, କୋରଡ଼ ଆଖି, ଉଖା ହନୁହାଡ଼, ହଳଦିଆଦାନ୍ତ, ଡାଳ ଅଂଶା ଦାଢ଼ି ଓ ଖରାପିଟା ମୁହଁଟଳେ ଏହିମାନେ ହିଁ ସମ୍ଭବତଃ ଧରି ରଖିଛନ୍ତି ମନୁଷ୍ୟଜୀବନର ଅନାହତ ସୌନ୍ଦର୍ଯ୍ୟ ଓ ମହିମା !

ମୁଁ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇଲି ।

ଭାଦ୍ରବର ମୁଣ୍ଡଫଟା ଖରା ଧୀରେ ଧୀରେ ପଶ୍ଚିମ ଆକାଶରେ ନଇଁ ଆସୁଛି । ଅଳ୍ପ ଦୂରରେ ଦିଶୁଛି ହରିହରପୁର ଗାଁ । ଏଠାରେ ଏକ ରିଲିଫ୍ କ୍ୟାମ୍ପ୍ ଖୋଲିଛି । ସେଥିପାଇଁ ଚାରିଆଡ଼ ଦଳ ଦଳ ଲୋକ ପିମ୍ପୁଡ଼ିଧାର ଛୁଟିଲା ପରି ଗାଁ ଭିତରକୁ ଚାଲିଥିଲେ । ଏହି ଗାଁଠାରୁ ଅଳ୍ପ ଦୂରରେ, ବନ୍ଧ ଭାଙ୍ଗି ଘାଇ ହୋଇଥିଲା । ମାତ୍ର ସୁଅ ତୋଡ଼ରୁ ଏକ ପାଖିଆ ହୋଇ ଗାଁଟି ରହିଥିବାରୁ ବନ୍ଧ ଭାଙ୍ଗିବା ଫଳରେ ଏ ଗାଁର ବିଶେଷ କ୍ଷତି ହୋଇ ନାହିଁ । ଏଇ ଗାଁଠାରୁ ଆମ୍ଭେମାନେ ଓହ୍ଲାଇ, ଘାଇ ମୁହଁ ପର୍ଯ୍ୟନ୍ତ ନଦୀ ବନ୍ଧରେ ଚାଲି ଚାଲି ଯାଇଁ ସେଠାରୁ ପୁଣି ଡଙ୍ଗାରେ ବସି ଫେରି ଆସିବୁ । ଆଉ ଅଳ୍ପବାଟ ଡଙ୍ଗାରେ ଯିବା ପରେ କାଦୁଅ ବିଲରେ ପଶି ଆମକୁ ଗାଁ ପର୍ଯ୍ୟନ୍ତ ପାଦରେ ଚାଲି ଆସିବା ପାଇଁ ପଡ଼ିବ । ଆମ୍ଭେମାନେ ସେଥିପାଇଁ ପ୍ରସ୍ତୁତ ହେଉଥିଲୁ । ସେ ମଧ୍ୟ ଏଠାରେ ଓହ୍ଲାଇବା ପାଇଁ ଅଣ୍ଡାରେ ଗାମୁଛା ଖଣ୍ଡେ ଭିଡ଼ୁଥିଲେ ।

ଜଣେ ସହଯାତ୍ରୀ, ସେ ବୁଝି ନପାରିବା ପାଇଁ, ଆମକୁ ଇଂରାଜୀରେ କହିଲେ... ''ରିଲିଫ୍ ଚାଉଳ ପାଇଁ, ଏ ଲୋକଟା ଏତେବାଟ ଆମ ସାଙ୍ଗରେ ବସି ଆସିଛି ।''

ମୁଁ କହିଲି... ''ସେଥିରେ ଆମର କ୍ଷତି ହେଲା କ'ଣ ? ଯଦି ଜଣେ ବନ୍ୟାଦୁର୍ଗତଙ୍କୁ ଅନ୍ତତଃ ତୁମେ ଅଯଥା ପଥଶ୍ରମରୁ ରକ୍ଷା କରିପାରିଲ, ତା'ହେଲେ ତୁମ ଦେଶସେବା ସାର୍ଥକ ହେଲା ବୋଲି ଧରିବାକୁ ହେବ ।''

ଡଙ୍ଗା ସେତେବେଳକୁ ଗୋଟାଏ ଧାନକ୍ଷେତର ପଙ୍କ ଗୋହିରୀ ଭିତରେ ଭିଡ଼ିଇ ଯାଇଥିଲା । ଆମ୍ଭେମାନେ ସେହିଠାରୁ ଓହ୍ଲାଇ କାଦୁଅସଡ଼ା ଧାନକ୍ଷେତ ଭିତରକୁ ପଶିଲୁ । ସେ ମଧ୍ୟ ଆମ୍ଭମାନଙ୍କ ସଙ୍ଗରେ ଓହ୍ଲାଇ ପଡ଼ିଲେ । ମୁଁ ପଚାରିଲି... '' ତୁମ ଗାଁରୁ ରିଲିଫ୍ ନେବା ପାଇଁ ତୁମେ କ'ଣ ଏକା ଆସିଛ ? ଏକୁଟିଆ ଫେରିବ କିପରି ?''

ବୁଢ଼ିଆ ମୁହଁରେ ଦୁଇପାଟି ହଳଦିଆ ଦାନ୍ତ ଦେଖାଇ ସେ ହସିଲେ; ନା ମୋର ନିମ୍ନ-ମଧ୍ୟବିତ୍ତ ଶ୍ରେଣୀୟ ମୂଲ୍ୟବୋଧ ପ୍ରତି ଉପହାସ କଲେ; ମୁଁ ବୁଝିପାରିଲି ନାହିଁ । ସେ ମୋ' ଆଡ଼େ ଚାହିଁ, ମୁହଁରେ ହସ ଫୁଟାଇ କହିଲେ... '' ଭିକ ଚାଉଳରେ କ'ଣ ପେଟ ପୂରିବ ଆଜ୍ଞା ? ଆମେ କେହି ରିଲିଫ୍ ଚାଉଳ ପାଇଁ ଆସିନାହୁଁ, କି ନେଇନାହୁଁ ।''

ମୁଁ ବିସ୍ମିତ କଣ୍ଠରେ ପଚାରିଲି... '' ତା' ହେଲେ ଏ ଲୋକମାନେ ପିମ୍ପୁଡ଼ି ଧାର ପରି ରିଲିଫ୍‌ଆଡ଼େ ଛୁଟିଛନ୍ତି କାହିଁକି ?''

ସେ କହିଲେ... ''ଯେଉଁମାନେ ରିଲିଫ୍ ପାଇବା କଥା, ବଡ଼ିରେ ଯେଉଁମାନଙ୍କର ସବୁ ଯାଇଛି, ସେମାନେ ଏମାନଙ୍କ ଭିତରେ ନାହାନ୍ତି । ଏ ଯେଉଁ କଳାପିମ୍ପୁଡ଼ି ଧାର ପରି ଲୋକ,

Digitized by srujanika@gmail.com

ଜଣେ ଜଣେ ଧୋବଧାଉଳିଆ ମାମଲତକାରଙ୍କ ପଛରେ ଚାଲିଛନ୍ତି, ସେମାନେ ନିଜ ନିଜ ନାଁ ଦରଜ କରାଇ, ରିଲିଫ୍ କାମରୁ ଚାଉଳ ଆଣିବେ ସତ, ମାତ୍ର ସେ ଚାଉଳ ଏମାନଙ୍କ ହାଣ୍ଡିରେ ଫୁଟିବ ନାହିଁ; ଧୋବଧାଉଳିଆ ମାମଲତକାରମାନେ ସେଥିରେ ଗାଁ ଜନ୍ତାଜ କରିବେ ।''

ମୁଁ ପଚାରିଲି ... ''ତା' ହେଲେ ବଢ଼ିରେ ଯେଉଁମାନଙ୍କର ସବୁ ଯାଇଛି, ନୋହିଲେ ଯେଉଁ ଦିନମଜୁରିଆମାନଙ୍କର ବଢ଼ି ଯୋଗୁ ରୋଜଗାର ଧନ୍ଦା ବନ୍ଦ, ସେମାନେ କ'ଣ ଦିନ ଦିନ ଧରି ଓପାସ ପଡ଼ିଛନ୍ତି ?

ସେ ପୂର୍ବ ପରି ସ୍ମିତ ହସି କହିଲେ... ''ଦୁନିଆରେ କେହି ଦିନ ଦିନ ଧରି ଓପାସ ରହେନାହିଁ ଆଜ୍ଞା । ଲୋକ ଲାଗିଲେ ଖୁଦ କୁଣ୍ଡାଠାରୁ ଶାଗ ପତ୍ର ପର୍ଯ୍ୟନ୍ତ ମଣିଷ ଯାହା ପାଏ ଖାଇ ପେଟ ପୂରାଏ । ଏମାନଙ୍କ ଭିତରୁ ଅନେକେ ସେଇୟା କରୁଛନ୍ତି । ନଇଲେ ହପ୍ତାକୁ ସେରେ ଖୁଦ ଗୋଡ଼ିମିଶା ଚାଉଳରେ କାହାର ପେଟ ପୂରେ ?''

ମୁଁ ପୂର୍ବାପେକ୍ଷା ଆଉରି ବିସ୍ମିତ ହୋଇ, ଏହି ରହସ୍ୟମୟ ମୂର୍ତ୍ତିଆଡ଼େ ଚାହିଁଲି । ମନୁଷ୍ୟ ଓ ପ୍ରକୃତିର ଶତ ପୀଡ଼ନ ସତ୍ତ୍ୱେ ଅପରାଜେୟ ମାର୍ଜକେୟର ଏ ଯେପରି ପ୍ରେରଣାମୟ ପ୍ରତିରୂପ । ସବଇର ଶୋଷଣ, ପ୍ରକୃତିର ପୀଡ଼ନ, କ୍ଷୁଧା, ମହାମାରୀ ଓ ମଡ଼କର ଅଗଣିତ ଆତଙ୍କ ମଧ୍ୟରେ ଯେଉଁମାନଙ୍କର ମାବବାତ୍ମାର ମହିମା ତଥାପି ମଳିନ ହୋଇନାହିଁ, ଏ ଯେପରି ସେହିମାନଙ୍କର ପ୍ରତିନିଧି । କ୍ଷୁଧା ଏମାନଙ୍କୁ ଭିକ୍ଷୁକ ବା ଦସ୍ୟୁ କରେ ନାହିଁ । କ୍ଷୁଧା ଏମାନଙ୍କୁ ଦିଏ କେବଳ ପ୍ରାଚୁର୍ଯ୍ୟମୟ ଜୀବନର ବାର୍ତ୍ତା ଓ ସମ୍ଭାବନା ।

ମୁଁ କହିଲି ... ''ଆପଣମାନଙ୍କୁ ରିଲିଫ୍ ମିଳିବାର ଯଦି କୌଣସି ଅସୁବିଧା ହେଉଥାଏ, ତା'ହେଲେ ଆମକୁ କହନ୍ତୁ । ଆମ୍ଭେମାନେ ତାହାର ଉପଯୁକ୍ତ ପ୍ରତିକାର କରିବୁ ।''

ସେ ପୂର୍ବପରି ନିସ୍ପୃହ ଓ ଅନାସକ୍ତ କଣ୍ଠରେ କହିଲେ ''ରିଲିଫ୍ ଯେଉଁମାନଙ୍କର ଦରକାର, ସେମାନେ ନିଅନ୍ତୁ । ଆମର ଦରକାର ନାହିଁ ।''

ଆମ ଭିତରୁ ଜଣେ ପଚାରିଲେ... ''ତା'ହେଲେ ତମମାନଙ୍କର କ'ଣ ଦରକାର ? ତମମାନଙ୍କର ଯଦି ରିଲିଫ୍ ଚାଉଳ ଦରକାର ନାହିଁ, ତା' ହେଲେ ସରକାର କ୍ୟାମ୍ପ୍ ଉଠାଇନେବା ଉଚିତ୍ ।''

ସେ କହିଲେ... ''ସରକାର ହୁଅନ୍ତୁ କି ତମମାନଙ୍କ ପରି ଦଳ ହୁଅନ୍ତୁ । ଆମର ଏ ସର୍ବନାଶବେଳେ ଆମ ପାଖରେ ମୁଠାଏ ମୁଠାଏ ଚାଉଳ ଫିଙ୍ଗି, ମତଲବ ଉଠାଇବା ଅସଲ କଥା । ଆମେ ଭିକାରି ନୋହୁଁ, ମାତ୍ର ସମସ୍ତେ ମିଳି ଆମକୁ ଭିକାରି ନ କରାଇଲେ କାହାର ଯେପରି ରକ୍ଷା ନାହିଁ । ଆମେ ଭିକାରି ନ ହେଲେ, ଅନ୍ୟମାନଙ୍କର ଦାତାପଣିଆର ବଢ଼େଇ ରହିବ କେଉଁଠି ?''

ମୁଁ ନମ୍ର କଣ୍ଠରେ କହିଲି... ''ଆପଣମାନଙ୍କର ତା' ହେଲେ କ'ଣ ଦରକାର ?

ସେ କହିଲେ...''ଆମର ଦରକାର, ରାତାରାତି ଘାଇ ମୁହଁରେ ବନ୍ଧ ପଡୁ । ରିଲିଫ୍

Digitized by srujanika@gmail.com

ନାଁରେ ଯେଉଁ ଚାଉଳ କାଉ କୋଇଲିଙ୍କୁ ବାଣ୍ଟିଲା ପରି ବଣ୍ଟା ଯାଉଛି, ସେଇ ଚାଉଳ ନଈ ବନ୍ଧରେ ଖନ୍ଦା ଖୋଳା ଯାଇଁ ରନ୍ଧା ହେଉ । ଆମେ ହଜାର ହଜାର ଲୋକ, ରାତାରାତି ଘାଇ ବାନ୍ଧି ଦେବୁ । ଆମକୁ ଭିକମୁଠି ଦେବା କାହାର ଦରକାର ପଡ଼ିବ ନାହିଁ ।''

ଆମେ ସେତେବେଳକୁ କାଦୁଅବିଲ ପାରି ହୋଇ ହରିହରପୁର ଗାଁ ମୁଣ୍ଡ ଝଙ୍କାଡ଼ିଆ ବରଗଛ ତଳେ ପହଞ୍ଚି ସାରିଥିଲୁ । ଦଳଦଳ ରିଲିଫ୍ ସାହାଯ୍ୟାର୍ଥୀ, କେହି ବା ରିକ୍ତ, ଆଉ କେହିବା ଗାମୁଛାରେ ଛୋଟ ଛୋଟ ଚାଉଳ ପୁଟୁଳି ବାନ୍ଧି, ଗଛମୂଳେ ବାଟଚଲାର କ୍ଲାନ୍ତି ମେଣ୍ଟାଉ ଥିଲେ । ପ୍ରତ୍ୟେକ ଦଳର ଦଳପତି ଜଣେ ଜଣେ ଦରମଇଚା ଲୁଗା କାମିଜ୍ ପିନ୍ଧା ଗାଉଁଲୀ ବାବୁ । ଆମ୍ଭମାନଙ୍କୁ ଦେଖି, ଏମାନଙ୍କ ଭିତରୁ କେତେଜଣ ଆମକୁ ଘେରିଗଲେ । ରିଲିଫ୍ କିପରି ନିୟମିତ ଭାବରେ ମିଳୁନାହିଁ, ଯେଉଁ ଚାଉଳ ମିଳୁଛି ତାହା କିପରି ଅଖାଦ୍ୟ, ରିଲିଫ୍ ଚାଉଳରେ କିପରି ଅନ୍ୟମାନେ ଦୀପ ତେଜି ହାତ ଚିତ୍‌କଣ କରୁଛନ୍ତି, ଇତ୍ୟାଦି ନାନା ଅଭିଯୋଗର କୋଳାହଳ ଭିତରେ ଆମ୍ଭେମାନେ ପ୍ରାୟ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲୁ । ଆମ ଭିତରୁ ଯିଏ, ଖବର-କାଗଜରେ ବିବୃତିର ଉପାଦାନ ସଂଗ୍ରହ କରିବା ପାଇଁ କାଗଜ ପେନ୍‌ସିଲ୍ ଧରି ଅଦମ୍ୟ ଉତ୍ସାହରେ ବୁଲୁଥିଲେ, ସେ ସୁଦ୍ଧା କାଗଜ ପେନ୍‌ସିଲ୍ ବନ୍ଦ କରି ପକେଟ୍‌ରେ ରଖିଦେଲେ । ଜଣେ ଦରମଇଚା ଲୁଗା ଓ କାମିଜ୍ ପିନ୍ଧା ବାବୁକୁ ପଚାରିଲି... ''ଆପଣ ବି କ'ଣ ରିଲିଫ୍ ପାଇଁ ଆସିଥିଲେ ?''

ସେ କହିଲେ... ''ସକାଳୁ ବସି ବସି ପରା ଅବିକା ଫେରୁନୁ ?''

ମୁଁ ପଚାରିଲି ... ''ଆପଣଙ୍କର ବି ରିଲିଫ୍ ଦରକାର ?''

ସେ କହିଲେ... ''ସରକାର ଆଉ କାହାପାଇଁ ରିଲିଫ୍ ବାଣ୍ଟୁଛନ୍ତି ? ମୁଠାଏ ଗୁଣ୍ଡୁଦୁଧ ପାଇଁ ବସି ବସି, ମୋତେ ମିଳିଲା ନାହିଁ; ଅଥଚ ଗୁଣ୍ଡୁଦୁଧରେ ଚୋରା କାରବାର ଚାଲିଛି ।''

ଯେଉଁ ନଦୀ ମନୁଷ୍ୟକୁ ଦେଇଥିଲା ସଂଗ୍ରାମ ଓ ସର୍ଜନାର ପ୍ରେରଣା, ସେହି ଅନ୍ନଦାତ୍ରୀ, ଧନଦାତ୍ରୀ ନଦୀ ପୁଣି ମନୁଷ୍ୟକୁ ସାମାନ୍ୟ ମୁଠାଏ ଗୁଣ୍ଡୁଦୁଧ ଓ ସେରେ ଚାଉଳ ପାଇଁ ଏହିପରି ସଙ୍କୋଚହୀନ, ଅକୁଣ୍ଠିତ ଭିକ୍ଷୁକ କରିଅଛି ।

ସେହି ଲୋକଗହଳି ଭିତରେ ମୁଁ ଚାରିଆଡ଼େ ଆଖି ବୁଲାଇ, ତାଙ୍କୁ ଖୋଜିଗଲି; ମାତ୍ର ସେତେବେଳକୁ ସେ କୁଆଡ଼େ ଅଦୃଶ୍ୟ ହୋଇ ଯାଇଥିଲେ ।

ଆମ୍ଭେମାନେ ଘାଇ ମୁହଁଆଡ଼େ ଚାଲିଲୁ ।

ନଦୀବନ୍ଧରେ ପ୍ରାୟ ଏକ ମାଇଲ ଲମ୍ବ କୁଡ଼ିଆମାନ ଇତି ମଧ୍ୟରେ ତିଆରି ହୋଇସାରିଛି । ସରକାରୀ ରିଲିଫ୍‌ରୁ ଯେଉଁମାନେ ତାରପୁଲିନ୍ ପାଇଛନ୍ତି, ସେମାନେ ତାରପୁଲିନ୍‌କୁ ତମ୍ବୁପରି ଖଟାଇ, ତା'ରି ଭିତରେ ଚୂଆ ଘରକରଣା ଆରମ୍ଭ କରି ଦେଇଛନ୍ତି । ଆଉ ଯେଉଁମାନେ ସେ ସୁଯୋଗରୁ ବଞ୍ଚିତ ହୋଇଛନ୍ତି, ସେମାନେ ବାଉଁଶ କାଟି, ଖୁଣ୍ଟ ପୋତି, ତା'ଉପରେ ତାଳବରଡ଼ା ଛାଉଣି ଦେଇ, ଖଣ୍ଡେ ଖଣ୍ଡେ କୁଡ଼ିଆ ବାନ୍ଧି ନେଇଛନ୍ତି । ମୁଣ୍ଡ ଗୁଞ୍ଜିବାର ସମସ୍ୟା ଆଉ ନାହିଁ - ସମସ୍ୟା ଏବେ ଅନ୍ନ, ଆଉରି ଅନ୍ନ । ଦିନର ଏକମାତ୍ର କର୍ମ ରିଲିଫ୍ ଚାଉଳ, ଦୁଧଗୁଣ୍ଡ ଓ ଚୂଆ

Digitized by srujanika@gmail.com

ପୁରୁଣା ବୁଗା ପାଇଁ, ରିଲିଫ୍ ଅଫିସର ସଙ୍ଗରେ ଅଶ୍ଳୀଳ ଝଗଡ଼ା; ମାରୱାଡ଼ି ଅନଛତ୍ର ସାମନାରେ କଂସା ଖଣ୍ଡେ ଖଣ୍ଡେ ଧରି ଅଧିଆ, ଆଜିର ଭିକ୍ଷାର୍ଜିତ ଅନ୍ନରୁ କାଲିପାଇଁ ପୁଣି ସଞ୍ଚୟ । କାଳୀର କରାଳ ସ୍ପର୍ଶ ମନୁଷ୍ୟକୁ ପୁଣି ଆଦିମରେ ପରିଣତ କରିଅଛି ।

ସେହି ଚାନ୍ତବ ତୁଚ୍ଛତା ଓ ବିକଟତାର ଊର୍ଦ୍ଧ୍ୱରେ କିନ୍ତୁ ଅପରାହ୍ଣ ସ୍ୱର୍ଣ୍ଣାଭ ରୌଦ୍ରଦୀପ୍ତ ଆକାଶ, କେଉଁଠି କାହା ବନ୍ୟା ଉଜୁଡ଼ା ଅଗଣାରୁ ଜହ୍ନିଫୁଲର ମମତାମୟ ସୁଗନ୍ଧି, ଅଦୂରରେ କ୍ଷୀଣଗର୍ଭା କାଳୀର ପ୍ରଶାନ୍ତ ବକ୍ଷରେ ଆସନ୍ନ ସନ୍ଧ୍ୟାର ବର୍ଣ୍ଣାଢ୍ୟ ବୈଚିତ୍ର୍ୟ, ମନୁଷ୍ୟର ପ୍ରାଣମୟ, ରୂପମୟ ଓ ପ୍ରାଚୁର୍ଯ୍ୟମୟ ସମ୍ଭାବନାର ମହିମାନ୍ୱିତ ପୃଷ୍ଠଭୂମି ରଚନା କରିଥିଲା । ସେହି ପୃଷ୍ଠଭୂମିରେ ମୁଁ ମନେ ମନେ କେବଳ ତାକୁ ହିଁ ଖୋଜି ବୁଲୁଥିଲି । ମାତ୍ର ଏମାନଙ୍କ ଭିତରେ ସେ ନ ଥିଲେ ।

ବନ୍ଧ ଉପରେ ସହରର କୌଣସି ପୁଣ୍ୟକାମୀ ଦାତା, ସୋଲାଭଜା ଓ ବିସ୍କୁଟ ବାଣ୍ଟୁଥିଲେ । ରିଲିଫ୍ ଚାଉଳ ଓ ଅନାବନା ଶାଗ, ଯେଉଁମାନଙ୍କର ଖାଦ୍ୟର ରୁଚି ହରଣ କରିଥିଲା, ସେମାନେ ଏହିଠାରେ ଭିଡ଼ ବାନ୍ଧି, ଗଣ୍ଡାଏ ଗଣ୍ଡାଏ ସୋଲାଭଜା ଓ ଖଣ୍ଡେ ଖଣ୍ଡେ ବିସ୍କୁଟ ପାଇଁ କୁରୁପାଣ୍ଡବ ଯୁଦ୍ଧ ଆରମ୍ଭ କରିଦେଇଥିଲେ । ପରସ୍ପର ମଧ୍ୟରେ ଠେଲାପେଲାରେ ଯେଉଁମାନେ ପରାଜିତ ହୋଇ ଏହି ଐଶ୍ୱର୍ଯ୍ୟଲାଭରୁ ବଞ୍ଚିତ ହେଉଥିଲେ, ସେମାନେ ବନ୍ଧ ଉପରେ ବସି ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ଅଶ୍ରାବ୍ୟ ଭାଷାରେ ଗାଳି ଆରମ୍ଭ କରି ଦେଇଥିଲେ ।

ଆମ୍ଭେମାନେ ସେହି ବାଟେ ଚାଲି ଯାଉଥିଲୁ । ମାତ୍ର ହଠାତ୍ ତୁମୂଳ ପାଟିଗୋଳ ଆରମ୍ଭ ହୋଇଯିବାରୁ ସେଠାରେ ଅଟକିଗଲୁ । କାହା ଉଦ୍ଦେଶ୍ୟରେ ''ମାର ମାର'' ଧ୍ୱନିରେ ସମସ୍ତେ ହଠାତ୍ ଶତମୁଖ ହୋଇ ଉଠିଥିଲେ । ଘଟଣା ହେଉଛି, କୋଉଠିକାର ଜଣେ ମାଗିଖିଆ ଲୋକ ଠେଙ୍ଗିପେଇ ଥରେ ଆସି ସୋଲାଭଜା ନେଇଥିଲା । ଦ୍ୱିତୀୟଥର ଆସିଲାବେଳେ, ତାକୁ ଜଣେ ଚିହ୍ନି ଧରି ପକାଇବା ପରେ, ତା' ଉପରେ କାୟିକ ଓ ବାଚନିକ ଆକ୍ରମଣ ଆରମ୍ଭ ହୋଇ ଯାଇଥିଲା ।

ସେହି ତୁଚ୍ଛ, ପରାନ୍ନଅପହରଣକାରୀ ବ୍ୟକ୍ତିଟିକୁ ଦେଖିବା ପାଇଁ, ଆମେ ଲୋକଗହଳି ନିକଟକୁ ଫେରି ଆସିଲୁ ।

ମାତ୍ର ଏ ଯେ... ''ସେ'' ।

ପ୍ରଥମେ ନିଜ ଆଖିକୁ ବିଶ୍ୱାସ କରି ପାରିଲି ନାହିଁ; କିନ୍ତୁ ଅବିଶ୍ୱାସ କରିବାର ଉପାୟ ନାହିଁ ? ଏତେ ଲୋକଙ୍କ ଭିତରେ ବୁଢ଼ିଆ ମୁହଁରେ ନିର୍ଲୁଜ ପରି ହସି, ଦୁଇ ପାଟି ହଳଦିଆ ଦାନ୍ତ ଦେଖାଇ, ବେଳେବେଳେ ଖୁଦାଟାଏ, ବିଧାଟାଏ ଖାଇ, ଅଶ୍ରାବ୍ୟ ଗାଳିବର୍ଷଣ ମଧ୍ୟରେ ସେ ଅନାସକ୍ତ ପରି ଠିଆ ହୋଇଥିଲେ । ହାତରେ ମୁଠାଇ ଧରିଥିବା ଗାମୁଛାଟା ଟଣା ଭିଡ଼ାରେ ଛିଣ୍ଡି ଖଣ୍ଡ ଖଣ୍ଡ ହୋଇଯାଇଥିଲା । ତଥାପି ସେ ନିଜ ମୁଠା ଭିତରେ, ଛିଣ୍ଡା ଗାମୁଛାରେ ଗୋଟିଏ ଛୋଟିଆ ପୁଟୁଳା ଧରି ରଖିଥିଲେ । ତା' ଭିତରେ ସମ୍ଭବତଃ ଥିଲା ଗଣ୍ଡାଏ ସୋଲାଭଜା ଓ ଖଣ୍ଡେ ବା ଦୁଇଖଣ୍ଡ ଗମରା ବିସ୍କୁଟ୍ ।

Digitized by srujanika@gmail.com

ଏକ ତୀବ୍ର ଅନୁଶୋଚନାରେ ମୋର ଅନ୍ତଃସ୍ଥଳ ମୁହୂର୍ତ୍ତକ ମଧ୍ୟରେ ବିଷାକ୍ତ ହୋଇଗଲା । ଏକ ସଯତ୍ନଲାଳିତ ସ୍ୱପ୍ନ, କାହାର ପ୍ରଚଣ୍ଡ ଆଘାତରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଲେ ମନୁଷ୍ୟ ଯେପରି ହିଂସ୍ର ଓ ଅଶ୍ଳୀଳ ହୋଇଉଠେ, ମୁଁ ସେହିପରି ହୋଇ ଉଠିଲି ।

ଆମ ଭିତରୁ ଜଣେ କହିଲେ... ''ଘୁଘୁ ଠିକ୍ ଫାନ୍ଦରେ ଏବେ ଧରା ପଡ଼ିଛନ୍ତି । ଆଜିର କାଳେ ରିଲିଫ୍ ଦରକାର ନ ଥିଲା ! ମୁଠାଏ ସୋଲାଭଜା ପାଇଁ, ଆମ ଡଙ୍ଗାରେ ଚଢ଼ି ଦଶମାଇଲ ବାଟ ଧାଇଁ ଆସିଛନ୍ତି !''

ମୁଁ ଭାବୁଥିଲି ଏ ଲୋକଟାକୁ ଆଉରି ପିଟି, ଏମାନେ ତଳେ ମିଶାଇ ଦେଉନାହାନ୍ତି କାହିଁକି ? ଏପରି ବିପଦ ବେଳେ ଏମିତି ଦଳେ ଲୋକ ଯେଉଁମାନେ କି ଅନ୍ୟର ମୁହଁରୁ ଗ୍ରାସ ଛଡ଼ାଇ ନେବା ପାଇଁ କୁଣ୍ଠିତ ହୁଅନ୍ତି ନାହିଁ, ସେମାନଙ୍କ ପ୍ରତି କୌଣସି ଶାସ୍ତି ଚରମ ହୋଇ ନ ପାରେ !

ମୁଁ କହିଲି... ''ଏ ଲୋକଟା ଯଦି ଆମ ସଙ୍ଗରେ ଫେରିବାପାଇଁ ଡଙ୍ଗା ପାଖକୁ ଆସେ ତା' ହେଲେ କିଛିବାଟ ଆସିବା ପରେ ତାକୁ ସିଧା ପାଣି ମଝିରେ ଡଙ୍ଗାରୁ ଫିଙ୍ଗି ଦେବା । ଏହାହିଁ ତା'ର ଉପଯୁକ୍ତ ଶାସ୍ତି ।''

ଆମ୍ଭେମାନେ ଘୃଣା ଓ ବିରକ୍ତିରେ ସେଠାରୁ ଆଗକୁ ଚାଲିଗଲୁ ।

ଅପରାହ୍ଣର ପୀତାଭ ଆଲୋକ, ସେତେବେଳକୁ ଗୋଧୂଳିର ଧୂସର ଛାୟାରେ ପାଂଶୁଳ ହୋଇଆସିଥିଲା । ଆମ୍ଭେମାନେ ଘାଇମୁହଁ ପର୍ଯ୍ୟନ୍ତ ଯାଇ, ସେଠାରୁ ଫେରି ଆସିବୁ । କାଳୀନଦୀ ବକ୍ଷରେ ଘାଇ ମୁହଁଟା ସାମନାରେ ସେଇ ଥୁଣ୍ଟା ତାଳଗଛ ପାଖରେ ଦେଖାଯାଉଛି ଖଣ୍ଡେ ସିଲୁଟ ଛବି ପରି । ହଠାତ୍ କିଏ ଜଣେ ବ୍ୟାଧର ଶସ୍ତ୍ରାଘାତରୁ ଆତ୍ମରକ୍ଷା ପାଇଁ ଗୋଟିଏ ତ୍ରସ୍ତ ବନ୍ୟପଶୁ ପରି ଆମ କଡ଼ ଦେଇ ଧାଇଁ ଚାଲିଗଲା ।

ଆମକୁ ଦେଖିବା ପାଇଁ ତା'ର ସମ୍ଭବତଃ ଅବସର ନ ଥିଲା । ମାତ୍ର ଆମେ ତାକୁ ପଛରୁ ଚିହ୍ନି ପାରିଲୁ... ବୁଲା କୁକୁର, ବସ୍ତିର ନର୍ଦ୍ଦମାରୁ ଖଣ୍ଡେ ଶୁଖିଲା ହାଡ଼ ଦାନ୍ତରେ କାମୁଡ଼ି , ଅନ୍ୟ କୁକୁରମାନଙ୍କର ଆକ୍ରମଣରୁ ଆତ୍ମରକ୍ଷା ପାଇଁ ଧାଇଁଲା ପରି, ସେଇ ଲୋକଟା ଧାଇଁ ପଳାଉଥିଲା । କ୍ରମେ ଗୋଟାଏ ବାଙ୍କ ମୋଡ଼ରେ, କେତେଟା ଲଗାଲଗି ପିଲା ଆଉ କୁଡ଼ିଆ ଭିତରେ ସେ ଅଦୃଶ୍ୟ ହୋଇଗଲା ।

ପଲା, ଚାଳି ଓ କୁଡ଼ିଆ ପ୍ରଭୃତି ନାନା ଆକାର ଓ ପ୍ରକାରର ଆଶ୍ରୟସ୍ଥଳ ଶେଷରେ, ଗୋଟାଏ ତାଳଛତା ଆଡ଼େଣି ଦେଇ, ବୁଢ଼ୀଟିଏ ସମ୍ଭବତଃ ନିଜପାଇଁ ଆଶ୍ରୟ ସୃଷ୍ଟି କରିଥିଲା । ପଶ୍ଚିମ ଆକାଶରେ ଦିନର ଶେଷ ଆଲୋକ, ବୁଢ଼ୀର ଶତ ରେଖାଙ୍କିତ, ଶୁଖିଲା, ଚମଡ଼ାଢଙ୍କା ମୁହଁ ଉପରେ ପଡ଼ି, ଅତି ବୀଭତ୍ସ ଅଥଚ କରୁଣ ଦିଶୁଥିଲା । ବୁଢ଼ୀର ସମ୍ମୁଖ ଭିତରେ ସମ୍ଭବତଃ ଖଣ୍ଡେ ଆଲୁମିନିୟମ୍ ବାଟି ଓ ଖଣ୍ଡେ ବାଡ଼ି । ସେଇ ବାଟି ଖଣ୍ଡ ତା' ସାମନାରେ ରହିଥିଲା, ସମ୍ଭବତଃ କେହି କେହି ବାଟରେ ଯିବା ଲୋକ ପକାଇ ଯାଉଥିବା ପଇସାଏ ଅଧଲାଏ ସଂଗ୍ରହ

Digitized by srujanika@gmail.com

କରି ରଖିବା ପାଇଁ । ବୁଢ଼ୀର ଆଖି ଦୁଇଟି ସମ୍ଭବତଃ ଗଲାଣି । ପଥରରେ ଖୋଳା ହେଲାପରି ଦୁଇଟି ପ୍ରାଣହୀନ ଆଖି ମେଲି, କୁଆଡ଼େ ଚାହିଁ, ସେ କ'ଣ ଦେଖୁଥିଲା କେ'ଜାଣେ ?

ସେ ଲୋକଟା ଏଠି ବୁଢ଼ୀ ପାଖରେ, ପିଠି ପଛ କରି ବସିଛି କାହିଁକି ? ବୁଢ଼ୀର ଭିକ୍ଷାର୍ଜିତ ସାମାନ୍ୟ ପଇସା ତା' ବାଟିରୁ ହରଣଚାଲ କରିନେବା ଏ ଲୋକ ପକ୍ଷରେ ଅସମ୍ଭବ ନୁହେଁ । ଦୁର୍ଯୋଗର ପଟ୍ଟଭୂମିରେ ଏ ଯେପରି ଏକ ବିକଟ ଅମଙ୍ଗଳ ଓ ଅଭିଶାପର ଅଶୁଭ ଛାୟା !

ଆମ୍ଭମାନେ ବୁଢ଼ୀକୁ ଏ ଆଶଙ୍କିତ ଦୁର୍ଯୋଗରୁ ରକ୍ଷା କରିବା ପାଇଁ ସେମାନଙ୍କଠାରୁ ଅଳ୍ପ ଦୂରରେ ଠିଆ ହୋଇ ରହିଗଲୁ ।

ସେ ଲୋକଟା କହୁଥିଲା... ''ଶଳେ ମୁଠାଏ ଶୁଖିଲା ସୋଲାଭଜା ପାଇଁ କୁକୁର, ମାଙ୍କଡ଼ ପରି ହେଉଛନ୍ତି । ଆଉ ଥରେ ଯାଇଁ ସୋଲାଭଜା ଆଣିଲାବେଳେ, ଶଳାଏ ମତେ କୁକୁରପରି ଘେରି ଯାଇଁ ଗାମୁଛାରେ ଯେତେକ ସୋଲାଭଜା ବାନ୍ଧିଥିଲି, ସବୁ ଛଡ଼େଇ ନେଇଗଲେ । ମୋ ଗାମୁଛାଟା ବି ଛିଣ୍ଡି କେନା କେନା ହୋଇଗଲା ।''

ତା' ପରେ ବୁଢ଼ୀ ସାମନାରେ ଥିବା ଆଲୁମିନିୟମ୍ ବାଟି ଭିତରେ ଛିଣ୍ଡା ଗାମୁଛାର ପୁଟୁଳୀ ତଳିରେ ଲାଗି ରହିଥିବା କେତେଟା ସୋଲାଭଜା ଝାଡ଼ି ଦେଇ ସେ କହିଲା... '' ମୁଠାଏ ସୋଲା ଆଣି ଦେଇଥିଲି । ସେତକ ତ ସାରି ଦେଲୁଣି । ନେ ଏ ସୋଲାଭଜା, ଗଣ୍ଡାଏ ହେବ କି ନାହିଁ !''

ବୁଢ଼ୀ ପାକୁଆ ପାଟିର ମାଡ଼ିରେ ସୋଲାଭଜା ଚୋବାଇଲା ବେଳେ, ପାଟି ଦୁଇକଡ଼େ ଦୁଇଧାର ଲାଳ ବୋହି ପଡୁଥିଲା ।

ବୁଢ଼ୀ ପଚାରିଲା ''ଖଣ୍ଡେ ବିସ୍‌କୁଟ୍ ଆଣି ପାରିଲୁ ନାହିଁ, ପୁଅ; ପାଟିକୁ ଭଲ ସୁଆଦିଆ ଲାଗୁଥିଲା !''

ସେ କହିଲା ''ଆଉ ବିସ୍‌କୁଟ୍ ! ବିସ୍‌କୁଟ୍ ପାଇଁ ରହିଥିଲେ ପ୍ରାଣଟା ଆଉ ନ ଥାନ୍ତା । ଶଳେ ଯେମିତି ହେଉଛନ୍ତି, ମଣିଷମାଉଁସ ଖାଇଯିବେ ।''

ବୁଢ଼ୀ ପାକୁଆ ପାଟିରେ ସୋଲାଭଜା ଚାକୁଳେଇ ଚାକୁଳେଇ, ସେହି ଅଦୃଶ୍ୟ ଶତ୍ରୁମାନଙ୍କ ଉଦ୍ଦେଶ୍ୟରେ ଅଭିଶାପ ବର୍ଷଣ କରି, ଥରାଥରା କଣ୍ଠରେ ଚିତ୍କାର କରି ଉଠିଲା ''ଏ ବାଡ଼ିପୋଡ଼ା, ଅଳପେଇସିଆ କ'ଣ ହେଉଛନ୍ତି ଲୋ ମା । ଯେତେ ଯୁଆଡୁ ଆସୁଛି, ସବୁ ଝାମ୍ପି ନେଉଛନ୍ତି ।''

ବୁଢ଼ୀକୁ ଆଶ୍ୱାସନା ଦେଲାପରି କଣ୍ଠରେ ସେ କହିଲା '' ଥାଉ ଆଉ ପାଟି କରନାହିଁ । ମୁଁ ଆଉ ଦିନେ ଆସିଲେ ତୋ ପାଇଁ ବିସ୍କୁଟ୍ ଆଣିଦେବି । ତୋ ନାତିଟୋକା କାହିଁ ?''

ବୁଢ଼ୀର ହଠାତ୍ ନାତି କଥା ମନେ ପଡ଼ିଗଲା । ବୁଢ଼ୀ ଅନୁନାସିକ ସ୍ୱରରେ କହିଲା ''ସେ ଅଳପେଇସିଆ ସକାଳୁ କୁଆଡ଼େ ଯାଇଛି କେଜାଣି ।''

ତା'ପରେ ବିଜିବିଜେଇଲା ପରି କଣ୍ଠରେ ବୁଢ଼ୀ ନାତି ଉଦ୍ଦେଶ୍ୟରେ ଚିତ୍କାର କରି ଉଠିଲା, '' ଅର୍ଜୁନାରେ - ଏ ବାଡ଼ିପୋଡ଼ା ଅଳପେଇସିଆ ଅର୍ଜୁନା... ।''

Digitized by srujanika@gmail.com

ଫିକା ଧୂସର ରଙ୍ଗର ଆକାଶରେ ସନ୍ଧ୍ୟାର ପ୍ରଥମ ତାରା ଦପ୍ ଦପ୍ ହୋଇ ଜଳିଉଠିଥିଲା... ଯେପରି ଅନ୍ଧକାରର ଉର୍ଦ୍ଧ୍ୱରେ ଆଲୋକର ତୁଚ୍ଛତାର ଉର୍ଦ୍ଧ୍ୱରେ ନିତ୍ୟତାର ଓ ମହାକ୍ଷୁଧାର ଉର୍ଦ୍ଧ୍ୱରେ ମହାମାନବତାର ବିଜୟବାର୍ତ୍ତା ଉତ୍କୀର୍ଣ୍ଣ କରି ।

ଆଉ ଥରେ ତାଙ୍କର ସାମନାସାମନି ହେବାପାଇଁ ମୋର ନୈତିକ ସାହସ ନ ଥିଲା । ଆମେ ଆଗକୁ ନ ଯାଇ ସେଠାରୁ ପଛକୁ ଫେରି ଆସିଲୁ । ସେ ଆଜି ଫେରିବେ କି ନାହିଁ କେଜାଣି? ବନ୍ଧ ଉପରେ ଘାସ ଦେହରେ ଦେହ ଢାଳି ଉପରର ଆକାଶକୁ ଚାହିଁ ସେ କ୍ଲାନ୍ତି ଅପନୋଦନ କରୁଥିଲେ । ଆସନ୍ନ ସନ୍ଧ୍ୟାର କ୍ରମଘନୀଭୂତ ଅନ୍ଧକାର ମଧ୍ୟରେ ସେ ଧୀରେ ଧୀରେ ନିସ୍ପନ୍ଦ ହୋଇ ଯାଉଥିଲେ ।

Digitized by srujanika@gmail.com

ଓଃ ! କାଲକାଟା !!

"...We need set about complete destruction, but not in word : in deeds. Everything you have borrowed from others will go up in smoke. What remains will be essential to you. Do you agree ?"

Jean - Paul Sartre *(Troubled Sleep)*

- 'ଗୁରୁ ! ଟପ୍ ! ଇଟୁ ଏକାଥରେ - !'

ରାସ୍ତା କଡ଼ର ନିରୋଳା ରେସ୍ତୁରାଁ ଭିତରେ ବସିଥିବା ସେଇ ତିନି ଜଣଙ୍କ ମଧ୍ୟରୁ ଗାଲମୁଚା କଇଁଚା ଯାହାର ସବୁଠାରୁ ଲମ୍ବା, ଅଳ୍ପ ପୂର୍ବେ କଲେଜ ଆଡ଼େ ଏକାକିନୀ ଯାଉଥିବା ସେଇ ଝିଅଟି ଆଡ଼େ ଚାହିଁ, ସେ ଚିତ୍କାର କରି ଉଠିଥିଲା, ପାତାଳପୁରୀର ସାନ୍ଧ୍ୟ ଭାଷାରେ... 'ଗୁରୁ ! ଟପ୍ ! ଇଟୁ ଏକାଥରେ !'

ରେସ୍ତୁରାଁ ଆଡ଼େ ଶଙ୍କିତ ଦୃଷ୍ଟିରେ ଚାହିଁ, ଝିଅଟି ପାଦର ଗତି ଚଞ୍ଚଳ କରି ଦେଇଥିଲା ।

ମସ୍ତାନ୍ ଏମାନେ ! ଏମାନଙ୍କ ସମ୍ପର୍କରେ ଅନେକ ଭୟଙ୍କର କଥା ସେଇ ଝିଅଟି ଶୁଣିଛି, ଖବର କାଗଜରେ ମଧ୍ୟ ପଢ଼ିଛି । ଖବର କାଗଜରେ ଆଜିକାଲି ଏଇସବୁ ତ ସମ୍ବାଦ ! ଏକମାତ୍ର ସମ୍ବାଦ !

ହାତକଟା ବ୍ଲାଉଜ ଭିତରୁ ଦୁଇଟା ଅନାବୃତ ବାହୁ, ନାଭିଠାରୁ ସ୍ତନମୂଳ ପର୍ଯ୍ୟନ୍ତ ଅରାଏ ଉଲୁଙ୍ଗ ଦେହ, ପ୍ରବଳ ଉତ୍ତେଜନାରେ ସୁକାନ୍ତର ସ୍ତୀମିତ ସ୍ନାୟୁକେନ୍ଦ୍ରଗୁଡ଼ାକ ଚମକାଇ ଦେଇଥିଲା । ଜୀବନର ଛନ୍ଦ ଆଜି ଏପରି ସ୍ତୀମିତ, ତାକୁ ତାଉ ଦେଇ ଉଠାଇବା ପାଇଁ ହେଲେ ଦରକାର ସେକ୍ସ ଆଉ ବିପ୍ଳବ !! କିନ୍ତୁ ଏ ରିଆକ୍ସନାରୀ, କ୍ଲାସ୍ - ଏନିମିର୍ ଦଳ, ଏ ଦୁଇଟାଯାକ ପ୍ରତି ଆଜି ଖଡ୍‌ଗହସ୍ତ ।

ଝିଅଟି ଉଦ୍ଦେଶ୍ୟରେ ସୁକାନ୍ତ ଗୋଟାଏ ତାତ୍ପର୍ଯ୍ୟପୂର୍ଣ୍ଣ ହୁଇସିଲ୍ ଦେଲା । ଏପରି ହୁଇସିଲ୍‌କୁ ଗୁରୁ କହେ ଢଙ୍ଗଲରେ ଜାନୁଆର୍‌ମାନଙ୍କର 'ମେଟିଙ୍ଗ କଲ୍' । କିନ୍ତୁ ମଣିଷ ଆଉ ଜାନୁଆର୍ ମାନଙ୍କ ଭିତରେ ଆଜି ତଫାତ୍‌ଟା ବା କେତେ ? ସବୁ ମହାନଗରୀ ତ ଆଜି ଆଦିମ ମହାରଣ୍ୟ !

ଗୁରୁ ଦୁଇ ଆଖିରେ କଳା ଗଗଲ୍‌ସ ଆଣ୍ଟି ଗୋଟାଏ ଛୁରୀରେ ନଖ କାଟୁଥିଲା ଗମ୍ଭୀର ଭାବରେ । ଏଇ ନିଶ୍ଚୟ ଗୋଟାଏ ଝଡ଼ର ପୂର୍ବ ସୂଚନା ! ଗୁରୁ ଛୁରୀଟାକୁ ବନ୍ଦ କରି ପକେଟ ଭିତରେ ରଖି ସାମନା ରାସ୍ତା ଆଡ଼େ ଚାହିଁଲା । ହୁଏତ ନ ଚାହିଁ ବି ପାରିଥାଏ । ଗଗଲ୍‌ସ ଭିତରୁ ଗୁରୁ କେତେବେଳେ କୁଆଡ଼େ ଯେ ଚାହେଁ, ଯିଏ ଗୋଟିଏ ମିଷ୍ଟ୍ରି । ରାସ୍ତା ସେପଟେ ପୋଷ୍ଟର ଓ ସ୍ଲୋଗାନ ମୁଖରିତ ପାଚେରି କଡ଼ରେ ଗୋଟାଏ ଧୂଳିବିବର୍ଣ୍ଣ ଗଛ ମୂଳେ, ଡଷ୍ଟବିନ ଦେହରେ

Digitized by srujanika@gmail.com

ଚୂଆ ଲଗାଯାଇଥିବା ଗୋଟାଏ ପୋଷ୍ଟର ଘୋଷଣା କରୁଥିଲା... 'ଦେଶ ଗୌରବ କଲେଜ ହଲ୍‌ରେ ସାଂସ୍କୃତିକ ଉତ୍ସବ । କେତେଟା କୁଆ ସେଇ ଡଷ୍ଟବିନ୍ ଭିତରୁ ଖୁମ୍ପା ଖୁମ୍ପି କରି ଉଚ୍ଛିଷ୍ଟ ସନ୍ଧାନ କରୁଥିଲେ । ଗୋଟିଏ ମାଟିଆ ଚିଲ ଡଷ୍ଟବିନ୍ ଉପରକୁ ଉଡ଼ି ଆସିବାରୁ କୁଆଗୁଡ଼ା ଗଛ ଡାଳ ଉପରକୁ ଉଡ଼ିଗଲେ । ବସ୍ତିର ଗୋଟାଏ ବୁଲା କୁକୁର କୁଆଡୁ ଶୁଙ୍ଘି ଶୁଙ୍ଘି ଆସି ସେଇ ଡଷ୍ଟବିନ୍ ଉପରକୁ ପଛ ଗୋଡ଼ ଟେକି ପରିସ୍ରା କରିଦେଲା ।

ଭବତୋଷ ଦାସର କାଣ୍ଡ ଏଇଟା; କଲେଜ ୟୁନିଅନ୍‌ର ନିର୍ବାଚନରେ କିସ୍ତିମାତ୍ ପାଇଁ । ସାମାନ୍ୟ ଭାଷଣ ପରେ ସଂସ୍କୃତି... ଅର୍ଥାତ୍ ନୃତ୍ୟ ଓ ସଙ୍ଗୀତର ସୁପ୍ରଚୁର ବ୍ୟବସ୍ଥା । ପପ୍ ସଙ୍ଗୀତ ଆଉ ଟୁଇଷ୍ଟ । ମନ୍ତ୍ରୀ ଆସିବେ ଉଦ୍‌ବୋଧନ ଦେବା ପାଇଁ । ଗୁରୁ ଦାଢ଼ରେ ଦାନ୍ତ ଚିପି କଡ଼ମଡ଼ କରି ଉଠିଲା, '...ରିଆକ୍‌ସନାରୀ ! ଏଷ୍ଟାବ୍ଲିସମେଣ୍ଟର କୁତ୍ତା !'

ଗୁରୁ ସ୍ୱଗତୋକ୍ତି କରିବା ପରି ମନକୁ ମନ କହିଲା... 'ଆ... କେତେ ନିଶ୍ଚିନ୍ତ ନିରୁଦ୍‌ବିଗ୍ନ ଏମାନେ ! ଭୂମିକମ୍ପର କେନ୍ଦ୍ରବିନ୍ଦୁ ଉପରେ ବସି ସୁଦ୍ଧା ପପ୍ ଆଉ ଟୁଇଷ୍ଟ ପାଇଁ ଏମାନଙ୍କର ସମୟର ଅଭାବ ନାହିଁ !'

ଗୁରୁ ଅକାରଣରେ ପକେଟରୁ ପୁଣି ଛୁରୀଟାକୁ କାଢ଼ି ଆଣିଲା । ଗୁରୁ ନିଶ୍ଚୟ ଗୋଟିଏ ଚୂଆ ପ୍ଲାନରେ ଅଛି ।

ସ୍ଥାନ - ସହରର ଗୋଟାଏ ଅନ୍ଧଗଳି । ରେସ୍ତୁରାଁର ନାମ 'ସୁଜଳା' । ଏହାର କଫି ଆଉ ଚା' ସେଥିପାଇଁ ବୋଧହୁଏ ପାଣିତିଆ । ଗଳିଟା ଯେଉଁଠି ବଡ଼ ରାସ୍ତାରେ ମିଶିଛି, ସେଠି ଦେଶଗୌରବ କଲେଜ । କଲେଜ ୟୁନିଅନ୍‌ରୁ ଏଥର ଭବତୋଷକୁ ହଟାଇବା ପାଇଁ ପଡ଼ିବ ନିଶ୍ଚୟ ! ବାଇ ହୁକ୍ ଅର୍ ବୁକ୍ । ଗୁରୁ ଆଖିରୁ କଳା ଗଗଲ୍‌ସଟା କାଢ଼ି ଚା'ର ସାମ୍ରାଜ୍ୟ, ସୁଜଳା ରେସ୍ତୁରାଁ ଭିତରେ ଚାରିଆଡ଼କୁ ଚାହିଁଲା । ଗୁରୁ ଗଗଲ୍‌ସ ପିନ୍ଧିଲେ ସିନା ଏପରି ମିଷ୍ଟରିଅସ ଦିଶେ, ନୋହିଲେ ଚା'ର ଆକ୍ଷି ଦୁଇଟା ବାସ୍ତବିକ୍ ବଡ଼ କରୁଣ ।

ଏଇ ସୁଜଳା ରେସ୍ତୁରାଁ ସେମାନଙ୍କର 'ପିପୁଇସ୍ ରିପବ୍ଲିକ୍ ।' କଲେଜକୁ ଛାତ୍ରୀମାନଙ୍କର ଯିବା ଆସିବା ବେଳର ପଟୁଆର, ସେମାନେ ଏଇଠାରେ ବସି ଲକ୍ଷ୍ୟ କରନ୍ତି, ଟିପ୍‌ପଣୀ କାଟନ୍ତି, ଅଶ୍ଳୀଳ ଇଙ୍ଗିତ ଦିଅନ୍ତି... ତା'ରି ଭିତରେ ମଧ୍ୟ ଆଲୋଚନା କରନ୍ତି, ରିଭଲ୍ୟୁସନ, କାଉଣ୍ଟର ରିଭଲ୍ୟୁସନ, ଲେଫ୍‌ଟ ରିଭିଜନିଜମ୍, ଚି-ଗୁଭେରା ଆଉ ଭିଏତନାମ୍ !

ଏକ ମୃତ୍ୟୁମୁଖୀ ମହାନଗରୀର ଶେଷ ଅଣଆଶ ଏମାନେ ! ସେଥିପାଇଁ ବୋଧହୁଏ ଅପ୍ରତିରୋଧ । ନିଷ୍ଠୁର ! ଭୟଙ୍କର । ଅନୁଶାସନମୁକ୍ତ ସମାଜର ବଲ୍‌ଗାମୁକ୍ତ ଅଶ୍ୱ । କର୍ତ୍ତବ୍ୟ, ଅକର୍ତ୍ତବ୍ୟର ବନ୍ଧନ ଛିଣ୍ଡିଛି । କର୍ମ ଅପକର୍ମର ନିୟନ୍ତ୍ରଣ ନାହିଁ । ନୀତିବାଗୀଶମାନଙ୍କର ଶଠତା ବିରୁଦ୍ଧରେ ବିଦ୍ରୋହର ପତାକା ଉଡ଼ାଇ ଏମାନେ ଚାଲିଛନ୍ତି ନୂତନ ନୀତିବାଦର ଆଲୋକିତ ନବଦିଗନ୍ତ ପଥରେ ନୁହେଁ; କିନ୍ତୁ ପୁରାତନ ନୀତିହୀନତାର ସେଇ ଅନ୍ଧ ଗଳି ଆଡ଼େ ।

ଗୁରୁ ଦଳରେ ଏବେ କଞ୍ଚାବୟସର ସେଇ ଚୂଆ ଜଣକ ମିଶିଥିଲା, ସୁକାନ୍ତର ସାନ୍ଧ୍ୟଭାଷା

Digitized by srujanika@gmail.com

ସହିତ ସେ ଥିଲା ଅପରିଚିତ । ନିରୀହ କଣ୍ଠରେ ସେ ପଚାରିଲା ...'ଲଟ୍ଟୁ କି ବସ୍ତୁ?' ଡବଲ ରୋଟିର ଅର୍ଥ ସେଦିନ ତ ସେ ଅନେକ ବିଳମ୍ବରେ ବୁଝିଥିଲା - ହାତବୋମ୍ବା !

ଗୁରୁ ଆଜ୍ଞବ୍ ଏ ଇଚକ୍‌କୁ (ଇଚକୀ କମରିଆଁ ପରି ଯିଏ ସୁକୁମାର, ମାନେ ଡେଲିକେଟ୍ ଝିଅ, ପରୀ ! ଏଇ ପାତାଳପୁରୀର ପରିଭାଷାରେ) କୁଆଡୁ ଆଣି ଜୁଟେଇଛି କେଜାଣି ? ଅପଦାର୍ଥ ଏଟା ! ସେ ଦିନ ଅସଇ ବଖତରେ; ଗୁରୁ କହିଲା ଦୁଇଟା ଡବଲ ରୋଟି ଆଣିବା ପାଇଁ । ଏ ମୂର୍ଖ ସତକୁ ସତ ପାଉଁରୁଟି ଦୋକାନରୁ ନେଇ ଆସିଲା, ଦୁଇଟା ପାଉଁରୁଟି !

ଭବତୋଷର ଦଢ ସହିତ ଇଢ଼େଇଟା ସେତେବେଳେ ଘମାଘୋଟ ବାନ୍ଧି ଆସୁଥିଲା, ପାର୍କ ବାଟ ଦେଇ ସେଇ ପଟୁଆରଟା ଯିବାବେଳେ । ଭବତୋଷର ଗ୍ୟାଙ୍ଗ୍ ଫିଙ୍ଗୁଥିଲେ ସୋଡ଼ା ବୋତଲ । ତା'ର ବଦ୍‌ଲା ନେବା ପାଇଁ ଗୁରୁର ସେତେବେଳେ ଦରକାର ଥିଲା ଡବଲ ରୋଟି ! ସେତିକିବେଳେ ଏ ଇଚକ୍ ଆସି ପହଞ୍ଚିଗଲା ସତକୁ ସତ ଦୁଇଟା ପାଉଁରୁଟି ଧରି !

ଗୁରୁ ସେତେବେଳେ ରାଗରେ ଇଚକ୍‌କୁ ଖୁନ କରେ କି ନ କରେ । ଗୁରୁ ଏଥର ଛୁରୀଟା ନିଶ୍ଚୟ ଭୁଷିଦେବ ଲଚକ୍‌ର ତଳିପେଟରେ । ସେଥର ସିନା ଗୁରୁ ଛାଡ଼ିଦେଇଥିଲେ, ଦୟାରେ । (ନା ମାୟାରେ ?) ଗୁରୁ କିନ୍ତୁ ଆଜି ନିଷ୍କରୁଣ । ଗୁରୁର ମସ୍ତାନ ଜୀବନରେ ଆଉ କେବେ ଏପରି ଦୟନୀୟ ପରାଜୟ ଘଟି ନ ଥିଲା । ଗୁରୁ ବାଁ ହାତ ପାପୁଲିରେ କପାଳରୁ ରକ୍ତ ପୋଛି, ସେଇ ପାଉଁରୁଟି ଓ ଇଚକ୍‌ର ନିର୍ବୋଧ ଆଖି ଦୁଇଟା ଭିତରକୁ ଚାହିଁ ଚିତ୍କାର କରି ଉଠିଲା... ଇଡ଼ିୟଟ ! ଗୁରୁ କିନ୍ତୁ ଇଚ୍‌କର ତଳି ପେଟରେ ଛୁରୀ ଭୁଷିଦେଇ ନାହିଁ । ତାର ଓଠରେ ଫୁଟିଉଠିଲା ଗୋଟିଏ ବିଷଣ୍ଣ ମଳିନ ହସ ! ବଦଲା ନେବାର ଗୋଟାଏ ଭୟଙ୍କର ନିଷ୍ଠୁର ମୁହୂର୍ତ୍ତରେ ଗୁରୁ ସେପରି ହସିବାର ଅର୍ଥ ସୁକାନ୍ତ କିନ୍ତୁ ଆଦୌ ବୁଝିପାରି ନଥିଲା । ସେଇଟା କ'ଣ ହସିବାର ବେଳ ? ପୁଣି ଇଚକ୍‌ର ଏପରି ନିର୍ବୋଧତାରେ ? ...ସୁକାନ୍ତ ଆଜି ପର୍ଯ୍ୟନ୍ତ ସୁଦ୍ଧା ବୁଝିପାରିଲା ନାହିଁ ସେଇ ହସର ଅର୍ଥ । ଗୁରୁ ସବୁବେଳେ ଏଇପରି ମିଷ୍ଟିରିଅସ !!!

ସେଇଦିନୁ କିନ୍ତୁ ଗୁରୁ ଗୋଷ୍ଠୀର ପରିଭାଷା ସହିତ ପରିଚିତ ହେବା ପାଇଁ ଇଚକ୍‌ର ଉଦ୍ୟମର ଅନ୍ତ ନ ଥିଲା । ସେଇ ଏବେ ପଚାରୁଥିଲା... ଇଟ୍ଟୁ କ'ଣ ? କି ବସ୍ତୁ ?

ସୁକାନ୍ତ ଉତ୍ତର ଦେଇଲା... 'ଚାମ୍ଭରସ୍ ଦେଖିବେ ଇଡ଼ିଅଟ୍ ! ହ୍ୟାପଃ ! ଲଟ୍ଟୁ ମାନେ ଟପ୍ ! ଦେଖିକୁ ନାଇଁ କିପରି ହାଇହିଲ୍ ଉପରେ, ଇଟ୍ଟୁ ପରି ଘୂରାଇ ଘୂରାଇ ନିତମ୍ବ ନଚାଇ ନଚାଇ ଚାଲିଗଲା ସେ ! କୁଆଡୁ ଯୋଗାଡ଼ କଲ ଏଇ ଛଙ୍ଗଲୀକୁ ଗୁରୁ ? କିନ୍ତୁ ଆମ ଡିଭିଜନରେ ଏକାଥରେ ଅଚଳ । ଆକୁ ଦରକାର ଫଉଜୀଖୁସ୍ ହାଲୁଆ !'

ଗୁରୁ ସେତେବେଳେ ଡଷ୍‌ବିନ ଦେହରେ ସେଇ ପୋଷ୍ଟରକୁ ଚାହିଁ ମନେ ମନେ ଖସଡ଼ା କରୁଥିଲା, ଦେଶଗୌରବ କଲେଜ ହଲ୍‌ର ସାଂସ୍କୃତିକ ଉତ୍ସବରେ ଦକ୍ଷଯଜ୍ଞ ଭଙ୍ଗର ଯୋଜନା । ସଂସ୍କୃତି ନାମରେ ପ୍ରତି ବିପ୍ଳବର ଏଇ ସବୁ ଆୟୋଜନ ପ୍ରତି ଗୁରୁ ଅହେତୁକ କ୍ରୋଧ । ସହଜେ ପୁଣି ଭବତୋଷର ଗ୍ୟାଙ୍ଗ ଏହାର ଉଦ୍ଯୋକ୍ତା । ଇଲେକ୍‌ଟ୍ରିକ୍ ଫିଉଜ ଉଡ଼ାଇ ଗୋଟାଏ ଦୁଇଟା

Digitized by srujanika@gmail.com

ଡବଲରୋଟି ଛାଡ଼ିଦେଲେ ସଂସ୍କୃତି ଖତମ !!! ସଂସ୍କୃତି ନାମରେ ଯେଉଁମାନେ ଶତଜିହ୍ୱ - ଗୁରୁ ଜାଣେ ତାହାକୁ ରକ୍ଷା କରିବା ପାଇଁ ସେମାନଙ୍କର କଲିଜା କେତେ ! ଏସବୁ ହୁଜୁଡ଼ରେ ଅବଶ୍ୟ କୌଣସି ଯୁକ୍ତି ନାହିଁ । କାର୍ଯ୍ୟକାରଣର ସମ୍ପର୍କ ନାହିଁ । ତଥାପି ଏଇ ହିଂସ୍ରତା ଆଉ ଧ୍ୱଂସ ମଧ୍ୟରେ ଅଛି ଯେପରି ଆଜିର ଶୂନ୍ୟଗର୍ଭ, ବ୍ୟର୍ଥ, ବଞ୍ଚିତ ଜୀବନରେ ବଞ୍ଚିବାର ଏକମାତ୍ର ଚରିତାର୍ଥତା । ନୋହିଲେ ସମସ୍ତେ ତ ଆଜି ଏଷ୍ଟାବ୍ଲିସ୍‌ମେଣ୍ଟର ଚେନ୍ ବନ୍ଧା କୁକୁର ! ଚେନ୍‌ରେ ବନ୍ଧା ରହି ଖୁବ୍ ଭୁକ୍ ଭୁକ୍ କରପାରନ୍ତି ସେମାନେ, ସେଇ ଟେବୁଲ ଉପରୁ ଆଉରି ରୁଟି ଟୁକୁରା, ଆଉରି ଅଇଁଠା ହାଡ଼ ପାଇଁ ! କିନ୍ତୁ ଚେନ୍ ଛିଣ୍ଡାଇବା ପାଇଁ ସେମାନେ କେହି ପ୍ରସ୍ତୁତ ନୁହନ୍ତି । ଚେନ୍ ଏକାଥରେ ଛିଡ଼ାଇ ଦେଲେ ଏଷ୍ଟାବ୍ଲିସ୍‌ମେଣ୍ଟର ଟେବୁଲ ଉପରୁ ସେଇ ରୁଟି ଟୁକୁରା ସୁଦ୍ଧା ମିଳିବ ନାହିଁ ଯେ । ଅଥଚ ବିପ୍ଳବ ନାମରେ ସେମାନଙ୍କର କେତେ ଅନର୍ଗଳ ଭାଷଣ ! କେତେ ଜ୍ୱାଳାମୟୀ କବିତା ! ଭବତୋଷ ପୁଣି ଗୋଟାଏ ପୋଏଟ୍ ! ଶାଲା, ଅଲ ପୋଏଟ୍ରୀ ଆଜି ଡବଲରୋଟି ।

ଗୁରୁର ଏ ସବୁ ତାତ୍ତ୍ୱିକ ଚିନ୍ତାରେ ସୁକାନ୍ତର ପ୍ରଗଳ୍ଭତା ବାଧା ସୃଷ୍ଟି କରୁଥିଲା । ସେ ଚିତ୍କାର କରି ଉଠିଲା.. ମାଫି ମାଗ୍ ତାକୁ ସୁଟ୍‌କା ! ନୋହିଲେ ଏକା ଲାଥିରେ ତୋ ସିଟ୍ ଢିଲା କରିଦେବି ! ସେ କ'ଣ ତୋ ପରି ପରୀକ୍ଷାରେ କପି କରି କରି ରଷ୍ଟିକେଟେଡ୍ ହୋଇଥିବା ଆଣ୍ଠି - ସୋସିଆଲ ତାଲିକାରେ ଦାଗୀ, ଖୁନୀ ? ବିଶ୍ୱବିଦ୍ୟାଳୟର ଗୋଟାଏ ଦୁଇଟା ଡିଗ୍ରୀ, ଏବେ ବି ସେ ସାଇତି ରଖିଥିବ; ଏଷ୍ଟାବ୍ଲିସ୍‌ମେଣ୍ଟ ଭିତରକୁ ତା'ର ପ୍ରବେଶପତ୍ର ପରି । କିନ୍ତୁ ବନ୍ଧୁ ! ହାଉସ୍ ଫୁଲ୍ । ନୋ ଭେକାନ୍‌ସୀ । ନୋ ଆଡ଼୍‌ମିସନ୍ ।

ଗୁରୁ ଅଟ୍ଟହାସ କରି ଉଠିଲା, ନିଜର ରସିକତାରେ ।

ଗୁରୁର ରକ୍ତଚକ୍ଷୁ ଆଡ଼େ ଚାହିଁ ସୁକାନ୍ତ ନିଷ୍ପ୍ରଭ କଣ୍ଠରେ ଲଚ୍‌କୁ କହିଲା... 'ଏକ୍‌ସକ୍ୟୁଜ୍ ! ପ୍ଲିଜ୍ !'

ଗୁରୁ ମିଥ୍ୟା କହିନାହିଁ । ଲଚକ୍ ଥିଲା ବିଶ୍ୱବିଦ୍ୟାଳୟର କୃତି ଛାତ୍ର । ତା'ର ମଧ୍ୟ ଏକଦା ଗୋଟାଏ ସାଧୁ ନାମ ଥିଲା, ଶୁଭେନ୍ଦୁ । ପରୀକ୍ଷାରେ ସେ କେବେ କପି କରି ନଥିଲା । ସେ ସ୍ୱପ୍ନ ଦେଖିଥିଲା ଶୁଚିସ୍ନାତ ଜୀବନର ! ଆଦର୍ଶ ଉପରେ ତା'ର ଥିଲା ପ୍ରଗାଢ଼ ବିଶ୍ୱାସ ! ସେ ମଧ୍ୟ ଥିଲା ଆଶାବାଦୀ; କିନ୍ତୁ ବିଶ୍ୱବିଦ୍ୟାଳୟ ବାହାରେ ଏକ ନିଷ୍ଠୁର ପୃଥିବୀ ହାଇ ମାରୁଥିଲା... ଏମ୍ପଲୟମେଣ୍ଟ ଏକ୍‌ସଚେଞ୍ଜର କ୍ୟୁ - ଇଣ୍ଟରଭ୍ୟୁ - ନୋ - ଭେକାନ୍‌ସୀ - କ୍ୟୁ - ଇଣ୍ଟରଭ୍ୟୁ - ନୋ ଭେକାନ୍‌ସୀ - କ୍ୟୁ - ଇଣ୍ଟରଭ୍ୟୁ - କ୍ୟୁ - ନୋ - ଭେକାନ୍‌ସୀ - ନୋ ! ନୋ - ଗେଟଆଉଟ୍ !

ଏଇ ନିଷ୍ଠୁର ପୃଥିବୀ ଭିତରୁ ଘରୁ ଭିତରକୁ ଆସିଲେ, ଆଦିମ ପ୍ରାଗୈତିହାସିକ ଗହ୍ୱର ପରି ଦୁଇଟା ଅଳହୁଉରା କୋଠରି ଭିତରେ ମଧ୍ୟ ନୋ ଭେକାନ୍‌ସୀ । ସେଥିମଧ୍ୟରୁ ଗୋଟିଏ କୋଠରିରେ ଆଢମାରୋଗୀ ବାପ; ଯିଏ ଦିନରେ ଅଫିସ କରେ, ଆଉ ରାତିରେ ଧଇଁ ପେଲେ... ରାତିସାରା ଦୁଇଟା କ୍ଲାନ୍ତ ମୃତ୍ୟୁଭୀତ ଆଖି ମେଲି, ବିଛଣା ଉପରେ ବସିରହେ, ପିଞ୍ଜରା ଭିତରେ ଅଟକି ପଡ଼ିଥିବା ବନ୍ୟଜନ୍ତୁ ପରି ! ଶୁଭେନ୍ଦୁର ବୋଉ ସେଇ କୋଠରିରେ ତଳେ ଶୋଇ ପଡ଼ନ୍ତି;

Digitized by srujanika@gmail.com

ବିଛଣାର ପ୍ରୟୋଜନ ନ ଥାଏ । ଅନ୍ୟ କୋଠରିରେ ଶୁଭେନ୍ଦୁ ଆଉ ତା'ର ଦୁଇ ଅବିବାହିତା ଭଉଣୀ । ଚଟାଣ ଉପରେ ଲଗାଇଗି ବିଛଣା ପକାଇବା ପାଇଁ ସୁଦ୍ଧା ସ୍ଥାନାଭାବ । ଶୁଭେନ୍ଦୁ ତେଣୁ ରାତି କଟାଏ, ବାହାରେ ବାହାରେ । ଶୁଭେନ୍ଦୁର ବାପ ସତର୍କ ଶିକାରୀ ପରି ରାତି ପାହାନ୍ତା ପାହାନ୍ତାକୁ ଶୁଭେନ୍ଦୁର ଆସିବା ସମୟଟା ଉପରେ ଲକ୍ଷ୍ୟ ରଖିଥାନ୍ତି; ଆଉ ଧଇଁପେଇାର ବିରତି ମଧ୍ୟରେ ଅବଶୋଷ କରନ୍ତି; ଶୁଭେନ୍ଦୁଟା ନଷ୍ଟଚରିତ୍ର ହୋଇଗଲା !

ସେଦିନ କୌଣସି ଏକ ଇଣ୍ଟରଭ୍ୟୁ ପରେ, ଇଣ୍ଟରଭ୍ୟୁ କରୁଥିବା କର୍ତ୍ତାଜଣକ ନୋ-ଭେକାନ୍ସୀ ରହସ୍ୟର ସୂତ୍ର ବତାଇ କହିଲେ - 'ବ୍ୟାକିଙ୍ଗ ଦରକାର ! ବ୍ୟାକିଙ୍ଗ ! ବ୍ୟାକିଙ୍ଗ ଅଛି ତମର ?'

- 'ବ୍ୟାକିଙ୍ଗ ! ମାନେ ?' ସେ ପଚାରିଥିଲା ନିର୍ବୋଧ ସରଳତାରେ; ଯେମିତି ଅଳ୍ପ ପୂର୍ବେ ସୁକାନ୍ତକୁ ସେ ପଚାରିଥିଲା, 'ଇଟ୍ଟୁ ପୁଣି କି ବସ୍ତୁ ?'

କର୍ତ୍ତାଜଣକ ଖଣ୍ଡେ ଅଦରକାରୀ କାଗଜ ୱେଷ୍ଟ ପେପର୍ ବାସ୍କେଟ୍ ଭିତରକୁ ଫିଙ୍ଗିଦେବା ପରି ତାଚ୍ଛଲ୍ୟରେ ଉତ୍ତର ଦେଇଥିଲେ, 'ନେତା... ମନ୍ତ୍ରୀ ! ଅଫିସର ! ଏଥି ମଧ୍ୟରୁ କୌଣସିଟି ଅଛି ତମର ?'

ଶୁଭେନ୍ଦୁର ସେଥିମଧ୍ୟରୁ କୌଣସିଟି ସୁଦ୍ଧା ନ ଥିଲା । ସେ ମନକୁ ମନ ଉତ୍ତର ଦେଇଥିଲା...'ବ୍ୟାକ୍‌ଟା ତ ଅଛି ନିଶ୍ଚୟ । କିନ୍ତୁ ବ୍ୟାକିଙ୍ଗ୍ ?'

ବଞ୍ଚିବା କିନ୍ତୁ ବ୍ୟାକିଙ୍ଗ୍‌ର ଅପେକ୍ଷା ରଖେନାହିଁ । ସେଥିପାଇଁ ଟଙ୍କା ଉପାର୍ଜନ କରିବାକୁ ପଡ଼ିବ । ବ୍ୟାକିଙ୍ଗଧର୍ମୀ ସମାଜରେ ଟଙ୍କା ରୋଜଗାରଟା କେଉଁ ବଡ଼ କଥା ? ହିନ୍ଦୀ ସିନେମା ଟିକେଟରେ ବ୍ଲାକ୍‌ମାର୍କେଟିଙ୍ଗ ସେ ଦୃଷ୍ଟିରୁ ମନ୍ଦ ନୁହେଁ । କିନ୍ତୁ ଏଥିପାଇଁ ମଧ୍ୟ ଅନ୍ୟ ବ୍ୟାକିଙ୍ଗ୍‌ର ପ୍ରୟୋଜନ ଥିଲା । ସେ ପର୍ଯ୍ୟନ୍ତ ଶୁଭେନ୍ଦୁ ତାହା ବୁଝି ନଥିଲା ।

ଥରେ ଗୋଟିଏ ସିନେମା ପାଖରେ, ଟିକେଟରେ ବ୍ଲାକ୍ ଚଢାଇଥିବାବେଳେ, ହଠାତ୍ ଦୁଇଜଣ ତାକୁ ପ୍ରାୟ ଶୂନ୍ୟେ ଶୂନ୍ୟେ ଉଠାଇ ନେଇଥିଲେ, ସିନେମା ହଲ୍ ପଛ ଅନ୍ଧାର ଗଳିର ଗୋଟାଏ ରେସ୍ତୁରାଁ ଭିତରକୁ । ସେଇଠାରେ ସେଦିନ ତା'ର ପ୍ରଥମ ସାକ୍ଷାତ ହୋଇଥିଲା ଗୁରୁ ସହିତ । ଗୁରୁ ଟେବୁଲ ଉପରେ ଯୋତାମିଶା ଦୁଇଗୋଡ଼ ଲମ୍ବାଇ, ଖଣ୍ଡେ ଚଉକି ଉପରେ ପଛକୁ ମୁଣ୍ଡ ଟୁଙ୍କାଇ ବସିଥିଲା, ଗୋଟାଏ ରମ୍ ବୋତଲ ସାମ୍ନାରେ ।

ଗୁରୁ ଆଗରେ ସେ ଦୁଇଜଣ ତାକୁ ହାଜର କରାଇବା ମାତ୍ରେ ଗୁରୁ ପକେଟରୁ ଗୋଟାଏ ଧାରୁଆ ଛୁରୀ କାଢ଼ି ଶୁଭେନ୍ଦୁର ଡଙ୍ଗିପେଟରେ ଛୁରୀର ମୁନଟାକୁ ଲଗାଇ ପଚାରିଲା... 'ଏଠି ଏ ମସ୍ତାନୀ କାହିଁକି ? ଏ କାହାର ଏରିଆ ମାଲୁମ୍ ଅଛି ତ ? ଲାଇସେନ୍‌ସ ନେଇଥିଲ ମୋଠାରୁ ? କେଉଁ ଗ୍ୟାଙ୍ଗର ତୁମେ ?'

ଥର ଥର କମ୍ପିତ କଣ୍ଠରେ ଶୁଭେନ୍ଦୁ ଉତ୍ତର ଦେଇଥିଲା... 'ମୁଁ ଏକ ବେକାର । କେଉଁଠି ବ୍ୟାକିଙ୍ଗ୍ ନାହିଁ ମୋର ।'

Digitized by srujanika@gmail.com

ପାଖ ଟେବୁଲରେ ବସି ସୁକାନ୍ତ ଚାହିଁଥିଲା ଶୁଭେନ୍ଦୁ ଆଡ଼େ । ସେ କହିଲା... 'ବ୍ୟାକିଙ୍ଗ୍ ନ ଥାଉ ! ବ୍ୟାକଟା ଅଛି ଠିକ୍ ! ଇଏ ଲଚକ୍ ଅଛି ଗୁରୁ !'

ସେଇଦିନୁ ଶୁଭେନ୍ଦୁର ନାମାନ୍ତର ହେଲା, 'ଲଚକ୍ । ଲଚକ୍ ।'

ଗୁରୁର ଆଖି ଦୁଇଟା ହଠାତ୍ କୋମଳ ବିଷଣ୍ଣ ହୋଇ ଉଠିଲା । ଗମ୍ଭୀର ଭାବରେ ସେ ଛୁରୀଟାକୁ ବନ୍ଦ କରି, ପକେଟ ଭିତରେ ରଖି କହିଲା... 'ଠିକ୍ ଅଛି । ଏଇଥର ଛାଡ଼ିଦେଲି । ଆଉ ଦିନେ ଏ ଏରିଆ କିନ୍ତୁ ଭୁଲରେ ସୁଦ୍ଧା ନ ମାଡ଼ ଯେପରି । ମୁଁ କୌଣସି ଅନପ୍ଲିଜାଣ୍ଟନେସ୍ ଚାହେଁନା ! ଆଇ ଆମ୍. ଏ ମ୍ୟାନ୍ ଅଫ ପିସ୍ !'

ଲଚକ୍ ମଧ୍ୟ କୌଣସି ଅନପ୍ଲିଜାଣ୍ଟନେସ୍ ଚାହୁଁ ନଥିଲା ।

ସେ କହିଲା... 'ମୁଁ ଚାହେଁ କେବଳ ବଞ୍ଚିବା ପାଇଁ ପ୍ଲିଜ୍ !' ଲଚକ୍‌ର ବଞ୍ଚିବା ମରିବା ସେତେବେଳେ ଯେପରି ଗୁରୁ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ସିଗାରେଟ୍ ଧୂଆଁର ଗୋଟିଏ କୁଣ୍ଡଳୀ ଛାଡ଼ି ଗୁରୁ ମନକୁ ମନ ସ୍ୱଗତୋକ୍ତି କରିବା ପରି କହିଲା... 'ଏ ପୃଥିବୀରେ ଆଜି ବଞ୍ଚିବାପାଇଁ ହେଲେ ରିଆକ୍‌ସନାରୀମାନଙ୍କୁ ଖତମ କରିବା ପାଇଁ ପଡ଼ିବ । ପାରିବ ?'

ସେଥିପାଇଁ ଲଚକ୍ ପ୍ରସ୍ତୁତ ! କିନ୍ତୁ ରିଆକ୍‌ସନାରୀ କିଏ ? କେଉଁମାନେ ? ଲଚକ୍‌ର ନିର୍ବୋଧ ପ୍ରଶ୍ନ । ଗୁରୁ ଅସହିଷ୍ଣୁ କଣ୍ଠରେ ଉତ୍ତର ଦେଲା - 'ଯେଉଁମାନେ ଆମର ଶତ୍ରୁ, ଶ୍ରେଣୀ-ଶତ୍ରୁ, ସେମାନେ ।'

ଲଚକ୍ କିନ୍ତୁ ତା' ନିଜର ଅଭିଜ୍ଞତାରୁ ବୁଝିଛି, ଶ୍ରେଣୀ ଓ ଶ୍ରେଣୀଶତ୍ରୁ ଗୋଟାଏ ସ୍ଲୋଗାନ୍ । ସେଦିନ ଗୁରୁର ସେଇ ଦରବାରରେ ସେ ନିଜେ ସୁଦ୍ଧା ଘୋଷିତ ହୋଇଥିଲା ଶ୍ରେଣୀଶତ୍ରୁ ରୂପେ... ଯେଉଁଦିନ ଗୁରୁର ଏରିଆ ଭିତରେ ସିନେମା ଟିକେଟ୍‌ରେ ବ୍ଲାକ ଚଳାଇ ସେ ହଠାତ୍ ଧରା ପଡ଼ିଥିଲା ।

ଫାଶିଦଣ୍ଡ ଘୋଷଣା କରିବା ପରି ଗମ୍ଭୀର କଣ୍ଠରେ ତଷ୍ଟବିନ୍ ଦେହର ପୋଷ୍ଟର ଆଡ଼େ ଚାହିଁ ଗୁରୁ ବିସ୍ଫୋରଣ କରି ଉଠିଲା... 'ଶାଲା ଭବତୋଷ୍, ପହିଲା ନମ୍ବର କ୍ଲାସ ଏନିମୀ !'

ଭବତୋଷ ପ୍ରତି ଗୁରୁ ଇମ୍ପ୍ରେସନ୍‌ଟା ଯେ ଏତେ ଖରାପ, ସେ ସମ୍ପର୍କରେ ସୁକାନ୍ତର ବୋଧହୁଏ କୌଣସି ଧାରଣା ନଥିଲା । ଭବତୋଷ ତ ଏଇ ସେଦିନ ପର୍ଯ୍ୟନ୍ତ ଥିଲା; ସୁକାନ୍ତ ଗୋଷ୍ଠୀ ଛାତ୍ରମାନଙ୍କର ନେତା ! ଦେଶଗୌରବ କଲେଜରେ ଛାତ୍ର ରୂପେ ସେ ନେଇଛି ଯେପରି ଚିରସ୍ଥାୟୀ ପଟା । ସୁକାନ୍ତ ପ୍ରଥମ ବାର୍ଷିକ ଶ୍ରେଣୀରେ ଭର୍ତ୍ତି ହେବାବେଳକୁ ଭବତୋଷ ଥିଲା ପଞ୍ଚମ ବାର୍ଷିକ ଶ୍ରେଣୀର ଛାତ୍ର । ସୁକାନ୍ତ ବି.ଏ ପରୀକ୍ଷାରେ କପି ରଷ୍ଟିକେଟେଡ୍ ହୋଇ ଦଳରେ ଆଜି ସ୍ନାତକୋତ୍ତର ମଷ୍ଟାନ୍ । କିନ୍ତୁ ଭବତୋଷ ତଥାପି ସେଇ ଷଷ୍ଠବାର୍ଷିକ ଶ୍ରେଣୀରେ । ଗୁରୁ ଦିନେ ଏହାର ରହସ୍ୟ ବୁଝାଇ କହିଥିଲା... 'ବୁର୍ଜୋୟା ସମାଜରେ ଏଇ କଲେଜ ସବୁ ଗୋଟାଏ ଗୋଟାଏ ସିଟ୍ ଅପ୍ ପାୱାର । କ୍ଷମତାର ଆସ୍ଥାନ । ତାକୁ ଅଭିଆର୍ କରିବା ପାଇଁ ତେଣୁ ଏତେ ୟୁନିଅନ୍ । ଏତେ ରାଜନୀତି ।' ଭବତୋଷ ସେଥିପାଇଁ ରହିଗଲା ଚିରନ୍ତର ଛାତ୍ର ତାଲିକାରେ ।

Digitized by srujanika@gmail.com

କିନ୍ତୁ ତା ବୋଲି ଭବତୋଷ ଯେ ଗୋଟାଏ କ୍ଲାସ୍ ଏନିମୀ, ଏ ସମ୍ପର୍କରେ ସୁକାନ୍ତର ସନ୍ଦେହ ରହିଥିଲା । ସୁକାନ୍ତ ଗୋଟିଏ ଅସତର୍କ ମୁହୂର୍ତ୍ତରେ କହିଦେଲା... 'ନକ୍‌ସାଇମାନଙ୍କ ସହିତ ଭବାର ସମ୍ପର୍କ ଅଛି ଯେ ! ସେ କ୍ଲାସ ଏନିମୀ ହେବ କିପରି ?'

ଗୁରୁ ପାଗଳ ପରି ଟେବୁଲ ଉପରେ ଗୋଟିଏ ବଜ୍ରମୁଷ୍ଟି ପିଟି କହିଲା... 'ଚୁପ୍‌କର ସୁଟ୍‌କା ! ବୁଡ଼ି ଷଣ୍ଢ ! ମୋର ସନ୍ଦେହ ହେଉଛି, ତୁ ହେନୁଣି ପୋଲିସର ସାଇ, ନୋହିଲେ ସେଇ କ୍ଲାସ୍ ଏନିମୀମାନଙ୍କର ଦଲାଇ ।' ଗୁରୁର ଏ ପ୍ରକାର ବିସ୍ଫୋରଣରେ ସୁକାନ୍ତ ଜୀବନ ଆତଙ୍କରେ ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ଥରିବାକୁ ଲାଗିଲା । ଏଇ ଭବତୋଷ ଆଉ ଗୁରୁ ମଧ୍ୟରେ ଦିନେ ଥିଲା ଅଭେଦ ବନ୍ଧୁତ୍ୱ ! ଦୁହେଁ ଏକାଠି ମିଶି ଅନେକ ଡବଲରୋଟି ପିଜିଇଛନ୍ତି, ପୋଲିସ ଉପରେ, କେତେଟା ଛୋଟକାଟର ଡକାୟତିରେ ମଧ୍ୟ ଦୁହେଁ ଥିଲେ ସମ୍ପୃକ୍ତ । ସେଥିପାଇଁ ସିନା, ଭବତୋଷ ସମ୍ପର୍କରେ ସୁକାନ୍ତ ସଫେଇ ଦେଇଥିଲା, ଭବତୋଷ କ୍ଲାସ୍‌ଏନିମୀ ନୁହେଁ !

ଲଚକ୍ ନିର୍ବୋଧ ଦୃଷ୍ଟିରେ ଥରେ ଗୁରୁ ଆଉ ଥରେ ସୁଟ୍‌କା ଆଡ଼େ ଚାହିଁ ଭାବୁଥିଲା ...ଶ୍ରେଣୀଶତ୍ରୁ ଆଉ ଶ୍ରେଣୀମିତ୍ର ଭିତରେ ତଫାତ୍‌ଟା କେତେ ? ଭବତୋଷକୁ ଲଚକ୍ ମଧ୍ୟ ଜାଣେ ଉଗ୍ରବାମପନ୍ଥୀ ରୂପେ ! ତଥାପି ଆଜି ପ୍ରମର ହିଂସାର ବାରୁଦ ଧୂଆଁ ଭିତରେ ଶ୍ରେଣୀମିତ୍ରକୁ ଶ୍ରେଣୀଶତ୍ରୁ ଅଥବା ଶ୍ରେଣୀଶତ୍ରୁକୁ ଶ୍ରେଣୀମିତ୍ର ରୂପେ ଚିହ୍ନିବାରେ ଭୁଲ୍ ହେବା ଅସମ୍ଭବ ନୁହେଁ ! ଯାହା ହାତରେ ଅଛି ଯେତେ ଧାରୁଆ ଛୁରୀ, ଯେତେ ଶକ୍ତିଶାଳୀ ହାଣ୍ଡଗ୍ରେନେଡ୍ ଅଥବା ପାଇପ୍‌ଗନ୍ ସେଇ ହେଲା ସେତେ ବେଶି ଶ୍ରେଣୀମିତ୍ର । ଯିଏ ତା'ର ବିରୁଦ୍ଧରେ; ତାହାର ସ୍ଥାନ ଶ୍ରେଣୀଶତ୍ରୁମାନଙ୍କର ତାଲିକାରେ । ତେବେ ଭବତୋଷ ନଳୀପ୍ୟାଣ୍ଟର ଚଉଡ଼ା ବେଲ୍‌ଟା ତଳେ ତ ସବୁବେଳେ ରଖିଥାଏ ଗୋଟାଏ ଲମ୍ବା ଧାରୁଆ ଛୁରୀ ! ସେ ତାହେଲେ ଶ୍ରେଣୀଶତ୍ରୁ ହେବ କିପରି ?

ଲଚକ୍ ମୁଣ୍ଡର ଲମ୍ବା ବାଳଗୁଡ଼ାକ ମୁଠା ମୁଠା ଟାଣି; ତା'ରି ଭିତରୁ ଯେପରି ଆବିଷ୍କାର କରିବା 'ପାଇଁ ଚାହୁଁଥିଲା, ଏଇ ବିଭ୍ରାନ୍ତିକର ପ୍ରଶ୍ନର ଉତ୍ତର । ଲଚକ୍ କହିଲା... 'ଭବତୋଷ ହୁଏତ ଠିକ୍ ଶ୍ରେଣୀଶତ୍ରୁ ନୁହେଁ ! କିନ୍ତୁ ଶ୍ରେଣୀଶତ୍ରୁମାନଙ୍କର ସେ ମିତ୍ର ! ତା' ନ ହେଲେ, ରାଇଟରିଭିଜନିଷ୍ଟ ମନ୍ତ୍ରୀଦଳର ନିର୍ବାଚନ ପ୍ରଚାରରେ ସେ କାର୍‌ପଟଦାରୀ କରୁଥାନ୍ତା କାହିଁକି ?'

ଗୁରୁ ପ୍ରସନ୍ନ କଣ୍ଠରେ ଟିପ୍‌ପଣୀ କଲା... 'ୟୁ ଆର୍ ରାଇଟ୍ ଲଚକ୍ । ଲଚକ୍ ସମ୍ପର୍କରେ ଏଣିକି ଧାରଣା ପରିବର୍ତ୍ତନ କରିବା ପାଇଁ ପଡ଼ିବ ଦେଖୁଛି !' ଏତେଦିନ ଗୁରୁ ଦୃଷ୍ଟିରେ ଲଚକ୍ ରହି ଆସିଥିଲା, ଶ୍ରେଣୀ-ସଂଗ୍ରାମ-ଭୀରୁ ମାମୁଲି ଇଣ୍ଟଲେକ୍‌ଚୁଆଲ ରୂପେ ! ଗୁରୁ ଦଳରେ ସେ ଥିଲା ଯେପରି ଗୋଟାଏ ହାଇର୍ ଅନ୍ ! ମାତ୍ର ଇତିମଧ୍ୟରେ ତା'ର ଏତେଟା ଉନ୍ନତି ଘଟିଥିବା, ଗୁରୁର ଆଶାତୀତ ଥିଲା ।

ଗୁରୁ କହିଲା... 'ଦେଶଗୌରବ କଲେଜ୍ ହଲ୍‌ରେ ଡବଲ୍‌ରୋଟି କାରାବାରର ଦାୟିତ୍ୱ ଆଜି ତା ହେଲେ ଲଚକ୍‌ର ! କ'ଣ ରାଜି ତ ଲଚକ୍ ?' ଲଚକ୍ ଏତେଦିନେ ତା'ର ବିପ୍ଳବୀ

Digitized by srujanika@gmail.com

ପୌରୁଷର ପରିଚୟ ଦେବାପାଇଁ ଗୋଟାଏ ସୁଯୋଗ ପାଇଥିବାରୁ ମନେ ମନେ ନିଜକୁ କୃତାର୍ଥ ଜ୍ଞାନ କରୁଥିଲା ।

'କିନ୍ତୁ ମୁଁ ଏକା ? ସୁଟ୍‌କା ଆସିବ ନାଇଁ ?' - ଲଚକ୍ ପଚାରିଲା ଶଙ୍କିତ କଣ୍ଠରେ ।

ଗୁରୁ ଉତ୍ତର ଦେଲା... 'ରିମେମ୍ବର; ଜଣେ ଗରିଲା ଯଥେଷ୍ଟ କ୍ଲାସ୍ ଏନିମୀମାନଙ୍କର ପୂରା ଗୋଟାଏ ଦଳକୁ କାବୁ କରିବା ପାଇଁ । ସେଇତ ଆମର ସାର୍ଥକତା... ୱାନ ଏଗେନ୍‌ଷ୍ଟ ମେନି । ଆଉ ଏଣିକି ମ୍ୟାଜରିଟର ଓପିନିଅନ୍ ନୁହେଁ, ମାଇନରିଟର ଷ୍ଟ୍ରାଟେଜି ଉପରେ ତିଆରି ହେବ ସମାଜ ଆଉ ରାଷ୍ଟ୍ର ! ସବୁ ମ୍ୟାଜରିଟ ଆଜି ଶ୍ୟୁଃ... ଘୋଡ଼ା କାରବାର । ହର୍ସ ଟ୍ରେଡ଼ିଙ୍ଗ୍ ।'

ଲଚକ୍ ହାତକୁ ଗୁରୁ ଆଟାଚିକେସ୍‌ଟାଏ ବଢ଼ାଇ ଦେଲା । ଲଚକ୍ ଆଟାଚିଟା ଧରି ଗୋଟାଏ ଉତ୍ତେଜନାରେ ରାସ୍ତା ଉପରକୁ କୁଦି ପଡ଼ିଲା । ଆଟାଚି ଭିତରେ ଥିଲା ଦୁଇଟା ଡାଙ୍ଗ ବୋମା, ପକେଟରେ ଧାରୁଆ ଛୁରୀ । ଲଚକ୍‌ର ମନେହେଲା, ସେ ଯେପରି ବଞ୍ଚିବାର ଆସ୍ୱାଦ ପାଇଲା, ଆଜି ଏଇ ପ୍ରଥମ ଥର । ଗୋଟାଏ ଅନାସ୍ୱାଦିତ ପୂର୍ବ ଉତ୍ତେଜନା ମଧ୍ୟରେ ତା'ର ପୌରୁଷର ଆଜି ଯେପରି ନବଜନ୍ମ ହେଲା ।

ଏମ୍ପଲୟମେଣ୍ଟ ଏକ୍‌ସଚେଞ୍ଜ ଆଉ ଦପ୍ତର ପରେ ଦପ୍ତର ମଧ୍ୟରେ ଉଡ଼ି ବୁଲୁଥିବା ଶୁଖିଲାପତ୍ର ପରି ସେ ଆଜି ନିତାନ୍ତ ଅସହାୟ ନୁହେଁ । ଏଇ ସମାଜର ଜୀବନ ନାଟିକା ଅଛି ଯେପରି ତା'ରି ହାତମୁଠା ଭିତରେ । ହାତମୁଠା ଟାଣ କରି, ଦୁଇଟା ଡବଲରୋଟି ଚଟାଇ ଦେଲେ ବାସ୍ ସବୁ ଖତମ୍ । ଆଟାଚି ଭିତରେ ବୋମା ଦୁଇଟା ତାକୁ ମନେ ପକେଇଦେଲା ଏକଦା ସହପାଠିନୀ ଯମୁନାର ସ୍ତନ । ଯମୁନା ଥିଲା ତାର ଗାର୍ଲଫ୍ରେଣ୍ଡ । ଯମୁନା ମଧ୍ୟ ଥିଲା ଏମ୍ପଲୟମେଣ୍ଟ ଏକସ୍‌ଚେଞ୍ଜ କ୍ୟୁରେ ଶୁଭେନ୍ଦୁର ସହବର୍ତ୍ତିନୀ ! ସେଇ ଯମୁନାକୁ ସେଦିନ ସେ ଦେଖି ଆସିଲା, ଗୋଟାଏ ଗାଇନିକ ନର୍ସିଂ ହୋମ୍‌ରେ ।

ଯମୁନା ମଳିନ ହସର ଗୋଟାଏ ରେଖା ଟାଣି କହିଥିଲା... 'ଦେହ ଖରାପ ! ଏମିତି ଟିକିଏ ବେଶି ବେଶି ଯାଉଛି ।' ଯମୁନାର ଓଠ ଦୁଇଟା ଶେତା ରକ୍ତହୀନ ଦିଶୁଥିଲା । ଶୁଭେନ୍ଦୁକୁ ଫାଙ୍କି ଦେବା କିନ୍ତୁ ସହଜ ନଥିଲା । ସେ ବୁଝି ଆସିଛି, ଆବୋର୍‌ସନ୍ ପରେ ଯମୁନା କ୍ୟୁରେଟିଙ୍ଗ କରାଇଥିଲା, ସେଇ ନର୍ସିଂହୋମ୍‌ରେ । ଯମୁନା ଆଜି ଗୋଟାଏ... ଆଜି ଗୋଟାଏ ଆଜି... ବି... ବିଚ୍... ବେ... ବେଶ୍ୟା... ହାରଲଟ୍ । ଆଉ ସିଏ ବା କ'ଣ ? ଗ... ର... ଗରିଲା ।

ମନୁଷ୍ୟ ସଭ୍ୟତା ଓ ସଂସ୍କୃତିର ଏହି ସଫଳତମ ମୁହୂର୍ତ୍ତରେ ସହର ସବୁ କାହିଁକି ଆଦିମ ମହାରଣ୍ୟ ହେଲା ? ଶୁଭେନ୍ଦୁ ବା କାହିଁକି ହେଲା ଆରଣ୍ୟକ ଗରିଲା ? ଆଉ ଯମୁନା ବା କାହିଁକି କ୍ୟୁରେଟିଙ୍ଗ ପାଇଁ ଛଦ୍ମ ନାମରେ ନର୍ସିଂ ହୋମ୍‌ରେ ଆଡ଼ମିସନ୍ ନେଲା ? କିଏ ଦେବ ଏସବୁ ପ୍ରଶ୍ନର ଉତ୍ତର ? ...ଶୁଭେନ୍ଦୁ ମୁଠା ମୁଠା କରି ମୁଣ୍ଡରୁ ଆଲରା ବାଳ ଟାଣି ତାରି ଭିତରୁ ଯେପରି ଏଇ ସବୁ ଉତ୍‌ପାଡ଼କ ପ୍ରଶ୍ନର ଉତ୍ତର ବାହାର କରିବା ପାଇଁ ଚେଷ୍ଟା କରୁଥିଲା, ଯାଦୁକରମାନେ ଟୋପି ଭିତରୁ ଠେକୁଆ କାଢ଼ିବା ପରି ।

Digitized by srujanika@gmail.com

ଆଗ ମୋଡ଼ଟା ବାଙ୍କିଗଲେ ଦେଶଗୌରବ କଲେଜ । ପାଟେରି ସାରା ଆଲକାତରାରେ ...ଲାଲ୍ ସଲାମ୍ !

ବର୍ଗୀ, ଠଗ ଓ ପିଣ୍ଡାରୀମାନେ ଯେପରି ପୁଣି ଥରେ ନବଜନ୍ମ ପାଇଥିଲେ । କିନ୍ତୁ ସବୁ ମୋହରେ ଯେତେବେଳେ ଆସେ ମୋହଭଙ୍ଗ, ନୀତିବାଦ ସେତେବେଳେ ହୁଏ ଶଠତା, ଶାସନ ହୁଏ ଲୁଣ୍ଠନର ନାମାନ୍ତର; ସେତେବେଳେ ରକ୍ତପିପାସା ହିଂସା ଆସେ ଲୋଳଜିହ୍ୱା ଲମ୍ବାଇ, ଖୁନ୍‌ର ସଲାମୀ ଆଦାୟ ପାଇଁ ।

ଦେଶଗୌରବ କଲେଜ ହଲ୍‌ରେ ସାଂସ୍କୃତିକ ସମାରୋହ ଆରମ୍ଭ ହୋଇଯାଇଥିଲା । ମନ୍ତ୍ରୀ ପୁଷ୍ପମାଲ୍ୟ ବିଭୂଷିତ ହୋଇ ମଞ୍ଚ ଉପରୁ ଭାଷଣ ଦେଉଥିଲେ, 'ସଂ - ସଂ - ସଂସ୍କୃତି, ଭାରତୀୟ ସଂସ୍କୃତିର ଅଛି ଦୀର୍ଘ ଦୁଇହଜାର, ନା ଦଶହଜାର ହୋଇପାରେ ଆଉରି ଦୀର୍ଘକାଇର ବଳିଷ୍ଠ ବ୍ୟାକିଙ୍ଗ୍, ମାନେ ପରମ୍ପରା । ମୁଁ ଆଶା କରିବି ଆମର ଛାତ୍ର ଯୁବକମାନେ ସେଇ ସଂ - ସଂ - ସଂସ୍କୃତିର ଯୋଗ୍ୟ ଉତ୍ତରାଧିକାରୀ ହୁଅନ୍ତୁ । ଆସନ୍ତୁ, ଆମେ ଆଜି ଶପଥ ନେବା... ଲାଇଟ୍... ଲାଇଟ୍ !'

ହଲ୍‌ଟା ହଠାତ୍ ଅନ୍ଧକାର ହୋଇଯାଇଥିଲା । ହଲ୍ ବାହାରେ କଲେଜ୍ କ୍ୟାମ୍ପସ୍‌ରେ ଆଲୁଅ ସବୁ ମଧ୍ୟ ଲିଭିଯାଇଥିଲା ।

ମନ୍ତ୍ରୀ ଚିତ୍କାର କରୁଥିଲେ... ଲାଇଟ୍ ! ଲାଇଟ୍ !

ଅନ୍ଧକାର ହଲ୍ ଭିତରେ ନାରୀକଣ୍ଠରେ ଶୁଭୁଥିଲା ଚିତ୍କାର ଆର୍ତ୍ତନାଦ... ଇସ୍ ! ପଶୁ ! ବର୍ବର ! ସେଇ ଅନ୍ଧକାର ଭିତରେ, କେଉଁଠି କଅଣ ଘଟି ଯାଉଥିଲା, ତାହା ଜାଣିବାର ଉପାୟ ନ ଥିଲା । ହଲ୍ ବାହାରେ ହଠାତ୍ ଗୋଟାଏ ବୋମା ଫୁଟିଲା । ବାରୁଦ ଧୂଆଁରେ ହଲ୍ ଭିତରଟା ଭରି ହୋଇଗଲା ।

ମନ୍ତ୍ରୀ ନିର୍ବୀର୍ଯ୍ୟ କ୍ରୋଧ ଓ ଆତଙ୍କର ମିଶାମିଶି କଣ୍ଠରେ ଚିତ୍କାର କରୁଥିଲେ ପୋଲିସ ! ପୋଲିସ !

ଭବତୋଷ ମନ୍ତ୍ରୀଙ୍କୁ ପେଣ୍ଡାଲରେ ଗୋଟାଏ ନିରାପଦ କୋଣକୁ ଘେନିଯାଇ କହିଲା...'ଏ ନିଶ୍ଚୟ ସେଇ ରାସ୍କେଲମାନଙ୍କର କାଣ୍ଡ । ସେମାନେ ଇଲେକ୍‌ଟ୍ରିକ୍ ଫିଉଜ ଉଡ଼ାଇ ଦେଇ, ବାହାରେ ଗୋଟାଏ ଦୁଇଟା କ୍ରାକର ଫିଙ୍ଗିଛନ୍ତି, ଏଇ ସାଂସ୍କୃତିକ-ଉତ୍ସବ ଭାଙ୍ଗିବା ପାଇଁ । ପୋଲିସ କଅଣ କରିବ ? ଆପଣ ଏଇଠି ରୁହନ୍ତୁ... ମୁଁ ସବୁ ଠିକ୍ କରିଦେଉଛି ।'

ଭବତୋଷ ପେଣ୍ଡାଲ ଡଙ୍କକୁ କୁଦି ପଡ଼ିବା ମାତ୍ରେ ତା କାନରେ ସେଇ ଅନ୍ଧକାର ଭିତରେ କିଏ ଜଣେ ଫିସ୍ ଫିସ୍ କରି କହିଲା... 'ଗୁରୁ, ଦଇର ଚୂଆ ମଷ୍ତାନ ଏଠି ହଲ୍ ଭିତରେ । ଆମ ଦଳର ଜଣେ ଦୁଇଜଣଙ୍କୁ ଅନ୍ଧାରରେ ସେ ଷ୍ଟାବ୍ କରି ସାରିଲାଣି । ପଟ୍‌ଲାର ହାତ - ପାପୁଲି କଟିଯାଇଛି; ଛୁରୀ ଅଟକାଇବା ବେଳେ ।'

ଭବତୋଷ ଆଦେଶ ଦେଲା..."ଟ୍ରାପ୍ କର ତାକୁ । ଏକଜିଟ୍ ଦୁଆର ସବୁ ବନ୍ଦ କରିଦିଅ ।

Digitized by srujanika@gmail.com

ଯେପରି ସେ ବାଷ୍ଟାର୍ଡ଼ ଖସି ପଳାଇ ନ ଯାଏ ।'

ସେଇ ଅନ୍ଧକାର ଅରଣ୍ୟ ଭିତରେ ମତ୍ତମୟୂର ପରି ନାଚି ବୁଲୁଥିଲା ଲଟକ୍ ଗୋଟାଏ ଆଦିମ ଉତ୍ତେଜନାରେ । ହତାଶ ଶୂନ୍ୟଗର୍ଭ ଜୀବନର ସବୁ ନିପୀଡ଼ିତ ଆକାଙ୍କ୍ଷା; ସବୁ ପୁଞ୍ଜୀଭୂତ ବ୍ୟର୍ଥତା, ଯେପରି ଏ ଆଦିମତା ମଧ୍ୟରେ ନିର୍ଗମର ଗୋଟାଏ ପଥ ଖୋଜି ପାଇଥିଲା । ଲଟ୍‌କର ଅନ୍ୟ ଉଦ୍ଦେଶ୍ୟ ନଥିଲା । ଏ ଅରଣ୍ୟ ହିଂସ୍ରତାରେ ତା ପାଇଁ ରହିଥିଲା ଗୋଟାଏ ରୋମାନ୍ସ, କିନ୍ତୁ ଏଇ ଅନ୍ଧକାର ବିପର୍ଯ୍ୟୟ ଓ ବିଶୃଙ୍ଖଳା, ଭବତୋଷ ଗ୍ୟାଙ୍ଗର ମସ୍ତାନମାନଙ୍କୁ ମଧ୍ୟ ଦେଇଥିଲା ସେମାନଙ୍କର ଅନ୍ଧପ୍ରବୃତ୍ତି ଚରିତାର୍ଥ କରିବା ପାଇଁ ଗୋଟାଏ ଅବକାଶ । କାହାର ସ୍ତନରୁ ଗୋଟାଏ ବ୍ରେସରୀ ଛିଣ୍ଡି ପଡ଼ିଲା ଆସି ଶୁଭେନ୍ଦୁ ଉପରେ । ସେଇ ଅନ୍ଧାର ଭିତରେ, କିଏ ଜଣେ ଫିସ୍ ଫିସ୍ କରି କହୁଥିଲା... 'ଯାଃ ! ଶାଲା, ଏଇଟା ତ ସ୍ତନ ନୁହେଁ, ଦୁଇ ବସ୍ତା ବୁଷାମାଲ୍ ।'

କ୍ରମେ ହଲ୍ ଭିତରଟା ନିଶ୍ଚୁନ ହୋଇଯାଇଥିଲା । ହଲ୍ ଭିତରେ ସୂଚୀଭେଦ୍ୟ ନୀରବତା । ମନ୍ତ୍ରୀ ମଧ୍ୟ ବହୁ ବେଳୁ ଫେରି ଯାଇଥିଲେ । ଭବତୋଷର ଦଳ ସୁଦ୍ଧା ସେଠାରେ ନ ଥିଲେ ।

ପୋଲିସ୍ ଘେରି ଯାଇଥିଲେ ହଲ୍ ଚାରିପଟେ ।

ଫିଉଜ ମରାମତି ପରେ ଅବଶେଷରେ ଯେତେବେଳେ ହଲ୍ ଭିତରେ ଲାଇଟ୍ ଜଳିଲା, ଦେଖାଗଲା ଭିତରେ ଚଟାଣ ସାରା ଓଲଟ ପାଲଟ ଚଉକି, ଆଉ ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ିଛି, ଗୁଡ଼ାଏ ବ୍ଲାଉଜ, ବ୍ରେସରୀ, ଗୋଟାଏ ଦୁଇଟା ରଙ୍ଗିନ ଶାଢୀ, ଛିଣ୍ଡା ଫୁଲମାଳ, ଚଟି ଆଉ ଏଠି ସେଠି ମେଞ୍ଚା ମେଞ୍ଚା ତାଜା ରକ୍ତ... ତା'ରି ଭିତରେ ଗୋଟାଏ ଚଉକି ଉପରେ ଲୋଟି ପଡ଼ିଥିଲା, ଗୋଟାଏ ରକ୍ତାକ୍ତ ଲାସ୍ । ତଳିପେଟ ଲଙ୍ଗସ୍ ତଳେ ଗଭୀର କ୍ଷତରୁ ତଥାପି ରକ୍ତ ପିତ୍‌କାରୀ ମାରୁଥିଲା ।

ଅନ୍ଧକାର କଲେଜ-କ୍ୟାମ୍ପସର ଗୋଟାଏ ଗଛମୂଳେ ଠିଆହୋଇ ଭବତୋଷ ଉତ୍ତେଜିତ ଭାବରେ ଖଣ୍ଡେ ସିଗାରେଟ ଟାଣୁଥିଲା । ଗୋଟିଏ ଛାୟାମୂର୍ତ୍ତି ସେଇ ଅନ୍ଧକାର ଭିତରେ ଭବତୋଷ ପାଖକୁ ଆସିବା ମାତ୍ରେ ଭବତୋଷ ପଚାରିଲା... 'କିଏ ସେଟା ?'

ଲାସ୍‌ର ପକେଟରୁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ଗୋଟାଏ ରକ୍ତଭିଜା କାର୍ଡ଼ ବାହାରକୁ ଉଙ୍କି ମାରୁଥିଲା... ଶୁଭେନ୍ଦୁ ଦାସ - ଶିକ୍ଷା - ଏମ.ଏ. ଗଣିତ - ବୟସ ବାଇଶ !

ଗୁରୁ - ଗ୍ୟାଙ୍ଗର ଗୋଟାଏ କ୍ଲାସ-ଏନିମୀ ।

Digitized by srujanika@gmail.com

ରାଜଧାନୀ

ଆର୍ତ୍ତନାଦ କରିବା ପରି ଆଲାର୍ମ୍ ବେଲ୍‌ଟା ଚିତ୍କାର କରି ଉଠିଲା... ଉଠ, ଉଠ, ସାତଟା ବାଜିଲା । ପୁଣି ଆରମ୍ଭ ହେଲା, ଆଉ ଗୋଟିଏ ଦିନ । ପ୍ରତି ଦିନର ଆରମ୍ଭକୁ ଭୟଙ୍କରେ ସୁବୋଧ । ଦିନମାନେ ଯନ୍ତ୍ରଣା । ବିରକ୍ତିରେ ସୁବୋଧ ଆଲାର୍ମ୍ ଘଡ଼ିର ଲିଭରଟା ବନ୍ଦ କରିଦେଲା । ଆଉ ପନ୍ଦରମିନିଟ ଡେରିରେ ବାଜିଥିଲେ ହୋଇ ନଥାନ୍ତା ?

ମୋଟା ଭେଲ୍‌ଭେଟ ପର୍ଦ୍ଦା ଭେଦି ସକାଳର ଆଲୁଅ ଏପର୍ଯ୍ୟନ୍ତ ଘର ଭିତରେ ପିଟିନାହିଁ । ସବୁ ଛାଇ ଛାଇଆ... ତରଳ ଅନ୍ଧକାର ଓ ଫିକା ଆଲୁଅର ମିଶାମିଶି । ଟେବୁଲ ଉପରେ ଫ୍ଲାୱର ଭେସ୍‌ରେ ଫୁଇତୋଡ଼ାଟା ଦିଶୁଛି ଚେନାଏ ମଉଳିଲା ସ୍ୱପ୍ନପରି । ଆଖିବୁଜି ଆଉ ଅଳସ ଭାଙ୍ଗିହେବ ନାହିଁ । ଟେବୁଲ ଲ୍ୟାମ୍ପର୍ ସୁଇଚ୍‌ଟା ଚିପି ସୁବୋଧ କଲିଂବେଲ୍ ଦେଲା, ବେଡ୍-ଟି ଆଉ ଖବରକାଗଜ ପାଇଁ ।

ସକାଳୁ ଏ ଦୁଇଟା ନିଶାର ପ୍ରୟୋଜନ । ଚା' ଦରକାର, ସ୍ତୀମିତ ସ୍ନାୟୁ କେନ୍ଦ୍ର ସବୁ ଚିଆଁଇ ଦେବାପାଇଁ । ଆଉ ଖବରକାଗଜର ପ୍ରୟୋଜନ, ଗୁଡ଼ାଏ ବାଜେ କଥାରେ ଧନ୍ଦି ହେବାପାଇଁ । ଆଲୁମିନିୟମର ଚାହିଦାଠାରୁ କେତେ କମ୍ ଆଲୁମିନିୟମ୍ ଦେଶରେ ଉତ୍ପାଦନ ହେଉଛି, ଆମେରିକାର ରାଷ୍ଟ୍ରପତି କୋଉ ଭୋଜିସଭାରେ କଣ କହିଲେ, କଙ୍ଗୋରେ ଦିନକୁ କେତେ ଶିଶୁ ଅନାହାରରେ ମରୁଛନ୍ତି, ପ୍ରଧାନମନ୍ତ୍ରୀ ଗତକାଲି ସକାଳେ କେତେ ସତେଜ ଦିଶୁଥିଲେ, ପଡ଼ୋଶୀ ରାଷ୍ଟ୍ର ସହିତ ସଂଘର୍ଷ ଲାଗିବାର ସମ୍ଭାବନା ବା ଆଶଙ୍କା କେତେ - ଏ ସବୁଥିରେ ତାର ବୃତ୍ତିଗତ ପ୍ରୟୋଜନ ଥାଇପାରେ, କିନ୍ତୁ ଜୀବନରେ ଏସବୁର ସ୍ଥାନ କେତେ ସାମାନ୍ୟ ! ବୃତ୍ତି ଜୀବନକୁ ଭାରାକ୍ରାନ୍ତ କରେ; କିନ୍ତୁ ଜୀବନ ବୃତ୍ତିକୁ ନିୟନ୍ତ୍ରିତ କରେନାହିଁ । ମଣିଷର ଜୀବନ ଓ ତାର ବୃତ୍ତି ମଧ୍ୟରେ ଏଇ ଫରମୁଲା ଜୀବନର ବଡ଼ ଟ୍ରାଜେଡ଼ି । ମଣିଷ ତାର ଚାରିପାଖର, ପଡ଼ା-ପଡ଼ୋଶୀଙ୍କର ଖବର ଜାଣିବା ପାଇଁ ଯେତେ ବ୍ୟଗ୍ର, ନିଜ ଅନ୍ତରର ମଣିଷଟିର ଖବର ବୁଝିବା ପାଇଁ ଯଦି ସେହି ଅନୁପାତରେ ସାମାନ୍ୟ କୌତୂହଳୀ ହୁଅନ୍ତା ! ନେତା, ଶିଳ୍ପପତି, ଦସ୍ୟୁ, ବାବା, ଚୁଟୁଚାରୀ, କ୍ରିକେଟଖେଳାଳୀ, ସିନେମା ସୁପରଷ୍ଟାରମାନଙ୍କର କଥନ ଆଉ କରଣୀର ଇସ୍ତାହାର ହିଁ ଆଜି ସମ୍ବାଦପତ୍ର । ସେଥିରେ ଜନଜୀବନର ସଂଗ୍ରାମ ସଂଘର୍ଷ, ଆନନ୍ଦ ବିଷାଦର କାହାଣୀ ନାହିଁ । ଏଥିରେ କିନ୍ତୁ ନିଶା ଅଛି ।

ସୁବୋଧର ଇଏ କିନ୍ତୁ ପେଶା... ରାଜଧାନୀର ଗୋଟିଏ ପ୍ରଖ୍ୟାତ ଦୈନିକ ସମ୍ବାଦପତ୍ରର **ସ୍ପେଶାଲ କରେସ୍‌ପନ୍‌ଡେଣ୍ଟ** ସେ ।

ହୋମଡ଼ା ଚୋମଡ଼ାମାନଙ୍କ ସାମାଦିକ ସମ୍ମିଳନୀ ଅବକାଶରେ, ଲଞ୍ଚ, କଫି, ଡିନର,

Digitized by srujanika@gmail.com

ନିମନ୍ତ୍ରଣ ଫାଇଭ୍ ଷ୍ଟାର ହୋଟେଲମାନଙ୍କରେ ରକ୍ଷା କରି କରି ତାର ଦିନ କଟେ । ତାରି ମଝିରେ ସେ ଟାଇପ ରାଇଟର୍‌ଟାରେ ବାଡ଼େଇଯାଏ, ତାର ରିପୋର୍ଟ ।

ଏସବୁ ନିମନ୍ତ୍ରଣ ପତ୍ରକୁ ସେ କିନ୍ତୁ କହେ, ମିଲ୍ ଟିକେଟ୍ ଆଉ ନିମନ୍ତ୍ରଣ ଆସରମାନଙ୍କୁ କହେ ସୁପ୍ତ କିଚେନ... ଦାତବ୍ୟ ଅନଶାଳା । ଏଇ ମିଲ୍ ଟିକେଟ୍ ପାଇଁ ତାର ସହଯୋଗୀମାନଙ୍କ ମଧ୍ୟରେ କେତେ ଯେ ପ୍ରତିଯୋଗିତା !

ଏବେ କେତେଟା ରାଷ୍ଟ୍ରର ଅଧିନାୟକମାନଙ୍କର ଗୋଟାଏ ଦୀର୍ଘ ସମ୍ମିଳନୀ ଆହୂତ ହେଲା, ରାଜଧାନୀରେ । ସେମାନଙ୍କ ମଧ୍ୟରୁ କିଏ କ୍ୟୁ - ଦେବାରୁ ଆୟୁଷ ଥିବାରୁ ବର୍ତ୍ତି ଯାଇଛି ତ କିଏ ସମ୍ବିଧାନକୁ ନାକଚ କରି ନିଜକୁ ଆଜୀବନ ରାଷ୍ଟ୍ରପତି ଘୋଷଣା କରି ବସିଛି ବୁନିଆଦୀ, ମାନ୍ଧାତା କାଳର ଗଣତାନ୍ତ୍ରିକ ପଦ୍ଧତିରେ, କେହି କେହି ବା ସୂତା ଖିଅକରେ କ୍ଷମତାସୀନ । ସମସ୍ତେ ସ୍ୱାଧୀନ...ଅଥଚ ମୁଣ୍ଡିଆଳମାନଙ୍କର ପ୍ରଚ୍ଛନ୍ନ ସୂତ୍ରରେ... ମୃଗୀ ନଚାଏ ନରହରି ! ସମସ୍ତେ ନାଚୁଛନ୍ତି, ସେମାନଙ୍କ ଇଙ୍ଗିତରେ । ସେମାନେ ଛିଙ୍କିଲେ ସର୍ଦ୍ଦି ହେଉଛି ଏମାନଙ୍କର ।

ରାଜଧାନୀକୁ ଆମନ୍ତ୍ରିତ ହୋଇଥିଲେ ସେମାନେ, ପୃଥିବୀରେ ଶାନ୍ତି ପ୍ରତିଷ୍ଠାର ସୂତ୍ର ବାହାର କରିବା ପାଇଁ । ଏମାନଙ୍କ ହାତରେ ଧନବଳ ନାହିଁ ! ମାରଣାସ୍ତ୍ର ହତିଆର ନାହିଁ ! କିନ୍ତୁ ସେମାନଙ୍କର ତ ଅଛି; ମିଳିତ କଣ୍ଠସ୍ୱରର ବଜ୍ରନିର୍ଘୋଷ !

ଆମେ ମଧ୍ୟ ଶାନ୍ତିର ନାବିକାର । କିନ୍ତୁ ଅସୁବିଧା ହେଉଛି, ଶାନ୍ତି-ମୈତ୍ରୀର ଉଚ୍ଚାରଣ ବେଳେ ବେଳେ ଯୁଦ୍ଧ ପରି ଶୁଭୁଛି ।

ଅଧିନାୟକମାନଙ୍କ ମେଳାପାଇଁ ସୁବୋଧର ପ୍ରବୃତ୍ତି ନଥିଲା । ମିଡ଼ିଆ ସେଣ୍ଟରରେ କ୍ଲୋଜଡସର୍କିଟ ଟି.ଭି.ରେ ଅଧିନାୟକମାନଙ୍କୁ ଦେଖି, ସେମାନଙ୍କ ମୁଖ-ନିଃସୃତ ବାଣୀ, କିଏ କ'ଣ, କୋଉ ଠାଣିରେ ପିନ୍ଧିଛି; କିଏ କ'ଣ ଖାଇବାକୁ ପସନ୍ଦ କରେ, ସେସବୁ ଲିପିବଦ୍ଧ କରିବା ଅପେକ୍ଷା ଟି.ଭି.ରେ କ୍ରିକେଟ୍ ମ୍ୟାଚ ଦେଖିବା ବରଂ ଭଲ ।

ସମ୍ପାଦକ କହିଲେ, ''ଇଏ ଗୋଟାଏ ସିନିୟର ଆସାଇନମେଣ୍ଟ । ଏଥିପାଇଁ କେତେ ବାଡ଼ିଆବାଡ଼ି । ତୁମେ କୁଣ୍ଠିତ ହେଉଚ ସୁବୋଧ?''

''ଏଥିରେ ଅଭିନବତ୍ୱ ନାହିଁ । ଅଭିନବତ୍ୱ ନଥିଲେ ମୋର ଆଗ୍ରହ ଆସେ ନାହିଁ ।''

''ହ୍ୱାଟ୍ ଡୁ ଇଉ ମିନ୍ ?'' - ସମ୍ପାଦକ ପାଇପ୍‌ରୁ କଳେ ଧୂଆଁ ଛାଡ଼ି କହିଲେ; ''ଇଏ ଆମର ଗୋଟାଏ ବଡ଼ ଆଚିଭ୍‌ମେଣ୍ଟ, ହୋଷ୍ଟ ଦେଶ ହିସାବରେ ।''

''ଆଜ୍ଞା, ଏ ଦେଶରେ ବହୁ ରାଜସୂୟ ଯଜ୍ଞ ହୋଇଯାଇଛି; ଇଏ ଆଉ ଗୋଟାଏ ସେହିପରି ବ୍ୟାପାର । କୋଉ ଚୂଆ କଥା ?''

ସମ୍ପାଦକ କହିଲେ, '' ତୁମେ ଗୋଟାଏ ସିନିକ୍ ସୁବୋଧ, ସବୁ କଥାର ବିପରୀତ ଦିଗଟାଇ ଦେଖ ।''

ଏ ଆକ୍ଷେପ ମିଥ୍ୟା ନୁହେଁ । ସୁବୋଧ ସବୁ କଥାକୁ ସହଜ ସରଳ ଭାବରେ ଦେଖି

Digitized by srujanika@gmail.com

ପାରିଥିଲେ, ଜୀବନରେ ଶାନ୍ତି, ଆନନ୍ଦ ପାଇଥାନ୍ତା । କିନ୍ତୁ ଏପରି ପରିବେଶ, ପରିସ୍ଥିତି ଭିତରେ, ତାର ଜୀବନଟା ଆରମ୍ଭରୁ ଗଢ଼ି ଉଠିଥିଲା । ଯେଉଁଥିରେ ଆପାତ ରମଣୀୟ ସହଜ, ସରଳ ଚେହେରା ପରିବର୍ତ୍ତେ ସେ ଦେଖିଲା କେବଳ ତାର ବିକୃତି । ପୂର୍ବପୁରୁଷମାନଙ୍କର ପୁଞ୍ଜୀଭୂତ 'ସାଇକୋସିସ' ଯେପରି ଉତ୍ତରାଧିକାରୀ ସୂତ୍ରରେ ଆହରଣ କରିଥିଲା ସେ ତାର ରକ୍ତରେ ! ଏକ ଅବ୍ୟକ୍ତ ପାପବୋଧ !

ସୁବୋଧ ଉତ୍ତର ଦେଲା, ମୋର 'ସିନିସିଜ୍‌ମ' ତ ଆପଣମାନଙ୍କୁ ସବୁକଥା ସ୍ପଷ୍ଟ ନିର୍ଭୁଲ ଭାବରେ ଦେଖିବାରେ, ବୁଝିବାରେ ସହାୟକ ହୁଏ ।

ଏଇ 'ସିନିସିଜ୍‌ମ' ପାଇଁ ସୁବୋଧ ଗୋଠଛଡ଼ା ! ଗୋଠରେ ଜାକିଜୁକି ହୋଇ ନିବୁଜ ଭାବରେ ରହିବାରେ, ଚରିବାରେ କେତେ ଆନନ୍ଦ ! କେତେ ନିରାପତ୍ତାବୋଧ ! କିନ୍ତୁ ଗୋଟାଏ ନିଃସଙ୍ଗ ଗିରିଶିଖର ଉପରେ ଏକାକୀ ଠିଆହୋଇ, ଛାଇତଳା ଉପତ୍ୟକାର ନିର୍ଜ୍ଜନତା ଭିତରକୁ ଚାହିଁ ରହିବାର, ଏଇ ଆତ୍ମସ୍ତି ! ଏଇ ଜ୍ୱାଳା ! ଏଇ ଯନ୍ତ୍ରଣା !

ଅଧିନାୟକମାନଙ୍କର ସମ୍ମିଳନୀ ଶେଷ ହୋଇଛି । ସୁବୋଧର ରିପୋର୍ଟିଂକୁ ତାରିଫ କରିଛନ୍ତି ସମସ୍ତେ । ଏପରିକି, 'ପାଲେସ୍'ରୁ ଜଣେ ପ୍ରେସ ଆଟାଚୀ ସାଧୁବାଦ ଜଣାଇଛନ୍ତି, ସୁବୋଧକୁ ତାର ସତେଜ ରିପୋର୍ଟିଂ ପାଇଁ ।

ସମ୍ମିଳନୀ ପରେ ପୂରା ଗୋଟାଏ ସପ୍ତାହ ସୁବୋଧ ନେଇଛି, ବିଶ୍ରାମ । ବିଶ୍ରାମର ଦିନ ଶେଷ ଆଜି ।

ସୁବୋଧ କପ୍‌ରୁ କେତେ ଢୋକ ଚା' ପିଇ ତନ୍ଦ୍ରା ଭାଙ୍ଗିବା ପାଇଁ ମୁଣ୍ଡର ଲମ୍ବା ବାଳଗୁଡ଼ାକୁ ମୁଠା ମୁଠା କରି ଟାଣିଲା ।

ମୁଣ୍ଡପାଖ ଟି ପୟ ଉପରେ, ବେଡ୍‌ଲ୍ୟାମ୍ପ ପାଖରେ ଖୋଲା ହୋଇ ପଡ଼ିଛି, ଏନଗେଜ୍‌ମେଣ୍ଟ୍ ପ୍ୟାଡ୍ । ବ୍ରେକ୍‌ପାଷ୍ଟ - ଦେବୀନ୍ଦର ସିଂହ, ଛୋରବାଗ - 'ସିଂପୋସିଅମ ଅନ ପଭର୍ଟି', ଦାରିଦ୍ର୍ୟ ସମ୍ପର୍କରେ ଆଲୋଚନା-ଚକ୍ର, ଉଦ୍‌ଘାଟନ କରିବେ ଜଣେ ହୋମଡ଼ା ଚୋମଡ଼ା ମନ୍ତ୍ରୀ, 1-1 ଟାରେ - ପଞ୍ଚତାରକା ହୋଟେଜ 'ବିକ୍ରମାଦିତ୍ୟ'ର କନ୍‌ଭେନ୍‌ସନ୍ ହଲ୍ - ତିନର ମୁନଲିଟ୍ କ୍ଲବ୍, ଶାନ୍ତା ସାକ୍‌ସେନାର ବାର୍ଥ ଡେ ପାର୍ଟି ପୋଷାକୀ ସୌଜନ୍ୟ ଓ ସାମାଜିକତାର ମହାନଗର ଇଏ । ପୋଷାକୀ ସାମାଜିକତା ନଥିଲେ ଏଠି ତମେ ଅପାଂକ୍ତେୟ ତାଲିକାରେ । ଅଥଚ ସେଇ ସାମାଜିକତା ଯାହାର ଅପର ନାମ ଏଲାଇଟ କଲ୍‌ଚର, ବିଦ୍‌ଗଧ ସଂସ୍କୃତି କେତେ ଫମ୍ପା କେତେ ଅଗଭୀର ! ତଥାପି ସେଇ ପୋଷାକୀ ସାମାଜିକତା ମାନିନେବା ପାଇଁ ପଡ଼େ । ତା' ନ ହେଲେ, କଣ ଦରକାର ଅଛି, ଶାନ୍ତା ସାକ୍‌ସେନାକୁ ଅର୍କିଡ଼ ଫୁଲ ତୋଡ଼ା, ଜନ୍ମଦିନ ଉପଲକ୍ଷେ, ଶୁଭେଚ୍ଛାର ସଙ୍କେତ ପଠାଇବାରେ ? ଟେଲିଫୋନରେ ନମ୍ବର ଡୁଲାଇ ସୁବୋଧ କହିଲା, ''ହାଲ୍ଲୋ' ବ୍ଲୁ ଡାମୁଦ, ଫ୍ଲୋରିଷ୍ଟସ ସୁବୋଧ କପୁର ସିକିଙ୍ଗ୍, ଥ୍ରୀ ଫାଇଭ୍ ସିକ୍‌ସ ସେଭେନ । ବାର୍ଥଡେ ଗ୍ରିଟିଙ୍ଗ୍‌ସ, ଶାନ୍ତା ସାକ୍‌ସେନା, ନଂ 3 ମୁନଲିଟ୍ କଲୋନୀ... ଅର୍କିଡ୍‌ସ

Digitized by srujanika@gmail.com

ଆଣ୍ଡ ରୋଜେସ, ପ୍ଲିଜ୍ ।'' ସୁବୋଧର ଆଖି ଆଗରେ ଭାସିଉଠିଲା ଶାନ୍ତା ସାକ୍‌ସେନା ଅର୍କିଡ୍ ଆଉ ଗୋଲାପର ସ୍ତବକ ଉପରେ ଗାଇ ଚାପି କହୁଛି, ''ହାଓ ଇଜ୍‌ଲୀ, ହାଓ ଇଜ୍‌ଲୀ ।''

ପକ୍ଷାଘାତଗ୍ରସ୍ତ, ମିଷ୍ଟର ସାକ୍‌ସେନା ପିଆନୋ ପାଖରେ ହୁଇଲ ଚେୟାର ଉପରେ ବସି ଶାନ୍ତାଆଡ଼େ ଚାହିଁ କହୁଛନ୍ତି, ''ସୁନ୍ଦରୀର ସିନା ସୁନ୍ଦରରେ ଅଧିକାର ! ଚମତ୍କାର ହୋଇଛି ଡୁକେଟା ।'' ମିଷ୍ଟର ସାକ୍‌ସେନାଙ୍କ ବିବର୍ଣ୍ଣ ରେଖାଙ୍କିତ ମୁହଁ ହସରେ ଉଜ୍ଜ୍ୱଳ !

ମିଷ୍ଟର ସାକ୍‌ସେନାଙ୍କ ବଳୀରେଖାଙ୍କିତ କପାଳ ଉପରେ ମିସେସ୍ ସାକ୍‌ସେନା, ଫିକା ଲିପ୍‌ଷ୍ଟିକବୋଳା ଓଠ ଦୁଇଟି ଚାପିଧରି ଅଳିଅଳୀ କଣ୍ଠରେ କହିଲେ, ''ଓ ! ହାଓ ନଟୀ ୟୁ ଆର୍!

କିନ୍ତୁ ଏ ଚୁମ୍ବନରେ ଥିବ କଣ ଆତ୍ମାର ଆକୁଳତା, ଈପ୍‌ସିତ ପ୍ରତି ଆତ୍ମନିବେଦନ ? ଯୁଗ ଯୁଗର ଅତୃପ୍ତ ତୃଷା ? ମିଷ୍ଟର ସାକ୍‌ସେନା ଆଉ ମିସେସ୍ ଶାନ୍ତା ସାକ୍‌ସେନାଙ୍କ ମଧ୍ୟରେ ତାହା ତ ଆଦୌ ସମ୍ଭବ ନୁହେଁ । ସେମାନଙ୍କ ମଧ୍ୟରେ ବୟସର ବ୍ୟବଧାନ । ମିଷ୍ଟର ସାକ୍‌ସେନା ପକ୍ଷାଘାତଗ୍ରସ୍ତ ବୃଦ୍ଧା ଶାନ୍ତା ଚାଳିଶ ଛୁଇଁବା ଛୁଇଁବାପରି ହେଉଥିଲେ ବି ତଥାପି ତରଙ୍ଗିଣୀ । ମିଷ୍ଟର ସାକ୍‌ସେନା ଥରେ ଖବରକାଗଜରେ ବିଜ୍ଞାପନ ଦେଇଥିଲେ, ଜଣେ କମ୍ପାନିଅନ୍ ପାଇଁ । ଏ ଦିନେ, ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ବଡ଼ ନିଃସଙ୍ଗ: ଶାନ୍ତା ଅନୁସନ୍ଧାନ କରି ବୁଝିଥିଲା, କେତେଟା କୋମ୍ପାନୀରେ ଅଛି ମିଷ୍ଟର ସାକ୍‌ସେନାଙ୍କ ସେୟାର, ପୁଣି ବ୍ୟାଙ୍କରେ ସମାବିତ ଗଚ୍ଛିତ ଅର୍ଥର ପରିମାଣ କେତେ : ଭାରତର କୋଉ ସହରରେ କେତେଟା କୋଠା : ଇତ୍ୟାଦି : କମ୍ପାନିୟନସିପ୍ ଶେଷ ହୋଇଥିଲା, ବିବାହରେ ।

ସେ ଦିନ କିଛି ଗୋଟାଏ ବାହାନାରେ ଶାନ୍ତା ଆସିଥିଲା, ବାହାରକୁ । ଆକସ୍ମିକ ଭାବରେ ସୁବୋଧର ଶାନ୍ତା ସହିତ ଦେଖା ହୋଇଗଲା, ଗୋଟିଏ କଫି ହାଉସ୍‌ରେ ।

ସୁବୋଧ ହଠାତ୍ ସେଣ୍ଟିମେଣ୍ଟାଲ୍ ହୋଇ ପଚାରିଲା, '' ଏ ବିବାହରେ ତୁମେ କ'ଣ ସୁଖୀ ?''

ଶାନ୍ତା ଭାନିଟି ବ୍ୟାଗରୁ ସିଗ୍ରେଟ ଲାଇଟର କାଢ଼ି ଖଣ୍ଡେ ସିଗ୍ରେଟ୍‌ରେ ନିଆଁ ଧରାଇ କହିଲା, ''ଏ ସମାଜରେ କେହି କୌଣସି ପରିସ୍ଥିତିରେ ସୁଖୀ ନୁହଁନ୍ତି ସୁବୋଧ । କେଉଁଥିରେ କେତେ ଲାଭ, କେତେ ସ୍ୱାଚ୍ଛନ୍ଦ୍ୟ ଏଇଆ ହେଉଛି ନିୟାମକ । ସୁଖ-ଶାନ୍ତି, ଏସବୁ ପୁରୁଣା ପୃଥିବୀର ଶବ୍ଦ ।''

ସୁବୋଧ କଥାଟାକୁ ଆଉ ଖେଳାଇଲା ନାହିଁ । ଶାନ୍ତାର ସ୍ୱାମୀ ତାକୁ ଡାଇଭୋର୍ସ କରିଛନ୍ତି । ଶାନ୍ତାର ତ ପୁଣି ଅବଲମ୍ବନ ପ୍ରୟୋଜନ ! ମିଷ୍ଟର ସାକ୍‌ସେନାଙ୍କ ଜୀବନ ପୁଣି ବଡ଼ ନିଃସଙ୍ଗ ।

ଏ ବ୍ୟାପାରରେ ସୁବୋଧର ବା ମୁଣ୍ଡ ଖେଳାଇବା ପାଇଁ ଅଛି କଣ ? ଶାନ୍ତା ପରି ଅନେକ ନାରୀ ତାର ଜୀବନ-ଆକାଶରେ ସପ୍ତରଙ୍ଗୀ ଇନ୍ଦ୍ରଧନୁ ସାଜି ଆସିଛନ୍ତି, ପୁଣି ଯାଇଛନ୍ତି ।

ଶାନ୍ତା ମଧ୍ୟ ଯିବ ।

Digitized by srujanika@gmail.com

ଟେଲିଫୋନ୍‌ଟା ବାଜି ଉଠିଲା ।

''ସୁବୋଧ କପୁର ସ୍ପିକିଂ''

ସୁବୋଧର ମୁହଁଟା କୁଞ୍ଚିତ ହୋଇ ଉଠିଲା । ଇଏ ପୁଣି ସେଇ ବୋର... ''ହାଲ୍ଲୋ ସୁବୋଧ, ମୁଁ ପ୍ରଫେସର ଡକ୍ଟର ମାଇହୋତ୍ରା କହୁଛି ।''

''ଖବର କଣ ?'' - ସୁବୋଧର କଣ୍ଠରେ ବିରକ୍ତି ।

ହାଃ ପ୍ରଫେସର ଡକ୍ଟର ମାଇହୋତ୍ରା ! ସବୁ ଗୋଟାଏ ହୋକ୍‌ସ୍ । ମାଇହୋତ୍ରା ଗୋଟାଏ ଅନାମଧେୟ ଘରୋଇ କଲେଜରେ ଲେକ୍‌ଚରରେ ଥିଲା କିଛିଦିନ । ସେଇ ଅବକାଶରେ ନିଜକୁ ଚଳାଇ ଦେଇଛି ପ୍ରଫେସର ଡକ୍ଟର ମାଇହୋତ୍ରା । ଏଇ ବିରାଟ ମହାନଗରୀରେ କିଏ ବା ପଚାରୁଛି କେଉଁ ସବ୍‌ଜେକ୍ଟରେ ତମେ ଡକ୍ଟରେଟ୍ କରିଛ ? କଣ ଥିଲା ତମର ଥେସିସ୍ ? ରାଜନୀତିର ପଣ୍ଡା ହେଲେ ଯଦି ''ପଣ୍ଡିତ''ପଦବୀ ଚଳେ, ତା' ହେଲେ ଡକ୍ଟର ଚଳିବ ନାହିଁ କାହିଁକି ? ପାଲେସର କରିଡ଼ରରେ ପୁଣି ମାଇହୋତ୍ରା ଏବେ ପରିଚିତ ପଣ୍ଡିତ ମାଇହୋତ୍ରାଜୀ ବୋଲି । 'ଡକ୍ଟର'ର ସ୍ୱଦେଶୀ ରୂପାନ୍ତର 'ପଣ୍ଡିତଜୀ' ।

ମାଇହୋତ୍ରା ଏକ ବିରାଟ ହୋକ୍‌ସ । ଅଥଚ ଆଜିର ରାଜନୀତିରେ ଏଇ ''ହୋକ୍‌ସ'' ମାନେଇ ତ ସଫଳ ତାଲିକାରେ ।

''ଅନେକ ଦିନ ତଳେ ଥରେ ଏକାଠି ବସିଥିଲେ । ଆଜି ସଂଧ୍ୟାରେ ଆସ ନା ! ଗୋଟାଏ ଭଲ ଜିନିଷ ଅଛି ।''

ଭଲ ଜିନିଷର ସାଙ୍କେତିକ ଶବ୍ଦ ବୁଝେ ସୁବୋଧ । ଭଲ ଜିନିଷ କହିଲେ ବିଦେଶୀ ମଦ । ଡକ୍ଟର ମାଇହୋତ୍ରା, ବୈଦେଶିକ ଦୂତାବାସମାନଙ୍କର ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଇଉନିଅନର ସଭାପତି । ସେଥିପାଇଁ ସେମାନଙ୍କ ଜରିଆରେ ପ୍ରଫେସର ମାଇହୋତ୍ରା ଯୋଗାଡ଼ କରି ପାରିଥାନ୍ତି, ଏହିପରି ଭଲ ଜିନିଷ, ଅବଶ୍ୟ ବିନା ମୂଲ୍ୟରେ ।

ଡକ୍ଟର ବା ପ୍ରଫେସର ମାଇହୋତ୍ରାର ଆତିଥ୍ୟ ଗ୍ରହଣ କରିବାରେ ବିପଦ ହେଉଛି, ଡ୍ରିଙ୍କ ଶେଷରେ ସେ ଧରାଇଦେବ ଗୋଟାଏ ଲମ୍ବା ବିବୃତ୍ତି ବା ସେହିପରି କିଛି । ''ଇଏ ଗୋଟିଏ ଚୂଆ ଆଙ୍ଗଲରୁ ଆମ ବୈଦେଶିକ ନୀତିର ବିଶ୍ଳେଷଣ କରିଛି । ଫରେନ୍ ମିନିଷ୍ଟର୍ ଷ୍ଟେଟ୍‌ସକୁ ଯାଉଛନ୍ତି ଉଇକ ଏଣ୍ଡରେ । ତା'ପୂର୍ବରୁ ଏ ଷ୍ଟେଟମେଣ୍ଟଟା ପ୍ଲାସ୍‌ଡ଼ ହେବା ଦରକାର ବା ସେହିପରି କିଛି ଆଧାର । ଚାରି ପେଗ୍ ହୁଇସ୍କି ଉଡ଼ାଇଲା ପରେ ଏପରି ଆବଦାରକୁ ଉପେକ୍ଷା କରିବାର କଣ ଉପାୟ ଅଛି ? ଲେଟରହେଡ୍ କୋଂପାନୀ ପରି ପ୍ରଫେସର ମାଇହୋତ୍ରା ଖବରକାଗଜୀ ନେତା । ଇଚ୍ଛାକଲେ ପ୍ରଫେସର ମାଇହୋତ୍ରା ତମକୁ ମଧ୍ୟ ଫରେନ ପଠେଇ ଦେଇପାରେ, କୌଣସି ଫ୍ରେଣ୍ଡସିପ୍ ଆସୋସିଏସନ ପକ୍ଷରୁ କୌଣସି ଡେଲିଗେସନରେ । ସେ ଅନ୍ତତଃ ଅଧଡର୍ଜନ ଫ୍ରେଣ୍ଡିସିପ୍ ଆସୋସିଏସନର ପ୍ରେସିଡ଼େଣ୍ଟ ବା ସେକ୍ରେଟାରୀ ।

କିନ୍ତୁ ପ୍ରଫେସର ମାଇହୋତ୍ରା ବା ତା' ପରି ଲୋକେ ବୁଝି ପାରନ୍ତି ନାହିଁ ଏଇ ମାଗଣା

Digitized by srujanika@gmail.com

ସ୍କଚ ହୁଇସ୍କି, ବିଦେଶକୁ ଫ୍ରି ଟ୍ରିପ୍ ପାଇଁ, ଏମ୍ୟାସୀର ବିଦେଶୀ କୁଟନୀତିଜ୍ଞମାନେ କେତେ ହୀନ ଦୃଷ୍ଟିରେ ଦେଖନ୍ତି, ଏ ଦେଶର ଲୋକ ପ୍ରତିନିଧି ଓ ପ୍ରଫେସର ମାଲହୋତ୍ରାଙ୍କ ପରି ଖବରକାଗଜୀ ନେତାମାନଙ୍କୁ । ସେମାନଙ୍କର ଧାରଣା, ଏମାନଙ୍କୁ ଅକ୍ଲେଶରେ କିଣାଯାଇ ପାରିବ, ଏଇପରି ସାମାନ୍ୟ ମୂଲ୍ୟରେ । ସେମାନଙ୍କ ଛରିଆରେ ଇବିଙ୍ଗ୍ କରାଯାଇ ପାରିବ ସୁବିଧାରେ । ଏଇ ସାଇକୋଫାଣ୍ଟମାନଙ୍କର ଗତି ସର୍ବତ୍ର... ପାଲେସଠାରୁ ଆରମ୍ଭ କରି ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ।

ସାଇକୋଫାନ୍‌ସୀ, ଚାମଚାଗିରି ତ ରାଜଧାନୀର ରାଜନୀତି । ଯିଏ ଯେତେ ବଡ଼ ସାଇକୋଫାଣ୍ଟ, ସିଏ ସେତେ ବେଶି ସଫଳ ଜନନେତା !

''ଚୁପ୍ ରହିଲେ ଯେ ସୁବୋଧ !''

''ଆଉ କେବେ ପ୍ରଫେସର । ଆଜି ସଂଧ୍ୟାରେ ଗୋଟାଏ ଜରୁରୀ ଏନ୍‌ଗେଜମେଣ୍ଟ ଅଛି ।'' ସୁବୋଧ ଟେଲିଫୋନ୍ ରିସିଭରଟା ବିରକ୍ତିରେ ରଖିଦେଲା ।

ଆଜି ଅପରାହ୍ଣରେ ସିମ୍ପୋସିଅମ ଶେଷ ହେବା ପରେ, ହାତରେ ଅଛି ଅବଶ୍ୟ ପ୍ରଚୁର ସମୟ । ଶାନ୍ତାର ଡିନର ପାର୍ଟିକୁ ବିଳମ୍ବରେ ଗଲେ ବି ଚଳିବ । ସେଇ ସମୟଟା କଟିଯାଇ ପାରନ୍ତା ପ୍ରଫେସର ମାଲହୋତ୍ରା ଘରେ ସ୍କଚ୍ ଟାଣି । କିନ୍ତୁ ବଡ଼ ଅସ୍ୱସ୍ତିକର ଲାଗେ ପ୍ରଫେସର ମାଲହୋତ୍ରାର ତୈଳାକ୍ତ ସାନ୍ନିଧ୍ୟ ।

ଛଳନା, ଆତ୍ମ ପ୍ରତାରଣାର ମହାନଗରୀର ନେତାମ୍ପନ୍ୟ ସିଏ... ନେତୃତ୍ୱର ଅଭିନୟ କରେ, ଖବରକାଗଜ ସ୍ତରରେ ! ସେଇଥିରେ ତାର ପରିତୃପ୍ତି ।

ବିଚିତ୍ର ଜୀବ ଏଇ ପ୍ରଫେସର ମାଲହୋତ୍ରା । ପାଲେସରେ ହାଜିରା ଦେବା ତା'ର ପ୍ରାତ୍ୟହିକ କାର୍ଯ୍ୟ । ପାଲେସ ଭିତରକୁ ଯାଇ ଦର୍ଶନ ପାଇବା ତା' ପକ୍ଷରେ ସମ୍ଭବ ହୁଏ ନାହିଁ । ଏକଦା ପାଲେସର ବଡ଼ କର୍ତ୍ତାଙ୍କ ସହିତ ତାର କିଛିଟା ଘନିଷ୍ଠତା ଥିଲା । ବଡ଼କର୍ତ୍ତା ବାହାରେ ଶୁଭେଚ୍ଛା - ସଦିଚ୍ଛା ଓ ବନ୍ଧୁତ୍ୱର ନେପଥ୍ୟରେ ଅତି ସତର୍କ ଦୃଷ୍ଟିରେ ତାକୁ ପଦେ ପଦେ ଜହ୍ନୁଥିଲେ, ଲୋକଟି କେତେଦୂର ଯାଇପାରେ ! ଏହି ସମ୍ପର୍କକୁ ପୁଞ୍ଜି କରି ପ୍ରଫେସର ମାଲହୋତ୍ରା ବାହାରେ ନିଜକୁ ପ୍ରଚାରିତ କରିଦେଲା, ପାଲେସର ଜଣେ ବଡ଼ପଣ୍ଡା ରୂପେ । ଦେଶର କୌଣସି କୌଣସି ସୁବାରେ ତାକୁ ସୁବେଦାରୀ ଦେବାପାଇଁ ବଡ଼କର୍ତ୍ତା ତାକୁ ପ୍ରସ୍ତାବ ଦେଇଛନ୍ତି ବୋଲି ସେ ମଧ୍ୟ ତାଙ୍କ ବନ୍ଧୁ ଓ ଅନୁଗତମାନଙ୍କ ମଧ୍ୟରେ ପ୍ରଚାର କରିଦେଲା । କେହି ତାଳେ ତାଳେ ଗଲେ, ବଡ଼କର୍ତ୍ତା ଯାଆନ୍ତି ପତରେ ପତରେ । ଯେଉଁମାନେ ତାଙ୍କର ବେଶି ଅନ୍ତରଙ୍ଗ ଓ ବଶମ୍ବଦ, ସେମାନଙ୍କ ପଛରେ ପୁଣି ବେଶି ଗୁପ୍ତଚର । ତେଣୁ ଯଥା ସମୟରେ ପ୍ରଫେସର ମାଲହୋତ୍ରାଙ୍କର ଆତ୍ମପ୍ରଚାରର ବିବରଣୀ ପହଞ୍ଚିଗଲା, ବଡ଼କର୍ତ୍ତାଙ୍କ କାନରେ । ତାକୁ ଅତିରଞ୍ଜିତ କରିଦେଲେ, ପ୍ରଫେସର ମାଲହୋତ୍ରାଙ୍କ ପ୍ରତି ଈର୍ଷାନ୍ୱିତ ତାଙ୍କର ଆଉ କେତେକ ସମଧର୍ମୀ । ବାହାରେ ବଡ଼କର୍ତ୍ତାଙ୍କ ଆଚରଣରେ କିଛି ଅବଶ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଗଲା ନାହିଁ । କିନ୍ତୁ ପ୍ରଫେସର ମାଲହୋତ୍ରା ଦିନେ ଦୈନନ୍ଦିନ ରୀତିରେ ବଡ଼କର୍ତ୍ତାକୁ ଦର୍ଶନ କରି ତାକୁ ଗୋଟିଏ ଫୁଲତୋଡ଼ା

Digitized by srujanika@gmail.com

ଭେଟି ଦେଇ ବାହାରକୁ ଆସିବାମାତ୍ରେ, ଜଣେ ପାଖଲୋକ ବେଶ୍ କଠୋର ଗଳାରେ କହିଲେ, ''ପ୍ରଫେସର ସାହେବ୍, ଆପଣ ପାଲେସକୁ ପ୍ରତିଦିନ ଆସିବା ଅନ୍ୟମାନଙ୍କ ଆଖିରେ ଭଲ ଦେଖାଯାଉନାହିଁ । ଆପଣ ଏଣିକି ଯେତେ କମ୍ ପାରନ୍ତି, ସେତେ କମ୍ ଆସିଲେ ଭଲ ହେବ ।'' ପ୍ରଫେସର ମାଇହୋତ୍ରା ଏହାର ଇଙ୍ଗିତାର୍ଥ ବୁଝିଲେ । ପାଲେସ ଭିତରକୁ ଆସିବା ଏଣିକି ତାଙ୍କ ପାଇଁ ନିଷିଦ୍ଧ ହୋଇଗଲା । କଥାଟି ବଡ଼କର୍ତ୍ତାଙ୍କର; କିନ୍ତୁ ବଡ଼କର୍ତ୍ତା କାହାକୁ କିଛି କହନ୍ତି ନାହିଁ । ସେ କୁହନ୍ତି, ପାଖ ଲୋକମାନଙ୍କ ଜରିଆରେ । ଅତୀତରେ ପ୍ରଫେସର ମାଇହୋତ୍ରା ମଧ୍ୟ ଏହି କୁହାଇବା କାର୍ଯ୍ୟରେ ନିଯୁକ୍ତ ଥିଲେ । ପ୍ରଫେସର ମାଇହୋତ୍ରା ବୁଝିଲେ, ଫୋପଡ଼ କୋରଟିଲା । ତଥାପି ପ୍ରଫେସର ମାଇହୋତ୍ରା ନିରସ୍ତ ହେବାର ଲୋକ ନୁହଁନ୍ତି । ପାଲେସ୍‌କୁ ଛାଡ଼ିଲେ ନିଜ ଶକ୍ତି ବା ବଳରେ ସେ ଦଣ୍ଡେ ବଞ୍ଚିପାରିବେ ନାହିଁ । ପ୍ରଫେସର ମାଇହୋତ୍ରାଙ୍କ ପରି ରାଜଧାନୀର ଏହି ଶ୍ରେଣୀର ରାଜନୀତିକମାନଙ୍କର ଏହି ହେଲା ସ୍ୱଭାବ । ପାଲେସର ସାନ୍ନିଧ୍ୟ ସେମାନଙ୍କର ଆତ୍ମରକ୍ଷା ପାଇଁ ଦରକାର । ସେଥିପାଇଁ ପାଲେସରୁ ବିତାଡ଼ିତ ହେଲେହେଁ ପ୍ରତ୍ୟହ ପାଲେସକୁ ଯିବା ପ୍ରଫେସର ମାଇହୋତ୍ରାଙ୍କର ବନ୍ଦ ହେଲା ନାହିଁ ।

କିନ୍ତୁ ଦର୍ଶନ ନ ପାଇଲେ ସୁଦ୍ଧା ପ୍ରଫେସର ମାଇହୋତ୍ରାର କ୍ଲାନ୍ତି ନାହିଁ, କ୍ଷୋଭ ନାହିଁ । ପାଲେସ ଭିତରେ ଗୋଟିଏ ଆମ୍ବଗଛ ମୂଳେ ଗମ୍ଭୀର ଭାବରେ ଠିଆହୋଇ ଦର୍ଶନାର୍ଥୀମାନଙ୍କୁ ସେ ସ୍ୱାଗତ ଜଣାଏ, ଯେପରି ପାଲେସ ପକ୍ଷରୁ ଏଥିପାଇଁ ତାକୁ ମୁତୟନ କରାଯାଇଛି । ସେତେବେଳେ ତା' ଓଠରେ ଲାଗି ରହିଥାଏ; ଅବଲୋକିତେଶ୍ୱର ବୁଦ୍ଧ-ସୁଲଭ ସ୍ମିତହସ । ନମସ୍କାର କଲାବେଳେ ସେ ତାହାଣ ହାତଟା ଉଠାଇ ଦିଏ, ଉଭୟ ମୁଦ୍ରାର ଆଶୀର୍ବାଦ କରିବାକୁ । ନମସ୍କାରର ଏ କାଇଦାଟା ରାଜଧାନୀରେ ରାଜନୀତିଜ୍ଞମାନଙ୍କ ମଧ୍ୟରେ ହାଇ, ଆମଦାନୀ ହୋଇଛି, ଯଦ୍ୟପି କେଉଁଠି ଆମଦାନୀ ହେଲା ଜଣାନାହିଁ । ଦର୍ଶନାର୍ଥୀମାନଙ୍କ ମଧ୍ୟରେ ଥାଆନ୍ତି ଦୂରଦୂରାନ୍ତରୁ ଆସିଥିବା, ରାଜନୈତିକ ଜଗତର ହୋମଡ଼ା ଚୋମଡ଼ାମାନଙ୍କଠାରୁ ଆରମ୍ଭ କରି ଶେଠ, ଶିଳ୍ପପତି ଓ ଅନ୍ୟ ଉମେଦ୍ୱାରମାନଙ୍କ ପର୍ଯ୍ୟନ୍ତ । ସମସ୍ତଙ୍କର ପତିଆରା ହୋଇଯାଏ, ପ୍ରଫେସର ମାଇହୋତ୍ରା ପାଲେସର ତଥାପି ଖୁବ୍ ଅନ୍ତରଙ୍ଗ, ଖୁବ୍ ବିଶ୍ୱାସୀ ରହିଛି । ପ୍ରଫେସର ମାଇହୋତ୍ରା ସମସ୍ତଙ୍କୁ କହେ '' ଆପ ଯାଇଏ, ଅନ୍ଦର ମେ ମିଲ୍ କେ ଆଇଏ । ହମ୍ ଆପକେ ଖିଦ୍‌ମତ୍‌ମେ ହମେଶା ହାଜର ହୈଁ ।'' 'ବଚନେ କା ଦରିଦ୍ରତା' ଆପ୍ତବାକ୍ୟର ପ୍ରତିରୂପ ପ୍ରଫେସର ମାଇହୋତ୍ରା । ସମସ୍ତଙ୍କ ପାଇଁ ଉତ୍ସାହ ବାଣୀ । କେହି ନିରାଶ ହୁଅନ୍ତି ନାହିଁ । ଦର୍ଶନାର୍ଥୀମାନେ ପ୍ରଫେସର ମାଇହୋତ୍ରାଙ୍କ ଲହୁଣୀବୋଳା ଅଭିନୟରେ କୃତ୍ୟକୃତ୍ୟ ହୋଇଯାଆନ୍ତି । ଏହି ଅଭିନୟ ପ୍ରଫେସର ମାଇହୋତ୍ରାର ପୁଞ୍ଜି । ସେହି ପୁଞ୍ଜିରେ ସିଏ ନିଜକୁ କେବଳ ରାଜଧାନୀର ରାଜନୈତିକ ମହଲରେ ପରିଚିତ କରାଇ ପାରିଛି ତା' ନୁହେଁ ଶେଠ, ଶିଳ୍ପପତିମାନଙ୍କଠାରୁ ବେଶ ମୋଟା ଚାନ୍ଦା ମଧ୍ୟ ଆଦାୟ କରିପାରିଛି । ଏହି ଅଭିନୟ ଏହି ଆତ୍ମ-ପ୍ରତାରଣା ଜୀବିକା ଓ ଜୀବନ । ଏହା ହିଁ ପ୍ରଫେସର ମାଇହୋତ୍ରା-ଗୋଷ୍ଠୀର ରାଜନୀତିକମାନଙ୍କର ଏକମାତ୍ର ରାଜନୀତି, ଯାହାର ଏକମାତ୍ର

Digitized by srujanika@gmail.com

ଉଦ୍ଦେଶ୍ୟ ତୁଚ୍ଛ ସ୍ୱାର୍ଥସିଦ୍ଧି । ଏମାନଙ୍କର ରାଜନୀତିର ଲକ୍ଷ୍ୟ ଅତି ସୀମିତ, କ୍ଷମତା ଓ ଅର୍ଥ । ସେଥିରେ କଲ୍ୟାଣଦର୍ଶିତା ବା ବୃହତ୍ତର ସାର୍ଥକତାର ପ୍ରଶ୍ନ ନାହିଁ । ସେସବୁ କେବଳ ସ୍ଲୋଗାନ୍ ଦେବା ଉଚ୍ଚି । କିନ୍ତୁ ନିଜ ସ୍ୱାର୍ଥର ପ୍ରଶ୍ନ ଉଠିଲେ, ସେମାନେ ଦେଶର ସ୍ୱାର୍ଥକୁ ସୁଦ୍ଧା ବିକ୍ରି କରିଦେବାକୁ କୁଣ୍ଠିତ ହେବେନାହିଁ ।

ମିଡ଼ିଆ ବା ଖବରକାଗଜମାନଙ୍କରେ ଆତ୍ମପ୍ରଚାର ଏ ବ୍ୟବସାୟରେ ପ୍ରଫେସର ମାଇହୋତ୍ରାର ତେଣୁ ଅପରିହାର୍ଯ୍ୟ ପୁଞ୍ଜି । ସେଥିପାଇଁ ଅବଶ୍ୟ ପ୍ରଚୁର ‘‘ ଭଇ ମାନ୍’’ ସାମ୍ବାଦିକମାନଙ୍କ ପାଇଁ ବ୍ୟବସ୍ଥା କରିବାକୁ ପଡ଼େ । କିନ୍ତୁ ବୈଦେଶିକ ଦୂତାବାସମାନଙ୍କର ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ୟୁନିଅନର ପ୍ରେସିଡେଣ୍ଟ ପକ୍ଷରେ ‘‘ଭଇ ମାନ୍’’ ଦୂତାବାସମାନଙ୍କରୁ ହରଣଟାଇ କରି ଆଣିବାଟା କଉ ବଡ଼କଥା । ଏଥିରେ ପ୍ରଫେସର ମାଇହୋତ୍ରାର ଗୋଟିଏ ନାକ୍ ଅଛି । ତା’ର ଘୋର ଶତ୍ରୁମାନେ ସୁଦ୍ଧା ଏ କଥା ସ୍ୱୀକାର କରିବେ ।

କିନ୍ତୁ କେତେ ପେଗ୍ ସ୍କଚ୍ ହୁଇସ୍କି, ଗୋଟାଏ ଚାନ୍‌ସେଲର ସିଗାରେଟ୍ ପ୍ୟାକେଟ୍ ଓ ଶସ୍ତା ତିନର ଭଡ଼ାରେ ପ୍ରଫେସର ମାଇହୋତ୍ରାର ବିବୃତ୍ତି ଛପାଇବା ସୁବୋଧ ପକ୍ଷରେ ଅତ୍ୟନ୍ତ ବିରକ୍ତିକର ହୋଇ ଉଠିଥିଲା । କିନ୍ତୁ ପ୍ରଫେସର ମାଇହୋତ୍ରା ସୁବୋଧକୁ ଛାଡ଼େ କେତେକ ! ସେ ଆଉ ଥରେ ଟେଲିଫୋନ୍ କଲା - ‘‘ସୁବୋଧ , ତମେ ନ ଆସିଲେ ସନ୍ଧ୍ୟାଟା ମାଟି ହୋଇଯିବ ।’’ ସୁବୋଧ ଦୁଇପାଟି ଦାନ୍ତ ଚିପି, ଇଷତ୍ ରୁଷ୍ଟ କଣ୍ଠରେ କହିଲା, ‘‘ ସରି, ଥ୍ୟାଙ୍କସ ।’’

ନା : ନା - ଦେବୀନ୍ଦର ସିଂହର ବ୍ରେକଫାଷ୍ଟକୁ ଆଉ ଯାଇ ହେବ ନାହିଁ । ଯିବା ପାଇଁ ମଧ୍ୟ ଇଚ୍ଛା ନ ଥିଲା । ଏଇ ଦେବୀନ୍ଦର ସିଂହ ରାଜଧାନୀର ଆଉ ଏକ କିସମର ଘୁ ଘୁ । ଇଏ ଗୋଟାଏ ଇଉରୋପିଆନ୍ ଦେଶର ସାମରିକ ଉଡ଼ାଜାହାଜ ତିଆରି କମ୍ପାନୀର ସବ୍‌ଏଜେଣ୍ଟ । ଉଡ଼ାଜାହାଜ ବିକ୍ରି କରିବାପାଇଁ ଲବିଂ ଦରକାର । ଲବିଂ ପାଇଁ ପ୍ରୟୋଜନ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀମାନଙ୍କ ଉଡ଼ାଜାହାଜ ବିରୁଦ୍ଧରେ ସୁତୁରୁର ସୂକ୍ଷ୍ମ ପ୍ରଚାର । ଏଥିରେ ପାର୍ଲାମେଣ୍ଟ ସଭ୍ୟଙ୍କଠାରୁ ଆରମ୍ଭ କରି ସାମ୍ବାଦିକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରୟୋଜନ । ସେଥିପାଇଁ ଦେବୀନ୍ଦର ସିଂହ ଜୋରବାଗ କୋଠିରେ ବ୍ରେକ୍‌ଫାଷ୍ଟ, ଲଞ୍ଚ, ଡିନର ଆମନ୍ତ୍ରଣ ନିତିଦିନିଆ ବ୍ୟାପାର । କିନ୍ତୁ ଏସବୁ ଦଇାଲି ମଧ୍ୟ ସୁବୋଧକୁ କ୍ରମେ ଚିଟା ଲାଗିଲାଣି । ସେ ଦେବୀନ୍ଦର ସିଂହକୁ ଟେଲିଫୋନ କରି ଜଣାଇ ଦେଲା, ସେ ବ୍ରେକ୍‌ଫାଷ୍ଟକୁ ଆସିପାରୁ ନ ଥିବାରୁ ଦୁଃଖିତ ।

ତା’ପରେ ବିକ୍ରମାଦିତ୍ୟ ହୋଟଲରେ ଦାରିଦ୍ର୍ୟ ଉପରେ ସିମ୍ପୋସିଅମ ପାଇଁ ସେ ତରତର ଭାବରେ ପ୍ରସ୍ତୁତ ହେବାକୁ ଲାଗିଲା ।

ରାଜଧାନୀର ଚତୁର ଧଡ଼ିବାଜମାନଙ୍କ ହାତରେ ଦାରିଦ୍ର୍ୟ ଆଉ ଏକ ଅସ୍ତ୍ର । ଅର୍ଥନୀତି ବିଶାରଦମାନଙ୍କଠାରୁ ଆରମ୍ଭ କରି ପାଲେସର ଭିତିରିଆ ଓ ଛାମୁଆ, କାନକୁହା, ସମସ୍ତଙ୍କ ପାଇଁ ଦାରିଦ୍ର୍ୟ କିପରି ଘୁଞ୍ଚିବ, ତାହାହିଁ ଯେପରି ଦିବାରାତ୍ରର ଏକମାତ୍ର ଚିନ୍ତା । ଏମାନଙ୍କର ପରିଧାନ ହେଲା ହାଇ ଫେସନର ସଫାରି । ପକେଟରୁ ଉଙ୍କି ମାରୁଛି, ଇଣ୍ଡିଆ କିଂ ସିଗାରେଟ ।

Digitized by srujanika@gmail.com

ରାସ୍ତାରେ ବେପରୁଆ ଛୁଟାଇଛନ୍ତି, ଲମ୍ବା ଲମ୍ବା ଇମ୍ପୋଟେଡ୍ ଗାଡ଼ି । ଏମାନେ ଏ ଯୁଗର ନୂତନ ସାମନ୍ତଗୋଷ୍ଠୀ, କିନ୍ତୁ ମୁହଁରେ ଏମାନଙ୍କର ''ଦାରିଦ୍ର୍ୟ ଘୁଞ୍ଚାଅ'' ସ୍ଲୋଗାନ । ଇଏ ମଧ୍ୟ ରାଜଧାନୀର ଧୂର୍ତ୍ତ ଆତ୍ମପ୍ରତାରଣାର ଆଉ ଏକ ଦିଗ । ଦେଶରୁ ଦାରିଦ୍ର୍ୟ ଘୁଞ୍ଚାଇବାର ଚିନ୍ତା ଆଜି ନୂଆ ନୁହେଁ । ସବୁ ଦେଶର, ସବୁ କାଳରେ, ଯେଉଁମାନେ ଦେଶର ଶାସନ କ୍ଷମତାକୁ କାଳ କାଳ ପାଇଁ ନିଜ ହାତ ମୁଠାରେ ଅଭିଆର କରି ରଖିବାକୁ ଚାହିଁଚନ୍ତି, ସେମାନେ ସମସ୍ତେ ଦେଇଛନ୍ତି, ଏଇ ସ୍ଲୋଗାନ । କାରଣ, ଏହାଠାରୁ ସୁଶ୍ରାବ୍ୟ 'ବୋଲି' ଆଉ କିଛି ନାହିଁ । ସବୁ ଦେଶର ଦରିଦ୍ରମାନେ ହେଲେ ବହୁପକ୍ଷ । ଏ ପ୍ରକାର 'ବୋଲି'ରେ ସେମାନଙ୍କର ଦାରିଦ୍ର୍ୟ ଘୁଞ୍ଚୁ ବା ନ ଘୁଞ୍ଚୁ, ସେମାନଙ୍କଠାରୁ ଅନ୍ତତଃ ସମର୍ଥନ ମିଳିବ । ନେପୋଲିୟନ, ହିଟ୍‌ଲର, ମୁସୋଲିନ ସମସ୍ତେ ଏହିପ୍ରକାର 'ବୋଲି' ଦେଇ ଅମିତ କ୍ଷମତାର ଅଧିକାରୀ ହୋଇ ପାରିଥିଲେ, କିନ୍ତୁ ସେ ଦେଶମାନଙ୍କରୁ ଦାରିଦ୍ର୍ୟ ଯାଇନାହିଁ । ଦାରିଦ୍ର୍ୟ କ୍ଷମତାଲିପ୍ସୁ ରାଜନୀତିକ ନେତାମାନଙ୍କର ଏକ ନ୍ୟସ୍ତ ସ୍ୱାର୍ଥ । ଦାରିଦ୍ର୍ୟ ଲୋପ ପାଇଗଲେ, ସେମାନଙ୍କର ସହଜ ନେତୃତ୍ୱ ଆଉ ଚଳିବ ନାହିଁ । ଯେତେଦିନ ଯାଏ ଦାରିଦ୍ର୍ୟ ରହିଥିବ, ସେତେଦିନ ପର୍ଯ୍ୟନ୍ତ ସେମାନେ ସୁପ୍ରତିଷ୍ଠିତ ଥିବେ । ଶେଠମାନେ ଗୋରୁଚର୍ବି ଘିଅରେ ମିଶାଇ କୋଟିପତି ହୋଇ ସେଥିରୁ କିଛି ମୁନାଫାରେ ଧର୍ମଶାଳା ଓ ଗୋଶାଳା ଖୋଲିବାକୁ ଏହିପରି ଶ୍ରେଣୀର ନେତାମାନେ ବୁଭୁକ୍ଷୁ ଦରିଦ୍ରମାନଙ୍କ ଆଗରେ ବିଡ଼ାଏ ବିଡ଼ାଏ ଅବଶ୍ୟ ପକାନ୍ତି । ମାତ୍ର ସେଥିରେ ଦାରିଦ୍ର୍ୟ ବଢ଼େ ସିନା, ତାହାର ବିକଟତା, ତାହାର ଜ୍ୱାଳା ପ୍ରଶମିତ ହୁଏନାହିଁ ।

ରାଜନୀତିର ଏଇ କପଟପାଶାରେ ଅର୍ଥନୀତି ବିଶାରଦମାନେ ଗୋଟିଏ ବଡ଼ ସାରିକଦାର । ଦାରିଦ୍ର୍ୟ ଉପରେ ବଡ଼ ବଡ଼ ସନ୍ଦର୍ଭ ଓ ଗ୍ରନ୍ଥ ଲେଖି ଏମାନେ ବେଶ୍ କିଛି ପ୍ରସିଦ୍ଧି ଅର୍ଜ୍ଜନ କରିସାରିଲେଣି । ଦାରିଦ୍ର୍ୟ ଘୁଞ୍ଚୁ ନ ଘୁଞ୍ଚୁ, ଏମାନଙ୍କ ପ୍ରସିଦ୍ଧି କିନ୍ତୁ ବଢ଼ିବାରେ ଲାଗିଛି । ଏଥିପାଇଁ ସିମ୍ପୋସିଅମର ଆୟୋଜନ ନିତାନ୍ତ ପ୍ରୟୋଜନ । ଏ ସିମ୍ପୋସିଅମମାନଙ୍କର ସ୍ଥାନସବୁ ପଞ୍ଚତାରକା ହୋଟେଲମାନଙ୍କର ଶୀତତାପ ନିୟନ୍ତ୍ରିତ କନଭେନସନ୍ ହଲ୍ । ଏଥିରେ ଯୋଗଦେବାପାଇଁ ସଫାରି ପିନ୍ଧା, ଟାଇବନ୍ଧା, ଅର୍ଥନୀତି ଶାସ୍ତ୍ରୀମାନେ, ହାତରେ କେହି ବା ଆଟାଚି ଟୁଇାଇ, ଆଉ କେହି ବା ହାତରେ ପ୍ଲାଷ୍ଟିକ୍ ଫାଇଲରେ ନାଲିଫିତା ବନ୍ଧା ସନ୍ଦର୍ଭ ଧରି, ଇମ୍ପୋଟେର୍ଡ ଗାଡ଼ିମାନଙ୍କରୁ ବ୍ୟସ୍ତବିବ୍ରତ ଭାବରେ ଓହ୍ଲାଇ ପଡ଼ନ୍ତି, ହୋଟେଲରେ ପୋଚରେ ଯେପରି ଦାରିଦ୍ର୍ୟକୁ ସେମାନେ ଆଉ ଗୋଟିଏ ମୁହୂର୍ତ୍ତ ବରଦାସ୍ତ କରି ପାରିବେ ନାହିଁ ! ଏହି ହୋମଡ଼ା ଚୋମଡ଼ା କର୍ତ୍ତା ପଦଧାରୀ ଆସି ଯଥାବିଧି ସିମ୍ପୋସିଅମକୁ ଉଦ୍‌ଘାଟନ କରିବା ଅବକାଶରେ ଦାରିଦ୍ର୍ୟ ପାଇଁ ସେ କିପରି ଘୋର ଚିନ୍ତିତ, ତାହା ବେଶ୍ ଆବେଗସହିତ ଭାଷାରେ ଭାଷଣ ଦେଇ ଯାଆନ୍ତି । ଉଦ୍‌ଘାଟନ ପର୍ବ ଶେଷ ହେବା ପରେ ପରେ ଆରମ୍ଭ ହୋଇଯାଏ, କଫି ପର୍ବ । ଦାରିଦ୍ର୍ୟ ହଟାଇବା ସମ୍ପର୍କରେ ନିଜ ନିଜ ମୂଲ୍ୟବାନ ସିଦ୍ଧାନ୍ତ ପେଶ୍ କରିବା ଆଗରୁ ଅର୍ଥନୀତି ଶାସ୍ତ୍ରୀମାନେ ଗରମ କଫିରେ ଚଞ୍ଚିଭିଜାଇ ନିଅନ୍ତି । ତା' ନହେଲେ ସେମାନଙ୍କ କଥାଗୁଡ଼ା ଯେପରି ଚଞ୍ଚିରେ ଅଟକିଯିବ ।

Digitized by srujanika@gmail.com

କପି ପର୍ବ ଶେଷ ହୋଇ ଗୋଟିଏ ଦୁଇଟି ସନ୍ଦର୍ଭ ଶୁଣିବା ପରେ ଆସିଯାଏ, ଇଞ୍ଚବିରତି । ଅପରାହ୍ଣରେ ଆଉ କିଛି ସନ୍ଦର୍ଭ, ତା'ପରେ ସିମ୍ପୋସିଅମ ଶେଷ ।

ଦାରିଦ୍ର୍ୟ ଅବଶ୍ୟ ବାହାରେ ଲମ୍ବିଥାଏ, କ୍ଷୁଧିତ ଅଜଗର ପରି । ଏସବୁ ନିରର୍ଥକ, ଆମ୍ - ପ୍ରତାରଣାପୂର୍ଣ୍ଣ ସିମ୍ପୋସିଅମମାନଙ୍କ ପାଇଁ ସୁବୋଧର ମଧ୍ୟ ଅରୁଚି ହେଲା । ସୁବୋଧ ଏବେ ଆଶ୍ଚର୍ଯ୍ୟ ହୁଏ ଯେ, ଦିନକୁ ଦିନ ଆଜିକାଲି କ୍ରମେ ଏପରି ସିନିକ ହୋଇ ଉଠୁଛି କାହିଁକି ?

ଗାଡ଼ିର କାର୍ବୁରେଟର ରାସ୍ତାରେ ଅସୁବିଧା କରି ନଥିଲେ ସୁବୋଧ ଯଥା ସମୟରେ ସିମ୍ପୋସିଅମରେ ପହଞ୍ଚି ପାରିଥାନ୍ତା ମାତ୍ର ସେ ରିସେପ୍‌ସନ କାଉଣ୍ଟରରେ ଚେକ୍‌ଇନ୍ କରି କନ୍‌ଭେନ୍‌ସନ୍ ହଲ୍‌କୁ ଆସିବା ବେଳକୁ ନେତାଜୀଙ୍କର ଉଦ୍‌ଘାଟନ ଭାଷଣ ସେଇ ମାତ୍ର ଶେଷ ହୋଇଛି । ସମବେତ ପ୍ରତିନିଧିମାନେ ଘନ ଘନ କରତାଳି ଦେଉଛନ୍ତି । ନେତାଜୀ କିଛି ଗୋଟାଏ ସୁଶ୍ରାବ୍ୟ କଥା କହିଛନ୍ତି, ନିଶ୍ଚୟ ।

ଦାମୀ ସଫାରି ପିନ୍ଧା ଜଣେ ପ୍ରତିନିଧି ମଞ୍ଚ ଉପରକୁ ଆସି ଗୋଟାଏ ନାଟକୀୟ ଠାଣିରେ ଠିଆ ହୋଇ କପାଳ ଉପରୁ ଗୋନ୍ଥାଏ କହରା ବାଳ ପଛକୁ ଛାଟିଦେଇ ଭାଷଣ ଦେଲେ ମୂଳ କଥା ଦାରିଦ୍ର୍ୟର ସଂଜ୍ଞା କ'ଣ ? ଏ ସଂଜ୍ଞା ପ୍ରଥମେ ସ୍ପଷ୍ଟ ନହେଲେ ତ ଦାରିଦ୍ର୍ୟ ଘୁଞ୍ଚାଇବା ଅଭିଯାନ ସବୁ କୁହୁଡ଼ି ପହଁରାରେ । ଏ ସମ୍ପର୍କରେ ବହୁ ବିକଶିତ, ବିକାଶଶୀଳ ଓ ବିକାଶୋନ୍ମୁଖ ଦେଶରେ ଦାରିଦ୍ର୍ୟର ଉଦାହରଣ ଦେଇ ସେ ପ୍ରତିପାଦନ କରିବାକୁ ଚେଷ୍ଟା କଲେ, ଏ ଦେଶରେ ଦାରିଦ୍ର୍ୟ ଯେତେ ଉତ୍କଟ ବୋଲି କୁହାଯାଉଛି, ପ୍ରକୃତରେ ତାହା ସେପରି ନୁହେଁ । ଏ ବ୍ୟାପାରରେ ଅଯଥା ନୈରାଶ୍ୟବାଦୀ ନ ହୋଇ ପ୍ରଥମେ ଦାରିଦ୍ର୍ୟର ସଂଜ୍ଞା ନିରୂପଣ ପାଇଁ ସିମ୍ପୋସିୟମ ପକ୍ଷରୁ ଗୋଟିଏ କମିଟି ଗଠନ ହେବା ଆବଶ୍ୟକ ବୋଲି କହି ସେ ତାଙ୍କ ଆସନ ଗ୍ରହଣ କଲେ ।

ଘନ ଘନ କରତାଳି ଉଠୁଥିବା ବେଳେ ବକ୍ତା ମହାଶୟ ଧରିନେଲେ, ତାଙ୍କ ତତ୍ତ୍ୱ ସମସ୍ତଙ୍କୁ ପ୍ରଭାବିତ କରିଛି । ସ୍ୱୟଂ ନେତାଜୀ ସୁଦ୍ଧା ସ୍ମିତ ହସି ପାଖ ଚଉକିରେ ନେତାଙ୍କ ଆଡ଼େ ମୁଣ୍ଡ ବଙ୍କାଇ ଏ ପ୍ରକାର ମୂଲ୍ୟବାନ ଭାଷଣ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଉଥିଲେ । କିନ୍ତୁ ଏ କରତାଳି ଧ୍ୱନି ଯେ ସମ୍ପୂର୍ଣ୍ଣ ଆନ୍ତରିକତାହୀନ ଓ ଏହା କେବଳ ଏକ ରିଫ୍ଲେକ୍‌ଟସ୍ ଆକ୍‌ସନ, ତାହା ସେ ବୁଝିପାରୁନଥିଲେ । ସଭାରେ ବସିଲେ, ଏମିତି କରତାଳି ଦେବାକୁ ପଡ଼ିଥାଏ । ଏ ସତ୍ୟଟି ହୁଏତ ସେ ବୁଝି ନ ଥିଲେ ।

ଦ୍ୱିତୀୟ ବକ୍ତାଙ୍କର ଚେହେରା ଦେଖି ମନେହେଲା ସେ ଜଣେ ଉଗ୍ରପନ୍ଥୀ, ପ୍ରଫେସର ରୋଷନଲାଲ... । ବାମପନ୍ଥୀ ଜଗତରେ ବେଶ ଜଣାଶୁଣା ନାଆଁ । ଇଏ ଗୋଟିଏ ପ୍ରସିଦ୍ଧ ସାମ୍ୟବାଦୀ ବିଦ୍ୟାଳୟରେ ସୋସିଓଲୋଜିର ଅଧ୍ୟାପକ । ପରିଧାନରେ ମୋଟା ଖଦଡ଼ ପାଇଜାମା ଓ ଲମ୍ବା ଖଦଡ଼ ପଞ୍ଜାବୀ । ଅତି ଯତ୍ନର ସହିତ କାନ୍ଧ ପାଖରେ ଓ ପକେଟ ଉପରକୁ ଚେନାଏ ଚେନାଏ କଚୁରିରେ କାଟି ହଟେଇ ଦିଆ ହୋଇଛି । ଆଖିରେ ପିନ୍ଧିଛନ୍ତି, ଟିଣ ଫ୍ରେମ ଦିଆ ଜିରୋ ପାୱାରର ଚଷମା । ଅତି ଯତ୍ନର ସହିତ ଗୋଟାଏ ପାଖର ଲେନ୍‌ସରୁ ଟିକିଏ

Digitized by srujanika@gmail.com

ଫିଟେଇ ଦିଆଯାଇଛି । କାନ୍ଧରୁ ଝୁଲୁଛି; ଶାନ୍ତିନିକେତନ ଝୁଲି । ଶୀର୍ଣ୍ଣ ମୁହଁରେ ଦାଢ଼ି, କପାଳରେ ବଙ୍କୀରେଖା, ତାଙ୍କ ଚେହେରାରେ ଦେଇଛି ବୁଦ୍ଧିଦୀପ୍ତ ବୈଶିଷ୍ଟ । ପ୍ରଫେସର ରୋଷନଲାଲ ଝୁଲାମୁଣି ଭିତରୁ ତାଙ୍କ ସନ୍ଦର୍ଭଟି କାଢ଼ି ପୁଣି ଝୁଲାମୁଣିରେ ରଖିଦେଲେ । ତା' ପରେ ଶାନ୍ତ ନିରୁଉତ୍ତ କଣ୍ଠରେ ଭାଷଣ ଆରମ୍ଭ କରି ହଠାତ୍ ଯେପରି ଲାଭାସ୍ରୋତର ଉତ୍ସ ବିନ୍ଦୁରେ ଆସି ପହଞ୍ଚଗଲେ... ''ପୂର୍ବବର୍ତ୍ତୀ ବକ୍ତା ଯାହା କହିଲେ, ତାହା ଏଦେଶରେ ମଲ୍‌ଟିନେସନାଇ ଓ ଏମ୍‌ଆରଟିପି ମାଲିକ ମାନଙ୍କର କଥାର ପ୍ରତିଧ୍ୱନି ମାତ୍ର ।'' ତାଙ୍କର ବକ୍ତବ୍ୟ ହେଲା - ଏ ଦେଶରୁ ମଲ୍‌ଟିନେସନାଇମାନଙ୍କୁ ହଟାଇ ବଡ଼ ବଡ଼ ପୁଞ୍ଜିପତିମାନଙ୍କୁ କାବୁ ନ କରିବା ପର୍ଯ୍ୟନ୍ତ ଦାରିଦ୍ର୍ୟ ହଟାଇବା ନାମରେ ଯେତେ ସ୍ଲୋଗାନ ଦିଆଗଲେ ବି ଦାରିଦ୍ର୍ୟର ଉଚ୍ଚଟତା ବଢ଼ି ବଢ଼ି ଚାଲିଥିବ, ଇତ୍ୟାଦି ଇତ୍ୟାଦି । ଏହାଙ୍କ ଭାଷଣ ମଧ୍ୟ ଘନଘନ କରତାଳି ଦ୍ୱାରା ସେହିପରି ସମର୍ଥିତ ହେଲା ।

ଗୋଟାଏ ବାଜିବାକୁ ଦଶ ମିନିଟ ବାକି ।

ଇଣ୍ଟରବିରତି ପାଇଁ ସମସ୍ତେ ଉଦ୍‌ବିଗ୍ନ ।

ଦୀର୍ଘ ପାଞ୍ଚ କୋର୍ସ ବିଶିଷ୍ଟ ଲଞ୍ଚ ଶେଷ ହେଉ ହେଉ ଅପରାହ୍ନ ତିନିଟା ।

ଅପରାହ୍ନ ଅଧିବେଶନରେ ଭାଷଣ ଦେବା ପାଇଁ ଉଠିଲେ, ଅଧ୍ୟାପକ ଲାକ୍‌ଡ଼ିବାଲା - ଗାନ୍ଧିବାଦୀ; ଅର୍ଥନୀତିଜ୍ଞ । ଏ ମହାଶୟ ଦେଶରେ ମଲ୍‌ଟିନେସନାଲ୍ ଓ ଏମ୍‌ଆରଟିପିମାନଙ୍କର ମଧ୍ୟ ବିରୋଧୀ, କିନ୍ତୁ ଭିନ୍ନ କାରଣରୁ ଏହାଙ୍କ ସିଦ୍ଧାନ୍ତ ଗ୍ରାମୀଣ ଅର୍ଥନୀତି ଓ କୁଟୀର ଶିଳ୍ପରେ ହିଁ କେବଳ ଦାରିଦ୍ର୍ୟରୁ ମୁକ୍ତି । ପାୱାର ପ୍ଲାଣ୍ଟ ଦରକାର ନାହିଁ । ଗୋବରଗ୍ୟାସରେ ଚଳିବ । ଚରକା ତାକୁଡ଼ି ଥିବା ପର୍ଯ୍ୟନ୍ତ ଲୁଗାକଳରେ କି ପ୍ରୟୋଜନ ? ଗାନ୍ଧିଜୀ ଅବଶ୍ୟ ସିଙ୍ଗର ସିଲେଇ କଳ ପର୍ଯ୍ୟନ୍ତ ଯାଇଥିଲେ । ଅଧ୍ୟାପକ ଲାକ୍‌ଡ଼ିବାଲା ସିଙ୍ଗର ମେସିନ ଉପରେ ସାଇକେଲ ପର୍ଯ୍ୟନ୍ତ ଯାଇ ପାରିଛନ୍ତି । ସେଥିରୁ ଆଉ ବେଶି ନୁହେଁ । ଦେଶର ବିଶାଳତା ଦୃଷ୍ଟିରୁ ଟ୍ରେନ୍, ଏୟାର ଲାଇନ ଅବଶ୍ୟ ଅପରିହାର୍ଯ୍ୟ । ତଥାପି ପ୍ରତିଦ୍ୱନ୍ଦ୍ୱିତାହୀନ ଗ୍ରାମୀଣ ଅର୍ଥନୀତିରେ ଏସବୁର ବା କି ପ୍ରୟୋଜନ ?

ଅଧ୍ୟାପକ ଲାକ୍‌ଡ଼ିବାଲାଙ୍କ ପାଦରେ ହଜେ ମଟର ଟାୟାର ଚଟି, ପିନ୍ଧାରେ ଆଣ୍ଠୁ ନ ଛୁଟା ଖଦଡ଼ର ଧୋତି, ହାଫ-ସାର୍ଟ, ଚିବୁକତଳେ ଗୋଛାଏ ଦାଢ଼ି, ଆଖିରେ ଚାଳିଶା ଚଷମା, ମୁଣ୍ଡଟି ଚନ୍ଦା, କଣ୍ଠସ୍ୱରରେ କିନ୍ତୁ ମାଦକତା ସୃଷ୍ଟି କରିବା ପାଇଁ ଛଳନା ନାହିଁ ବା ଅଭିନୟ ନାହିଁ । ଯାହା ସେ ଅନ୍ତରର ସହିତ ବିଶ୍ୱାସ କରନ୍ତି, ତାହାକୁ ସେ ପ୍ରକାଶ କରନ୍ତି ନିତାନ୍ତ ନିରୀହ ଭାବରେ । ସେ ଶାନ୍ତ କଣ୍ଠରେ ଭାଷଣ ଦେଉଥିଲେ... ''ଦାରିଦ୍ର୍ୟ ହେଉଛି, ମାନସିକତା । ଇଏ ଆଦୌ ଅର୍ଥନୈତିକ ନୁହେଁ ।'' ଏ ସମ୍ପର୍କରେ ଦେଶରେ ଦରିଦ୍ରତମ ପଲ୍ଲୀ ଅଞ୍ଚଳର ଉଦାହରଣ ଦେଇ ସେ କହିଲେ, ''ଏପରି କୌଣସି ଦରିଦ୍ରତମ ପଲ୍ଲୀଗ୍ରାମ ନାହିଁ, ଯେଉଁଠାରେ କୌଣସି ଅଭୁକ୍ତ ଆଗନ୍ତୁକ ଅଭୁକ୍ତ ଫେରିଛି ବା ଫେରିବ । ଯେଉଁମାନଙ୍କର ଦୁଇ ଓଳି ଚୁଲି ଜଳେନା ସେମାନେ ସୁଦ୍ଧା, ନିଜେ ଅଭୁକ୍ତ ରହି ଅତିଥି ପାଇଁ ଅନ୍ନ ବ୍ୟବସ୍ଥା କରିବେ । ସବୁ ଅର୍ଥନୈତିକ ଦାରିଦ୍ର୍ୟ

Digitized by srujanika@gmail.com

ଭିତରେ ସେମାନଙ୍କର ମାନସିକ ଐଶ୍ୱର୍ଯ୍ୟ ହିଁ ସେମାନଙ୍କୁ ବଞ୍ଚାଇ ରଖି ପାରିଛି । ଦାରିଦ୍ର୍ୟ ନାମରେ ପହଞ୍ଚି ଦେଇ ଯଦି ସେମାନଙ୍କର ଏହି ମାନସିକ ଐଶ୍ୱର୍ଯ୍ୟକୁ ଲୋପ କରି ଦିଆଯାଏ, ତା' ହେଲେ ଦାରିଦ୍ର୍ୟ ଘୁଞ୍ଚିବ ନାହିଁ ବରଂ ସେମାନେ ମାନସିକ ଦାରିଦ୍ର୍ୟରେ ପଙ୍ଗୁ ହୋଇଯିବେ'' ଇତ୍ୟାଦି ଇତ୍ୟାଦି ।

କିନ୍ତୁ ଅଧ୍ୟାପକ ଇକ୍‌ଡ଼ିବାଇାଙ୍କ ଭାଷଣ କାହା ମନକୁ ଘେନିଲା ନାହିଁ ପରା । ସେ ଭାଷଣ ଶେଷ କରିବା ପରେ ଔପଚାରିକ ରୀତିରେ ଗୋଟିଏ ଦୁଇଟି କ୍ଷୀଣ କରତାଳି ଅବଶ୍ୟ ପଡ଼ିଲା । ମାତ୍ର ତାହା ସମର୍ଥନ ପରିବର୍ତ୍ତେ ବିରୋଧକୁ ଯେପରି ସ୍ପଷ୍ଟତର କରି ଦେଉଥିଲା ।

ପ୍ରତିନିଧିମାନେ ବ୍ୟସ୍ତବିବ୍ରତ ଭାବରେ ଘଣ୍ଟାଆଡ଼େ ଚାହିଁଲେଣି । ପ୍ରଚୁର ମଧ୍ୟାହ୍ନ ଭୋଜନପରେ ଦାରିଦ୍ର୍ୟ ସମ୍ପର୍କରେ ଆଉ ଆଲୋଚନା ଶୁଣିବା ପାଇଁ ସେମାନଙ୍କର ଧୈର୍ଯ୍ୟ ନଥିଲା ।

ସୁବୋଧର ମଧ୍ୟ ନ ଥିଲା । ସେ ଆଲୋଚନାଚକ୍ରରୁ ବାହାରି ଚାଲିଆସିଲା । ଇଏସବୁ ସମୟର ଘୋର ଅପଚୟ ଓ ବୌଦ୍ଧିକତାର ଅଭିନୟ ମାତ୍ର ।

ଖବରକାଗଜ ଦପ୍ତରରେ ରିପୋର୍ଟଟା ଟାଇପ କରୁ କରୁ ତାହାରେ ସନ୍ଧ୍ୟା ନଇଁ ଆସିଲା । ସୁବୋଧ ତାର ରିପୋର୍ଟରେ ଅଧ୍ୟାପକ ଇକ୍‌ଡ଼ିବାଇାଙ୍କ ଭାଷଣ ଓ ମନ୍ତବ୍ୟକୁ ଅଗ୍ରାହ୍ୟ ଦେଇ ଯେଉଁ ଲେଖାଟି ପ୍ରସ୍ତୁତ କରିଥିଲା, ସେଥିରେ ଏ ଦେଶରେ ସବୁ କ୍ଷେତ୍ରରେ ଯେଉଁ ଆନ୍ତରିକତାହୀନ ଅଭିନୟ ଚାଲିଛି, ସେଥିପ୍ରତି ଥିଲା ତୀବ୍ର କଷାଘାତ । ବାର୍ତ୍ତାସମ୍ପାଦକ ରିପୋର୍ଟ ଉପରେ ନାଲି-ନେଳି ଛକି ପକେଇ ସୁବୋଧକୁ କହିଲେ, ''ଏହିପରି ଯଦି ତୁମେ ଗତି କର, ତା'ହେଲେ 'ବସ୍'ଙ୍କର ତୁମକୁ ଫାୟାର କରିବାପାଇଁ ଆଉ ବେଶି ବିଳମ୍ବ ନାହିଁ । ବି କେୟାର ଫୁଲ୍, ଇଫ୍ ନଟ ଗୁଡ୍ ।'' ସୁବୋଧ ବେପରୁଆ କଣ୍ଠରେ ଉତ୍ତର ଦେଲା, ''ହି ଇଜ୍ ୱେଲକମ୍ ।''

ବାହାରେ ସନ୍ଧ୍ୟାର ଛାୟା ଗଭୀର ହେଲାଣି । ଗ୍ୟାସ ଆଲୋକରେ ରାସ୍ତାର ଚେହେରା ଅଲଗା । ଶାନ୍ତା ସାକ୍‌ସେନାର ବାର୍ଥଡେ ପାର୍ଟିକୁ ଯିବା ପୂର୍ବରୁ ସେ ପ୍ୟାଟକୁ ଫେରି ପୋଷାକ ବଦଳେଇବା ପାଇଁ ଭାବୁଥିଲା । କିନ୍ତୁ ପରମୁହୂର୍ତ୍ତରେ ପ୍ୟାଟକୁ ଫେରିବା ପାଇଁ ଆଉ ତାର ଇଚ୍ଛା ହେଲାନାହିଁ । ସେ ଗୋଟାଏ ପାର୍କ ବାହାରେ ଗାଡ଼ି ପାର୍କ କରି ଭିତରକୁ ଚାଲିଗଲା, ଘାସ ଉପରେ କିଛି ସମୟ ଚିତ୍‌ହୋଇ ତାରାଙ୍କିତ ଆକାଶକୁ ଚାହିଁଲା, ଦିନର କ୍ଲାନ୍ତି ମେଣ୍ଟାଇବା ପାଇଁ । ମୁଣ୍ଡର କହରା ବାଇଗୁଡ଼ାକ ଉପରେ ଲମ୍ବା ଲମ୍ବା ଆଙ୍ଗୁଳି ଚଳାଇ ନେଇ ସେ ଯେପରି ନିଜକୁ ନିଜେ କହିଲା - ''ଏମିତି ବି ଚଳିବ ।''

ଶିରି ଶିରି ପବନ ଓ ସନ୍ଧ୍ୟାର ଅନ୍ଧକାରରେ ଅନ୍ତତଃ କୌଣସି ଅଭିନୟ ନାହିଁ ।

ନୟର ତିନ୍ ମୁନ୍‌ଲିଟ କଲୋନୀର ସୁବିସ୍ତୀର୍ଣ୍ଣ ପରିସର ଭିତରକୁ ଗାଡ଼ି ଚଳାଇ ନେବାବେଳେ ସୁବୋଧକୁ ଲାଗିଲା ସେ କେଉଁ ଭୁଲ ଠିକଣାରେ ପହଞ୍ଚି ନାହିଁ ତ ? ନା - ଏ ତ ନୟର ତିନ୍ ମୁନଲିଟ୍ କଲୋନୀ; ଏହା ସହିତ ସେ ବେଶ୍ ପରିଚିତ । ସନ୍ଦେହ ଦୂର କରିବା ପାଇଁ

Digitized by srujanika@gmail.com

ସେ ଗାଡ଼ି ରାସ୍ତାକଡ଼ର ଇଉକାଲିପଟାସ ଓ ଜାକରନ୍ଦା ଗଛଗୁଡ଼ାକୁ ପୁଣି ଥରେ ଚାହିଁଲା । ନା - ତାର କୌଣସି ଭୁଲ ହୋଇନାହିଁ । କିନ୍ତୁ ଆଜି ଶାନ୍ତା ସାକ୍‌ସାନାର ବାର୍ଥଡେ ପାର୍ଟି । ପୋର୍ଚ୍ଚ ତାଳେ ଶାନ୍ତାର ଇମ୍ପୋର୍ଟେଡ୍ ଲିମୋସିନ ଗାଡ଼ିଟା ବ୍ୟତୀତ ଏତେ ବଡ଼ ହତା ଭିତରେ ଆଉ କୌଣସି ଗୋଟାଏ ହେଲେ ଗାଡ଼ି ଆଖିରେ ପଡୁନାହିଁ କିମ୍ବା କେହି ଜଣେ ହେଲେ ଲୋକ ଆଖିରେ ପଡୁନାହାନ୍ତି । ଏତେବଡ଼ ହତା ଓ ପ୍ରକାଣ୍ଡ ଦୋତାଲା ଘରଟା ଶୂନଶାନ୍ ଲାଗୁଛି । କାତଅଣ୍ଡା ଝରକା ଓ ଦରଜାଗୁଡ଼ାକର ନେପଥ୍ୟରେ ଉଜ୍ଜ୍ୱଳ ଆଲୋକସବୁ ପରିବେଶର ନିର୍ଜ୍ଜନତାକୁ ଯେପରି ଆହୁରି ବଢ଼ାଇ ଦେଇଛି । ଏମାନେ ସବୁ ଗଲେ କୁଆଡ଼େ ?

ବିଭ୍ରାନ୍ତ ଭାବରେ ସୁବୋଧ କାର୍ ଭିତରୁ ବାହାରି ଆସିବା ପରେ ବାରନ୍ଦାରେ ଦେଖାହେଲା ଛର୍ବିପିନ୍ଧା, ପରିବାରର ଜଣେ ପୁରୁଣା ଭୃତ୍ୟ ସହିତ । ସୁବୋଧକୁ ଦେଖି ସେ ସଲାମ ଠୁକି ତାକୁ ଅଭ୍ୟର୍ଥନା ଜଣାଇ କହିଲା, ''ଅନ୍ୟମାନେ କେହି ଏପର୍ଯ୍ୟନ୍ତ ଆସି ନାହାନ୍ତି ।''

''ବ୍ୟାପାର କ'ଣ ?''

ଭୃତ୍ୟ ଉତ୍ତର ଦେଲା, ସାଢ଼େ ଆଠଟାରେ ନିମନ୍ତ୍ରଣ ଥିଲା । ସୁବୋଧ ଘଡ଼ିକୁ ଚାହିଁ ଦେଖିଲା ସେଇ ସକାଳ ସାଢ଼େ ଆଠଟାରେ ହାତବନ୍ଧା ଘଡ଼ିଟା କିପରି ବନ୍ଦ ହୋଇଯାଇଛି । ଚାବି ଦେବାପାଇଁ ସୁବୋଧ ଭୁଲିଯାଇଛି ପରା ।

ସୁବୋଧର ଅସ୍ୱସ୍ତିକର ପରିସ୍ଥିତିକୁ ସହଜ କରିନେବା ଉଦ୍ଦେଶ୍ୟରେ ଭୃତ୍ୟଟି ମୁଲାୟମ କଣ୍ଠରେ କହିଲା, ''ଭିତରେ ଡ୍ରଇଂରୁମ୍‌କୁ ଯାଆନ୍ତୁ । ଶେଠଜୀ ତାଙ୍କ ବେଡ୍‌ରୁମ୍‌ରେ ବିଶ୍ରାମ ନେଉଛନ୍ତି ।''

ଆଉ ଫେରିଯାଇ ଲାଭ ନାହିଁ । ସୁବୋଧ ଡ୍ରଇଂ ରୁମ୍ ଭିତରକୁ ଆସିଲା । ଡ୍ରଇଂ ରୁମ୍ ନିର୍ଜ୍ଜନ । ଜଣେ ଭୃତ୍ୟ ଡ୍ରଇଂ ରୁମ୍‌ର ସୋଫା ଓ ସେଣ୍ଟର୍‌ପିସ୍‌ଗୁଡ଼ାକୁ ଝାଡ଼ଣରେ ଝାଡ଼ି ପରିଷାର କରୁଥିଲା । ଆଉ ଜଣେ ସଜ୍ଜକଟା ଫୁଲସବୁ ବିଭିନ୍ନ ଆକାରରେ ଫୁଲଦାନୀମାନଙ୍କରେ ସଜାଇ ରଖୁଥିଲା । ଏଇ ଗୃହସ୍ଥଳୀରେ ସୁବୋଧ ଅପରିଚିତ ନୁହେଁ । ଭୃତ୍ୟମାନେ ତାକୁ ଅଭ୍ୟର୍ଥନା ଜଣାଇ ବସିବା ପାଇଁ ଅନୁରୋଧ କଲେ ।

କିନ୍ତୁ ସୁବୋଧ ଭାରି ରେଷ୍ଟଲେସ୍ । ସେ ପଚାରିଲା, ''ମେମ୍ ସାହାବ କାହାନ୍ତି ?''

ପାର୍ଟିରେ ତ ଅନେକଙ୍କ ମେଳରେ ଶାନ୍ତା ସହିତ ଦେଖା ହେବ । କିନ୍ତୁ ଏଇ ନିର୍ଜ୍ଜନ ବିରତିରେ ବହୁଦିନ ପରେ ଥରେ ଶାନ୍ତା ସହିତ ଆଜି ତାର ଜନ୍ମଦିନରେ ଦେଖା ହୋଇଗଲେ, ସେ ବିସ୍ମିତ ହେବ ନିଶ୍ଚୟ । ତାକୁ ଆକସ୍ମିକ ଭାବରେ ବିସ୍ମିତ କରିବାରେ ମଧ୍ୟ ଏକ ଉତ୍ତେଜନା ଅଛି ।

''ମେମ୍‌ସାହେବ ବେଡ୍ ରୁମ୍‌ରେ'' - ଜଣେ ଉତ୍ତର ଦେଲା ।

ଶାନ୍ତାକୁ ଆଜି ବିସ୍ମିତ କରାଇବାକୁ ଚାହେ ସୁବୋଧ । ଏଇ ବିସ୍ମୟ ଯେପରି ତାର ଜନ୍ମଦିନ ଭେଟି । ସତର୍କିତ ପାଦରେ କାର୍ପେଟବିଛା ସିଡ଼ି ଉପରେ ସେ କ୍ଷିପ୍ର ପାଦରେ ଉଠିଗଲା, ଉପର

Digitized by srujanika@gmail.com

ମହଲାରେ ଶାନ୍ତାର ବେଡ୍ ରୁମ୍ ପ୍ରସ୍ତୁତ ।

ଶାନ୍ତା ବେଡ୍ ରୁମ୍‌ର କବାଟ ଭିତରୁ ବନ୍ଦ କରିନାହିଁ । ଅଳ୍ପ ଫାଙ୍କବାଟେ ଭିତରର ଆଲୁଅ ମୋଟା ପରଦା ଉହାଡ଼ରେ ବାହାରକୁ ଦେଖାଯାଉଛି । ସୁବୋଧର ଆଖି ଦୁଇଟା ଦୁଷ୍ଟାମିରେ ଉଜ୍ଜ୍ୱଳ ହୋଇଉଠିଲା । ସୁବୋଧକୁ ବହୁଦିନର ବ୍ୟବଧାନ ପରେ ଏପରି ଅବେଳରେ ପୁଣି ଏତେ ନିରୋଳାରେ ପାଇଲେ ଶାନ୍ତା ପ୍ରଥମେ ଖୁବ୍ ବିସ୍ମିତ ହେବ ନିଶ୍ଚୟ । ବାହାରେ କବାଟ ଉହାଡ଼ରେ ଛିଡ଼ାହୋଇ ପରଦା ଅଳ୍ପ ଫାଙ୍କ କରି ଭିତରକୁ ଚାହିଁ ଦେଖିଲା ।

ଶାନ୍ତା ଡ୍ରେସିଂମିରର ସାମନରେ ଖଣ୍ଡେ ନିଚା ମେହଗାନି ଟୁଲ୍ ଉପରେ ବସିଛି ଆତ୍ମ - ନିମଜ୍ଜିତ ହୋଇ । ଆଇନାରେ ନିଜର ଚେହେରାକୁ ଚାହିଁ ସେ ଯେପରି ତାର ପରିସ୍ଥିତି ଓ ପରିବେଶ ସବୁ ଭୁଲିଯାଇଛି । ଡ୍ରେସିଂମିରର ସାମନାରେ ରଖାଯାଇଥିବା କସ୍‌ମେଟିକ୍‌ସ ଶିଶି, ପଟ ଓ ବେଶ ମାନଙ୍କ ପରି ଶାନ୍ତା ମଧ୍ୟ ଯେପରି ସ୍ଥାଣୁ ହୋଇପଡ଼ିଛି । ଆଇନାରେ ଶାନ୍ତାର ପ୍ରତିଛାୟା ତାକୁ ଯେପରି ସମ୍ମୋହିତ କରି ଦେଇଛି ।

ଶାନ୍ତା ଚୂଆ ମେକ୍-ଅପ୍ ନେବା ପୂର୍ବରୁ ମୁହଁରୁ ସବୁ ମେକ୍‌ଅପ ଛଡ଼ାଇ ଦେଇଛି । ମେକ୍‌ଅପ ତଳେ ପୁଣି ଲୁଚି ରହିଥାଏ, ନାରୀର ମୁହଁରେ କେତେ କୁଟିଳ ରେଖା, ବୟସର ଏତେ ଗହୀରା ଦାଗ, ଦୁଇ ଆଖି କୋଣରେ କେତେ କୁଞ୍ଚନ, କେତେ ବିରୁପତା !

ସୁବୋଧର ଅବସ୍ଥା ରୀତିମତ ସଙ୍କଟ । ଶାନ୍ତାର ଯେଉଁ ରେଶମୀ ବବ୍‌କଟ୍ ହେୟାର ବହୁ ନାରୀଙ୍କର ଈର୍ଷାର ବସ୍ତୁ, ପୁଣି ସୁବୋଧର ବହୁ ବନ୍ଧୁଙ୍କର ପ୍ରଶଂସାର କେନ୍ଦ୍ରବିନ୍ଦୁ, ଶାନ୍ତାର ଅନନ୍ତ ଯୌବନର ଯାହା ଦର୍ପିତ ଇସ୍ତାହାର, ତାହା ଯେ ଗୋଟାଏ ନକଲି ପରଚୁଲା ଗୋଟାଏ ଫଲ୍‌ସ, ସୁବୋଧ ନିଜ ଆଖିରେ ଆଜି ଦେଖି ନଥିଲେ, ଶୁଣା କଥାରେ କେବେ ବିଶ୍ୱାସ କରିପାରି ନଥାନ୍ତା । ପରଚୁଲା ମଧ୍ୟ ପଡ଼ିଛି, ଡ୍ରେସିଂ ଟେବୁଲ୍ ଉପରେ ।

ଶାନ୍ତାର ମୁଣ୍ଡବାଳ କେଉଁଦିନୁ ଅଧେ ଚନ୍ଦା ହୋଇଗଲାଣି । ଚନ୍ଦା ଅଂଶଟା ଇଲେକ୍‌ଟ୍ରିକ୍ ଆଲୁଅରେ ଚିକ୍ ଚିକ୍ କରୁଛି । ଚନ୍ଦା ଚାରିପଟୁ କେଇକେରା ବିବର୍ଣ୍ଣ କେଶ ଝୁଲି ପଡ଼ିଛି । ଶାନ୍ତା ଦିଶୁଛି, ଏକ ପ୍ରେତିନୀ ପରି । ତା'ର ଦୁଇ ବଙ୍କିମ ଭ୍ରୂଲତା ସୁଦ୍ଧା ଫଲ୍‌ସ । ପ୍ରତିଦିନ ଶାନ୍ତା ତାକୁ ନିଜ ହାତରେ ଚିତ୍ର କରେ ପରା !

ସୁବୋଧ ସନ୍ତର୍ପିତ ପାଦରେ ସିଡ଼ିରେ ତଳକୁ ପୁଣି ଓହ୍ଲାଇ ଆସିଲା । ତା'ର ପାଦରେ କିନ୍ତୁ ଯେପରି ଶକ୍ତି ନ ଥିଲା କିମ୍ବା ଶାନ୍ତାର ବାର୍ଥ-ଡେ ପାର୍ଟିରେ ଯୋଗ ଦେବାର ପୂର୍ବ ଉତ୍ତେଜନା ନଥିଲା ।

ଶାନ୍ତା ସାକ୍‌ସେନା ଯେପରି ପ୍ରତାରଣାମୟୀ ରାଜଧାନୀର ଛଳନାମୟୀ ପ୍ରତୀକ ।

Digitized by srujanika@gmail.com

ଆନନ୍ଦ-ଭୈରବୀ

ଗଙ୍ଗା ସେପାରି ଲଛମନ୍ ଝୁଲା, ଗୋଟିଏ କ୍ଷୁଦ୍ର, ଜନବିରଳ ସହର । ଗଙ୍ଗା କୂଳେ କୂଳେ, ଲଛମନ୍ ଝୁଲା ସେତୁଠାରୁ 'ଗୀତା ଭବନ' ପର୍ଯ୍ୟନ୍ତ ଲମ୍ବି ଯାଇଛି କାଳୀ-କମ୍ଳୀ-ୱାଲା ଅନୁଷ୍ଠାନର ବହୁ ଆଶ୍ରମ ଓ ଉଦ୍ୟାନ । ଆଶ୍ରମ ସବୁ ଛୋଟ ଛୋଟ ଖପରଲିଛାଉଣି କୁଟୀର । କୁଟୀର ଚାରିପଟେ ଘେରି ଖଣ୍ଡେ ଖଣ୍ଡେ ଛୋଟ ଅରମା ବଗିଚା । ଏହି ଆଶ୍ରମମାନଙ୍କରେ ସାଧକ ଓ ସନ୍ନ୍ୟାସୀମାନେ ରହିଥାନ୍ତି । ମାତ୍ର ସଂସାରର ଆହ୍ୱାନରେ ସମ୍ଭବତଃ ଏବେ ଅଧିକାଂଶ ଆଶ୍ରମ ପରିତ୍ୟକ୍ତ । ସବୁଆଡ଼ ପ୍ରେତଭୂମି ପରି ନିର୍ଜ୍ଜନ । ହଠାତ୍ ଜଣେ ହେଲେ ଲୋକ ଆଖିରେ ଦିଶେ ନାହିଁ । ଗଙ୍ଗାର କଳଧ୍ୱନି ଓ ଆରଣ୍ୟ ପକ୍ଷୀର ଚିତ୍କାର ଛଡ଼ା ଅନ୍ୟ କୌଣସି ଶବ୍ଦ କାନରେ ପଡ଼େନାହିଁ । ଚାରିଆଡ଼େ ଏକ ଅନିର୍ବଚନୀୟ, ଜୀବନ୍ତ ଅଥଚ ସ୍ୱର୍ଗୀୟ ନୀରବତା ଓ ଏପରି ନିର୍ଜ୍ଜନତା ଭିତରେ ଏକା, ମଣିଷ ଆତ୍ମାର ପରିଚୟ ପାଇଥାଏ ।

ଏହିଠାରୁ ପୂର୍ବେ କେଦାରନାଥ ଓ ବଦ୍ରୀନାଥର ଯାତ୍ରୀମାନେ, ବ୍ରିଟିଶ ଗରହୱାଲ୍‌ର ଦୁର୍ଗମ, ଆରଣ୍ୟ ଓ ପାର୍ବତ୍ୟ ପଥରେ, ତୀର୍ଥ ଯାତ୍ରା ଆରମ୍ଭ କରୁଥିଲେ । ବୀତରାଗ ସନ୍ନ୍ୟାସୀର ମହପ୍ରସ୍ଥାନର ସେ ଗୈରିକପଥ ଆଜି କିନ୍ତୁ ପରିତ୍ୟକ୍ତ । ସଂସାରଜ୍ୱାଳାରେ ଜର୍ଜ୍ଜରିତ ପୁଣି ବ୍ୟର୍ଥତାରେ ସଂସାର ପ୍ରତି ବୀତଶ୍ରଦ୍ଧ ହୋଇ, ଏହି ପଥରେ ଦିନେ, ଅଗଣିତ ସନ୍ନ୍ୟାସୀ ଓ ସାଧକ, ତୁଷାରାବୃତ ହିମାଳୟର ରହସ୍ୟାଳୁନ ଅସଂଖ୍ୟ ଗହ୍ୱର ଭିତରକୁ ଯାଇଥିଲେ । ଦେହୀର ଦେହାତିକ୍ରମ ପାଇଁ ଭାରତର ସେ ପରିକଳ୍ପନା ଅଦ୍ଭୁତ । ପାର୍ଥିବ, ଜୈବିକ ''ପ୍ରୋଟୋପ୍ଲାଜ୍ମ୍''ର ଅମରତ୍ୱ ପାଇଁ ଭାରତର ସେ ସାଧନା ଅପୂର୍ବ ଓ ଅଦ୍ୱିତୀୟ ।

ଏହି ପଥରେ ଦିନେ ପୁଣି ଫେରିଥିଲେ, ଅଗଣିତ ବ୍ୟର୍ଥସାଧକ, ଅକଳ୍ପିତ ଅତୃପ୍ତ - ଆକାଂକ୍ଷାର ଦତ୍ତାଘାତରେ ଜର୍ଜ୍ଜରିତ ହୋଇ, ସମତଳଭୂମିର ଅସଂଖ୍ୟ ଜନପଦ ଓ ନଗରର କଳକୋଳାହଳ ଭିତରକୁ ।

ଏହି ପଥରେ ବାରମ୍ବାର ଯାଇଛନ୍ତି ପୁଣି ଫେରିଛନ୍ତି, ସଂଖ୍ୟାତୀତ, ଅଗଣିତ ସାଧକ ।

କିନ୍ତୁ ସଂସାରର ଜୟ ହୋଇଛି କି ସନ୍ନ୍ୟାସର ଜୟ ହୋଇଛି ସେକଥା କିଏ କହିବ ? କହିଛେ କହିପାରନ୍ତା, ଗରହୱାଲ୍ ପଥ ପାର୍ଶ୍ୱର ଏହି ଅରଣ୍ୟ । ମାତ୍ର ଝଡ଼ ଓ ବର୍ଷାକ୍ଲାନ୍ତ ଅରଣ୍ୟ ଆଜି ନୀରବ । ଶାଳବନଗହଳିରେ ବର୍ଷାର ଥପ୍ ଥପ୍ ଶବ୍ଦ, ମନେ ପକାଇ ଦେଉଥିଲା, ସଂକୀର୍ଣ୍ଣ ଗୃହକୋଣରେ ମେଘମେଦୁର ବହୁ ଅଳସମଧ୍ୟାହ୍ନର କଥା ।

ଗଙ୍ଗାକୂଳର ଏ ପରିତ୍ୟକ୍ତ ଘରଗୁଡ଼ା ପୂର୍ବେ କେଦାରନାଥର ଯାତ୍ରୀମାନଙ୍କ ପାଇଁ ଯାତ୍ରୀନିବାସ ରୂପେ ବ୍ୟବହୃତ ହେଉଥିଲା । ମାତ୍ର ଏବେ ଋଷିକେଶରୁ କେଦାରନାଥକୁ ସିଧା

Digitized by srujanika@gmail.com

ବସ୍‌ରାସ୍ତା ଫିଟିଛି । ଯାତ୍ରୀମାନେ ସିଧା ବସ୍‌ରେ ବାହାରିଯିବାରୁ, ଏ ପାନ୍ଥଶାଳାମାନଙ୍କରେ ଯାତ୍ରୀମାନେ ପ୍ରାୟ ରହନ୍ତି ନାହିଁ । ଯେଉଁମାନେ କେବଳ ଲଛମନ୍‌ଝୁଲା ପର୍ଯ୍ୟନ୍ତ ଆସନ୍ତି, ସେମାନେ ପ୍ରୟୋଜନ ପଡ଼ିଲେ ଏଠାରେ ରାତିଏ କିମ୍ବା ଦିନେ ରହି ପୁଣି ଫେରିଯାନ୍ତି । କେଉଁଠି କେଉଁଠି, ଦଳେ ଦଳେ ଯାଯାବର ସାଧୁ ବା ଲଛମନ୍‌ଝୁଲାର ଯାତ୍ରୀ ସଂସାର ମେଲି ରହିଯାଇଛନ୍ତି । ଦିନେ ବା ଦୁଇଦିନ ପରେ ସେମାନେ ପୁଣି ଅନ୍ୟତ୍ର ଉଠିଯିବେ । ସେମାନଙ୍କର ଏକମାତ୍ର ସଙ୍କେତ ରୂପେ ରହିଯିବ, କାନ୍ଥରେ ଚୁଲିକଳାର ଦାଗ ଓ ଚକ୍‌ଖଡ଼ି ନୋହିଲେ ପେନ୍‌ସିଲରେ ଅମରତ୍ୱାକାଂକ୍ଷୀ ଯାତ୍ରୀମାନଙ୍କର ନାନା ହରଫରେ ସତକ ଓ ନାନା ଅଶ୍ଳୀଳ ପ୍ରାଚୀରଲିପି ।

ମେଘମେଦୁର ଅପରାହ୍ଣ ଉପରେ କ୍ରମେ ପାହାଡ଼ୀ ସନ୍ଧ୍ୟାର କୃଷ୍ଣପକ୍ଷ ବିସ୍ତାରିତ ହୋଇଆସୁଥିଲା । ଅପେକ୍ଷାକୃତ ଅଧିକ ପରିଷ୍କୃତ ଓ ନିର୍ଜ୍ଜନ ଗୋଟିଏ ଯାତ୍ରୀନିବାସ ଦେଖି ସେଥିରେ ରହିଯିବା ପାଇଁ ମୁଁ ମନସ୍ଥ କଲି । ଯାତ୍ରୀନିବାସର ବାରଣ୍ଡାରୁ, ସାମନାରେ ପ୍ରାୟ ଚାରିଶହ ଫୁଟ ଉଚ୍ଚର ପାହାଡ଼ କାନ୍ଥି ତଳେ, ଖରସ୍ରୋତା ଗଙ୍ଗାର ନୀଳ ଜଳବେଣୀ, ପୁଣି ଦୂରରେ, ବହୁ ଉଚ୍ଚରେ ଡେହରୀଗରହୱାଲର ପାହାଡ଼ ଦେହରେ ଜନବସତି ଓ ପାହାଡ଼ୀ କୃଷିକ୍ଷେତମାନ, ଛୋଟ ଛୋଟ ବିନ୍ଦୁପରି ଦେଖାଯାଉଥିଲା । ଯାତ୍ରୀନିବାସ ସାମନା ରାସ୍ତା, ନିର୍ଜ୍ଜନ । କେଉଁଠିକି ଗୋଟାଏ ବନ୍ୟପକ୍ଷୀର ଅଶାନ୍ତ ଚିତ୍କାରରେ ସେହି ମୌନ ପରିବେଶ ବେଳେ ବେଳେ ଆକୁଳିତ ହୋଇ ଉଠୁଥିଲା ।

ଯାତ୍ରୀନିବାସ ସାମନାରେ ଗୋଟିଏ ଖଇରଗଛ ନଦୀସ୍ରୋତ ଉପରକୁ ଝୁଙ୍କି ପଡ଼ିଛି । ଖଇରଗଛର ଗଣ୍ଠି ଦେହରେ ଆଉଜି କିଏ ଜଣେ ଦୀନ, ମଜ୍ଜିନଦର୍ଶନ ବୃଦ୍ଧଯାତ୍ରୀ, ସେହି ଆସନ୍ନସନ୍ଧ୍ୟାର ମ୍ଳାନଆଲୋକରେ, ଗଙ୍ଗାର ଛାୟାନ୍ଧକାର ଜଳସ୍ରୋତ ଆଡ଼େ ଚାହିଁ ଠିଆ ହୋଇଥିଲେ । ସେ କ'ଣ ଭାବୁଥିଲେ କେଜାଣି ? ସେ ହୁଏତ ଭାବୁଥିଲେ, ଜୀବନନଦୀ ଏହିପରି କେଉଁ ଅନ୍ଧକାର ଗହ୍ୱର ଭିତରୁ ବାହାରି ବହୁବାର ବହୁ ପାଷାଣ ଶିଳାରେ ବ୍ୟଥିତ ହୋଇ, ବହୁ ବିଚିତ୍ର ଇନ୍ଦ୍ରଧନୁର ସପ୍ତବର୍ଣ୍ଣୀ ଆଲୋକରେ ବିଚିତ୍ରିତ ହୋଇ, ନିଶ୍ଚିତ ମୃତ୍ୟୁର ଛାୟାତଳେ, କେଉଁ ଅନିଶ୍ଚିତ ଅନ୍ଧକାର ପରିଣତି ଆଡ଼େ, କେଉଁ ଅନନ୍ତକାଳରୁ ବହିଯାଉଅଛି ।

ଗଙ୍ଗା ସେପଟରୁ ମୋର ଜିନିଷପତ୍ର ବୋହି ଆଣିଥିବା ''ଗାଇଡ୍'' ଯାତ୍ରୀନିବାସର ଗୋଟିଏ କୋଠରି ଭିତରେ ସେସବୁ ରଖିଦେଇ, ପାରିଶ୍ରମିକ ଟୁଟାଇ ଚାଲିଗଲା । ସବୁଆଡ଼ କିପରି ଅଦ୍ଭୁତ ଭାବରେ ନିର୍ଜ୍ଜନ ଓ ପରିତ୍ୟକ୍ତ । ଏକ ସୁଗଭୀର ପ୍ରଶାନ୍ତି ଯେପରି ଦୁଇ ବ୍ୟଗ୍ର ବାହୁ ମେଲି ମୁହୂର୍ତ୍ତକ ଭିତରେ ମୋତେ ଆପଣାର ଏକାନ୍ତ ଅନ୍ତରଙ୍ଗ କରିନେଲା । ସଂଗ୍ରାମର ବହୁ କ୍ଳାନ୍ତିମୟ କ୍ଷତ ଯେପରି ଏହି ନୀରବତା ଏହି ନିର୍ଜ୍ଜନତା ଓ ଏହି ପ୍ରଶାନ୍ତିର ସ୍ନିଗ୍ଧ ସ୍ପର୍ଶରେ ପ୍ରଶମିତ ହୋଇ ଆସୁଥିଲା ।

ମାତ୍ର ଅଳ୍ପ କେତୋଟି ମୁହୂର୍ତ୍ତ ପରେ, ମନୁଷ୍ୟର ଘର୍ମାକ୍ତ କୋଳାହଳ ଓ ସାନ୍ନିଧ୍ୟ ପାଇଁ

Digitized by srujanika@gmail.com

ମୁଁ ପୁଣି ଉତ୍କଣ୍ଠିତ ହୋଇପଡ଼ିଲି । ଖଇରଗଇର ଗଣ୍ଡିଦେହରେ ଆଉଜି ଠିଆ ହୋଇଥିବା ସେ ଯାତ୍ରୀ ଇତିମଧ୍ୟରେ କେଉଁଆଡ଼େ ଅଦୃଶ୍ୟ ହୋଇଯାଇଥିଲେ । ନୋହିଲେ ଆଜି ତାଙ୍କୁ ପରମ ବନ୍ଧୁପରି ଆମନ୍ତ୍ରଣ କରି ଆଣିଥାନ୍ତି । ସାମନାର ରାସ୍ତା ନିର୍ଜନ ଓ ପରିତ୍ୟକ୍ତ । ଅନ୍ତଛଡ଼ାରେ ଗୋଟିଏ ଖପରଲୀ ଛାଉଣୀ କୁଟୀର । ମାତ୍ର ସେ କୁଟୀର ବାହାର କବାଟରେ ଗୋଟିଏ ପ୍ରକାଣ୍ଡ ତାଲା ଝୁଲୁଥିଲା ।

ଅଗଣା ଭିତରକୁ ଆସି ଜିନିଷପତ୍ରର ଜଞ୍ଜାଳ ଖୋଲି ବସିଲି । ଷ୍ଟୋଭ ଓ ଚା' ସରଞ୍ଜାମ ମୁଁ ସଙ୍ଗରେ ଧରି ଧରି ବୁଲୁଛି; ମାତ୍ର ଏ ପର୍ଯ୍ୟନ୍ତ କେଉଁଠି ତାହାର ସଦୁପଯୋଗ କରାଯାଇନାହିଁ । ଭାବୁଥିଲି, ଷ୍ଟୋଭ ଜଳାଇ, ଚା' ତିଆରି କରିବା ପାଇଁ । ଚା' ପାଣି ଗରମ ହେବା ପର୍ଯ୍ୟନ୍ତ ଖଣ୍ଡେ ବହିର କେତୋଟି ପୃଷ୍ଠା ଓଇଟା ଯାଇପାରେ; କିନ୍ତୁ ଷ୍ଟୋଭର ଗର୍ଜ୍ଜନରେ, ଆରଣ୍ୟ ପ୍ରଶାନ୍ତିର ଏହି ସ୍ୱର୍ଗୀୟ ନୀରବତା ଭଙ୍ଗ କରିବାପାଇଁ ମୋର ପ୍ରବୃତ୍ତି ନ ଥିଲା । କପେ ଚା' ପାଇଁ, ଅଦୂରର ଛୋଟ ବଜାରଟିକୁ ମୁଁ ଚାଲିଆସିଲି ।

* * *

ସନ୍ଧ୍ୟା ଗଭୀର ହୋଇ ଆସିଲା । କାଳୀକମ୍ବଳୀଓ୍ୱାଲାର ଆଶ୍ରମମାନଙ୍କରୁ, ସନ୍ଧ୍ୟାରତିର ଘଣ୍ଟାଘଣ୍ଟ, ଚାରିଆଡ଼ର ନିର୍ଜ୍ଜନତାକୁ ଆଉରି ଗଭୀର ଓ ଗମ୍ଭୀର କରିଦେଇଥିଲା । ଯାତ୍ରୀନିବାସ ସାମନାରେ ଯେଉଁ ଖପରଲି ଛାଉଣୀ କୁଟୀର ତାଲା ପଡ଼ି ବନ୍ଦ ଥିଲା, ଏବେ ତାହାର ଅଧିବାସୀମାନେ ସମ୍ଭବତଃ ଫେରି ଆସିଥିଲେ । କୁଟୀର ଭିତରେ ଗୋଟିଏ ଲଣ୍ଠନ ଆଲୁଅ ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । କୋଇଲାଚୁଲିର ଧୂଆଁ, ବାହାର ରାସ୍ତାର ଜଳାର୍ଦ୍ର ପବନରେ ଉଡ଼ି ବୁଲୁଥିଲା । ଏ ନିର୍ଜ୍ଜନ, ପରିତ୍ୟକ୍ତ ଭୂମିରେ ମଣିଷର ସାନ୍ନିଧ ପାଇ, ମୁଁ ମନେ ମନେ ବହୁ ପରିମାଣରେ ଆଶ୍ୱସ୍ତ ହେଲି । ଲଣ୍ଠନ ଆଲୁଅରେ ଦେଖାଯାଉଥିଲା, ସେହି ଖପରଲି ଛାଉଣୀ ଘରର ଚଟାଣ ଉପରେ ଜଣେ ସାଧୁ, ଜଟାଛୁଟ ମେଲାଇ ବସି, ସମ୍ଭବତଃ ଦୁଇ ହାତରେ ଗଞ୍ଜେଇ ଦଳି ଚିଲମରେ ଭର୍ତ୍ତି କରୁଥିଲେ । ବୟସ କେତେ ଅନୁମାନ କରିବାର ଉପାୟ ନଥିଲା । ରୁଗ୍ଣ, ଶୀର୍ଣ୍ଣ ଚେହେରା ଲଣ୍ଠନର ସ୍ୱଳ୍ପଆଲୋକରେ ଝାପ୍ସା ଦିଶୁଥିଲା । ତାଙ୍କଠାରୁ ଅନ୍ତଛଡ଼ାରେ ଏକ ପୃଥୁଳକାୟା ମାତାଜୀ, ଗୋଟିଏ ପ୍ରକାଣ୍ଡ ଥାଳିରେ, ସମ୍ଭବତଃ ଅଟା ଦଳୁଥିଲେ । ସେ ଉଠି ଯାଇ କୋଇଲା ଚୁଲିରୁ ଗୋଟିଏ ଚିମୁଟାରେ ଖଣ୍ଡେ ଡାଉଧରା କୋଇଲା ଆଣି ଚିଲମ ଉପରେ ଧରିଲେ । ସାଧୁ 'ଜୟ ଗଙ୍ଗାଜୀ' କହି ଚିଲମରେ ନିଆଁ ଲଗାଇଲେ । ମାତାଜୀ ପୁଣି ଫେରିଆସି ଅଟା ଦଳିବାରେ ଲାଗିଲେ । ପୃଥୁଳକାୟା ମାତାଜୀଙ୍କ ଅଣ୍ଡାର ଉପର ଅଂଶ ପ୍ରାୟ ଅନାବୃତ ଦିଶୁଥିଲା । ମୁଣ୍ଡର ବାଳ, ପିଠି ଉପରେ ଅବିନ୍ୟସ୍ତ ଭାବରେ ଲମ୍ବି ଆସିଥିଲା । ଦେହରେ ଖଣ୍ଡେ ଗେରୁଆ ବେଢ଼ଣ । ତାଙ୍କର ସଂସାରର କ୍ଷୁଧା, ତଥାପି ସମ୍ଭବତଃ ଅତୃପ୍ତ । ପିତ୍ତଳଥାଳିରେ ସେ କୁସ୍ତି କଲାପରି ଯେପରି ହିଂସ୍ରଭାବରେ ଅଟା ଦଳୁଥିଲେ ସେଥିରୁ ତାଙ୍କର ସେ ଅତୃପ୍ତକ୍ଷୁଧା ପ୍ରତିଫଳିତ ହୋଇ ଉଠୁଥିଲା ।

Digitized by srujanika@gmail.com

ସଂସାର ବିଚିତ୍ର । ସନ୍ନ୍ୟାସ ପଛେ ପଛେ ସଂସାର ଛୁଟିଛି, କି ସଂସାର ପଛେ ପଛେ ସନ୍ନ୍ୟାସ ଛୁଟିଛି କିଏ ଜାଣେ ?

ସାଧୁ ଓ ମାତାଜୀଙ୍କ ସଂସାର ଆଉ ଚାହିଁ ଦେଖିବାପାଇଁ ମୋର କୌତୂହଳ ନଥିଲା । ମୋ କୋଠାରି ଭିତରକୁ ଆସି ଗୋଟିଏ ମହମ ବତୀରେ ନିଆଁ ଲଗାଇଲି ।

ଯାତ୍ରୀ-ଭବନରେ ଏକଧାଉଡ଼ିଆ ହୋଇ ଉଇରମୁହାଁ ତିନିଗୋଟି କୋଠରି । ମଝିକୋଠରିଟି ବଡ଼ ଅପରିଷ୍କୃତ ହୋଇପଡ଼ିଥିଲା । କାନ୍ଥଯାକ ଚୁଲିକଳା, ଛାତ ଓ ଘରକୋଣମାନଙ୍କରେ କଳା ଅଳଙ୍କୁ । ଭିତରୁ ଗୋଟାଏ ତୀବ୍ର, ପଚା ଦୁର୍ଗନ୍ଧ ବାହାରୁଥିଲା । ସେ କୋଠରି ଭିତରକୁ ଥରେ ଚାହିଁଦେଇ କବାଟଟା ବାହାରୁ ବନ୍ଦ କରିଦେଲି । କୌତୂହଳପରବଶ ହୋଇ ଏହି କୋଠରିଟି ଖୋଲି, ଭିତରୁକ ଚାହିଁ ଦେଖିବାର ମୋର ଆଉ ପ୍ରବୃତ୍ତି ନଥିଲା । ଏକାକୀ, ଏହି ପରିତ୍ୟକ୍ତ ଯାତ୍ରୀଭବନରେ, ମହମବତୀର ଭୌତିକ ଆଲୋକରେ ମୋତେ ରାତ୍ରି ଯାପନ କରିବାକୁ ପଡ଼ିବ ଭାବି, ବେଳେ ବେଳେ ମୁଁ ଯେ ମନେ ମନେ ଆତଙ୍କିତ ନ ହେଉଥିଲି, ନୁହେଁ ।

କେତେବେଳ ପରେ ମୋର ଆଖି ଦୁଇଟି କ୍ଲାନ୍ତିରେ ମୁଦି ହୋଇ ଆସୁଥିଲା । ମହମବତୀର ଆଲୋକ ଓ ଛାୟା କଳା ଚିକିଟାବସା କାନ୍ଥରେ ଏକ ବିଚିତ୍ର ପ୍ରେତନୃତ୍ୟ ସୃଷ୍ଟି କରିଥିଲା । ବାହାରେ ପୁଣି ଝିପି ଝିପି ମେଘ ଆରମ୍ଭ ହୋଇଥିଲା । ହଠାତ୍ ମୁଁ ବିଛଣା ଉପରେ ଆଖି ମଳି ବସି ଉଠିଲି । ଉତ୍‌କର୍ଣ୍ଣ ହୋଇ ଶୁଣିଲି, ପାଖ କୋଠରିରେ କିଏ ଯେପରି ମନକୁ ମନ ବିଡ଼ବିଡ଼ ହୋଇ କ'ଣ ଗପି ଯାଉଥିଲା । ମୁଁ ଭୂତପ୍ରେତରେ ବିଶ୍ୱାସ କରେନାହିଁ; ତଥାପି ମୋର ଦେହ ଏକ ଅହେତୁକ ଆତଙ୍କରେ ରୋମାଞ୍ଚିତ ହୋଇଉଠିଲା । ବାହାର ବାରଣ୍ଡାକୁ ପଳାଇ ଆସିଲି । ଯାତ୍ରୀ ଭବନର ଶେଷ କୋଠରି ଭିତରୁ ସେହି ଶବ୍ଦ ସ୍ପଷ୍ଟ ଜଣା ପଡୁଥିଲା । ପ୍ରଥମେ ତା' ଭିତରେ ତ କେହି ନଥିଲେ । ଏବେ କେହି ଯାତ୍ରୀ, ତା ଭିତରେ ଆସି ରହିଥିବେ ଭାବି, ଭିତରୁ ଆଉଜା ହୋଇଥିବା କବାଟଟା ମୁଁ ସାମାନ୍ୟ ଖୋଲିଦେଲି । ତା'ପରେ ତା'ଭିତରେ ଯାହା ଦେଖିଲି ସେଥିରେ ମୁଁ ଅତ୍ୟନ୍ତ ଭୀତ ହୋଇପଡ଼ିଲି, ସ୍ୱୀକାର ନକଲେ ମିଥ୍ୟାଭାଷୀ ହେବି । ସେହି ଅପରିଷ୍କୃତ କୋଠରି ଭିତରେ, ଚଟାଣ ଉପରେ ଗୁଡ଼ାଏ ଛିଣ୍ଡାକନ୍ଥାର ବିଛଣା ଉପରେ କଙ୍କାଳ ପରି ଦିଶୁଥିବା ଜଣେ ବୁଢ଼ା, ଖଣ୍ଡେ ଛିଣ୍ଡା କମ୍ବଳରେ ଦେହଢାଙ୍କି କାନ୍ଥକୁ ଆଉଜି ବସିଥିଲା । ତା'ସାମନାରେ ଗୋଟାଏ ଧୂଆଁଳିଆ ଲଣ୍ଠନ ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । ଧୂଆଁଳିଆ ଲଣ୍ଠନର ଲମ୍ବା କଳା କଳା ଛାଇ, ଭିତରର କାନ୍ଥ ଉପରେ ଅଶରୀରୀ ପ୍ରେତଛାୟା ପରି ନାଚି ଯାଉଥିଲା । ମୁଁ ବାହାରକୁ ପଳାଇ ଆସିବି କି ନାହିଁ ଭାବୁଛି, ସେହି ପ୍ରେତମୂର୍ତ୍ତି ମୋ ଆଡ଼େ ଚାହିଁ ଖଁ ଖଁ କାଶି ଉଠିଲା । ଖଁ ଖଁ କାଶର ଭୌତିକ ବିକଟତା, ସେ ପୈଶାଚିକ ପରିବେଶକୁ ଆଉରି ଉତ୍କଟ କରିଦେଲା । କାଶ ବନ୍ଦ ହେବା ପରେ, ବୁଢ଼ା କି ଏକ ଦୁର୍ବୋଧ ଭାଷାରେ ଗାଳି ଦେଲା ପରି କ'ଣ ଗୁଡ଼ାଏ ଚିତ୍‌କାର କରିଗଲା, ମୁଁ ତାହାର

Digitized by srujanika@gmail.com

ବିନ୍ଦୁ ବିସର୍ଗ ବୁଝି ପାରିଲି ନାହିଁ । ସେ ମୋତେ ସେଠାରୁ ପଳାଇଯିବା ପାଇଁ ସମ୍ଭବତଃ କହୁଥିଲା । ମାତ୍ର ମୁଁ କିଛି ବୁଝି ନପାରି, ସେଠାରେ ସ୍ଥାଣୁପରି ଠିଆହୋଇ ରହିବାରୁ ବୁଢ଼ା, ପାଖରେ ପଡ଼ିଥିବା ଖଣ୍ଡେ ବାଡ଼ି ମୋ' ଆଡ଼େ ଲକ୍ଷ୍ୟକରି ଫିଙ୍ଗିଲା । ବୁଢ଼ାର କମ୍ପିତ, ଦୁର୍ବଳ ହାତରୁ ବାଡ଼ିଟା ଲକ୍ଷ୍ୟଭ୍ରଷ୍ଟ ହୋଇ, ମୋ' ଠାରୁ ଅଳ୍ପଦୂରରେ ତଳେ ପଡ଼ିଗଲା । ତା'ପରେ ପୁଣି ଆରମ୍ଭ ହୋଇଗଲା ପୂର୍ବପରି ଖଁ - ଖଁ ଭୌତିକ କାଶ । ମୁଁ ଘୃଣା ଓ ଭୟରେ ସେଠାରୁ ବାହାରକୁ ପଳାଇ ଆସିଲି ।

ସେ ପାଗଳ ହେଉ ବା ପ୍ରେତ ହେଉ ବା ପିଶାଚ ହେଉ - ଅତ୍ୟନ୍ତ ଦୁର୍ବଳ । ମୋର ଗୋଟିଏ ଅଙ୍ଗୁଳିରେ ମୁଁ ତାକୁ ଅକ୍ଲେଶରେ ଧରାଶାୟୀ କରିପାରିବି । ତଥାପି ମୋ କୋଠରି ଭିତରକୁ ଆସି, ଭିତରୁ କବାଟ ଅର୍ଗଳ ଅତି ସାବଧାନତାର ସହିତ ବନ୍ଦ କରିବାକୁ ମୋତେ ତର ସହିଲା ନାହିଁ ! କିନ୍ତୁ ବିଛଣାଉପରେ ଗଡ଼ିପଡ଼ିବା ମାତ୍ରେ ମୋର ଆଖି ଆଗରେ ସେହି ପ୍ରେତମୂର୍ତ୍ତିର ଦୃଶ୍ୟ ଭାସି ଉଠିଲା । ତା'ର ଅଶରୀର ଦେହ ଯେପରି କବାଟର ଫାଙ୍କବାଟେ ଆସି, ମୋର ନିଃଶ୍ୱାସ ବନ୍ଧି ଦେଉଥିଲା । ବାରମ୍ବାର ଆଖି ମୁଦିବା ଓ ଖୋଲିବା ମଧ୍ୟରେ ମୋତେ କେତେବେଳେ ନିଦ ଲାଗି ଯାଇଥିଲା, ମୁଁ ଜାଣି ନଥିଲି ।

ପ୍ରେତଗ୍ରସ୍ତ ପରି ମୁଁ ପୁଣି ବିଛଣା ଉପରେ ଉଠି ବସିଲି । ମହମବତୀଟା ଆଉ ଅଳ୍ପ କେତୋଟି ମିନିଟ ମଧ୍ୟରେ ଜଳି ଲିଭିଯିବ । ଗୋଟାଏ ପାଖକୁ ଢଳି ଜଳିବା ଫଳରେ, ତରଳ ମହମ, ଏକ ଅଶରୀରୀ ଆଖିରୁ ବିନ୍ଦୁ ବିନ୍ଦୁ ଲୁହଧାର ପରି ତଳକୁ ଖସି ପଡୁଥିଲା । ଅନ୍ୟ ଗୋଟାଏ ମହମବତୀ କାଢ଼ି, ସେଥିରେ ନିଆଁ ଧରାଇ ରଖିଦେଲି । ହାତ ଘଣ୍ଟାରେ ରାତି ଦଶଟା ବାଜି କେତେ ମିନିଟ୍ ହୋଇଥିଲା । ଏତେ ଶୀଘ୍ର ମୋତେ ନିଦ ଲାଗିବା କଥା ନୁହେଁ, ମାତ୍ର ସାରାଦିନର କ୍ଲାନ୍ତି ଓ ଉତ୍ତେଜନା ପରେ ଆଖି ଦୁଇଟା ନିଦରେ ବନ୍ଦ ହୋଇ ଆସୁଥିଲା । ପୁଣି ସେହି ଶେଷକୋଠରି ଭିତରୁ ଗୋଟାଏ ଅସ୍ପୁଟ ଖଁ - ଖଁ ଶବ୍ଦ ଶୁଭିଲା । ଏହି ଶବ୍ଦ ଶୁଣି କେତେ ମିନିଟ୍ ପୂର୍ବେ ମୋର ନିଦ ଭାଙ୍ଗି ଯାଇଥିଲା । ମୁଁ ତକିଆ ତଳୁ ମୋର ଟର୍ଚ୍ଚ ଲାଇଟ୍‌ଟା କାଢ଼ି, କବାଟ ଫିଟାଇ ବାହାରକୁ ଆସିଲି । ଆକାଶରେ ସେ ପର୍ଯ୍ୟନ୍ତ କୃଷ୍ଣ ତିଥିର ଚନ୍ଦ୍ରୋଦୟ ହୋଇ ନଥିଲା । ମେଘହୀନ ଆକାଶରେ ଲକ୍ଷ ଲକ୍ଷ ତାରାର ଝିଲିମିଲି ଆଲୋକ, ଗଙ୍ଗା ବକ୍ଷରେ ପ୍ରତିଫଳିତ ହୋଇଥିଲା । ଝିଙ୍କାରୀର ଝିଲ୍ଲୀନାଦରେ ଗଙ୍ଗାର କଳଧ୍ୱନି ସୁଦ୍ଧା ନିମଜ୍ଜିତ ହୋଇପଡ଼ିଥିଲା । ଯାତ୍ରୀଭବନ ସାମନାରେ, ସେହି ସାଧୁଙ୍କ ଖପରଲି ଛାଉଣି କୁଟୀରରେ ତଥାପି ଆଲୁଅ ଜକୁଥିଲା । ରାତ୍ରି ଭୋଜନ ପରେ ସାଧୁ ଗୋଟାଏ ତକିଆ ଦେହରେ ଆଉଜି, ଗଞ୍ଜେଇ ଟାଣୁଥିଲେ । ମାତାଜୀଙ୍କର ଦୈନନ୍ଦିନ କାର୍ଯ୍ୟ ଶେଷ ହୋଇଥିଲା । ସାଧୁଙ୍କଠାରୁ ଅଦୂରରେ ବସି ସେ ହସି ହସି ସାଧୁଙ୍କ ସଙ୍ଗେ କଣ କଥାବାର୍ତ୍ତା ହେଉଥିଲେ । କୁଟୀର ଭିତରର ଆଲୋକ, ଖୋଲା ଦୁଆର ବାଟେ, ବାହାରେ ଅନ୍ଧକାର ରାସ୍ତା ଉପରେ ଗୋଟିଏ ଆଲୋକିତ ଚତୁଷ୍କୋଣ ସୃଷ୍ଟି କରିଥିଲା ।

Digitized by srujanika@gmail.com

ମୁଁ କୋଠରି ଭିତରକୁ ଯିବି କି ନାହିଁ ଭାବୁଛି, ପୁଣି ପୂର୍ବପରି ଗଁ ଗଁ ଶବ୍ଦ ଶୁଭିଲା । ଅଗତ୍ୟା କବାଟ ଠେଲି ମୁଁ ସେହି କୋଠରି ଭିତରକୁ ପଶିଆସିଲି । ସନ୍ଧ୍ୟାବେଳେ ଯେଉଁ ଧୂଆଁଳିଆ ଲଣ୍ଠନଟି ଜଳୁଥିଲା, ତାହା ନିଭି ଯାଇଥିଲା । ଭିତର କିଟି କିଟି ଅନ୍ଧାର । ଟର୍ଚ୍ଚ ଆଲୁଅରେ ଦେଖିଲି, ସେହି ପ୍ରେତମୂର୍ତ୍ତି ତୃଷାର ଜ୍ୱାଳାରେ, ହାମୁଡ଼େଇ ହାମୁଡ଼େଇ, ଗୋଟାଏ ପାଣିମାଠିଆ ପାଖକୁ ଯିବାପାଇଁ ଚେଷ୍ଟା କରୁଥିଲା । ଲୋକଟା ସମ୍ଭବତଃ ଆକ୍ରମା ବ୍ୟାଧିରେ ପୀଡ଼ିତ । ସେଥିପାଇଁ ନିଶ୍ୱାସ ନେବାକୁ ଚେଷ୍ଟା କଲାବେଳେ, ରୁଦ୍ଧଶ୍ୱାସ ହୋଇ ଗଁ ଗଁ ଶବ୍ଦ କରୁଥିଲା । ଟର୍ଚ୍ଚ ଆଲୁଅ ଓ ମୋର ଉପସ୍ଥିତିରେ ସେ ସମ୍ଭବତଃ ବିସ୍ମିତ ଓ ବିଚଳିତ ହୋଇପଡ଼ିଥିଲା । ମାତ୍ର ପରେ ତାର ଦୁଇ ଆଖି, ଏକ ଆହତ, ବନ୍ୟପଶୁର କାରୁଣ୍ୟରେ ଅତ୍ୟନ୍ତ କରୁଣ ଓ ଦୟନୀୟ ହୋଇଗଲା । ଲୋଳରେଖାଙ୍କିତ, କୋଇଲା ପରି କଳା ମୁହଁରେ ତାର ଆଖି ଦୁଇଟି ନିଷ୍ପ୍ରଭ ଓ ପ୍ରାଣହୀନ ଦିଶୁଥିଲା । ମାଠିଆ ପାଖରେ ଗୋଟାଏ କଲେଇଛଡ଼ା ଟିଣ ମଗ୍ ପଡ଼ିଥିଲା । ମୁଁ ସେଥିରେ ମାଠିଆରୁ ପାଣି ଢାଳି, ସେ ଲୋକଟା ପାଖରେ ରଖିଦେଲି । ସେ ଏକ ନିଃଶ୍ୱାସରେ ମଗରୁ ପାଣିତକ ପିଇ ଯାଇଁ ପ୍ରାଣହୀନ ପରି ପୁଣି ବିଛଣାରେ ଗଡ଼ି ପଡ଼ିଲା ।

ମୁଁ ବାହାରକୁ ଚାଲି ଆସିଲି । ଏ ଯାତ୍ରୀ ଭବନରେ ଆଉ ଗୋଟିଏ ମୁହୂର୍ତ୍ତ ରହିବା ପାଇଁ ମୋର ରୁଚି ବା ଅଭିଳାଷ ନଥିଲା । ଯାତ୍ରୀଭବନ ସାମନାରେ ସାଧୁ ମହାରାଜଙ୍କ ସେ ଖପରଲିଛାଉଣି ଆଶ୍ରମ ସେତେବେଳକୁ ବନ୍ଦ ହୋଇ ନଥିଲେ, ସେଠାରେ ରାତ୍ରିଯାପନ ପାଇଁ, ମୁଁ ଅକୁଣ୍ଠିତ ଭାବରେ ଆଶ୍ରୟ ପ୍ରାର୍ଥୀ ହୋଇଥାନ୍ତି । ମାତ୍ର ସେତେବେଳକୁ ସେଠାରେ ସୁଦ୍ଧା ଆଲୁଅ ନିଭି ସାରିଥିଲା । ଅନ୍ଧାର ବାରଣ୍ଡାରେ ଠିଆହୋଇ; ଜଳନ୍ତା ସିଗାରେଟ୍‌ରେ ଗୋଟାଏ ଶେଷଟାଣ ଦେଇ, ମୁଁ ପୁଣି ମୋ କୋଠରି ଭିତରକୁ ଫେରି ଆସୁଛି; ରାସ୍ତାରୁ ଜଣେ ଲୋକ, ସେହି ବାରଣ୍ଡା ଉପରକୁ ଉଠି ଆସିଲା । ଟର୍ଚ୍ଚ ଜାଳି ଦେଖିଲି, ଅପରାହ୍ଣରେ ଯେଉଁ ଗାଇଡ଼ ମୋର ଜିନିଷପତ୍ର ମୁଣ୍ଡରେ ବୋହି ମୋତେ ଏ ପାଖକୁ ଆଣିଥିଲା, ଏ ଲୋକଟା ସେହି । ମନେ ମନେ ଆଶ୍ୱସ୍ତ ହେଲି । କିନ୍ତୁ ସେ ଲୋକଟାର ବାଁ ଆଖି ତଳେ ଗୋଟାଏ ଦୀର୍ଘ ଓ ଗଭୀର କ୍ଷତଚିହ୍ନ ତାହାର ଚେହେରାରେ ଏକ ପୈଶାଚିକ ବିକଟତାର ଛାପ, ସ୍ପଷ୍ଟ ଭାବରେ ଆଙ୍କି ଦେଇଥିଲା ।

ମୁଁ ହିନ୍ଦୀରେ ପଚାରିଲି... ''କଣ ଦରକାର ?''

ସେ ସେହି ଅନ୍ଧକାର ବାରଣ୍ଡାରେ ନିଶ୍ଚିନ୍ତ ଆରାମରେ ଦେହ ଢାଳିଦେଇ କହିଲା... ''ମୁଁ ଏଠାରେ ଶୋଇବି । ଆପଣ ଏ ପର୍ଯ୍ୟନ୍ତ ଶୋଇ ନାହାନ୍ତି ?''

ମନେ ମନେ ଲୋକଟାକୁ ଅଜସ୍ର ଧନ୍ୟବାଦ ଦେଲି । ଏ ବିକଟ ପରିବେଶରେ ଜଣେ ମଣିଷର ସାନ୍ନିଧ୍ୟ ଓ ସାହଚର୍ଯ୍ୟ ପାଇ, ମୋତେ ବହୁ ପରିମାଣରେ ଆଶ୍ୱସ୍ତ ଲାଗିଲା । ଯାହାହେଉ ଏ ଲୋକଟା ଏଠାରେ ବାରଣ୍ଡାରେ ଶୋଇଲେ, ମୁଁ ଅନ୍ତତଃ ନିଶ୍ଚିନ୍ତ ଭାବରେ

Digitized by srujanika@gmail.com

ଭିତରେ ଶୋଇ ପାରିବି ।

ତାକୁ ଖଣ୍ଡେ ସିଗାରେଟ୍ ଦେଲି । ସେ ପରମ କୃତଜ୍ଞତାରେ ସିଗାରେଟ୍ ଖଣ୍ଡରେ ନିଆଁ ଲଗାଇ ଧୂଆଁ ଛାଡ଼ିଲା । ମୁଁ କୋଠରି ଭିତରକୁ ଫେରି ଆସୁଛି, ପୁଣି ପୂର୍ବପରି ଗଁ - ଗଁ ଶବ୍ଦ ଶୁଭିଲା । ମୁଁ ଟର୍ଚ୍ଚ ଜାଳି, ହିନ୍ଦୀରେ ପଚାରିଲି... ''ସେ ଘର ଭିତରେ ସେ ବୁଢ଼ାଟା କିଏ ? ମୋର ମନେ ହେଉଛି, ସେ ଆଜି ରାତିରେ କେଜାଣେ ମରିଯିବ । ତା ଗଁ - ଗଁ ଶବ୍ଦ ଶୁଣୁଛ ।''

ଏକାନ୍ତ ନିସ୍ପୃହ ଭାବରେ, ସିଗାରେଟରୁ ଧୂଆଁ ଛାଡ଼ି, ସେ ଲୋକଟା କହିଲା... ''ମରୁ ମରୁ ସେ ବଞ୍ଚୁଛି । ସେ ଏବେ ସହଜରେ ମରିବ ନାହିଁ । ସବୁଦିନ ରାତିରେ ସେ ସେମିତି ଗଁ - ଗଁ ହୁଏ; କିନ୍ତୁ ମରେନାହିଁ ।''

ମୁଁ ପଚାରିଲି, ...''କିନ୍ତୁ ସେ ଲୋକଟା କିଏ ? ଏଠି ଅଛି କାହିଁକି ? ମୋର ତ ମନେ ହେଉଛି ସେ ଗୋଟାଏ ପାଗଳ ।''

ଗାଇଡ୍, ତାର ଗରହ୍ୱାଲୀମିଶା ହିନ୍ଦୀରେ ସେ ଲୋକଟାର ଯେଉଁ କାହାଣୀ ଶୁଣାଇଲା, ତାହା ବିଚିତ୍ର ।

ତିନିବର୍ଷ ତଳେ ହରଦ୍ୱାରଠାରେ ଯେଉଁ କୁମ୍ଭଯୋଗ ପଡ଼ିଥିଲା, ସେଥିରେ ବାହାରୁ ଲକ୍ଷ ଲକ୍ଷ ଯାତ୍ରୀ ଆସିଥିଲେ । ଆଜ୍‌ମୀର ଯନ୍ତ୍ରଣାରେ ଏ ଯେଉଁ ଲୋକଟା ଏବେ ରୁଦ୍ଧଶ୍ୱାସ ହୋଇ, ଗଁ - ଗଁ ହେଉଛି ସେତେବେଳେ ତାର ପରିବାର ଓ ଅନ୍ୟ ଆତ୍ମୀୟମାନଙ୍କ ସହିତ ସେ ସୁଦୂର ଦକ୍ଷିଣରୁ ହରଦ୍ୱାର ଆସିଥିଲା କୁମ୍ଭସ୍ନାନ ପାଇଁ । ଆଜି ଅବଶ୍ୟ ଭିକ୍ଷା ତା'ର ସମ୍ବଳ । ଯେଉଁଦିନ ଭିକ୍ଷା ନ ମିଳେ, ସେଦିନ କାଳୀ-କମ୍‌ଲୀୱାଲା ପର୍ଯ୍ୟନ୍ତ ଦୁଇ ମାଇଲ ରାସ୍ତା ସେ ଘୁଷୁଡ଼ି ଘୁଷୁଡ଼ି ଯାଏ ! ମାତ୍ର ଏ ବେଶ୍ ଥଲାବାଲା ଲୋକ । ସେତେବେଳେ ଯେଉଁ ସ୍ତ୍ରୀଲୋକମାନେ କୁମ୍ଭସ୍ନାନ ପାଇଁ ତା'ସଙ୍ଗରେ ଆସିଥିଲେ, ସେମାନଙ୍କ ଦେହରେ ବୋଝେ ବୋଝେ ସୁନା ଅଳଙ୍କାର ଥିଲା । ହରଦ୍ୱାରରେ କୁମ୍ଭସ୍ନାନ ପରେ ଏମାନେ ଋଷିକେଶ ଆସିଲେ । ସେଠାରୁ ଆସିଲେ ଲଛମନ୍‌ଝୁଲା । ସେତେବେଳେ ଲଛମନ୍‌ଝୁଲାରେ ପ୍ରବଳ ବିସୂଚିକା ବ୍ୟାପିଥିଲା, ମହାମାରୀ ପରି । ଶହ ଶହ ଲୋକ, ସବୁଆଡ଼େ ମଶା ମାଛି ପରି ମରି ପଡୁଥିଲେ । ଶିବାନନ୍ଦ ମହାରାଜଙ୍କ ହାସପାତାଳ, କାଳୀ-କମଲୀୱାଲା ଡାଭରଖାନା, ସବୁଠି ରୋଗୀମାନଙ୍କର ଭିଡ଼ । ଏପରି ମହାମାରୀ, ଏ ଅଞ୍ଚଳରେ ବହୁବର୍ଷ ଧରି ଦେଖା ନଥିଲା । ଏ ଲୋକଟା ସେତେବେଳେ ଦିନେ ହଠାତ୍ ବିସୂଚିକାରେ ଆକ୍ରାନ୍ତ ହୋଇପଡ଼ିଲା ।

ଗାଇଡ୍ କହିଲା, ...''ଆପଣ ପୋଲ ପର୍ଯ୍ୟନ୍ତ ଆସିଲାବେଳେ, ଲଛମନ୍‌ଜୀଙ୍କ ମନ୍ଦିର ପାଖରେ ଯେଉଁ ପଡ଼ିଆଟାରେ ଦଣ୍ଡେ ବସିଥିଲେ ସେଠାରେ ଯାତ୍ରୀମାନେ ରହିବାପାଇଁ ଖଣ୍ଡେ ଖଣ୍ଡେ ଚାଳିଆ ତିଆରି କରିଥିଲେ । ସେହିପରି ଗୋଟାଏ ଚାଳୀରେ ଏ ବୁଢ଼ା ସେତେବେଳେ ବିସୂଚିକାରେ ଆକ୍ରାନ୍ତ ହୋଇ ପଡ଼ିଥିଲା । ମୋର ମନେ ଅଛି, ଏ ସେତେବେଳେ ବିଷ୍ଠା ଆଉ

Digitized by srujanika@gmail.com

ବାନ୍ତିରେ ଏପରି ଲଟପଟ ହୋଇ ପଡ଼ିଥିଲା ଯେ, ଭୟ, ତୃଷା ଆଉ ଦୁର୍ଗନ୍ଧରେ ତା ପାଖ କେହି ମାଡୁ ନଥିଲେ । କେତେଦିନ ପାଇଁ ସେ ବାଟ ସୁଦ୍ଧା ବନ୍ଦ ହୋଇଗଲା । ସଙ୍ଗରେ ଯେଉଁ ଆତ୍ମୀୟ ସ୍ୱଜନମାନେ ଆସିଥିଲେ, ସେମାନେ ମହାମାରୀ କବଳରୁ ନିଜ ପ୍ରାଣ ବଞ୍ଚାଇବା ପାଇଁ, ବୁଢ଼ାକୁ ସେଇ ଅପନ୍ତରା ଚାଲିଘରେ ପକାଇ ଦେଇ ନିଜ ବାଟରେ ଚାଲିଗଲେ ! ଏ ବୁଢ଼ା ସେତେବେଳେ ମରଣ ସଙ୍ଗରେ ଲଢ଼ି ଲଢ଼ି ବଞ୍ଚିଛି । ଏତେ ଶୀଘ୍ର ସେ ମରିବ ନାହିଁ ।''

ମୁଁ ପଚାରିଲି, ...''ତା'ହେଲେ ସେ ଆତ୍ମୀୟ ସ୍ୱଜନ ଓ ସଂସାର ଛାଡ଼ି ଏଠି ଏପରି ଅପନ୍ତରାରେ ପଡ଼ିଛି କାହିଁକି ? ଏଠି ମଲାବେଳେ ସେ ଟୋପାଏ ପାଣି ସୁଦ୍ଧା ପାଇପାରିବ କି ନାହିଁ ସନ୍ଦେହ ।''

ଗାଇଡ୍ ଗୋଟାଏ ଲମ୍ବା ହାଇ ମାରି କହିଲା, ...''ଲୋକଟା ସେହିଦିନୁ କିପରି ପାଗଳ ହୋଇ ଯାଇଛି । ଘରକୁ ଫେରିଯିବା କଥା କହିଲେ ସେ ମାରି ଗୋଡ଼ାଏ । କେତେମାସ ତଳେ ତାର କେତେଜଣ ଆତ୍ମୀୟ ତାକୁ ଫେରାଇ ନେବାପାଇଁ ଏଠାକୁ ଆସିଥିଲେ । ସେମାନଙ୍କୁ ଦେଖି ସେ ଏପରି ମାରି ଗୋଡ଼ାଇଲା ଯେ, ସେମାନେ ଭୟରେ କେହି ତା' ପାଖ ମାଡ଼ିପାରିଲେ ନାହିଁ । ସେମାନେ ଡେଣ୍ଡୁ ଫେରି ଚାଲିଗଲେ । ଲୋକଟା କେଉଁଦିନ ଏଇଠି ପଡ଼ି ପଡ଼ି ମରିଯିବ, କିଏ ଜାଣେ ।''

ସଂସାର ଅଦ୍ଭୁତ । ସଂସାର ଅନୁଭବ କରି ନଥିବା ଲୋକ ସଂସାର ପାଇଁ ଯେମିତି ବ୍ୟାକୁଳ, ସଂସାରର ଜ୍ୱାଳା ଅଙ୍ଗେ ନିଭାଇଥିବା ଲୋକ ସଂସାରଠାରୁ ଆତ୍ମରକ୍ଷା ପାଇଁ, ସେତିକି ବ୍ୟଗ୍ର ।

ଆଖି ବୁଜିବା ମାତ୍ରେ ବାରଣ୍ଡାରେ ସେ ଲୋକଟାର ନାକ ଘୁଂଘୁଡ଼ି ମାରିବାକୁ ଆରମ୍ଭ କଲା । ଗଙ୍ଗା ସେପଟେ, ବନଶୀର୍ଷ ଉପରେ, ମେଘମେଦୁର ଦିଗ୍‌ବଳୟର ବହୁ ଉର୍ଦ୍ଧ୍ୱରେ କୃଷ୍ଣତିଥିର ଚନ୍ଦ୍ର ନିର୍ଜନ ରାତ୍ରିର ବିନିଦ୍ର ପ୍ରହରରେ ଏକ ବେଦନାବିଦଗ୍ଧ ସ୍ମୃତି ପରି ଧୀରେ ଧୀରେ ଚେଇଁ ଉଠୁଥିଲା । ଝିଙ୍କାରୀର ଝିଲ୍ଲୀନାଦ, ଗଙ୍ଗାର କଳଧ୍ୱନି ଓ ବେଳେ ବେଳେ ଗୋଟିଏ ନିଃସଙ୍ଗ ବନ୍ୟପକ୍ଷୀର ଆକୁଳ ଚିତ୍କାରରେ, ମୋର ଦୁଇ କ୍ଲାନ୍ତ ଆକ୍ଷିପତା ମୁଦି ହୋଇ ଆସୁଥିଲା । ମୁଁ ଭିତରକୁ ଆସି, କବାଟ ବନ୍ଦ କରି ବିଛଣା ଉପରେ ଖଣ୍ଡେ କାଠଗଡ଼ ପରି ଗଡ଼ି ପଡ଼ିଲି ।

କେତେ ସମୟ ଶୋଇ ପଡ଼ିଥିଲି ଜାଣେନାହିଁ, ମାତ୍ର ପୁଣି ହଠାତ୍ ମୋର ନିଦ ଭାଙ୍ଗିଗଲା; ଏକ ନାରୀକଣ୍ଠର ବିଳାପ ଧ୍ୱନିରେ । ବିଛଣାରେ ଆକ୍ଷି ମେଲି ଚାରିଆଡ଼କୁ ଚାହିଁଲି । ମହମବତୀଟା ଜଳି ଜଳି ସେତେବେଳକୁ ନିଭି ସାରିଥିଲା । ଖୋଲା ଝରକା ବାଟେ, ଚେନାଏ ମେଘୁଆ ଜହ୍ନ ଆଲୁଅ ଘର ଚଟାଣ ଉପରେ ମୂର୍ଚ୍ଛିତ ହୋଇ ପଡ଼ିଥିଲା । ଯେପରି ଏକ ନିଃସଙ୍ଗ ରାତ୍ରିର ପୁଞ୍ଜୀଭୂତ ବେଦନା ମେଘମ୍ଳାନ ଜ୍ୟୋତ୍ସ୍ନାର ଏହି ମଳିନ ଚତୁଷ୍କୋଣ ମଧ୍ୟରେ ରୂପ ପରିଗ୍ରହ କରିଥିଲା ।

Digitized by srujanika@gmail.com

ମୁଁ ବିଛଣାରେ ଉଠିବସି ଖଣ୍ଟେ ସିଗାରେଟ୍‌ରେ ନିଆଁ ଲଗାଇଲି । ରାତ୍ରିର ଅଖଣ୍ଡ ନୀରବତା ସେହି ନାରୀକଣ୍ଠର ବିଳାପ ଧ୍ୱନିରେ ଯେପରି ଶତଧା ବିଦୀର୍ଣ୍ଣ ହେଉଥିଲା । ବିଳାପ ଶବ୍ଦରେ ସେ ବୀଭତ୍ସ ଚିତ୍କାରର ବିକଟତା ଆଦୌ ଅନୁମିତ ହୋଇ ପାରିବନାହିଁ । ନାରୀକଣ୍ଠର ବିଳାପ, ଏପରି ବୀଭତ୍ସ ଓ ବିକଟ ହୋଇପାରେ ବୋଲି ମୋର ଧାରଣା ବା ଅନୁଭୂତି ନଥିଲା । ଏତେ ରାତିରେ, ପୁଣି ଏତେ ନିକଟରେ, କିଏ କାହିଁକି ଏପରି ମଡ଼ କାନ୍ଦଣା ଆରମ୍ଭ କରିଦେଲା, ଭାବି ସ୍ଥିରକରି ପାରିଲି ନାହିଁ । ଟର୍ଚ୍ଚ ଜାଳି ଦେଖିଲି, ରାତି ଗୋଟାଏ ବାଜି ପଇଁଚାଳିଶ ମିନିଟ୍ ହୋଇଥିଲା । ମୁଁ ପୁଣି କବାଟ ଫିଟାଇ ବାହାରକୁ ଆସିଲି ।

ଏ ଚିତ୍କାର ଓ ମଡ଼କାନ୍ଦଣାରେ, ପିଣ୍ଡାରେ ଶୋଇଥିବା ''ଗାଇଡ଼''ର ମଧ୍ୟ ନିଦ ଭାଙ୍ଗିଯାଇଥିଲା । ସେ ଉଠି ବସି ସାମନାର ମେଘୁଆ ଜହ୍ନ ଆଲୁଅ ଭିତରକୁ ଚାହିଁ ଖଣ୍ଟେ ବିଡ଼ି ଟାଣୁଥିଲା । ବାହାରେ ତାକୁ ଉଠି ବସିଥିବା ଦେଖି ମୁଁ ପଚାରିଲି... ''ଏ ପୁଣି କାହୁଛି କିଏ ?''

ଯାତ୍ରୀଭବନଠାରୁ ଅଳ୍ପ ଦୂରରେ, ସେହି ଖପରଲି ଛାଉଣି ଆଶ୍ରମର ଦୁଆର ପାଖରେ ଜଣେ ସ୍ତ୍ରୀଲୋକ ବସି, ଭିତରୁ ବନ୍ଦହୋଇଥିବା ଦରଜାରେ ଦୁଇହାତପିଟି, କାନ୍ଦଣା ଲଗାଇଥିଲା । ସେ ତ କାନ୍ଦଣାନୁହେଁ ଏକ ଅଶ୍ଳୀଳ ଚିତ୍କାର । ବେଳେ ବେଳେ କାନ୍ଦଣା ବନ୍ଦ ହୋଇଗଲେ, ପୁଣି ଆଉଥରେ କାନ୍ଦଣା ଆରମ୍ଭ କରିବା ପୂର୍ବରୁ, ସେ କାହା ଉଦ୍ଦେଶ୍ୟରେ ଯେଉଁ ଗାଳି ସବୁ ବର୍ଷଣ କରି ଯାଉଥିଲା, ତାହାର ଅଶ୍ରାବ୍ୟ ଅଂଶମାନ ବାଦ୍‌ଦେଲେ କେବଳ ''ବେଇମାନ୍'', ''ନାମରଦ୍'' ପ୍ରଭୃତି ଗାଳି ବାରମ୍ବାର ଶୁଣାଯାଉଥିଲା ।

ଗାଇଡ଼୍ ବିରକ୍ତିମିଶ୍ରିତ କଣ୍ଠରେ କହିଲା... ''ଆପଣ କବାଟ ବନ୍ଦକରି ଶୋଇବେ ଯାନ୍ତୁ । ଏମାନଙ୍କ ଝଗଡ଼ାରୁ କ'ଣ ପାଇବେ ? ଅଧିକାଂଶ ଦିନ ରାତିରେ ବାବାଜି ଏ ମାତାଜୀକୁ ବାହାରେ ତଡ଼ିଦେଇ, ଭିତରୁ କବାଟ ବନ୍ଦ କରିଦିଏ । ଆଜି ମଧ୍ୟ ସେଇଆ ହୋଇଛି । ରାତିଯାକ ମାତାଜୀ ଏମିତି ଦୁଆର ମୁହଁରେ ପାଟି ହଲ୍ଲା କରେ । ବାବାଜି ଶେଷରେ ବାଧ୍ୟହୋଇ କବାଟ ଫିଟାଏ । ଏ ସେମାନଙ୍କର ନିତିଦିନିଆ ବ୍ୟାପାର ।''

ଗାଇଡ଼ ବିରକ୍ତିମିଶ୍ରିତ କଣ୍ଠରେ କହିଲା, ...''କେ ଜାଣେ ?'' ତା'ପରେ ମାତାଜୀ ଉଦ୍ଦେଶ୍ୟରେ ସେ ବଡ଼ପାଟି କରି ପିଣ୍ଡାଉପରୁ ଡାକି କହିଲା, ...''ଏ ମାଇଜୀ, ଆଉ ହଲ୍ଲା ନକରି ସେଇ ପିଣ୍ଡାରେ ଶୋଇପଡ଼ । ଅଧ ରାତିରେ ପବନ ଆକ୍ଷିପତାକୁ ବେଶ୍ ଶୀତଳ ଲାଗୁଛି ।''

ଗାଇଡ଼ର କଥା ଶୁଣି, ମାତାଜୀ ପୁଣି କଣ୍ଠସ୍ୱର ଲମ୍ବାଇ, କାନ୍ଦଣା ଆରମ୍ଭ କରି, ଦୁଇହାତରେ କବାଟ ପିଟିବା ଆରମ୍ଭ କରିଦେଲା । ମୁଁ ଭିତରକୁ ଆସି, କବାଟ ବନ୍ଦକରି ଘୋର ବିରକ୍ତିରେ ପୁଣି ବିଛଣାରେ ଗଡ଼ି ପଡ଼ିଲି ।

* * *

Digitized by srujanika@gmail.com

ଦୁଇ

ଏଠାରେ ଗୋଟିଏ ସପ୍ତାହ ଅତିବାହିତ କରିବା ମଧ୍ୟରେ ଉପରୋକ୍ତ ଆଶ୍ରମର ସାଧୁମହାରାଜଙ୍କ ସହିତ ମୋର ବନ୍ଧୁତ୍ୱ କେତେକ ପରିମାଣରେ ଘନିଷ୍ଠ ହୋଇଆସିଥିଲା । ମାତାଜୀ ସକାଳୁ ଉଠି, ସାଧୁମହାରାଜଙ୍କ ପାଇଁ ଚା' ଟିଆରି କରିସାରି ଭିକ୍ଷାରେ ବାହାରିଯାନ୍ତି, ଫେରନ୍ତି ସନ୍ଧ୍ୟାର ଅଳ୍ପପୂର୍ବରୁ । ତେଣୁ ମାତାଜୀଙ୍କ ସହିତ ସାକ୍ଷାତ ଓ ଆଳାପର ବିଶେଷ ଅବକାଶ ନଥିଲେହେଁ, ତାଙ୍କ ସହିତ ମଧ୍ୟ ମୋର ସମ୍ପର୍କ କେତେକ ପରିମାଣରେ ସହଜ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇ ଆସିଥିଲା । ସାଧୁମହାରାଜଙ୍କ ଆଶ୍ରମ-ଅଭ୍ୟନ୍ତରବାସିନୀ ଚଣ୍ଡିକା ବିଗ୍ରହଙ୍କ ପାଖରେ ବେପରୁଆ ହାତରେ ପ୍ରଣାମୀ ନିବେଦନ କରୁଥିବା ହେତୁ, ମୁଁ ସାଧୁମହାରାଜ ଓ ମାତାଜୀଙ୍କ ବିଶେଷ ଅନୁଗ୍ରହର ପାତ୍ର ହୋଇପଡ଼ିଥିଲି । ସାଧୁ ମହାରାଜ ତାନ୍ତ୍ରିକ ସାଧକ । ଏକଦା ବାମାକ୍ଷେପାଙ୍କଠାରୁ ଦୀକ୍ଷା ଗ୍ରହଣ କରି, ବୀରଭୂମିର ଏକ ଶ୍ମଶାନରେ ସେ ସାଧନାଭ୍ୟାସ କରୁଥିଲେ । ପରେ ସାଧୁମହାରାଜ ଆସିଲେ ବାରାଣସୀ, ବାରାଣସୀରୁ କନ୍‌ଖଲ୍, କନ୍‌ଖଲ୍‌ରୁ ଲଛମନ୍‌ଝୁଲା । ତାଙ୍କ ଆଶ୍ରମ ଭିତରେ ମାଟିର ଗୋଟିଏ ଅନୁଚ୍ଚ ବେଦୀକା ଉପରେ ଯେଉଁ ଚଣ୍ଡି ବିଗ୍ରହ ରହିଛନ୍ତି, କନଖଲ୍‌ଠାରେ ଗଙ୍ଗାଗର୍ଭରୁ ସେ କାଳେ ଆବିର୍ଭୂତା ହୋଇଥିଲେ । ଘୋର ଶ୍ମଶାନବାସିନୀ ଚଣ୍ଡିକା ତାଙ୍କ ପ୍ରତି ଏକାନ୍ତ ପ୍ରସନ୍ନା, ପୁଣି ତାଙ୍କର ଅନୁଗତା । ମାରଣ, ତାରଣ, ବଶୀକରଣ, ଉଚ୍ଚାଟନ ପ୍ରଭୃତି କାର୍ଯ୍ୟ ନ କରିବା ପାଇଁ ଗୁରୁଙ୍କଠାରୁ ନିର୍ଦ୍ଦେଶ ମିଳିଥିବାରୁ, ସେ ସବୁଥିରେ ସେ ହାତ ଦିଅନ୍ତୁ ନାହିଁ । ମାତ୍ର ମୋ ପ୍ରତି ତାଙ୍କର ବିଶେଷ ଅନୁଗ୍ରହ ହୋଇଥିବାରୁ, ସେ ମୋତେ ଗୋଟିଏ ବଶୀକରଣ କବଚ ପ୍ରସ୍ତୁତ କରିଦେବାପାଇଁ ସମ୍ମତ ହୋଇଥିଲେ । ଏଥିପାଇଁ ଯେଉଁ ପରିମାଣରେ ଅର୍ଥର ଆବଶ୍ୟକ ହେବ, ତାହା ତ୍ରିସଂଖ୍ୟାବିଶିଷ୍ଟ, ହୋଇଥିବାରୁ ମୁଁ ସେ ପ୍ରକାର ଦୁର୍ଲ୍ଲଭ ଅନୁଗ୍ରହର ଯୋଗ୍ୟ ହେବାପାଇଁ ନିଜର ଦୈନ୍ୟ ପ୍ରକାଶ କରିଥିଲି । ପରେ ବହୁ ଦର କଷାକଷିରେ ତାହା ଦ୍ୱି-ସଂଖ୍ୟାବିଶିଷ୍ଟ ହୋଇ, ଶେଷରେ ମାତ୍ର ସାତ ଟଙ୍କାରେ ପହଞ୍ଚିବାରୁ, ତାହା ଗ୍ରହଣ ନ କରିବା ମୋ ପକ୍ଷରେ ଅସମ୍ଭବ ହୋଇ ପଡ଼ିଥିଲା । ଗୋଟିଏ ଲାଲ ସୂତାରେ ଗୁନ୍ଥା ହୋଇ ସେ କବଚଟି ମୋ ପାଖରେ ରହିଅଛି । ଅମାବାସ୍ୟା ରାତ୍ରିରେ ସାଧୁ ମହାରାଜଙ୍କ ପ୍ରଦତ୍ତ ବୀଜମନ୍ତ୍ର ସ୍ମରଣ କରି ସେ କବଚ ପରିଧାନ କଲେ, ମୁଁ ରାତାରାତି ଅଜାତଶତ୍ରୁ ପାଇଟିଯିବି ବୋଲି ସାଧୁ ମହାରାଜ ନିର୍ଭର ଆଶ୍ୱାସନା ଦେଇଅଛନ୍ତି । ଏହିପରି ନାନା କାରଣରୁ ମୋପ୍ରତି ସାଧୁମହାରାଜଙ୍କ ବିଶେଷ ଅନୁଗ୍ରହ ହୋଇଅଛି । କିନ୍ତୁ ସାଧୁମହାରାଜ ଓରଫ ଚିନ୍ମୟାନନ୍ଦ ସ୍ୱାମୀଙ୍କୁ, ମାତାଜୀଙ୍କ ପ୍ରତି ତାଙ୍କ ବିଚିତ୍ର ଆଚରଣ ସମ୍ପର୍କରେ ଜିଜ୍ଞାସା କରିବାପାଇଁ ମୋର ବ୍ୟଗ୍ରତା, ନାନା ତାତ୍ତ୍ୱିକ ଓ ଆର୍ଥିକ ଆଲୋଚନା ମଧ୍ୟରେ ତଥାପି ସମ୍ଭବ ହୋଇ ନଥିଲେ ହେଁ; ପ୍ରଥମ ରାତ୍ରିରେ ଯାହା ଘଟିଥିଲା ବହୁ ରାତ୍ରିରେ ତାହାର ପୁନାରାବୃତ୍ତି ହୋଇଥିଲା । ମାତ୍ର

Digitized by srujanika@gmail.com

ମୁଁ ଅତ୍ୟନ୍ତ ନିକଟରେ ଥିବାରୁ କାଳେ ମୋ ନିଦ୍ରାରେ ବ୍ୟାଘାତ ଘଟିବ, ସେଥିପାଇଁ ମାତାଜୀ ନିଜ କଣ୍ଠସ୍ୱର ଯଥାସମ୍ଭବ ଅନୁଚ୍ଚ କରିବାପାଇଁ ଚେଷ୍ଟା କଲେ ସୁଦ୍ଧା, ଲଛମନ୍‌ଝୁଲାର ନୈଶ ନୀରବତା ଓ ପ୍ରଶାନ୍ତିକୁ ତାହା ଅକ୍ଷତ ରଖି ପାରୁ ନଥିଲା ।

* * *

ମେଘମୁକ୍ତ ଗୋଟିଏ ସୁନ୍ଦର, ନୀଳାଭ ସକାଳ । ଯାତ୍ରୀଭବନର ଶେଷ କୋଠରି ଭିତରୁ, ସେହି ନାମଗୋତ୍ରହୀନ ବିଦେଶୀ ବୁଢ଼ାର ଖଁ ଖଁ କାଶ ଶୁଭୁଅଛି । ଭଇକରି ଚାରିଆଡ଼େ ଖରା ପଡ଼ି ସାରିଲେ, ଛିଣ୍ଡା କାନ୍ଥର ଅରଣ୍ୟ ଭିତରୁ ପଦାକୁ ବାହାରି, ସେ ଗଙ୍ଗାକୂଳର କୌଣସି ଘାଟଠାରେ ଭିକ୍ଷାପାତ୍ର ଧରି ବସିବ । କେବଳ ଜୀବନଧାରଣ ପାଇଁ ତାର ଯାଚଞ୍ଚା ! ଚିନ୍ମୟାନନ୍ଦ ସ୍ୱାମୀଙ୍କ କୁଟୀର ସାମନାରେ ଗୋଟିଏ କୋଇଲା ଚୁଲିରେ ଫୁକି ଫୁକି ମାତାଜୀ ଚା' ତିଆରି ପାଇଁ ତାଉ ଧରୁଛନ୍ତି । ଚୁଲିରୁ ନେଳୀ ଧୂଆଁ ଉପରକୁ କୁଣ୍ଡଳୀ ବୁଲି ଉଠି ସକାଳର ନୀଳିମା ସହିତ ମିଶି ଯାଉଅଛି । କୁଟୀର ଭିତରେ ଚିନ୍ମୟାନନ୍ଦ ବାସି ବିଛଣା ଉପରେ ପଦ୍ମାସନରେ ବସି, ଅଳସ ଭାବରେ ଖଣ୍ଡେ ବିଡ଼ି ଟାଣୁଛନ୍ତି, ମାତ୍ର କେଉଁ ସକାଳୁ ମାତାଜୀ ଉଠି, ପ୍ରାତଃସ୍ନାନ ଶେଷକରି ଚା' ତିଆରିରେ ଲାଗି ଯାଇଛନ୍ତି । ତାଙ୍କର ମେଦବହୁଳ ଅନାବୃତ ପିଠି ଉପରେ ଭିଜାବାଳ ଅବିନ୍ୟସ୍ତ ଭାବରେ ଲମ୍ବି ଯାଇଅଛି । ମୁଁ ସେହିବାଟେ ଗଙ୍ଗାର କୂଳ ଧରି ବୁଲି ବାହାରିଗଲି । ଫେରିଲାବେଳକୁ ସକାଳର ଖରା ସବୁଆଡ଼େ ବିଛେଇ ହୋଇ ପଡ଼ି ସାରିଥିଲା । ମାତାଜୀ ଦୈନନ୍ଦିନ ଭିକ୍ଷାର ସନ୍ଧାନରେ, ହାତରେ ତ୍ରିଶୂଳ ଓ କମଣ୍ଡଳୁ ଧରି ବାହାରି ଯାଇଥିଲେ । ଚିନ୍ମୟାନନ୍ଦ କୁଟୀର ପିଣ୍ଡାରେ ଖଣ୍ଡେ ମୃଗଚର୍ମର ଆସନ ଉପରେ କ'ଣ ଖଣ୍ଡେ ବହି ମେଲାଇ ବସିଥିଲେ । ତାଙ୍କଠାରୁ ଅଦୂରରେ ପିଣ୍ଡା ତଳକୁ ତାଉଧରା କୋଇଲାଚୁଲି ଉପରେ ଚା' କେଟଲୀରୁ ବାଷ୍ପ ବାହାରୁଥିଲା । ସ୍ୱାମୀଜୀ ମୋତେ ଦେଖି, ତାହାଣ ହାତ ଉପରକୁ ଉଠାଇ ଅଭୟ ଦେଲାପରି କହିଲେ, ...''ଆନନ୍ଦ ହୋ !''

ଚିନ୍ମୟାନନ୍ଦଙ୍କୁ ମୁଁ ପ୍ରଣାମ ଜଣାଇ, ତାଙ୍କ ପାଖରେ ପଡ଼ିଥିବା ଖଣ୍ଡେ କୁଶାସନ ଉପରେ ବସି ପଡ଼ିଲି । ଏତେ ଦିନରେ ଚିନ୍ମୟାନନ୍ଦଙ୍କୁ ନିରୋଳାରେ ପାଇ, ତାଙ୍କ ଜୀବନର ରହସ୍ୟ ଉଦ୍‌ଘାଟନ କରିବାପାଇଁ ମୋର କୌତୂହଳୀ ମନ ଉତ୍‌କଣ୍ଠିତ ହୋଇପଡ଼ିଲା ।

ଚିନ୍ମୟାନନ୍ଦ ସେଥିପାଇଁ ଉପଯୁକ୍ତ ପରିବେଶ ସୃଷ୍ଟିକରି ମୋତେ ସ୍ମିତ ହସି କହିଲେ... ''କପେ ଚା ହେଉ ।''

ତା'ପରେ ଭିତରୁ ଦୁଇଟି କପ୍ ଓ ପ୍ଲେଟ କାଢ଼ିଆଣି, ଗୋଟିକରେ ନିଜପାଇଁ ଓ ଅନ୍ୟଟିରେ ମୋ' ପାଇଁ କେଟ୍‌ଲିରୁ ଚା' ଢାଳି ସାମନାରେ ରଖିଦେଲେ ।

ଚିନ୍ମୟାନନ୍ଦଙ୍କ ହାଡ଼ମାଳ ଦେହ ଗଞ୍ଜେଇ ଧୂଆଁରେ ବିଶୀର୍ଣ୍ଣ, ମାତ୍ର ପ୍ରଶସ୍ତ କପାଳ ଓ ଗହଳ ଭ୍ରୂଲତା ତଳେ ତାଙ୍କର ଆଖି ଦୁଇଟି ଗଭୀର ଓ ଉଜ୍ଜ୍ୱଳ ଦିଶୁଥିଲା ।

ପ୍ରଥମେ ଆଳାପ କିପରି ଆରମ୍ଭ କରିବି ସ୍ଥିର କରି ନପାରି, ମୁଁ ନୀରବରେ ଚା'

Digitized by srujanika@gmail.com

କପ୍‌ରୁ କେବଳ ଚା' ପିଇ ଯାଉଥିଲି । ମାତ୍ର ବହୁ ସମୟ ଧରି କେଟ୍‌ଲିରେ ସିଝିବା ଫଳରେ, ଚା'ର କୌଣସି ସ୍ୱାଦ ନଥିଲା । ତଥାପି ସେହି ବିବର୍ଣ୍ଣ, ତିକ୍ତ ପାନୀୟ ଗଳାଧଃକରଣ କରି ମୁଁ ଉପଯୁକ୍ତ ମୁହୂର୍ତ୍ତର ଅପେକ୍ଷାରେ ବସି ରହିଥିଲି ।

ଚିନ୍ମୟାନନ୍ଦଙ୍କ କପ୍‌ରୁ ଚା' ଶେଷ ହେଲା । ସେ କପ୍‌ଟି ତଳେ ରଖିଦେଇ, ମୋ'ଠାରୁ ଖଣ୍ଡେ ସିଗାରେଟ୍ ମାଗିନେଇ ସେଥିରେ ନିଆଁ ଲଗାଇଲେ । ଏହି ଅବକାଶରେ ମୁଁ ପଚାରିଲି, ...''ମାତାଜୀ ବାହାରି ଗଲେଣି ପରା ।''

ସାଧୁ ମହାରାଜ ଗଞ୍ଜେଇ ଚିଲମ ଧରିବା ପରି, ଡାହାଣ ହାତମୁଠା ଭିତରେ ସିଗାରେଟ୍‌ଟି ଚାପିଧରି, ସେଥିରୁ କଳେ ଧୂଆଁ ଛାଡ଼ି କହିଲେ... ''ତାଙ୍କୁ ମାତାଜୀ କହିବେ ନାହିଁ । ସେ ଆନନ୍ଦମୟୀ, ସାକ୍ଷାତ ଭୈରବୀ । ପୂଜା ଗ୍ରହଣ ପାଇଁ ସେ ସକାଳୁ ବାହାରି ଯାଇଛନ୍ତି ।''

କିନ୍ତୁ ଏହି ଆନନ୍ଦମୟୀ ଭୈରବୀ, କିପରି ସାଧୁମହାରାଜଙ୍କ ପ୍ରତି ପ୍ରସନ୍ନ ହୋଇ, ତାଙ୍କର ଅନୁଗାମିନୀ ହୋଇଛନ୍ତି, ତାହା ପଚାରିବା ପାଇଁ ମୋର କୌତୂହଳ ହେଉଥିଲେହେଁ ସୌଜନ୍ୟବୋଧରୁ ତାହା ପଚାରିବା ପାଇଁ ମୋତେ କୁଣ୍ଠିତ ଲାଗୁଥିଲା ।

ଚିନ୍ମୟାନନ୍ଦ କହିଲେ... ''ବୀରଭୂମିର ଏକ ଘୋର ଶ୍ମଶାନରେ ରହି, ମୁଁ ମାଧୁକରୀ ମନ୍ତରେ ଶକ୍ତିସାଧନ କରୁଥିଲି । ସାଧନାର ଏ ମାର୍ଗ ଅତି ଭୀଷଣ ଓ ଜଟିଳ । ଦେବୀଙ୍କୁ ସଖୀ ରୂପରେ କଳ୍ପନା କରି ଏ ସାଧନା କରିବାପାଇଁ ପଡ଼େ ।''

ଚିନ୍ମୟାନନ୍ଦ ହଠାତ୍ ନୀରବ ହୋଇପଡ଼ିଲେ । ମୁଁ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇଲି । ଚିନ୍ମୟାନନ୍ଦ ପାଉଁଶଗୁଳ ଝମିଯାଇଥିବା ସିଗାରେଟ୍‌ରୁ କଳେ ଧୂଆଁ ଶୋଷି ନେଇ, ଧୀରେ ଧୀରେ ତାହା ନାକବାଟେ ଛାଡ଼ି କହିଲେ... ''ବୀରଭୂମିର ସେହି ମହାଶ୍ମଶାନରେ ଗୋଟିଏ ପ୍ରକାଣ୍ଡ ଶିମିଳି ଗଛର କୋଟର ମଧ୍ୟରେ ମୁଁ ବହୁବର୍ଷ ଅତିବାହିତ କରିଥିଲି । ଥରେ, ଏକ ଘୋର ଅମାବାସ୍ୟା ରାତ୍ରିରେ; ନିଭି ଆସୁଥିବା ଗୋଟିଏ ଚିତା ପାଖରେ ବସି, ମୁଁ ଧ୍ୟାନମଗ୍ନ ହୋଇପଡ଼ିଥିଲି । ସବୁଆଡ଼େ ନିରନ୍ଧ୍ର ଅନ୍ଧକାର ଓ ନୀରବତା ମହାନିଶା ପରି ବ୍ୟାପ୍ତ ହୋଇ ରହିଥିଲା । ନିଭି ଆସୁଥିବା ଚିତାଗ୍ନିର କଳା କଳା ଛାଇ, ସେ ଅନ୍ଧକାର ଭିତରେ ପବନରେ ପ୍ରେତର ଛାୟା ପରି ନାଚି ଉଠୁଥିଲା । ଶାଳୁକି ଗଛର ଥୁଣ୍ଟା ଡାଳରେ ଶାର୍ଗୁଣାମାନେ ରହି ରହି କିଳିକିଳା ଚିତ୍କାର କରି ଉଠୁଥିଲେ । ଦୂରରେ କେଉଁଠି ଦୁଇଟା ବିଲୁଆ ନିଜ ଭିତରେ କାମୁଡ଼ାକାମୁଡ଼ି ଲଗାଇଥିଲେ । ହଠାତ୍ ସେହି ବିଭୀଷିକାମୟ ପରିବେଶ ଏକ ଅପୂର୍ବ ସୁଗନ୍ଧରେ ଆମୋଦିତ ହୋଇଗଲା । ଏକ ଅପୂର୍ବ ପୁଲକ ଓ ଆନନ୍ଦରେ ମୋର ସାରାଦେହ ରୋମାଞ୍ଚିତ ହୋଇଉଠିଲା । ମୁଁ ଆଖି ମେଲି ଚାହିଁ ଦେଖିଲି, ମୋ ସାମନାରେ ଦେବୀ ଏକ ଅକ୍ଷତଯୋନି, ଷୋଡ଼ଷୀ କୁମାରୀ ରୂପେ ଆବିର୍ଭୂତା ହୋଇଛନ୍ତି । ଚାହୁଁ ଚାହୁଁ ଷୋଡ଼ଶୀ ପୁଣି କେଉଁଆଡ଼େ ଅନ୍ତର୍ହିତା ହୋଇଗଲେ ।''

Digitized by srujanika@gmail.com

ସାଧୁମହାରାଜ ସିଗାରେଟ୍‌ରୁ ଆଉ କଳେ ଧୂଆଁ ଶୋଷି କହିଲେ... ''ତା'ର ବହୁବର୍ଷ ପରେ ସେହି ଷୋଡ଼ଶୀଙ୍କର ପୁଣି ସାକ୍ଷାତ ମିଳିଲା ବାରାଣସୀଠାରେ ଭୈରବୀ ରୂପରେ। ସେହିଦିନୁ ସେ ମୋ' ସଙ୍ଗେ ସଙ୍ଗେ ରହିଛନ୍ତି।''

ମୁଁ ପଚାରିଲି... ''ଷୋଡ଼ଶୀ କିନ୍ତୁ ଭୈରବୀ ରୂପରେ, ବୀରଭୂମିର ଶ୍ମଶାନରୁ ବାରାଣସୀ ଆସିଲେ କିପରି ?''

ସାଧୁ ମହାରାଜ କହିଲେ, ...''ସେ ସବୁ ଅତି ଗୁପ୍ତ ରହସ୍ୟ ବାବୁଜୀ ! ଦୀକ୍ଷା ନେଇ ସାଧନା ନକଲେ, ସେ ରହସ୍ୟ ଫିଟେନାହିଁ।''

ସାଧୁ ମହାରାଜଙ୍କ ଏ ରୂପକଥା ଶୁଣିବାପାଇଁ ମୋର ପ୍ରବୃତ୍ତି ନଥିଲା; କିନ୍ତୁ ଆନନ୍ଦଭୈରବୀଙ୍କର ସମ୍ପୂର୍ଣ୍ଣ ପରିଚୟ ପାଇ ନଥିଲେ ହେଁ, ସେ ଜଣେ କୁଳନାଶିନୀ ବିଧବା ବୋଲି, ସାଧୁମହାରାଜଙ୍କ ଆଶ୍ରମକୁ ବେଳେବେଳେ ଆସୁଥିବା ଅନ୍ୟ କେତେକ ଭକ୍ତଙ୍କଠାରୁ ମୁଁ ଜାଣିସାରିଥିଲି। ବାରାଣସୀରେ ଏହି ଆନନ୍ଦଭୈରବୀଙ୍କର ବିଶେଷ ସୁଖ୍ୟାତି ମଧ୍ୟ ନଥିଲା।

ମୁଁ ପଚାରିଲି, ...''କିନ୍ତୁ ଆନନ୍ଦମୟୀ ଭୈରବୀ ପ୍ରତି ରାତିରେ ଏମିତି ନିରାନନ୍ଦ ଚିତ୍କାର କରନ୍ତି କାହିଁକି; ଆଉ ଆପଣ ତାକୁ ଆଶ୍ରମରୁ ତଡ଼ି ଦିଅନ୍ତି ବା କାହିଁକି ?''

ସାଧୁ ମହାରାଜ ମୋର ଏ ପ୍ରକାର ଉଲଙ୍ଗ ପ୍ରଶ୍ନରେ ମୁହୂର୍ତ୍ତକ ପାଇଁ ହତଭମ୍ବ ହୋଇ ପଡ଼ିଲେ। ତା'ପରେ ନିଃଶେଷପ୍ରାୟ ସିଗାରେଟ୍‌ରୁ ଏକାଦିକ୍ରମେ କେଇକଳ ଧୂଆଁ ଶୋଷି ସାଧୁମହାରାଜ ସ୍ମିତହସି କହିଲେ... ''ଭୈରବୀ ରାତିରେ ରହିଲେ ସାଧନ ଭଜନରେ ବହୁତ ଗଣ୍ଡଗୋଳ ହୁଏ। ସାଧନା ପଣ୍ଡ କରିବାପାଇଁ ଭୈରବୀ ରାତି ଅଧରେ ନାନା ମାୟା କରନ୍ତି।''

ମୁଁ ନିର୍ବୋଧ ପରି ପଚାରିଦେଲି, ...''ଭୈରବୀଙ୍କର ମାୟା ପୁଣି କ'ଣ ? ତାକୁ କବାଟ କିଛି, ଆପଣ କିପରି ତାଙ୍କ ମାୟା ବନ୍ଧନୀର କୁଟୀଳତାରୁ ରକ୍ଷା ପା'ନ୍ତି ?''

ସାଧୁମହାରାଜଙ୍କ ଶୀର୍ଣ୍ଣ କପାଳ, ମୋ ପ୍ରଶ୍ନରେ କୁଞ୍ଚିତ ହୋଇଗଲା। ସେ କହିଲେ... ''ବାବୁଜୀ, ଆନନ୍ଦମୟୀ ଯେତେବେଳେ ଷୋଡ଼ଶୀ ରୂପରେ ଆବିର୍ଭୂତା ହୁଅନ୍ତି, ସେତେବେଳେ ସାଧକ ଅତି କଠୋର ନ ହେଲେ ପତିତ ହୋଇଯିବାର ଆଶଙ୍କା ରହିଅଛି। ତୁମେ ସିଦ୍ଧ ନହେଲେ, ଆନନ୍ଦମୟୀଙ୍କର ସେ ଆନନ୍ଦମୟ ରୂପ ଦେଖି ପାରିବ ନାହିଁ। ତାକୁ ସେତେବେଳେ ତଡ଼ି ନ ଦେଲେ ଆଉ ରକ୍ଷା ଅଛି ? ଆନନ୍ଦମୟୀଙ୍କର ଇଚ୍ଛା, ପୁଣି ବାରାଣସୀରେ ତାଙ୍କ ଆଶ୍ରମକୁ ଫେରି ଯିବାପାଇଁ। ଛଳନାମୟୀଙ୍କର ଏ କେବଳ ଅନ୍ୟ ଏକ ଛଳନା ବାବୁଜୀ !''

ମେଦବହୁଳା, କାମାତୁରା, ଉଗ୍ରା ଭୈରବୀଙ୍କ ସଙ୍ଗରେ ଏହି ଶୀର୍ଣ୍ଣ, କଙ୍କାଳସାର ସାଧୁମହାରାଜଙ୍କ ଦିନାତିପାତର ବୈଚିତ୍ର୍ୟ ମୋର କୌତୂହଳକୁ ଆଉରି ଉଦ୍ରିକ୍ତ କରିଦେଲା। ସନ୍ନ୍ୟାସର ଶୀତଳତା ପରେ ସଂସାରର ଉତ୍ତେଜନା, ପୁଣି ସଂସାରର ତିକ୍ତ ମଧୁର ଅନୁଭୂତି ଆସ୍ୱାଦନ କରିବାର ଉଗ୍ର ଆକାଂକ୍ଷା, ଆନନ୍ଦଭୈରବୀଙ୍କୁ ଆଜି ଉତ୍‌କଣ୍ଠିତା କରିଅଛି। ସେଥିପାଇଁ ପଶ୍ଚିମବଙ୍ଗଜାର ସେ କେଉଁ ଅଖ୍ୟାତ ଜନପଦ, ବାରାଣସୀର ସେ କେଉଁ କୁଖ୍ୟାତ

Digitized by srujanika@gmail.com

ବସ୍ତି ଅତିକ୍ରମ କରି, ଏଠାରେ ଇଛମନ୍‌ଝୁଲାର ଏହି ନାମହୀନ କୋଣରେ ଆନନ୍ଦ-ଭୈରବୀ ନୀଡ଼ରଚନା କରିଅଛନ୍ତି । ମାତ୍ର ଯାହାକୁ ଅବଲମ୍ବନ କରି ତାଙ୍କର ଏ ପ୍ରୟାସ - ପ୍ରୌଢ଼ତ୍ୱ, ଗଞ୍ଜେଇ ଧୂଆଁ ଓ ସ୍ୱାସ୍ଥ୍ୟହୀନତାରେ ସେ ଆଜି କ୍ଲୀବ ଓ ନିଃଶେଷ-ପ୍ରାୟ । ତେଣୁ ସାଧନାର ଛଳନା କରି, ସେ ନିଶାର୍ଦ୍ଧର ସ୍ତବ୍ଧ ମୁହୂର୍ତ୍ତରେ ତାକୁ ସେହି ନୀଡ଼ ମଧ୍ୟରୁ, ମୁକ୍ତରାତ୍ରିର ଉରେଜନାହୀନ ଶୀତଳତା ଭିତରକୁ ଫିଙ୍ଗି ଦିଅନ୍ତି, ଏକାନ୍ତ ମୂଢ଼ ପରି ।

ଚିନ୍ମୟାନନ୍ଦଙ୍କୁ ପ୍ରଣାମ ଜଣାଇ ମୁଁ ସେଠାରୁ ଉଠି ଆସିଲି ।

ଯାତ୍ରୀଭବନର ପିଣ୍ଡାତଳେ, ରାସ୍ତା ଉପରେ ଖଣ୍ଡେ ଛିଣ୍ଡା ଅଖା ବିଛାଇ, ସାମନାରେ ଗୋଟିଏ ଭିକ୍ଷାପାତ୍ର ଧରି ସେହି ବିଦେଶୀ ବୁଢ଼ା ବସିଥିଲା । ପଥଚାରୀ ଯାତ୍ରୀମାନଙ୍କଠାରୁ ଭିକ୍ଷା ସଂଗ୍ରହ ପାଇଁ ତା'ର ଉଦ୍ୟମ ନାହିଁ । କେହି କିଛି ତାର ଭିକ୍ଷାପାତ୍ର ମଧ୍ୟକୁ ଫିଙ୍ଗିଦେଲେ, ସେ ଦାତା ପାଇଁ କଲ୍ୟାଣ କାମନା ସୁଦ୍ଧା କରେନାହିଁ । ତାର ଭିକ୍ଷୁତ୍ୱକୁ ଅସମ୍ମାନ କରିବା ଆଶଙ୍କାରେ ମୁଁ କେବେ ତାର ଭିକ୍ଷାପାତ୍ର ମଧ୍ୟକୁ କିଛି ଫିଙ୍ଗି ନାହିଁ । ଆଜି କିନ୍ତୁ ଗୋଟାଏ ଆଠଣି କାଢ଼ି, ତା'ର ଭିକ୍ଷାପାତ୍ର ମଧ୍ୟରେ ପକାଇ ଦେଲି । କେତେଦିନ, ଏକ ସଙ୍ଗରେ ଏକ ଯାତ୍ରୀ-ଭବନରେ ରହିବା ଫଳରେ, ସମ୍ଭବତଃ ମୋ ପ୍ରତି ତାର ପୂର୍ବର ଅହେତୁକ ବିରକ୍ତି ଦୂର ହୋଇ ଯାଇଥିଲା । ସେ ତାର ଦୁର୍ବୋଧ ଭାଷାରେ ମୋତେ କ'ଣ କହିଲା, ମୁଁ ବୁଝିପାରିଲି ନାହିଁ । ମାତ୍ର ତାର ମୁହଁର ରେଖା ସବୁ ଶିଥିଳ ଓ କୋମଳ ଦିଶୁଥିଲା । ମୁଁ ତାକୁ ହିନ୍ଦୀରେ କହିଲି... ''ଏ ବୟସରେ ଆଉ ଏଠି ପଡ଼ିଛ କାହିଁକି ? ତୁମର ଘର ଅଛି, ଘରକୁ ଫେରିଯାଅ ।''

ବୁଢ଼ା ମୋର କଥା କଣ ବୁଝିଲା କେଜାଣି, ହଠାତ୍ ପୂର୍ବପରି ଉତ୍ତେଜିତ ହୋଇ ପଡ଼ିଲା । ତା' ମୁହଁରେ ମୁହୂର୍ତ୍ତକ ପୂର୍ବର କୋମଳ ଶିଥିଳ ରେଖାଗୁଡ଼ିକ ପୁଣି କଠୋର ଓ ରୁକ୍ଷ ହୋଇପଡ଼ିଲା । ସେ ଥରାଥରା ହାତରେ ତଳୁ ବାଡ଼ି ଖଣ୍ଡକ ଉଠାଇ, ଦୂରର ଅରଣ୍ୟ ଓ ପର୍ବତମାଳା ଆଡ଼େ ଦେଖାଇ, ବିଡ଼ ବିଡ଼ ସ୍ୱରରେ କ'ଣ ଗୁଡ଼ାଏ କହୁଥିଲା, ...''ପଛରେ ଫିଙ୍ଗିଦେଇ ଆସିଥିବା ଏହି ତୁଚ୍ଛ ଦୈନନ୍ଦିନ ସଂସାରରେ ମୋର ଆଉ ଘର ନାହିଁ । ମୋର ଘର, ସେହି ସୁଦୂର ପର୍ବତମାଳାର କେଉଁ ଅରଣ୍ୟ ଗହ୍ୱରରେ !''

ମୁଁ ସେଠାରୁ ପଳାଇ ଆସିଲି । ପୂର୍ବାହ୍ନର ରୌଦ୍ର କ୍ରମେ ତୀକ୍ଷ୍ଣ ଓ କଠୋର ହୋଇ ଆସୁଥିଲା ।

* * *

ଇଛମନ୍‌ଝୁଲା ଛାଡ଼ିଯିବାର ଦିନ ଆସିଗଲା । ଏ କେତେଦିନ ମଧ୍ୟରେ ଇଛମନ୍‌ଝୁଲାର ଏହି ପରିତ୍ୟକ୍ତ ଯାତ୍ରୀଭବନ, ଏହାର ଅନ୍ତେବାସୀ ସେହି ବୃଦ୍ଧ ଭିକ୍ଷୁକ, ମୋର ପ୍ରତିବେଶୀ ଚିନ୍ମୟାନନ୍ଦ ଓ ଆନନ୍ଦଭୈରବୀ, ରାସ୍ତାମୋଡ଼ରେ ଗାଉଁଲୀ ବଜାରର ଚା' ଦୋକାନ ଓ ଏ ସ୍ଥାନର ସମଗ୍ର ପରିବେଶ, ମୋର ଏକାନ୍ତ ଅନ୍ତରଙ୍ଗ ହୋଇ ପଡ଼ିଥିଲା । ବର୍ଷା ଶେଷରେ

Digitized by srujanika@gmail.com

ଗୋଟାଏ ନିର୍ମେଘ ସକାଳେ, ଲଛମନ୍‌ଝୁଲାର ଯାତ୍ରୀଭବନ ଛାଡ଼ି ବାହାରିବା ବେଳେ ତେଣୁ, ଦୂର ପ୍ରବାସଯାତ୍ରୀ ପଥିକର ବ୍ୟଥାରେ ମୋ'ର ଅନ୍ତଃସ୍ଥଳ ସିକ୍ତ ହୋଇଗଲା । ଦୁଇଜଣ ''ଗାଇଡ୍'' ମୋର ଜିନିଷପତ୍ର ମୁଣ୍ଡରେ ବୋହି ଆଗେ ଆଗେ ଚାଲିଗଲେ । ଲଛମନ୍‌ଝୁଲା ସେପଟୁ ବସ୍ ଧରି ବାହରିଯିବି ଦେବପ୍ରୟାଗ । ସେହି ବୃଦ୍ଧ ଭିକ୍ଷୁକ ସେ ପର୍ଯ୍ୟନ୍ତ, ଅନ୍ଧାରୁଆ ଗୁମ୍ଫା ପରି ତାର କୋଠରି ଭିତରୁ ପଦାକୁ ବାହାରି ନଥିଲା । ଘର ଭିତରୁ ତା'ର ଭୌତିକ କଣ୍ଠରେ, ଲହରିଆ କାଶ ଅତି ବିକଟ ଶୁଭୁଥିଲା । ବିନ୍ଦୁୟାନନ୍ଦ ସବୁଦିନ ପରି, ଆଶ୍ରମ ପିଣ୍ଡାରେ ପଦ୍ମାସନରେ ବସି ଖଣ୍ଡେ ବିଡ଼ି ଟାଣୁଥିଲେ । ମୁଁ ତାଙ୍କଠାରୁ ବିଦାୟ ନେବାବେଳେ, ସେ ଦୁଇହାତ ଅଭୟମୁଦ୍ରାରେ ଉଠାଇ ମୋତେ ଆଶୀର୍ବାଦ ଦେଲେ । ଆନନ୍ଦଭୈରବୀ ସେତେବେଳେ ଆଶ୍ରମରେ ନଥିଲେ । କାଲି ରାତିରୁ ଆନନ୍ଦଭୈରବୀ ଆଶ୍ରମ ଛାଡ଼ି କେଉଁଆଡ଼େ ନିରୁଦ୍ଦିଷ୍ଟ ହୋଇଥିଲେ । ବିନ୍ଦୁୟାନନ୍ଦ ସେ ସମ୍ବାଦ ପାଇ କହିଥିଲେ, ''ଭୈରବୀ ଏମିତି ବେଳେବେଳେ କେଉଁଆଡ଼େ ନିରୁଦ୍ଦିଷ୍ଟ ହୋଇ ପୁଣି ଫେରିଆସନ୍ତି ।'' ଯାହାହେଉ, ଆନନ୍ଦଭୈରବୀଙ୍କ ଅନ୍ତର୍ଦ୍ଧାନରେ ବିନ୍ଦୁୟାନନ୍ଦ ଆଶ୍ୱସ୍ତ ଓ ଉତ୍‌ଫୁଲ୍ଲ ଦିଶୁଥିଲେ । ମାତ୍ର ମୋର ଦୁଃଖ ରହିଗଲା, ଆନନ୍ଦଭୈରବୀଙ୍କଠାରୁ ମୁଁ ବିଦାୟ ନେଇ ପାରିଲି ନାହିଁ ।

କିନ୍ତୁ ଲଛମନ୍‌ଝୁଲା ପୋଇ ପାରିହୋଇ, ଗଙ୍ଗାକୂଳରେ ଗୁଜ୍ଜାକୀର୍ଣ୍ଣ, କଙ୍କରିଳ ଉପତ୍ୟକା ମଧ୍ୟରେ ଯାଉଁ ଯାଉଁ ଦେଖିଲି, ଗୋଟିଏ ପାର୍ବତ୍ୟ ଲତାକୁଞ୍ଜର ଛାୟାରେ ଆନନ୍ଦଭୈରବୀ, ତଳର ଦୂର୍ବାଶଯ୍ୟା ଉପରେ ଗୋଡ଼ହାତ ଲମ୍ବାଇ ବସିଥିଲେ । ଗୈରିକବସନା, ମେଦବହୁଳା ଭୈରବୀଙ୍କ ଜବରୀରେ ବନପୁଷ୍ପର ଗୋଟିଏ ମାଳା; ତାଙ୍କ ଚେହେରାରେ ଆଣି ଦେଇଥିଲା ଏକ ଆନନ୍ଦମୟ ଲାଳିତ୍ୟ । ତାଙ୍କ ପାଖରେ ଜଣେ ସବଳକାୟ, ତରୁଣ ସନ୍ନ୍ୟାସୀ ଦେହରେ ବିଭୂତି ବୋଳି ଖଣ୍ଡେ କୌପୀନ ପିନ୍ଧି ବସିଥିଲେ । ମୋତେ ଦେଖି ଆନନ୍ଦଭୈରବୀଙ୍କ ମୁହଁ ସଙ୍କୋଚ ଓ ସମ୍ଭ୍ରମରେ ଆରକ୍ତ ହୋଇଗଲା । ମୁଁ ତାଙ୍କୁ ବିବ୍ରତ କରିବା ଆଶଙ୍କାରେ, ବିଦାୟ ନ ଜଣାଇ, ଆଗକୁ ଚାଲିଗଲି । ଆନନ୍ଦଭୈରବୀ, ଏ କେଉଁ ନୂତନ ସିଦ୍ଧ ସାଧକକୁ, ବନଲତାର ଏହି ଶୀତଳକୁଞ୍ଜ ଛାୟାରେ ମହାନନ୍ଦର ଦୀକ୍ଷା ଦେଉଛନ୍ତି କେଜାଣି ?

ଆନନ୍ଦଭୈରବୀ ଆଉ ହୁଏତ ଫେରିବେ ନାହିଁ । ଲତା-କୁଞ୍ଜର ଅନ୍ତରାଳରେ, ସନ୍ନ୍ୟାସୀଙ୍କ କମଣ୍ଡଳୁ ଓ ତ୍ରିଶୂଳ ପାଖରେ ଟିଣର ଲାଲ ସୁଟ୍‌କେଶ ଖଣ୍ଡେ ଦିଶୁଥିଲା । ତାହା ମଧ୍ୟରେ ସମ୍ଭବତଃ ସଞ୍ଚିତ ଥିଲା ଆନନ୍ଦଭୈରବୀଙ୍କ ସଂସାର ଯାତ୍ରାର ସମସ୍ତ ପାଥେୟ ।

Digitized by srujanika@gmail.com

ଜୀଅନ୍ତା ଭୂତ

ଅଖ୍ୟାତ ମଧୁବନ ଗାଁର ହୁଡ଼ାମାଳ ବିଲ, କିଆଗୋହିରୀ, ଡାଳବଣି, ବାଉଁଶଝାଡ଼, ପାଉଁଶିଆ ଛଣର ଚାଳଘର, ଏପରିକି ମଶାଣୀ ପଦା ସୁଦ୍ଧା, ଯେଉଁ କବି ଗୋବର୍ଦ୍ଧନଙ୍କ ସହିତ, ‘‘କୁସୁମ ପରଶରେ ପଟ ନିସ୍ତରେ’’ ନ୍ୟାୟରେ ସଂଯୁକ୍ତ ହୋଇ ରାତାରାତି ଉଚ୍ଚଖଣ୍ଡରେ ବିଖ୍ୟାତ ହୋଇ ପଡ଼ିଲା, ସେ କିନ୍ତୁ ନିରୋଳା ସାହିତ୍ୟବିଚାର ଦୃଷ୍ଟିରୁ କବି ନୁହନ୍ତି - ଔପନ୍ୟାସିକ । ରସୋତ୍ତୀର୍ଣ୍ଣ, ସାର୍ଥକ କବିତା ସେ ଯେତେ ଲେଖି ନାହାନ୍ତି ତା’ଠୁ ବେଶି ଲେଖିଛନ୍ତି ଉପନ୍ୟାସ । ତଥାପି ଓଡ଼ିଶା ଦେଶରେ କବିଯଶଟା ସୁଲଭ ହୋଇଥିବାରୁ କି କେଜାଣି, ସମାଲୋଚକମାନଙ୍କ ଦୃଷ୍ଟି ଓ ବିଚାରରେ ନାଟ୍ୟକାରଠାରୁ ଔପନ୍ୟାସିକ ପର୍ଯ୍ୟନ୍ତ, ସମସ୍ତେ କବି । ଅକବିକୁ ଓଡ଼ିଆ ସମାଲୋଚକମାନେ ଯେପରି ସହଜରେ କବି କରି ପାରନ୍ତି, ପୁଣି କବିମାନେ ସେହି ସମାଲୋଚକମାନଙ୍କ ବିଚାରରେ ଯେପରି କେବଳ ‘‘ଔପନ୍ୟାସିକ’’ ବା ‘‘ପ୍ରାବନ୍ଧିକ’’ ହୋଇପଡ଼ନ୍ତି, ତାହା ଓଡ଼ିଆ ସମାଲୋଚନାର ପରିମାପକୁ ଏକ ସାହିତ୍ୟିକ ବିସ୍ମୟରେ ପରିଣତ କରିଅଛି । ଫକୀରମୋହନଙ୍କୁ ‘‘ ବ୍ୟାସକବି’’ କୁହାଯାଉଅଛି, କେବଳ ତାଙ୍କ ମହାଭାରତ ଅନୁବାଦ ହେତୁ, ନୋହିଲେ ସେ’ତ ଖାଲି ଔପନ୍ୟାସିକ ତାଲିକାରେ ରହିଯାଇଥାନ୍ତେ ! ‘‘ଜୀର୍ଣ୍ଣ ପଲ୍ଲବର ଆଶୀର୍ବାଦ ତୀକ୍ଷ୍ଣତା, ଭାବାବେଶର ଗଭୀରତା, ପ୍ରକାଶର ରସୋତ୍ତୀର୍ଣ୍ଣ ସାର୍ଥକତା ଓ ପରିଶେଷରେ ଲିରିକ୍‌ଧର୍ମୀ ସୌକୁମାର୍ଯ୍ୟ ଫକୀରମୋହନଙ୍କୁ ଅକ୍ଳେଶରେ କବିତ୍ୱର ଅନାହତ ପ୍ରତିଷ୍ଠା ଦେଇ ପାରନ୍ତା । ମାତ୍ର ଫକୀରମୋହନଙ୍କ କବିତ୍ୱ ବିଚାରରେ ଏ ସବୁ ଗୌଣ-ମହାଭାରତର ଅନୁବାଦହିଁ ମୁଖ୍ୟ ! ସମସାମୟିକ ଜୀବିତ ସାହିତ୍ୟିକମାନଙ୍କ ସାହିତ୍ୟ-ବିଚାରର ବିଚାର କଲେ ତ, ଏହା ଗଳ୍ପ ନ ହୋଇ, ଏକ ପ୍ରବନ୍ଧରେ ପରିଣତ ହୋଇପଡ଼ିବ ।

* * *

ପ୍ରାୟ ଏକବର୍ଷ ତଳେ, ସହରର ଖବରକାଗଜମାନଙ୍କରେ ଗୋଟିଏ ଅନାମଧେୟ କୋଣରେ ଗୋଟିଏ ସଂକ୍ଷିପ୍ତ ସମ୍ବାଦ ପ୍ରକାଶ ପାଇଥିଲା । ତାହା ହେଉଛି -

ଶୋକ ସମ୍ବାଦ

ମଧୁବନ - ତା 3.10.57 ଆଜି ସନ୍ଧ୍ୟାରେ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଏକନିଷ୍ଠ ସାଧକ ଓ ଏକାଧାରରେ କବି, ଔପନ୍ୟାସିକ ତଥା ପ୍ରାବନ୍ଧିକ ଓ ସମାଲୋଚକ ଶ୍ରୀ ଗୋବର୍ଦ୍ଧନ ଦାସଙ୍କର ପରଲୋକ ପ୍ରାପ୍ତି ଘଟିଲା । ମୃତ୍ୟୁ ପୂର୍ବରୁ ପେଟମରା ବ୍ୟାଧିରେ ସେ ଘୋର ଯନ୍ତ୍ରଣା ପାଉଥିଲେ ।

Digitized by srujanika@gmail.com

ତିନିବର୍ଷ ହେବ ତାଙ୍କର ଉପାର୍ଜନ ଶକ୍ତି ବ୍ୟାଧିଜନିତ ଅକ୍ଷମତା ହେତୁ ଲୋପ ପାଇଥିଲା । ଅନ୍ୟମାନଙ୍କ ସାହଯ୍ୟ ଉପରେ ନିର୍ଭରଶୀଳ ହୋଇ, ଅନାହାର, ଅର୍ଦ୍ଧାହାର, ଅନାଦାର ଓ ଲାଞ୍ଛନାମଧ୍ୟରେ ସେ ଦିନାତିପାତ କରୁଥିଲେ । ମୃତ୍ୟୁ ପୂର୍ବରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବା ତ ଦୂରର କଥା, ଆବଶ୍ୟକୀୟ ପଥ୍ୟ ସୁଦ୍ଧା ମିଳିପାରି ନ ଥିଲା । ଗୋବର୍ଦ୍ଧନଙ୍କ ଦେହାନ୍ତ ସମୟରେ ତାଙ୍କର ପତ୍ନୀ ଓ ଆଠଗୋଟି ସନ୍ତାନ, ଶ୍ୱଶୁରାଳୟରେ ରହୁଥିଲେ । ମାତ୍ର ଗ୍ରାମବାସୀମାନଙ୍କ ସହଯୋଗରେ ତାଙ୍କର ଶେଷକ୍ରିୟା ଯଥାବିଧି ସମ୍ପନ୍ନ ହୋଇଅଛି ।''

ଏ ଖବରଟା ପ୍ରକାଶ ପାଇବା ମାତ୍ରେ ସାରା ଓଡ଼ିଆ ଅର୍ଥାତ୍ କଟକ ସହରର ସାହିତ୍ୟସେବୀମାନଙ୍କ ହୃଦୟକନ୍ଦରରୁ ଏକ ବେଦନା ବିକ୍ଷୁବ୍ଧ ଦୀର୍ଘଶ୍ୱାସ, ଚାରିଆଡ଼େ ଅଦିନ କାଁଆଳର ମେଘୁଆ କୁହୁଡ଼ି ପରି ଛାଇଗଲା । ସାରା ଓଡ଼ିଶାକୁ କଟକ ସହରର ପରିସୀମା ମଧ୍ୟରେ ସୀମାବଦ୍ଧ କରିବାଦ୍ୱାରା, ଅନ୍ୟତ୍ର ସାହିତ୍ୟିକ ଓ ସାହିତ୍ୟସେବୀମାନଙ୍କ ଶୋକ ଓ ଦୁଃଖକୁ ଅବଶ୍ୟ ଅସ୍ୱୀକାର କରାଯାଉନାହିଁ; କିନ୍ତୁ ଆଧୁନିକ ଓଡ଼ିଆ ସାହିତ୍ୟ ଯେ, କଟକ ଷ୍ଟେସନ ଡେଇଁ ବାହାରକୁ ଯାଇ ପାରିନାହିଁ, ଏକଥା ଓଡ଼ିଶାରେ ଚୂଆ ହୋଇ ଗଢ଼ି ଉଠୁଥିବା ରାଉରକେଲା ସମ୍ବଲପୁର ଓ ହୀରାକୁଦ ପ୍ରଭୃତି ବଡ଼ ବଡ଼ ସହରମାନ ତ ଦୂରର କଥା, ଅନ୍ୟ ଜିଲ୍ଲାର ସଦର ମହକୁମାମାନ ଥରେ ବୁଲି ଆସିଲେ ଅତି ସ୍ପଷ୍ଟ ହେବ ।

ଯାହାହେଉ ବିଭିନ୍ନ ସାହିତ୍ୟିକ ସଂସ୍ଥାମାନେ ଏହାପରେ ପରସ୍ପର ମଧ୍ୟରେ କୁରୁପାଣ୍ଡବ ଯୁଦ୍ଧ ବୁଲି, ଶୋକସଭା ଆୟୋଜନ କରିବାରେ ଲାଗିପଡ଼ିଲେ । କବି ଗୋବର୍ଦ୍ଧନ ଯେ, ଏଡ଼େ ବିରାଟ ସାହିତ୍ୟ ସାଧକ ଥିଲେ, ତାହା ତାଙ୍କ ମୃତ୍ୟୁ ପରେ ହିଁ ଏହା ଜଣାପଡ଼ିଲା । ନିବେଦକମାନେ ଶୋକସଭାର ପ୍ରଚାର ପତ୍ରରେ ଗୋବର୍ଦ୍ଧନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିବେଦନ ଦୁଇଧାଡ଼ି ଛପାଇଲା ବେଳକୁ ନିଜ ନିଜ ନାଁ ଦଶଧାଡ଼ିରେ ଅବଶ୍ୟ ଛପାଇ ଦେଲେ । ତଥାପି ଅଜଣା ଅଶୁଣା ମଧୁବନ ଗାଁର କବି ଗୋବର୍ଦ୍ଧନ ହଠାତ୍ ଏକ ଜାତୀୟ ସମ୍ପଦରେ ପରିଣତ ହୋଇଗଲେ ।

* * *

ମୃତ୍ୟୁ ଅତି ବିଚିତ୍ର !

ମୃତ୍ୟୁ ହିଁ ଦେଇଥାଏ ଜୀବନର ଯଥାର୍ଥ ପରିଚୟ ।

ବହୁବାର ତୁଚ୍ଛ ଧୂଳିଶଯ୍ୟାରେ ଜୀବନର ମଳିନ ଓ ନିସ୍ପ୍ରଭ ସ୍ୱର୍ଣ୍ଣରେଖା ମରଣର କଷଟିରେ, କିନ୍ତୁ ଅମର ଦ୍ୟୁତିରେ ଉଦ୍ଭାସିତ ହୋଇଥାଏ । ଜୀବନର ରାଜପଥରେ ଯେଉଁମାନେ କ୍ଲାନ୍ତ, ଅନାଦୃତ ଓ ଅପମାନିତ ହୋଇ ପଛରେ ପଡ଼ିଯାନ୍ତି, ହଜିଯାନ୍ତି, ଛୁଟିଯାନ୍ତି, ମରଣ ସେମାନଙ୍କନ ପାଇଁ ଖୋଲିଦିଏ ଅମରତ୍ୱର ସ୍ୱର୍ଣ୍ଣ ସିଂହଦ୍ୱାର ।

କବି ଗୋବର୍ଦ୍ଧନଙ୍କ ଘଟଣାରେ ମଧ୍ୟ ତାହାହିଁ ହେଲା । ଯେଉଁ ଗୋବର୍ଦ୍ଧନଙ୍କ ଜୀବଦ୍ଦଶାରେ ଏତିକି ସ୍ୱୀକୃତି, ଏତିକି ଶ୍ରଦ୍ଧା, ଏତିକି ପ୍ରତିଷ୍ଠା ଓ ଏତିକି ଦୀର୍ଘଶ୍ୱାସ ଲାଭ କରିବାତ ଦୂରର କଥା ଏହାର ଏକ ଦଶମାଂଶ ସୁଦ୍ଧା ଲାଭ କରିଥିଲେ, ସେ ଆହୁରି ଦଶବର୍ଷ ଅଧିକା ବଞ୍ଚି ପାରିଥାନ୍ତେ,

Digitized by srujanika@gmail.com

ସମ୍ଭବତଃ ଆଉରି ଦଶଖଣ୍ଡ ନୂଆବହି ଲେଖି ପାରିଥାନ୍ତେ, ସଂସାରର ବିଚିତ୍ର ନିୟମରେ ତାହା ତାଙ୍କୁ ମିଳିଲା ନାହିଁ ।

ଆମ୍ଭମାନଙ୍କ ଉତ୍ତଳଖଣ୍ଡରେ ତାହା ହୋଇ ନଥାଏ, କାରଣ ତାହା ହେଉଥିଲେ ସମସ୍ତେ ଏପରି ତୀବ୍ର ଭାବରେ ଇହଲୋକସର୍ବସ୍ୱ ହୋଇ ପଡୁଥାନ୍ତେ ଯେ ପରଲୋକ ଓ ପରମାର୍ଥର ଚିନ୍ତା କାହା ମନକୁ ସ୍ପର୍ଶ କରୁ ନ ଥାନ୍ତା ।

ତାପରେ ଭଗବାନଙ୍କଠାରୁ ଯେପରି ଭକ୍ତ ବଡ଼ ଠାକୁରଙ୍କଠାରୁ ବଡ଼ ପଣ୍ଡା, ମହନ୍ତଙ୍କ ଠାରୁ ଚେଲା ବଡ଼, ସହିଦଙ୍କଠାରୁ ରାଜନୈତିକ କର୍ମୀ ବଡ଼, ସ୍ୱର୍ଗତ ଗୋବର୍ଦ୍ଧନଙ୍କଠାରୁ ତାଙ୍କ ଜୀବନ୍ତ ଶ୍ରଦ୍ଧାଦାନକାରୀମାନେ ବଡ଼ ହେବାପାଇଁ, ନିଜ ନିଜ ନାମ ଛପାଇବାପାଇଁ ବା ଫଟୋ ଉଠାଇବା ପାଇଁ, ଯଦି ପ୍ରେତାତ୍ମଭୋଜୀଙ୍କ ପରି, ନିଜ ନିଜ ମଧ୍ୟରେ ବଡ଼ ସାନ ବିଚାରର ଅନୁଚ୍ଚାରିତ ଯୁଦ୍ଧ ଆରମ୍ଭ କରି ଦିଅନ୍ତି, ତାହେଲେ ସେଥିରେ ମଧ୍ୟ ବିସ୍ମିତ ବା ବିବ୍ରତ ହେବା ଉଚିତ ନୁହେଁ ।

ଗୋବର୍ଦ୍ଧନଙ୍କ ପ୍ରଥମ ଶ୍ରାଦ୍ଧସଭା ଏକାନ୍ତ ମର୍ମସ୍ପର୍ଶୀ ହୋଇଥିଲା । ସଭାରେ ଶ୍ରୋତାମାନେ ସମସ୍ତେ ପ୍ରାୟ ବକ୍ତା । ଗୋବର୍ଦ୍ଧନସାହିତ୍ୟ ସମସ୍ତେ ଇତିମଧ୍ୟରେ ଡନ୍ଡନ କରି ଅଧ୍ୟୟନ କରି ସାରିଛନ୍ତି । ଭାରତୀୟ ତଥା ବିଶ୍ୱସାହିତ୍ୟ ପରିପ୍ରେକ୍ଷୀରେ ଗୋବର୍ଦ୍ଧନଙ୍କ ମହତ୍ୱ ପ୍ରତିଷ୍ଠିତ କରିବାପାଇଁ, ସମସ୍ତେ ଶୋକସଭାର ସଭାପତିଙ୍କୁ ଏତେ ବିବ୍ରତ କରି ପକାଇଲେ ଯେ ଦୀର୍ଘ ସମୟ ଧରି ଚଉକିରେ ବସିବା, ପୁଣି ନିୟମିତ ଅଭ୍ୟାସ ଅନୁସାରେ ରାତି ଆଠଟାରେ ଇଘୁ ଆହାର ସମାପନ କରି ନିଦ୍ରାଯିବାର ସମ୍ଭାବନା ନ ଦେଖି, ପୀତ ଓ ଅମ୍ଳବୃଦ୍ଧିର ଆଶଙ୍କାରେ ସେ ଅତ୍ୟନ୍ତ ବିଚଳିତ ହୋଇପଡ଼ିଲେ । ବକ୍ତାମାନଙ୍କର ଭାଷଣକୁ ଯଥାସମ୍ଭବ ନାତିଦୀର୍ଘ କରିବାପାଇଁ ବକ୍ତାମାନଙ୍କୁ ସେ ଯେତେ ପଛଆଡୁ ଟାଣିଲେହେଁ ବକ୍ତାମାନଙ୍କର ଭାଷଣକୁ ସଂକ୍ଷିପ୍ତ କରିବା ସମ୍ଭବ ହେଲାନାହିଁ । ଶ୍ରୋତାମାନେ ଯେତେବେଳେ ବକ୍ତା, ଶ୍ରୋତା ଅଭାବରେ ସଭା ଭାଙ୍ଗିଯିବାର ବା ପଡଳା ପଡ଼ିବାର ଆଶଙ୍କା ମଧ୍ୟ ନାହିଁ । ବକ୍ତୃତାମାନ ଅବଶ୍ୟ ଏତେ ଇମ୍ପା ହେବାର କୌଣସି କାରଣ ନ ଥିଲା । ମାତ୍ର ପ୍ରତ୍ୟେକ ବକ୍ତା ଦୁଇ ତାରିଗୋଟି ବାକ୍ୟ କହିଯିବାପରେ, ହଠାତ୍ ବାଷ୍ପରୁଦ୍ଧ ହୋଇପଡୁଥିଲେ । ଗୋବର୍ଦ୍ଧନଙ୍କ ସହିତ ନିଜନିଜ ଜୀବନର ନାନା ବ୍ୟକ୍ତିଗତ ସମ୍ପର୍କ ଓ ଘଟଣା ବର୍ଣ୍ଣନା କଲାବେଳେ, ସମସ୍ତଙ୍କ ଆଖି ପ୍ରାୟ ଆର୍ଦ୍ର ହୋଇ ପଡୁଥିଲା ।

ଓଡ଼ିଶାରେ ପ୍ରକାଶକମାନେ ଯେ, ଲେଖକମାନଙ୍କୁ ସେମାନଙ୍କ ଦୁଃଖଦୁର୍ଦ୍ଦିନରେ ରୟାଲ୍‌ଟୀର ନ୍ୟାର୍ଯ୍ୟ ପ୍ରାପ୍ୟ ମୁକ୍ତ ହସ୍ତରେ ''ଦାନ'' କରନ୍ତି, ଲେଖକମାନେ ଯେ ପରସ୍ପର ବିରୁଦ୍ଧରେ ତୁଚ୍ଛତର୍ଚ୍ଚା ଛାଡ଼ି ଓ କିଏ କେଉଁଠୁ କଣ ଚୋରି କଲେ, ସେ ଚଉକୀଦାରୀ ବୁଲି, ପରସ୍ପର ପ୍ରତି ଶ୍ରଦ୍ଧା ଓ ସମବେଦନାଶୀଳ ହୋଇପାରନ୍ତି, ପୁଣି କୌଣସି ପ୍ରତିଭାବାନ୍ ବ୍ୟକ୍ତି ଦୁର୍ଦ୍ଦଶାଗ୍ରସ୍ତ ହେଲେ ସପକ୍ଷତାବାଦୀ ସମାଜର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଯେ ବିଚଳିତ ହୋଇ ସେମାନଙ୍କ

Digitized by srujanika@gmail.com

ଦ୍ୱାରସ୍ଥ ହୋଇପାରନ୍ତି, ସ୍ୱର୍ଗତ ଗୋବର୍ଦ୍ଧନଙ୍କ ପ୍ରଥମ ଶ୍ରାଦ୍ଧସଭାକୁ ଯାଇ ନ ଥିଲେ, ଏ ଧାରଣା କାହାରି ହୋଇନଥାନ୍ତା ।

ଦୁଇ

ସେଦିନ କେତେକ ବିଶିଷ୍ଟ ସାହିତ୍ୟିକ ଦୈନନ୍ଦିନ ଜୀବନର କଳକିଇଗା ଗତାନୁଗତିକତାରେ ଶାଣ ଦେବାପାଇଁ ସମ୍ଭବତଃ ସାହିତ୍ୟ ସମ୍ପର୍କରେ ଆଲୋଚନା କରୁଥିଲେ । ଆଲୋଚ୍ୟ ବିଷୟବସ୍ତୁ ଥିଲା ଆଧୁନିକ ସାହିତ୍ୟର ଦୁର୍ଦ୍ଦଶା । ଏହାର କାରଣ ଦର୍ଶାଇ ଜଣେ ମହାଶୟ ମତଦେଲେ ଯେ ଯଥାର୍ଥ ସମାଲୋଚନା ଅଭାବରୁ ଆଧୁନିକ ଲେଖକମାନେ ନା ହେଉଛନ୍ତି ଉତ୍ସାହିତ ନା ହେଉଛନ୍ତି ନିୟନ୍ତ୍ରିତ । ସମାଲୋଚନା କେବଳ ମୃତ ଓ ବିସ୍ମୃତ ଲେଖକମାନଙ୍କର ଜନ୍ମତାରିଖ, ନାମକରଣ, ପିତା ଓ ମାତାଙ୍କ ନାମ, ବଂଶାବଳୀ ଇତ୍ୟାଦି ନାନା ଅବାନ୍ତର ତଥ୍ୟ ଓ ସେମାନଙ୍କ ଆକ୍ଷିବୁଜା ପ୍ରଶଂସା ମଧ୍ୟରେ ସୀମାବଦ୍ଧ ରହୁଅଛି । ନୂତନ ଓ ସମସାମୟିକ ଲେଖକମାନଙ୍କୁ ଏ ସମାଲୋଚନାରୁ କୌଣସି ନୂତନ ସଂକେତ ବା ଦିଗ୍‌ଦର୍ଶନ ମିଳୁନାହିଁ । ଆଧୁନିକ ବା ସମସାମୟିକ ଓଡ଼ିଆ ସାହିତ୍ୟର ଦୁର୍ଗତିର ତାହାହିଁ ମୂଳକାରଣ ବୋଲି ଉକ୍ତ ମହାଶୟ ଅଭିମତ ବ୍ୟକ୍ତ କରିଥିଲେ । ଏ ମହାଶୟ ବୈଠକର ଆବାହକ ହୋଇଥିବାରୁ ପୁଣି ବୈଠକରେ ଚା'ପାନ ଓ ସିଗାରେଟ ଇତ୍ୟାଦିର ଆୟୋଜନ କରିଥିବାରୁ ଉପସ୍ଥିତ ଅନ୍ୟ କେତେକ ବିଶିଷ୍ଟ ସାହିତ୍ୟିକ ପ୍ରକାଶ୍ୟରେ ତାଙ୍କ ଅଭିମତର ପ୍ରତିବାଦ କଲେନାହିଁ । ମାତ୍ର ଯେଉଁମାନେ ସୁବିଧାଜନକ ସ୍ଥାନମାନଙ୍କରେ ବସିଥିଲେ, ସେମାନେ ସ୍ପଷ୍ଟ ଶୁଣିପାରିଥିଲେ ଯେ, ଆବାହକ ମହାଶୟ ନିଜ ସାହିତ୍ୟର ସମାଲୋଚନା କିପରି ପ୍ରକାଶ ପାଉ; ସେହି ଉଦ୍ଦେଶ୍ୟରେ ଏ କୌଶଳ ଖଞ୍ଜି ଅଛନ୍ତି । ଏ କୌଶଳ ପଣ୍ଡ ନହେଲେ ଆଧୁନିକ ବା ସମସାମୟିକ ଓଡ଼ିଆ ସାହିତ୍ୟ ଆଉରି ଦୁର୍ଗତ ହେବାର ଆଶଙ୍କା ପୋଷଣ କରି ଜଣେ ସାହିତ୍ୟିକ କହିଲେ... କଥାଟା ଅବଶ୍ୟ ଠିକ୍ । ମାତ୍ର ଜୀବିତ ସାହିତ୍ୟିକମାନଙ୍କର ସାହିତ୍ୟର ସମାଲୋଚନା ଅନୁଚିତ । ତାଙ୍କ ମତରେ... ବିଶ୍ୱସାହିତ୍ୟର ସମାଲୋଚନା ପରମ୍ପରା ଓ ରୀତିରେ ଏହା ନିଷିଦ୍ଧ । ଏ ସମ୍ପର୍କରେ ମିଷ୍ଟର କାଲଡନ୍, ମିଷ୍ଟର ଲାଙ୍ଗଲାଣ୍ଡ ଓ ଅଧ୍ୟାପକ ପମ୍‌କିନ୍ ପ୍ରମୁଖ ବିଦେଶୀ ସମାଲୋଚକମାନଙ୍କଠାରୁ ଆରମ୍ଭ କରି, ସ୍ୱଦେଶୀୟ କେତେକ ସମାଲୋଚକଙ୍କ ପର୍ଯ୍ୟନ୍ତ ବହୁ ତଦ୍‌ବିଦଙ୍କ ଅଭିମତର ଉଦ୍ଧୃତି ପରେ, ଆବାହକ ମହୋଦୟଙ୍କର ବୁଦ୍ଧି ଆଉ ପଇଠିଲା ନାହିଁ ।

ଓଡ଼ିଶା ହେଲା ଯଥାର୍ଥ ସାମ୍ୟବାଦର ନିତ୍ୟଭୂମି । ବଞ୍ଚିଥିଲା ବେଳେ ଏହି ପୁଣ୍ୟଭୂମିରେ କାହାକୁ ବଡ଼ କରି ଦିଆଯିବ ନାହିଁ ! କେହି ତାହା କଲେ, ପଛରୁ ଟାଣି ତାକୁ ସମାନ ଓ ସାଧାରଣ ସ୍ତରକୁ ଓଟାରି ଅଣାଯିବ । ତେଣୁ ଜୀବିତ ସାହିତ୍ୟିକମାନଙ୍କର ସାହିତ୍ୟର ସମାଲୋଚନା କରି ସେମାନଙ୍କୁ ପ୍ରସିଦ୍ଧି ଦିଆଯିବା, ଏହି ନୀତି ଦୃଷ୍ଟିରୁ ଅନ୍ତତଃ ଉଚିତ ନୁହେଁ । ଏହି ପୁଣ୍ୟଭୂମିରେ

Digitized by srujanika@gmail.com

ଇହଲୋକର ତୁଚ୍ଛତା ଓ ଦୈନନ୍ଦିନତା ଅପେକ୍ଷା ପରଲୋକର ନିତ୍ୟତା ଓ ଚିରସ୍ମରଣୀୟତା ଅଧିକ କାମ୍ୟ । ମାତ୍ର ରାଜନୀତିକ କ୍ଷେତ୍ରରେ ଶାସନଦଣ୍ଡଧରମାନଙ୍କ ବ୍ୟାପାରରେ ପରିସ୍ଥିତି ଅବଶ୍ୟ ସ୍ୱତନ୍ତ୍ର । କାରଣ ଏମାନଙ୍କଠାରେ କ୍ଷମତା ଓ ପୃଷ୍ଠପୋଷକତା ନିହିତ ଥିବାରୁ, ଫଳପ୍ରାପ୍ତି ଆଶାରେ ପରଲୋକ ପର୍ଯ୍ୟନ୍ତ ଅପେକ୍ଷା ନ ରଖି, ଇହଲୋକରେ ହିଁ ଏମାନଙ୍କୁ ସ୍ତବ ଓ ସ୍ତୁତି କରିବା ପାଇଁ ପଡ଼ିବ । ପରଲୋକଗତ ହେଲେ ବା କ୍ଷମତାଚ୍ୟୁତ ହେଲେ, ଏମାନଙ୍କ ପ୍ରତି ପୁଣି ସାଧାରଣ ନୀତି ପ୍ରଯୁକ୍ତ ହୋଇପାରେ, ତାହା ଦୋଷାବହ ନୁହେଁ । ମୋଟକଥା ଆମ୍ଭମାନଙ୍କ ପୁଣ୍ୟଭୂମିରେ ଇହଲୋକ ଅପେକ୍ଷା ପରଲୋକ ଅଧିକ କାମ୍ୟ ହୋଇଥିବାରୁ, ଏଠାରେ ମୂଲ୍ୟନିର୍ଣ୍ଣୟ ପାଇଁ ପରଲୋକ ପ୍ରାପ୍ତି ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ପଡ଼ିବ । ଯେଉଁମାନଙ୍କର ସେଥିପାଇଁ ଧୈର୍ଯ୍ୟ ନାହିଁ, ସେମାନଙ୍କୁ ଯଥାଶୀଘ୍ର ପରଲୋକକୁ ପଠାଇବା ପରି ମହତ୍ କର୍ମରୁ ନିବୃତ୍ତ ହେବାର ଅଭିଯୋଗ, ଆମ୍ଭମାନଙ୍କ ପୁଣ୍ୟଭୂମି ବିରୁଦ୍ଧରେ ଅନ୍ତତଃ କରାଯାଇ ନ ପାରେ ।

ଏହି ପରମ୍ପରା ଅନୁସରଣ କରି ଗୋବର୍ଦ୍ଧନଙ୍କ ପ୍ରଶଂସା ଓ ସ୍ତବରେ ସାରାଦେଶର ସାହିତ୍ୟିକକୁଳ ଶତମୁଖ ହୋଇ ଉଠିଲେ । ଗୋବର୍ଦ୍ଧନ ତ ଏବେ ସ୍ୱର୍ଗରେ । (ତାଙ୍କର ନିଶ୍ଚିତ ସ୍ୱର୍ଗପ୍ରାପ୍ତି ଘଟିଛି ଓ ସେ ସ୍ୱର୍ଗଲୋକରୁ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି କାମନାରେ ଆକାଂକ୍ଷିତ ହୋଇ ଅନାଇ ରହିଛନ୍ତି ବୋଲି ଗୋବର୍ଦ୍ଧନଙ୍କ ପ୍ରଥମ ଶ୍ରାଦ୍ଧସଭାରେ ସଭାପତି ମହୋଦୟ ବ୍ୟକ୍ତ କରିଥିଲେ ।) ତେଣୁ ଗୋବର୍ଦ୍ଧନଙ୍କୁ ପ୍ରଶଂସା କଲେ ନିଜେ ଅନ୍ତତଃ ନ୍ୟୂନ ହୋଇ ପଡ଼ିବାର ଆଶଙ୍କା ନାହିଁ ।

ଗୋବର୍ଦ୍ଧନଙ୍କ ଦ୍ୱିତୀୟ ଶ୍ରାଦ୍ଧସଭା ବେଳକୁ କବିଙ୍କ ସମ୍ପର୍କରେ ଏକ ସ୍ମରଣିକା ପ୍ରକାଶ କରିବା ପାଇଁ ସାହିତ୍ୟିକମାନଙ୍କ ମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଗଲା । ଖବରକାଗଜରେ ନିବେଦନ ପ୍ରକାଶ ପାଇଲା । ଉଦ୍ୟୋକ୍ତମାନେ ଧାଇଁ ଦଉଡ଼ି ବିଶିଷ୍ଟ ବ୍ୟକ୍ତିମାନଙ୍କଠାରୁ ଲେଖା ସଂଗ୍ରହ କଲେ । ଯଥାସମୟରେ ସ୍ମରଣିକା ପ୍ରକାଶ ପାରଲା । ''ଅସଲି ପଞ୍ଚଗୁଣା ଟେଳ'' ବା ''କାମାର୍ଣ୍ଣବ'' ମୋଦକ ସମ୍ପର୍କରେ, ଆମ୍ଭମାନଙ୍କର ପୁଣ୍ୟ ପଞ୍ଜିକାମାନଙ୍କରେ ଯେପରି ଅବସରପ୍ରାପ୍ତ ବିଚାରପତିଙ୍କଠାରୁ ଆରମ୍ଭ କରି ବିତାଡ଼ିତ ମନ୍ତ୍ରୀମାନଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ପ୍ରଶଂସାପତ୍ର ପ୍ରକାଶ ପାଇଥାଏ, ଏହି ସ୍ମରଣିକା ଗ୍ରନ୍ଥରେ ଗୋବର୍ଦ୍ଧନଙ୍କ ପ୍ରଶଂସାପତ୍ରମାନ ସେହିପରି ସନ୍ନିବିଷ୍ଟ ହୋଇ, ''ଖଡ଼ୀରତ୍ନ'' ବା ''ଅରୁଣୋଦୟ'' ପଞ୍ଜିକାର ବିଜ୍ଞାପନୀ ପୃଷ୍ଠାର ଭ୍ରମ ସଞ୍ଚାର କରିଦେଲା । ପୁଣି କବି ଗୋବର୍ଦ୍ଧନଙ୍କୁ ଅବଲମ୍ବନ କରି ଏହି ପ୍ରଶଂସା ପତ୍ରାବଳୀର ରଚୟିତାମାନେ ପ୍ରତ୍ୟେକ ପତ୍ରାବଳୀର ପ୍ରତି ପଂକ୍ତିରେ ନିଜ ନିଜର ପ୍ରତିଷ୍ଠାକୁ ବ୍ୟାପ୍ତ କରିଦେଲେ । ପରିଶେଷରେ ଏଥିପାଇଁ ''ସ୍ମରଣିକା''ର ସଂକଳକଙ୍କ ଉଦ୍ଦେଶ୍ୟରେ ଯେତେ ସାଧୁବାଦ ଅର୍ପଣ କରାଗଲା, ତାହାର କେତେକାଂଶ କବି ଗୋବର୍ଦ୍ଧନ ନିଜ ଜୀବଦ୍ଦଶାରେ ପାଇଥିଲେ ଅତ୍ୟନ୍ତ କୃତାର୍ଥ ହୋଇଥାନ୍ତେ ।

ତାହା କିନ୍ତୁ ସମ୍ଭବ ହୋଇ ପାରି ନ ଥିଲେହେଁ, କବି ଗୋବର୍ଦ୍ଧନଙ୍କ ଦ୍ୱିତୀୟ ଶ୍ରାଦ୍ଧସଭା

Digitized by srujanika@gmail.com

ଆୟୋଜିତ ହେଲା, ପ୍ରଥମ ଶ୍ରାଦ୍ଧସଭାଠାରୁ ଆଉରି ସମାରୋହରେ । ଏଥିପାଇଁ କେତେକ କାରଣ ମଧ୍ୟ ଥିଲା, ଯଥା :- ପ୍ରଥମତଃ ସଂକଳକ ମହୋଦୟ ସ୍ୱସଂକଳିତ ଗ୍ରନ୍ଥକୁ ଏହି ସମାରୋହରେ ଉପସ୍ଥାପିତ କରୁଥିବାରୁ, ନିଜର ବନ୍ଧୁ ଓ ପ୍ରଶଂସକମାନଙ୍କୁ ବ୍ୟକ୍ତିଗତ ଭାବରେ ଶ୍ରାଦ୍ଧସଭାକୁ ଆମନ୍ତ୍ରଣ କରି ଆଣିଥିଲେ । ତା'ପରେ ସଂକଳନରେ ଯେଉଁମାନଙ୍କର ନିବନ୍ଧ ଓ ପ୍ରଶଂସାପତ୍ର ଆଦି ପ୍ରକାଶ ପାଇଥିଲା, ସେମାନେ ମଧ୍ୟ ବିଶେଷ ଭାବରେ ନିମନ୍ତ୍ରିତ ହୋଇ ଆସିଥିଲେ । ଇତିମଧ୍ୟରେ ସ୍କୁଲ ଓ କଲେଜର ଛାତ୍ରମାନେ କବି ଗୋବର୍ଦ୍ଧନଙ୍କ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇ ପଢ଼ିଥିବାରୁ ସେମାନଙ୍କ ମଧ୍ୟରୁ ଅନେକେ ମଧ୍ୟ ଆସିଥିଲେ । ପରିଶେଷରେ ଶ୍ରାଦ୍ଧସଭାରେ, ଗୋବର୍ଦ୍ଧନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାପାଇଁ ସାମାନ୍ୟ ସଙ୍ଗୀତର ମଧ୍ୟ ବ୍ୟବସ୍ଥା ଥିଲା । ଏହି ଉଦ୍ଦେଶ୍ୟରେ ସହରର ଗୋଟିଏ ସଙ୍ଗୀତ ବିଦ୍ୟାଳୟର କେତେଜଣ ଛାତ୍ରୀ ଆମନ୍ତ୍ରିତ। ହୋଇଥିଲେ ଓ ତାହା ମଧ୍ୟ କାର୍ଯ୍ୟକ୍ରମରେ ପୂର୍ବରୁ ଘୋଷିତ ହୋଇଥିଲା । ତେଣୁ ଗୋବର୍ଦ୍ଧନଙ୍କ ଦ୍ୱିତୀୟ ଶ୍ରାଦ୍ଧସଭାରେ ଯେତେ ଶ୍ରୋତା ଓ ଦର୍ଶକ ଜମିଥିଲେ, ସେମାନଙ୍କ ସଂଖ୍ୟ ଦୃଷ୍ଟିରୁ ଏହାକୁ ଏକ 'ବିରାଟ ଜନସଭା' ବୋଲି ଅକ୍ଲେଶରେ ପ୍ରତିବାଦର ଆଶଙ୍କା ନରଖି କୁହାଯାଇପାରେ ।

ଦ୍ୱିତୀୟ ଶ୍ରାଦ୍ଧସଭାର ସଭାପତି ଥିଲେ, ଜଣେ ନାମଜାଦା ସାହିତ୍ୟିକ । ତାଙ୍କର ଅମ୍ଳ ଓ ପୀତ ଇତ୍ୟାଦିର ଉପସର୍ଗ ନ ଥିଲା ବା ନିୟମିତ ସମୟରେ ଲଘୁ ଆହାର ସମାପନ କରି, ନିଦ୍ରାଭିଭୂତ ହୋଇ ପଡ଼ିବାପାଇଁ, ତାଙ୍କୁ ଡାକ୍ତରୀ ପରାମର୍ଶ ନ ଥିଲା । କେବଳ ଲମ୍ବାଗୋ ବା ଅଣ୍ଡାବାତଜନିତ ବ୍ୟାଧି ଯୋଗୁ ଉଠିବା ବସିବାପାଇଁ ସାମାନ୍ୟ ଯନ୍ତ୍ରଣା ବ୍ୟତୀତ, ତାଙ୍କର ଅନ୍ୟ କୌଣସି ଶାରୀରିକ ଅସୁବିଧା ନ ଥିଲା । ସେ ତେଣୁ ଦୀର୍ଘ ସମୟ ଧରି ସଭାପତି ଆସନ ଅଳଂକୃତ କରିବାପାଇଁ ଆଗରୁ ପ୍ରସ୍ତୁତ ହୋଇ ଆସିଥିଲେ ।

ନିର୍ଦ୍ଦିଷ୍ଟ ସମୟରେ ସଭାକାର୍ଯ୍ୟ ଆରମ୍ଭ ହେଲା । ସଭାମଞ୍ଚ ଉପରେ ଗୋବର୍ଦ୍ଧନଙ୍କର ଗୋଟିଏ ପରିବର୍ଦ୍ଧିତ ଆଲୋକଚିତ୍ର, ବହୁ ସମ୍ମାନର ସହିତ ସଜ୍ଜିତ ହୋଇ ରହିଥିଲା । ଗୋବର୍ଦ୍ଧନ ବ୍ୟାଧି ଓ ଦାରିଦ୍ର୍ୟର କଷାଘାତରେ ଜର୍ଜ୍ଜରିତ ହେବା ପୂର୍ବରୁ ଅତ୍ୟନ୍ତ ସୁଦର୍ଶନ ଥିଲେ । ସିଲ୍‌କ୍ ପଞ୍ଜାବୀ ଓ ଦକ୍ଷିଣୀ ଚାଦର ପ୍ରତି ତାଙ୍କର ବିଶେଷ ଆକର୍ଷଣ ଥିଲା । (ବସ୍ତୁତଃ ଗୋବର୍ଦ୍ଧନଙ୍କ, ସ୍ମରଣିକାରେ ତାଙ୍କ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଏହାର ବହୁ ଉଲ୍ଲେଖ ହୋଇଅଛି ।) ସେହି ପରିଧାନରେ ମଣ୍ଡିତ ହୋଇ ଗୋବର୍ଦ୍ଧନ କେବେ ସମ୍ଭବତଃ କୌଣସି ପତ୍ରିକା ପ୍ରକାଶକଙ୍କ ଅନୁରୋଧରେ ଏହି ଫଟୋଟି ଉଠାଇ ଥିଲେ । ଉଦ୍ୟୋକ୍ତାମାନେ ଏବେ ତାହାର ପରିବର୍ଦ୍ଧନ କରିଅଛନ୍ତି । ଉନ୍ନତ ଓ ପ୍ରଶସ୍ତ କପାଳ ଉପରେ ଗୋଟିଏ ଅର୍ଦ୍ଧବୃତ୍ତାକାର ଅବିନ୍ୟସ୍ତ କେଶଗୁଚ୍ଛ, ଲୋମଶ ଭ୍ରୂଲତା ତଳେ, ଦୁଇ ପ୍ରଶାନ୍ତ ଆଖିରେ ଏକ ଉଦାସ, ସୁଦୂରପ୍ରସାରୀ ଦୃଷ୍ଟି, ଚିବୁକର ଦୁଇପାର୍ଶ୍ୱରେ ଦୁଇଟି କ୍ଷୀଣ, ବଙ୍କିମ ଓ ଇଷତ୍ ଗଭୀର ରେଖା, ଓଷ୍ଠପ୍ରାନ୍ତରେ ଗୋଟିଏ ଉଜ୍ଜ୍ୱଳ ସ୍ମିତହାସ୍ୟର ଶେଷ ଅବଶେଷ,ଗୋବର୍ଦ୍ଧନଙ୍କ ଚେହେରାରେ ଯେଉଁ ଲଳିତ ସୌକୁମାର୍ଯ୍ୟ ଓ ଉଜ୍ଜ୍ୱଳ ବୈଶିଷ୍ଟ୍ୟର ସ୍ୱାକ୍ଷର ଉତ୍କୀର୍ଣ୍ଣ କରିଥିଲା, ତାହା ତାଙ୍କ ପରିବର୍ଦ୍ଧିତ ଆଲୋକଚିତ୍ରରୁ ସ୍ପଷ୍ଟ

Digitized by srujanika@gmail.com

ଅନୁଭବ କରିଛୁଏ । ଗୋବର୍ଦ୍ଧନଙ୍କର ଯେଉଁ ସ୍ୱପ୍ନ, କଳ୍ପନାବିଳାସ ଓ ରସୋତ୍ତୀର୍ଣ୍ଣ ପ୍ରକାଶଭଙ୍ଗୀ ସହସ୍ର ସହସ୍ର ପ୍ରାଣକୁ ବିଦଗ୍ଧ କରିଥିଲା, ତାହାର ସଙ୍କେତ ତାଙ୍କର ପ୍ରାଣହୀନ ପ୍ରତିକୃତିରେ ସୁଦ୍ଧା, ଯେ କୌଣସି ଅନୁଭବୀ ଅନୁଭବ କରି ପାରୁଥିଲେ । ଏହି ପ୍ରତିକୃତି ଠାରେ ପ୍ରଥମେ ମାଲ୍ୟ, ଧୂପ ଓ ଦୀପ ଅର୍ପଣ କରାଯିବା ପରେ, ସଙ୍ଗୀତ ବିଦ୍ୟାଳୟର ବାଳିକାମାନେ କେତେଗୋଟି ଗୋବର୍ଦ୍ଧନ-ସଙ୍ଗୀତ ଆଧୁନିକ ସ୍ୱରରେ ଗାନ କଲେ । ତାପରେ ସ୍ମରଣିକା ଗ୍ରନ୍ଥର ସଙ୍କଳକ ମହୋଦୟ ଶ୍ରଦ୍ଧା ବିନମ୍ର ଚିତ୍ତ ଓ ଭଙ୍ଗୀରେ ମଞ୍ଚ ଉପରକୁ ଉଠି ଏକ ନାତିଦୀର୍ଘ ଭାଷଣ ଦେଇ ସଦ୍ୟ ପ୍ରକାଶିତ ଗ୍ରନ୍ଥଟି ଗୋବର୍ଦ୍ଧନଙ୍କ ପ୍ରତିକୃତିଠାରେ ନିବେଦନ କଲେ । ଏହି ଗ୍ରନ୍ଥ ପ୍ରକାଶ କରିବାରେ ସେ ଯେଉଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି, ଅର୍ଥ ସଂଗ୍ରହପାଇଁ ଯେପରି ଦ୍ୱାର ଦ୍ୱାର ବୁଲିଅଛନ୍ତି ଓ ଯେପରି ଗଳଦ୍‌ଘର୍ମ ହୋଇଅଛନ୍ତି, ତାହା ତାଙ୍କ ଭାଷଣରେ ଯେତେ ପ୍ରକାଶିତ ହେଲା, ଗୋବର୍ଦ୍ଧନଙ୍କ ପ୍ରତିଭା ବା ପ୍ରତିଷ୍ଠା ସେତେ ଆଲୋଚିତ ହୋଇ ପାରିଲା ନାହିଁ ।

ପ୍ରଥମେ ସଙ୍କଳକ ଓ ଏହି ଶ୍ରାଦ୍ଧସଭାର ଉଦ୍ୟୋକ୍ତାଙ୍କୁ ତାଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସାଧନାପାଇଁ ସାଧୁବାଦ ଜଣାଇବା ପରେ ବିଭିନ୍ନ ବକ୍ତା ନିଜ ନିଜ ଭାଷଣ ଆରମ୍ଭ କଲେ ।

ଇତିମଧ୍ୟରେ ଗୋବର୍ଦ୍ଧନଙ୍କ ସାହିତ୍ୟ ଯେଉଁ ନୂତନ ମର୍ଯ୍ୟାଦା, ତଥା ଶୈକ୍ଷିକ, ସାହିତ୍ୟିକ ଏପରି କି ରାଜନୈତିକ ମୂଲ୍ୟ ସୁଦ୍ଧା ଆହରଣ କରିଅଛି, ତାହା ବିଭିନ୍ନ ବକ୍ତାଙ୍କ ଭାଷଣରେ ଅତି ସ୍ପଷ୍ଟ ହୋଇଥିଲା । ଗୋବର୍ଦ୍ଧନଙ୍କ ଜୀବଦ୍ଦଶାରେ ଆଧୁନିକ କବିତାରେ ଏକ ନୂତନ ଧାରାର ପ୍ରବର୍ତ୍ତକ ବା ପଥିକୃତ ବୋଲି ତାଙ୍କୁ କେହି ଅଭିହିତ କରିଥିଲେ, ପାଠକମାନଙ୍କଠାରୁ ସେ ନିଜେ ସମ୍ଭବତଃ ବେଶି ବିସ୍ମିତ ହୋଇଥାନ୍ତେ । କାରଣ ସ୍ୱରଚିତ କବିତାର ମୂଲ୍ୟନିରୂପଣ ସମ୍ପର୍କରେ ସେ ଦୋଷଦର୍ଶୀ ସମାଲୋଚକମାନଙ୍କଠାରୁ ସୁଦ୍ଧା ଅଧିକ କୁଣ୍ଠିତ ଥିଲେ । ପୁଣି ଆଧୁନିକ ବା ସମସାମୟିକ ଓଡ଼ିଆ କବିତାର କୌଣସି ସମାଲୋଚକ, କବି ତାଲିକାରେ ତାଙ୍କୁ କେବେହେଁ ସ୍ଥାନ ଦେଇ ନଥିଲେ । ଗୋବର୍ଦ୍ଧନ ମୁଖ୍ୟତଃ ଔପନ୍ୟାସିକ ଥିଲେ; ତଥାପି ସମସାମୟିକ ଓଡ଼ିଆଗଳ୍ପ ଓ ଉପନ୍ୟାସର ଆଲୋଚନାରେ ସୁଦ୍ଧା ତାଙ୍କର ସ୍ଥାନ ନଥିଲା ।

ମାତ୍ର ଆଜି ଗୋବର୍ଦ୍ଧନଙ୍କ ଦ୍ୱିତୀୟ ଶ୍ରାଦ୍ଧସଭାରେ ସେ ହଠାତ୍ ଏକ ଅନୁଷ୍ଠାନ, ଏକ ନୂତନ ଧାରା ଓ ମୂଲ୍ୟବୋଧର ପ୍ରବର୍ତ୍ତକ ତଥା ପ୍ରଦର୍ଶକରେ ପରିଣତ ହୋଇଗଲେ ।

ପ୍ରତ୍ୟେକ ରାଜନୈତିକ ଦଳ ଓ ମତବାଦ ତାଙ୍କୁ ନିଜର ବୋଲି ଦାବି କରିବାରେ ମଧ୍ୟ ନିଜନିଜ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ କରିଦେଲେ । ପ୍ରତିଯୋଗିତାରେ ଗୋବର୍ଦ୍ଧନଙ୍କ ସାହିତ୍ୟ ଲକ୍ଷ୍ୟ ନ ହୋଇ ଏକ ପନ୍ଥା ହୋଇ ପଡ଼ିବାରୁ, ପ୍ରତିଯୋଗୀମାନେ ପରସ୍ପର ବିରୁଦ୍ଧରେ ଏପରି ତୁଚ୍ଛତା ଓ କୁତ୍ସା ରଟନା ଆରମ୍ଭ କରିଦେଲେ ଯେ, ଅନେକ ସେଥିରେ ନାସିକାକୁଞ୍ଚନ କଲେ । ଗୋବର୍ଦ୍ଧନ ବଞ୍ଚିଥିଲା ବେଳେ ଅନେକେ ତାଙ୍କ ସାହିତ୍ୟକୁ ଅବହେଳାର ଚକ୍ଷୁରେ ଦେଖୁଥିଲେ - କାରଣ ତାଙ୍କ ସାହିତ୍ୟରେ ଜୀବନର ଓଁ ବଞ୍ଚିବାର ବାସ୍ତବତା ପ୍ରତିଫଳିତ ହେଉ ନଥିଲା । ''ଆଜସ୍ୟର ପଦ୍ମଭୁକ୍'' ବୋଲି କେହି କେହି ତାଙ୍କୁ ତେଣୁ ସମାଲୋଚନା କରୁଥିଲେ । ତାଙ୍କ

Digitized by srujanika@gmail.com

କବିତାରେ ମାର୍କସବାଦର ପହଞ୍ଚି ନ ଥିଲା ବା ଉପନ୍ୟାସରେ ପ୍ରୟେଡ଼ବାଦର ମନସମୀକ୍ଷା ନ ଥିଲା । ପ୍ରୟେଡ଼୍‌ଙ୍କ ଯୌନବିକୃତିର ଛାଞ୍ଚରେ ଗୋବର୍ଦ୍ଧନଙ୍କ ଉପନ୍ୟାସରେ ଚରିତ୍ର ଚିତ୍ରଣ ଯେପରି ଢଳା ହୋଇ ନ ଥିଲା, ମାର୍କସବାଦର ଉଦର ବିକୃତିଦ୍ୱାରା ତାଙ୍କର କାବ୍ୟସୃଷ୍ଟି ସେହିପରି ପ୍ରଣୋଦିତ ହୋଇ ନଥିଲା । ତେଣୁ ମୃଦଙ୍ଗ ଦୁଇ ମୁଣ୍ଡରେ ପିଟା ଖାଇଲାପରି ସେ ଉଭୟ ମାର୍କସପନ୍ଥୀ ଓ ପେଟୀ ବୁର୍ଜୋୟାବାଦୀ ପ୍ରୟେଡ଼ପନ୍ଥୀ ସମାଲୋଚକମାନଙ୍କ ଦ୍ୱାରା ସମାଲୋଚିତ ହେଉଥିଲେ ।

ମାତ୍ର ଆଜି ଗୋବର୍ଦ୍ଧନଙ୍କ ସାହିତ୍ୟରେ ମାର୍କସବାଦର ବାସ୍ତବତା ପୁଣି ପ୍ରୟେଡ଼ବାଦର ବିକଟତା ସନ୍ଧାନ ଓ ପ୍ରତିଷ୍ଠିତ କରିବାରେ, ଉଭୟପନ୍ଥୀ ତୁମୂଳ ବିତଣ୍ଡା ଓ ବିତର୍କ ଆରମ୍ଭ କରିଦେଇଛି । ପରିଶେଷରେ ଜଣେ ନିର୍ବାଦୀ ଉଠି ଗୋବର୍ଦ୍ଧନଙ୍କୁ ବିଶୁଦ୍ଧ ସାହିତ୍ୟବାଦୀ ବୋଲି ଅଭିହିତ କରି ଉଭୟ ମାର୍କସବାଦ ଓ ପ୍ରୟେଡ଼ବାଦ ସମ୍ପର୍କରେ ଏକ ତତ୍ତ୍ୱପୂର୍ଣ୍ଣ ଭାଷଣ ଦେଲେ । ମାର୍କସବାଦରେ ଜୀବନର ଚରମ ଲକ୍ଷ୍ୟ ଯଦି ଉଦରର କ୍ଷୁଧାତୃପ୍ତି, ପ୍ରୟେଡ଼ବାଦର ପରମଚିନ୍ତା ଯୌନଲାଳସାର ପରିତୃପ୍ତି । ନିଗୃହୀତ ଯୌନକ୍ଷୁଧା ଯଦି ଜୀବନକୁ ବିକାରଗ୍ରସ୍ତ କରେ, ଅତୃପ୍ତ ଅନ୍ନକ୍ଷୁଧା ଜୀବନକୁ ଖର୍ବ ଓ ବିଡ଼ମ୍ବିତ କରେ । ମାର୍କସବାଦର ଧ୍ୱନି... ''ଆଉରି ଅନ୍ନ, ଆଉରି ଗ୍ରାସ ।'' ପ୍ରୟେଡ଼ବାଦର ଧ୍ୱନି, ଆଉରି - ''ଆଉରି ଦେହ... ମାଂସ ।'' ମାତ୍ର ଗୋବର୍ଦ୍ଧନ ଏହି ଦୁଇ ଆଦିମ ଜୀବନଦର୍ଶନ ପରିହାର କରି, ନିଜ ସାହିତ୍ୟରେ ଦେହୋଉର ନିତ୍ୟତାର ଯେଉଁ ମହାବାଣୀ ପରିବେଷଣ କରିଥିଲେ, ତାହା ଖାଲି ଓଡ଼ିଆ ସାହିତ୍ୟ ନୁହେଁ, ଭାରତୀୟ ସାହିତ୍ୟ ନୁହେଁ, ବିଶ୍ୱମାନବର ଚିରନ୍ତନ ସାହିତ୍ୟରେ ଏକ ଅମୂଲ୍ୟ ସମ୍ପଦ ଇତ୍ୟାଦି ଇତ୍ୟାଦି । ଗୋବର୍ଦ୍ଧନଙ୍କ ସାହିତ୍ୟରେ ଯେ ଏପରି ତଥ୍ୟ ଓ ସତ୍ୟ ମାନ ଅର୍ନ୍ତନିହିତ ଥିଲା, ତାହା ଜାଣି ଶ୍ରୋତାମାନେ କୃତ୍ୟକୃତ୍ୟ ହୋଇଗଲେ । ଏପରି ଏକ ପ୍ରଚଣ୍ଡ ପ୍ରତିଭାବାନ ସାହିତ୍ୟିକ ଉପଯୁକ୍ତ ଅନ୍ନ ଓ ଚିକତ୍ସା ଅଭାବରେ ଯେପରି ପ୍ରାଣ ହରାଇଲେ, ସେଥିପାଇଁ ପ୍ରତ୍ୟେକେ ମର୍ମେ ମର୍ମେ ଲଜ୍ଜିତ ଓ ଅନୁତପ୍ତ ହୋଇପଡ଼ିଲେ ।

ଶ୍ରୋତାମାନେ ବାରମ୍ବାର ହାଇ ମାରିବା ଓ ଥରକୁଥର କାନ୍ଥଘଡ଼ିକୁ ଚାହୁଁଥିବା ଦେଖି, ସଭାପତି ନିଜର ନାତିଦୀର୍ଘ ଭାଷଣ ଦେବାପାଇଁ ଉଠୁଥିଲେ । ମାତ୍ର ଚଉକି ଛାଡ଼ି ଉଠିବା ପାଇଁ ତାଙ୍କୁ ପ୍ରାୟ ଦୁଇ ତିନି ମିନିଟ ସମୟ ଲାଗେ । ସେ ଗଳା ଖଙ୍କାରି, କଣ୍ଠରୁ ଶ୍ଲେଷ୍ମ ପରିହାର କରି ଭାଷଣଦେବା ପାଇଁ ଦଣ୍ଡାୟମାନ ହେବା ପୂର୍ବରୁ, ଅନେକ ପନ୍ଥରେ ବସିଥିବା ଜଣେ ରୁଗ୍‌ଣ, ଦୀନ ଓ ମଜିନଦର୍ଶନ ଶ୍ରୋତା ଚିଲପରି ହଠାତ୍ ମଞ୍ଚ ଉପରକୁ ଝାମ୍ପି ଆସିଲେ । ମୁଣ୍ଡରେ ତାଙ୍କର ଖଣ୍ଡେ ଛିଣ୍ଡା, ମଇଳା ମଫଲର, ଦେହରେ ଖଣ୍ଡେ ଜୀର୍ଣ୍ଣ କୋଟ, କୋଟତଳେ ଖଣ୍ଡେ ତେଲ ଚିକିଟା କାମିଜ, ପିନ୍ଧାରେ ଖଣ୍ଡେ ଦରମଇଳା ଢିଲା ପାଇଜାମା ଓ ପାଦରେ ହଲେ ଚଟି । ଲୋକଟିର ଦେହ ଅତି ରୁଗ୍‌ଣ ଓ କ୍ଷୀଣ । ଆଲୁଅରେ ମୁହଁର ଯେଉଁ ଅଂଶଟି ଦେଖା ଯାଉଥିଲା, ତାହା ଯେପରି ହାଡ଼ ଓ ଶୁଖିଲା ଚମଡ଼ା ତିଆରି ଆବୁଡ଼ିଖାବୁଡ଼ା ରିଲିଫ୍ ମାନଚିତ୍ର । ଏପରି ଏକ ଅଶ୍ଳୀଳ ଅସାହିତ୍ୟିକଦର୍ଶନ ବ୍ୟକ୍ତି, ଗୋବର୍ଦ୍ଧନଙ୍କ ସାହିତ୍ୟ ସମ୍ପର୍କରେ, ପୁଣି ପୂର୍ବୋକ୍ତ ବକ୍ତାଙ୍କ

Digitized by srujanika@gmail.com

ପ୍ରଚଣ୍ଡ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ପରେ ଭାଷଣ ଦେବାପାଇଁ ଉଠିବା କେହି କଳ୍ପନା ସୁଦ୍ଧା କରିନଥିଲେ । ସଭାପତି ମହୋଦୟ ତାଙ୍କୁ କର୍କଶ କଣ୍ଠରେ ଶୁଣାଇ ଦେଲେ... ''ଆଉ କହିବା ପାଇଁ ସମୟ ନାହିଁ । ଏଥର ମୁଁ ଭାଷଣ ଦେବି ।''

କିନ୍ତୁ ଶ୍ରୋତାମାନଙ୍କର ବିରକ୍ତି ଓ ସଭାପତିଙ୍କର ଆପତ୍ତି ପ୍ରତି ତିଳେ ହେଲେ ଦୃକ୍‌ପାତ୍ ବା କର୍ଣ୍ଣପାତ ନ କରି, ସେ ଲୋକଟି ଚେଁ ଚେଇଁଆ ଗଳାରେ ଭାଷଣ ଆରମ୍ଭ କରିଦେଲେ । ସଭା ପଛରୁ, ମଝିରୁ, କୋଣରୁ ଚାରିଆଡୁ ପାଟି ଉଠିଲା... '' ବସିଯାଅ, ଚାଲିଯାଅ । ତୁମେ କିଏ ହେ ?''

ଏ ପ୍ରକାର ଅବାଂଛିତ ପରିସ୍ଥିତିକୁ କୌଣସିମତେ ସମ୍ଭାଳି ନେବା ପାଇଁ, ସଭାପତି ମହୋଦୟ ଶ୍ରୋତାମାନଙ୍କୁ ଅନୁରୋଧ ଜଣାଇ କହିଲେ... ''ଗୋବର୍ଦ୍ଧନ ଜୀବନପ୍ରେମୀ ଥିଲେ । ମନୁଷ୍ୟ ମାତ୍ରେ ତାଙ୍କର ଶ୍ରଦ୍ଧାର ପାତ୍ର ଥିଲା - ସେ ମନୁଷ୍ୟ ଯେଉଁ ସ୍ତର ଓ ପରିବେଷ୍ଟନୀ ମଧ୍ୟରୁ ଆସୁପଛେ । ତେଣୁ ଏ ଯେତେବେଳେ ଗୋବର୍ଦ୍ଧନଙ୍କ ସ୍ମୃତିଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାପାଇଁ ଠିଆ ହୋଇଛନ୍ତି, ତାଙ୍କୁ ଅନୁମତି ନ ଦେବା ଗୋବର୍ଦ୍ଧନଙ୍କ ପ୍ରତି ଏକ ଅପମାନ ହେବ । ମୁଁ ତେଣୁ ତାଙ୍କୁ ମୋଟେ ପାଞ୍ଚ ମିନିଟ ସମୟ ଦେଉଅଛି ।''

ସଭାପତିଙ୍କର ଏତକ କଥା ଶେଷ ହୋଇଛି କି ନାହିଁ ସେ ଭାଷଣ ଆରମ୍ଭ କରିଦେଲେ...

''ପ୍ରତ୍ୟେକ ଶ୍ରାଦ୍ଧସଭାରେ କେତେକ ମିଥ୍ୟାବାଦୀ ଥାନ୍ତି । ମାତ୍ର ଏହି ଶ୍ରାଦ୍ଧସଭାରେ ସେମାନଙ୍କର ସଂଖ୍ୟା ସବୁ ପରିମାପ ଓ ପରିସୀମା ଲାଘନ କରିଅଛି ।''

ଶ୍ରୋତାମାନଙ୍କ ମଧ୍ୟରୁ ବିରକ୍ତି ଓ କ୍ଲାନ୍ତିମିଶ୍ରିତ ଅସନ୍ତୋଷର ଯେଉଁ ଧ୍ୱନି ମହୁଫେଣାରେ ମାଛିମାନଙ୍କର ଗୁଞ୍ଜରଣ ପରି ଉଠୁଥିଲା, ତାହା ଏହି କେତେପଦ କଥାରେ ହଠାତ୍ ବନ୍ଦ ହୋଇଗଲା । ପ୍ରଥମ ଧାଡ଼ିରେ ଯେଉଁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତଳକୁ ମୁଣ୍ଡ ନୁଆଇଁ ବସି ଲୁଚାଇ ଲୁଚାଇ ହାଇ ମାରୁଥିଲେ, ସେମାନେ ସୁଦ୍ଧା ଦୁଇ ଆଖି ମଳି ବକ୍ତାଙ୍କ ଆଡ଼େ ଚାହିଁଲେ । ବକ୍ତା କହି ଚାଲିଲେ... ''ଗୋବର୍ଦ୍ଧନଙ୍କୁ ମୁଁ ମଧ୍ୟ ଜାଣେ । ଏଇ ଯେ ବସିଛନ୍ତି ବହିଦୋକାନୀ, ଗୋବର୍ଦ୍ଧନଙ୍କ ପ୍ରକାଶକ; ତାଙ୍କର ତେରଖଣ୍ଡ ବହି ଛାପିଥିଲେ ସୁଦ୍ଧା, ତାଙ୍କୁ ତେରଟି ପଇସା ଦେଇଛନ୍ତି କି ନା ସନ୍ଦେହ । ଏଇ ଯେ ବସିଛନ୍ତି କବି ଦଣ୍ଡପାଟ, ସେ ଅଳ୍ପଦିନ ପୂର୍ବେ ଗୋବର୍ଦ୍ଧନଙ୍କୁ ସାହିତ୍ୟଚର୍ଚ୍ଚା ଛାଡ଼ି ମ୍ୟୁନିସିପାଲିଟିର କିରାନୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଏଇ ଯେ ବସିଛନ୍ତି ଅଧ୍ୟାପକ ଚମ୍ପଟରାୟ, ଏ ଗୋବର୍ଦ୍ଧନଙ୍କୁ ଦଶଟଙ୍କା ଦେବେ ବୋଲି କହି ତାଙ୍କୁ କୋଡ଼ିଏ ଥର ଦଉଡ଼ାଇ ଅବଶେଷରେ ଏକୋଇଶିଥର ଯିବାବେଳକୁ ସେ ଘରେ ନାହାନ୍ତି ବୋଲି ଚାକର ହାତରେ ଖବର ପଠାଇ ଦେଇଥିଲେ । ଆଉ ଏଇ ଯେ ବସିଛନ୍ତି ସମାଲୋଚକ ଦଳାଇ, ଗୋବର୍ଦ୍ଧନଙ୍କ ସାହିତ୍ୟରେ ସବୁ ଚୋରିମାଲ ବୋଲି, ସେ କୁସାରଟନାର ଏକ ଅଭିଯାନ ଆରମ୍ଭ କରି ଦେଇଥିଲେ । ଆଉ ଏଇ ଯେ...

Digitized by srujanika@gmail.com

ତାପରେ ଏକ ପ୍ରଚଣ୍ଡ କୋଳାହଳ ଭିତରେ ଆଉ କିଛି ଶୁଭିଲା ନାହିଁ । ତୀବ୍ର ଉତ୍ତେଜନା ହେତୁ ବକ୍ତାଙ୍କର ମଧ୍ୟ ସେତିକିବେଳେ ପ୍ରଚଣ୍ଡ କାଶ ଉଠିଲା । ସଭାମଞ୍ଚରୁ ସମସ୍ତେ ଅସ୍ତିନ୍ ଉଠାଇ, ଏ ପାଗଳାଟାକୁ ସେଠାରୁ ତଡ଼ିବାପାଇଁ ଚଉକି ଛାଡ଼ି ଠିଆ ହୋଇ ପଡ଼ିଲେ । ଏ କାଣ୍ଡଜ୍ଞାନହୀନ ମୂର୍ଖ ପାଗଳଟାକୁ ଏଠାକୁ କିଏ ଆଣିଲା ବୋଲି ଚାରିଆଡୁ ଏକାସଙ୍ଗରେ ଧ୍ୱନି ଓ ପ୍ରତିଧ୍ୱନି ଉଠିଲା । ଲୋକଟାର କାଶ ସେତେବେଳକୁ ସାମାନ୍ୟ ବନ୍ଦ ହୋଇଥିଲା । ସେ ମୁଣ୍ଡରୁ ମଫଲର୍‌ଟା କାଢ଼ି ଫିଙ୍ଗିଦେଇ, ଭୂତ ପରି ନାଚିଉଠି କହିଲା... ''ମୁଁ, ଗୋବର୍ଦ୍ଧନ, କବି ଗୋବର୍ଦ୍ଧନ ! ମୁଁ ମରିନାହିଁ, ତଥାପି ବଞ୍ଚିଛି !''

ମୃତ୍ୟୁର ବର୍ଷେ ବା ଦୁଇବର୍ଷ ତଳେ ଯେଉଁମାନେ ଗୋବର୍ଦ୍ଧନଙ୍କୁ ଦେଖିଥିଲେ, ଗୋବର୍ଦ୍ଧନ ଯେଉଁମାନଙ୍କଠାକୁ ଅନ୍ନପ୍ରାର୍ଥୀ ବା ସାହାଯ୍ୟପ୍ରାର୍ଥୀ ହୋଇଯାଇଥିଲେ, ସେମାନେ ଏ ଲୋକଟାର ଚେହେରାରେ ଗୋବର୍ଦ୍ଧନଙ୍କ ସହିତ ସାଦୃଶ୍ୟ ଓ ସାମଞ୍ଜସ୍ୟ ଦେଖି ଚମକି ପଡ଼ିଲେ । ମାତ୍ର ଗୋବର୍ଦ୍ଧନଙ୍କ ଦ୍ୱିତୀୟ ଶ୍ରାଦ୍ଧସଭାରେ, ଗୋବର୍ଦ୍ଧନ ନିଜେ ଆବିର୍ଭୂତ ହୋଇପାରନ୍ତି, ଏହା କେହି କଳ୍ପନା ସୁଦ୍ଧା କରିପାରିଲେ ନାହିଁ । ଲୋକଗହଳି ଭିତରୁ କିଏ ଜଣେ କହିଦେଲା...

''ଏଟା ଗୋବର୍ଦ୍ଧନଙ୍କ ଭୂତ'' !

ତାପରେ ଯିଏ ଯେଉଁଆଡ଼େ ପାରିଲେ, କିଏ ଚଉକି ଝୁଣ୍ଟି, କିଏ ଅନ୍ୟମାନଙ୍କୁ କୁଦି, କିଏ କାନ୍ଥ ଦେହରେ ପିଟି ହୋଇ ''ଭୂତ, ଭୂତ'' ଚିତ୍କାର କରି, ସମସ୍ତେ ଊର୍ଦ୍ଧ୍ୱଶ୍ୱାସ ହୋଇ, ଏପରି ପଳାଇଗଲେ ଯେ, ମୁହୂର୍ତ୍ତକ ପୂର୍ବର ଜନାକୀର୍ଣ୍ଣ ସଭାଗୃହ କେତୋଟି ମିନିଟ୍ ମଧ୍ୟରେ ନିଶୂନ ହୋଇଗଲା । ଏ କୋଳାହଳ ମଧ୍ୟରେ ସେ ଲୋକଟା କିନ୍ତୁ ସଭାମଞ୍ଚ ଉପରେ ନିର୍ବାକ୍ ଭାବରେ ଠିଆ ହୋଇ ରହିଲା । ସଭାଗୃହର ଚଟାଣଯାକ, ଓଲଟା ଚଉକି, ପଟେ ପଟେ ଜୋତା ବା ଚଟି; ଚାଦର ଓ ବାଡ଼ୀ ଇତ୍ୟାଦି ବିଛେଇ ପଡ଼ି ଏକ ଭୌତିକ ପରିବେଶ ସୃଷ୍ଟି କରିଥିଲା । ସେହି ଭୌତିକ ବିଶୃଙ୍ଖଳା ମଧ୍ୟରେ ସେ ଲୋକଟା ଗୋବର୍ଦ୍ଧନଙ୍କ ସୁସଜ୍ଜିତ ପ୍ରତିକୃତି ଆଡ଼େ ଚାହିଁ, ଯେପରି ପ୍ରଚଣ୍ଡ ଭାବରେ ଅଟ୍ଟହାସ କରି ଉଠିଲା, ନିର୍ଜ୍ଜନ ସଭାଗୃହରେ ତାହାର ପ୍ରତିଧ୍ୱନି ଶୁଣି, ସେ ଯେ ଗୋବର୍ଦ୍ଧନଙ୍କ ଭୂତ, ସେଥିରେ ଆଉ କାହାରି ସନ୍ଦେହର ଅବକାଶ ରହିଲାନାହିଁ । ତା ପରଦିନ ଖବର କାଗଜରେ ପ୍ରକାଶ ପାଇଲା... ''ଗୋବର୍ଦ୍ଧନଙ୍କ ଶ୍ରାଦ୍ଧସଭାରେ ଭୌତିକ ଉପଦ୍ରବ !''

ମାତ୍ର ଗୋବର୍ଦ୍ଧନଙ୍କ ଭୂତ ଥରେ ମର୍ତ୍ତ୍ୟ ଲୋକକୁ ଆସିବା ପରେ, ଆଉ କେଜାଣି କାହିଁକି ପ୍ରେତଲୋକକୁ ଫେରିବାପାଇଁ ମନ ବଳାଇଲା ନାହିଁ !

ଏ, ଏକ ବିଚିତ୍ର ପ୍ରେତ !

ବସ୍‌ଷ୍ଟାଣ୍ଡରେ, ବହିଦୋକାନ ସାମନା ରାସ୍ତାରେ, ଚା' ଦୋକାନ କଡ଼ରେ, ହୋଟେଲ ପାଖରେ, ରାସ୍ତାକଡ଼ ପାଣି ପାଇପତଳେ, ଜନାକୀର୍ଣ୍ଣ ରାସ୍ତାର ଧାରେ ଧାରେ, ଶତଚ୍ଛିନ୍ନ ଓ ମଳିନ ପରିଧାନ ପିନ୍ଧି, ପାଦର ଚଟିକୁ, ପରାଜିତ ଜୀବନର ଅବସାଦଗ୍ରସ୍ତ ମୁହୂର୍ତ୍ତ ପରି ଘୋଷାଡ଼ି,

Digitized by srujanika@gmail.com

ଘୋଷାଡ଼ି, କାଖତଳେ କେତେଖଣ୍ଡ ପାଣ୍ଡୁଲିପି ଓ ଗୋବର୍ଦ୍ଧନଙ୍କ ପ୍ରକାଶିତ ପୁସ୍ତକ ଜାକି, ଏ ଯେଉଁ ଚମଡଙ୍କା କଙ୍କାଳ ଚାଲିଛି, ଏ ମଣିଷ ନୁହେଁ ପ୍ରେତ - ଗୋବର୍ଦ୍ଧନଙ୍କ ପ୍ରେତଲୋକଭକ୍ଷ ପ୍ରେତ ।

କୌଣସି ପରିଚିତ ଲୋକ ଦେଖିଲେ, ଏହି ପ୍ରେତ ବାଟ ଓଗାଳି ଚିତ୍କାର କରେ,... ''ମୁଁ ଗୋବର୍ଦ୍ଧନ ! ମୁଁ ଏକ ନୂତନ ସତ୍ୟର ବାର୍ତ୍ତାବହ, ଏକ ନୂତନ ପଥର ପଥିକୃତ୍ । ଶ୍ରାଦ୍ଧସଭାରେ ମୋର ପ୍ରାପ୍ୟ ବୋଲି ଯାହା ତୁମେ ସ୍ୱୀକାର କରିଛ, ମୋତେ ତାହାହିଁ ଦିଅ, ମୁଁ ଅଧିକ ଚାହେଁନାହିଁ ।''

ଏହା କହିଲାବେଳେ ଏହି ଜୀବନ୍ତ ପ୍ରେତର ନରକରୋଟୀ ପରି ହାଡୁଆ ମୁହଁର ଦୁଇ କୋଟରଗତ ଆକ୍ଷିରେ ରଡ଼ନିଆଁ ଯେପରି ଦପ୍ ଦପ୍ ହୋଇ ଜଳିଉଠେ, କ୍ଷୁଧାର୍ତ୍ତ ଈଗଲ୍‌ର ପଞ୍ଜା ପରି ତାର ଦୁଇ ଶିରାଳ, ଶୁଷ୍କ, ଚର୍ମାବୃତ ଅଞ୍ଜଳି କାହାକୁ ଗ୍ରାସ କରିବାପାଇଁ ଯେପରି ପ୍ରସାରିତ ହୋଇଆସେ ।

ଶୁଣିବାଲୋକ କୌଣସିମତେ ଏହି ପ୍ରେତଠାରୁ ନିଜକୁ ବଞ୍ଚାଇ, ରୁଦ୍ଧଶ୍ୱାସ ହୋଇ ଦଉଡ଼ି ପଳାଇବା ଛଡ଼ା ଅନ୍ୟ ଉପାୟ ନ ଥାଏ ।

Digitized by srujanika@gmail.com

ଶ୍ରୀକୃଷ୍ଣଙ୍କ ଶେଷହସ

ସେଦିନ ମହାଭାରତ ବିୟୋଗାନ୍ତ ନାଟକର ଶେଷଦୃଶ୍ୟ ଦେଖି ଯିବାପାଇଁ ଯେପରି ଇନ୍ଦ୍ରପ୍ରସ୍ଥର ଗିରିମାଳା ନେପଥ୍ୟରେ ଅସ୍ତାଚଳ ପଥରେ ସର୍ବଦ୍ରଷ୍ଟା ଦିବାକର ଅରୁଣ-ବାହିତ ରଥ ଦଣ୍ଡେ ଅଟକାଇ ଦେଇଥିଲେ ।

ମହାଭାରତ ମହାସମର ପରେ ପରିତ୍ୟକ୍ତ କୁରୁକ୍ଷେତ୍ର, ଧ୍ୱଜା ଓ କଳସଶୋଭିତ, ମୁକ୍ତା ଓ ମଣିଝରା ବିମଣ୍ଡିତ, କୌରବପକ୍ଷର ଅସଂଖ୍ୟ ଭଗ୍ନରଥ, ପୁଣି ତୂଣ, ଧନୁ ଓ ନାରାଚଶୋଭିତ ଏକାଦଶ ଅକ୍ଷୌହିଣୀ ଯୋଦ୍ଧୃବର୍ଗଙ୍କର ଶବରାଶି, ଦ୍ୱାଦଶ ଯୋଜନ ବିସ୍ତାର କରି, ଶାଣିତ ପଙ୍କ ମଧ୍ୟରେ ଇତସ୍ତତ ବିକ୍ଷିପ୍ତ ହୋଇ ପଡ଼ିଅଛି । ସେହି ମହାଶ୍ମଶାନର ଶବସ୍ତୂପ ମଧ୍ୟରେ ରୋରୁଦ୍ୟମାନା, ଅସଂବୃତବସନା, ଅବିନ୍ୟସ୍ତକୁନ୍ତଳା, ଦୁର୍ଯ୍ୟୋଧନ ମହିଷୀ ଭାନୁମତୀ ଓ ଅନ୍ୟ କୌରବକୁଳନାରୀମାନେ ନିଜ ନିଜର ପ୍ରିୟ ଓ ସ୍ୱଜନବର୍ଗକୁ ଅନ୍ୱେଷଣ କରୁଅଛନ୍ତି । ସେମାନଙ୍କର ମର୍ମାନ୍ତକ କ୍ରନ୍ଦନ, ଶ୍ୱାନ, ଶିବା ଓ ଶକୁନମାନଙ୍କର ନାରକୀୟ ରଡ଼ିକୁ ସୁଦ୍ଧା ବେଳେବେଳେ ନିମଜ୍ଜିତ କରି ଦେଉଅଛି ।

ଶତଶତ ଚିରାଚର ଦୃପ୍ତ ଚପଳତା ମୃତ୍ୟୁର ଅଚଞ୍ଚଳ ଗାମ୍ଭୀର୍ଯ୍ୟ ମଧ୍ୟରେ ପ୍ରଶମିତ ହୋଇଅଛି । ଅଶ୍ୱମାନଙ୍କର ହ୍ରେଷାରବ, କ୍ରୁଦ୍ଧ ଦନ୍ତାବଳମାନଙ୍କର ବୃଂହିତ ଯୋଦ୍ଧୃବର୍ଗଙ୍କର ପ୍ରମତ୍ତ ଆସ୍ଫାଳନ, ମୃତ୍ୟୁର ଗଦାଘାତରେ ସବୁ ନୀରବ ହୋଇଅଛି । କ୍ରନ୍ଦନ ଓ ଶିବାରଡ଼ିମୁଖରିତ ସେହି ମହାଶ୍ମଶାନ ଉପରେ ଚକ୍ରାକାରରେ ଉଡ଼ି ବୁଲୁଥିବା, ପର୍ଯ୍ୟୁଷିତ ମାଂସଲୋଭୀ ଅଗଣିତ ଶକୁନଙ୍କର ସଞ୍ଚାଳିତ ପକ୍ଷ, କରାଳ ଛାୟାପରି ବିସ୍ତାରିତ ହୋଇଅଛି ।

ଇନ୍ଦ୍ରପ୍ରସ୍ଥରେ ଧୃତରାଷ୍ଟ୍ରଙ୍କ ପ୍ରାସାଦ ନୀରବ ଓ ନିର୍ଜ୍ଜନ । ବେଳେବେଳେ ସଂଜୟ ଓ ବିଦୁରଙ୍କର ଶାନ୍ତ, ଧୀର ପଦଶବ୍ଦ ଧୃତରାଷ୍ଟ୍ରଙ୍କର ମର୍ମଭେଦୀ ଦୀର୍ଘଶ୍ୱାସ ଓ ଗାନ୍ଧାରୀଙ୍କର ଅସ୍ଫୁଟ କ୍ରନ୍ଦନର ଭାରାକ୍ରାନ୍ତ ନୀରବତାକୁ ଆଉରି ଘନୀଭୂତ କରି ଦେଉଅଛି ।

ଧୃତରାଷ୍ଟ୍ର ଜନ୍ମାନ୍ଧ । ତେଣୁ କୁରୁକ୍ଷେତ୍ରର ମହାଶ୍ମଶାନରେ, ମହାନିଦ୍ରାର ଧୂଳିଶଯ୍ୟାରେ ମାନଗୋବିନ୍ଦ ଦୁର୍ଯ୍ୟୋଧନ ସମେତ ଶତପୁତ୍ର, ପୁଣି କର୍ଣ୍ଣ, ଶଲ୍ୟ, ଦ୍ରୋଣ ଓ ଭୂରିଶ୍ରବା ପ୍ରମୁଖ ସଖା ଓ ସୋଦରମାନଙ୍କୁ ଶେଷବାର ଦେଖି ଆସିବାପାଇଁ ତାଙ୍କର ବ୍ୟାକୁଳତା, ଉତ୍କଣ୍ଠା, ଶୋକ ଓ ଦୀର୍ଘଶ୍ୱାସ କୌରବ ପ୍ରାସାଦର ଛାୟାଚ୍ଛନ୍ନ ଭିତ୍ତି ପ୍ରସ୍ତର ଦେହରେ ବାଧା ପାଇ ବାରମ୍ବାର ନୀରବ ହେଉଅଛି ।

ମାତ୍ର ଗାନ୍ଧାରୀ ନିଜର ଦୁଇ ଆଖିରୁ ଅନ୍ଧ-ପଟ୍ଟିକାର ଆବରଣ ଫିଙ୍ଗିଦେଇ, ମହାନିଦ୍ରାରେ ଶାୟିତ ଶତପୁତ୍ରଙ୍କୁ, ପ୍ରଥମ ଓ ଶେଷବାର ଥରେ ଦେଖିବା ପାଇଁ ଉତ୍କଣ୍ଠିତ ହୋଇ ପଡ଼ିଅଛନ୍ତି;

Digitized by srujanika@gmail.com

କିନ୍ତୁ ଅନ୍ଧ - ଧୃତରାଷ୍ଟ୍ରଙ୍କ ପାଣିଗ୍ରହଣ ବେଳେ ସତୀତ୍ୱର ପରମ ନିଷ୍ଠାରେ ବ୍ରତଚାରିଣୀ ପରି ଗାନ୍ଧାରୀ ନିଜର ଦୁଇ ଆଖିରେ ଅନ୍ଧପଟ୍ଟିକାର ଯେଉଁ ଆବରଣ ବାନ୍ଧିଥିଲେ, ତାହାର ବନ୍ଧନ ଦୁସ୍ଛେଦ୍ୟ ଓ ଗ୍ରନ୍ଥି ଦୁର୍ଭେଦ୍ୟ । ତା ନହେଲେ ସତୀଧର୍ମର ସବୁ ଅହଙ୍କାର ଭୁଲି, ଆଜି ସେହି ଅନ୍ଧପଟ୍ଟିକାକୁ ଏକ ତୁଚ୍ଛ ପ୍ରତିବନ୍ଧକ ରୂପେ, ପଥର ଧୂଳିରେ ଫିଙ୍ଗି ଦେବାପାଇଁ ସେ ତିଳେହେଲେ କୁଣ୍ଠିତା ନୁହନ୍ତି ।

ଦୁର୍ଯ୍ୟୋଧନ, ଦୁଃଶାସନ, ଦୁର୍ଜୟ, ଦୁରନ୍ତ, ଦୁର୍ଗମ, ଦୁର୍ଦ୍ଧର, ଦୁର୍ବିଳାଇକ ପ୍ରମୁଖ ଶତପୁତ୍ରର ଜନନୀ, ମାତୃତ୍ୱ-ଗରବିଣୀ ସୋମବଂଶର ପୂଜନୀୟା ଗାନ୍ଧାରୀ । କର୍ପୂରରେଣୁସିକ୍ତ ଚୂଳି - ତନ୍ତରେ ସୁଦ୍ଧା ଯେଉଁମାନଙ୍କୁ ନିଦ୍ରାସର୍ଶ ଜରୁ ନ ଥିଲା, ଆଜି ସେମାନେ କୁରୁକ୍ଷେତ୍ରର ଶୋଣିତ କର୍ଦ୍ଦମରେ ମହାନିଦ୍ରାରେ ଅଚେତନ ।

ସେମାନଙ୍କ ଶବ ଉପରେ ଶ୍ୱାନ, ଶିବା ଓ ଶକୁନମାନଙ୍କର ଅଶ୍ଳୀଳ ଚିତ୍କାର ଦ୍ୱିତୀୟ ଗୌରବ ସୃଷ୍ଟି କରିଅଛି ।

ଗୋଟିଏ ଶକୁନପଲର ବିକଟ ରଡ଼ିରେ ଗାନ୍ଧାରୀ ଆର୍ତ୍ତନାଦ କରି ଉଠିଲେ ।

ଆଶ୍ରୟ ପାଇଁ ଶୂନ୍ୟରେ ଶୁଷ୍ଳ-ଚର୍ମାବୃତ ଦୁଇ ଶିରାଳ ବାହୁ ଡୋଜି, ଅନ୍ଧପଟ୍ଟିକାବୃତା ଗାନ୍ଧାରୀ ଅସହାୟ କଣ୍ଠରେ ଚିତ୍କାର କଲେ... 'ବିଦୁର, ସଞ୍ଜୟ !'

ପରିତ୍ୟକ୍ତ କୌରବପ୍ରାସାଦର ପୈଶାଚିକ ନୀରବତା ମଧ୍ୟରେ ଗାନ୍ଧାରୀଙ୍କ ଆକୁଳ ଆହ୍ୱାନ ପ୍ରତିଧ୍ୱନି ଉଠାଇ ପୁଣି ନୀରବ ହୋଇଗଲା ।

* * *

ନିଷ୍ଫଳ ଅହଂକାର ଓ ଅଭିମାନର ଦୁଇ କମ୍ପିତ ବାହୁ ଝୀଟ କରି, ଊର୍ଦ୍ଧ୍ୱକୁ ଡୋଜି, ଅନ୍ଧ ଧୃତରାଷ୍ଟ୍ର ବିଦୁରଙ୍କ ସମ୍ମୁଖରେ ଆଷ୍ଫାଳନ କରୁଥିଲେ... 'ଭୁଲିଯାଅ ନାହିଁ ବିଦୁର, ଆଜି ସୁଦ୍ଧା ଏହି ଦୁଇ ବାହୁରେ କୁରୁକୁଳହନ୍ତା ଭୀମସମେତ ପାଣ୍ଡବ ପଞ୍ଚ ଭ୍ରାତାଙ୍କୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେବାର ଶକ୍ତି ଅକ୍ଷୁଣ୍ଣ ରହିଅଛି ।'

ଧୃତରାଷ୍ଟ୍ର କୌରବସିଂହାସନ ଉପରେ ପ୍ରଚଣ୍ଡ ଜିଘାଂସାରେ ଶସ୍ତ୍ରାହତ ପଶୁପରି ଗର୍ଜ୍ଜନ କରି ଉଠିଲେ । ତାଙ୍କର କୁଞ୍ଚିତ ଓ ରେଖାଙ୍କିତ ମୁଖମଣ୍ଡଳର ଶିଥିଳ ମାଂସପେଶୀମାନ ଏକ କାଠିନ୍ୟରେ ନିଷ୍ଚୁର ହୋଇଗଲା । ସୁପ୍ତ ଆଗ୍ନେୟଗିରିର ଅନ୍ଧକାର ବିବର ପରି, ତାଙ୍କର ଦୁଇ ଦୃଷ୍ଟିହୀନ ଅନ୍ଧଚକ୍ଷୁରେ ଅଗ୍ନ୍ୟୁଦ୍‌ଗାର ଯେପରି ଉଲ୍ଲମ୍ଫନ କରି ଉଠିଲା ।

ବିଦୁର ଶାନ୍ତ କଣ୍ଠରେ କହିଲେ... 'ମହାରାଜ, ଧୃତରାଷ୍ଟ୍ରମାନେ ଚିରକାଳ ଅନ୍ଧ । ସିଂହାସନର ସ୍ୱର୍ଣ୍ଣଦୀପ୍ତିରେ କାଳେକାଳେ ସେମାନେ ଅନ୍ଧ ହୋଇଛନ୍ତି । ଚକ୍ଷୁଷ୍ମନ୍ତା ଏକମାତ୍ର ଦୃଷ୍ଟି ନୁହେଁ ମହାରାଜ । ପାଣ୍ଡବ ପଞ୍ଚଭ୍ରାତାଙ୍କୁ ସମୂଳେ ବିନାଶ କରିବାପାଇଁ ଜତୁଗୃହଦାହର ଷଡ଼ଯନ୍ତ୍ରବେଳେ, ଭୀମସେନଙ୍କୁ ବିଷମୋଦକ ଖୁଆଇଲା ବେଳେ, ବ୍ୟାସ ସରୋବରରେ ଆତ୍ମଗୋପନ କରିଥିବା ଦ୍ରୌପଦୀଙ୍କ ପଞ୍ଚପୁତ୍ରଙ୍କୁ ମୃଗୟାବିଳାସରେ ହତ୍ୟା କଲାବେଳେ,

Digitized by srujanika@gmail.com

କୁରୁସଭାତଳେ କୁଳବଧୂ ଦ୍ରୌପଦୀକୁ ବିବସନା କଲାବେଳେ, ପୁଣି ସାମାନ୍ୟ ପାଞ୍ଚଖଣ୍ଡି ଗ୍ରାମପାଇଁ ଶ୍ରୀକୃଷ୍ଣଙ୍କ ଦୌତ୍ୟର ଉତ୍ତରରେ 'ସୂଚ୍ୟଗ୍ର ପରିମିତ ଭୂମି ଦେବୁନାହିଁ' ବୋଲି ଦୁର୍ଯ୍ୟୋଧନ ଆଷ୍ଫାଳନ କଲାବେଳେ, ପୁରୋଦୃଷ୍ଟିରେ ଆପଣ ଯଦି ଏ ପରିଣତି କଳ୍ପନା କରିଥାନ୍ତେ, ତାହାହେଲେ ଅନୁଶୋଚନାରେ ଆଜି ଆପଣ ଏପରି ତିଳେ ତିଳେ ଦଗ୍ଧୀଭୂତ ହେଉନଥାନ୍ତେ ! କିନ୍ତୁ କେବଳ ଆପଣ ନୁହଁନ୍ତି, ସବୁ ଧୃତରାଷ୍ଟ୍ର ଆପଣଙ୍କ ପରି ଜନ୍ମାନ୍ଧ ।'

ଧୃତରାଷ୍ଟ୍ର କହିଲେ... 'ମାତ୍ର ଭୀଷ୍ମ, କର୍ଣ୍ଣ, ଦ୍ରୋଣ ପରି ମହାବୀରମାନେ ପାଣ୍ଡବମାନଙ୍କଦ୍ୱାରା ଏପରି ପରାଜିତ ହେବେ, ତାହା ତ ଆଶଙ୍କା କରି ନଥିଲି ବିଦୁର ।'

ବିଦୁର କହିଲେ... 'ସେଥିପାଇଁ ତ ମୁଁ କହେ, ଧୃତରାଷ୍ଟ୍ରମାନେ ଚିରକାଳ ଅନ୍ଧ । ନିର୍ଯ୍ୟାତିତ, ନିପୀଡ଼ିତ, ଆର୍ତ୍ତ ଓ ବଞ୍ଚିତର ଦାବି, ଆପାତଦୃଷ୍ଟିରେ ଯେତେ ଦୁର୍ବଳ ହେଲେ ସୁଦ୍ଧା, ଅକ୍ଷୌହିଣୀ ସେନାର ରଣପ୍ରସ୍ତୁତି ଓ ତ୍ରିପୁର ବିଜୟୀ ଯୋଦ୍ଧାମାନଙ୍କର ଧନୁଷ୍ଟଙ୍କାର ତାହାକୁ ବିଡ଼ମ୍ବିତ କରିପାରିବ ନାହିଁ । କେତେ ଦର୍ପିତ ଇନ୍ଦ୍ରପ୍ରସ୍ଥ, କେତେ ମଦମତ୍ତ ହସ୍ତିନା, କେତେ ଅହଙ୍କାରୀ ବାରୁଣୀ, ମହାକାଳରେ ଏହିପରି ବାରମ୍ବାର ଭୂଲୁଣ୍ଠିତ ହେବ । ମହାରାଜ, ମହାଭାରତରେ ଐକ୍ୟ ଓ ଶାନ୍ତି କ୍ଷମତାର ଦାମ୍ଭିକତାରେ ରହିବ ନାହିଁ, ଲାଞ୍ଛିତ ଓ ଅପମାନିତକୁ ତା'ର ଯଥାର୍ଥ ଦାବିରେ ପ୍ରତିଷ୍ଠିତ କରିବାରେ, ରହିବ ଔଦାର୍ଯ୍ୟରେ, କରୁଣାରେ, ଦାକ୍ଷିଣ୍ୟରେ ।'

ଇନ୍ଦ୍ରପ୍ରସ୍ଥର ଆକାଶରେ କାଳବୈଶାଖୀର ଘୂର୍ଣ୍ଣି ଧୃତରାଷ୍ଟ୍ରଙ୍କ କଣ୍ଠରେ ଯେପରି ଗର୍ଜ୍ଜନ କରି ଉଠିଲା । ବିଦୁରଙ୍କ ପ୍ରତି ପ୍ରଚଣ୍ଡ କ୍ରୋଧରେ ଚିତ୍କାର କରି, ଧୃତରାଷ୍ଟ୍ର କହିଲେ - 'ତୁମେ ନା ବିଦୁର, କୌରବର ଅନ୍ନଭୋଜୀ ! କୌରବର ଔଦାର୍ଯ୍ୟରେ, କରୁଣାରେ, ଦାକ୍ଷିଣ୍ୟରେ, ତୁମେ ନା ଲାଳିତ ପାଳିତ ଓ ବର୍ଦ୍ଧିତ ! ଆଜି ସେହି କୌରବମାନଙ୍କର ଚରମ ଦୁର୍ଦ୍ଦିନରେ ଏହି କଣ ତୁମର ପ୍ରତିଦାନ ? କୌରବର ଅନ୍ନର ପ୍ରତିଦାନରେ ତୁମ କଣ୍ଠରେ ସମବେଦନାର କ୍ଷୀଣ ବାଣୀ ସୁଦ୍ଧା ନାହିଁ !'

ବିଦୁର ଅବିଚଳିତ କଣ୍ଠରେ ଉତ୍ତର ଦେଲେ, 'କିନ୍ତୁ ସତ୍ୟ ଯେତେ କଠୋର ହେଲେ ସୁଦ୍ଧା ଦିନେ ତାହାର ସମ୍ମୁଖୀନ ହେବାପାଇଁ ପଡ଼ିବ, ମହାରାଜ !'

ଧୃତରାଷ୍ଟ୍ର ଚିତ୍କାର କରି ଉଠିଲେ... 'କିନ୍ତୁ ସାମାନ୍ୟ ରାଜ୍ୟପାଇଁ ପାଣ୍ଡବମାନଙ୍କଦ୍ୱାରା, ସଖାନାଶ, ସୋଦରନାଶ, କୁଳନାଶ, ଏହି କ'ଣ ତୁମର ସତ୍ୟ ବିଦୁର ? ମୁଁ ବା କିପରି ଭୁଲିବି କହ, ବିଦୁର ! ଆଜି ସୋମବଂଶର ଦୀପଶିଖା ଗୋଟିକ ପରେ ଗୋଟିଏ ନିର୍ବାପିତ ହୋଇଗଲା । ଅନ୍ଧ ଧୃତରାଷ୍ଟ୍ରଙ୍କର ଅନ୍ଧ ତମିସ୍ରାପରି ଏହାପରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ ନିରନ୍ଧ୍ର, ସୂଚୀଭେଦ୍ୟ, ନିଷ୍ଫଳ ଅନ୍ଧକାର !'

ବିଦୁର ଶାନ୍ତ କଣ୍ଠରେ ଉତ୍ତର ଦେଲେ... 'କର୍ମଫଳର ଅଲଂଘନୀୟ ପରିଣତି ରୂପେ ଏହାକୁ ଗ୍ରହଣ କରି ଶୋକ ସମ୍ବରଣ କରନ୍ତୁ ମହାରାଜ, ଶାନ୍ତିଲାଭ କରିବେ । ଆପଣ କୁରୁକୁଳରେ ଅଗସ୍ତିରୂପେ କୌରବସମୁଦ୍ର ନିଃଶେଷ କରିଅଛନ୍ତି, ପାଣ୍ଡବମାନେ ତ ଜୀର୍ଣ୍ଣ କୂପମାତ୍ର ! ଆଉ

Digitized by srujanika@gmail.com

କ୍ରୋଧାନଳରେ ପ୍ରଜ୍ୱଳିତ ହୋଇ ସେ କୂପକୁ ନିଃଶେଷ କରନ୍ତୁ ନାହିଁ ।'

ଏହି ସମୟରେ ଅନ୍ଧପଟ୍ଟିକାବୃତା, ଶୋକାକୁଳା ଗାନ୍ଧାରୀ, ଉନ୍ମାଦିନୀ ପରି ସେଠାକୁ ଧାଇଁ ଆସି କହିଲେ... 'ମହାରାଜ, ଦିନେ ଆପଣଙ୍କ ପାଇଁ ମୁଁ ଆଖିରେ ସ୍ୱହସ୍ତରେ ବାନ୍ଧିଥିଲି ଏହି ଅନ୍ଧପଟ୍ଟିକା । ସେହି ବନ୍ଧନର ଦୁସ୍ପେଦ୍ୟ ଗ୍ରନ୍ଥି ଆଜି ସ୍ୱହସ୍ତରେ ଛିନ୍ନ କରିଦିଅନ୍ତୁ ମହାରାଜ ! ଶତପୁତ୍ରର ଜନନୀ ମୁଁ, ଜୀବିତାରେ ଯେଉଁମାନଙ୍କୁ ଦେଖିନାହିଁ, ଆଜି ଅନ୍ତତଃ ମୃତ୍ୟୁର ଶେଷ ଶଯ୍ୟାରେ ସେମାନଙ୍କୁ ଥରେ ଦେଖି ନୟନର କ୍ଷୁଧା ଶାନ୍ତ କରେ ।'

ଅନ୍ଧପଟ୍ଟିକାର ଗ୍ରନ୍ଥି ଛିନ୍ନ କରିବାର ନିଷ୍ଫଳ ଉଦ୍ୟମରେ ଶିରାଳ ଅଙ୍ଗୁଳିର ଶତ ନଖଘାତରେ, ନରକରୋଟୀ ପରି ଦିଶୁଥିବା ଗାନ୍ଧାରୀଙ୍କର ଶୁଷ୍କ ଚର୍ମାବୃତ ମୁଖ ରକ୍ତାକ୍ତ ହୋଇ ପଡ଼ିଥିଲା । ଲୋତକ ଓ ଶୋଣିତର ଧାରା, ଗାନ୍ଧାରୀଙ୍କ ମୁଖମଣ୍ଡଳକୁ ଅତ୍ୟନ୍ତ ଭୟଙ୍କର କରି ଦେଇଥିଲା ।

ଗାନ୍ଧାରୀ ଶୋକାପ୍ଲୁତ କଣ୍ଠରେ ପୁଣି ଥରେ ଚିତ୍କାର କରି ଉଠିଲେ... ' ମହାରାଜ, ଆପଣଙ୍କ ପାଇଁ ଅନ୍ଧପଟ୍ଟିକାର ଆବରଣ ତଳେ ଚକ୍ଷୁଥାଇ ସୁଦ୍ଧା ମୁଁ ଚିର ଜୀବନ ଅନ୍ଧ ରହି ଆସିଅଛି । ଆଜି ମୋ ପାଇଁ ସେ ଆବରଣ ଥରେ ଉନ୍ମୋଚନ କରନ୍ତୁ ମହାରାଜ ।'

ଗାନ୍ଧାରୀଙ୍କର ଅନୁରୋଧରେ ଧୃତରାଷ୍ଟ୍ରଙ୍କ ମୁଖମଣ୍ଡଳ ଏକ କୃଷ୍ଣ ମେଘ ଖଣ୍ଡରେ ଯେପରି ଆଚ୍ଛନ୍ନ ହୋଇପଡ଼ିଲା । ଗାନ୍ଧାରୀ ଜାଣନ୍ତି ନାହିଁ, ମାତ୍ର ଧୃତରାଷ୍ଟ୍ର ଜାଣନ୍ତି, ଅନ୍ଧପଟ୍ଟିକାବୃତ ଗାନ୍ଧାରୀଙ୍କର ଦୁଇ ଚକ୍ଷୁରେ ପୁଞ୍ଜିଭୂତ ହୋଇ ରହିଅଛି ବିଶ୍ୱର ଦାବାନଳ ! ସେ ଦୃଷ୍ଟି ଥରେ ଫିଟିଲେ ଧୃତରାଷ୍ଟ୍ର ସୁଦ୍ଧା ସେଥିରେ ଭସ୍ମ ହୋଇଯିବେ ।

ଗାନ୍ଧାରୀଙ୍କୁ ସାନ୍ତ୍ୱନା ଦେଇ ବିଦୁର କହିଲେ... 'ଶୋକ ସମ୍ଭରଣ କରନ୍ତୁ ମହାଦେବୀ ! କିଏ କହେ ଆପଣ ପୁତ୍ରହୀନା ? ଅଗ୍ରପାଣ୍ଡବ ଯୁଧିଷ୍ଠିରଙ୍କ ଅଭୟ ଛାୟାତଳେ, ଦୁର୍ଦ୍ଦକ୍ଷ ଏବେ ସୁଦ୍ଧା ଜୀବିତ । ପୁଣି ପଞ୍ଚପାଣ୍ଡବ ତ ଆପଣଙ୍କୁ ଜନନୀ ତୁଲ୍ୟ ଭକ୍ତି କରନ୍ତି ।'

ଗାନ୍ଧାରୀ ଉନ୍ମାଦିନୀ ପରି ଚିତ୍କାର କରି ଉଠିଲେ... 'ମୁଁ ଜାଣେ ମହାରାଜ, ଆଉ ଏ ଅନ୍ଧପଟ୍ଟିକା ଉନ୍ମୋଚିତ ହେବନାହିଁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ଗାନ୍ଧାରୀର ଜୀବନ କେବଳ ଅମାବାସ୍ୟାର ନିରନ୍ଧ୍ର, ନିଷ୍ପୁର ଅନ୍ଧକାର ।'

ଗାନ୍ଧାରୀ ଯେପରି ବାତ୍ୟାବାହିତ ଗୋଟିଏ ଶୁଷ୍କପତ୍ର ପରି ଧୃତରାଷ୍ଟ୍ରଙ୍କ ସମ୍ମୁଖକୁ ଉଡ଼ି ଆସିଥିଲେ, ସେହିପରି ସେଠାରୁ ପୁଣି ସ୍ଖଳିତ ପାଦରେ ଚାଲିଗଲେ ।

* * *

ରଥ ପ୍ରସ୍ତୁତ । ଯୁଧିଷ୍ଠିର ଏକାକୀ ରଥରେ ଉପବେଶନ କରିବାପାଇଁ ଉଦ୍ୟତ ହୋଇଥିଲେ; ଏହି ସମୟରେ ଶ୍ରୀକୃଷ୍ଣ ଦୁର୍ଦ୍ଦକ୍ଷ ସହିତ ହଠାତ୍ ବିପରୀତ ଦିଗରୁ ଆସି ତାଙ୍କୁ ପଚାରିଲେ, 'ହସ୍ତିନାର ସିଂହାସନର ଆସନ୍ନ ଅଭିଷେକର ଉତ୍ସବ ମଧ୍ୟରେ ଏକାକୀ କେଉଁଆଡ଼େ ବାହାରିଲେ ଧର୍ମରାଜ ?

ଯୁଧିଷ୍ଠିର କହିଲେ... 'ମାତା ଗାନ୍ଧାରୀ ମୋତେ ସ୍ମରଣ କରିଅଛନ୍ତି । ତାଙ୍କରି ଦର୍ଶନ

Digitized by srujanika@gmail.com

ପାଇଁ ବାହାରିଅଛି ।'

ଶ୍ରୀକୃଷ୍ଣ କହିଲେ - 'ବହୁକାଳ ଗାନ୍ଧାରୀଙ୍କ ସହିତ ମୋହର ମଧ୍ୟ ସାକ୍ଷାତ ହୋଇନାହିଁ । ତାହାହେଲେ ଚାଲନ୍ତୁ ଅଗ୍ରପାଣ୍ଡବ, ମୁଁ ଆପଣଙ୍କ ରଥ ଚଢାଇ ନେବି ।'

ଯୁଧିଷ୍ଠିର ଏ ପ୍ରକାର ଆକସ୍ମିକତାରେ ବିସ୍ମିତ ହୋଇ ପଚାରିଲେ, 'ଏ ପୁଣି କି ନୂତନ ମାୟା, ମାୟାଧର ?'

ଶ୍ରୀକୃଷ୍ଣ ସାରଥୀ ସ୍ଥାନରେ ବସି, ହସି ଯୁଧିଷ୍ଠିରଙ୍କୁ କହିଲେ - 'ମହାଭାରତର ଜୈତ୍ରଯାତ୍ରା ପଥରେ ଯେ ପାଣ୍ଡବଙ୍କ ଜୟରଥ ବାହିଥିଲା; ତା'ର ଦିଗ୍‌ଦର୍ଶନରେ କ'ଣ ଆପଣଙ୍କର ସନ୍ଦେହ ହେଉଛି କୌନ୍ତେୟ ?

ଯୁଧିଷ୍ଠିର ନୀରବ ରହିଲେ ।

ଶ୍ରୀକୃଷ୍ଣ ଚିରଦିନ ଏହିପରି ପ୍ରହେଳିକାମୟ !

* * *

କୁରୁକ୍ଷେତ୍ରର ମହାଶ୍ମଶାନ ମଧ୍ୟରେ, ପ୍ରତି ଶବସ୍ତୂପ ଚୁଲି ସଞ୍ଜୟଙ୍କ ସହିତ ଗାନ୍ଧାରୀ ଶତପୁତ୍ରଙ୍କ ଶବ ସନ୍ଧାନ କରୁଥିଲେ । ଶିବା, ଶକୁନ ଓ ଶ୍ୱାନଦଳକୁ ଠେଲି ଗାନ୍ଧାରୀଙ୍କ ହସ୍ତ ଧରି, ସଞ୍ଜୟ ତାହାକୁ ଆସନ୍ନ ସନ୍ଧ୍ୟାର ବିଷଣ୍ଣ ଗୋଧୂଳି ମଧ୍ୟରେ ପଥ କଢାଇ ନେଉଥିଲେ ।

ସଞ୍ଜୟ କହିଲେ... 'ମହାଦେବୀ ! ଭୂତଳଶାୟୀ ହୋଇ ମହାନିଦ୍ରାରେ ଅଚେତନ ହୋଇ ପଡ଼ିଛନ୍ତି, ଏହି ଦେଖନ୍ତୁ ପିତାମହ ଭୀଷ୍ମ । ମୁଖମଣ୍ଡଳରେ ତାଙ୍କର ଅନନ୍ତ ପ୍ରଶାନ୍ତି ।'

ଗାନ୍ଧାରୀ କହିଲେ... 'ଜାଣେ ସଞ୍ଜୟ; ସ୍ୱଇଚ୍ଛାରେ ସେ ପ୍ରାଣସମରଣ କରିଅଛନ୍ତି । ତା ନ ହେଲେ ତ୍ରିପୁରବିଜୟୀ ଭୀଷ୍ମଙ୍କ ସମ୍ମୁଖରେ ପାଣ୍ଡବମାନେ ତ ତୁଚ୍ଛାଦପି ତୁଚ୍ଛ ।'

ସଞ୍ଜୟ କହିଲେ, 'ଆଉ ରଥଚକ୍ରତଳେ ଏଠି ନିଷ୍ପେଷିତ ହୋଇ ପଡ଼ିଛନ୍ତି, ବାହୀକ - ବୀର ସୋମଦତ୍ତ,ମଉହସ୍ତୀର ଦତ୍ତାଘାତରେ ରକ୍ତାକ୍ତ ହୋଇ ପଡ଼ିଛନ୍ତି ଭୁରିଶ୍ରବା । ମହାଦେବୀ ! ଅର୍ଜୁନର ଶରାଘାତରେ ଏଇ ଉତ୍ତାନଶାୟୀ ହୋଇ ପଡ଼ିଛନ୍ତି ମହାବୀର କର୍ଣ୍ଣ । ବୈଦୂର୍ଯ୍ୟଖଚିତ ତାଙ୍କ କିରୀଟରେ ଅସ୍ତସୂର୍ଯ୍ୟଙ୍କର ଶେଷ କିରଣ ରେଖା, ପୁତ୍ରର ମସ୍ତକରେ ପିତାର ଆଶୀର୍ବାଦ ସ୍ନିଗ୍ଧ ସ୍ପର୍ଶ ପରି ତଥାପି ଲାଗିରହିଛି । ସେହି ଦ୍ୟୁତିରେ କର୍ଣ୍ଣଙ୍କ ମୁଖମଣ୍ଡଳ ଶତଦଳର ସଦ୍ୟତାରେ ତଥାପି ଉଦ୍‌ଭାସିତ ।'

ଗାନ୍ଧାରୀ ଶୋକାର୍ତ୍ତ କଣ୍ଠରେ କର୍ଣ୍ଣଙ୍କ ଶବକୁ ଆଲିଙ୍ଗନ କରି କହିଲେ... 'ଆସ ବାବୁ, ଜନନୀର ବାତ୍ସଲ୍ୟବଞ୍ଚିତ କୌନ୍ତେୟ, ଅଗ୍ର ପାଣ୍ଡବ । ଦୁର୍ଯ୍ୟୋଧନର ମାନରକ୍ଷା ପାଇଁ ଅପରାଜେୟ ବୀର ତୁମେ, ଆଜି ରଣଭୂମିରେ ଶୋଣିତପଙ୍କରେ ଲୋଟୁଅଛ, କିନ୍ତୁ ହେ ସର୍ବଦ୍ରଷ୍ଟା, ଦିବାକାର, ସର୍ବଶକ୍ତିମାନ, ସହସ୍ରଶୀର୍ଷା ହିରଣ୍ୟଗର୍ଭ ଅଂଶୁମାଳି; ଯେଉଁମାନେ କ୍ଷାତ୍ରଧର୍ମର ପ୍ରତିକୂଳାଚରଣ କରି ଅନ୍ୟାୟ ଯୁଦ୍ଧରେ କର୍ଣ୍ଣକୁ ହତ୍ୟା କରିଅଛନ୍ତି, ସେମାନଙ୍କ ପାଇଁ କ'ଣ କୌଣସି ଶାସ୍ତି ନାହିଁ ? ନାହିଁ ? ନାହିଁ ?'

Digitized by srujanika@gmail.com

ଆଉ କିଛି ଦୂର ଅଗ୍ରସର ହେବା ପରେ, ସଞ୍ଜୟ କହିଲେ... 'ଦେବୀ ! ଭୀମର ଗଦାଘାତରେ ଏଇ ଧରାଶାୟୀ ହୋଇଛନ୍ତି - ଭଗ୍ନଜାନୁ ଦୁଃଶାସନ ! ବିବସନା ଦ୍ରୌପଦୀର ଉଲଙ୍ଗ ଜାନୁ ପ୍ରତି ଅଶ୍ଳୀଳ କଟାକ୍ଷର ପ୍ରତିଶୋଧ ନେବାପାଇଁ ଏହାହିଁ ଥିଲା ଭୀମର ପ୍ରତିଜ୍ଞା । ନୀଳମେଘରେ ବିଦ୍ୟୁତ୍‌ର ଚମକ ପରି, ତାଙ୍କର ପ୍ରଶସ୍ତ ବକ୍ଷରେ ମଣିମୁକ୍ତାଖଚିତ ଗଳାହାର ତଥାପି ବିଚଳିତ ରହଅଛି ! ...ତାଲଜ୍ଞ ଦେବୀ, ମୃତ୍ୟୁର ଏହା ତ ଚିରନ୍ତନ ଲୀଳା, ସମସ୍ତେ କର୍ମଫଳର ଅଧୀନ ।'

ଗାନ୍ଧାରୀ ଉଚ୍ଛ୍ୱସିତ କ୍ରନ୍ଦନର ରୁଦ୍ଧ ଆବେଗରେ କହିଲେ... 'ମୋର ଅନ୍ଧପଟ୍ଟିକା ଥରେ ଉନ୍ମୋଚନ କରିଦିଅ ସଞ୍ଜୟ ! ଜୀବନରେ ଯାହାକୁ କେବେ ଦେଖିନାହିଁ, ମୃତ୍ୟୁର ଧୂଳିଶଯ୍ୟାରେ ତାକୁ ଥରେ ଦେଖି ଚିରକ୍ଷୁଧିତ ନୟନର ଜ୍ୱାଳା ପ୍ରଶମିତ କରେ ।'

ଗାନ୍ଧାରୀଙ୍କଠାରୁ ଅଳ୍ପ ଦୂରରେ ଶ୍ରୀକୃଷ୍ଣ ରଥର ଗତି ସ୍ତିମିତ କରିଦେଲେ । ଯୁଧିଷ୍ଠିର ଉଦ୍‌ବିଗ୍ନ କଣ୍ଠରେ ପଚାରିଲେ... 'ରଥର ଗତି କାହିଁକି ସ୍ତିମିତ କଲେ ନାରାୟଣ ?'

ଶ୍ରୀକୃଷ୍ଣ ସ୍ମିତ ହସି କହିଲେ... 'ଯେଉଁମାନେ ଶୋକାର୍ତ୍ତ, ବେଦନାର୍ତ୍ତ, ଦୁଃଖୀ, ସେମାନଙ୍କ ନିକଟକୁ କ୍ଷମତା ଓ ଦର୍ପର ଅଭିମାନରେ ରଥାରୂଢ଼ ହୋଇ ଯିବା ଶୋଭନୀୟ ନୁହେଁ, ସେଥିରେ ସେମାନଙ୍କର ଶୋକର ଗାମ୍ଭୀର୍ଯ୍ୟ ଓ ମର୍ଯ୍ୟାଦା ଲାଞ୍ଛିତ ହୁଏ । ଗାନ୍ଧାରୀ ପୁଣି ସହଜେ ତ ତୁମର ମାତୃତୁଲ୍ୟା ।'

ଯୁଧିଷ୍ଠିର ଅପରାଧୀ ପରି ରଥରୁ ଅବତରଣ କରି କହିଲେ.. 'ଆପଣ ଯଥାର୍ଥ କହିଅଛନ୍ତି ନାରାୟଣ; ଶୋକାର୍ତ୍ତ ଗାନ୍ଧାରୀଙ୍କ ନିକଟକୁ ପାଦରେ ଯିବାହିଁ ମୋ ପକ୍ଷରେ ସମୀଚୀନ ।'

ଦୁର୍ଯ୍ୟୋଧନ ଶବ ନିକଟରେ ବିହ୍ୱଳିତା ଗାନ୍ଧାରୀଙ୍କ ନିକଟକୁ ଯୁଧିଷ୍ଠିର ଅଗ୍ରସର ହେଉଥିଲେ, ଶ୍ରୀକୃଷ୍ଣ ତାହାଙ୍କର ଗୋଟିଏ ବାହୁ ଟାଣିଧରି କହିଲେ... ଗାନ୍ଧାରୀ ତୁମକୁ କାହିଁକି ସ୍ମରଣ କରିଅଛନ୍ତି, ଜାଣିଛ ଯୁଧିଷ୍ଠିର ?

ଯୁଧିଷ୍ଠିର କହିଲେ... 'ନା, ତାହା ଜାଣେନା ତ ।'

ଶ୍ରୀକୃଷ୍ଣ ସ୍ମିତ ହସି କହିଲେ... 'କୁରୁ ମହାଶ୍ମଶାନର ଶବସ୍ତୂପ ମଧ୍ୟରେ ଗାନ୍ଧାରୀ ନିଜ ପୁତ୍ରମାନଙ୍କୁ ଥରେ ଦେଖିବା ପାଇଁ, ତାଙ୍କର ଅନ୍ଧପଟ୍ଟିକା ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ତୁମକୁ ସ୍ମରଣ କରିଅଛନ୍ତି ।'

ଯୁଧିଷ୍ଠିର କହିଲେ... 'ଏ ବା କି କଷ୍ଟକାର୍ଯ୍ୟ ? ଏହି ମୁହୂର୍ତ୍ତରେ ମୁଁ ସେହି ଗ୍ରନ୍ଥି ଛିନ୍ନ କରିଦେବି ।'

ଶ୍ରୀକୃଷ୍ଣ ସ୍ମିତ ହସି କହିଲେ - 'କିନ୍ତୁ ଯୁଧିଷ୍ଠିର, ତମେ ବିସ୍ମୃତ ହେଉଛ କିପରି, ଶତପୁତ୍ରର ଜନନୀ ଗାନ୍ଧାରୀ ଆଜି ତୁମରି ହେତୁ ପୁତ୍ରହୀନା ! ଗାନ୍ଧାରୀଙ୍କ ଭାବନାରେ, ତୁଚ୍ଛ ସିଂହାସନ ପାଇଁ ତୁମର ସର୍ବଗ୍ରାସୀ ଲୋଭ ଓ ଈର୍ଷା, ଆଜି କୁରୁକୁଳକୁ ନିଷ୍ପ୍ରଦୀପ କରିଅଛି ?'

ଯୁଧିଷ୍ଠିର ଅସହାୟ କଣ୍ଠରେ କହିଲେ... ' ସେ ବୃତ୍ତାନ୍ତ ଗାନ୍ଧାରୀ ନ ଜାଣନ୍ତୁ ପଛେ,

Digitized by srujanika@gmail.com

ଆପଣତ ସବୁ ଜାଣନ୍ତି ଅନ୍ତର୍ଯ୍ୟାମୀ ।'

ଶ୍ରୀକୃଷ୍ଣ କହିଲେ... 'ଏବେ ତୁମେ ଗାନ୍ଧାରୀଙ୍କ ଅନ୍ଧପଟିକା ଉନ୍ମୋଚନ କରିବା ପରେ, ସେ ଯେତେବେଳେ ତୁମର ପାଦତଳେ ପ୍ରିୟ ପୁତ୍ର ଦୁଃଶାସନର ଭୂତଳଶାୟୀ ଶବ ଦେଖିବେ, ସେତେବେଳେ ଶାନ୍ତି ଓ ସାନ୍ତ୍ୱନା ପରିବର୍ତ୍ତେ, ତାଙ୍କ ପ୍ରାଣରେ ଶୋକବହ୍ନି ଶତଗୁଣରେ ପ୍ରଜ୍ୱଳିତ ହେବ ନାହିଁ କି ?'

ଯୁଧିଷ୍ଠିର କିଂକର୍ତ୍ତବ୍ୟବିମୂଢ଼ ପରି କହିଲେ, 'ତାହା ଯଥାର୍ଥ । କିନ୍ତୁ ଗାନ୍ଧାରୀ ଯେତେବେଳେ ଅନ୍ଧପଟିକାର ଆବରଣ ଉନ୍ମୋଚନ କରିବାପାଇଁ ମୋତେ ସ୍ମରଣ କରିଅଛନ୍ତି, ମୁଁ କ'ଣ କରିବି କୁହନ୍ତୁ ନାରାୟଣ ? ମୁଁ ନିରୂପାୟ ।'

ଶ୍ରୀକୃଷ୍ଣ କହିଲେ..'ଗାନ୍ଧାରୀଙ୍କ ଶତପୁତ୍ର ବିନଷ୍ଟ ହୋଇ ପାରିଥାନ୍ତି; ତଥାପି ଜୀବିତ ଅଛି ଦୁର୍ଦ୍ଦକ୍ଷ । କୁରୁବଂଶର ଶେଷ ପ୍ରଦୀପ ଦୁର୍ଦ୍ଦକ୍ଷକୁ ଦେଖି, ଗାନ୍ଧାରୀଙ୍କ ଶୋକାର୍ତ୍ତ ପ୍ରାଣ ଶାନ୍ତି ଲାଭ କରିବ ।'

ଯୁଧିଷ୍ଠିରଙ୍କ କଣ୍ଠସ୍ୱର ଶୁଣି ଉତ୍କଣ୍ଠିତା ଗାନ୍ଧାରୀ ପଚାରିଲେ... 'ସଞ୍ଜୟ, ଏ ତ ଯୁଧିଷ୍ଠିର କଣ୍ଠସ୍ୱର ପରି ମନେ ହେଉଅଛି ।'

ସଞ୍ଜୟ କହିଲେ... 'ଶ୍ରୀକୃଷ୍ଣଙ୍କ ସହିତ ଅଗ୍ରପାଣ୍ଡବ ଆପଣଙ୍କ ପଦବନ୍ଦନା ପାଇଁ ଆସୁଛନ୍ତି ।'

ଉଦ୍‌ବେଳିତା ଗାନ୍ଧାରୀ ଯୁଧିଷ୍ଠିରକୁ ଆଲିଙ୍ଗନ କରିବା ପାଇଁ, ଶୂନ୍ୟରେ ଦୁଇ କମ୍ପିତ ଶିରାଳ ବାହୁ ଡୋଳି କହିଲେ... 'ଆସ ଆସ ବାବୁ, ବିଗଳିତ କରୁଣାର ପ୍ରତିରୂପ, ଅଗ୍ରପାଣ୍ଡବ ଯୁଧିଷ୍ଠିର... ଆଜି ତୁମେ ଅଗ୍ରକୌରବ ମଧ୍ୟ । ମୁଁ ପାପିନୀ, ମୋର କୁରକର୍ମର ଫଳ ଭୋଗ କରିଅଛି । ଏବେ ମୋର ଦୁଷ୍ଚେଦ୍ୟ ଅନ୍ଧପଟିକାର ଗ୍ରନ୍ଥି ଥରେ ଉନ୍ମୋଚନ କରିଦିଅ ପୁତ୍ର; ଯେଉଁ ଶତପୁତ୍ରକୁ ଜନ୍ମଦେଇ ସୁଦ୍ଧା ସ୍ୱଚକ୍ଷୁରେ କେବେ ଦେଖିନାହିଁ, ଏବେ ସେମାନଙ୍କୁ ପ୍ରଥମ ଓ ଶେଷଥର ପାଇଁ ଦେଖି ମୋର ନୟନର ଜ୍ୱାଳା ପ୍ରଶମିତ କରେ ।

ଗାନ୍ଧାରୀଙ୍କ ବ୍ୟାକୁଳ ନିବେଦନରେ, ଯୁଧିଷ୍ଠିର ଅନ୍ଧପଟିକାର ଗ୍ରନ୍ଥି ଛେଦନ କରିବା ପାଇଁ ଅଗ୍ରସର ହେଉଥିଲେ, ଶ୍ରୀକୃଷ୍ଣ ହଠାତ୍ ତାହାଙ୍କର ଗୋଟିଏ ବାହୁ ଧରି ପକାଇ ଅସ୍ଫୁଟ କଣ୍ଠରେ ଦୁର୍ଦ୍ଦକ୍ଷକୁ କହିଲେ, 'ଦୁର୍ଦ୍ଦକ୍ଷ, ଜନନୀ ଗାନ୍ଧାରୀଙ୍କ ଅନ୍ଧପଟିକା ଉନ୍ମୋଚିତ କର । ପୁତ୍ରହୀନା, ଶତପୁତ୍ରର ଜନନୀ ଗାନ୍ଧାରୀ, ତୁମକୁ ସଶରୀରେ ଜୀବିତ ଦେଖିଲେ ପୁତ୍ରଶୋକ ବିସ୍ମୃତା ହେବେ ।'

ଶ୍ରୀକୃଷ୍ଣଙ୍କ ଦୁଇ ରଙ୍ଗାଧରରେ ରହସ୍ୟ ବିଜଡ଼ିତ ହସ ।

ଯୁଧିଷ୍ଠିର କହିଲେ, 'ତାହାହିଁ କର ଦୁର୍ଦ୍ଦକ୍ଷ ।'

ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ତାଙ୍କର ଚିର ଅନୁଗତ ଦୁର୍ଦ୍ଦକ୍ଷ ମୁହୂର୍ତ୍ତକ ମଧ୍ୟରେ ଗାନ୍ଧାରୀଙ୍କର ଅନ୍ଧପଟିକାର ଗ୍ରନ୍ଥି ଛିନ୍ନ କରିଦେଲା ।

ଗ୍ରନ୍ଥି ଉନ୍ମୋଚିତ ହେବା ମାତ୍ରେ, ଅନ୍ଧପଟିକାର କୃଷ୍ଣ ଆବରଣ ତଳୁ ଅଗ୍ନ୍ୟୁଦ୍‌ଗାରର

Digitized by srujanika@gmail.com

ସର୍ବନାଶୀ ଶିଖା ଯେପରି ଉଲ୍ଲମ୍ଫ କରି ଉଠିଲା । ସେହି କରାଳ ଦୃଷ୍ଟିର ପୁଞ୍ଜୀଭୂତ ତେଜରେ, ଦୁର୍ଦ୍ଦକ୍ଷ ଦୁଃଶାସନଙ୍କ ବୁରୁଣ୍ଡିତ ଶବ ଉପରେ ମୁହୂର୍ତ୍ତକ ମଧ୍ୟରେ ଭସ୍ମରାଶି ପରି ଝରି ପଡ଼ିଲା ।

ଯୁଧିଷ୍ଠିର ଆର୍ତ୍ତନାଦ କରି ଉଠିଲେ... ' ଏ ପୁଣି କି ଚକ୍ର ଚାଳନା କଲେ ଚକ୍ରୀ ? ଦୁର୍ଦ୍ଦକ୍ଷ ଯେ ମୋର ଚିର ଅନୁଗତ ।'

ଶ୍ରୀକୃଷ୍ଣ ଅନୁଚ୍ଚ କଣ୍ଠରେ କହିଲେ... 'ନୀରବ ରହ ନିର୍ବୋଧ ! ଆଜି ଗାନ୍ଧାରୀର ନୟନାନଳରେ ଦଗ୍ଧ ହୋଇଥିଲେ, କାଲି ତୁମେ ହସ୍ତିନାର ସିଂହାସନରେ ଅଭିଷିକ୍ତ ହୋଇଥାନ୍ତ କିପରି ? ଏହା ରାଜନୀତି... ରାଜନୀତିର ଯଜ୍ଞକୁଣ୍ଡରେ ଏହିପରି ବହୁ ବିଶ୍ୱସ୍ତ ଓ ବଶମ୍ବଦ ଦୁର୍ଦ୍ଦକ୍ଷର ଆହୁତି, ଏକ ଦୈନନ୍ଦିନ ଘଟଣା । ସେଥିରେ ତୁମପରି ଧୀମାନ ବିଚଳିତ ହେବା ଉଚିତ ନୁହେଁ, ଯୁଧିଷ୍ଠିର ।'

ସଞ୍ଜୟ ବକ୍ତ୍ରାହତ ପରି ଶୋକାପ୍ଲୁତ କଣ୍ଠରେ କହିଲେ... 'ଏ କ'ଣ ମହାଦେବୀ ! କୁରୁକୁଳର ଏକମାତ୍ର କ୍ଷୀଣ ପ୍ରଦୀପଶିଖା ଦୁର୍ଦ୍ଦକ୍ଷକୁ ସୁଦ୍ଧା ସ୍ୱହସ୍ତରେ ନିର୍ବାପିତ କରିଦେଲେ ।'

ଶ୍ରୀକୃଷ୍ଣ ସମବେଦନାର ଅଭିନୟ କରି କହିଲେ... 'ଜନନୀ, କିଏ କହେ ଆପଣ ପୁତ୍ରହୀନ ? କୌରବ କିଏ, ପାଣ୍ଡବମାନେ ବା କିଏ ? ସେମାନଙ୍କୁ ଏବେ ପୁତ୍ର ରୂପେ ଗ୍ରହଣ କରନ୍ତୁ ।'

ଶ୍ରୀକୃଷ୍ଣଙ୍କ ଦୁଇ ରଙ୍ଗାଧରରେ ରହସ୍ୟ ବିଜଡ଼ିତ ହସ !

ଗାନ୍ଧାରୀ ପାଦତଳେ, ଦଗ୍ଧ ଆମ୍ରମୁକୁଳ ପରି ଝରିପଡ଼ିଥିବା, ଦୁର୍ଦ୍ଦକ୍ଷର ଭସ୍ମରାଶି ଆଡ଼େ ଚାହିଁ, ଉନ୍ମାଦିନୀ ପରି ଅଟ୍ଟହାସ କରି କହିଲେ... 'ବୁଝିଛି ଚକ୍ରୀ, ବୁଝିଛି ତୁମର ଚକ୍ରାନ୍ତ; କିନ୍ତୁ ସୁଦର୍ଶନ ଚକ୍ରର ଚକ୍ରାନ୍ତ ଓ ଶକ୍ତିରେ କେବଳ କୌଣସି ସିଂହାସନ ରହିନାହିଁ; କିମ୍ବା ରହି ପାରିବ ନାହିଁ । ପ୍ରତାରିତ ଓ ନିପୀଡ଼ିତ ଆତ୍ମାର ଅଭିଶାପରେ ସବୁ ଦଗ୍ଧ ହୋଇଯିବ, ସବୁ ଭସ୍ମ ହୋଇଯିବ । ତୁମର ମଧ୍ୟ ସେଥିରୁ ନିସ୍ତାର ନାହିଁ ଶ୍ରୀକୃଷ୍ଣ ! ସ୍ୱଜନଦ୍ରୋହ ମଧ୍ୟରେ ସୋମବଂଶ ପରି, ବିରାଟ ଯଦୁବଂଶ ମଧ୍ୟ ଦିନେ ନିଷ୍ପ୍ରଦୀପ ହୋଇଯିବ ! ତୁମର ପ୍ରିୟପୁତ୍ର ପ୍ରଦ୍ୟୁମ୍ନ ସୁଦ୍ଧା ସେଥିରୁ ରକ୍ଷା ପାଇବ ନାହିଁ !'

ଉଚ୍ଛ୍ୱସିତ କ୍ରନ୍ଦନର ରୁଦ୍ଧ ଆବେଗରେ ଗାନ୍ଧାରୀ ଦୁର୍ଦ୍ଦକ୍ଷର ଭସ୍ମରାଶି ଉପରେ ଲୋଟି ପଡ଼ିଲେ ।

ଶ୍ରୀକୃଷ୍ଣ ଦୁଇ ରଙ୍ଗାଧରରେ ଚିର ରହସ୍ୟବିଜଡ଼ିତ ସ୍ମିତ ହାସ୍ୟରେଖା, ଦ୍ୱିତୀୟାର କ୍ଷୀଣ ଶଶିଲେଖା ପରି ବିକ୍ଷୁବ୍ଧ ଅନ୍ଧକାର ମଧ୍ୟରେ ଧୀରେ ଧୀରେ ମଳିନ ହୋଇ ଆସୁଥିଲା ।

ଅସ୍ତାଚଳରେ ଇନ୍ଦ୍ରପ୍ରସ୍ଥର ଗିରିମାଳା ନେପଥ୍ୟରେ, ସର୍ବଦ୍ରଷ୍ଟା ଦିବାକର ମଧ୍ୟ ଅସ୍ତମିତ ହେଉଥିଲେ ।

ସାରଳା ମହାଭାରତର 'ନାରୀପର୍ବ'ରେ ବର୍ଣ୍ଣିତ ଗୋଟିଏ ଉପାଖ୍ୟାନ ଅବଲମ୍ବନରେ ଏହି ଗଳ୍ପଟି ଲିଖିତ ହୋଇଅଛି । ଏହା ସଂସ୍କୃତ-ମହାଭାରତରେ ନାହିଁ ଓ ସଂସ୍କୃତ ମହାଭାରତରୁ ସାରଳା ମହାଭାରତର ଏହା ଏକ ବିଷୟଗତ ବୈଷମ୍ୟ ।

Digitized by srujanika@gmail.com

ମଧୁମତ୍ତାର ରାତ୍ରି

ଚରୈବତି, ଚରୈବତି... ଚାଲ, ଚାଲ, ଆଗେଇ ଚାଲ । ଜୀବନ ହିଁ ଚାଲିବା ।

ଉପକ ଚାଲିଛି । ଗତ ତିରିଶ ବର୍ଷ ଧରି ଚାଲିଛି । ରାଜଗୃହରୁ ନାଲନ୍ଦା, ନାଲନ୍ଦାରୁ ଉରୁବିଲ୍ୱ, ଉରୁବିଲ୍ୱରୁ ପାଟଳୀପୁତ୍ର, ପାଟଳୀପୁତ୍ରରୁ ବୈଶାଳୀ, ବୈଶାଳୀରୁ ବିଦେହ, ବିଦେହରୁ ବୈଶାଳୀ, ବୈଶାଳୀରୁ କାଶୀ, କାଶୀରୁ ସକେତ, ସକେତରୁ ଯିବ ଚମ୍ପା... ତା ପରେ ? କିଏ ଜାଣେ ? ଅନନ୍ତ, ଅଫୁରନ୍ତ ଯାତ୍ରାପଥ; ସେ ଯାତ୍ରାର ଶେଷ ନାହିଁ । କାହିଁକି ବା ନେଲା ଏ ବିରାମହୀନ ଯାତ୍ରାର ଦୀକ୍ଷା ?

ବେତ୍ରବତୀର ସୁଗଭୀର ଜଳରେ ସୁନୀଳ ପ୍ରଶାନ୍ତି । ଦଳ ଦଳ ସାରସ ଦମ୍ପତି, ନୀଳ ଶୀତଳ ଜଳରେ ଅଳସ ଆନନ୍ଦରେ ଦେହମେଲି ଦେଇଛନ୍ତି । ଉପକ ବେତ୍ରବତୀର ଜଳରେ ସନ୍ତରଣ ଲୋଭ ସମ୍ବରଣ କରି ପାରିଲା ନାହିଁ ।

ବେତ୍ରବତୀର ଜଳଧାର ପରି, ମନୁଷ୍ୟର ଜୀବନ... ଏକ ଅନିଶ୍ଚିତ ଗହ୍ୱରରୁ ବାହାରି ଅନ୍ୟ ଏକ ଅନିଶ୍ଚିତ ପରିଣତି ଆଡ଼େ ଗତି କରି ଚାଲିଛି । ଏହି ନିଃସଙ୍ଗ ପଥ ଓ ବିରାମହୀନ ଯାତ୍ରା ହିଁ ଏକମାତ୍ର ସତ୍ୟ । ଆଉ ସବୁ ମିଥ୍ୟା । ସବୁ ଦୁଃଖ ।

ଅପରାହ୍ନର ଛାୟା ବେତ୍ରବତୀର ତଟଭୂମି ଉପରେ ଧୀରେ ଧୀରେ ବୁଲି ଆସିଲାଣି । ଦଳ ଦଳ ହୋଇ ବଧୂ ଓ ବାଳିକା ଲାଞ୍ଛାୟିତ କଟୀରେ ଜଳକୁମ୍ଭ ରଖି ବେତ୍ରବତୀରୁ ଜଳ ଆହରଣ ପାଇଁ ଆସୁଛନ୍ତି । କୌତୁକିନୀମାନଙ୍କର କୌତୁକ ଓ ପରିହାସ ପ୍ରମୋଦରେ ନିର୍ଜ୍ଜନ ରୁକ୍ଷ ତଟଦେଶ ପ୍ରାଣବନ୍ତ ହୋଇ ଉଠିଲା ।

* * *

ନାରୀର ଦେହ, ଚିରକାଳ ଉପକକୁ ଆକୃଷ୍ଟ କରିଛି... ଦୁର୍ବାର ଆକର୍ଷଣରେ । ସେ ଥର ବିଦେହରେ...

ଚାର୍ତୁମାସ୍ୟ ପାଇଁ, ଜଣେ ଶ୍ରେଷ୍ଠୀ, ସାଧୁସମ୍ମତ, ତୀର୍ଥକର ଚିରପଦ୍ଧତ୍ତିତ ବେଲଥୀପୁର ଓ ତାଙ୍କର ଶିଷ୍ୟମାନଙ୍କୁ ବିଦେହର ଉପକଣ୍ଠରେ ଏକ ସଂଘାରାମ ସମର୍ପଣ କରିଥିଲେ । ବେଲଥୀପୁର ସେଠାରେ ବହୁ ଶିଷ୍ୟଙ୍କ ସହିତ ରହି ଚାର୍ତୁମାସ୍ୟ ପାଳନ କରୁଥିଲେ ।

ଦିନେ ସିଂହ ସଂଘାରାମକୁ ଆସିଥିଲା ବଜ୍ଜୀକନ୍ୟା, ଗଣିକା ମଧୁମତ୍ତା ବେଲଥୀପୁରଙ୍କ ପାଇଁ ପୂଜାର୍ଘ୍ୟ ଘେନି । ସେତେବେଳେ ଉପକ, ସଂଘାରାମର ଉଦ୍ୟାନରେ ତୃଣଶଯ୍ୟା ଉପରେ ଶୋଇରହି ''ଶୁଦ୍ଧପାଣୟ'' ବ୍ରତ ପାଳନ କରୁଥିଲା । ଦୀର୍ଘ ଦୁଇମାସ ଏହିପରି ଦୁର୍ବାଶଯ୍ୟା ଉପରେ ପୂର୍ଣ୍ଣ ଉପବାସରେ ପଡ଼ିରହି ଆଜୀବକମାନଙ୍କୁ ସାଧନା କରିବାକୁ ପଡ଼େ ।

Digitized by srujanika@gmail.com

ମଧୁମତ୍ତା ପୂଜାର୍ଘ୍ୟ ଅର୍ପଣ କରି ଫେରିଲାବେଳେ ତୃଣଶଯ୍ୟା ଉପରେ ଶାୟିତ, ଉଲଙ୍ଗପ୍ରାୟ ତରୁଣ ଉପକକୁ ଦେଖି ସଙ୍କୋଚରେ ଦଣ୍ଡକ ପାଇଁ ତଳକୁ ମୁଣ୍ଡ ନୁଆଇଁ ରହିଗଲା । ଉପକ ପାଖରେ ଦୁର୍ବାଶଯ୍ୟା ଉପରେ ସଦ୍ୟସ୍ନାତା ମଧୁମତ୍ତାର ବିଶ୍ଳଥ କବରୀରୁ କେତୋଟି ଅଶୋକ କଳି ତଳେ ଝରି ପଡ଼ିଲା । ଉପକ ମୁଗ୍ଧ ଦୃଷ୍ଟିରେ ମଧୁମତ୍ତା ଆଡ଼େ ଚାହିଁ ପଚାରିଲା... ''ତୁମକୁ କେଉଁ ନାମରେ ସମ୍ବୋଧନ କରିବି ଭଦ୍ରେ ?''

ମଧୁମତ୍ତା କହିଲା... ''ବଜ୍ରୀକନ୍ୟା ମଧୁମତ୍ତା ।''

ଉପକ କ୍ଷୁଧିତ କଣ୍ଠରେ ପଚାରିଲା... ''ଅବୁସଙ୍କ ପାଇଁ କି ପୂଜାର୍ଘ୍ୟ ଆଣିଥିଲ ମଧୁମତ୍ତା?''

ମଧୁମତ୍ତା କହିଲା... ''ପାୟସ ।''

ମଧୁମତ୍ତାର ବୀଣାନିନ୍ଦୀ କଣ୍ଠରେ ପାୟସର ଉଚ୍ଚାରଣ ଶୁଣି, ଉପକର ଜିହ୍ୱା ଲାଇସିକ୍ତ ହୋଇଗଲା ।

ଉପକ କହିଲା... ''ଭଦ୍ରେ, ମୁଁ ବଡ଼ କ୍ଷୁଧାର୍ତ୍ତ । ଗତ ଏକମାସରୁ ଊର୍ଦ୍ଧ୍ୱକାଳ ଧରି, ଏହି ଦୁର୍ବାଶଯ୍ୟା ଉପରେ ଉପବାସରେ ପଡ଼ି, ମୁଁ ଶୁଦ୍ଧପାଣୟ ବ୍ରତ ପାଳନ କରୁଅଛି ।''

ମଧୁମତ୍ତା ଚପଳ କଣ୍ଠରେ ହସି, ପଚାରିଲା... 'ଆଜୀବକର ପୁଣି କ୍ଷୁଧା କଣ ଶମଣ ? ଶୁଦ୍ଧପାୟଣ ବ୍ରତ କରି ଅନ୍ନ ଚିନ୍ତା କଲେ ନିର୍ବାଣ ହେବନାହିଁ ଯେ !''

ଉପକ କହିଲା, ''ନିର୍ବାଣ ପ୍ରାପ୍ତିର ପଥ ଯଦି ଅନ୍ନ ଭୋଜନରେ ରୁଦ୍ଧ ହୋଇଯିବ, ତା ହେଲେ ସେ ନିର୍ବାଣ ଅନ୍ନ କଣିକାଠାରୁ ସୁଦ୍ଧା ସୁଲଭ୍ୟ । ଅର୍ହତ ମଙ୍ଗଳୀ ଗୋଶାଳା ପରା କହିଥିଲେ ଆଜୀବନ ବ୍ରତଉପବାସ, ଗଙ୍ଗାସ୍ନାନ ଓ ସୁକର୍ମ କଲେ ପୁଣ୍ୟପ୍ରାପ୍ତି ହୁଏ ନାହିଁ କି ବ୍ରତ ଉପବାସ ନ କରି ଧର୍ମ ଆଚରଣ ନ କଲେ ପାପର କାଳିମା ସୁଦ୍ଧା ଲାଗେ ନାହିଁ ।

ମଧୁମତ୍ତା ସ୍ମିତ ହସି କହିଲା... ''କିନ୍ତୁ ଶୁଦ୍ଧପାଣୟ ବ୍ରତ ବେଳେ ଲୁଚାଇ ଖାଇବା ପାଇଁ ମଙ୍ଗଳୀ ଗୋଶାଳା ଯଦି କହିଥିବେ, ଅଜିତକେଶ କମ୍ବଳୀ ଶୁଦ୍ଧପାଣୟ ବେଳେ ଜଳ ସୁଦ୍ଧା ସର୍ଶ ନ କରିବା ପାଇଁ ନିଶ୍ଚୟ କେଉଁଠି ସୂତ୍ର ବାନ୍ଧିଥିବେ । ସଞ୍ଜୟ ବୈଇଥୀପୁତ୍ର କେତ୍ତାଣି ତାହାର ମୀମାଂସା ଜାଣିଥିବେ, ତାକୁ ପଚାରିବି ?''

ମଧୁମତ୍ତାର ଦୁଇ ବିମୋଷ୍ଠୀ କୁଟୀଳ ଭ୍ରୂକୁଟୀରେ କୁଞ୍ଚିତ ହୋଇଗଲା ।

ଉପକ ମଧୁମତ୍ତା ଆଡ଼େ ମୁଗ୍ଧ ଦୃଷ୍ଟିରେ ଚାହିଁ ଭାବୁଥିଲା, କଳାଭୃଙ୍ଗ ପରି ସେ ମଧୁମତ୍ତାର ବଦନକମଳ ଉପରକୁ ଉଡ଼ିଯାଇ ପାରନ୍ତା କି !

ମଧୁମତ୍ତା ପଚାରିଲା... '' କି କହିଲ ନାହିଁ ଯେ ! ମୋ ଆଡ଼େ ଚାହିଁ କଣ ଏତେ ଦେଖୁଛ ?'' ମଧୁମତ୍ତାର ସ୍ମିତହାସ୍ୟ ଉପକର ମର୍ମଦେଶରେ ମୃଗୟାର ଶର ପରି ବିନ୍ଧିଗଲା ।

ମଧୁମତ୍ତା ଚାଲି ଯାଉଥିଲା, ପଛରୁ ଉପକ ଡାକିଲା... ''ଭଦ୍ରେ !''

ମଧୁମତ୍ତା ପଛକୁ ଫେରି ଚାହିଁ ଉଷ୍ମାଚ୍ଛଳିତ କଣ୍ଠରେ ପଚାରିଲା - ''ପୁଣି କଣ କହୁଛ

Digitized by srujanika@gmail.com

ଶ୍ରମଣ ?''

ଉପକ କହିଲା...'' ଶ୍ରମଣକୁ ଭିକ୍ଷା ନ ଦେଇ ଚାଲିଯିବ ମଧୁମତ୍ତା ? ପୁଣ୍ୟ ସଞ୍ଚୟ ପାଇଁ କାମନା ନାହିଁ ତମର ?''

ମଧୁମତ୍ତା ସ୍ମିତହସି ପଚାରିଲା... ''କି ଭିକ୍ଷା ନେବ ଶ୍ରମଣ ?''

ଉପକ ଭୀରୁ କଣ୍ଠରେ କହିଲା... ''ତୁମର ପାଦତଳେ ମୋତେ ଦୁର୍ବା କରିବ ସୁନ୍ଦରୀ ?''

ମଧୁମତ୍ତା ଅକୁଣ୍ଠିତ ପରି କହିଲା...''ତୁମର ଏ ବିପରୀତ ରୀତି ମୋତେ ଜଣା ନ ଥିଲା ଶ୍ରମଣ ।''

ମଧୁମତ୍ତା ତା'ପରେ ନିତମ୍ବ ଦୋଳାଇ ପୁଣି ଥରେ ଉପକ ଆଡ଼େ ବକ୍ର ଦୃଷ୍ଟିରେ ଚାହିଁ; କୌତୁକରେ ଦନ୍ତପୀଡ଼ିତ ଜିହ୍ୱାଗ୍ର ଦେଖାଇ, ଲୀଳାୟିତ ପାଦରେ ଚାଲିଗଲା । ଉପକର ମନ ହେଉଥିଲା, ଶୁଦ୍ଧପାଣୟର ଏ ନିର୍ବୋଧ ଅଭିନୟ ଛାଡ଼ି, ଆଷାଢ଼ର ମେଘାକ୍ରାନ୍ତା ସନ୍ଧ୍ୟାର ଦେହରେ ବଳାକା ପରି, ନୀଳଦୁକୂଳାବୃତା ମଧୁମତ୍ତାର ଦେହ ଆଲିଙ୍ଗନ କରିବାପାଇଁ ।

ସେଦିନ ରାତି...

ସଂଘାରାମରେ ସମସ୍ତେ ପ୍ରାୟ ନିଦ୍ରାଚେତନ । ଉପକ, ଉଦ୍ୟାନର ଗୋଟିଏ ଆମ୍ରବୃକ୍ଷ କୋଟର ପାଖରେ ବସି, ହିଂସ୍ର ପଶୁପରି ବେଇଥୀପୁରଙ୍କ ଉଦ୍ଦେଶ୍ୟରେ ନିବେଦିତ ପାୟସ ଓ ମିଷ୍ଠାନ୍ନ ଗଳଧଃକରଣ କରୁଥିଲା । ସଂଘାରାମରେ ଅଧିକାଂଶ ଶ୍ରମଣ ଏଇଆ ହିଁ ନିତି କରିଥାନ୍ତି । ମୋକ୍ଷ ଓ ନିର୍ବାଣ ପାଇଁ ଉପବାସ ରହିବାର କୌଣସି ଅର୍ଥ ନାହିଁ । ଗୌତମ ଯେ ନିର୍ବାଣର ସନ୍ଧାନ ପାଇଛନ୍ତି ବୋଲି ଏତେ ପ୍ରଚାର କରି ବୁଲୁଛନ୍ତି, ସେ ସୁଦ୍ଧାତ ବୃଥା ଉପବାସ ରହି ରହି, ଶେଷକୁ ସରମା ହାତରୁ ପାୟସାନ୍ନ ଭୁଞ୍ଜିଥିଲେ । ଏବେ ବଡ଼ାଇ କରି ବୁଲୁଛନ୍ତି । ସେଇଥିପାଇଁ ତ ଉପକ ତାଙ୍କୁ ମୁହେଁ ମୁହେଁ ମୁଣ୍ଡ ଗୃହପରିକା (ଲଣ୍ଠିତ ମସ୍ତକ ଗୃହସ୍ଥ ବା ଛଦ୍ମବେଶୀ ଶ୍ରମଣ) ବୋଲି ସେଦିନ ଉରୁବିଲ୍ୱ ପଥରେ କହି ଦେଇଥିଲା । ସବୁ ଯଦି ମାୟା, ସବୁ ଯଦି ଅଳୀକ, ତା' ହେଲେ ନିର୍ବାଣ ଯେ ସତ୍ୟ ତାହାର ପ୍ରମାଣ କଣ ?

ଉପକର ଦେହର କ୍ଷୁଧା କଥଞ୍ଚିତ ଶାନ୍ତ ହେବାପରେ, ମଧୁମତ୍ତାକୁ କେନ୍ଦ୍ର କରି ମନର କ୍ଷୁଧା ପ୍ରବଳ ହୋଇ ଉଠିଲା । ଦନ୍ତପୀଡ଼ିତ ଜିହ୍ୱାଗ୍ର ଦେଖାଇ, ମଧୁମତ୍ତାର କୌତୁକ ପରିହାସ ଉପକକୁ ଅନବସ୍ଥିତ କରିଦେଲା ।

ନିଶାର୍ଦ୍ଧରେ ସୁପ୍ତ ଆକାଶରେ ଅଗଣିତ ତାରା - ଜୀବନରେ ବହୁ ଅତୃପ୍ତ କାମନା ପରି । ତାର ଜ୍ୱାଳାମୟ ଦୀପ୍ତି ଉପକକୁ ତିଳେ ତିଳେ ଦଗ୍ଧ କରିଦେଲା ।

* * *

ଚାତୁର୍ମାସ୍ୟ ଶେଷ ହେଲା । ମେଘମୁକ୍ତ ଆକାଶରେ ଶରତର ଖଣ୍ଡ ଖଣ୍ଡ ଲଘୁ ମେଘ ଭାସି ବୁଲିଲାଣି, ନିଃସମ୍ବଳ, ନିରୁଦ୍ଦିଷ୍ଟ, ଅନବସ୍ଥିତ ଶ୍ରମଣମାନଙ୍କ ପରି । ଏଥର ସଂଘାରାମ ଉଠିବ । ଶ୍ରମଣମାନେ ନିଜ ନିଜ ପଥ ଧରି ପୁଣି ପ୍ରବର୍ଜ୍ୟା ଆରମ୍ଭ କରିବେ । ଉପକ ମଧ୍ୟ ଚାଲିଯିବ ।

Digitized by srujanika@gmail.com

କିନ୍ତୁ ବିଦେହ ଛାଡ଼ିବା ପୂର୍ବରୁ ଥରେ ମଧୁମଲାର ସାହଚର୍ଯ୍ୟ ପାଇଁ ଉପକର ଚିତ୍ତ ଆକୁଳ ହୋଇ ଉଠିଲା ।

ଶରତର ଗୋଟିଏ ସ୍ନିଗ୍ଧ, କୋମଳ ଗୋଧୂଳି । ଉପକ ଭିକ୍ଷାଶେଷରେ ବିଦେହର ରାଜପଥରେ ସଂଘାରାମ ଆଡ଼େ ଫେରୁଥିଲା । ସେତେବେଳେ ମଧୁମଲା ନିଜ ଭବନଶିଖରରେ କିଙ୍କରୀମାନଙ୍କର ଗହଣରେ ପାଦଚାରଣା କରି ରାଜପଥରେ ବେଳେ ବେଳେ ରଥାରୁଢ଼ ହୋଇ ଯାଉଥିବା ଶ୍ରେଷ୍ଠୀ ଓ ରାଜକୁମାରମାନଙ୍କୁ ନାନା ଅଙ୍ଗଭଙ୍ଗୀ ଦ୍ୱାରା ପ୍ରଲୁବ୍ଧ କରୁଥିଲା । ଉପକକୁ ରାଜପଥରେ ଦେଖି ମଧୁମଲା କବରୀରୁ ଗୋଟିଏ ଦଳିତ ଚମ୍ପା କାଢ଼ି ଉପକର କମଣ୍ଡଳୁ ଭିତରକୁ ପିଙ୍ଗିଦେଲା ।

ଭବନଶିଖରରେ ଭୁବନବିମୋହିନୀ ମଧୁମଲାକୁ ଦେଖି, ଉପକର ସାରା ଦେହ,ଏକ ଉତ୍ତେଜନାରେ ଦୀପର ଶିଖାପରି ପ୍ରକମ୍ପିତ ହୋଇଗଲା । କିନ୍ତୁ ପରମୁହୂର୍ତ୍ତରେ ନିଜର ରୁକ୍ଷ ବେଶବାସ, ମଳିନ କୌପୀନ, ଛିନ୍ନ ଚୀବର ଓ ଅର୍ଦ୍ଧଦଗ୍ଧ ବିକଳ ହସ୍ତରେ ଶୂନ୍ୟ କମଣ୍ଡଳୁ ଦେଖି, ମନ ତାର ସଙ୍କୁଚିତ ହୋଇଗଲା । ବହୁ, ବହୁବର୍ଷ ତଳେ, ଆଜୀବକ ସଭାରେ ପ୍ରଥମ ଦୀକ୍ଷା ଗ୍ରହଣବେଳେ ରୂପ, ସ୍ପର୍ଶ ଓ ଅନୁଭୂତି ଜୟ କରିବା ପାଇଁ, ଆଜୀବକ ଦୀକ୍ଷା ଗ୍ରହଣ ବିଧି ଅନୁସାରେ, ସେ ତପ୍ତ ଲୌହଖଣ୍ଡ ଦୁଇ ହାତରେ ଅଞ୍ଜଳିବଦ୍ଧ କରି ଧରିଥିଲା । ସେହିଦିନୁ ଦୁଇ ହାତର ଅଙ୍ଗୁଳି ଗୁଡ଼ିକ ଦଗ୍ଧ ହୋଇ, କେବଳ ଅର୍ଦ୍ଧଦଗ୍ଧ, କୁଣ୍ଠିତ ଚର୍ମ ତଳେ ଅସ୍ଥିଖଣ୍ଡମାନ ଅବଶିଷ୍ଟ ରହିଅଛି ।

ଉପକ ଇତସ୍ତତଃ ହେଉଥିଲା, ଏତିକିବେଳେ ମଧୁମଲାର ପରିଚାରିକା କାମଦା ବାହାରକୁ ଆସି କହିଲା - ''ଅଭ୍ୟନ୍ତରକୁ ପଦାର୍ପଣ କରନ୍ତୁ ଶମଣ ! ସଖୀ ଅବୁସକୁ କାମନା କରିଅଛନ୍ତି ।''

କାମଦାର ପରିହାସ-ଚପଳ ଆମନ୍ତ୍ରଣ ଉପକକୁ ଆଉରି କାମଦଗ୍ଧ କରିଦେଲା । ଉପକ ପଚାରିଲା... ''ତୁମକୁ କେଉଁ ନାମରେ ସମ୍ବୋଧନ କରିବି ଭଦ୍ରେ ?''

କାମଦା ସ୍ନିତ ହସି କହିଲା... ''କାମଦା ।''

ଉପକ ଶୁଷ୍କ ଦୁଇ ଓଷ୍ଠଉପରେ କ୍ଷୁଧିତ ପଶୁପରି ଜିହ୍ୱାଗ୍ର ବୁଲାଇ ଅସ୍ପଷ୍ଟସ୍ୱରରେ ମନେ ମନେ ଉଚ୍ଚାରଣ କଲା - ''କାମଦା, କାମଦା ।''

ଅପ୍ରଶସ୍ତ ଅଳିନ୍ଦ ପଥରେ ଗଲାବେଳେ ଉପକର ମନ ହେଉଥିଲା ଥରେ କାମଦାକୁ ନିବିଡ଼ ବାହୁପାଶରେ ଆଲିଙ୍ଗନ କରିବାପାଇଁ । ମାତ୍ର ଅଳିନ୍ଦ ପ୍ରାନ୍ତରେ ସ୍ନିତହାସିନୀ ମଧୁମଲା, କେଳିମନ୍ଦିର ଦ୍ୱାରରେ ଉପକର ପଥ ଚାହିଁ ଠିଆ ହୋଇଥିଲା । କୁସୁମ, ଅଗୁରୁ ଓ ସୁବାସ ସହିତ ସିତଚନ୍ଦନଲେପିତ ନାରୀ ଦେହର ଲୋଭନୀୟ ଗନ୍ଧ, କ୍ଷୁଧିତ ଉପକର ଦୁଇ ଆଖିରେ ଏକ ଅନିର୍ବଚନୀୟ କନ୍ଦଲୋକ ସୃଷ୍ଟି କରିଦେଲା ।

ମଧୁମଲା କହିଲା - '' ଭିତରକୁ ଆସନ୍ତୁ ଶମଣ ।''

କୁସୁମ ବିଚିତ୍ରିତ, ଅଗୁରୁ ସୁବାସିତ, ଦୀପାଲୋକିତ, ବୀଣା ଓ ବିପଞ୍ଚୀନିନ୍ଦିତ

Digitized by srujanika@gmail.com

କେଳିମନ୍ଦିରରେ ମଧୁମତ୍ତା ଛିନ୍ନକମଳଦଳର ଶଯ୍ୟା ଉପରେ, ଦେହ ଢାଳିଦେଇ, କିଂକର୍ତ୍ତବ୍ୟବିମୂଢ଼ ଉପକ ଆଡ଼େ ଚାହିଁ ସ୍ମିତ ହସି କହିଲା... ''ଏଠାରେ ଉପବେଶନ କରନ୍ତୁ ଶମଣ ।''

ଉପକ ଚାହିଁ ଦେଖୁଥିଲା - ଶିରୀଷମାଲ୍ୟଭୂଷିତା, ନବମଣି ବିନିର୍ମିତ କାଞ୍ଚୀ, କେୟୂର, କଙ୍କଣ ଓ ଚୂପୁରଭୂଷିତା, ସୁଧାରସ ତରଙ୍ଗିତନୟନା, ମଦାବେଶବିହ୍ୱଳା ଏହି ରତିକାତ୍‌କ୍ଷିଣୀ ନାରୀ, ନାରୀ ନୁହେଁ; ବିଶ୍ୱର ପୁଞ୍ଜୀଭୂତ କାମନା ଯେପରି ଅଗଣିତ ଜୀନ, ତୀର୍ଥଙ୍କର ନିର୍ବାଣ ସାଧନାକୁ ଉପହାସ କରି, କମଳଦଳାବୃତ ଶଯ୍ୟାରେ, ଅଳସ ଅପରାହ୍ନ ପରି ଦେହ ଢାଳି ଶୋଇଛି ।

ମଧୁମତ୍ତା କାମଦାକୁ ଡାକି କହିଲା - ''ଆଲୋ କାମଦା, ଶମଣକୁ ଆସବ ନିବେଦନ କର ।''

କାମଦା ସ୍ଫଟିକର ଦୁଇଟି ପାନପତ୍ରରେ ଆସବ ଆଣି ଉପକ ଓ ମଧୁମତ୍ତାଙ୍କ ମଝିରେ ରଖିଦେଲା । ଉପକ କମ୍ପିତ ହସ୍ତରେ ଗୋଟିଏ ପାତ୍ର ଉଠାଇ ମୁହୂର୍ତ୍ତକ ମଧ୍ୟରେ ନିଃଶେଷ କରି ଦେଉଥିଲା; ମଧୁମତ୍ତା କହିଲା - ''ଭୟନାହିଁ ଶମଣ, ଏ ସଞ୍ଜୟ ବେଲଥୀପୁରଙ୍କ ସଂଘାରାମ ନୁହେଁ ବା ନିଶାର୍ଦ୍ଧରେ ଅପହୃତ ପାୟସାନ୍ନ ନୁହେଁ । ଧୀରେ ଧୀରେ ମୋ ଆଡ଼େ ଚାହିଁ ସ୍ମିତ ହସି ପାନ କରନ୍ତୁ ।'' ମଧୁମତ୍ତା ତାପରେ ନିଜେ ଗୋଟିଏ ପାତ୍ର ଦୁଇ ଓଠ ପାଖରେ ତୋଳି ଧରି ଧୀରେ ଧୀରେ ଆସବ ପାନ କଲା । ଏହା ପୂର୍ବରୁ ଉପକ, କେତେବାର ଅବଶ୍ୟ ଲୁଚାଇ ଲୁଚାଇ ଆସବ ପାନ କରିଛି । ଆସବ ପାନ କରିବା, ଆଜୀବକମାନଙ୍କ ପକ୍ଷରେ ଏକାନ୍ତ ନିଷିଦ୍ଧ ନୁହେଁ । ମାତ୍ର ଆଜି ମଧୁମତ୍ତାର ସ୍ଫୁରିତ ବିମ୍ବାଧର ଓ ନୀଳୋତ୍‌ପଳନିନ୍ଦୀ କୁରଙ୍ଗୀ-ନୟନ ଆଡ଼େ ଚାହିଁ ଆସବ ପାନ କଲାବେଳେ ଏକ ଅପୂର୍ବ ତୃପ୍ତିରେ ଉପକକୁ ଅବସନ୍ନ ପରି ଲାଗିଲା ।

ନୀଳ ଚୀନାଂଶୁକର ଅବଗୁଣ୍ଠନତଳେ ମଧୁମତ୍ତାର ଏ କି ରୂପଶ୍ରୀ... ଜ୍ୟୋତ୍ସ୍ନାର୍ଦ୍ରିତ ଆକାଶ ତଳେ ଭୁବନବିମୋହିନୀ ରାତ୍ରି ପରି ।

ମଧୁମତ୍ତା ପଚାରିଲା - ''ଏ ଜନ୍ମ ପରେ ଆଉ ଜନ୍ମ ଅଛି ଶମଣ ?''

ଉପକ କହିଲା - ''ଏଠି ଜନ୍ମ ପୁନର୍ଜ୍ଜନ୍ମର ବିଚାର କାହିଁକି ମଧୁମତ୍ତା ?''

ମଧୁମତ୍ତା ଗୋଟିଏ କମଳ କଳିକା କଞ୍ଚୁକ-ପୀଡ଼ିତ ଦୁଇ ବକ୍ଷୋଜ ଉପରେ ଧୀରେ ଧୀରେ ନଚାଇ ପଚାରିଲା - ''ତା' ହେଲେ ଏ ଜନ୍ମପରେ ଆଉ ପୁନର୍ଜ୍ଜନ୍ମ ନାହିଁ ଶମଣ ?''

ଉପକ କହିଲା - ''ମୁଁ ଜାଣେ ନା, କେହି ଜାଣେ ନାହିଁ । ପୁନର୍ଜ୍ଜନ୍ମ ଥିବା ମୁଁ ଜାଣେନାହିଁ । ନ ଥିବା ମଧ୍ୟ ଜାଣେ ନାହିଁ । ମୁଁ ଜାଣେ ଜନ୍ମ ମିଥ୍ୟା, ପୁନର୍ଜ୍ଜନ୍ମ କଳ୍ପନା, ସତ୍ୟ କେବଳ ଧାବମାନ ଏହି ମୁହୂର୍ତ୍ତ, ଆଉ ତୁମେ ! ତୁମଠାରେ ମୋର ଭିକ୍ଷା କଣ କାଳେ କାଳେ ଅତୃପ୍ତ ରହିଯିବ ମଧୁମତ୍ତା ?''

ମଧୁମତ୍ତା ସ୍ମିତ ହସି ଉପକକୁ ଆଉରି ପ୍ରଲୁବ୍ଧ କରି ପଚାରିଲା - ''ତୁମର କି ଭିକ୍ଷା ଶମଣ ?''

Digitized by srujanika@gmail.com

ଉପକ କହିଲା - ''ଥରେ ତୁଇ ହାତରେ ତୁମକୁ ଅନୁଭବ କରିବାକୁ ଦେବ ମୋତେ ସୁନ୍ଦରୀ !''

ମଧୁମତ୍ତା କହିଲା... ''ଶମଣ, ବିଦେହ ରାଜକୋଷର ଦୈନିକ ଆୟ, ମୋର ଏକ ରାତ୍ରିର ଆୟର ଅର୍ଦ୍ଧାଂଶରୁ ସୁଦ୍ଧା କମ୍ । ମୋର ପ୍ରଶ୍ନର ଉତ୍ତରରେ ହିଁ ତୁମକୁ ମୂଲ୍ୟ ଦେବା ପାଇଁ ପଡ଼ିବ ।''

ମଧୁମତ୍ତାର ଦୁଇ ଆଖି, ମୁହୂର୍ତ୍ତକ ପୂର୍ବର ସ୍ନିଗ୍ଧତା ହରାଇ କଠୋର ହୋଇଗଲା ।

ଉପକ ଆକୁଳକଣ୍ଠରେ ପଚାରିଲା - ''କିନ୍ତୁ ସେ ପ୍ରଶ୍ନରେ କି ପ୍ରୟୋଜନ ମଧୁମତ୍ତା ?''

ମଧୁମତ୍ତା କହିଲା - ''ତୁମେ ଜଣ ଭାବୁଚ, ଶମଣ ଅନ୍ୟର ପାଦତଳେ କେବଳ ଅସହାୟ ଭାବରେ, ନିବେଦିତ ହେବା ହିଁ କୁସୁମର ଭବିତବ୍ୟ ? ପୁନର୍ଜନ୍ମ କଳ୍ପନା ହୋଇପାରେ । ମାତ୍ର ପୁନର୍ଜନ୍ମରେହିଁ ମୋର ଶାନ୍ତି, ମୋର ପୂର୍ଣ୍ଣତା । ମୋତେ ଆଉ ଛଳନା ନ କରି କୁହ ଶମଣ, ପୁନର୍ଜନ୍ମ ଅଛି କି ନାହିଁ ?''

ଉପକ କିଂକର୍ତ୍ତବ୍ୟବିମୂଢ଼ ହୋଇ କହିଲା - ''ଥାଇପାରେ, ହୁଏତ ଅଛି ।''

ମଧୁମତ୍ତା କେତୋଟି ମୁହୂର୍ତ୍ତ ଉପକ ଆଡ଼େ ସ୍ଥିର, ଅବିଚଳିତ ଦୃଷ୍ଟିରେ ଚାହିଁ ରହିଲା । ଉପକ ଆକୁଳ ଆବେଗରେ ମଧୁମତ୍ତାକୁ ଆଲିଙ୍ଗନ କରିବାପାଇଁ ଦୁଇବାହୁ ପ୍ରସାରିତ କରିବା ମାତ୍ରେ, ମଧୁମତ୍ତା ଉପରୁ ଦୁଇ ଅର୍ଦ୍ଧଦଗ୍ଧ ହାତ ଦେଖି ଆର୍ତ୍ତଚିତ୍କାର କରି ଉଠିଲା । ଉପକ ନିଜର ଦୁଇ ଅର୍ଦ୍ଧଦଗ୍ଧ ହାତର ବୀଭତ୍ସତାରେ ନିଜେ ସୁଦ୍ଧା ଏକ ଅବ୍ୟକ୍ତ ଆତଙ୍କରେ ଆତଙ୍କିତ ହୋଇପଡ଼ିଲା । ମଧୁମତ୍ତା ନିଜର ଦୁଇ କୋମଳ ରକ୍ତିମ କରପଲ୍ଲବ ଦୁଇ ଆଖି ଉପରେ ଚାପିଧରି କାମଦାକୁ ଡାକି କହିଲା - ''ଆଲୋ କାମଦା, କାହିଁଗଲୁ କାମଦା ! ଶମଣଙ୍କୁ ଶୀଘ୍ର ବିଦାୟ କରିଦେ ଏଠୁ ।''

କାମଦା ମଧ୍ୟ ଉପକର ଦୁଇ ଅର୍ଦ୍ଧଦଗ୍ଧ ହାତ ଦେଖି ଭୟରେ ଆର୍ତ୍ତଚିତ୍କାର କଲା । ଉପକ ବେତ୍ରାହତ ଶିଶୁପରି ମଧୁମତ୍ତାର କେଳି ମନ୍ଦିର ଛାଡ଼ି, ରାଜପଥକୁ ପଳାଇ ଆସିଲା ।

* * *

ବେତ୍ରବତୀର ତଟଭୂମି ଆସନ୍ନ ସନ୍ଧ୍ୟାର ପ୍ରାୟଅନ୍ଧକାର ମଧ୍ୟରେ ଅସ୍ପଷ୍ଟ ଦିଶିଲାଣି । ଛାତ୍ରାର୍ଥିନୀମାନେ କେତେବେଳୁ ବିଦାୟ ନେଇ ସାରିଲେଣି । ବେତ୍ରବତୀର ତଟଭୂମି, ନିଃଶବ୍ଦ ଓ ନିର୍ଜ୍ଜନ । ସମାଧିସ୍ଥ ଶମଣ ପରି ଆକାଶ ଗଭୀର, ଗମ୍ଭୀର ଓ ଅବିଚଳିତ । ଉପକ ବେତ୍ରବତୀ ଅତିକ୍ରମ କରି ଅପରପାର୍ଶ୍ୱରେ ପହଞ୍ଚିଲାବେଳକୁ ଆକାଶରେ ଗୋଟିଏ, ଦିଓଟି ହୋଇ, ସନ୍ଧ୍ୟାର ତାରା ଫୁଟି ଉଠିଥିଲା ।

ଏଠୁ ଅଦୂରରେ ଏଇ ଦେଖାଯାଏ... ଚମ୍ପା ଜନପଦ । ଧୂସର ଦିଗ୍‌ବଳୟର ପୃଷ୍ଠଭୂମିରେ, ଚମ୍ପାର ଆଜୀବନ ସଂହତିର ସ୍ତୂପଚୂଡ଼ା ତଥାପି ଅସ୍ପଷ୍ଟ ଭାବରେ ଦେଖାଯାଉଅଛି । ଆଜି ରାତି ହୁଏତ ସେଇଠାରେ କଟିବ ।

Digitized by srujanika@gmail.com

...ଆଜି ତଥାପି ମନେପଡ଼େ ଯୌବନର ପ୍ରାରମ୍ଭରେ ବହୁଦିନ ତଳର ମଧୁମତ୍ତା କଥା । ମଧୁମତ୍ତା ଚାହୁଁଥିଲା ପୁନର୍ଜନ୍ମ, ହୁଏତ ବ୍ୟର୍ଥ ନାରୀତ୍ୱ ଓ ମାତୃତ୍ୱର ନୂତନ ସାର୍ଥକତା ପାଇଁ । ମଧୁମତ୍ତାର ସେହି ଆକୁଳ ଜିଜ୍ଞାସା, ଏବେ ସୁଦ୍ଧା ଉପକର ମନେ ପଡ଼େ... ''ଅନ୍ୟର ପାଦତଳେ କେବଳ ଅସହାୟ ଭାବରେ ନିବେଦିତ ହେବାହିଁ କଣ କୁସୁମର ଭବିତବ୍ୟ ?''

ଉପକ ମଧ୍ୟ ଚାହେଁ ପୁନର୍ଜନ୍ମ, ଜୀବନର ନୂତନ ଉପଲବ୍ଧି ପାଇଁ ।

ଦୁଇ

ବିଦେହରୁ ବିଦାୟ ନେବାର ଆଜିକୁ ପ୍ରାୟ ଏକ ଯୁଗ ବିତିଗଲାଣି । ମଧୁମତ୍ତାର କେଜି ମନ୍ଦିରରୁ ସେଦିନ ବେତ୍ରାହତ ଶିଶୁ ପରି ପଳାୟନ ପରେ, ବହୁ କଠୋର ବ୍ରତ ଉପବାସ ଓ ସାଧନାରେ ଉପକର ଦେହ ଶୀର୍ଣ୍ଣ ହୋଇଛି, ଯୌବନ ପ୍ରାୟ ନିଃଶେଷ ହୋଇଛି; ତଥାପି ବିଶୁଷ୍ଷ, ବିଦଳିତ ବକୁଳ ପରି ସେଥିରୁ କାମନାର ସୁରଭି ଲିଭିନାହିଁ । ଏବେ ସୁଦ୍ଧା ବେଳେବେଳେ, ମଧୁମତ୍ତାର ସ୍ମୃତି, ଉପକର ପ୍ରୌଢ଼ତ୍ୱ-ପାଣ୍ଡୁରିତ ହୃଦୟ ବନରେ ଅଦିନ ମଳୟ ପରି ଜାଗିଉଠେ । ମାତ୍ର ଉପକ ଅତି କଠୋର ଭାବରେ କାମନାର ସେ ଲେଲିହାନ ଶିଖା ଦମନ କରିଛି । ତାର ସାଧନା, ସଂଯମ ଓ ନିଷ୍ଠା ଆଜୀବନ ସମାଜରେ ଉପକକୁ ପୂଜନୀୟ ଓ ମହନୀୟ କରିଅଛି । ତଥାପି କେବେ କେବେ କେତେକ ଅସତର୍କ ମୁହୂର୍ତ୍ତରେ, ସଂଯମର ସମସ୍ତ ଶୃଙ୍ଖଳ ଭାଙ୍ଗି, ଶୀତକ୍ଲିଷ୍ଟ ପାଣ୍ଡୁର ଅରଣ୍ୟରେ, ମଧୁମତ୍ତା ରଭିମ ପଲାଶର ଆଗ୍ନେୟ ଉଚ୍ଛ୍ୱାସ ପରି ଜାଗିଉଠେ ମାତ୍ର ପର ମୁହୂର୍ତ୍ତ ଉପକ ନିଜର ଦୁଇ ଅର୍ଦ୍ଧଦଗ୍ଧ ହାତ ଆଡ଼େ ଚାହିଁ ପୁଣି ଅତି କଠୋର ଭାବରେ ସେ ମାନସିକ ଚଞ୍ଚଳତା ଦମନ କରେ ।

ମଧୁମତ୍ତା ଚାହିଁଥିଲା ପୁନର୍ଜନ୍ମ... ଉପକ ଚାହେଁ ପୁନର୍ଜନ୍ମ ।

କିନ୍ତୁ ପୁନର୍ଜନ୍ମ ନାହିଁ ।

ଦିନେ ପଞ୍ଚଭୂତ ପଞ୍ଚଭୂତରେ ଲୀନ ହୋଇଯାଏ ।

ପୁନର୍ଜନ୍ମ ନାହିଁ !

ଏଇ ଜୀବନ ହିଁ ଏକମାତ୍ର ସତ୍ୟ !

ତା'ହେଲେ ସଂଯମର ନାଗପାଶରେ ସେ ଜୀବନକୁ ତିଳେ ତିଳେ ଏପିର ଦଗ୍ଧ ଓ ନିଷ୍ପେଷିତ କରି ନିର୍ବାଣ ପାଇଁ ସାଧନାର ସାର୍ଥକତା କେଉଁଠି ?

ଚମ୍ପାର ଆଜୀବ୍ୟସଭାରେ ସେଦିନ ନିଗଣ୍ଠନାଥପୁରଙ୍କ ଜଣେ ଶିଷ୍ୟ କିଶା ସହିତ ବହୁ ଯୁକ୍ତିତର୍କ ହେଲା । ପଲାସପୁର ପଥରେ ଯାଉଁ ଯାଉଁ, କିଶା ଚମ୍ପାର ଆଜୀବ୍ୟ ସଂହତିରେ କିଛିଦିନ ବିଶ୍ରାମ ପାଇଁ ରହିଥିଲେ । ଉପକ ପହଞ୍ଚିଲା ବେଳକୁ ଆଜୀବ୍ୟ ସଭା ମଣ୍ଡପ ବହୁ ଶ୍ରମଣ ତଥା ଚମ୍ପାର ଅନ୍ୟ ସାଧାରଣ ନାଗରିକଙ୍କଦ୍ୱାରା ଜନାକୀର୍ଣ୍ଣ ହୋଇଥିଲା । ମଣ୍ଡପ ମଝିରେ କିଶା

Digitized by srujanika@gmail.com

ଯୋଗାସନରେ ବସି ଶ୍ରୋତୃମଣ୍ଡଳୀକୁ ଶ୍ରମଣଫଳପୁତ୍ର *ବୁଝାଉଥିଲେ । କିଶା କହୁଥିଲେ... ''ପୁନର୍ଜନ୍ମ ଅଛି କି ନାହିଁ ନିଗନ୍ଥ ଜାଣନ୍ତି ନାହିଁ । ଶ୍ରମଣର ସାଧନାରେ ସାର୍ଥକତା ଅଛି କି ନାହିଁ, ତା ମଧ୍ୟ ନିଗନ୍ଥ ଜାଣନ୍ତି ନାହିଁ ।''

ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ପଚାରିଲା - ''ପାପ ଆଉ ପୁଣ୍ୟ ମଧ୍ୟରେ ପାର୍ଥକ୍ୟ କଣ ? ଅଜିତ କେଶକମ୍ବଳୀ କହନ୍ତି, ତପ, ଯଜ୍ଞ, ଦାନ ଓ ଧର୍ମରେ ପୁଣ୍ୟନାହିଁ ବା ହତ୍ୟା ରକ୍ତପାତ ଓ ଲୁଣ୍ଠନରେ ପାପନାହିଁ ।''

କିଶା କହିଲେ - ''ନିଗନ୍ଥ ତାହା ମଧ୍ୟ ଜାଣନ୍ତି ନାହିଁ ।''

ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ବ୍ରାହ୍ମଣ ପରିହାସମିଶ୍ରିତ କଣ୍ଠରେ ପଚାରିଲେ ''ତା'ହେଲେ ନିଗନ୍ଥ କଣ ଜାଣନ୍ତି ?''

କିଶା କହିଲେ - ''ନାଥପୁତ୍ର କହନ୍ତି, କାମନାର ଗ୍ରନ୍ଥି ଛିନ୍ନ କର, ଚତୁଃଯମ*, ଦ୍ୱାରା ପରିବୃତ ହୋଇ ନିଗନ୍ଥ ମୋକ୍ଷଲାଭ କରେ ।''

ଶ୍ରୋତୃମଣ୍ଡଳୀ ମଧ୍ୟରେ, ମଣ୍ଡପ ତଳେ ଠିଆ ହୋଇ ଉପକ ପଚାରିଲେ - ''କେଉଁଟା ସତ୍ୟ କିଶା ? ଜୀବନ ନା ମୋକ୍ଷ ?''

କିଶା ଦରନୀମିଳିତ ଦୁଇ ଆଖି ମେଲାଇ ପ୍ରଶ୍ନକର୍ତ୍ତାଙ୍କ ଆଡ଼େ ଚାହିଁ ଦେଖିଲେ ମଣ୍ଡପ ତଳେ ଅଦୂରରେ ଠିଆ ହୋଇଛନ୍ତି ସୁବିଦିତ, ଶ୍ରମଣଶ୍ରେଷ୍ଠ, ବେଇଥୀପୁତ୍ରଙ୍କ ଶିଷ୍ୟ ଏକଦଣ୍ଡୀ ଉପକ ।

କିଶା ପରିହାସଜର୍ଜରିତ କଣ୍ଠରେ କହିଲେ... ''ହେ ଶ୍ରମଣଶ୍ରେଷ୍ଠ ଉପକ ! ବିଦେହର ରୂପଜୀବ୍ୟା ମଧୁମତ୍ତାର କେଳି ମନ୍ଦିରରେ ଏହାଙ୍କର ଦଣ୍ଡ, କମଣ୍ଡଳୁ ଓ ଚୀବର ଏବେସୁଦ୍ଧା ପଡ଼ିଛି ।''

ସମବେତ ଶ୍ରୋତୃମଣ୍ଡଳୀର ଅଟ୍ଟହାସରେ ଆଜୀବ୍ୟ-ସଭା ପ୍ରାଙ୍ଗଣ ମୁଖରିତ ହୋଇଉଠିଲା । ଉପକ ଏଥିରେ ବିଚଳିତ ନ ହୋଇ କହିଲେ... ''ଚତୁଃ-ଯମ-ସମ୍ବୃତ କିଶା ତାହେଲେ ବିଦେହର ରୂପଜୀବ୍ୟା ଗଣିକା ମଧୁମତ୍ତାର କେଳି ମନ୍ଦିର ସହିତ ଅପରିଚିତ ନୁହନ୍ତି ।''

ଉପକଙ୍କ ଏ ପ୍ରତ୍ୟୁତ୍ତିରେ ଶ୍ରୋତୃମଣ୍ଡଳୀଙ୍କର ଅଟ୍ଟହାସ ଦ୍ୱିଗୁଣିତ ହୋଇଗଲା । ସ୍ତ୍ରୋତ୍ର, ମୁଷ୍ଟିତ, ଅକେଳକ *କିଶା, ଉପକଙ୍କ ଏ ଉକ୍ତିରେ ଆହତ ହୋଇ ନୀରବରେ ତଳକୁ ଚାହିଁ ରହିଲେ ।

କିଶା କହିଲେ - ''ବହୁବର୍ଷ ତଳେ ଚାର୍ତୁମାସ୍ୟ ପାଇଁ ମୁଁ ବିଦେହର ଆଜୀବ୍ୟ ସଭାରେ ରହୁଥିଲି । ଥରେ ରୂପଜୀବ୍ୟା ମଧୁମତ୍ତା ଭିକ୍ଷା ଦେବାପାଇଁ ମୋତେ ଆମନ୍ତ୍ରଣ କରି, ପୁନର୍ଜନ୍ମ

* ଆଜୀବ୍ୟମାନଙ୍କର ଏକ ଧର୍ମସୂତ୍ର ।

* ଚତୁର୍ବିଧ ସଂଯମ

* ଉଲଗ୍ନ

Digitized by srujanika@gmail.com

ଅଛି କି ନାହିଁ ବୋଲି ପଚାରିଥିଲା । ସେତେବେଳେ ମଧୁମତ୍ତାର ଭବନରେ ପରିତ୍ୟକ୍ତ ଦଣ୍ଡ, କମଣ୍ଡଳୁ ଓ ଚାବର ଦେଖି, ତାହା କାହାର ବୋଲି ପଚାରିଥିଲି । ତାହା ସଞ୍ଜୟ ବେଲଥୀପୁରଙ୍କ ଶିଷ୍ୟଶିରୋମଣି ଉପକଙ୍କର ଦଣ୍ଡ, ଚାବର ଓ କମଣ୍ଡଳୁ ବୋଲି ସେତେବେଳେ ଶୁଣିଥିଲି ।''

ଆଜୀବକମାନଙ୍କ ପ୍ରତି ନାନା କଟୂକ୍ତି ଓ ପରିହାସ କୋଳାହଳ ମଧ୍ୟରେ ଶ୍ରୋତାମାନଙ୍କର ଘନ୍ଦ୍ର ଭାଙ୍ଗିଗଲା । ଆଜୀବ୍ୟ-ସଭାର ଶମଣମାନଙ୍କ ମଧ୍ୟରେ କେହି ଉପକଙ୍କ ପକ୍ଷ ଆଉ କେହି ବା କିଶାଙ୍କ ପକ୍ଷ ନେଇ, ନିଜ ନିଜ ମଧ୍ୟରେ କଳହ ଆରମ୍ଭ କରିଦେଲେ । କିଛି ସମୟ ପରେ ଆଜୀବ୍ୟ-ସଭା ନିର୍ଜ୍ଜନ ଓ ନିଃଶବ୍ଦ ହୋଇଗଲା । ଆଜୀବକମାନଙ୍କର ବିଧାନ ଅନୁସାରେ, ଦିନସାରା ରୌଦ୍ରଦୀପ୍ତ ଆକାଶ ତଳେ ସେମାନେ ବାହାରେ ଶୟନ କରନ୍ତି । ମାତ୍ର ରାତ୍ରି ହେଲେ ସେମାନଙ୍କୁ ନିଜ ନିଜ ରୁଦ୍ଧ ଅନ୍ଧକାର ପ୍ରକୋଷ୍ଠରେ ପାଷାଣଶଯ୍ୟା ଉପରେ ଶୟନ କରିବାପାଇଁ ପଡ଼େ । ଉପକ ଗୋଟିଏ ଶୂନ୍ୟ ପ୍ରକୋଷ୍ଠ ଦେଖି ତା ଭିତରକୁ ଚାଲିଗଲେ ।

ବାହାରେ ଜ୍ୟୋତ୍ସ୍ନାପ୍ଲାବିତା ରାତ୍ରି, ପ୍ରତିକ୍ଷମାଣା ବିଳାସିନୀ ପରି, ସୁପ୍ତିମୂର୍ଚ୍ଛିତ ଆକାଶରେ, ଚନ୍ଦ୍ରର ମୁକୁରକୁ ଚାହିଁ ଯେପରି ଶୃଙ୍ଗାର କରୁଥିଲା ।

ନିଶାର୍ଦ୍ଧ...

ଚମ୍ପାର ରାଜପଥରେ ପ୍ରହରୀ ରାତ୍ରିର ଦ୍ୱିତୀୟଯାମ ଘୋଷଣା କରିଗଲା । ମାତ୍ର ଉପକଙ୍କ ଆଖିରେ ନିଦ ନାହିଁ । ଉପକ ପ୍ରକୋଷ୍ଠର ପାଷାଣ ଚତ୍ୱର ଉପରେ ବସି, କେତୋଟି ମୁହୂର୍ତ୍ତ ବାହାରର ଜ୍ୟୋତ୍ସ୍ନାଲୋକିତ ପ୍ରାଙ୍ଗଣ ଆଡ଼େ ଚାହିଁଲେ । ତା'ପରେ ପ୍ରକୋଷ୍ଠର ଗୋଟିଏ କୋଣରୁ ନିଜ ଦଣ୍ଡ ଆଣି ହାତରେ ଧରି, ବାହାରକୁ ଚାଲି ଆସିଲେ ।

ଅଳ୍ପଦୂରରେ କିଶାଙ୍କର ପ୍ରକୋଷ୍ଠ ।

ଉପକ, କିଶାଙ୍କର ପ୍ରକୋଷ୍ଠ ପାଖରେ ଠିଆ ହୋଇ ଅନୁଚ୍ଚ କଣ୍ଠରେ କିଶାଙ୍କର ନାମ ଧରି ଡାକିଲେ । କିଛି ସମୟ ପରେ, କିଶା ନିଦ୍ରାତୁର କଣ୍ଠରେ ପଚାରିଲେ - ''କିଏ ?''

ଉପକ କହିଲେ - '' ମୁଁ, ଉପକ ।''

କିଶା ପଚାରିଲେ - ''ଉପକ ! ରାତ୍ରି ବର୍ତ୍ତମାନ କେଉଁ ପ୍ରହରରେ ? ତୁମେ ଏ ନିଶାର୍ଦ୍ଧରେ କଣ କରୁଛ ?''

ଉପକ କହିଲେ - ''ତୁମକୁ କେତେକ କଥା ପଚାରିବା ପାଇଁ ଆସିଛି କିଶା !''

କିଶା କହିଲେ - ''ଭିତରକୁ ଆସ ।''

ଉପକ କହିଲେ - ''ବାହାରେ ସୁନ୍ଦର ଜ୍ୟୋତ୍ସ୍ନାଲୋକିତ ରାତ୍ରି । ଏ ପାଷାଣ ଅନ୍ଧକୂପ ମଧ୍ୟରେ ନୁହେଁ, ଉଦ୍ୟାନକୁ ଆସ ।''

କିଶା ସମ୍ମୋହିତ ପରି ଉପକଙ୍କ ପଛେ ପଛେ ଆସିଲେ । ଉଦ୍ୟାନର ଏକ ନିଭୃତ ଅଶୋକ କୁଞ୍ଜତଳେ ଅକେଳକ, ଲଣ୍ଠିତ କିଶା ଓ ଜଟାଜୁଟବୃତ କୌପୀନ ପରିହିତ ଉପକ, ଆସି ବସିଲେ ।

ଅପୁଷ୍ପିତ ଅଶୋକ, ଯେପରି କେଉଁ ଶୋଭନାର ସାଜଭରକ, ସୁନୁପୁର ବାମ ଚରଣରୁ

Digitized by srujanika@gmail.com

ପଦାଘାତର ଅତୃପ୍ତ ହୋହଦ ଧରି ଠିଆ ହୋଇ ରହିଛି । ଉପକ କିପରି କଥା ଆରମ୍ଭ କରିବେ, ବୁଝି ନପାରି କିଂକର୍ତ୍ତବ୍ୟବିମୂଢ଼ ପରି ଅଶରୀରୀ ଜ୍ୟୋତ୍ସ୍ନା ଆଡ଼େ ଚାହିଁ ରହିଥିଲେ ।

କିଶା କହିଲେ - ''ମୋତେ କ୍ଷମା କରିବ ଉପକ, ମୁଁ ତୁମକୁ ଆଜି ଅଯଥା ଲାଞ୍ଛିତ କରିଅଛି ।''

ଉପକ ପଚାରିଲେ - ''ମଧୁମତ୍ତା ସହିତ ତୁମର ପରିଚୟର କାହାଣୀ କହିବ ମୋତେ କିଶା ?''

କିଶା କହିଲେ - '' ମଧୁମତ୍ତା ସହିତ ମୋର ପରିଚୟ ଏକ ଦୁର୍ଘଟଣା । ଆଜକୁ ବହୁ ବର୍ଷ ତଳେ...''

କିଶା ମୁହୂର୍ତ୍ତକ ପାଇଁ ରହିଗଲେ ।

ବହୁବର୍ଷ ତଳେ ।

ବିଦେହର ସେ ଦିନ ବସନ୍ତୋତ୍ସବ । ବିଦେହର ନାଟ୍ୟଶାଳାରୁ ସେ ଦିନ ମଧୁମତ୍ତା ଆସିଥିଲା ନୃତ୍ୟାମୋଦରେ ବସନ୍ତୋତ୍ସବ ସନ୍ଧ୍ୟାକୁ ଆମୋଦିତ କରିବା ପାଇଁ । କିଶା, ରାଜପଥରେ ଠିଆ ହୋଇ ବାତାୟନ ଦ୍ୱାରରେ ସେଦିନ ଦେଖିଥିଲେ, ମଦାବେଶ ବିହ୍ୱଳା ମଧୁମତ୍ତାର ନୃତ୍ୟ । କାଞ୍ଚୀପୀଡ଼ିତ ଗୁରୁନିତମ୍ବ ଉପରେ ନ୍ୟସ୍ତ, ବାମ ହସ୍ତସନ୍ଧିରେ ସ୍ତିମିତ କନକ ବଳୟ କୁଟିମୋପରି ଲୁଳିତ କୁସୁମ ଉପରେ ପାଦାଙ୍ଗୁଷ୍ଠିର ନମ୍ର ସଞ୍ଚାରଣ ବିହ୍ୱଳ ଦୁଇ ଦୀର୍ଘାକ୍ଷିରେ ଛନ୍ଦର ଆବେଶ, - କିଶାଙ୍କୁ ଆକୁଳ କରି ଦେଇଥିଲା; ସ୍ୱୀକାର ନକଲେ କିଶା ମିଥ୍ୟାଚାରୀ ହେବେ । ପୁଣି ନୃତ୍ୟ ଆରମ୍ଭ ହେବ । ମୁରଜର ମନ୍ଦ୍ରଧ୍ୱନିରେ ନାଟ୍ୟଶାଳା ପୁଣି ମୁଖରିତ ହୋଇ ଉଠିଲା । କିଶା, ବ୍ୟାଧର ଶରାଘାତରୁ ପ୍ରାଣରକ୍ଷା କରିବା ପାଇଁ ତ୍ରସ୍ତ ଶଶକ ପରି, ସେଠୁ ପଳାୟନ କଲେ । ମାତ୍ର ସେହିଦିନୁ ଚାରୁହାସିନୀ ମଧୁମତ୍ତାର ଚିନ୍ତା କିଶାଙ୍କୁ ଅଧୀର ଓ ଅନବସ୍ଥିତ କରିଦେଲା । ମଧୁମତ୍ତାକୁ ରୂପଜୀବ୍ୟା ନର୍ତ୍ତକୀର କାମନା କଳୁଷିତ ଜୀବନରୁ ମୁକ୍ତି ଦେଇ ନିର୍ବାଣର ଦୀକ୍ଷା ଦେବା ପାଇଁ କିଶା ମନେ ମନେ ବହୁ ଉପାୟ ଚିନ୍ତା କଲେ ।

କିଶା କହିଲେ, ''ସେଦିନ କୋଜାଗରୀ ପୂର୍ଣ୍ଣିମାର ସନ୍ଧ୍ୟା । ମଧୁମତ୍ତାର ଭବନ ସମ୍ମୁଖରେ, ରାଜପଥର ଏକ ପାର୍ଶ୍ୱରେ ଯାଉଁ ଯାଉଁ, ଆଉଥରେ ମଧୁମତ୍ତାକୁ ସେହି ଭଙ୍ଗୀରେ ଦେଖିବା ପାଇଁ ମନ ମୋର ଆକୁଳ ହୋଇ ଉଠୁଥିଲା, ନ କହିଲେ ମିଥ୍ୟାବାଦୀ ହେବି । ମରଣଶୀଳ ଦେହ ଏତେ ସୁନ୍ଦର, କାହିଁକି ଓ କିପରି ହୋଇପାରେ ଚିନ୍ତା କରି ଆସୁଥିଲାବେଳେ, ଭବନ ଦ୍ୱାରରେ ମଧୁମତ୍ତାକୁ ଦେଖି ମୁହୂର୍ତ୍ତକ ପାଇଁ ମୁଁ ରହିଗଲି ।''

ଉପକ ପଚାରିଲେ... ''ତା'ପରେ ?''

କିଶା କହିଲେ... ''ଭୁବନବିମୋହିନୀ ମଧୁମତ୍ତାର ସେହି ନୟନାଭିରାମ ଭଙ୍ଗୀ, କଙ୍କଣ ଓ ବଳୟ ଶୋଭିତ ବାମହସ୍ତ ସେହିପରି ଚାରୁ ନିତମ୍ବ ଉପରେ ନ୍ୟସ୍ତ ରହିଥିଲା । ଶ୍ୟାମା ଲତା ପରି ଦକ୍ଷିଣ ହସ୍ତ ତଳକୁ ଲମ୍ବି ଆସିଥିଲା । ମୁଁ ମନେ ମନେ ଭାବୁଥିଲି କିଏ ସୁନ୍ଦର ? ଶରଦିନ୍ଦୁକାନ୍ତି

Digitized by srujanika@gmail.com

ମଧୁମତ୍ତା ନା କୋଜାଗରୀ ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ? ମଧୁମତ୍ତା ମୋତେ ଆମନ୍ତ୍ରଣ କରି କହିଲା... 'ଭିତରେ ପଦାର୍ପଣ କରନ୍ତୁ ଶ୍ରମଣ ।''

ଉପକ ପଚାରିଲେ... ''ତା'ପରେ ?''

କିଶା କହିଲେ... ''ତା ପରର କାହାଣୀ ବହୁ ସଂଯମ ଓ ସାଧନା ମଧ୍ୟରେ ମୁଁ ବିସ୍ମୃତ ହେବା ପାଇଁ ଚାହିଁଛି, ମାତ୍ର ପାରି ନାହିଁ । ମଧୁମତ୍ତାର କେଳିମନ୍ଦିରକୁ ସେଦିନ ଆସିଥିଲେ ବିଦେହର ଶ୍ରେଷ୍ଠୀ, ନୀଳକେକୀ, ଏକସହସ୍ର ସ୍ୱର୍ଣ୍ଣମୁଦ୍ରାର ମୂଲ୍ୟ ଘେନି । ମାତ୍ର ଉପୋଷଧର* ଛଳନାକରି ମଧୁମତ୍ତା ତାଙ୍କୁ ପ୍ରତ୍ୟାଖ୍ୟାନ କରିଦେଲା । ନୀଳକେକୀ ବିଦାୟ ନେବାପରେ, ମଧୁମତ୍ତାର ଆମନ୍ତ୍ରଣରେ ମୁଁ ଆସିଲି କେଳିମନ୍ଦିର ଭିତରକୁ । ସେ ଦିନ ମଧୁମତ୍ତାର କି ସେ ବେଶ ରଚନା ! ବିରଳ ନୀଳାଂଶୁକ ତଳେ ମଧୁମତ୍ତାର ନଗ୍ନ ଦେହରେ କି ସେ ରୂପଶ୍ରୀ ! ଅଲାଭସିକ୍ତ ଦୁଇ ଅଧରରେ କି ସେ ତୃଷ୍ଣା । ମୁଁ ସଂଯମ ହରାଇ, ଆତ୍ମବିସ୍ମୃତ ହୋଇ ପଡ଼ିଥିଲି ଉପକ ।''

ଉପକ ପଚାରିଲେ... ''ତା ପରେ ?''

କିଶା କହିଲେ... ''ଦଳିତ କୁସୁମ ଶଯ୍ୟା ଉପରେ ମଧୁମତ୍ତା ଦେହନ୍ୟସ୍ତ କରି ଅଙ୍ଗାବରଣ ଈଷତ ଅନାବୃତ କରି, ସ୍ମିତ ହସି ମୋତେ କହିଲା - ''ଏହି ଶଯ୍ୟାରେ ଉପବେଶନ କରନ୍ତୁ ଶ୍ରମଣ ।''

ଉପକର ଆଖି ଆଗରେ ସେତେବେଳେ ଭାସି ଉଠୁଥିଲା ଗୋଟିଏ ଯୁଗତଳର ଏକ ସନ୍ଧ୍ୟାରେ ମଧୁମତ୍ତାର କେଳିମନ୍ଦିର ଅନ୍ୟ ଗୋଟିଏ ଦୃଶ୍ୟ ।

କିଶା କହିଲେ... ''ତା ପରେ ମଧୁମତ୍ତା କଟୀରୁ କାଞ୍ଚିଦୁକୂଳ ଧୀରେ ଧୀରେ ଶିଥିଳ କରି ପରିଚାରିକାମାନଙ୍କୁ ନାମ ଧରି ଡାକିଲା, ଆଲୋ କାମଦା, କାମନ୍ଦକୀ, ପରଭୃତିକା କିଏ ଅଛ ? କେହି ଶୁଣିଲେ ନାହିଁ । ତା'ପରେ - ''

ଉପକ ପଚାରିଲେ - ''ମଧୁମତ୍ତା ସ୍ୱ ହସ୍ତରେ ତୁମକୁ ଆଶବ ଅର୍ପଣ କରିଥିଲା କିଶା ?''

କିଶା କହିଲେ - '' ତୁମକୁ କହିଛି ତ ଉପକ, ସେ ଦିନର ସନ୍ଧ୍ୟା ମୋ ଜୀବନରେ ଏକ କଳଙ୍କ । ମଧୁମତ୍ତାର ଅର୍ପିତ ଆଶବ, ସେଦିନ ମୁଁ ଆକଣ୍ଠ ପାନ କରିଥିଲି, ମଧୁମତ୍ତାର ଲୋଭନୀୟ ରୂପଶ୍ରୀ ଓ ତାର ସ୍ଫୁରିତ ଜଂବାଧର ଆଡ଼େ ଚାହିଁ ଚାହିଁ ।''

ଉପକ ପଚାରିଲେ - ''ତା'ପରେ ?''

କିଶା କହିଲେ - ''ତା'ପରେ ମୁଁ ଆତ୍ମସ୍ଥ ହୋଇ କହିଲି, ଏ ସବୁ କ୍ଷଣସ୍ଥାୟୀ ଓ ମରଣଶୀଳ ମଧୁମତ୍ତା ।''

ମଧୁମତ୍ତା ତହୁଁ ମୋ ଆଡ଼େ ଚାହିଁ ଈଷତ୍ ହସି କହିଲା - ''କାମଦା, କାମନ୍ଦକୀ ପରଭୃତିକା କେହି ନାହାନ୍ତି । ମୋର ବକ୍ଷରେ ଚୋଳ ଦୁକୂଳର କଠୋର ବନ୍ଧନ, ବହୁ ପୀଡ଼ା ଦେଉଛି । ଟିକିଏ ଶିଥିଳ କରି ଦେଇ ପାରିବ ଶ୍ରମଣ ।''

* ଉପବାସ ବା ବ୍ରତ ।

Digitized by srujanika@gmail.com

ମୁଗ୍ଧ ପରି ମୁଁ ମଧୁମତ୍ତାର ବକ୍ଷରୁ ଚୋଳପାଶ ଶିଥିଳ କରୁକରୁ ଆତ୍ମବିସ୍ମୃତ ହୋଇ ପଡ଼ିଲି । ଚୋଳପାଶ ଶିଥିଳ କରୁ କରୁ, ଚୋଳର ବନ୍ଧନ ଖସି ତଳେ ପଡ଼ିଗଲା । ମଧୁମତ୍ତା ବିରଳ ଅବଗୁଣ୍ଠନରେ ଉଭିନ୍ନ କମଳ କୋରକ ପରି ବକ୍ଷୋଜକୁ ଆବୃତ କରିବାର ଉଦ୍ୟମରେ ତାହାକୁ ଆଉରି ଅନାବୃତ କରି ପଚାରିଲା... '' ନୀଳକେକୀ ଠାରୁ ବେଶି ମୂଲ୍ୟ ଦେଇ ପାରିବ ଶମଣ ?''

କିଂକର୍ତ୍ତବିମୂଢ଼ ପରି ମୁଁ କହିଲି... ''ଭିକ୍ଷାଜୀବୀ ଶମଣ, ସ୍ୱର୍ଣ୍ଣମୁଦ୍ରା କେଉଁଠୁ ପାଇବ ମଧୁମତ୍ତା ?''

ମଧୁମତ୍ତା ସ୍ମିତ ହସି କହିଲା... ''ସ୍ୱର୍ଣ୍ଣମୁଦ୍ରାରେ ମୋର ପ୍ରୟୋଜନ ନାହିଁ ଶମଣ । ବିଦେହ ରାଜକୋଷର ଦୈନିକ ଆୟ, ମୋର ଏକ ରାତ୍ରିର ଆୟର ଅର୍ଦ୍ଧାଂଶ । ମୁଁ ଚାହେଁ ଗୋଟିଏ ପ୍ରଶ୍ନର ଉତ୍ତର ।''

ମୁଁ ବିସ୍ମୟାବିଷ୍ଟ କଣ୍ଠରେ ପଚାରିଲି... ''କି ପ୍ରଶ୍ନ ମଧୁମତ୍ତା ?''

ଉପକ କହିଲେ... ''ପୁନର୍ଜନ୍ମ ଅଛି କି ନାହିଁ ?''

କିଶା କହିଲେ... ''ତମକୁ ହୁଏତ ଠିକ୍ ସେହି ପ୍ରଶ୍ନ ପଚାରିଥିଲା ମଧୁମତ୍ତା !''

ଉପକ ପଚାରିଲେ... ''କିନ୍ତୁ ତୁମେ କଣ ଉତ୍ତର ଦେଲ କିଶା ?''

କିଶା କହିଲେ... ''ମୁଁ କହିଲି ଜନ୍ମ ମିଥ୍ୟା, ପୁନର୍ଜନ୍ମ କଳ୍ପନା । ପୁନର୍ଜନ୍ମରେ ତମର କି ପ୍ରୟୋଜନ ମଧୁମତ୍ତା ?'' ମଧୁମତ୍ତା କହିଲା, ''ଅନ୍ୟର ପାଦତଳେ କେବଳ ନିବେଦିତ ହେବା ହିଁ କଣ କୁସୁମର ଭବିତବ୍ୟ ? ଏ ଜୀବନରେ ଯେତେକ ବ୍ୟର୍ଥସ୍ୱପ୍ନ କଣ ଅନ୍ୟ ଜୀବନରେ ସଫଳ ହେବ ନାହିଁ ?''

ମଧୁମତ୍ତାର ମଦବିହ୍ୱଳ ଦୁଇ ଆଖି, ବାଷ୍ପାକୁଳ ହୋଇ ଉଠିଲା ।

ମୁଁ ଅସହାୟ ପରି କହିଲି... ''ପୁନର୍ଜନ୍ମ ଅଛି । ପୁନର୍ଜନ୍ମ ନାହିଁ ।''

ମଧୁମତ୍ତା ଆକୁଳ କଣ୍ଠରେ ପଚାରିଲା... ''ତାହେଲେ ପୁନର୍ଜନ୍ମ ଅଛି ଶମଣ ?''

ମୁଁ କହିଲି - ''କିନ୍ତୁ ତୁମେ ସେହି ପୁନର୍ଜନ୍ମରେ ଅମଳିନ କମଳର ଏହି ରୂପଶ୍ରୀ ଧରି ପୁଣି ଜନ୍ମଲାଭ କରିବ ବୋଲି କି ସ୍ଥିରତା ଅଛି ମଧୁମତ୍ତା ?''

ମଧୁମତ୍ତା, ତା'ପରେ ଅନାବୃତ ଦେହର ସକଳ କୁଣ୍ଠା ପରିହାର କରି, ମୋତେ ନିବିଡ଼ ଆଲିଙ୍ଗନ ଭିତରେ ଚାପିଧରି, ସୁରାସିକ୍ତ ନିଃଶ୍ୱାସରେ ମୋର କଣ୍ଠରୋଧ କରି, ମୋତେ କହିଲା - ''ମୋତେ ପୁନର୍ଜନ୍ମ ଦିଅ ଶମଣ । ମୁଁ ଚାହେଁ ଏହି ମରଣଶୀଳ ଦେହର ରୂପଶ୍ରୀ ଧରି, ପୁଣି ଥରେ ନବଜନ୍ମ ପାଇବା ପାଇଁ ।''

କିଶା କହିଲେ - '' ତାପରେ ମୋତେ ଆଉ କିଛି ଜିଜ୍ଞାସା କରନାହିଁ ଉପକ । ସେହିଦିନୁ ମୁଁ ଆଉ ବିଦେହକୁ ଫେରିନାହିଁ । ସେ ଦିନର କଳଙ୍କର କାଳିମା ନିଭାଇବା ପାଇଁ କଠୋର ବ୍ରତ ଓ ତପ ଆଚରଣ କରୁଛି । କିନ୍ତୁ ତୁମେ କହି ପାରିବ ଉପକ, କେଉଁ କାମନାରେ ମଧୁମତ୍ତା ଚାହୁଁଥିଲା

Digitized by srujanika@gmail.com

ପୁନର୍ଜନ୍ମ ?''

ଉପକ ଧୀରେ ଧୀରେ ମଳିନ ପଡ଼ି ଆସୁଥିବା ଜ୍ୟୋସ୍ନାଲୋକ ଆଡ଼େ ଚାହିଁ କହିଲେ - ''କିଏ ଜାଣେ !''

କିଶା କହିଲେ - ''ଐଶ୍ୱର୍ଯ୍ୟ ଓ ପ୍ରବୃତ୍ତିର କାରାଗାର ମଧ୍ୟରେ ଆଜୀବନ ବନ୍ଦିନୀ ରହି ରହି, ମଧୁମତ୍ତା ହୁଏତ କାମନା କରୁଥିଲା ଏକ ନାମହୀନ ଜନପଦର ଅଖ୍ୟାତ , ଅଜ୍ଞାତ କୋଣରେ, କେଉଁ ଏକ ସାମାନ୍ୟ ଗୃହସ୍ଥଳୀର ପରିଚ୍ଛନ୍ନ, ଶୁଭ୍ର ଅଙ୍ଗନ ।''

ଉପକ ପଚାରିଲେ - ''ପୁନର୍ଜନ୍ମ ଅଛି କିଶା ? ମୁଁ ମଧ୍ୟ ଚାହେଁ ପୁନର୍ଜନ୍ମ !''

କିଶା କହିଲେ - ''କିନ୍ତୁ ତୁମେ କଣ ନିର୍ବାଣ ଅଭିଳାଷୀ ନୁହଁ ଉପକ ? ଶମଣର ପୁଣି ପୁନର୍ଜନ୍ମ ପାଇଁ ଆକାଙ୍କ୍ଷା !''

ଉପକ କହିଲେ - ''ତୁମେ ଭ୍ରାନ୍ତ କିଶା ! ଜୀବନ ଯଦି ମୋହଗ୍ରସ୍ତ ମାୟା, ନିର୍ବାଣ ବୁଦ୍ଧିଗ୍ରସ୍ତ ମନର ପରିକଳ୍ପନା ! ମୁଁ ମଧ ଚାହେଁ ପୁନର୍ଜନ୍ମ ! କିନ୍ତୁ... ପୁନର୍ଜନ୍ମ ନାହିଁ । ପୁନର୍ଜନ୍ମ ନାହିଁ । ଏଇ ଶିଶିରସିକ୍ତ ପ୍ରିୟଙ୍ଗୁବୀଥିକାର ପତ୍ରଶୀର୍ଷରେ, ଏ ଯେଉଁ ରାତ୍ରି ବିଦାୟ ନେଉଛି, ସେ ଆଉ ଫେରିବ ନାହିଁ । ତୁମେ ମିଥ୍ୟାବାଦୀ କିଶା ! ତୁମେ ଭଣ୍ଡ ! ତୁମେ ମିଥ୍ୟାଚାରୀ । ମୁଗ୍ଧା ମଧୁମତ୍ତାକୁ ତୁମେ ମିଥ୍ୟା କହିଛ !''

ଉପକ, ଝଡ଼ପରି ସେଠୁ ଉଠି ଚାଲିଗଲେ ।

ପଶ୍ଚିମ ଦିଗ୍‌ବଳୟରେ ଜ୍ୟୋସ୍ନାଲୋକ ଧୀରେ ଧୀରେ ନିଭି ଆସୁଥିଲା । ଲଜ୍ଜାବତୀ ଉଷାର ରାଗରଞ୍ଜିତ କପୋଳ ଉପରେ ଧୀରେ ଧୀରେ ପଡ଼ି ଆସୁଥିଲା, କୁଜଝଟିକାର ଅବଗୁଣ୍ଠନ । ଅଶୋକୁଞ୍ଜର ପତ୍ର ଗହଳିରେ ପ୍ରଭାତର ପକ୍ଷୀମାନଙ୍କର କଣ୍ଠରେ ଫୁଟି ଉଠିଥିଲା, ବୈତାଳିକର ଗାନ ।

କିଶା ମୂଢ଼ ପରି ଚାହିଁ ଦେଖୁଥିଲେ... ଉପକ କ୍ଷିପ୍ର ପରି ଦଣ୍ଡ, କମଣ୍ଡଳୁ ଉଦ୍ୟାନରେ ଫିଙ୍ଗିଦେଇ, ଚୀବରରେ ଦେହ ଆବରଣ କରି, ଆଜୀବ୍ୟସଂହତି ଛାଡ଼ି ବାହାରି ଯାଉଥିଲେ, ଚମ୍ପାର ରାଜପଥରେ ।

Digitized by srujanika@gmail.com

ମହାନିର୍ବାଣ

ଶତ ମକ୍ଷିକାର ଗୁଞ୍ଜରଣ ପରି, ଉପୋଷଥବ୍ରତଧାରୀ ଭିକ୍ଷୁମାନଙ୍କର ଧାରଣୀ-ଆବୃତ୍ତିର ଅନୁନାସିକ ସଙ୍ଗୀତରେ, ଗୃଧ୍ରକୂଟ-ବିହାର ଏକ ମଧୁଚକ୍ରର ଭ୍ରମ ସୃଷ୍ଟି କରିଥିଲା ।

''ଓଁ ନମଃ ସମସ୍ତ ବୁଦ୍ଧାନାଂ ଅପ୍ରତିହତ ଶାସନାମ୍'' ...ଧାରଣୀର ଅବଶିଷ୍ଟାଂଶ, ଆମ୍ରକୁଞ୍ଜର କେଉଁ ମଞ୍ଜରିତ ଶାଖାରେ ଗୋଟିଏ କୋକିଳର ଅଶାନ୍ତ କୁହୁରବ ମଧ୍ୟରେ, ନୀଳୋତ୍ପଳ ବିସ୍ମୃତ ହୋଇ ପଡ଼ିଥିଲେ ।

ଦୂତ... ମୂଢ଼, ନର୍ବୋଧ ପକ୍ଷୀ !

ଅଥଚ ତୁମର ଏହି ପ୍ରମତ୍ତ ରତିଭିକ୍ଷା, ବିଶ୍ୱର ଶ୍ରେଷ୍ଠସଙ୍ଗୀତ ରୂପେ ବିବେଚିତ... ସ୍ୱର ଓ ମୂର୍ଚ୍ଛନାର ଏକ ବିଚିତ୍ର ନିର୍ବାଣ-ଲୋକ ! ଏହି ତ ନିର୍ବାଣ... ଏକ ଅନିର୍ବଚନୀୟ, ଅତଳ ଶୂନ୍ୟତା, ଯାହା ମଧ୍ୟରେ ସବୁ ସତ୍ତା ଲୋପ ପାଇଥାଏ; ପୁଣି କେଉଁ ଶୂନ୍ୟତା ମଧ୍ୟରେ ସବୁ ପୂର୍ଣ୍ଣତା ଏକ ପ୍ରାଚୁର୍ଯ୍ୟରେ ଉଦ୍ଭାସିତ ହୋଇଉଠେ !

କୋକିଳର କୁହୁଧ୍ୱନି, ଛାୟାଘନ ଆମ୍ରକୁଞ୍ଜର ଗଭୀର ଅନ୍ତଃସ୍ଥଳ ମଥିତ କରି, ବିଦୀର୍ଣ୍ଣ କରି, କାମନାର ପ୍ରମତ୍ତ ଆଲୋଡ଼ନ ପରି, ବାରମ୍ବାର ପ୍ରତିଧ୍ୱନିତ ହୋଇ ଉଠୁଥିଲା !

ନୀଳୋତ୍ପଳ ଧାରଣୀ-ଆବୃତ୍ତି ଭୁଲି, ସେହି କୁହୁଧ୍ୱନି ଆତ୍ମବିସ୍ମୃତ ପରି ଶୁଣୁଥିଲେ ।

ଏକ ବିବସନା ନାରୀର, ସୁତୀକ୍ଷ୍ଣ, ଶାଣିତ ଅଙ୍ଗରେଖା ପରି, ଆମ୍ରକୁଞ୍ଜର ମଞ୍ଜରିତ ଶାଖାମାନ, ଗୃଧ୍ରକୂଟ ବିହାରର ବାତାୟନହୀନ ନିରୁଦ୍ଧ କକ୍ଷର ଦକ୍ଷିଣ ଦ୍ୱାର ବାହାରେ, ସ୍ୱର୍ଣ୍ଣାଭ ଆକାଶର ପୃଷ୍ଠଭୂମିରେ ଉତ୍କୀର୍ଣ ହୋଇଥିଲା ।

ଏକଲକ୍ଷ ଆଠବାର ଧାରଣୀ ଆବୃତ୍ତି କଲେ, ଗଣ୍ଡବ୍ୟୂହ ସୂତ୍ରପାଠର ସୁଫଳ ମିଳିଥାଏ... ଉପୋଷଥ ଦିବସର ବିଧି ।

ବସନ୍ତର ଏହି ସକାଳରେ ତେଣୁ, ମୁକୁଳିତ ଆମ୍ରଶାଖାରେ ବିବସନା ନାରୀର ମଞ୍ଜରିତ ଅଙ୍ଗରେଖା କଳ୍ପନା କରିବା ପାଇଁ ବେଳନାହିଁ, ବେଳନାହିଁ... ! ଦଳେ ମୋକ୍ଷକାମୀ ଭକ୍ତ ନୀଳୋତ୍ପଳଙ୍କ କକ୍ଷଆଡ଼େ ଆସୁଥିଲେ । ଉପୋଷଥ ଦିବସରେ, ଭିକ୍ଷୁକମାନଙ୍କ କଣ୍ଠରେ ଧାରଣୀର ଆବୃତ୍ତି ଶୁଣିଲେ ମଧ୍ୟ ମୋକ୍ଷର ପଥ ସୁଗମ ହୋଇଥାଏ । ସେଥିପାଇଁ ମୋକ୍ଷର ମୂଲ୍ୟରୂପେ, ଭିକ୍ଷୁମାନଙ୍କ ସମ୍ମୁଖରେ ସ୍ଥାପିତ ଜଳପୂର୍ଣ୍ଣ ପାତ୍ରମାନଙ୍କରେ କାର୍ଷାପଣମାନ ପକାଇ, କକ୍ଷମାନଙ୍କର ପ୍ରାଚୀର-ଗହ୍ୱରରେ ପ୍ରତିଷ୍ଠିତ ଅବଲୋକିତେଶ୍ୱର ଓ ପ୍ରଜ୍ଞାପାରମିତା, ଅମୋଘସିଦ୍ଧି ଓ ତାରା ଅଥବା ଅକ୍ଷୋବ୍ୟ ଓ ଲୋଚନା ପ୍ରଭୃତି ବୌଦ୍ଧ ଦେବଦେବୀଙ୍କର ଯୁଗନଦ୍ଧ ମୂର୍ତ୍ତିମାନଙ୍କଠାରେ ଗୋଟିଏ ଗୋଟିଏ ଦୀପ ଜଳାଇ, କକ୍ଷରୁ କକ୍ଷାନ୍ତର, ସମଗ୍ର

Digitized by srujanika@gmail.com

ବିହାର ପରିକ୍ରମା କରିବା, ମୋକ୍ଷକାମୀ ଭକ୍ତ ଓ ଯାତ୍ରୀମାନଙ୍କର ଉପୋଷଥ ଦିବସରେ ବିଧି ।

ନୀଳୋତ୍ପଳ, ସ୍ୱପ୍ନରୁ ଉଠିଲା ପରି ପୁଣି ଧାରଣୀ ଆବୃତ୍ତି କଲେ...

''ଓଁ ନମଃ ସମସ୍ତ ବୁଦ୍ଧାନାଂ ଅପ୍ରତିହତ ଶାସନାମ୍

ଉଉମୋଉମ ଆଗତେ ଭବ କ୍ରାଂ ଫଟ୍ ସ୍ୱାହା ।''

ନୀଳୋତ୍ପଳଙ୍କ କକ୍ଷରେ ଯାତ୍ରୀମାନେ ଦର୍ଶନବିଧି ସମାପ୍ତ କରି, ଘୃତଦୀପ ଜାଳି ଚାଲିଗଲେ । ପୋଡ଼ା ଘିଅ ଓ ସଳିତାର ତୀବ୍ର ଗନ୍ଧରେ କକ୍ଷର ବାତାବରଣ ହଠାତ୍ ଭାରି ହୋଇ ଉଠିଲା ।

କିନ୍ତୁ ଯାହାଙ୍କର ମଞ୍ଜିର ଧ୍ୱନି ଓ କଙ୍କଣନାଦ ଶୁଣିବା ପାଇଁ ନୀଳୋତ୍ପଳ ଉତ୍କର୍ଣ ହୋଇ ଅପେକ୍ଷା କରିଅଛନ୍ତି... କାହାନ୍ତି ସେ, ଶ୍ରେଷ୍ଠୀ ଶ୍ୱେତପର୍ଣର ବଧୂ ମଧୁବ୍ରତା ?

ଆଃ... ମଧୁବ୍ରତା ।

ବିନିଦ୍ର ରାତ୍ରିର ଅଗଣିତ ଜ୍ୱାଳାମୟ ମୁହୂର୍ତ୍ତରେ, ବେଦନାର ନିଷ୍ଠୁର ଦଂଶନ ପରି, ମଧୁବ୍ରତାର ସ୍ମରଣରେ ସୁଦ୍ଧା, ଏକ ସୁତୀବ୍ର ବେଦନା ନୀଳୋତ୍ପଳଙ୍କ ସମଗ୍ର ସତ୍ତାକୁ କୁଣ୍ଠିତ କରିଦେଲା ।

ଧାରଣୀର ଆବୃତ୍ତି ଭୁଲି ନୀଳୋତ୍ପଳ ଅନୁଚ୍ଚ କଣ୍ଠରେ ସ୍ୱଗତୋକ୍ତି କଲାପରି, କହି ଉଠିଲେ... ''ମଧୁବ୍ରତା, ମଧୁବ୍ରତା !''

ଗତବାର ମଧ୍ୟ ଉପୋଷଥ ଦିବସରେ, ମଧୁବ୍ରତା ବିହାରକୁ ଆସି ନଥିଲେ । ତାହାର କେତେଦିନ ପୂର୍ବେ, ଶ୍ୱେତପର୍ଣ ଶ୍ରେଷ୍ଠୀର ଗୃହକୁ ଭିକ୍ଷାନ୍ନ ଉଦ୍ଦେଶ୍ୟରେ ଯାଇଁ ମଧୁବ୍ରତା ସହିତ ଥରେ ମାତ୍ର ସାକ୍ଷାତ ହୋଇଥିଲା । ମଧୁବ୍ରତା ସ୍ୱହସ୍ତରେ ସେଦିନ ଭିକ୍ଷାନ୍ନ ପରିବେଷଣ କରିଥିଲେ । କିନ୍ତୁ କୌଣସି ଗୃହରୁ ଥରେ ଭିକ୍ଷାନ୍ନ ସଂଗ୍ରହ ପରେ, ଏକ ନିର୍ଦ୍ଦିଷ୍ଟ କାଳ ଅତିକ୍ରାନ୍ତ ନହେବା ପର୍ଯ୍ୟନ୍ତ ପୁଣି ସେଠାକୁ ଦ୍ୱିତୀୟବାର ଯିବା ଭିକ୍ଷୁ ପକ୍ଷରେ ନିଷିଦ୍ଧ ! ସେଥିପାଇଁ ଶ୍ୱେତପର୍ଣର ଅନ୍ତଃପୁରକୁ ଆଉଥରେ ଭିକ୍ଷାପାଇଁ ଯିବାର ଉପାୟ ନଥିଲା ।

ଆଃ... ମଧୁବ୍ରତା ! ମଧୁବ୍ରତା !

ଛାୟାଢଙ୍କା ନିଥର ସରସୀରେ ମୁଦ୍ରିତ କମଳ ପରି, ବେଦନାବିଧୁର ଦୁଇଟି ଆୟତ ଆଖି, ଦୁର୍ବାଦଳରେ ଶିଶିର ବିନ୍ଦୁ ପରି ସେଥିରେ ଏକ କରୁଣ ଉଜ୍ଜ୍ୱଳତା, ନୀଳୋତ୍ପଳଙ୍କର ମାନସଦୃଷ୍ଟିରେ ଭାସି ଉଠି ପୁଣି ମିଳାଇ ଗଲା !

''ଓଁ ନମଃ ସମସ୍ତ ବୁଦ୍ଧାନାଂ...''

ନାରୀ... ନାରୀ... ନାରୀ... କୋକିଳର ସେହି ଅଶାନ୍ତ, ପ୍ରମତ୍ତ ରତିଭିକ୍ଷା, ଧାରଣୀ ଆବୃତ୍ତିର ଗୁଞ୍ଜରଣକୁ ପୁଣି ନୀରବ କରାଇ ଦେଇଥିଲା ।

ଅର୍ହତ ଶାନ୍ତିଦେବଙ୍କୁ ପଚାରିବା ପାଇଁ ଇଚ୍ଛା ହୁଏ, କୋକିଳର ଏହି ପ୍ରମତ୍ତ ରତିଭିକ୍ଷା ଓ ଧାରଣୀର ଆବୃତ୍ତି... କେଉଁଟି ଚିରନ୍ତନ ? ସବୁ ଧାରଣୀ, ସବୁ ଯୁକ୍ତି, ସବୁ ତ୍ରିପିଟକ ମୁଖସ୍ଥ,

Digitized by srujanika@gmail.com

ନୀରବ ହେବା ପରେ ସୁଦ୍ଧା, ନିର୍ବାଣହୀନ ଏହି ନିର୍ବୋଧ ପକ୍ଷୀଟିର ପ୍ରମତ୍ତ ରତିଭିକ୍ଷା ତଥାପି ମୃତ୍ୟୁହୀନ ହୋଇ ରହିଥିବ !

ତାହାହେଲେ ଆନନ୍ଦ ଓ ସୌନ୍ଦର୍ଯ୍ୟ ପରିହାର କରି, ଆତ୍ମନିଗ୍ରହ ଓ ତିତିକ୍ଷା ମଧ୍ୟରେ ନିର୍ବାଣର ଏ ସାଧନା କାହିଁକି ? କାହିଁକି ?

ନୀଳୋତ୍ପଳଙ୍କ କକ୍ଷର ପ୍ରାଚୀର-ଗହ୍ୱରରେ ରତ୍ନପ୍ରସ୍ତର ନିର୍ମିତ ଗୋଟିଏ ଯୁଗନଦ୍ଧ, ଅବଲୋକିତେଶ୍ୱର ଓ ପ୍ରଜ୍ଞାପାରମିତା ମୂର୍ତ୍ତି ସ୍ଥାପିତ ଥିଲା । କେହି ଭକ୍ତ ଯାତ୍ରୀ ମୂର୍ତ୍ତିର ପାଦତଳେ, ଅଶୋକମଞ୍ଜରୀର ଗୋଟିଏ ସ୍ଫୁରିତ ସ୍ତବକ ନିବେଦନ କରି ଯାଇଥିଲେ । ପ୍ରଜ୍ଞାପାରମିତାଙ୍କ ସୁତୀକ୍ଷ୍ଣସ୍ତନାଗ୍ର, ଅବଲୋକିତେଶ୍ୱରଙ୍କ ସୁକଠିନ ବକ୍ଷକୁ ସୁଦ୍ଧା ଯେପରି ପୀଡ଼ନ କରୁଥିଲା । ଅବଲୋକିତେଶ୍ୱରଙ୍କ ମୁଖମଣ୍ଡଳରେ *ମୁଦ୍ରିତ ଓ ଉପେକ୍ଷାର ୫ ସ୍ନିଗ୍ଧତା... ପ୍ରଜ୍ଞାଙ୍କ ମୁଖମଣ୍ଡଳ ରତିତୃପ୍ତିରେ କୋମଳ ।

*

ସେଦିନ ପତିମୋକ୍ଷ ଦିବସ ।

ରାତ୍ରି ନିସ୍ତବ୍ଧ ହୋଇଥିଲା । ବିହାରର ଅନ୍ତେବାସୀମାନେ ଉପୋଷଥ ଦିବସର କ୍ଲାନ୍ତି ଓ ପତିମୋକ୍ଷ ବେଳେ ଆଚାର୍ଯ୍ୟ ଶାନ୍ତିଦେବଙ୍କଠାରେ ନିଜ ନିଜର ସ୍ଖଳନମାନ ଅକୁଣ୍ଠିତ ଭାବରେ ସ୍ୱୀକାର କରି, ପତିମୋକ୍ଷର ବ୍ୟବସ୍ଥା ଗ୍ରହଣ କରିବା ପରେ, ନିର୍ମଳ ଚିତ୍ତ ଓ ନିରୁପଦ୍ରବ ବିବେକରେ ନିଦ୍ରାଭିଭୂତ ହୋଇ ପଡ଼ିଥିଲେ ।

ଗୃଧ୍ରକୂଟ ବିହାରର ତ୍ରିତଳ ଶିଖରରେ, ନିଜ ପ୍ରକୋଷ୍ଠ ସମ୍ମୁଖସ୍ଥ ଏକ ମୁକ୍ତ; ଚତୁଷ୍କୋଣାକାର ଅଳିନ୍ଦରେ ଗୋଟିଏ ଉଚ୍ଚାସନ ଉପରେ ଆଚାର୍ଯ୍ୟ ଶାନ୍ତିଦେବ, ତଥାପି ଧ୍ୟାନାସୀନ ପରି ବସିଥିଲେ । ପୂର୍ଣ୍ଣିମା ତିଥିରେ ଜ୍ୟୋତ୍ସ୍ନାପ୍ଲାବନ ମଧ୍ୟରେ, ଛାୟାଚ୍ଛନ୍ନ ଶାନ୍ତିଦେବ, ଗୋଟିଏ ନିଷ୍ଫଳ ଶିଳାମୂର୍ତ୍ତି ପରି ଦିଶୁଥିଲେ । ବିହାରର ଆମ୍ରବୀଥିକାରେ ବୃକ୍ଷର ଛାୟାସବୁ, ରାତ୍ରିର ବିନିଦ୍ର ପ୍ରହରରେ ଶତ ବେଦନାର ସ୍ମୃତି ପରି ବିଚ୍ଛୁରିତ ହୋଇ ପଡ଼ିଥିଲା । ଗୋଟିଏ ଟିଟିଭର ଅଶାନ୍ତ ଚିତ୍କାର, ବେଳେ ବେଳେ ଆବେଗ ଓ କାମନାବିହୀନ କୁମାରୀ ରାତ୍ରିକୁ ଶୀତଳ ସୁଷୁପ୍ତିରୁ ଜାଗ୍ରତ କରିବା ପାଇଁ ଚେଷ୍ଟା କରି, ଯେପରି ବାରମ୍ବାର ବିଫଳ ହେଉଥିଲା ।

ନୀଳୋତ୍ପଳଙ୍କ ପାଦଶବ୍ଦରେ ଶାନ୍ତିଦେବ ଆଖି ମେଲି, ଛାୟାନ୍ଧକାର ମଧ୍ୟକୁ ଚାହିଁଲେ । ଶୀଳ, ସଂଯମ, ସାଧନା ଓ ଅଧ୍ୟୟନରେ ଭିକ୍ଷୁଶ୍ରେଷ୍ଠ ନୀଳୋତ୍ପଳଙ୍କ ପତିମୋକ୍ଷ କରିବା ପାଇଁ କୌଣସି ସ୍ଖଳନ ବା ବିଚ୍ୟୁତି ଥାଇପାରେ, ଏ ଧାରଣା ଆଚାର୍ଯ୍ୟ ଶାନ୍ତିଦେବଙ୍କର ନଥିଲା ।

ସେ ତେଣୁ ପଚାରିଲେ...

''ଭଦନ୍ତ ନୀଳୋତ୍ପଳ, ତୁମେ ଏତେ ରାତ୍ରିରେ ?''

* ଆନନ୍ଦ, ୫ ପ୍ରଶାନ୍ତି ।

Digitized by srujanika@gmail.com

ନୀଳୋତ୍ପଳ ହଠାତ୍ କୌଣସି ଉତ୍ତର ଦେଇନପାରି ନୀରବ ରହିଲେ । ସ୍ୱଜନର ସ୍ୱୀକୃତି ପାଇଁ, ତାଙ୍କର ଯେପରି କଣ୍ଠରୋଧ ହେଉଥିଲା ।

ନୀଳୋତ୍ପଳ ଅବଶେଷରେ ଅକୁଣ୍ଠିତ ଚିତ୍ତରେ ସ୍ୱୀକାର କରିଗଲେ... ଶ୍ରେଷ୍ଠୀ ଶ୍ୱେତପର୍ଣର କୁଳବଧୂ ମଧୁବ୍ରତା... ପ୍ରୋଷିତଭର୍ତୃକା । ଶ୍ରେଷ୍ଠୀପୁତ୍ର ସାଧବ ନଳିନାକ୍ଷ, ବିବାହର ମଧୁଯାମିନୀ ପରେ ପାଟଳୀପୁତ୍ରରୁ ଅନ୍ୟ ସାଧବମାନଙ୍କ ସହିତ ଗୋଟିଏ ବୋଇତରେ ଗଙ୍ଗା ବକ୍ଷରେ ସମୁଦ୍ର ଯାତ୍ରା କରିଥିଲା । ସେ ଆଜକୁ କେତେବର୍ଷ ତଳେ । ସେହିଦିନୁ ନଳିନାକ୍ଷ ନିରୁଦ୍ଦିଷ୍ଟ । ପାଟଳୀପୁତ୍ରର କେହି କେହି ବିଦେଶପ୍ରତ୍ୟାଗତ ସାଧବ କହନ୍ତି, ଜଳଦସ୍ୟୁମାନଙ୍କର ଆକ୍ରମଣରେ ନଳିନାକ୍ଷ ନିହତ ହୋଇଅଛି, ଆଉ କେହି କେହି କହନ୍ତି, କେଉଁ ଏକ ଦ୍ୱୀପରେ ନଳିନାକ୍ଷ ଏକ ସୁନ୍ଦରୀ ବିଦେଶିନୀର ପାଣିଗ୍ରହଣ କରି ସେଠାରେ ନୂତନ ସଂସାର ଗଢ଼ିଅଛି । ନଳିନାକ୍ଷର ପ୍ରତ୍ୟାବର୍ତ୍ତନ ପାଇଁ ଏକ ନିର୍ଦ୍ଦିଷ୍ଟ କାଳ ଅପେକ୍ଷା କରିବା ପରେ, ତାହାକୁ ନଷ୍ଟ ଅଥବା ମୃତରୂପେ ବିବେଚନା କରି, ଶ୍ୱେତପର୍ଣ ସାମାଜିକ ବିଧାନ ଅନୁସାରେ, ପ୍ରେତକର୍ମ ସମାପ୍ତ କରିଅଛି । ନଳିନାକ୍ଷ ମୃତ ବୋଲି ସମସ୍ତେ ଗ୍ରହଣ କରିସାରିଥିଲେ ହେଁ, ନୀଳୋତ୍ପଳ ପ୍ରତ୍ୟାବର୍ତ୍ତନର ବିଶ୍ୱାସ, ମଧୁବ୍ରତାର ପ୍ରାଣରେ, ବାସରଗୃହର ପ୍ରଦୀପ ପରି ତଥାପି ଅମଳିନ ଦ୍ୟୁତିରେ ନିଷ୍ପନ୍ଦ ରହିଅଛି ।

* * *

ସେଦିନ ହେମନ୍ତର ଏକ କୋମଳ ରୌଦ୍ରତପ୍ତ ମଧ୍ୟାହ୍ନ । ନିୟମିତ ରୀତିରେ, ମଧ୍ୟାହ୍ନର ଛାୟା ଅଙ୍ଗୁଳିପରିମିତ ଅପସୃତ ହେବା ପୂର୍ବରୁ ଶ୍ରେଷ୍ଠୀ ଶ୍ୱେତପର୍ଣର ଅନ୍ତଃପୁରରେ ଭୋଜନ ସମାପ୍ତ କରି ଭିକ୍ଷୁ ନୀଳୋତ୍ପଳ ବିଦାୟ ନେଉଥିଲେ । ମଧୁବ୍ରତା ଅନ୍ତଃପୁରର ଏକ ଗବାକ୍ଷର ନେପଥ୍ୟରୁ ଅସ୍ଫୁଟ କଣ୍ଠରେ ହଠାତ୍ ଡାକିଲେ... ''ଭଦନ୍ତ'' ! (ସେହିଦିନୁ ଆମ୍ର ବୀଥିକାରେ କୋକିଳର କୁହୁଧ୍ୱନି ଅଥବା ଏହିପରି ମୂର୍ଚ୍ଛିତ, ଜ୍ୟୋତ୍ସ୍ନାପୁଲକିତ ରାତ୍ରିରେ, ନିଃସଙ୍ଗ ଆକାଶ ପଥରେ, ଚିଟ୍ଟିଭର ଚିତ୍କାର, ଗବାକ୍ଷର ନେପଥ୍ୟରେ କଙ୍କଣ ଓ ମଞ୍ଜିରର କଳଧ୍ୱନି ସହିତ, ମଧୁବ୍ରତାଙ୍କର ସେହି ଭୀରୁ ବ୍ରୀଡ଼ା-କୁଣ୍ଠିତ ଆହ୍ୱାନର ପ୍ରତିଧ୍ୱନି ନୀଳୋତ୍ପଳଙ୍କର ମର୍ମେ ମର୍ମେ ଅନୁରଣିତ କରିଦିଏ ।)

ନୀଳୋତ୍ପଳଙ୍କର ସମ୍ମୁଖକୁ ଆସିଲେ ନୀଳଚେଳପରିହିତା; କୁସୁମିତା ଅପରାଜିତା ବ୍ରତତୀ ପରି, ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣା, କୃଷ୍ଣାଙ୍ଗୀ ମଧୁବ୍ରତା । ଅଇଭକରଞ୍ଜିତ, ମଞ୍ଜିରବେଷ୍ଟିତ ଦୁଇ ଚରଣ ଯେପରି ପ୍ରିୟମିଳନର ସଙ୍ଗୀତରେ ମୂର୍ଚ୍ଛନାମୟ । କ୍ଷୀଣ କଟୀ ତଳେ ବର୍ତ୍ତୁଳ ଜଘନ, ପୁଣି କାଞ୍ଚଳାର କଠୋର ବନ୍ଧନ ତଳେ ପୀନସ୍ତନବିକ୍ଷୁବ୍ଧ ବକ୍ଷର ଲୀଳାୟିତ ରେଖା, ପୀଡ଼ନ ପାଇଁ ଯେପରି ଉଦ୍‌ବେଳିତ ହୋଇ ଉଠିଥିଲା । ଓଳଟ ପଦ୍ମଦଳ ପରି ଦୁଇ ଆୟତ ନେତ୍ରରେ କିନ୍ତୁ, ଏକ ଛାୟାଚ୍ଛନ୍ନ ହୃଦର କରୁଣ ଉଦାସୀନତା । ନୀଳୋତ୍ପଳ ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ ।

Digitized by srujanika@gmail.com

ଅନ୍ତଃପୁରର ପାରାବତ ପାଳିକାରେ, ପାରାବତମାନଙ୍କର କାମୋନ୍ନତ କୂଜନ ବ୍ୟତୀତ, ସେହି ଅଳସମଧ୍ୟାହ୍ନରେ ଆଉ ଅନ୍ୟ ଶବ୍ଦ ନଥିଲା ।

ମଧୁବ୍ରତାଙ୍କର ଗୋଟିଏ ଗଭୀର ଦୀର୍ଘନିଃଶ୍ୱାସରେ, ନୀଚୋପ୍‌ଜଙ୍କ ଆତ୍ମବିସ୍ମୃତି କଟିଗଲା । ସେ ମଧୁବ୍ରତାଙ୍କର ଦୁଇ ଆଖି ଭିତରକୁ ଚାହିଁଲେ । ଓଲଟ ପଦ୍ମଦଳ ପରି ତାଙ୍କର ଦୁଇ ଆଖିରେ, କେତେବିନ୍ଦୁ ଅଶ୍ରୁ, ଏକ ଅପାପବିଦ୍ଧ ସୁନ୍ଦରିମାରେ, ମଧୁବ୍ରତାଙ୍କର ମୁଖମଣ୍ଡଳକୁ ଯେପରି ବିଧୌତ କରିଥିଲା । ରାଗରଞ୍ଜିତ ତାଙ୍କର ଦୁଇ ଓଷ୍ଠାଧାର ଏକ ଅବ୍ୟକ୍ତ ପ୍ରଶ୍ନରେ ଯେପରି କମ୍ପିତ ହୋଇ ଉଠୁଥିଲା ।

ନୀଚୋପ୍‌ଜ ସମ୍ବେଦନଶୀଳ କଣ୍ଠରେ ପଚାରିଲେ... ''କଣ କହିବ ଭଦ୍ରେ ?''

ସଲଜ୍ଜ ସଙ୍କୋଚରେ ମଧୁବ୍ରତା, ରମ୍ଭିମ ଶତଦଳ ପରି ଆରମ୍ଭିମ ବାମ କରତଳ, ନୀଚୋପ୍‌ଜଙ୍କ ଆଡ଼େ ପ୍ରସାରିତ କରି, ବ୍ରୀଡ଼ାକୁଣ୍ଠିତ କଣ୍ଠରେ କହିଲେ, ''ମୋର କରଗଣନା କରି କହି ପାରିବେ ଶ୍ରମଣ ! ସେଦିନ ମଧୁଯାମିନୀ ଶେଷରେ, ଗଙ୍ଗାବକ୍ଷରେ ଅସ୍ତଚନ୍ଦ୍ର ସହିତ ଯାହାକୁ ବିଦାୟ ଦେଇଥିଲି, ସେ ପୁଣି ଫେରିବ କି ନାହିଁ ?''

ମନ୍ତ୍ରମୁଗ୍ଧ ପରି ନୀଚୋପ୍‌ଜ, ମଧୁବ୍ରତାଙ୍କର ପ୍ରସାରିତ ବାମକରପୃଷ୍ଠକୁ ନିଜର ହାତରେ ଧରି ସମ୍ପୂର୍ଣ୍ଣ ଆତ୍ମବିସ୍ମୃତ ହୋଇ ପଡ଼ିଲେ । ଶ୍ରମଣମାନଙ୍କ ପକ୍ଷରେ ଏ ପ୍ରକାର ସାମୁଦ୍ରିକ ବିଦ୍ୟା, କରଗଣନା ଓ ଅଭିଚାର ପ୍ରଭୃତି ଶିକ୍ଷା କରିବା ନିଷିଦ୍ଧ । ତେଣୁ ମଧୁବ୍ରତାଙ୍କର କରଗଣନା କରି, ତାଙ୍କର ପ୍ରଶ୍ନର ଉତ୍ତର ଦେବା ନୀଚୋପ୍‌ଜଙ୍କ ପକ୍ଷରେ ସମ୍ଭବ ନଥିଲା । ତଥାପି ସେ ସେହି ମୂର୍ଚ୍ଛିତ ମଧ୍ୟାହ୍ନରେ ମଧୁବ୍ରତାଙ୍କର ପେଇବ କରତଳକୁ ନିଜର ଦୁଇ ହାତରେ ତୋଳି ଧରିଥିଲେ । ଦଣ୍ଡ, ଚୀବର ଓ ଅକ୍ଷମାଳାର ନିତ୍ୟ ସ୍ପର୍ଶରେ, ନୀଚୋପ୍‌ଜଙ୍କର ଦୁଇ ହାତର କ୍ଷୁଧିତ ସ୍ନାୟୁତନ୍ତ୍ରୀମାନ ଯେପରି ଏକ ନବଜୀବନର ପୁଲକରେ ପୁଲକିତ ହୋଇ ଉଠିଥିଲା । ଏକ ସମ୍ମୋହନ ମଧ୍ୟରେ ନୀଚୋପ୍‌ଜ ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ । ଏକ ଅତଳ ମହାଶୂନ୍ୟତା ମଧ୍ୟରେ ନୀଚୋପ୍‌ଜଙ୍କ ସମଗ୍ର ସତ୍ତା ଯେପରି ଲୁପ୍ତ ହୋଇ ପଡ଼ିଥିଲା । ନୀଚୋପ୍‌ଜ, ଶତ ସାଧନା ଓ ସଞ୍ଜମ ମଧ୍ୟରେ ସୁଦ୍ଧା ଯେଉଁ ଅନିର୍ବଚନୀୟ, ଅଦ୍ୱୟ ଶୂନ୍ୟତାର ଅନୁଭବ ପାଇନଥିଲେ, ଆଜି ଏହି ଅଳସ ପାରାବତକୂଜିତ ମଧ୍ୟାହ୍ନରେ, ତାହା ଯେପରି ନୀଚୋପ୍‌ଜଙ୍କର ସମଗ୍ର ସତ୍ତାକୁ ତିଳେ ତିଳେ ଆଚ୍ଛନ୍ନ କରିଦେଲା ।

ଏହି ତ ସେହି ଅନିର୍ବଚନୀୟ ମହାଶୂନ୍ୟ, ଯାହା ମଧ୍ୟରେ ଦେହ ଓ ଆତ୍ମା, ମାଂସ ଓ ପ୍ରାଣ, ରୂପ ଓ ଅରୂପ, ସବୁ ନିଶ୍ଚିହ୍ନ ହୋଇଯାଏ । ଏହି ତ ମହାସୁଖ, ଯାହା ମଧ୍ୟରେ ଦେହ ଦେହାତୀତ ହୋଇ, ବିଦେହରେ ପରିଣତ ହୁଏ । ଏହି ତ ମହାନିର୍ବାଣ । ପ୍ରଜ୍ଞାଙ୍କର ପୀନସ୍ତନାଗ୍ରବିଦ୍ଧ ଅବଲୋକିତେଶ୍ୱରଙ୍କ ମୁଖମଣ୍ଡଳରେ ମୁଦିତ ଓ ଉପେକ୍ଷାର ବ୍ୟଞ୍ଜନା, ନୀଚୋପ୍‌ଜ ନିଜର ମୁଖମଣ୍ଡଳରେ ସୁଦ୍ଧା ଅନୁଭବ କରି ପାରୁଥିଲେ ।

ନୀଚୋପ୍‌ଜଙ୍କର ଗଭୀର, ଉଷ୍ଣ ପ୍ରଶ୍ୱାସର ଜ୍ୱାଳା ମଧୁବ୍ରତାଙ୍କର ପ୍ରସାରିତ କରତଳକୁ

Digitized by srujanika@gmail.com

ଯେପରି ଦଗ୍ଧ କରି ଦେଉଥିଲା । ସେ ଧୀରେ ଧୀରେ, ନୀଳୋତ୍ପଳଙ୍କ ଦୁଇ ହାତରୁ ନିଜର ପ୍ରସାରିତ କରତଳ କାଢ଼ିଆଣି, ଅଞ୍ଚଳ ମଧ୍ୟରେ ତାହାକୁ ଆବୃତ କରିଦେଲେ । ଘନକୃଷ୍ଣ ପକ୍ଷ୍ମରେଖା ମଧ୍ୟରେ, ମଧୁବ୍ରତାଙ୍କର ଦୁଇ ଆୟତ ନେତ୍ରରେ ଉତ୍‌କଣ୍ଠିତ ଦୃଷ୍ଟି ମୁଦ୍ରିତ ହୋଇଆସିଲା ।

ନୀଳୋତ୍ପଳ ପୁଣି ପୂର୍ବର ଅବସ୍ଥାକୁ ଫେରିଆସିଲେ, ମାତ୍ର ମଧୁବ୍ରତା, ସେଠାରେ ସେତେବେଳକୁ ନଥିଲେ । ପାରାବତ ପାଳିକାରେ, ପାରବତମାନଙ୍କର ଅଳସକୂଜନ ମଧ୍ୟରେ, ନୀଳୋତ୍ପଳଙ୍କର ସମ୍ମୋହନ ଧୀରେ ଧୀରେ କଟି ଆସୁଥିଲା ।

ଶାନ୍ତିଦେବ ପୂର୍ବପରି ନିଶ୍ଚଳ ନୀରବତାରେ ବସିଥିଲେ । ଗୋଟିଏ ଟିଟିଭର ଅଶାନ୍ତ ଚିତ୍କାର, ସେହି ନୈର୍ବ୍ୟେକ୍ତିକ ଚ୍ଛ୍ୟାସ୍ଥାରାତ୍ରିକୁ ଏକାନ୍ତ ନିଃସଙ୍ଗ ଓ ଗଭୀର କରି ଦେଇଥିଲା ।

ନୀଳୋତ୍ପଳ କହିଲେ, ''ସେହିଦିନୁ ମୋର ଚିତ୍ତର ସକଳ ପ୍ରଶାନ୍ତି ଲୋପ ପାଇଅଛି, ମୋର ସମସ୍ତ ସଞ୍ଚମ ଓ ସାଧନା ସ୍ଖଳିତ ହୋଇଅଛି । ଦେହର କ୍ଷୁଧାରେ ଆତ୍ମାର ଅଭୀପ୍ସା ମଳିନ ହୋଇଅଛି । କିନ୍ତୁ ଭଗବନ୍, ମଧୁବ୍ରତାର ସେହି ପେଲବ, ରକ୍ତିମ ବାମ କରତଳ ପୀଡ଼ନ କଲାବେଳେ, ଏକ ଅନିର୍ବଚନୀୟ ମହାସୁଖ ମଧ୍ୟରେ ମୁଁ ମୁହୂର୍ତ୍ତକ ପାଇଁ ନିର୍ବାଣର ଯେଉଁ ମହାଶୂନ୍ୟତା ଉପଲବ୍ଧି କରିଥିଲି, ତାହା କଣ ମିଥ୍ୟା ?''

ଶାନ୍ତିଦେବ ସେହିପରି ନୀରବରେ ଧ୍ୟାନାସୀନ ଏକ ବୁଦ୍ଧମୂର୍ତ୍ତି ପରି ବସିଥିଲେ । ନିଃସଙ୍ଗ ଆକାଶ ପଥରେ, ସେହି ଅତୃପ୍ତ ଟିଟିଭର ଅଶାନ୍ତ ଚିତ୍କାର ମଧ୍ୟରେ, ନୀଳୋତ୍ପଳଙ୍କର ଜିଜ୍ଞାସା ଯେପରି ବାରମ୍ବାର ପ୍ରକାଶିତ ହୋଇ ପୁଣି ନୀରବ ହୋଇ ଯାଉଥିଲା ।

ଶାନ୍ତିଦେବ କହିଲେ... ''ଭନ୍ତେ, ତଥାଗତ ଦୁଃଖର ନିଦାନ କହିଛନ୍ତି, ରୂପରୁ ତୃଷ୍ଣା, ତୃଷ୍ଣାରୁ ବେଦନା, ବେଦନାରୁ ଦୁଃଖ । ତେଣୁ ଦୁଃଖ ଭୟ ପାଇଁ ରୂପ ଓ ତୃଷ୍ଣାର ଭୟ ଅନିବାର୍ଯ୍ୟ । ଦୁଃଖର ଭୟ ହିଁ ନିର୍ବାଣ, ଜନ୍ମ ଓ ପୁନର୍ଜନ୍ମର ନାଗବନ୍ଧନରୁ ମହାମୁକ୍ତି ।''

ଶାନ୍ତିଦେବ ପୁଣି ପୂର୍ବର ନିଶ୍ଚଳ ମୌନତା ମଧ୍ୟରେ ଅବଲୁପ୍ତ ହୋଇପଡ଼ିଲେ । ନୀଳୋତ୍ପଳ ପ୍ରାଚୀରର ଛାୟା ସହିତ ମିଶି ଏକ ଛାୟା ପରି ଠିଆ ହୋଇଥିଲେ । ସେହି ଅଶାନ୍ତ ଟିଟିଭ ଏକ ଅତୃପ୍ତ, ତୃଷ୍ଣାବିଦ୍ଧ ଆତ୍ମା ପରି, କେତେବେଳେ ଊର୍ଦ୍ଧ୍ୱକୁ ଉଠି ଯାଇଁ, ଆଉ କେତେବେଳେ ଆମ୍ର ବୀଥିକାର ଛାୟାଘନ ଶୀର୍ଷକୁ ଖସି ଆସି, ରାତ୍ରିର ସ୍ତମିତ ସ୍ନାୟୁରେ, କାମନାର ଏକ ପ୍ରମତ୍ତ ଆବେଗ ପରି, ଚ୍ଛ୍ୟାସ୍ଥାସ୍ଥାତ ଆକାଶରେ ଶତ ଅଶାନ୍ତ ତରଙ୍ଗ କାଟି କାଟି ଉଡ଼ି ବୁଲୁଥିଲା ।

ବିବସନା ଉର୍ବଶୀର ଅଙ୍ଗବାସ ପରି, ଶୁକ୍ଲପକ୍ଷର ମୁକୁଳସ୍ନିଗ୍ଧ ଚ୍ଛ୍ୟାସ୍ଥା ବିଚ୍ଛୁରିତ ହୋଇ ପଡ଼ିଥିଲା । ନୀଳୋତ୍ପଳ ଚ୍ଛ୍ୟାସ୍ଥାର ସେହି ପ୍ଲାବନ ମଧ୍ୟରେ, ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ । ତଥାଗତ କହିଛନ୍ତି, ଦୁଃଖର ହେତୁ ରୂପ, ନର୍ବାଣ ପଥରେ ପ୍ରତିବନ୍ଧକ । କିନ୍ତୁ ଏହି ଅଶରୀରୀ ଚ୍ଛ୍ୟାସ୍ଥାର ଭୁବନବିମୋହିନୀ ରୂପ ଓ ସୌନ୍ଦର୍ଯ୍ୟ ମଧ୍ୟରେ, ଅନାହତ ଆନନ୍ଦର

Digitized by srujanika@gmail.com

ଅନୁଭବ, ସବୁ ତୃଷ୍ଣାକୁ ପ୍ରଶମିତ କରି, ଯେଉଁ ବେଦନାର ସଞ୍ଚାର କରୁଅଛି, ତାହା ତ ଦୁଃଖକୁ ଦୁଃଖାତୀତ କରେ । ନୀଳୋତ୍ପଳ ତାହା ସ୍ପଷ୍ଟ ଅନୁଭବ କରି ପାରୁଅଛନ୍ତି । ସେଦିନ, ସେହି ନିର୍ଜ୍ଜନ, ପାରାବତକୂଜିତ ମଧ୍ୟାହ୍ନରେ ମଧୁବ୍ରତାଙ୍କର ବାମ କରତଳ, ଦୁଇ ହାତରେ, ଆବେଗକମ୍ପିତ ହସ୍ତରେ ଉଠାଇ ନେବାବେଳେ, ଏହିପରି ଏକ ଅନୁଭୂତି ନୀଳୋତ୍ପଳଙ୍କୁ ନିର୍ବେଦଗ୍ରସ୍ତ କରି ଦେଇଥିଲା ।

ତାହା କିନ୍ତୁ ମୁହୂର୍ତ୍ତକ ପାଇଁ ।

ମଧୁବ୍ରତାର ସାନ୍ନିଧ୍ୟ ଏକ ପାଇଁ ଅନିର୍ବଚନୀୟ ବେଦନା, ସେହି ଶୀତଳ ଜ୍ୟୋତ୍ସ୍ନାରାତ୍ରିକୁ ବିଦଗ୍ଧ କରି ଦେଉଥିଲା ।

ଶାନ୍ତିଦେବ ସୁପ୍ତୋତ୍‌ଥିତ ପରି କହିଲେ... ''ଭନ୍ତେ, ରାତ୍ରି ଦ୍ୱିତୀୟ ପ୍ରହର ଉତ୍ତୀର୍ଣ୍ଣ ପ୍ରାୟ । ପତିମୋକ୍ଷର ବିଧାନ ରୂପେ ତୁମ୍ଭକୁ ତିନି ସପ୍ତାହ ଶ୍ମଶାନରେ ଅଶୁଭ ଭାବନା ଅଭ୍ୟାସ କରିବା ପାଇଁ ପଡ଼ିବ ।''

ନୀଳୋତ୍ପଳ ବିହାର-ଶିଖରରୁ ତାଙ୍କର ପ୍ରକୋଷ୍ଠକୁ ଫେରି ଆସିଲେ । ଅବଲୋକିତେଶ୍ୱର ଓ ପ୍ରଜ୍ଞାଙ୍କ ପୀଠତଳେ ଦୀପ ବହୁବେଳୁ ନିର୍ବାପିତ ହୋଇ ସାରିଥିଲା । ଅକୁଣ୍ଠିତା ଜ୍ୟୋତ୍ସ୍ନାର ଗୋଟିଏ ତୀର୍ଯ୍ୟକ ଫଳକ, ପ୍ରକୋଷ୍ଠର ପାଷାଣ-ଚତ୍ୱର ଉପରେ ମୂର୍ଚ୍ଛିତ ହୋଇ ପଡ଼ିଥିଲା । ଟିଟିଭର ସେହି ଅଶାନ୍ତ ଚିତ୍କାର, ରାତିର ପବନରେ ଆମ୍ର ମୁକୁଳର ବିହ୍ୱଳିତ ସୁରଭି, ନୀଳୋତ୍ପଳଙ୍କୁ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ କରି ଦେଇଥିଲା ।

ନୀଳୋତ୍ପଳଙ୍କ ମନେ ପଡ଼ିଯାଉଥିଲା, ''ମହାନିର୍ବାଣତନ୍ତ୍ର''ର ଗୋଟିଏ ସୂତ୍ର...

ସେଦିନ ପ୍ରବଜ୍ୟା ପଥରେ, ପଥଶ୍ରାନ୍ତ, କ୍ଷୁଧାର୍ତ୍ତ ତଥାଗତ ମଲ୍ଲମାନଙ୍କର କୁଶୀନର ଛନପଦର ଉପକଣ୍ଠସ୍ଥିତ ଶାଳବନରେ ଉପନୀତ ହେଲେ ।

ନବବସନ୍ତ ସେଦିନ, ରକ୍ତପୁଷ୍ପ ଓ ପଲ୍ଲବରେ, ଶାଳବୀଥିକାର ଶାଖାରେ ଶାଖାରେ, ମଦନୋତ୍ସବର ଏକ ବିଚିତ୍ରିତ, ବର୍ଣାଢ଼୍ୟ ସମାରୋହ ରଚନା କରି ଯାଇଥିଲା । ଶାଳବୀଥିକାର ପେଲବ ମର୍ମଭୂମିରୁ ଗୋଟିଏ କୋକିଳର ଅଶାନ୍ତ କୂଜନ, ସେହି ନିଭୃତ ବନଭୂମିକୁ ଯେପରି ଉପେକ୍ଷା ଓ ନିଗ୍ରହର ପାଣ୍ଡୁର ଶଯ୍ୟା ଛାଡ଼ି ଉଠିବା ପାଇଁ ଡାକି ଡାକି ନୀରବ ହୋଇ ଯାଉଥିଲା । ତାହାର ଅଶାନ୍ତ ପ୍ରତିଧ୍ୱନି ଶାଳବୀଥିକାର ଶାଖାରେ ଶାଖାରେ, ପତ୍ରେ ପତ୍ରେ, ଏକ ବ୍ୟଥାତୁର ଆଲୋଡ଼ନ ସୃଷ୍ଟି କରି ଯାଉଥିଲା । ମଧୁଲୋଭୀ ଭ୍ରମରମାନଙ୍କର ଅତୃପ୍ତ ଗୁଞ୍ଜନ, ସେହି ଆହ୍ୱାନ ଓ ଆଲୋଡ଼ନକୁ ଯେପରି ଏକ ପ୍ରମତ୍ତତାରେ ସୁତୀବ୍ର କରି ଦେଉଥିଲା ।

ସେହି ମୁହୂର୍ତ୍ତରେ ନାରୀର ଚିନ୍ତା ଆନନ୍ଦଙ୍କ ପ୍ରାଣକୁ କାହିଁକି ଉଦ୍‌ବେଳିତ କଲା କେଜାଣି, ଆନନ୍ଦ ଜିଜ୍ଞାସା କଲେ... ''ଭଗବନ, ନାରୀ ସହିତ ଭିକ୍ଷୁମାନଙ୍କର କି ସମ୍ପର୍କ ରହିବ ?''

Digitized by srujanika@gmail.com

ତଥାଗତ ଉତ୍ତର ଦେଲେ... ''ନାରୀର ସାମୀପ୍ୟ ପରିହାର କରିବା ପ୍ରତ୍ୟେକ ଭିକ୍ଷୁର କର୍ତ୍ତବ୍ୟ ।''

ଆନନ୍ଦ ପଚାରିଲେ... ''କିନ୍ତୁ ଯଦି ହଠାତ୍ କେଉଁ ସୁକେଶିନୀ, ସୁହାସିନୀ, ସୁବେଶା ନାରୀ ସହିତ ଭିକ୍ଷୁର ସାକ୍ଷାତ ହୁଏ ?''

ତଥାଗତ ଉତ୍ତର ଦେଲେ... ''ଚିତ୍ତଚାଞ୍ଚଲ୍ୟ ଦମନ କରି ନିଜକୁ ସଜାଡ ରଖିବ !''

ଆନନ୍ଦ ପୁଣି ପଚାରିଲେ... ''ଭଗବନ୍, ନାରୀ ସହିତ ଭିକ୍ଷୁମାନଙ୍କର ତା'ହେଲେ କି ସମ୍ପର୍କ ରହିବ ?''

ତଥାଗତ ଉତ୍ତର ଦେଲେ... ''ନାରୀ ସହିତ ଭିକ୍ଷୁମାନଙ୍କର ବାକ୍ୟାଳାପ ନିଷିଦ୍ଧ ।''

ଆନନ୍ଦ ତଥାପି ପଚାରିଲେ... ''ଯଦି କୌଣସି ସୁଭାଷିନୀ ନାରୀ କୌଣସି ଭିକ୍ଷୁ ସହିତ ଆଳାପ ଆରମ୍ଭ କରନ୍ତି ?''

ତଥାଗତ କ୍ଲାନ୍ତ କଣ୍ଠରେ ଉତ୍ତର ଦେଲେ... ''ନୀରବରେ ଅଧୋମୁଖ ହୋଇ ସେଠାରୁ ପ୍ରତ୍ୟାବର୍ତ୍ତନ କରିବ ।''

ପ୍ରକୋଷ୍ଠର ମୁକ୍ତଦ୍ୱାର ପଥରେ, ଦିଗ୍‌ବଳୟର ଊର୍ଦ୍ଧ୍ୱରେ, ଅସ୍ତଗାମୀ ଚନ୍ଦ୍ରର ଶେଷ କାକଜ୍ୟୋତ୍ସ୍ନା ମଳିନମୁଖୀ ମଧୁବ୍ରତାର, ବେଦନାତୁର ଦୁଇ ଆୟତ ଆଖି ଉପରେ, ଅବନତ ପକ୍ଷ୍ମରେଖା ପରି କ୍ରମେ ମୁଦ୍ରିତ ହୋଇ ଆସୁଥିଲା । ନିସ୍ତବ୍ଧ ନିଶାର୍ଦ୍ଧର ମର୍ମରିତ ପବନ, ମଧୁବ୍ରତାର ଦୀର୍ଘଶ୍ୱାସରେ ଯେପରି କ୍ଷୁବ୍ଧିତ ହୋଇ ଉଠୁଥିଲା । ନୀଳୋତ୍ପଳ ଉନ୍ମାଦ ପରି ତଳର ଶିଳାଶଯ୍ୟା ଉପରୁ ଉଠିପଡ଼ି, ପ୍ରକୋଷ୍ଠର ଦ୍ୱାର ବନ୍ଦ କରିଦେଲେ ।

ଦୁଇ

ରାଜଗୃହର ଛାୟାହୀନ, ଗୁଳ୍ମହୀନ, ପର୍ବତମାଳାବେଷ୍ଟିତ ଗୃଧ୍ରକୂଟ ଶିଖରର ପାଦଦେଶରେ ବିସ୍ତୀର୍ଣ୍ଣ ଶ୍ମଶାନଭୂମି । ସେହି ଶ୍ମଶାନରେ ନୀଳୋତ୍ପଳ ଏକ ପ୍ରମତ୍ତ କାପାଳିକ ପରି, ଇତସ୍ତତଃ ବିକ୍ଷିପ୍ତ ନର-କରୋଟୀ, ଅସ୍ଥି, କଙ୍କାଳ ଓ ଛିନ୍ନ, ଜୀର୍ଣ୍ଣ ବସ୍ତ୍ର, ତନ୍ନତନ୍ନ କରି ପର୍ଯ୍ୟବେକ୍ଷଣ କରୁଥିଲେ, ଯେପରି ସୃଷ୍ଟିର ଶ୍ରେଷ୍ଠ ଅନୁଦ୍‌ଘାଟିତ ରହସ୍ୟର ଅର୍ଥ, ସେହି ଜଞ୍ଜାଳ ମଧ୍ୟରେ ଆବଦ୍ଧ ରହିଥିଲା । କ୍ଷୌରକର୍ମ ଅଭାବରେ ମସ୍ତକ ବନ୍ୟ କେଶରାଶି ଓ ଗଣ୍ଡଦେଶ ଶ୍ମଶ୍ରୁରେ କଣ୍ଟକିତ ହୋଇ ପଡ଼ିଥିଲା । ପ୍ରଶାନ୍ତ କୋମଳ ମୁଖମଣ୍ଡଳ, ଗଭୀର ରେଖାବଳୀରେ କୁଟୀଳ ଦିଶୁଥିଲା । ଦେହର ଚର୍ମ ଶୁଷ୍କମାଂସ ପରି କଠିନ ଓ ନିସ୍ତ୍ରାଣ ଦିଶୁଥିଲା । ପରିଧାନରେ ମଳିନ ଗୈରିକ, ପରିଚ୍ଛନ୍ନ ଉର୍ତ୍ତସଙ୍ଗ ଓ ସଂହତି ନଥିଲା । ଶ୍ମଶାନରେ ପରିତ୍ୟକ୍ତ ଖଣ୍ଡେ ପ୍ରେତବସ୍ତ୍ର ସେ ଅନ୍ତର୍ବାସକ ପରି ପିନ୍ଧିଥିଲେ । କୋଟରଗତ ଦୁଇ ଆଖି ଜବାକୁସୁମ ପରି ଗଭୀର ରକ୍ତବର୍ଣ୍ଣ ଧାରଣ କରିଥିଲା ।

Digitized by srujanika@gmail.com

ଆର୍ହତ, ଆଚାର୍ଯ୍ୟ ଶାନ୍ତିଦେବଙ୍କ ଆଦେଶ... ଅଶୁଭ ଭାବନା ଯୋଗରେ ସିଦ୍ଧ ନହେବା ପର୍ଯ୍ୟନ୍ତ, ନୀଳୋତ୍ପଳଙ୍କର ପୂର୍ଣ୍ଣ ଭିକ୍ଷୁତ୍ୱର ଉପସମ୍ପଦ ସମାହିତ ହୋଇ ପାରିବ ନାହିଁ। ପ୍ରଥମେ ଉପାସକ ପରେ ଶ୍ରମଣ ଏହି ଅବସ୍ଥାରେ ଏ ପର୍ଯ୍ୟନ୍ତ ରହିଛନ୍ତି ନୀଳୋତ୍ପଳ। ତଥାପି ତାଙ୍କର ଚିତ୍ତଶୁଦ୍ଧି ସମ୍ପୂର୍ଣ୍ଣ ହୋଇନାହିଁ। ରୂପ ଓ ତୃଷ୍ଣା ସେ ତଥାପି ଜୟ କରି ନାହାନ୍ତି। ସେଥିପାଇଁ ପତିମୋକ୍ଷର ବିଧାନ ରୂପେ, ଆଚାର୍ଯ୍ୟ ଶାନ୍ତିଦେବଙ୍କ ନିର୍ଦ୍ଦେଶରେ, ନୀଳୋତ୍ପଳ ଏହି ମହାଶ୍ମଶାନରେ ଅଶୁଭ ଭାବନା ଯୋଗ ଅଭ୍ୟାସ କରୁଅଛନ୍ତି।

ଶ୍ରମଣମାନଙ୍କୁ ଘୋର ଶ୍ମଶାନରେ ଅଶୁଭଭାବନା ଅଭ୍ୟାସ କରିବାକୁ ପଡ଼ିଥାଏ। ମୃତ୍ୟୁ ପରେ ମନୁଷ୍ୟ, ଦେହ, ରୂପ ଓ ସଂଜ୍ଞା ପରିହାର କରି କ୍ଷୟ ଓ ବିଲୟର ଯେଉଁ ବିଭିନ୍ନ ଅବସ୍ଥା ମଧ୍ୟରେ, ଯେପରି କ୍ରମେ ପଞ୍ଚଭୂତ ମଧ୍ୟରେ ବିଲୀନ ହୋଇଥାଏ, ଶ୍ମଶାନରେ ତାହାର ଦର୍ଶନ, ମନନ ଓ ଚିନ୍ତନ ମଧ୍ୟରେ, ରୂପ ଭଙ୍ଗୁରତା ଉପଲବ୍ଧି କରିବା ଅଶୁଭ ଭାବନା ଯୋଗର ତତ୍ତ୍ୱ। ରୂପ, ତୃଷ୍ଣା ଓ ବେଦନା ଜୟ ପାଇଁ ଶ୍ରମଣମାନଙ୍କୁ ଏହି ଅଭ୍ୟାସ କରିବାପାଇଁ ପଡ଼ିଥାଏ।

ମଧ୍ୟାହ୍ନର ତାପଦଗ୍ଧ ଉପତ୍ୟକା ଉପରେ, ପର୍ବତମାଳାର ଛାୟା କ୍ରମେ ଏକ ଶୀତଳ ପ୍ରଲେପ ପରି ବୁଲି ଆସୁଥିଲା। ଶ୍ମଶାନ ପ୍ରାନ୍ତରେ ଗୋଟିଏ ବଜ୍ରଦଗ୍ଧ ଶାଳ୍ମଳୀର ମୃତଶାଖା ଉପରୁ ପଲେ ଗୃଧ୍ର ପକ୍ଷ ଝାଡ଼ି, କେଉଁଠି ଶବର ଆଘ୍ରାଣ ପାଇ ଉଡ଼ି ଆସୁଥିଲେ। ଯେଉଁଠାରେ ସେହି ଗୃଧ୍ରପଲ କିଲିକିଳା ରଡ଼ି କରି, ଓହ୍ଲାଇ ମାଟିରେ ଚଞ୍ଚୁ ଘଷିବା ପାଇଁ ଆରମ୍ଭ କରି ଦେଇଥିଲେ, ସେଠାରେ କୌଣସି ନୂତନ ଶବ ପଡ଼ିଥିବ ଭାବି, ଏକ ବ୍ୟାଧିତ ଆନନ୍ଦରେ, ନୀଳୋତ୍ପଳ ସେହିଆଡ଼େ ଧାଇଁଗଲେ। ତାଙ୍କର ଉପସ୍ଥିତି ସତ୍ତ୍ୱେ ଗୃଧ୍ରପଲ ସେଠାରୁ ଉଡ଼ିଗଲେ ନାହିଁ। ନୀଳୋତ୍ପଳ ଉନ୍ମାଦ ପରି ତତ୍ତୁ ଖଣ୍ଡେ ପଥର ଉଠାଇ ପିଙ୍ଗି, ସେମାନଙ୍କୁ ସେଠାରୁ ତଡ଼ିଦେଲେ।

ଖଣ୍ଡେ ପଥରର ଆବରଣ ତଳେ, କେହି ଗୋଟିଏ ଶବକୁ ସମାଧି ଦେଇ ଯାଇଥିଲା। ନୀଳୋତ୍ପଳ ଶବଟିକୁ ଦେଖିବା ପାଇଁ ପଥରର ଆବରଣ ଦୁଇହାତରେ ଉଠାଇ ପିଙ୍ଗି ଦେଲେ।

କେଉଁ ଏକ ନିର୍ବୋଧ ପିତା, ଶିଶୁ ପୁତ୍ରଟିର କୋମଳ ଅଙ୍ଗ, କଙ୍କରିଳ ମାଟିର କଠୋର ସ୍ପର୍ଶରେ ପୀଡ଼ିତ ହେବନାହିଁ ବୋଲି, କୋମଳ ପଲ୍ଲବଶଯ୍ୟା ଉପରେ, ଶବଟିକୁ ପରମ ଶ୍ରଦ୍ଧା ଓ ଯତ୍ନରେ ଶୁଆଇ ଦେଇ ଯାଇଥିଲା। ପାଖରେ ପୁଣି ରଖି ଯାଇଥିଲା ଗୋଟିଏ ରଙ୍ଗିନ ପୁତ୍ତଳି... କ୍ରୀଡ଼ା ସାଥୀ। ଆଃ... ଝଞ୍ଜାହତ, ବୃନ୍ତଚ୍ୟୁତ କୁସୁମ ପରି ଏହି ନିଷ୍ପାପ ଶିଶୁ...

କୌଣସି କାଳେ ନୀଳୋତ୍ପଳଙ୍କର କୌଣସି ଶିଶୁ ସହିତ କେବେ ସମ୍ବନ୍ଧ ନଥିଲା, ଅଥବା ଶିଶୁ ସମ୍ପର୍କରେ କୌଣସି ଅନୁଭବ ନ ଥିଲା। ମାତ୍ର ଏହି ଶିଶୁଟିକୁ ଦେଖି ସେ ତାହାକୁ କୋଳ କରି ନେବାପାଇଁ, ଦୁଇ ବାହୁ ପ୍ରସାରିତ କରିଥିଲେ, କିନ୍ତୁ ପରମୁହୂର୍ତ୍ତରେ ଆତ୍ମସମ୍ବରଣ କରି ଏକ ବିଷଧର ସର୍ପ ଦେଖି ପଛକୁ ଫେରି ଆସିବା ପରି, ସେ କେତେ ପାଦ ପଛକୁ ଫେରି ଆସିଲେ। ଶିଶୁଟିର ଦେହ ଉପରେ ଯେପରି ନୀଳବର୍ଣ୍ଣର ଏକ ପ୍ରଲେପ ବୁଲି ଆସିଥିଲା।

Digitized by srujanika@gmail.com

ତାହାର ଦୁଇ କୋମଳ ଓଷ୍ଠାଧର କୃଷ୍ଣବର୍ଣ୍ଣ ଧାରଣ କରିଥିଲା ।

ନୀଳୋତ୍ପଳ ପ୍ରମତ୍ତ ପରି ଚିତ୍କାର କରି ଉଠିଲେ । ଏହା ବିନୀଳକ, ବିନୀଳକ... ପେଛବ ପୁଷ୍ପପଲ୍ଲବ ପରି, ସୁକୁମାର ଦେହ ଦିନେ ଏହିପରି ନୀଳବର୍ଣ୍ଣ ଧାରଣ କରେ ।

ତା' ପରେ ହୁଏ ବପୁଭାକ୍, ପର୍ଯ୍ୟୁଷିତା । ତା'ପରେ ବିଚ୍ଛିଦକ, ଖଣ୍ଡ ଖଣ୍ଡ ହୋଇ ଛିଣ୍ଡିପଡ଼େ ।

ତା'ପରେ ବିକ୍ଷେକ, ଶିବା ଓ ଗୃଧ୍ର ପଲଙ୍କର ଆହାର୍ଯ୍ୟ ।

ତା'ପରେ ହୁଏ ଗୁଇବନ, କୀଟାଣୁପୂର୍ଣ୍ଣ ।

ତା'ପରେ ବିକ୍ଷିପ୍ତକ ହୋଇ ଇତଃସ୍ତତ ବିକ୍ଷିପ୍ତ ହୋଇପଡ଼େ...

ତା'ପରେ ? ତା'ପରେ ?

ଏତେବାର ମୁଖସ୍ଥ ସତ୍ତ୍ୱେ, ଅଶୁଭଭାବନାର ଶେଷ ପର୍ଯ୍ୟାୟଟି ନୀଳୋତ୍ପଳଙ୍କର ସ୍ମରଣ ହେଲାନାହିଁ । ସେ ଉନ୍ମାଦ ପରି, ଦୁଇ ମୁଷ୍ଟିବଦ୍ଧ ବାହୁ ଶୂନ୍ୟରେ ଉଠାଇ, ଆକାଶକୁ ଚାହିଁ ଚିତ୍କାର କରି ଉଠିଲେ... ''ତା'ପରେ ? ତା'ପରେ ?''

ନିର୍ଜ୍ଜନ ଉପତ୍ୟକାର ପର୍ବତ ପ୍ରାଚୀରରେ ବାଧା ପାଇ ନୀଳୋତ୍ପଳଙ୍କର ଚିତ୍କାର ପ୍ରତିଧ୍ୱନିତ ହୋଇ ଉଠିଲା... ତା'ପରେ ? ତା'ପରେ ?

ତା'ପରେ ଅସ୍ଥିକ ! ଅସ୍ଥିକ ! ଅସ୍ଥି ! ଖଣ୍ଡ ଖଣ୍ଡ ଚୂର୍ଣୀଭୂତ ବିବର୍ଣ୍ଣ ଅସ୍ଥି !

ନୀଳୋତ୍ପଳଙ୍କର ଜ୍ୱରଗ୍ରସ୍ତ ମସ୍ତିଷ୍କ ଓ କଳ୍ପନାରେ, କୁଶୀନର ଉପକଣ୍ଠର କୁସୁମିତ ଶାଳବୀଥିକାରେ, ତଥାଗତ ଆନନ୍ଦକୁ ଯେପରି କହୁଥିଲେ... ''ଏହି ବିବର୍ଣ୍ଣ ଅସ୍ଥି ତ, ରୂପ ତୃଷ୍ଣାର ଚରମ ପରିସମାପ୍ତି !''

ନୀଳୋତ୍ପଳ ପାଗଳ ପରି ଅଟ୍ଟହାସ କରି ଚିତ୍କାର କଲେ... ''ଅସ୍ଥିକ ! ଅସ୍ଥିକ !''

ତା'ପରେ ନୀଳୋତ୍ପଳ ନିଜର ଦୁଇ ସୁପୁଷ୍ଟ ବାହୁର କଠିନ ମାଂସପେଶୀ ସଞ୍ଚାଳିତ କରି ପ୍ରଳାପ କଲାପରି ନିଜକୁ ନିଜେ କହିଲେ... ''ନୀଳୋତ୍ପଳ ! ଏହି ତୁମର ଦୁଇ ସୁପୁଷ୍ଟ ବାହୁ, ବାହୁ ନୁହେଁ, ଏହା ଅସ୍ଥି, ଅସ୍ଥି । ତୁମେ ନିଜେ ନୀଳୋତ୍ପଳ, ତୁମେ ମଧ୍ୟ ଖଣ୍ଡେ ବିବର୍ଣ୍ଣ କୀଟାଣୁପୂର୍ଣ୍ଣ ଅସ୍ଥି !''

କିନ୍ତୁ ଅସ୍ଥି ଖଣ୍ଡର ନିର୍ବାଣଲାଭରେ କି ପ୍ରୟୋଜନ ?

ନୀଳୋତ୍ପଳ ଆକାଶକୁ ଚାହିଁ ଚିତ୍କାର କରି ଉଠିଲେ... ''ଅସ୍ଥି ଖଣ୍ଡର ନିର୍ବାଣ ଲାଭରେ କି ପ୍ରୟୋଜନ କହି ପାରିବ ଆକାଶ ? ଅସ୍ଥିର ପୁର୍ନଜନ୍ମ ନାହିଁ, ପୁନରାଗମନ ନାହିଁ, ରୂପ ତୃଷ୍ଣାର ବେଦନା ନାହିଁ; ଅତୃପ୍ତି ନାହିଁ, ଦୁଃଖ ନାହିଁ... ଏ କେବଳ ଅସ୍ଥି ! ଅସ୍ଥି !''

ତା'ପରେ ତୁଷ୍ଣିତଲୋକର ମହାନିର୍ବାଣ... ଅନନ୍ତ ମହାସୁଖ; ଜନ୍ମ ଓ ପୁନର୍ଜନ୍ମର ଆବର୍ତ୍ତନରୁ ମହାମୁକ୍ତ !

ଗୋଧୂଳିର ଉଦାସ ଛାୟା ପର୍ବତମାଳା ପରିବେଷ୍ଟିତ ଉପତ୍ୟକାରେ ନିବୃତ୍ତିର ଅଚଞ୍ଚଳ

Digitized by srujanika@gmail.com

ମୌନତା ପରି ଗଭୀର ହୋଇ ଆସିଥିଲା । ମାତ୍ର ଧରଣୀର ନିଭୃତତମ ମର୍ମଭୂମିରେ, ଏକ ଗଭୀର ଉଦ୍‌ବେଳନର ରଶ୍ମିମ ଉତ୍ତେଜନା, ଯେପରି ଧୂସର ଆକାଶର ଦିଗ୍‌ବଳୟକୁ ଏକ ଲୋହିତ ଦ୍ୟୁତିରେ ଉଦ୍‌ଭାସିତ କରିଥିଲା ।

ଶ୍ମଶାନରୁ ଅନ୍ୟ ଏକ ପ୍ରାନ୍ତରୁ ଆଉ ଗୋଟିଏ ଶବବାହୀ ଦଳ, ଗୋଧୂଳିର ସେହି ବିଷର୍ଣ୍ଣ ଆଲୋକରେ ପ୍ରତ୍ୟାବର୍ତ୍ତନ କରୁଥିଲେ । ଅଶୁଭ ଭାବନାରେ, ନୀଳୋତ୍‌ପଳଙ୍କର ସିଦ୍ଧି ସମ୍ପୂର୍ଣ୍ଣ ହୋଇଅଛି । ନଶ୍ୱର ନାରୀ ଦେହର, ତୀକ୍ଷ୍ଣ କୋମଳ ରେଖା, ଆଉ ତାଙ୍କର ଚେତନାକୁ ଶଳାକା ପରି ବିଦ୍ଧ କରିବ ନାହିଁ, ଅବଚେତନର ଗହ୍ୱରରେ ନିଦ୍ରିତ କାମନାକୁ ଏକ ଆଦିମ ରାକ୍ଷସ ପରି ଅବର୍ଣ୍ଣନୀୟ କ୍ଷୁଧାରେ ଆଉ ଜାଗ୍ରତ କରିବ ନାହିଁ । ରୂପ ଓ ତୃଷ୍ଣାର ନାଗବନ୍ଧନରୁ ନୀଳୋତ୍‌ପଳ ଆଜି ଜ୍ୟାମୁକ୍ତ ଏକ ଉଇଙ୍ଗ ତୀରପରି, ବେଦନାମୁକ୍ତ ସ୍ୱସ୍ତିର ଏକ ଦୀର୍ଘଶ୍ୱାସପରି । ଏହାପରେ ସେ ପୁଣି ଗୃଧ୍ରକୂଟ ବିହାରରେ ସେହି ନିଭୃତ ସାଧନା କକ୍ଷକୁ ଅଚଞ୍ଚଳ ଚିତ୍ତ ଓ ପ୍ରଶାନ୍ତିରେ ପ୍ରତ୍ୟାବର୍ତ୍ତନ କରିପାରିବେ ।

ଫାଲ୍‌ଗୁନର ମୁକୁଳିତ ବିଲୋଳତା ଆଉ ନାହିଁ ।

ଶେଷ ବସନ୍ତର ଦଗ୍‌ଧମୁକୁଳ ଓ ପଲ୍ଲବର ଭସ୍ମଶଯ୍ୟା ଉପରୁ, ରୁଦ୍ର ବୈଶାଖ, ରକ୍ତଚକ୍ଷୁ ମେଲି, ମୋହମୁକ୍ତ କାପାଳିକ ପରି ଉଠିଲାଣି ।

ଆଜି ଏହି ଶ୍ମଶାନରେ ଆଚାର୍ଯ୍ୟ ଶାନ୍ତିଦେବ, ନୀଳୋତ୍‌ପଳଙ୍କୁ ଭିକ୍ଷୁତ୍ୱର ଉପସମ୍ପଦରେ ଅଭିଷିକ୍ତ କରିବେ । ତା'ପରେ ନୀଳୋତ୍‌ପଳ ହେବେ; କଲ୍ୟାଣମିତ୍ର ଆଚାର୍ଯ୍ୟ ନୀଳୋତ୍‌ପଳ !

ଆଉ ଶବଦେହ ପାଖରେ ବସି, ବିଲୟର ବିଭିନ୍ନ ପର୍ଯ୍ୟାୟ ତିଳେ ତିଳେ ନିଷ୍ପିଦ୍ଧ ହୋଇ ପଞ୍ଚଭୂତ ସହିତ ମିଶିଯିବାର ବିଷଣ୍ଣ ମହାନାଟକ ଲକ୍ଷ୍ୟ କରିବାର ଆବଶ୍ୟକତା ନାହିଁ । ଆଜି ନୀଳୋତ୍‌ପଳଙ୍କର ସାଧନା ସମାପ୍ତ, ଆଜି ତାଙ୍କର ଉପସମ୍ପଦ ପ୍ରାପ୍ତିର ମଙ୍ଗଳ ମୁହୂର୍ତ୍ତ । ନୀଳୋତ୍‌ପଳଙ୍କର ମନେ ପଡ଼ିଗଲା, ଆଜି ମଧ ପୂର୍ଣ୍ଣିମା !

ତଥାପି ନୀଳୋତ୍‌ପଳ ଶ୍ମଶାନରେ ନବାଗତ ଶବଟିକୁ ଥରେ ଦେଖିବାର ବ୍ୟାଧିତ କୌତୂହଳ ଦମନ କରି ପାରିଲେ ନାହିଁ । ଏକ ବଣ୍ୟ ପଶୁପରି, ସେ ଅତି ସନ୍ତର୍ପଣରେ ଶବର ଗନ୍ଧ ଆଘ୍ରାଣ କରି କରି ସେହିଆଡ଼େ ଆଗେଇ ଗଲେ ।

ଶ୍ମଶାନରେ ବେତସଲତାବେଷ୍ଟିତ, ଏକ ନିଭୃତ କୋଣରେ, ଗୋଟିଏ ସମାଧି ଗହ୍ୱରର ଖଣ୍ଡେ ପଥର ତଳେ ଶବବାହୀମାନେ, ଗୋଟିଏ ନୀଳବସ୍ତ୍ରାବୃତ୍ତ ଶବପିଣ୍ଡ ରଖିଯାଇଥିଲେ । ନୀଳୋତ୍‌ପଳ, ଦୁଇବାହୁରେ ସେହି ପଥରଖଣ୍ଡ ଉଠାଇ କାଢ଼ିଦେଲେ ।

ଭୂମିରେ ଗୋଟିଏ ନାରୀର ଶବପିଣ୍ଡ । କେବଳ ମୁଖ ବ୍ୟତୀତ ସମଗ୍ର ଦେହଟି ଖଣ୍ଡେ ନୀଳବସ୍ତ୍ରରେ ଆବୃତ୍ତ ଥିଲା । ନାରୀ ! ନାରୀ ! ଜ୍ୱାଳାମୟୀ ଏକ ଅଗ୍ନିଶିଖା ! ସମାଧିଗହ୍ୱରର ଶୀତଳତା ମଧରେ ଯେପରି ହିମାୟିତ ହୋଇ ଲୋଟି ପଡ଼ିଅଛି । ନୀଳୋତ୍‌ପଳ ଦୁଇ କୋଟରଗତ ଆଖି ହାତରେ ମଳି, ଛାୟାଚ୍ଛନ୍ନ ସମାଧି ଗହ୍ୱର ଭିତରକୁ ନିରୀକ୍ଷଣ କରି

Digitized by srujanika@gmail.com

ଚାହିଁଲେ ।

ଏକ ଗଭୀର କ୍ଷତକୁ ଆକସ୍ମିକ ସ୍ପର୍ଶର ଯନ୍ତ୍ରଣାରୁ ରକ୍ଷା କରିବାର ଶତ ଆୟାସ ସତ୍ତ୍ୱେ, ଯେପରି ଏକ ଅସତର୍କ ଅଙ୍ଗୁଳି ଅଥବା ଅନ୍ୟ କୌଣସି ପ୍ରତ୍ୟଙ୍ଗ ସେହି କ୍ଷତକୁ ହଠାତ୍ ସ୍ପର୍ଶକରି, ଦୁଃସହ ବେଦନାରେ ଜର୍ଜ୍ଜରିତ କରିଦିଏ; ସେହିପରି ଯାହାର ରୂପାକର୍ଷଣ ଭୟ କରିବାପାଇଁ, ଗୃଧ୍ରକୂଟ-ବିହାରର ଶ୍ରମଣ-ଶ୍ରେଷ୍ଠ ନୀଳୋତ୍ପଳ, ଶ୍ମଶାନରେ ପ୍ରେତ, ପିଶାଚ ପରି ବୁଲି, ଅଶୁଭ-ଭାବନା ଅଭ୍ୟାସ କରୁଥିଲେ, ଏବେ ସେହି ମଧୂବ୍ରତା, ମଳୟର ସୁରଭିତ ହିଲ୍ଲୋଳ ପରି ସବୁ ସଞ୍ଜମ, ସାଧନା ଓ ସିଦ୍ଧି ଗୋଟିଏ ବିଲୋଳ ଫୁତ୍କାରରେ କେଉଁଆଡ଼େ ଉଡ଼ାଇ ନେଲା ।

ଏ ଯେ, ଶ୍ରେଷ୍ଠୀ ଶ୍ୱେତପର୍ଣ୍ଣାର ବଧୂ ମଧୁବ୍ରତା !

ସେହି ନୀଳଚେଳପରିହିତା ଅପରାଜିତା ବ୍ରତତୀ ପରି, କୃଶାଙ୍ଗୀ ମଧୁବ୍ରତା ! ପଦ୍ମଦଳ ପରି ଦୁଇ ଆୟତ ଆକ୍ଷିର ଘଞ୍ଚ, ମୁଦ୍ରିତ ପକ୍ଷ୍ମରେଖା, ବ୍ରୀଡ଼ାନତ ମୁଗ୍ଧ ଦୃଷ୍ଟିର ଭ୍ରମ ସୃଷ୍ଟି କରୁଥିଲା । ସ୍ଫୁରିତ ଓଷ୍ଠାଧର ଯେପରି ପ୍ରୀତିଚୁମ୍ବନର ଦନ୍ତାଘାତ ପାଇଁ ଈଷତ୍ ବିସ୍ତାରିତ ହୋଇ ରହିଥିଲା ।

ନୀଳୋତ୍ପଳ ଏକ ହିଂସ୍ର, କ୍ଷୁଧିତ ପଶୁ ପରି ଶବ ଦେହର ଆବୃତ୍ତ ଥିବା ନୀଳବସ୍ତ୍ର ଦୁଇ ହାତରେ କାଢ଼ି ଫିଙ୍ଗିଦେଲେ ।

ଆଃ... ଅନାଘ୍ରାତ ପଦ୍ମକୋରକ ପରି ଅନାହତ ସ୍ତନଯୁଗ୍ମ, ପ୍ରଭାଯୁକ୍ତ ସୁବର୍ଣ୍ଣଳ ନିତମ୍ବ, ପାଷାଣ ପ୍ରତିମା ପରି ମଧୁବ୍ରତାର ଶୀତଳ, ଉଲଙ୍ଗ ପିଣ୍ଡ ଉପରେ, ଯୁଗନଦ୍ଧ ଅବଲୋକିତେଶ୍ୱର ଓ ପ୍ରଜ୍ଞାପାରମିତା ମୂର୍ତ୍ତିର ଭଙ୍ଗୀରେ, ନୀଳୋତ୍ପଳ ନିଜକୁ ନିଦ୍ରିଦ୍ର ଭାବରେ ବିଲୀନ କରିଦେଲେ ।

ତାପରେ ମଧୁବ୍ରତାର ଉଲଙ୍ଗ ପ୍ରାଣହୀନ ପିଣ୍ଡକୁ, ନୀଳୋତ୍ପଳ ଦୁଇ ବାହୁରେ ନିଜର ବକ୍ଷସଂଲଗ୍ନ କରି ତୋଳି, ଅଗଣିତ କ୍ଷୁଧିତ ଚୁମ୍ବନରେ ତାହା ଉଲଙ୍ଗତାକୁ ଯେପରି ଆଚ୍ଛନ୍ନକରି ପକାଇଲେ ।

ଆଚାର୍ଯ୍ୟ ଶାନ୍ତିଦେବ କେତେବେଳେ ଆସି ସେଠାରେ ଉପସ୍ଥିତ ହୋଇଥିଲେ, ନୀଳୋତ୍ପଳ ତାହା ଜାଣି ନଥିଲେ; କିମ୍ବା ସେହି ପ୍ରମତ୍ତମୁହୂର୍ତ୍ତରେ ତାହା ଜାଣିବା ଅବସ୍ଥାରେ ସେ ନଥିଲେ ।

ଆଚାର୍ଯ୍ୟ ଶାନ୍ତିଦେବ ବିକ୍ଷୁବ୍ଧ କଣ୍ଠରେ ଚିତ୍କାର କରି ଉଠିଲେ... ''ନୀଳୋତ୍ପଳ ! ନୀଳୋତ୍ପଳ !''

ଉଲଙ୍ଗ ମଧୁବ୍ରତାର ଶିଥିଳ ପିଣ୍ଡକୁ ନୀଳୋତ୍ପଳ ବକ୍ଷସଂଲଗ୍ନ କରି, ତାହାକୁ ସେହିପରି ନିବିଡ଼ ଭାବରେ ଧରି, ନିର୍ବାକ ଦୃଷ୍ଟିରେ ଚାହିଁ ରହିଥିଲେ ।

ଶାନ୍ତିଦେବ ଚିତ୍କାର କରି ଉଠିଲେ... ''ଏ କଣ କରୁଛ, ମୂଢ଼, ନିର୍ବୋଧ,

Digitized by srujanika@gmail.com

ନୀଳୋତ୍ପଳ ?''

ନୀଳୋତ୍ପଳ ଶାନ୍ତିଦେବଙ୍କ ଆଡ଼େ ଚାହିଁଲେ ନାହିଁ; କିମ୍ବା ତାହାଙ୍କ ଉପସ୍ଥିତିରେ ବିଚଳିତ ହେଲେ ନାହିଁ ।

ଏକ ବର୍ଣ୍ଣନାତୀତ ମହାନିର୍ବାଣ ମଧ୍ୟରେ, ସେ ଯେପରି ସତ୍ତାହୀନ ଭାବରେ ବିଲୁପ୍ତ ହୋଇପଡ଼ିଥିଲେ ।

ରାଜଗୃହ ପର୍ବତମାଳାର ଗୌଟିଏ ନିଃସଙ୍ଗ ଗିରିଶୃଙ୍ଗର ନେପଥ୍ୟରୁ ପୂର୍ଣ୍ଣମୀର ଚନ୍ଦ୍ର ନିଖିଳ ବେଦନାର ଜ୍ୱାଳାମୟ ପିଣ୍ଡ ପରି ଉଇଁ ଆସୁଥିଲେ ।

ନୀଳୋତ୍ପଳ ଦୁଇ ବାହୁରେ ବିବସନା ମଧୁବ୍ରତାର ମୃତପିଣ୍ଡ ଡୋଳିଧରି, ସେହିଆଡ଼େ ପ୍ରମତ୍ତ ପରି ଧାଇଁ ଅଦୃଶ୍ୟ ହୋଇଯାଉଥିଲା ।

ଶାନ୍ତିଦେବ ଅସହାୟ କଣ୍ଠରେ ଚିତ୍କାର କରୁଥିଲେ... ''ନୀଳୋତ୍ପଳ ! ନୀଳୋତ୍ପଳ ।''

ନିର୍ଜ୍ଜନ ପାର୍ବତ୍ୟ ଉପତ୍ୟକାରେ ଶାନ୍ତିଦେବଙ୍କର ବିକ୍ଷୁବ୍ଧ ଆହ୍ୱାନ, ଏକ ପରିହାସ ପରି ପ୍ରତିଧ୍ୱନିତ ହୋଇ ଉଠୁଥିଲା ।

ନୀଳୋତ୍ପଳ ଦୁଇ ବାହୁରେ ବିବସନା ମଧୁବ୍ରତାର ମୃତପିଣ୍ଡ ଆବକ୍ଷ ଆଲିଙ୍ଗନ କରି, ପୂର୍ଣ୍ଣମୀର ପ୍ରଥମ ଜ୍ୟୋତ୍ସ୍ନାସ୍ନାତ ସେହି ଗିରିଶୃଙ୍ଗ ଆଡ଼େ ଧାଇଁ ଅଦୃଶ୍ୟ ହୋଇ ଯାଉଥିଲେ ।

Digitized by srujanika@gmail.com

କାବେରୀରୁ ଗଙ୍ଗା

କୃଷ୍ଣା କୂଳରେ ବାହାମନି-ରାଜଧାନୀ କଲ୍ଲବର୍ଗର ଉପଷ୍ଠରେ, ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର - କର୍ଣ୍ଣାଟ-କଲ୍ଲ ବର୍ଗେଶ୍ୱର ଶ୍ରୀ ଶ୍ରୀ ଶ୍ରୀ କପିଳେନ୍ଦ୍ରଦେବଙ୍କ ଶିବିର । ମାତ୍ର, ମନ୍ତ୍ରୀ ପୁରୋହିତ, ସେନାପତି ଓ ସୈନ୍ୟମାନଙ୍କ ଗହଣରେ କିଛିଦିନ ହେଲା ଏଠାରେ ଛାଉଣି ପକାଇ କପିଳେନ୍ଦ୍ର ଦେବ ଅବସ୍ଥାନ କରୁଅଛନ୍ତି । ଦିନେ ଏହି ନିର୍ଜ୍ଜନ କୃଷ୍ଣବେଣୀ କୂଳ କପିଳେନ୍ଦ୍ରଙ୍କ ସୈନ୍ୟବାହିନୀର ସମର କୁହାଟରେ ପ୍ରକମ୍ପିତ ହୋଇଉଠିଥିଲା । ଦାକ୍ଷିଣାତ୍ୟରେ ଦୁର୍ଦ୍ଧର୍ଷ ମୁସଲମାନ ଶକ୍ତି, ବାହାମନି ସୁଲତାନ୍ ନିଜାମ୍ ଶାହା, ଉତ୍କଳର ସୈନ୍ୟ ବାହିନୀଙ୍କ ଦ୍ୱାରା ପରାସ୍ତ ଓ ନିହତ ହୋଇଥିଲେ । ବାହାମନି ସୁଲତାନ-ଅନ୍ତଃପୁରର ବେଗମ୍‌ମାନଙ୍କର ସୁର୍ମାଙ୍କିତ ଆଖିର ଉଷ୍ଣ ଲୋତକଧାର, କୃଷ୍ଣବେଣୀର ଜଳଧାରକୁ କୃଷ୍ଣ କରିଦେଇଥିଲା । ଆଜି କଳବର୍ଗ ଉତ୍କଳ-ସାମ୍ରାଜ୍ୟର ଅନ୍ତର୍ଭୁକ୍ତ । କୌଣସି ସାମରିକ ଉଦ୍ଦେଶ୍ୟଧରି କପିଳେନ୍ଦ୍ର ଏଠାରେ ତେଣୁ ସିବିର ସ୍ଥାପନ କରିନାହାନ୍ତି । ଆଜି ଉତ୍କଳ ସାମ୍ରାଜ୍ୟ ନିଷ୍ଣଣ୍ଟକ । ଗୌଡ଼ ଓ ମାଳବ ଆଜି କପିଳେନ୍ଦ୍ରଙ୍କ ପଦାନତ । 'ନବକୋଟି'ର ବଲ୍ଲମ କୋଣ୍ଡ, ବିନୁକୋଣ୍ଡ, କୋଣ୍ଡବିଡୁ, ନାଗାର୍ଜୁନ କୋଣ୍ଡ, ରାଜା ମହେନ୍ଦ୍ରି,ପେଡ଼ ପୁରମ୍, କଲୁଉଲପଲ୍ଲୀ, ଉଦାଡ଼ି ଓ ପତନୁରର ଦୁର୍ଗମାନଙ୍କ ଉପରେ ଆଜି ସୁଦର୍ଶନ ଚକ୍ର ଲାଞ୍ଛିତ ଉତ୍କଳର ବିଜୟ କେତନ, ଗୋଦାବରୀର ଜଳକଣାସିକ୍ତ ସମୀରଣରେ ଉଡ୍‌ଡୀନ ହେଉଅଛି । ଦକ୍ଷିଣରେ ରେଡ଼୍‌ଡ଼ି ରାଜାମାନଙ୍କର ଦର୍ପ ଉତ୍କଳୀୟ ପାଇକମାନେ କେବେଠୁ ଚୂର୍ଣ୍ଣ କରିସାରିଛନ୍ତି । କର୍ଣ୍ଣାଟର ମଲ୍ଲିକାର୍ଜୁନ ମଧ୍ୟ କପିଳେନ୍ଦ୍ରଙ୍କ ବଶ୍ୟତା ସ୍ୱୀକାର କରିଛନ୍ତି । ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ କାବେରୀ ପର୍ଯ୍ୟନ୍ତ ଆଜି କପିଳେନ୍ଦ୍ରଙ୍କ ସାମ୍ରାଜ୍ୟ ବିସ୍ତୃତ ହୋଇଅଛି ।

ତେଣୁ ଆଉ କୌଣସି ନୂତନ ଅଭିଯାନରେ ବାହାରି କପିଳେନ୍ଦ୍ର କୃଷ୍ଣାବେଣୀ କୂଳରେ ଶିବିର ସ୍ଥାପନ କରିନାହାଁନ୍ତି । କପିଳେନ୍ଦ୍ର ନିଜେ ଏହି ସୁବିପୁଳ ସାମ୍ରାଜ୍ୟର ସ୍ରଷ୍ଟା । ସମଗ୍ର ପୂର୍ବୋପକୂଳବର୍ତ୍ତୀ ଭାରତ ଖଣ୍ଡ ଏବେ ଗଜପତି ସାମ୍ରାଜ୍ୟର ଅନ୍ତର୍ଭୁକ୍ତ । କପିଳେନ୍ଦ୍ର ଆଜି କିନ୍ତୁ ବିଜୟ କ୍ଲାନ୍ତ । ସୁଦୂର ଦକ୍ଷିଣରେ କାବେରୀ କୂଳପର୍ଯ୍ୟନ୍ତ ବିସ୍ତୃତ ସାମ୍ରାଜ୍ୟ ଥରେ ପରିଭ୍ରମଣ କରି ଆସିବାପାଇଁ; ସେ କେତେ ମାସ ପୂର୍ବରୁ ବାହାରିଥିଲେ । ଏବେ ସେହି ଯାତ୍ରା ପଥରେ, ସେ କୃଷ୍ଣା କୂଳରେ ଶିବିରସ୍ଥାପନ କରି ବିଶ୍ରାମ କରୁଅଛନ୍ତି ।

କୃଷ୍ଣା କୂଳରେ କପିଳେନ୍ଦ୍ରଙ୍କ ଶିବିର ଉପରେ, ସମଗ୍ର ଭାରତର ଦୃଷ୍ଟି ନିବଦ୍ଧ । କପିଳେନ୍ଦ୍ର ସାମାନ୍ୟ ଅସୁସ୍ଥ ଥିବାର ବାର୍ତ୍ତା ଗୁପ୍ତଚରମାନଙ୍କ ମୁଖରୁ ଶୁଣି, କର୍ଣ୍ଣାଟ କଳବର୍ଗ, ଗୌଡ଼ ଓ ଦିଲ୍ଲୀର ରାଜଧାନୀମାନଙ୍କରେ ସାମାନ୍ୟ ଆଶା ଓ ଆନନ୍ଦ ସଞ୍ଚାରିତ ହୋଇଅଛି । ମାତ୍ର ଏ ସମ୍ବାଦକୁ କପିଳେନ୍ଦ୍ରଙ୍କ ଶିବିରରେ ଅତି ଗୁପ୍ତ ରଖା ଯାଇଅଛି । କପିଳେନ୍ଦ୍ରଙ୍କ ବୃଦ୍ଧ ଅମାତ୍ୟ ଗୋପୀନାଥ,

Digitized by srujanika@gmail.com

କପିଳେନ୍ଦ୍ରଙ୍କ ଅବସ୍ଥା ଆଶଙ୍କାପ୍ରଦ ଭାବି, କୁମାର ହମ୍ବିର ଦେବ ମହାପାତ୍ର ଓ ପୁରୁଷୋତ୍ତମ ପ୍ରମୁଖ ରାଜକୁମାରଙ୍କ ନିକଟକୁ ବାର୍ତ୍ତା ପଠାଇଥିଲେ । ମାତ୍ର ସେମାନେ ତଥାପି ଏପର୍ଯ୍ୟନ୍ତ କେହି ଆସି ନାହାଁନ୍ତି । କେବଳ ହମ୍ବିରଙ୍କ ପୁତ୍ର, ଦକ୍ଷିଣ କପିଳେଶ୍ୱର ମହାପାତ୍ର ପିତାମହଙ୍କ ଅସୁସ୍ଥତାର ସମ୍ବାଦ ପାଇ, କୃଷ୍ଣା ତୀରରେ ଆସି ପହଞ୍ଚିଛନ୍ତି ।

ଶରତର ସ୍ୱର୍ଣ୍ଣାଭ ଅପରାହ୍ଣ କେବେଠାରୁ ଧୂସର ହୋଇ ଆସିଲାଣି । ଶିବିରମାନଙ୍କରେ ଗୋଟି ଗୋଟି ହୋଇ ଦୀପାବଳୀ, ଆକାଶରେ ନକ୍ଷତ୍ର ଫୁଟିଲାପରି ଧୀରେ ଧୀରେ ଜଳି ଉଠିଲାଣି । କୃଷ୍ଣା ନଦୀ ବକ୍ଷରେ କୁଇଁଟିକାର ଗୋଟିଏ ପ୍ରଚ୍ଛଦପଟ ସମସ୍ତଙ୍କର ଅଲକ୍ଷିତରେ କେତେବେଳେ ଲାମ୍ବି ଆସିଲାଣି ।

କପିଳେନ୍ଦ୍ରଙ୍କ ଶିବିର ଅଭ୍ୟନ୍ତର ନୀରବ । ଗୋଟିଏ ପଲଙ୍କ ଉପରେ ବୃଦ୍ଧ କପିଳେନ୍ଦ୍ର ଆଖିବୁଜି ପଡ଼ିଅଛନ୍ତି । ତାଙ୍କ ମୁଣ୍ଡଉପରକୁ ଖଣ୍ଡେ କାଷ୍ଠାସନ ଉପରେ ଚିନ୍ତାନ୍ୱିତ ଭାବରେ ବସିଛନ୍ତି ବୃଦ୍ଧ ଅମାତ୍ୟ ଗୋପୀନାଥ । ତାଙ୍କ ଆଖି ଆଗରେ, ଅତୀତର ତିରିଶ ବର୍ଷର ଘଟଣାବହୁଳ ଇତିହାସର ବହୁ ସ୍ମୃତି ଗୋଟିକ ପରେ ଗୋଟିଏ ହୋଇ ଭାସି ଯାଉଛି । ଖୋର୍ଦ୍ଧାତଳି ହଳଦିଆ ଗାଁର ଅଜ୍ଞାତକୁଳଶୀଳ କପିଳ ରାଉତ, ବିମଳାଙ୍କ ମନ୍ଦିର ପାହାଚ ଉପରେ ବସି ମହାପ୍ରସାଦ କଣିକା ଖୁଣ୍ଟି ଖାଇବାର ଦୃଶ୍ୟ, ଆଜିସୁଦ୍ଧା ତାକୁ ଏଇ ସେଦିନର ଘଟଣା ପରି ମନେ ହେଉଛି । କପିଳେନ୍ଦ୍ରଙ୍କ ପାଦତଳେ ଦକ୍ଷିଣ କପିଳେଶ୍ୱର ପ୍ରସ୍ତର-ନିର୍ମିତ ଗୋଟିଏ ସ୍ଥାଣୁମୂର୍ତ୍ତି ପରି ବସିଛନ୍ତି । ଗୋଟିଏ ରୂପା ବଇଠା ଉପରେ ପ୍ରକାଣ୍ଡ ଦୀପଟିଏ ଜଳୁଛି । କୃଷ୍ଣାର ସାନ୍ଧ୍ୟ ସମୀରଣରେ ବେଳେ ବେଳେ ଦୀପଶିଖା ପ୍ରକମ୍ପିତ ହୋଇଉଠୁଛି ।

କପିଳେନ୍ଦ୍ର ଥରେ ଆଖି ମେଲି ଚାରିଆଡ଼କୁ ଚାହିଁ କାହାକୁ ଯେପରି ମନେ ମନେ ଖୋଜୁଥିଲେ । କିନ୍ତୁ କାହାକୁ ପାଇଲେ ନାହିଁ । କପିଳେନ୍ଦ୍ରଙ୍କ ଆସନ୍ନ ମୃତ୍ୟୁ ସମ୍ବାଦ ପାଇ, ହମ୍ବିର ଦେବ ଓ ପୁରୁଷୋତ୍ତମ ଦେବ ପ୍ରମୁଖ ରାଜପୁତ୍ରମାନେ ସମ୍ଭବତଃ ଗଜପତି ସିଂହାସନ ଅଧିକାର ପାଇଁ ପୁରୀ ଧାଇଁବେଣି ।

କପିଳେନ୍ଦ୍ର କ୍ଷୀଣ କଣ୍ଠରେ କହିଲେ... ''ମନେ ପଡୁଛି ଗୋପୀନାଥ, ଏହି କୃଷ୍ଣା କୂଳରୁ ଫେରି ମୁଁ ଜଗନ୍ନାଥଙ୍କୁ 'ପୁଣ୍ଡରୀକ ଗୋପ' ଶାଢ଼ୀ ଉପହାର ଦେଇଥିଲି !''

ଗୋପୀନାଥ କହିଲେ... ''ସେହି ଜଗନ୍ନାଥଙ୍କ କୃପାରେ ଆପଣ ଶୀଘ୍ର ଆରୋଗ୍ୟ ଲାଭ କରି ପୁଣି ଉତ୍କଳ ଫେରିଯିବେ ।''

କପିଳେନ୍ଦ୍ରଙ୍କ ଶୁଷ୍କ, ରକ୍ତହୀନ ଦୁଇ ଓଠରେ ହସର ଗୋଟିଏ କ୍ଷୀଣ ରେଖା ଫୁଟି ଉଠିଲା । ସେ କହିଲେ... ''ସେ ଆଶା ଆଉ କରନାହିଁ ଗୋପୀନାଥ । ଏହି ପୁଣ୍ୟ ତ୍ରିବେଣୀ ତଟରେ ଯଦି ମୁଁ ଦେହତ୍ୟାଗ କରିପାରେ, ତାହାହେଲେ ସେ ହେବ ମୋର ପରମ ସୌଭାଗ୍ୟ ।''

କପିଳେନ୍ଦ୍ର କ୍ଲାନ୍ତ ହୋଇ ପଡ଼ିଲେ । କିଛି ସମୟ ପୁଣି ନୀରବରେ ଆଖି ବୁଜି ପଡ଼ିଲା ପରେ, କପିଳେନ୍ଦ୍ର କ୍ଷୀଣ କଣ୍ଠରେ କହିଲେ... ''ଗୋପୀନାଥ, ଏଥର ଦାକ୍ଷିଣାତ୍ୟରୁ ଯେତେ

Digitized by srujanika@gmail.com

ମଣି ମୁକ୍ତା ଓ ସମ୍ପଦ ଧରି ଫେରିବି ସେ ସବୁ ଉତ୍କଳର ଇଷ୍ଟଦେବ ଜଗନ୍ନାଥଙ୍କଠାରେ ନିବେଦନ କରିବା ପାଇଁ ମନସ୍ଥ କରିଥିଲି । ମାତ୍ର ସେ ସୌଭାଗ୍ୟ, ହୁଏତ ସମ୍ଭବ ହେବ ନାହିଁ । ମୋର ମୃତ୍ୟୁ ପରେ ତୁମେ କିନ୍ତୁ ଗୋପୀନାଥ ଏ ସମସ୍ତ ଆହୃତ ସମ୍ପଦ, ଶ୍ରୀ ଜଗନ୍ନାଥଙ୍କଠାରେ ସମର୍ପଣ କରିଦେବ ।''

କପିଳେନ୍ଦ୍ର ଆଉ କିଛି କହି ପାରିଲେ ନାହିଁ । ତାଙ୍କ ଦୁଇ ଆଖି କ୍ଲାନ୍ତିରେ ପୁଣି ମୁଦ୍ରିତ ହୋଇଗଲା ।

ଗୋପୀନାଥ ଓ ଦକ୍ଷିଣ କପିଳେଶ୍ୱର, ଗୋଟିଏ ଦୀର୍ଘଶ୍ୱାସ ପକାଇ ଶିବିର ବାହାରକୁ ଅତି ଚିନ୍ତାନ୍ୱିତ ଭାବରେ ଚାଲି ଆସିଲେ ।

ଦୁଇ

ଉତ୍କଳ ଗଜପତିଙ୍କ ଛାଉଣି ଅସ୍ୱାଭାବିକ ଭାବରେ ନୀରବ, ଜୀବନଯାତ୍ରାର ସବୁ କୋଳାହଳ, ଅତି ଆକସ୍ମିକଭାବରେ ନୀରବ ଓ ନିସ୍ପନ୍ଦ ହୋଇ ଯାଇଛି । ବୃଦ୍ଧ ଗୋପୀନାଥ ଅତି ଚିନ୍ତାନ୍ୱିତ ଭାବରେ ତଳକୁ ମୁଣ୍ଡ ନୁଆଁଇ କୃଷ୍ଣାତୀର ଆଡ଼େ ବୁଲି ବାହାରି ଥିଲେ । ଦକ୍ଷିଣ କପିଳେଶ୍ୱର ତାଙ୍କ ପଛେ ପଛେ ନିଜର ଚିନ୍ତାରେ ନିଜେ ଆତ୍ମବିସ୍ମୃତ ହେଲାପରି ବାଟ ଚାଲୁଥିଲେ । କେଉଁଠି ଜଣେ ଭାଟ, ଗୋଟିଏ ପ୍ରଶସ୍ତି ଅତି ସୁଲଳିତ କଣ୍ଠରେ ଗାନ କରୁଥିଲେ । ଦକ୍ଷିଣ କପିଳେଶ୍ୱର ତାହା ଉତ୍କର୍ଣ୍ଣ ହୋଇ ଶୁଣିଲେ... ।

''କର୍ଣ୍ଣାଟୋଦ୍ଗାସସିଂହଃ କଳଵରଗ ଜୟୀ
ମାଳଵ ଧ୍ୱଂସଶୀଳଃ
ଜଂଘାଳୋ ଗୌଡ଼ମର୍ଦ୍ଦୀ ଭ୍ରମରବର ନୃପୋ
ଧ୍ୱସ୍ତଡ଼ିଲ୍ଲୀନ୍ଦ୍ର ଗର୍ବଃ ॥
ସଂଗ୍ରାମେ ଦ୍ରଷ୍ଟୁମେନଂ ପ୍ରତିଭଟ ସୁଭଟାଃ
କେବଳନ୍ତେ ବଳନ୍ତେ
କ୍ଷେଷାଂ ସ୍ୟାନ୍ନାକନାରୀ କୁଚ କଇଶତଟୀ
କୁଙ୍କୁମା ସଙ୍ଗ ରଙ୍ଗ ॥''

ଗୋପୀନାଥ କହିଲେ... ''କର୍ଣ୍ଣାଟ ଧ୍ୱଂସକ କଳଵର୍ଗ ଜୟୀ, ମାଳଵ ବିଧ୍ୱଂସୀ, ଦିଲ୍ଲୀଶ୍ୱର ଗର୍ବ ଖର୍ବକାରୀ, ଗୌଡ଼ମର୍ଦ୍ଦୀ ଭ୍ରମରବର ନୃପ, ଗଜପତି କପିଳେନ୍ଦ୍ର ଦେବଙ୍କ ପ୍ରଶସ୍ତି କେହି ଭାଟ ଗାନ କରୁଅଛି ।''

ଭାଟର ପ୍ରଶସ୍ତି ଗାନରେ ଦକ୍ଷିଣ କପିଳେଶ୍ୱର ମନ୍ତ୍ରମୁମ୍ଧ ହେଲାପରି ହୋଇ ପଡ଼ିଥିଲେ । କେତେ ସମୟ ପରେ ଦକ୍ଷିଣ କପିଳେଶ୍ୱର ଏହି ଭାଟକୁ ଦେଖିବା ପାଇଁ ଇଚ୍ଛା ପ୍ରକାଶ

Digitized by srujanika@gmail.com

କରିବାରୁ, ବୃଦ୍ଧ ଅମାତ୍ୟ ଗୋପୀନାଥ ଓ କପିଳେଶ୍ୱର ଦୁହେଁ ଭାଟ କଣ୍ଠ ବାରି ବାରି ଆସିଲେ । ସୈନ୍ୟମାନଙ୍କର ଛାଉଣୀଠାରୁ ଅଦୂରରେ ଜଣେ ଅନ୍ଧ ଭାଟ ବସି ଗାଉଥିଲେ...

''ଚଣ୍ଡେ କୋଦଣ୍ଡ ଦଣ୍ଡେ ସକୃଦପି
ସମରେ ଯସ୍ୟ ସଂସକ୍ତ କାଣ୍ଡେ;
ସଂବୃତ୍ତେ ସଂପ୍ରବୃତ୍ତେ ଗତବତି ବିଜୟଂ
ବୈର ଜାତେ କରାଳେ ।''*

ଅନ୍ଧ ଭାଟର ସଙ୍ଗୀତରେ ବୃଦ୍ଧ ଗୋପୀନାଥଙ୍କ ଶୁଷ୍କ, ଶିରାଳ ଦେହସୁଦ୍ଧା ରୋମାଞ୍ଚିତ ହୋଇ ଉଠିଲା । ଗତ ତିରିଶ ବର୍ଷର ଇତିହାସ ଯେପରି ଭାଟର ସେହି ସଙ୍ଗୀତରେ ପ୍ରାଣବନ୍ତ ହୋଇ ଉଠିଥିଲା । ଆତ୍ମରକ୍ଷାର ଶତ ଦୈନ୍ୟ ଓ ବୈରୀ, ନିର୍ଯ୍ୟାତନାର ଶତ ପୀଡ଼ନ ଭିତରୁ ନବ ଜାଗ୍ରତ ଉତ୍କଳର ଏ ଯେପରି ନୂତନ ଚୈତ୍ର ସଙ୍ଗୀତ ! ଉତ୍କଳ ଇତିହାସର ଦିଗ୍‌ବଳୟରେ ଏକ ଅନ୍ଧକାର ରଜନୀ ଶେଷରେ, ଦିନେ ଯେଉଁ ନବୀନ ସୂର୍ଯ୍ୟ ଉଦ୍ଭାସିତ ହୋଇ, ସମଗ୍ର ଭାରତକୁ ଝଲସାଇ ଦେଇଥିଲା, ଏ ସଙ୍ଗୀତ ଯେପରି ସେହି ଅଭ୍ୟୁଦୟର ଦୀପ୍ତିମୟ ଆବାହନ ।

ଗୋପୀନାଥ ନିଜ ଅଙ୍ଗୁଳିରୁ ଗୋଟିଏ ସ୍ୱର୍ଣ୍ଣମୁଦ୍ରିକା କାଢ଼ି, ଅନ୍ଧର ପ୍ରସାରିତ ହାତରେ ପକାଇ ଦେଇ ଚାଲି ଆସୁଥିଲେ; ଦକ୍ଷିଣ କପିଳେଶ୍ୱର କହିଲେ... ''ଏମାନଙ୍କଠାରୁ ଗଜପତି କପିଳେନ୍ଦ୍ରଙ୍କ ଜୀବନ କାହାଣୀ ଶୁଣିବା ପାଇଁ ଇଚ୍ଛା ହେଉଛି ।''

ଗୋପୀନାଥ କହିଲେ... ''ଆସନ୍ତୁ କୁମାର, ମୋଠାରୁ ଶୁଣିବେ ସେ କାହାଣୀ । ଗଙ୍ଗବଂଶର ଶେଷ ଗଜପତି ମଉଭାନୁ, ଯେଉଁଦିନୁ ଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ, ବିମଳାଙ୍କ ପାହାଚ ତଳୁ କପିଳେନ୍ଦ୍ରଙ୍କୁ ଉଠାଇ ତାଙ୍କ ମୁଣ୍ଡରେ ଶିରୀପା ବାନ୍ଧିଲେ, ସେହିଦିନୁ ଆଜି ପର୍ଯ୍ୟନ୍ତ ତାଙ୍କୁ ମୁଁ ଦେଖି ଆସୁଛି । ମୋଠାରୁ ତାଙ୍କ କାହାଣୀ ଆଉ ବେଶି ଜାଣିବ କିଏ ?''

କୁମାରଙ୍କୁ ସଙ୍ଗରେ ଧରି ଗୋପୀନାଥ କୃଷ୍ଣା ନଦୀର ନିର୍ଜ୍ଜନ ତଟଭୂମିଆଡ଼େ ଫେରି ଆସିଲେ । କୃଷ୍ଣାର ଶାନ୍ତ ଜଳରାଶି ଉପରେ, ସନ୍ଧ୍ୟାର କେତୋଟି ତାରା ଧୀରେ ଧୀରେ ପ୍ରତିଫଳିତ ହୋଇ ଉଠୁଥିଲା । ଗୋପୀନାଥ କପିଳେନ୍ଦ୍ରଙ୍କ କାହାଣୀ ଆରମ୍ଭ କଲେ...

ତିନି

ଇତିହାସର ପରିହାସ ବିଚିତ୍ର ।

ଉତ୍କଳର ଭାଗ୍ୟଭାନୁ ବହୁ ଶତ୍ରୁ ଆକ୍ରମଣର ଘନଘଟା ମଧ୍ୟରେ ଅସ୍ତମିତ ହେଉଥିଲା- ବେଳେ ଗଜପତି ସିଂହାସନରେ, ଶେଷ ଗଙ୍ଗନରପତି ମଉଭାନୁ ଦେବ ଅଧିଷ୍ଠିତ ଥିଲେ । ସେ ଖାଲି ମଉଭାନୁ ନଥିଲେ - ସେଥିଲେ ପୁଣି ମଧୁପଭାନୁ, ନିଃଶଙ୍କ ଭାନୁ । ଉଆସ ଭିତରେ ମାହାରା

* କଟକ ଚିଲ୍ଲା ଗୋପୀନାଥପୁର ଶିଳାଲିପିରେ ଉତ୍କୀର୍ଣ୍ଣ କପିଳେନ୍ଦ୍ର - ପ୍ରଶସ୍ତି ।

Digitized by srujanika@gmail.com

ମାନଙ୍କ ନାଚ ଦେଖି, ପଣା ଗଞ୍ଜପା ଖେଳି, ଗୌଡ଼ରୁ ଆମଦାନୀ ହେଉଥିବା ପାରସ୍ୟ ଦେଶର ସୁରା ପିଇ ପିଇ ମଉଭାନୁଙ୍କ ଦିନଗୁଡ଼ିକ ଯଥାର୍ଥରେ ନିଃଶଙ୍କ ଭାବରେ କଟୁଥିଲା । ଉତ୍ତର ଆଡୁ ମୁସଲମାନମାନେ, ପୁଣି ଦକ୍ଷିଣ ଆଡୁ ରେଡ୍‌ଡୀମାନେ, ଉତ୍କଳ ଉପରେ ବାରମ୍ବାର ଆକ୍ରମଣ କରୁଥିଲେ । ମାତ୍ର ସେଥିପ୍ରତି ମଉଭାନୁଙ୍କର ଚିନ୍ତା ନଥିଲା । ରାଜଶକ୍ତି ଏହିପରି ଦାୟିତ୍ୱ ହୀନ ଓ ଦୁର୍ବଳ ହୋଇ ପଡ଼ିଥିବା ବେଳେ ଉତ୍କଳର ଦୁର୍ଦ୍ଧର୍ଷ ପାଇକମାନେ ହିଁ ପ୍ରାଣ ପଣ କରି ଉତ୍କଳର ସ୍ୱାଧୀନତା ଅକ୍ଷୁଣ୍ଣ ରଖି ପାରିଥିଲେ । ମଉଭାନୁ ଅପୁତ୍ରିକ । ଘୋର ଇନ୍ଦ୍ରିୟାସକ୍ତି ଫଳରେ ସେ ପୁଣି ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ ହୋଇ ପଡ଼ିଥିଲେ । ଗଜପତି ସିଂହାସନର ଭବିଷ୍ୟତ ସମ୍ପର୍କରେ ତେଣୁ ଅମାତ୍ୟ ଓ ସେନାପତିମାନେ ଘୋର ଚିନ୍ତିତ ହୋଇ ପଡ଼ିଥିଲେ ।

ଏହି ସମୟରେ ଉତ୍କଳର ଉତ୍ତର ସୀମାନ୍ତ, ମାଳବର ସୁଲତାନ୍ ହୁଶାଙ୍ଗ ଘୋରୀ ଦ୍ୱାରା ଆକ୍ରାନ୍ତ ହେଲା । ସେନାପତିମାନେ ଅବିଳମ୍ବେ ଏ ଆକ୍ରମଣର ସମ୍ମୁଖୀନ ହେବାପାଇଁ ମଉଭାନୁଙ୍କୁ ବହୁ ଅନୁରୋଧ କଲେ । ମାତ୍ର ଆଜି ଯିବେ କାଲି ଯିବେ କହି ଦିନପରେ ଦିନ ବିତିଲା ସିନା, ମଉଭାନୁଙ୍କ ଯୁଦ୍ଧ ଯାତ୍ରାର କୌଣସି ସଙ୍କେତ ମିଳିଲା ନାହିଁ । ପାଇକମାନେ କୌଣସିମତେ ଉତ୍କଳର ଉତ୍ତର ସୀମା ଛଗି ରହିଥାନ୍ତି । ଅବଶେଷରେ ସମ୍ବାଦ ମିଳିଲା, ମଉଭାନୁ ନିଜେ ସୈନ୍ୟ ସାମନ୍ତ ଧରି ନ ଆସିଲେ, ପାଇକମାନେ ପ୍ରତିରୋଧ ଛାଡ଼ିଦେବେ । କାହାକୁ ଚାହିଁ ବା ସେମାନେ ରାଜ୍ୟରକ୍ଷା କରିବେ ? ତେଣୁ ଅଗତ୍ୟା ମଉଭାନୁ ସଙ୍ଗରେ ବହୁ ମାହାରୀ, ନର୍ତ୍ତକୀ, ଗାୟକ, ବାଦକ ଓ ପାରିଷଦ ଧରି ସେନାପତିମାନଙ୍କ ପଛେ ପଛେ ବହୁ ଆଡ଼ମ୍ବରରେ ଛାଉନଗର ଅଭିମୁଖରେ ବାହାରିଲେ ।

ମଉଭାନୁ ଛାଉନଗର ଅଭିମୁଖରେ ସୈନ୍ୟ ସାମନ୍ତ ଧରି ବାହାରିଥିବା ଶୁଣି ହୁଶାଙ୍ଗ ଘୋରୀ ମନେ ମନେ ଆତଙ୍କ ଗଣିଲେ । ଖଣ୍ଡାୟତ ପାଇକମାନଙ୍କ ବୀରତ୍ୱ ସେ ଅଙ୍ଗେ ନିଭେଇଛନ୍ତି, ଖଣ୍ଡେ ଖଣ୍ଡେ ପାଞ୍ଚଣ ବାଡ଼ିରେ ସୁଦ୍ଧା ସେମାନେ ମୁସଲମାନ ବାହିନୀକୁ ନାକରେ ପାଣି ପିଆଇ ଦେଇଛନ୍ତି । ସ୍ୱୟଂ ଗଜପତି ଯଦି ସୈନ୍ୟ ସାମନ୍ତ ଧରି ଯୁଦ୍ଧ କରିବା ପାଇଁ ଆସନ୍ତି, ତାହେଲେ ମୁସଲମାନ ବାହିନୀ ସମୂଳେ ଲୋପ ପାଇଯିବେ ବୋଲି ସେମାନେ ମନେ ମନେ ଆତଙ୍କ ଗଣୁଥିଲେ । ରାଜ୍ୟ ଜୟ କରିବା ଅସମ୍ଭବ ମଣି ଲୁଟତରାଜରେ ଯାହା ମିଳିଲା ସେତକ ଧରି ସେ ବାହାରି ଯିବାପାଇଁ ଭାବୁଥିଲେ । ମୁସଲମାନମାନେ ସମଗ୍ର ଉତ୍ତର ଭାରତ ଜୟ କରି ପାରିଥାନ୍ତି; ମାତ୍ର ଉତ୍କଳ ଜୟ କରି ଏ ବୀର ପ୍ରସବିନୀ ଭୂମିକୁ ପଦାନତ ରଖିବା ଯେ ଅସମ୍ଭବ, ହୁଶାଙ୍ଗ ଘୋରୀ ତାହା ବୁଝି ସାରିଥିଲେ ।

ଇତି ମଧ୍ୟରେ ମଉଭାନୁ ଜାଜନଗରରେ ପହଞ୍ଚି ଶିବିର ସ୍ଥାପନ କରି ସାରିଥାଆନ୍ତି । ଗଜପତିଙ୍କ ସୈନ୍ୟବାହିନୀ ଓ ଯୁଦ୍ଧସଜ୍ଜା ଦେଖି ମୁସଲମାନ ବାହିନୀ, ଜାଜନଗର ବାହାରେ ଆତ୍ମଗୋପନ କଲେ । ମଉଭାନୁଙ୍କ ଦିନଗୁଡ଼ିକ ନିଃଶଙ୍କ ନୈଶ୍ଚିନ୍ତ୍ୟରେ ମାହାରୀମାନଙ୍କ ନୃତ୍ୟର ତାଳେ ତାଳେ ଶ୍ରୀ ହସ୍ତରେ ସୁରାପାତ୍ରରେ ବୁଦ୍ ବୁଦ୍ ପରି ଲୋଟିଯାଉଥିଲା ।

Digitized by srujanika@gmail.com

ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଗଲାଣି ।

ମଉଭାନୁଙ୍କ ଶିବିରର ଅଭ୍ୟନ୍ତର ଦୀପମାଳାର ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇଥିଲା । ସେନାପତିମାନେ ହୁଶାଙ୍ଗ ଘୋରୀର ସୈନ୍ୟବାହିନୀ ଉପରେ ଆକ୍ରମଣ ଆରମ୍ଭ କରିବା ପାଇଁ ଏତେ ସମୟ ଧରି ମଉଭାନୁଙ୍କୁ ପ୍ରବର୍ତ୍ତାଇ ଥିଲେ । ଯଥା ସମୟରେ ତାହା ଚିନ୍ତା କରି ସ୍ଥିର କରିବେ ବୋଲି କହି, ମଉଭାନୁ ସେମାନଙ୍କୁ ବିଦାୟ କରି ଦେଇଛନ୍ତି । ସେନାପତିମାନେ ବିଦାୟ ନେଇ ନିଜ ନିଜ ଶିବିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମଉଭାନୁ ନିଶ୍ଚିନ୍ତ । ମାହାରୀ ନୃତ୍ୟ ଆରମ୍ଭ କରିବା ପାଇଁ ବୀଣାକାରମାନେ ବୀଣା ତାର ଉପରେ ଧୀରେ ଧୀରେ ପ୍ରାଥମିକ ଆଳାପ ଆରମ୍ଭ କରିଥିଲେ । ମଉଭାନୁଙ୍କ ଅନ୍ତରଙ୍ଗ ପାରିଷଦମାନେ ମଧ୍ୟ ଚାରିକଡ଼େ ଛୁଟି ଯାଇଥିଲେ । ସୁରାର ନିଶାରେ ସମସ୍ତେ ମସଗୁଲ । ସମସ୍ତଙ୍କ କଣ୍ଠରେ ମଉଭାନୁଙ୍କ ଶୌର୍ଯ୍ୟ ଓ ବୀର୍ଯ୍ୟର ଭୂରି ଭୂରି ପ୍ରଶଂସା । ମଉଭାନୁଙ୍କ ଗୌରବରେ ଗଙ୍ଗବଂଶ ଧନ୍ୟ ହୋଇଛି ବୋଲି ପ୍ରକାଶ କରିବା ପାଇଁ ପାରିଷଦମାନଙ୍କ ମଧ୍ୟରେ ପ୍ରତ୍ୟେକର ଅନ୍ୟ ସହିତ ତୀବ୍ର ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇ ସେ କୋଳାହଳରେ ବୀଣାର ବାଦନ ଆଉ ଶୁଭୁ ନଥିଲା ।

ଏହି ସମୟରେ ଜଣେ ପାରିଷଦ ହଠାତ୍ ଆସି ନିବେଦନ କଲେ... ''ଗୌଡ଼ ଦେଶରୁ ଦଳେ ନର୍ତ୍ତକୀ ଉତ୍କଳ ଗଜପତିଙ୍କ ମନୋରଞ୍ଜନ ପାଇଁ ଜାଜନଗର ଆସିଛନ୍ତି । ଆଦେଶ ହେଲେ ସେମାନଙ୍କୁ ଏହି ମୁହୂର୍ତ୍ତରେ ଏଠାକୁ ନେଇ ଆସିବି ।''

ଆଉ ଜଣେ ପାରିଷଦ କହିଲେ... ''ମାହାରୀମାନଙ୍କ ନାଚ ସବୁଦିନେ ତ ଦେଖୁଛେ, ଆଜି ଗୌଡ଼ର ନର୍ତ୍ତକୀମାନଙ୍କର ନୃତ୍ୟ ଦେଖାଯାଉ ।''

ମଉଭାନୁଙ୍କ ଆଦେଶମତେ ନର୍ତ୍ତକୀମାନେ ମଉଭାନୁଙ୍କ ଶିବିର ଅଭ୍ୟନ୍ତରକୁ ଆସିଲେ । ନର୍ତ୍ତକୀମାନଙ୍କ ସଙ୍ଗରେ ଚାରିଜଣ ବିଭିନ୍ନ ବାଦ୍ୟକାର । ସମସ୍ତଙ୍କ ପଛରେ ଆସିଲେ ଜଣେ ଉଷ୍ଟ୍ରୀଶଧାରୀ ପ୍ରୌଢ଼, ଦଳର ଓସ୍ତାଦ୍ । ଉଚ୍ଚ ଶାଳଗଛ ପରି ଚେହେରା । ଆଖି ଦୁଇଟି ଅସ୍ୱାଭାବିକ ଭାବରେ ଉଜ୍ଜ୍ୱଳ । ପରିଧାନ ପରିପାଟୀ ମୂସଲମାନୀ ଢଙ୍ଗର, ଓସ୍ତାଦ୍ ଅଣ୍ଡା ଓ ମୁଣ୍ଡ ନୁଆଇଁ ସାତଥର ଭୂମିସ୍ପର୍ଶ କରି ମଉଭାନୁଙ୍କୁ କୁର୍ଣୀଶ ଜଣାଇ କହିଲେ...''ଦକ୍ଷିଣର ବାହାମନୀଠାରୁ ଉତ୍ତରରେ ଦିଲ୍ଲୀପର୍ଯ୍ୟନ୍ତ ସବୁ ଦରବାରରେ ଉତ୍କଳ ଗଜପତିଙ୍କ ବହୁ ନେକ୍‌ନାମ୍ ଆମ୍ଭେମାନେ ଶୁଣି ଆସିଥିଲୁଁ । ନୃତ୍ୟ ଓ ସଙ୍ଗୀତ ପ୍ରତି ଉତ୍କଳ ଗଜପତିଙ୍କ ଦୀଲ୍‌ଚସ୍‌ବିର ଆମ୍ଭେମାନେ ଢେର ଢେର ପ୍ରଶଂସା ଶୁଣି ଆସୁଅନ୍ତୁ । ଗଜପତିଙ୍କ ମନୋରଞ୍ଜନ ପାଇଁ ଆଦେଶ ପାଇଲେ ଆମ୍ଭେମାନେ ନିଜକୁ ବହୁ ଧନ୍ୟ ମନେ କରିବୁଁ ।''

ଓସ୍ତାଦ୍‌ଙ୍କ କଥାରେ ପାରିଷଦମାନେ ସମବେତ କଣ୍ଠରେ ''ସାଧୁ ସାଧୁ'' ବୋଲି ଚିତ୍କାର କରି ଉଠିଲେ । ଏହାପରେ ବାଦକମାନଙ୍କ ସମବେତ ବାଦ୍ୟ ସହିତ, ନର୍ତ୍ତକୀମାନଙ୍କର ନୃତ୍ୟ ଆରମ୍ଭ ହେଲା ।

ସମସ୍ତେ ନିଶା ଓ ନୃତ୍ୟ ବିଭୋର । ମଉଭାନୁ ମଧ୍ୟ ଆତ୍ମ ସମ୍ବରଣହୀନ ହୋଇ ପଡ଼ିଥିଲେ ।

Digitized by srujanika@gmail.com

ଠିକ୍ ମୁହୂର୍ତ୍ତ ଉଣ୍ଡି, ଓସ୍ତାଦ୍ ଲମ୍ଫ ଦେଇ ଗୋଟିଏ ଉଲଙ୍ଗ ତରବାରୀ କାଢ଼ି ନର୍ତ୍ତକୀମାନଙ୍କ ମଝିରେ ଠିଆ ହୋଇ ପଡ଼ିଲେ ।

ଶିବିର ମଧ୍ୟରେ ଓସ୍ତାଦ୍‌ଙ୍କୁ ତରବାରୀ ହସ୍ତରେ ଦେଖି ମଉଭାନୁ ଓ ଅନ୍ୟ ପାରିଷଦମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । କେଉଁ ଐନ୍ଦ୍ରଜାଲିକର ଯାଦୁକାଠିରେ ଯେପରି ବାଦ୍ୟକାରମାନେ ମଧ୍ୟ ହଠାତ୍ ଖଡ୍‌ଗଧାରୀ ଆତତାୟୀରେ ପରିଣତ ହୋଇଗଲେ । ବାଦ୍ୟଯନ୍ତ୍ର ଫିଙ୍ଗି ସେମାନେ ତରବାରୀ ଧରି ଓସ୍ତାଦ୍‌ଙ୍କ ପଛପଟେ ଠିଆହୋଇ ଗଲେ ।

ଓସ୍ତାଦ୍ କହିଲେ... ''ମୋତେ ଚିହ୍ନି ପାରୁଛନ୍ତି ଗଜପତି ? ମୁଁ ହୁଶାଙ୍ଗ ଘୋରୀ, ଆପଣ ବର୍ତ୍ତମାନ ମୋର ବନ୍ଦୀ !''

ମଉଭାନୁ ଅବିଚଳିତ ଭାବରେ ଆସନ ଛାଡ଼ି ଠିଆହେଲେ । ତାଙ୍କର ଦୁଇ ଆଖିରୁ ଯେପରି ଅଗ୍ନି ଛୁଟିଛି ନିର୍ଗତ ହେଲା । ମଉଭାନୁ କିନ୍ତୁ ଆତ୍ମ ସମ୍ବରଣ କରି ସ୍ମିତ ହସି କହିଲେ... ''ହୁଶାଙ୍ଗ ଘୋରୀ, ଉତ୍କଳର ଗଜପତିକୁ ପଣବନ୍ଦୀ କରି ପାରନ୍ତି, ନୀଚ ଆତତାୟୀ ପରି ହତ୍ୟା ମଧ୍ୟ କରି ପାରନ୍ତି; ମାତ୍ର ଉତ୍କଳକୁ ଜୟ କରିବାର ଆଶା ଭୁଲି ଯାଆନ୍ତୁ । ଗଜପତି ଉତ୍କଳ ଇତିହାସର ଏକ ସଙ୍କେତ - ମାତ୍ର ଉତ୍କଳର ପ୍ରାଣ ନୁହଁନ୍ତି । ଉତ୍କଳର ଯଥାର୍ଥ ପ୍ରାଣ ଏହାର ପାଇକ କୁଳ, ସମଗ୍ର ଉତ୍ତର-ଭାରତ ଓ ଦାକ୍ଷିଣାତ୍ୟରେ ମୁସଲମାନ ଶକ୍ତି ପ୍ରତିଷ୍ଠିତ ହୋଇ ପାରିଥିଲେ ସୁଦ୍ଧା, ଉତ୍କଳକୁ ସେମାନେ ପାରି ନାହାଁନ୍ତି, ଆପଣ ମଧ୍ୟ ପାରିବେ ନାହିଁ । ପାଇକମାନଙ୍କ ଆକ୍ରମଣପରେ ଆପଣ ତୁଳାପରି କେଉଁଆଡ଼େ ଉଡ଼ିଯିବେ । ତେଣୁ ଉତ୍କଳ ଅଧିକାର କରିବାର ଧୃଷ୍ଟତା ଆପଣ ପରିହାର କରନ୍ତୁ ।''

ସୁଲତାନ୍ ହୁଶାଙ୍ଗ ଘୋରୀ ବୁଦ୍ଧିମାନ । ଗଜପତି ମଉଭାନୁକୁ ଛଳ ଓ କୌଶଳରେ ବନ୍ଦୀ କରିବା ସମ୍ଭବ ହୋଇପାରେ, ମାତ୍ର ଉତ୍କଳର ପାଇକ ବାହିନୀ ଆଗରେ ହୁଶାଙ୍ଗ ଘୋରୀ ଯଥାର୍ଥରେ ତୂଳାପରି କେଉଁଆଡେ ଉଡ଼ିଯିବେ । ଏହାଠାରୁ ଘରପୋଡ଼ିରୁ ଯଥାଲାଭ ହେଲାପରି ଯଦି ଏହି ସୁଯୋଗରେ ଗଜପତିଙ୍କ ଠାରୁ କିଛି ଅର୍ଥ ମିଳେ, ତା'ହେଲେ ସେଥିରେ ବରଂ କିଛି ଲାଭ ହୋଇପାରେ ।

ହୁଶାଙ୍ଗ ଘୋରୀ ଅର୍ଥ ବିନିମୟରେ ଗଜପତି ମଉଭାନୁକୁ ମୁକ୍ତ କରି ଦେବାର ପ୍ରସ୍ତାବ କଲେ । ମଉଭାନୁ ସ୍ମିତ ହସି କହିଲେ... ''ସୁଲତାନ୍ ହୁଶାଙ୍ଗ ଘୋରୀ ଯେତେବେଳେ ସୁଦୂର ମାଳବରୁ ଆସି ଗଜପତିଙ୍କ ଦରବାରରେ ଖେମଟା ନାଚିଛନ୍ତି, ସେତେବେଳେ ବିନା ପାରିତୋଷିକରେ ତାଙ୍କୁ ବିଦାୟ ଦେବା ତ ଉଚିତ୍ ହୁଅନ୍ତା ନାହିଁ ।''

ଗଜପତିଙ୍କଠାରୁ କେତେ ଘର ହାତୀ ଓ ସାମାନ୍ୟ ଅର୍ଥ ପାଇଁ ହୁଶାଙ୍ଗ ଘୋରୀ ସୈନ୍ୟବଳ ଧରି ଜାଜନଗରଠାରୁ ଫେରିଗଲେ ।

ମଉଭାନୁ ''ଯୁଦ୍ଧ'' ଶେଷରେ ଶିବିର ଉଠାଇ ପୁରୀ ଫେରିଆସିଲେ ।

ବୀର ଶ୍ରୀ ଗଜପତି ମଉଭାନୁଦେବ ଜାଜନଗର ରଣକ୍ଷେତ୍ରରେ ଦୁର୍ଦ୍ଦାନ୍ତ ସୁଲତାନ୍ ହୁଶାଙ୍ଗ

Digitized by srujanika@gmail.com

ଘୋରୀକୁ ପରାସ୍ତ କରି, ଅକ୍ଷତ ଶରୀରରେ ପୁରୀ ବାହୁଡ଼ି ଆସିଥିବାରୁ ସବୁଆଡ଼େ ଜୟ ଜୟ ରବ ପଡ଼ିଗଲା ।

ତୋଷାମୋଦକାରୀ ପାରିଷଦ ଓ ପାଖ ଲୋକମାନେ, ମଉଭାନୁଙ୍କ ଶୌର୍ଯ୍ୟ ଓ ବୀର୍ଯ୍ୟର ଅତିରଞ୍ଜିତ କାହାଣୀମାନ ଲୋକରେ ପ୍ରଚାର କରିଦେଇ । ତଥାପି ସତ କଥାଟା ଲୁଚି ରହି ପାରିଲା ନାହିଁ । ଗଜପତି, ''ଗଜ'' ବିନିମୟରେ, ହୁଶାଙ୍ଗ ଘୋରୀ କବଳରୁ ମୁକ୍ତି ପାଇ ଆସିଥିବା କଥାଟା ମଧ୍ୟ ଲୁଚି ରହିଲା ନାହିଁ ।

ଚାରି

ଏବେ କେତେଦିନ ହେଲା ଶ୍ରୀମନ୍ଦିର ବେଢ଼ା ଭିତରେ ବିମଳାଙ୍କ ପାହାଚ ତଳେ ସକାଳୁ ରାତିରେ ପହଡ଼ ପଡ଼ିବା ପର୍ଯ୍ୟନ୍ତ, ଜଣେ ଲୋକ ବେଳେ ବେଳେ ତଳକୁ ମୁଣ୍ଡ ନୁଆଁଇ, ଆଉ କେତେବେଳେ ବା ମନ୍ଦିର ଚୂଡ଼ାରେ ସୁଦର୍ଶନ ଚକ୍ର ଲାଞ୍ଛିତ ପତାକା ଆଡ଼େ ଶୂନ୍ୟ ଦୃଷ୍ଟିରେ ଚାହିଁ ବସୁଥିବା, ଅନେକଙ୍କ ଦୃଷ୍ଟିରେ ପଡ଼ିଲାଣି । ଲୋକଟି ସବଳକାୟ ଯୁବକ । ମୁଣ୍ଡରେ ବାବୁରୀ ବାଳ, କାନ୍ଧ ଉପରକୁ ଲମ୍ବି ଆସିଅଛି । ଦେହରେ ମାଂସପେଶୀ ସବୁ ଲୁହାର କନ୍ଦୁକ ପରି । ଲୋକଟି କାହାକୁ କିଛି କୁହେନାହିଁ । ଯାତ୍ରୀମାନେ କେହି ଦୟା ଓ ସହାନୁଭୂତି-ପରବଶ ହୋଇ ତା ହାତରେ କିଛି ଦେଲେ, ସେ ସଙ୍ଗେ ସଙ୍ଗେ ତାହା ଉଠାଇ, ଦେବା ଲୋକର ମୁହଁକୁ ଫିଙ୍ଗିଦିଏ । ଏଥିରୁ ସେ ଭିକ୍ଷୁକ ନୁହେଁ ବୋଲି ସମସ୍ତଙ୍କ ଧାରଣା । ଲୋକଟାର ଆଚରଣ ମଧ୍ୟ ମାନସିକ ରଖିଥିବା କୌଣସି ଭକ୍ତ ପରି ନୁହେଁ । ତେଣୁ ଲୋକଟା ପାଗଳ ବୋଲି ସମସ୍ତଙ୍କ ଧାରଣା ହୋଇଅଛି । କିନ୍ତୁ ତାର ପାଗଳାମି କେହି କେବେ ଲକ୍ଷ୍ୟ କରି ନାହାଁନ୍ତି । ମୁହଁରେ ତାର ସଦାବେଳେ ହସ ଲାଗି ରହିଛି । ଆଖି ଦୁଇଟିରେ ବୁଦ୍ଧିର ଦୀପ୍ତି । ଜୀବନରେ ଅଭାବ କଣ, ସେ ଯେପରି ଜାଣିନାହିଁ । ବିମଳାଙ୍କ ପାହାଚ ତଳୁ ମହାପ୍ରସାଦ କଣିକା ଖୁଣ୍ଟି ଖାଏ ସିନା, କାହାକୁ ମୁହଁ ଫିଟାଇ କିଛି କେବେ ମାଗେନାହିଁ ।

କେତେଦିନ ପରେ ଜଣା ପଡ଼ିଲା, ଲୋକଟାର ନାଁ କପିଳା । ଘର ଖୋର୍ଦ୍ଧାତଳ ହଳଦୀଆ ଗାଁ । ମା ବାପା ନେଉଣ୍ଡ । ଗାଁରେ ଗୋରୁ ଚଗୁଥିଲା । କେହି କେହି ବା କହିଲେ ଚୋରି କରୁଥିଲା । ଗାଁରୁ ପୁରୀ ପଳାଇ ଆସିଛି । ନାଁ ତାର କପିଳ ରାଉତ ।

ମାତ୍ର କପିଳ ରାଉତ, ପାଗଳ ନୁହେଁ, ଭିକ୍ଷୁକ ନୁହେଁ, ସାଧାରଣ ଗାଈ ଚଗୁଆଳ ନୁହେଁ ବା ଲାଉ କଖାରୁ ଚୋର ନୁହେଁ । ବେଳେ ବେଳେ ସେ ଯୋଉ କଥା ମାନ କରେ ତାହା ଶୁଣିଲେ ଶୁଣିବା ଲୋକ ଆଖିରୁ ଯେପରି ଯୁଗ ଯୁଗର ଗୋଟାଏ ଅନ୍ଧ ପୁଟୁଳି ଖସିପଡ଼େ । ଦିନେ ମଉଭାନୁଙ୍କ କଥା ପଡ଼ିଥିଲା । କପିଳ ରାଉତ ସବୁ ଶୁଣି କହିଲା... 'ଆରେ ପୋଷା ପୁଅ, ଗୁଜୁାରୁଅ । ଗଙ୍ଗ ମାନେ କୁଆଡୁ ଦକ୍ଷିଣରୁ ଆସି ରାଜୁତି କରୁଛନ୍ତି ସିନା, ସେମାନେ ତ ଆଉ ଏ ଦେଶର ମାଟିରୁ

Digitized by srujanika@gmail.com

ଜନ୍ମ ହୋଇ ନାହାଁନ୍ତି । ତେଣୁ ଦେଶ ଯାଉ ବା ରହୁ ତାଙ୍କର କି ଚିନ୍ତା ? ଜଗନ୍ନାଥ ଇଚ୍ଛା କଲେ ଏ ମାଟିର ମଣିଷ ଦିନେ ନିଦ ଭାଙ୍ଗି ପୁଣି ଉଠିବ । ସେଦିନ ସାରା ଭାରତ ଖଣ୍ଡରେ ଚହଳ ପଡ଼ିଯିବ ।''

ସେଦିନ.....

ଗଜପତି ମରଭାନୁ ହୁଶାଙ୍ଗ ଘୋରୀକୁ ପରାସ୍ତ କରି ଉତ୍କଳକୁ ନିଃଶତ୍ରୁ କରିଥିବାରୁ ଗଜପତିଙ୍କ ନବରରେ ଉତ୍ସବର ଆୟୋଜନ ହୋଇଥିଲା । ସନ୍ଧ୍ୟାଧୂପ ସରିବା ପରେ, ଶ୍ରୀମନ୍ଦିର ବେଢ଼ା ନିର୍ଜନ ହୋଇଗଲା । ସହରର ସବୁଆଡୁ ଲୋକେ ସୁଅପରି ଗଜପତିଙ୍କ ନବର ଆଡ଼େ ଛୁଟିଥିଲେ । ନିର୍ଜନ ମନ୍ଦିର ବେଢ଼ା ମଧ୍ୟରେ ବିମଳାଙ୍କ ପାହାଚତଳେ, ଏକା କପିଳରାଉତ ତଳକୁ ମୁଣ୍ଡ ନୁଆଁଇ ବସି ମନକୁ ମନ କଣ ବିଡ଼ ବିଡ଼ ହେଉଥିଲା ।

କିଏ ଜଣେ ମନ୍ଦିର ସେବକ ସେ ବାଟେ ଅନ୍ଧାରରେ ଯାଉଁ ଯାଉଁ କପିଳକୁ ଦେଖି କହିଲା... ''କିରେ କପିଳା, ପୁରୀ ସହରଟା ଯାକ ସମସ୍ତେ ଗଜପତିଙ୍କ ଦର୍ଶନକୁ ଛୁଟିଛନ୍ତି, ତୁ ଏଠି ବସିଛୁ କାହିଁକି ?''

କପିଳ ପଚାରିଲା... ''କାହିଁକି ! ଆଜି କଣ ହେଉଛି କି ?''

ସେ ଲୋକଟି କହିଲା... ''ଆରେ, ଗଜପତି ମରଭାନୁ ପରା ମ୍ଲେଚ୍ଛ ସୁଲତାନ ହୁଶାଙ୍ଗ ଘୋରୀକୁ ପରାସ୍ତ କରି ଫେରିଛନ୍ତି ! ଏ କଣ ସାମାନ୍ୟ କାର୍ଯ୍ୟ ? ସେଥିପାଇଁ ରାଜ ନବରରେ ଉତ୍ସବ ହେଉଛି ।''

ଲୋକଟିର କଥା ଶୁଣି କପିଳା ପାଗଳ ପରି ହସି ଉଠିଲା । ତା ହସରେ ମନ୍ଦିରର ନିର୍ଜନ ବେଢ଼ା ଯେପରି ଥରି ଉଠିଲା । କପିଳ ହସି ହସି କହିଲା... ''ଗଜପତି ନା ଗଧପତି ହେ ।''

ଲୋକଟି ରୁଷ୍ଟ କଣ୍ଠରେ ପଚାରିଲା... ''କିରେ କଣ କହିଲୁ ? ଛୋଟ ମୁହଁରେ ବଡ଼ କଥା ।''

କପିଳ କହିଲା... ''ଯାଅ, ଯାଅ, ଉତ୍ସବ ଦେଖିବ ଯାଅ । ସେଠି ଭୂରି ଭୋଜନ ମିଳିଯିବ । ହେଲେ ତମ ଗଜପତିଙ୍କୁ କହିଦେବ କେହି ନଜାଣିଲେ ବି କପିଳ ଜାଣେ - ଗଜପତି ସୁଲତାନ୍ ହୁଶାଙ୍ଗ ଘୋରୀକୁ ହାତୀ ଦେଇ, ନିଜେ ଗଧପତି ସାଜି ଫେରିଛନ୍ତି । ସେ କି ଗଜପତି ହେ ।''

ଲୋକଟି ଚାଲିଗଲା । କପିଳା ପାଗଳ - ତା ମୁହଁରେ କୋଉ ବାଡ଼ବତା ଅଛି ?

* * *

ଶହ ଶହ ସ୍ତାବକ ଓ ତୋଷାମୋଦକାରୀଙ୍କ ମଧ୍ୟର ମରଭାନୁ, ମରଭାନୁ ପରି ଠିଆ ହୋଇ, ସମସ୍ତଙ୍କ ଅକୁଣ୍ଠିତ ସ୍ତୁତିଗାନ ହସି ହସି ଶୁଣୁଥିଲେ । ଜୟ ଗଜପତି ମରଭାନୁଙ୍କ ଜୟ-ନାଦରେ ନବରର ପ୍ରାଙ୍ଗଣ ଓ ଅଳିନ୍ଦମାନ ପ୍ରକମ୍ପିତ ହେଉଥିଲା ।

ମରଭାନୁ ସ୍ମିତ ହସି ପଚାରିଲେ.... ''ଆଜି ଭାରତ ଖଣ୍ଡରେ ମୋଠାରୁ ବଳି ବଡ଼ ଆଉ କିଏ ଅଛି ?''

ତୋଷାମୋଦକାରୀମାନେ ଏକ ସଙ୍ଗରେ ଉତ୍ତର ଦେଲେ.... ''କେହି ନାହିଁ ଛାମୁ,

Digitized by srujanika@gmail.com

କେହି ନାହିଁ । ଗଜପତିକୁ ବଢି ଆଉ କିଏ ବଳିଆର ଅଛି ?''

କିନ୍ତୁ ସେହି ଲୋକ ଗହଳି ଭିତରେ କିଏ ଜଣେ ପାଟି କରି ଉଠିଲା... ''ଜଣେ ଅଛି ଛାମୁ ।''

ମଉଭାନୁ ସ୍ମିତ ହସି ପଚାରିଲେ... ''କିଏ ? କେଉଁଠି ?''

ପାରିଷଦମାନେ ମୁହଁରେ ଭ୍ରୁକୁଟୀ ଫୁଟାଇ କହିଲେ... ''ଏ କେଉଁଠିକା ମାଗିଖିଆ ଛତରାଟାଏ । ଏହା କଥା କାହିଁକି ଶୁଣୁଛନ୍ତି ଛାମୁ ?''

ମଉଭାନୁ ସେମାନଙ୍କ କଥାପ୍ରତି କର୍ଣ୍ଣପାତ ନକରି କହିଲେ... ''କୁହ, କିଏ ସେ, ପୁଣି କେଉଁଠି ରହନ୍ତି ?''

ସେ ଲୋକଟି କହିଲା... ''ବିମଳାଙ୍କ ମନ୍ଦିର ପାହାଚ ତଳେ, କେଉଁଠୁ ଲୋକଟାଏ ନିତିଦିନ ଆସି ବସେ । ସେ ସମସ୍ତଙ୍କୁ କହୁଛି, ଏକା ଜଗନ୍ନାଥଙ୍କ ଛଡ଼ା, ଆଉ କେହି ତା'ଠାରୁ ବଳିଆର ନାହାଁନ୍ତି । ସେ ପୁଣି କହୁଛି ଛାମୁ ଗଜପତି ନୁହଁନ୍ତି, ଗଧପତି ।''

ପାରିଷଦମାନେ ପାଟି କରି ଉଠିଲେ... ''ଲୋକଟାକୁ ଫାଶୀ ଦେବାକୁ ଆଜ୍ଞା ହେଉ ଛାମୁଁ । ଗଜପତିକୁ ଗଧପତି କହିବ, ଏଡ଼େ ଆସ୍ପର୍ଦ୍ଧା ।''

ମଉଭାନୁ କହିଲେ... ''ତାହାଲେ ସେ ମହାପୁରୁଷଙ୍କୁ ଏଠାକୁ ଡାକିଆଣ । ଥରେ ତାକୁ ଦେଖିବା ।''

ମଉଭାନୁଙ୍କ ମୁହଁରୁ ଆଦେଶ ବାହାରିଛି କି ନାହିଁ, କପିଳ ରାଉତକୁ ଡାକି ଆଣିବା ପାଇଁ କେତେଜଣ ଚର ସଙ୍ଗେ ସଙ୍ଗେ ବିମଳାଙ୍କ ମନ୍ଦିର ଆଡ଼େ ଧାଇଁଗଲେ । କପିଳାକୁ କି ଶାସ୍ତି ଦିଆଯିବ, ତାହା ଦେଖିବା ପାଇଁ ଉପସ୍ଥିତ ଜନତା ମଧ୍ୟରେ ଏକ ଚାଞ୍ଚଲ୍ୟ ସୃଷ୍ଟି ହୋଇଗଲା । ଯେଉଁମାନେ ଫେରି ଯାଉଥିଲେ ସେମାନେ ଏ ଘଟଣା ଶୁଣି, ପୁଣି ଭିଡ଼ ବାନ୍ଧି ଫେରି ଆସିଲେ ।

ମାତ୍ର କିଛି ସମୟ ପରେ ଚରମାନେ ଫେରିଆସି ଜଣାଇଲେ, କପିଳ ଏଠାକୁ ଆସିବା ପାଇଁ ନାସ୍ତି କରିଦେଲା । ଗଜପତିଙ୍କ ପ୍ରୟୋଜନ ଥିଲେ ସେ ନିଜେ ଆସନ୍ତୁ । ଛୋଟ ମୁହଁରେ ବଡ଼ କଥା; ଇତ୍ୟାଦି ।

ଏହାପରେ ? ଗଜପତି ସମ୍ଭବତଃ ପାଇକମାନଙ୍କୁ ଆଦେଶ ଦେବେ, ଲୋକଟାକୁ ଏଠାକୁ ଭିଡ଼ି ବାନ୍ଧି ଆଣିବା ପାଇଁ । ତାପରେ ସମ୍ଭବତଃ ସଙ୍ଗେ ସଙ୍ଗେ ତାକୁ ଶୂଳିଆ ପଦାକୁ ପଠାଇବା ପାଇଁ ଆଦେଶ ଦିଆଯିବ । ଏହି ନାଟକୀୟ ପରିସ୍ଥିତିରେ ସମସ୍ତେ ନୀରବ ହୋଇ ପଡ଼ିଲେ ।

ମାତ୍ର ମଉଭାନୁ ସ୍ମିତ ହସି କହିଲେ... ''ତା ହେଲେ ଆସନ୍ତୁ, ତାକୁଦେଖିବା ପାଇଁ ଆମେ ଯିବା ।''

ମଉଭାନୁ ଆଉ କୌଣସି କଥା ନକହି, ବିମଳାଙ୍କ ମନ୍ଦିର ଆଡ଼େ ଚାଲିଲେ । ସୁଅ ଛୁଟିଲା ପରି ମଉଭାନୁଙ୍କ ପଛେ ପଛେ ଲୋକସୁଅ ଛୁଟିଲେ ।

ବିମଳାଙ୍କ ମନ୍ଦିର ପାହାଚ ତଳ ଅନ୍ଧାର । ସେହି ଅନ୍ଧାର ଭିତରେ, କପିଳ ରାଉତ ତଳକୁ

Digitized by srujanika@gmail.com

ମୁଣ୍ଡ ନୁଆଁଇ ପୂର୍ବପରି ବସିଥିଲା । ଏତେ ଲୋକ ଭିଡ଼ରେ ଓ କୋଳାହଳରେ ସୁଦ୍ଧା ସେ ଉପରକୁ ମୁଣ୍ଡ ଟେକି ଚାହିଁଲା ନାହିଁ ।

ଜଣେ ପାରିଷଦ ଭର୍ତ୍ସନା ମିଶ୍ରିତ କଣ୍ଠରେ କହିଲେ... ''କିରେ କପିଳା, ତଳକୁ ମୁହଁ ମାଡ଼ି ଖୁଣ୍ଟପରି ବସିଛୁ । ସ୍ୱୟଂ ଗଜପତି ପରା ବିଜେ ହୋଇଛନ୍ତି ।''

କପିଳ ତଥାପି ଉଠିଲା ନାହିଁ କି ଚାହିଁଲା ନାହିଁ ।

ମଉଭାନୁ ଡାକିଲେ... ''କପିଳ ।''

କପିଳ ତଳୁ ମୁହଁ ଉଠାଇ ମଉଭାନୁଙ୍କ ଆଡ଼େ ଚାହିଁଲା ।

ମଉଭାନୁ ପଚାରିଲେ... ''ମୋତେ ଚିହ୍ନୁଛ, ମୁଁ କିଏ ?''

ମଉଭାନୁଙ୍କ ପ୍ରଶ୍ନରେ କପିଳ ପାଗଳ ପରି ଅଟ୍ଟହାସ କରି ଉଠିଲା ।

ମଉଭାନୁ ପଚାରିଲେ... ''ହସିଲ ଯେ ।''

କପିଳ କହିଲା... ''ଆପଣ ହସାଇଲେ । ସାରା ଦେଶକୁ ତ ଆପଣ ହସାଉଛନ୍ତି ।''

ମଉଭାନୁ ମୁହୂର୍ତ୍ତକ ପାଇଁ ନୀରବ ରହି କହିଲେ... ''ତୁମେ ଯାହା ଚାହିଁବ ମୁଁ ଦେବାପାଇଁ ପ୍ରସ୍ତୁତ ଅଛି କପିଳ । କୁହ କ'ଣ ଲୋଡ଼ା ତମର ?''

କପିଳ ଗମ୍ଭୀର କଣ୍ଠରେ କହିଲା...''ମହାପ୍ରସାଦ କଣିକା ମୋ ପକ୍ଷରେ ଯଥେଷ୍ଟ, ମୋର ଆଉ କିଛି ଲୋଡ଼ା ନାହିଁ ।''

ମଉଭାନୁ କହିଲେ... ''ଆଉ ଥରେ ଚିନ୍ତା କରି କୁହ କପିଳ । ଉତ୍କଳର ରାଜଭଣ୍ଡାର ଇଚ୍ଛାକଲେ ତୁମେ ଅକ୍ଳେଶରେ, ଏଇ ମୁହୂର୍ତ୍ତରେ ପାଇ ପାରିବ ।''

କପିଳ ପୁଣି ପାଗଳ ପରି ହସି ଉଠିଲା । ମଉଭାନୁ ବିସ୍ମିତ କଣ୍ଠରେ ପଚାରିଲେ - ''ଏପରି ହସୁଛ କାହିଁକି ?''

କପିଳ କହିଲା... ''ମୁଁ ତ ହୁଶାଙ୍ଗ ଘୋରୀ ନୁହେଁ, ଅର୍ଥ ଦେଇ ମୋତେ ସନ୍ତୁଷ୍ଟ କରିଦେବ ।''

ମଉଭାନୁଙ୍କ ମୁହଁ ଗମ୍ଭୀର ହୋଇଗଲା । ସେ ପଚାରିଲେ... ''ଆଉ ତା'ହେଲେ କ'ଣ ଲୋଡ଼ା ତମର ?''

କପିଳ କହିଲା... ''ମୁଁ ଚାହେଁ ଉତ୍କଳର ଅଭ୍ୟୁଦୟ; ମୁଁ ଚାହେଁ ଉତ୍କଳର ସାମ୍ରାଜ୍ୟ, ମୁଁ ଚାହେଁ ଭାରତ ଖଣ୍ଡରେ ଉତ୍କଳର ପ୍ରତିଷ୍ଠା । ଆପଣ ତାହା ଦେଇ ପାରିବେ ?

ମଉଭାନୁ ନୀରବ ରହିଲେ । କପିଳ ପୁଣି ତଳକୁ ମୁଣ୍ଡ ନୁଆଇଁ ବସିଲା । କେତେକ କ୍ଷଣପରେ ମଉଭାନୁ କପିଳକୁ ତଳୁ ଉଠାଇ, ତା କାନ୍ଧରେ ହାତ ରଖି କହିଲେ... ''ଆସ କପିଳ; ତୁମର ସ୍ଥାନ ଆଉ ଏଠି ନୁହେଁ ।''

ତାପରେ ସେହିଦିନଠାରୁ ବିମଳାଙ୍କ ମନ୍ଦିର ପାହାଚ ତଳର କପିଳ ରାଉତ ହେଲେ କପିଳେନ୍ଦ୍ର ଭ୍ରମରବର ମହାପାତ୍ର । ସେହି କପିଳେନ୍ଦ୍ର ଭ୍ରମରବର ମହାପାତ୍ର ଆଜି ବୀର ଶ୍ରୀ ଗଜପତି

Digitized by srujanika@gmail.com

ନବକୋଟି ଗୌଡ଼େଶ୍ୱର କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧିବୀରବର ଶ୍ରୀ ଶ୍ରୀ ଶ୍ରୀ କପିଳେନ୍ଦ୍ର ଦେବ !

ପାଞ୍ଚ

ରାତ୍ରି ପ୍ରଭାତ ପାୟ ।

କୁମାର ପୁରୁଷୋତ୍ତମ ରାତାରାତି ଆସି କୃଷ୍ଣା କୂଳରେ ପହଞ୍ଚନ୍ତି । କପିଳେନ୍ଦ୍ର ଦେବଙ୍କ ଶେଷ ନିଶ୍ୱାସ ବହିଯିବା ପାଇଁ ଆଉ ବେଶି ବିଳମ୍ବ ନାହିଁ । ତାଙ୍କ ଶଯ୍ୟା ଚାରିପଟେ ଘେରି ଠିଆ ହୋଇଛନ୍ତି, ବିଶ୍ୱସ୍ତ ମନ୍ତ୍ରୀ ଗୋପୀନାଥ, କୁମାର ପୁରୁଷୋତ୍ତମ ଓ ଅନ୍ୟ ସେନାପତିମାନେ ।

କପିଳେନ୍ଦ୍ର ଗୋପୀନାଥଙ୍କ ଆଡ଼େ ଚାହିଁ କ୍ଷୀଣ କଣ୍ଠରେ କହିଲେ... ''ବିଦାୟ ଗୋପୀନାଥ, ବିଦାୟ ବନ୍ଧୁଗଣ, ପୁରୁଷୋତ୍ତମ ହେବେ ଉତ୍କଳ ସିଂହାସନରେ ମୋର ଉତ୍ତରାଧିକାରୀ । ଉତ୍କଳର ଜୟ ହେଉ, ଜଗନ୍ନାଥଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।''

ଜଗନ୍ନାଥ ନାମ ସ୍ମରଣ କରି, କପିଳେନ୍ଦ୍ରଙ୍କ ଶେଷ ପ୍ରାଣବାୟୁ କୃଷ୍ଣାକୂଳର ଅନନ୍ତ ମହାଶୂନ୍ୟରେ ମିଶିଗଲା ।

ସେନାପତିମାନେ ଗଜପତିଙ୍କ ରାଜମୁକୁଟ, ପୁରୁଷୋତ୍ତମଦେବଙ୍କ ମସ୍ତକରେ ସ୍ଥାପନ କରି, ସମବେତ କଣ୍ଠରେ ଘୋଷଣା କଲେ... ''ଜୟ ଗଜପତି ବୀର ଶ୍ରୀ ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧିବୀର ଶ୍ରୀ ଶ୍ରୀ ଶ୍ରୀ ପୁରୁଷୋତ୍ତମଦେବଙ୍କ ଜୟ ।''

ପୂର୍ବ ଦିଗ୍‌ବଳୟରେ ଉଷାର ପ୍ରଥମ ପାଂଶୁଳ ଆଲୋକ ଧୀରେ ଧୀରେ ଫିଟି ଆସୁଥିଲା । ବୃଦ୍ଧ ଗୋପୀନାଥଙ୍କ ଦୁଇ ଆଖି ଆଗରେ ଭାସି ଉଠୁଥିଲା, ଅତୀତରେ ଗତ ଚଉତ୍ରିଶ ବର୍ଷର ଇତିହାସ । ନବୋଦିତ ସୂର୍ଯ୍ୟଆଡ଼େ ଚାହିଁ ଗୋପୀନାଥ ଭାବୁଥିଲେ, ଉଦୟ ଓ ଅସ୍ତ, ଉତ୍‌ଥାନ ଓ ପତନର ଚିରନ୍ତନ ପଥରେ, ତୁମର ରଥ ଏହିପରି ଭାବରେ ଗଡ଼ି ଚାଲିଛି ଜଗନ୍ନାଥ ! ତୁମର ଜୟ ହେଉ ! ଉତ୍କଳର ଜୟ ହେଉ ।

Digitized by srujanika@gmail.com

ଦଳେଇ ବୁଢ଼ା

ଯେଉଁ ଦେଶର ସାମ୍ରାଜ୍ୟ ଦିନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା, ଆଜି ସେ ଦେଶକୁ ବଙ୍ଗ, ବିହାର ଓ ଓଡ଼ିଶା ନବାବ ଆଲ୍ଲାବର୍ଦ୍ଦୀ ଖାଁ, ନାଗପୁର ଭୋଁସଲା ଦରବାରରେ ଚଉଥ ପାଇଁ ବନ୍ଧା ପକାଇଛନ୍ତି । ମାରି ପିଟି ବର୍ଷକୁ ବାରଲକ୍ଷ ଟଙ୍କା ଚଉଥ ଆଦାୟ କରି ନାଗପୁର ଦରବାରକୁ ପଠାଇବା କଟକରେ ମରହଟ୍ଟା ଫୌଜଦାରଙ୍କ ଏକମାତ୍ର କାର୍ଯ୍ୟ । ଏହା ଉପରେ ଯେଉଁ ଫୌଜଦାର ଯେତେ ବେଶି ଲୁଟତରାଜରୁ ଉଠାଇ ପାରିଲା, ନାଗପୁର ଦରବାରରେ ତାହାର ସେତେ ବେଶି ପ୍ରତିଷ୍ଠା । ଆଫଗାନ ଓ ମୋଗଲମାନେ ହିନ୍ଦୁ ଧର୍ମ ବିଦ୍ୱେଷୀ ହୋଇ ସୁଦ୍ଧା ଓଡ଼ିଶାରେ ଯାହା କରି ନଥିଲେ ହିନ୍ଦୁ ଧର୍ମର ପରମ ରକ୍ଷକ ସାଜି ମରହଟ୍ଟାମାନେ ତାହା କରିବା ପାଇଁ କୁଣ୍ଠିତ ହେଲେ ନାହିଁ । ତୀର୍ଥଯାତ୍ରୀ ବିଶେଷରେ ଜଗନ୍ନାଥ-ପୁରୀ ଯାତ୍ରୀମାନେ ହିନ୍ଦୁ ସମାଜରେ ସର୍ବଥା ଆଦରଣୀୟ ଓ ପୂଜନୀୟ । ମୁସଲମାନ ଅମଳରେ ଏମାନଙ୍କ ଉପରେ କୌଣସି ଜୁଲୁମ ନଥିଲା । ନବାବ ନାଜିମ ଅମଳରେ ଜଗନ୍ନାଥ ଯାତ୍ରୀମାନଙ୍କ ଉପରେ ଟିକସ ରାଜସ୍ୱ ଆଦାୟର ଏକ ପ୍ରଧାନ ସୂତ୍ର ଥିଲା । ମୁର୍ଶୀଦ କୁଲୀ ଖାଁ ଓଡ଼ିଶାରେ ମୁସଲମାନ ଶାସନକର୍ତ୍ତା ଥିବା ସମୟରେ ଏହି ଟିକସରୁ ବର୍ଷକୁ ନଅଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଥିଲେ । ହିନ୍ଦୁ ମରହଟ୍ଟା ଫୌଜଦାରମାନେ ସେ ଘୃଣ୍ୟ ଟିକସ ଲୋପ କରିବା ପରିବର୍ତ୍ତେ ଆଖିବୁଜି ତାହା ବଢ଼ାଇ ଦେଲେ । କିଏ କହେ ଭାରତରେ ମୁସଲମାନମାନେ ହିନ୍ଦୁର ଶତ୍ରୁ ? ଭାରତର ଅଭିଶପ୍ତ ଇତିହାସରେ ହିନ୍ଦୁ ଠାରୁ ବଳି ହିନ୍ଦୁର ଅନ୍ୟ ଶତ୍ରୁ ନଥିଲା । ଯାତ୍ରୀ ଟିକସ ଦେଇ ସୁଦ୍ଧା ରକ୍ଷା ନାହିଁ । ବାଘ ଭାଲୁଙ୍କ ହାବୁଡ଼ରୁ ବରଂ ଯାତ୍ରୀମାନଙ୍କର ରକ୍ଷା ପାଇବାର ଉପାୟ ଥିଲା, ମାତ୍ର ବର୍ଗୀମାନେ ବଣଜଙ୍ଗଲର ହିଂସ୍ର ପଶୁମାନଙ୍କୁ ସୁଦ୍ଧା ବଳି ପଡ଼ିଥିଲେ ।

ଏହିପରି ଉଲଙ୍ଗ ଅତ୍ୟାଚର ଓ ପୀଡ଼ନରେ ଓଡ଼ିଆ ଜାତିର ମେରୁଦଣ୍ଡ ଭାଙ୍ଗିପଡ଼ିଥିଲା । ଓଡ଼ିଆ ଜାତିର ବର୍ତ୍ତମାନ ଥିଲା ଅନିଶ୍ଚିତ, ଭବିଷ୍ୟତ ଥିଲା ଅନ୍ଧକାର, ଅତୀତ ହିଁ ଥିଲା ଏକମାତ୍ର ସାନ୍ତ୍ୱନା । ଅଧା କାହାଣୀ ଓ ଅଧା ଇତିହାସ ମଧ୍ୟରେ ସେ ଅତୀତର ଉଦ୍‌ବୋଧନ ଓ ସ୍ମରଣ ଏହି ଭଗ୍ନଜାନୁ ଜାତିକୁ ବେଳେବେଳେ ବଞ୍ଚିବା ପାଇଁ ଯାହା କିଛି ପ୍ରେରଣା ଦେଉଥିଲା ।

ଜେନାପୁର ଓ ଢେଙ୍କାନାଳ ଦୋସୀମାଳିରେ ଗଡ଼ ମାଳିପୁର ଗାଁ । ଗଜପତି ବଂଶର ଗୌରବ ସଙ୍ଗେ ସଙ୍ଗେ ଗଡ଼ମାଳିପୁର ଗାଁର ସବୁ ଗୌରବ ମଧ୍ୟ ଲୋପ ପାଇଥିଲା । ଆଗେ ଏ ଗାଁରେ ଏକ ପ୍ରସିଦ୍ଧ ଚଉପାଡ଼ି ଥିଲା । ଉଚ୍ଚ ବାରନ୍ଧାର ଯାଜପୁର ଆଡୁ ଆକ୍ରାନ୍ତ

Digitized by srujanika@gmail.com

ହେଉଥିବାରୁ ଏ ଅଞ୍ଚଳମାନଙ୍କରେ ବହୁ ଚଉପାଡ଼ି ଓ ପାଇକାଳୀ ଗାଁ ପ୍ରତିଷ୍ଠିତ ହୋଇଥିଲା । ଗଡ଼ମାଳୀପୁର ପୂର୍ବେ ଥିଲା ଗୋଟିଏ ଖଣ୍ଡାୟତ ବହୁଳ ପାଇକାଳୀ ଗାଁ । ଗାଁଟି ଏକଦା ଅତି ସମୃଦ୍ଧ ଥିଲା । ଚାରିଆଡ଼େ ନଡ଼ିଆ କୁଞ୍ଜ ଓ ଆମ୍ବତୋଟା ମଝିରେ ଏ ଗାଁଟି ଖଣ୍ଡେ ଚିତ୍ରପଟ ପରି ଦିଶୁଥିଲା । ବ୍ରାହ୍ମଣୀ ବନ୍ଧ ଗଡ଼ାଣିରୁ ଯେଉଁ 'ପଠାଣ ସଡ଼କ' ବଣ ପାହାଡ଼ ଭେଦି ସାପେଇ ସାପେଇ କଟକ ଆଡ଼େ ଚାଲି ଯାଇଛି *ସେଇ ସଡକରେ ଯିବା ବାଟୋଇ, 'ଗଡ଼ ମାଳୀପୁର' ଗାଁଟିକୁ ଚାହିଁ ଦେଖିବା ପାଇଁ ଦଣ୍ଡେ ରହି ଯାଉଥିଲା । ମାତ୍ର ଏବେ ସେ ଗଛ ସବୁ କଟା ହୋଇ ଚାରିଆଡ଼େ ବାଉଁଶ ଆଉ କିଆ ଜଙ୍ଗଲମାନ ବଢ଼ି ଉଠିଲାଣି । ବର୍ଗୀ ଡକାୟତମାନଙ୍କ ଗୃଧ୍ର ଦୃଷ୍ଟିରୁ ଆତ୍ମରକ୍ଷା ପାଇଁ ମୋଗଲ ଅଞ୍ଚଳର ବହୁ ଜନପଦ ଏହିପରି ଅରଣ୍ୟରେ ପରିଣତ ହୋଇଥିଲା ।

ଗଡ଼ମାଳୀପୁର ଗାଁରେ ଦଳେଇ ମହାପାତ୍ରଙ୍କ ଚଉପାଡ଼ି ନବାବ ଆଲିବର୍ଦ୍ଦୀଖାଁଙ୍କ ଅମଳ ପର୍ଯ୍ୟନ୍ତ ସୁଦ୍ଧା ରହିଥିଲା । ଚଉପାଡ଼ିରେ ଦଳେଇ ବଂଶ ବହୁ ବିସ୍ତୀର୍ଣ୍ଣ ଭୂ-ସମ୍ପତ୍ତି ନିଷ୍ଠର ଜାଗିରି ରୂପେ ଭୋଗ କରୁଥିଲେ । ଦଳେଇ ମହାପାତ୍ରଙ୍କ ପଥର ଚଉପାଡ଼ିର ଶେଷଚିହ୍ନ ଏବେସୁଦ୍ଧା ଗାଁ ମୁଣ୍ଡରେ ରହିଅଛି । ମାତ୍ର ଦଳେଇ ମହାପାତ୍ରଙ୍କ ବଂଶ ନିଶ୍ଚିହ୍ନ ହୋଇ ଗଲାଣି । ଆଜକୁ କେଜାଣି ପଚାଶ ବର୍ଷ ତଳେ ଭାନୁଜୀ ଭୌସଲା କଟକରେ ଫୌଜଦାର ରୂପେ ଥିବାବେଳେ କେତେଜଣ ବର୍ଗୀ ଏହି ଗାଁଠାରେ ପଠାଣ ସଡ଼କର ଗୋଟିଏ ଘାଟିରେ ବାଲେଶ୍ୱର ଆଡୁ ଆସୁଥିବା ଦଳେ ତୀର୍ଥଯାତ୍ରୀଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ଲୁଣ୍ଠନ କରିବାପାଇଁ ଉଦ୍ୟତ ହୋଇଥିଲେ । ସେତେବେଳେ ଚଉପାଡ଼ିର ତତ୍‌କାଳୀନ ଅଧିକାରୀ ବେଣୁଧର ଦଳେଇ ମହାପାତ୍ର ବର୍ଗୀ ଆକ୍ରମଣର ପ୍ରତିରୋଧ କରିଥିବାରୁ ମରହଟ୍ଟାମାନଙ୍କର ଶନିଦୃଷ୍ଟି ଗଡ଼ମାଳୀପୁର ଚଉପାଡ଼ି ଉପରେ ପଡ଼ିଥିଲା । ଏ ଘଟଣାର ଅଳ୍ପଦିନ ପରେ ବେଣୁଧର ଦଳେଇ ମହାପାତ୍ରଙ୍କୁ କଟକରେ ଲାଇବାଗ କୋଠିକୁ ଡାକିନେଇ ସେଠାରେ ବାଉଁଶ ଚାପୁଆଣି ଦେଇ ତାଙ୍କୁ ହତ୍ୟା କରାଯାଇଥିଲା, ଅପରାଧ - ରାଜଦ୍ରୋହ । ସେତିକିରେ ଅପରାଧ ଖଣ୍ଡିଲା ନାହିଁ । ଜୋରିମାନା ବାବଦକୁ ତାଙ୍କ ଘର ଓ ଅମାରକୁ ଲୁଟକରି ଗୋଟିଏ ପୁରୁଣା, ବୁନିଆଦ ବଂଶକୁ ତଳି ତଳାନ୍ତ କରି ଦିଆଗଲା । ଚଉପାଡ଼ି ଲୋପ ପାଇବା ଦିନୁ, ଏ ଗାଁର ଖଣ୍ଡାୟତମାନଙ୍କ ପୂର୍ବପୁରୁଷମାନେ ଦିନେ ବୈତରଣୀ ଓ ବ୍ରାହ୍ମଣୀ ମଧ୍ୟରେ ବିସ୍ତୀର୍ଣ୍ଣ ଅଞ୍ଚଳକୁ ବହୁ ଆକ୍ରମଣରୁ ସୁରକ୍ଷିତ ରଖିଥିଲେ । ଏବେ ହଳ, ଜଙ୍ଗଇ ଛଡ଼ା ସେମାନଙ୍କର ଅନ୍ୟ ବୃତ୍ତି ନାହିଁ । ତିଦସ୍ତା ବର୍ଷ ଯେଉଁ ଘୋର ଦୁର୍ଭିକ୍ଷ ପଡ଼ିଥିଲା, ସେଥିରେ କେତେ ଗାଁ ଛାଡ଼ି ପଳାଇଥିଲେ, ଆଉ ଫେରି ନାହାଁନ୍ତି । ବର୍ଗୀମାନଙ୍କର ଜୁଲୁମ ଓ ବାରମ୍ବାର ଲୁଣ୍ଠନରୁ ରକ୍ଷା ପାଇବା ପାଇଁ ଅନେକ ସୁକିନ୍ଦା ଓ ଢେଙ୍କାନାଳ ପ୍ରଭୃତି କିଲ୍ଲାର ପାର୍ବତ୍ୟ ଅଞ୍ଚଳମାନଙ୍କୁ ପଳାଇ

*ବଙ୍ଗଳା ଆଡୁ ଯେଉଁ ବାଟ ଦେଇ ଆଫଗାନ ଓ ମୋଗଲମାନେ ଓଡ଼ିଶା ଆସିଥିଲେ, ତାହା 'ପଠାଣ ସଡ଼କ' ନାମରେ ଏକଦା ପରିଚିତ ଥିଲା ।

Digitized by srujanika@gmail.com

ସେଆଡ଼େ ବସ ବାସ କରି ରହିଲେଣି । ଯେଉଁମାନେ ତଥାପି ଗାଁ ମାଟିର ମାୟା କାଟି ନପାରି ରହିଛନ୍ତି ଦିନରେ ହଲ, ଆଉ ରାତିରେ ନଦିୟା କୀର୍ତ୍ତନ ସେମାନଙ୍କର ଏକମାତ୍ର ବୃତ୍ତି । ଏ ସମସ୍ତ ଦୁର୍ଯ୍ୟୋଗ ଭିତରେ ତଥାପି ବଞ୍ଚି ରହିଛି ଗଡ଼ମାଳୀପୁର ଗାଁ ଆଉ ବଞ୍ଚି ରହିଛନ୍ତି ଗାଁର ପେଡ଼ିବୁଢ଼ା ମାଗୁଣି ଦଳେଇ । ମାଗୁଣି ଦଳେଇ କୁଆଡ଼େ ପୂର୍ବେ ଏଇ ତଉପାଡ଼ିର ସେନାପତି ଥିଲେ । ଏବେ କିନ୍ତୁ ସେ ବର୍ତ୍ତମାନ ଓ ଭବିଷ୍ୟତହୀନ, ଅତୀତ ସର୍ବସ୍ୱ ହତଭଗ୍ୟ ଓଡ଼ିଆ ଜାତିର ଏକ ଅନ୍ତରଙ୍ଗ ପ୍ରତିରୂପ ରୂପେ ବଞ୍ଚିଛନ୍ତି ।

ମାଗୁଣି ଦଳେଇଙ୍କ ଆନୁମାନିକ ବୟସ ସାତକୋଡ଼ି । ତାଙ୍କ ବୟସର ଖୁବ୍ କମ୍‌ଲୋକ ସେ ଅଞ୍ଚଳରେ ବଞ୍ଚିଥିଲେ । ସତମିଛ ଜଣାନାହିଁ, ମାତ୍ର ମାଗୁଣି ଦଳେଇ କହନ୍ତି, ତାଙ୍କ ଭେଣ୍ଡା ଦିନେ ଚିଲିକା କୂଳର କାକୁପଡ଼ା ଘାଟଠାରେ ଆଫଗାନ ସେନାପତି ଖାନ୍-ଇ-ଦୌରାନ ଖାଁ ସହିତ ଖୋର୍ଦ୍ଧାରାଜା ମୁକୁନ୍ଦଦେବଙ୍କର ଯେଉଁ ଲଢ଼େଇ ଲାଗିଥିଲା ସେଥିରେ ସେ ମୁକୁନ୍ଦ ଦେବଙ୍କ ପକ୍ଷରେ ଲଢ଼ିଥିଲେ । ଦଳେଇଙ୍କର କଥା ଅନୁସାରେ, ଯିଏ ତାଙ୍କ ସାଙ୍ଗରେ ଲଢ଼ିଛନ୍ତି ସେ ମାଟି କାମୁଡ଼ି ପଡ଼ିଛନ୍ତି; କେହି ବଞ୍ଚି ନାହାନ୍ତି । ଖାନ୍-ଇ-ଦୌରାନ୍ ମଧ୍ୟ ତାଙ୍କ ଖଣ୍ଡା ଚୋଟରେ ମରିଥିଲେ । ମାତ୍ର କଥାଟା ଖାଣ୍ଟି ମିଛ । କାରଣ ଏ ଯୁଦ୍ଧରେ ଖାନ୍-ଇ-ଦୌରାନ ମୁକୁନ୍ଦ ଦେବଙ୍କୁ ପରାସ୍ତ କରି ଖୋର୍ଦ୍ଧା ଗଡ଼ ଅଧିକାର କରିଥିଲେ । ତଥାପି ଦଳେଇଙ୍କ ମୁହଁରେ ତାଙ୍କ କଥାଟା ମିଛ ବୋଲି କହିଦେଲେ ବା କଥାର ସତ୍ୟତାରେ ସାମାନ୍ୟ ସନ୍ଦେହ ପ୍ରକାଶ କଲେ ଆଉ ରକ୍ଷା ନାହିଁ । ନିଆଁରେ ଘିଅ ପଡ଼ିଲା ପରି ଦପ୍‌କରି ଜଳି ଉଠି, ସେ ହିନ୍ଦୁସ୍ଥାନୀ ମିଶା ଓଡ଼ିଆ ଅଥବା ଓଡ଼ିଆ ମିଶା ହିନ୍ଦୁସ୍ଥାନୀରେ 'ମାରଦେଙ୍ଗା' 'ହାଣ ଦେଙ୍ଗା' ପ୍ରଭୃତି ଧମକ ଦେଇ ଗମ୍ଭିରୀ ଘରୁ ଖଣ୍ଡା ପଟକ କାଢ଼ି ଆଣିବା ପାଇଁ ଡାକପକାନ୍ତି ।

ମାଗୁଣି ଦଳେଇଙ୍କ ଆଗରେ ଦଳେଇ ବୋଲି କହିଦେଲେ ମଧ୍ୟ ରକ୍ଷା ନଥିଲା । ତଉପାଡ଼ିର ପୂର୍ବ ଅଧିକାରୀ ଦଳପତି ମହାପାତ୍ର ବଂଶର ଭାୟାରା ସେ । ତାଙ୍କର ଯଥାର୍ଥ ନାମ ହେଲା ଦଳପତି ମାଗୁଣି ମହାପାତ୍ର । ମୁଣ୍ଡଚନ୍ଦା, କିନ୍ତୁ ତଉଡ଼ା ଖଣ୍ଡାଧାରପରି କପାଳ ତଳେ ଦୁଇ ଭୂଇତା ବଡ଼ ଗହଳିଆ । ଏବେ ଅବଶ୍ୟ ପାଚି ଝୋଟ ହେଲାଣି । ଭୂଇତା ବାଳରେ ତାଙ୍କ ଗହୀରିଆ ଆଖି ଦୁଇଟି ଅଧା ଢାଙ୍କି ହୋଇ ରହିଥାଏ । ତଥାପି ଏ ବସୟରେ ସୁଦ୍ଧା ସେ ଦୀପ ଆଲୁଅରେ ପୋଥି ବୋଲି ପାରନ୍ତି । କପାଳରେ ଗୋଟିଏ ଲମ୍ବା ସିନ୍ଦୂର କଲି, ତାଙ୍କ ଚେହେରାରେ ଯେପରି ବୀର୍ଯ୍ୟବାନ ପୌରୁଷର ଗୋଟାଏ ସୁସ୍ପଷ୍ଟ ଛାପ ରଖି ଯାଇଅଛି । ଦୁଇପଟ ଗାଲରେ ଗାଲମଛା କଲି । ନାକ ତଳର ଦୁଇ ପଟ ବାଘୁଆ ନିଶ ମୋଡ଼ା ହୋଇ ଗାଲମଛା କଲିରେ ମିଶି ଯାଇଛି । ହାତରେ ସବୁବେଳେ ଖଣ୍ଡେ କପିଳାସିଆ ଠେଙ୍ଗା । ଠେଙ୍ଗା ଦେହରେ ପିତଳ ଗୋବା, ଏଇ ଠେଙ୍ଗାରେ କୁଆଡ଼େ ଢେଙ୍କାନାଳ ଗଡ଼ରେ ସେ ମରହଟ୍ଟା ଫୌଜଦାର ଚେମଣା ନାୟକ ନାକଦଣ୍ଡୀ ଫଟାଇ ଦେଇଥିଲେ । ସତମିଛ ଭଗବାନ ଜାଣନ୍ତି ।

ମାଗୁଣି ଦଳେଇଙ୍କ କଣ୍ଠ ଓ ଦେହ ଅବଶ୍ୟ ସାମାନ୍ୟ ଥରିଲାଣି, ତଥାପି ଦେହ ଓ

Digitized by srujanika@gmail.com

ମନରୁ ଯୌବନର ପୂର୍ବତେଜ ମରିନାହିଁ । ତାଙ୍କ ନାତିମାନେ ସୁଦ୍ଧା ବୁଢ଼ା ହୋଇ ମଣ୍ଡାଣିକୁ ଗଲେଣି । କିନ୍ତୁ ମାଗୁଣି ଦଳେଇ ନିଶ୍ଚିତରେ ଅଣନାତିମାନଙ୍କ ଅମଳ ଭୋଗୁଛନ୍ତି ।

ମାଗୁଣି ଦଳେଇଙ୍କ ଲୋଳିତ ଦେହରେ ବହୁ କ୍ଷତ ଚିହ୍ନ ଏବେ ସୁଦ୍ଧା ଦେଖିହୁଏ । ପ୍ରତି କ୍ଷତ ଚିହ୍ନର ବହୁ ଇତିହାସ ତାଙ୍କ ଜିଭ ଆଗରେ ।

ପିଠିରେ ଏ ଯେଉଁ ଚିହ୍ନଟା ? ଆରେ, ହରିହରପୁରର ଭଞ୍ଜରାଜାଙ୍କ ପକ୍ଷ ହୋଇ, ସେ ଯେତେବେଳେ ମରହଟ୍ଟା ଫୌଜଦାର ରାସ୍ତରରାମ ବିରୁଦ୍ଧରେ ଲଢୁଥିଲେ, ସେହି ଲଢ଼େଇର ଏ ଚିହ୍ନ । ଗୋଟାଏ ମରହଟ୍ଟା ସିପାହି ତାଙ୍କ ପିଠିରେ ବର୍ଚ୍ଛା ଭୂଷି ଦେଇଥିଲା । ହେଲେ ଯାଏ କୁଆଡ଼େ ? ଖଣ୍ଡା ପଟକ ମାଗୁଣି ଦଳେଇ ବୁଲେଇ ଆଣିଲେ ଯେ, ମରହଟ୍ଟା ବର୍ଗୀଗୁଡ଼ା କଟା କଦଳୀ ଗଛ ପରି ତଳେ ଲୋଟିଗଲେ ।

ଦକ୍ଷିଣ ବାହାରେ ଏ ଯେଉଁ କଟା ଚିହ୍ନଟା ? ମରହଟ୍ଟା ଫୌଜଦାର ତେମଣା ନାଏକ ବଞ୍ଚିଛି କି ମଲାଣି କିଏ ଜାଣେ ? ତେମଣା ସେତେବେଳେ କଟକରେ ଫୌଜଦାର ଥିଲା । ଢେଙ୍କାନାଳ ରାଜା ତ୍ରିଲୋଚନ ମହେନ୍ଦ୍ର ବାହାଦୁର ମରହଟ୍ଟା ଫୌଜଦାରଙ୍କୁ ଷାଠିଏ ହଜାର କାହାଣ କଉଡ଼ି ପେଶକିସ ଦେବାକୁ ନାସ୍ତି କରିଦେଲେ। ତହୁଁ ତେମଣା ବର୍ଗୀ ପଇ ଧରି ଢେଙ୍କାନାଳ ଆସିଲା ଗଡ଼ ଜୟ କରିବା ପାଇଁ । ତେମେଣା ଆସୁଥିବା ଶୁଣି, ଢେଙ୍କାନାଳ ଜିଲ୍ଲାର ଦଳେଇ, ବିଶୋୟୀ, ଗଡ଼ନାୟକ, ପାଇକଙ୍କ ଭିତରେ ଗଣ୍ଠି ବୁଜିଗଲା । ସୌରୀକ ବିଶୋୟୀ ମାଗୁଣି ଦଳେଇଙ୍କ ମାମୁଲେଖା ହୁଅନ୍ତି । ବିଶୋୟୀଙ୍କଠାରୁ ଖବର ପାଇ ମାଗୁଣି ଦଳେଇ ଆଉ ଘରେ ରହନ୍ତି ? ସିଧା ବାହାରି ଗଲେ ଢେଙ୍କାନାଳ । ଦଳେଇ ଗଲା ଖଙ୍କାରି କବି ବ୍ରଜନାଥ ବଡ଼ଜେନାଙ୍କ 'ସମର ତରଙ୍ଗ' ପୋଥିରୁ ପଦେ ବୋଲି ଦିଅନ୍ତି...

''ସାରାଫଉଜ ହେଲେ ତିୟାର, ମୁସଦି ମୁସା
ହେଲେ ବାହାର, ପାଗା ସୁଆର କି ଜମାଦାର,
କି ସରଦାର ଯେ, ଯେ ଯାହା ମୁରାତବ
ସମ୍ଭାର, ଦୌଲତ ଘେନି ହେଲେ ହାଜର,
ମଜୁରା କର ହୁକୁମ ପାଇ ଯା'ନ୍ତି ସତ୍ତର ଯେ ।
କେହୁ ଚଢ଼ିଛି ବାଜି ବାଜି ଉପର ଯେ ।
ରଙ୍ଗ ଅଙ୍ଗା ଅଙ୍ଗକୁ ଦିଶେ ସୁନ୍ଦର ଯେ ।
ଢାଲେକ ଧରି ବାମ ହାତରେ, ଭାଲ କଷିଛି
ଦକ୍ଷିଣ କରେ, ଲାଇ ପଗଡ଼ି ଭଲା ମାନିଛି
ଶିରକୁ ତାର ଯେ... ।''

ଢେଙ୍କାନାଳ ସୌରୀକର ବିଶୋୟୀ ଦଳେଇଙ୍କ ମାମୁ ଲେଖା ହୁଅନ୍ତି ବୋଲି ଗଡ଼ମାଳୀ ପୁରରେ କାହାକୁ ଜଣା ନାହିଁ । ତାଥାପି କଥାଟା ସତହେଉ ବା ମାଗୁଣି ଦଳେଇଙ୍କ ଗାଲ ଗପ

Digitized by srujanika@gmail.com

ହେଉ, ଦଳେଇଙ୍କ ମୁହଁରୁ ଏ ଛାନ୍ଦ ପଦକ ଶୁଣିଲା ବେଳେ ମାଳୀପୁର ଗାଁର ଭେଣ୍ଡିଆମାନଙ୍କର ନିର୍ଜୀବ ଆଖିଗୁଡ଼ିକ ମୁହୂର୍ତ୍ତକ ପାଇଁ ଉଜ୍ଜ୍ୱଳ ହୋଇଉଠେ । ଧମନୀରେ ପଖାଳ ଖିଆ ଥଣ୍ଡା ରକ୍ତ ଟିକିଏ ଉଷୁମ ହୋଇଉଠେ ।

ଦଳେଇଙ୍କ ମୁହଁରୁ ଏକଥା ଆଉ ଛାନ୍ଦ ଗଡ଼ମାଳୀପୁର ଗାଁର ଲୋକେ କେତେ ବାର ଯେ ଶୁଣିଲେଣି ତା'ର ଇୟତ୍ତା ନାହିଁ । ଦଳେଇଙ୍କ ଏକମାତ୍ର କାର୍ଯ୍ୟ ତାଙ୍କ ଦାଣ୍ଡବାଟେ ଯିଏ ଯାନ୍ତି ତାଙ୍କୁ ଡାକି ଏସବୁ କାହାଣୀ ଶୁଣେଇବା । ସେଇ କଥା ଶୁଣି ଶୁଣି ଆଉ ଶୁଣିବା ପାଇଁ କାହାର ଆଗ୍ରହ ନଥିଲା । ତଥାପି ମାଗୁଣି ଦଳେଇଙ୍କ ଡାକ ଶୁଣି, ପିଣ୍ଡାତଳେ ଠିଆ ହୋଇ, ତାଙ୍କୁ ଜୁହାରଟାଏ ପକାଇ ଦଳେଇଙ୍କ କଥା ନଶୁଣି ଚାଲିଯିବା ଲୋକ, ଗଡ଼ମାଳୀପୁର ଗାଁରେ ଖୁବ୍ କମ୍ ଥିଲେ ।

ମରହଟା ବର୍ଗୀମାନେ ବଙ୍ଗଳା, ବିହାର ଓ ଓଡ଼ିଶାର ଘରେ ଘରେ ହୃତ୍‌କମ୍ପ ଆଣି ପାରୁଥାନ୍ତି । ସେମାନଙ୍କ ହୁଂକାରରେ ଦନ୍ତା ଦନ୍ତା ନବାବ ଓ ଜମିଦାରମାନେ ସୁଦ୍ଧା ଆତଙ୍କ ଗଣୁଥାଇ ପାରନ୍ତି; ମାତ୍ର ମାଗୁଣି ଦଳେଇଙ୍କ କହିବା ଅନୁସାରେ ମରହଟା ଫୌଜଦାରମାନେ ଦଳେଇଙ୍କ ନାଆଁ ଶୁଣିଲେ ଛାନିଆରେ ପିନ୍ଧା ଲୁଗା ଅଶୁଦ୍ଧ କରିପକାନ୍ତି ? ସେ କ'ଣ ସାମାନ୍ୟ ବଂଶର ଲୋକ । ତାଙ୍କର ଗୋସିବାପା ଗୋହୀରା ଟିକିରୀ ଲଢ଼େଇରେ ପଠାଣସେନାପତିମାନଙ୍କ ସାଙ୍ଗରେ ଏକା ଏକା ଲଢ଼ିଥିଲେ । ଆହେ ତାଙ୍କ ବାପେ ଥିଲେ ଯେ ଗଉଣିଏ ଚୁଡ଼ା ଦୁଇସେର କ୍ଷୀର ଆଉ ଦୁଇଟା ନଡ଼ିଆ ନ ହେଲେ ତାଙ୍କ ପାଣିଖିଆ ହେଉ ନଥିଲା । ନଡ଼ିଆ ଛଡ଼ାଇବା ପାଇଁ କଣ କଟୁରୀ ଲାଗୁଥିଲା ? ଏକା ଏକା ମୁଥକେ ନଡ଼ିଆ ଫାଟି ଆଁ କରୁଥିଲା । ଯାଅତ, ଏବେ ଉଦ୍ରଖ ନୋହିଲେ କଟକ ଫଉଜଦାରକୁ କହିବ, ଦଳପତି ମାଗୁଣି ମହାପାତ୍ରଙ୍କ ନାଁ ଶୁଣିଲେ ସେମାନଙ୍କୁ କମ୍ପ ଜ୍ୱର ଆସିବ ।

ସେଦିନ ଭେଣ୍ଡାଟାଏ ଏଇ ଏକ କଥା ସବୁଦିନେ ଶୁଣି ଶୁଣି ପଚାରି ଦେଲା... ''ତୁମେତ ଅଚ୍ଛା ଏତେ ପରାକ୍ରମୀ ବଚ୍ଚୀୟାର ସିଂହ ! ବର୍ଗୀମାନେ ଯେତେବେଳେ ଆସି ଚଉପାଡ଼ି ଲୁଟି ନେଲେ, ତମେ ଥିଲ କେଉଁଠି ?''

ମାଗୁଣି ସେତେବେଳେ ଅବଶ୍ୟ କୋଉଠି ଥିଲେ ଜଣା ନାହିଁ । କିମ୍ବା ସେକଥା ସେ କହିଲେ ନାହିଁ । କିନ୍ତୁ ତାଙ୍କ କଥାର ସତ୍ୟତାର ସନ୍ଦେହ ଆରୋପ କରି ତାଙ୍କୁ ଅସମ୍ମାନ କରାଯାଉଅଛି ବୋଲି କହି, ସେ କାଳିଶୀ ପରି ନାଚିଗଲେ । ତାପରେ ଗମ୍ଭିରୀ ଘର ଭିତରକୁ ଧାଇଁ ଯାଇ ପଟେ ଖଣ୍ଡା ବୁଲେଇ ବୁଲେଇ କାଢ଼ି ଆଣି ପାଟିକରି ଉଠିଲେ, ''ମାଳୀ ପୁରିଆ ଗୁଡ଼ାକ ଖଣ୍ଡାଏତ ନୁହଁନ୍ତି, ଓଡ଼ଚଷା । ହଁ ଚଷା ନୁହଁନ୍ତି ତ ଆଉ କ'ଣ ? ନଦୀଆ କୀର୍ତ୍ତନ କରି କରି ମାଇଚିଆ ହୋଇଛନ୍ତି । ସାରା ଦେଶଟା ମାଇଚିଆ ହୋଇ ଯାଇଛି ! ଆସନ୍ତୁତ ଗାଁଯାକ ସମସ୍ତେ; ସେ ଖଣ୍ଡା ପଟକରେ ସମସ୍ତଙ୍କୁ ଯମଲୋକ ପଠାଇ ଦେବେ ।''

ଏହାପରେ ଆଉ ଅନ୍ୟ କୌଣସି ପ୍ରଶ୍ନ ଅବଶ୍ୟ ଉଠିଲା ନାହିଁ । ମାଗୁଣି ଦଳେଇଙ୍କ

Digitized by srujanika@gmail.com

ବୀର ଦର୍ପରେ ନାଗପୁର ଦରବାର ସୁଦ୍ଧା କମ୍ପିଉଠେ ବୋଲି ସାବ୍ୟସ୍ତ ହୋଇଗଲା । ଦଢେଇ ଗାଁରେ ସମସ୍ତଙ୍କ ମାନ୍ୟ ଲୋକ, ପୁଣି ବୟସରେ ସମସ୍ତଙ୍କଠାରୁ ବଡ଼ । ତେଣୁ ମୁହଁରେ ତାକୁ ଉରସି କେହି ଆଉ କିଛି କହନ୍ତି ନାହିଁ । ମାତ୍ର ଇଙ୍ଗଚା ପିଲାଗୁଡ଼ାକଙ୍କର ମୁହଁରେ କୋଉ ବାଡ଼ ବଡା ଅଛି ? ଦଢେଇକୁ ଦେଖିଲେ ସେମାନେ ପାଟି କରି ଉଠନ୍ତି; ''ଦଢେଇ, ବର୍ଗୀଗଲେ ପଳେଇ !''

ଦଢେଇକୁ ଆଉ ସମ୍ଭାଳେ କିଏ ? ପିତ୍ତଳ ଗୋବ ବସା ଠେଙ୍ଗା ଖଣ୍ଡକ ଉଞ୍ଚାଇ ସେ ପିଲାଗୁଡ଼ାଙ୍କ ଆଡ଼େ ଧାଇଁ ଆସନ୍ତି । ମାତ୍ର ଥର ଥର ପାଦରେ ମାଗୁଣି ଦଢେଇ ଇଙ୍ଗଚା ପିଲାଗୁଡ଼ାକୁ ଦଉଡ଼ରେ ପାରନ୍ତି କେତେକେ ?

* * *

ବର୍ଗୀ ଜୁଲୁମ କେତେବର୍ଷ ହେବ ବନ୍ଦଥିଲା । ମାତ୍ର ପୁଣି ଚାରିଆଡ଼େ ବର୍ଗୀ ମାତିବା ଖବରଟା ମହାମାରୀର ଆତଙ୍କପରି ଖେଳିଗଲା । ଓଡ଼ିଶାର ସୁବାଦାର ସେତେବେଳକୁ ରାଜା ରାମ ପଣ୍ଡିତ, ଆଉ ଖୋର୍ଦ୍ଧାର ରାଜା ଦିବ୍ୟସିଂହ ଦେବ । ମରହଟାମାନଙ୍କ ଧମକରେ ଗଜପତିଙ୍କ ନାକଦଣ୍ଡୀରେ ପ୍ରାଣ । ରାଜାରାମ ପଣ୍ଡିତର ଡାକରେ ବସୁଥାନ୍ତି ଉଠୁଥାନ୍ତି । ଆଉ ଦେଶ ଲୋକଙ୍କ କଥା ପଚାରେ କିଏ ? ନାଗପୁର ଦରବାରରେ ସେତେବେଳେ ସୁବେଦାର, ଫୌଜଦାର ଓ କିଲ୍ଲାଦାର ପ୍ରଭୃତି ଚାକିରି ନିଲାମ ଡାକରେ ଉଠୁଥିଲା । ଯିଏ ବେଶି ଟଙ୍କା ନାଗପୁର ରାଜ କୋଷରେ ପଇଠ ଦେଇ ପାରୁଥିଲା, ତାହାର ସେତେବେଶି ପଦୋନ୍ନତି ହେଉଥିଲା ।

ମାତ୍ର ରାଜାରାମଙ୍କ ଅମଳରେ ଲାଗ ଲାଗ ହୋଇ ଦୁର୍ଭିକ୍ଷ ପଡ଼ିଲା । ଗାଁ ଗଣ୍ଡା ଖାଲି ହୋଇଗଲା । ତନ୍ତୀ, ବୁଣାକାର, ଥଟାରୀ, କୁମ୍ଭାର ଓ ବଢ଼େଇ ପ୍ରଭୃତି କାରିଗର ଶ୍ରେଣୀର ଲୋକେ ବର୍ଗୀ ଆତଙ୍କରେ ବାଇଶ୍ୱର ଓ ପିପିଲି ପ୍ରଭୃତି ସ୍ଥାନରେ ଫିରିଙ୍ଗୀମାନଙ୍କ ଅଞ୍ଚଳକୁ ପଳାଉଥିଲେ । କାରଣ ସେ ଅଞ୍ଚଳମାନ ଇଂରେଜ ବଣିକମାନଙ୍କ ସାମରିକ ଶକ୍ତି ଦ୍ୱାରା ସୁରକ୍ଷିତ ଥିବାରୁ ସେଠାରେ ବର୍ଗୀ ଆକ୍ରମଣର ଆଶଙ୍କା ନଥିଲା । ଏହି ସୁଯୋଗରେ ଇଂରେଜ ବଣିକମାନେ ଏ କାରିଗରମାନଙ୍କଠାରୁ ଶସ୍ତାରେ ଜିନିଷ କିଣି ବାହାରକୁ ଖୁବ୍ ରପ୍ତାନୀ ଚଳାଇଥିଲେ । ମାଟିର ମାୟା କାଟି ନ ପାରି ଯେଉଁମାନେ ତଥାପି ମାଟି କାମୁଡ଼ି ପଡ଼ି ରହିଥିଲେ, ସେମାନଙ୍କ ଘରେ ଓଳିଏ ଚୁଲି ଜଳିଲେ ଦୁଇ ଓଳି ଚୁଲିକି ହାଣ୍ଡି ଯାଉ ନଥିଲା । ଏ ଅବସ୍ଥାରେ ରାଜସ୍ୱ ଆଦାୟ ହେଉଛି କିପରି ? ମୋଗଲବନ୍ଦୀରୁ ଶିବରାମ ଭଟ 10 ଲକ୍ଷ 78 ହଜାର ଟଙ୍କା ରାଜସ୍ୱ ଆଦାୟ କରୁଥିଲା । ମାତ୍ର ଶମ୍ଭୋଜୀ ଗଣେଶ ତାହା ବଢ଼ାଇ 15 ଲକ୍ଷ କରି ଦେଇଥିଲା । ଏବେ ରାଜାରାମଙ୍କ ଅମଳରେ ତାହା ଋଣ। ପଡ଼ିବାରୁ ନାଗପୁର ଦରବାରରୁ ତାଗଦା ଉପରେ ତାଗଦା ଆସିଲା । ଲୋକେ ଅବଶ୍ୟ ଖାଇବାକୁ ନପାଇ ରାଜସ୍ୱ ଦେଇ ପାରୁ ନାହାଁନ୍ତି । ମାତ୍ର ରାଜ୍ୟ ଶାସନ ତ ମରହଟାମାନଙ୍କ ଉଦ୍ଦେଶ୍ୟ ନଥିଲା, ସେମାନଙ୍କ

Digitized by srujanika@gmail.com

ଉଦ୍ଦେଶ୍ୟ ଥିଲା ଲୁଣ୍ଠନ । ତେଣୁ ମରହଟ୍ଟା ସୁବାଦାର ଲୋକଙ୍କ ଅବସ୍ଥା ବିଚାରିବେ କାହିଁକି ? ସେ ବର୍ଗୀ ପଲକୁ ଚାରିଆଡ଼େ ପଙ୍ଗପାଳ ଦଳପରି ପଠାଇ ଦେଲେ, ବାକୀ ରାଜସ୍ୱ ଆଦାୟପାଇଁ । ଦେହରେ ପ୍ରାଣ ଥିବା ପର୍ଯ୍ୟନ୍ତ ମରହଟ୍ଟାମାନଙ୍କୁ ରାଜସ୍ୱ ନ ଦେଇ ଲୋକେ ଯିବେ କୁଆଡ଼େ ?

କ୍ରମାଗତ ଦୁଇ ବର୍ଷ ବ୍ୟାପି ମରୁଡ଼ି ପରେ, ଏବର୍ଷ ସୁପାଳକ ହୋଇ ଥିବାରୁ ଲୋକେ ଚାରିଆଡ଼େ ଶ୍ୱସ୍ତିର ନିଶ୍ୱାସ ମାରୁଥିଲେ । ମାତ୍ର ବର୍ଗୀ ଆକ୍ରମଣର ଆତଙ୍କ ସେ ଆଶ୍ୱସ୍ତିକୁ ଦୀର୍ଘକାଳ ସ୍ଥାୟୀ କଲା ନାହିଁ ।

ମାର୍ଗଶୀର ମାସ । ଗ୍ରାମେ ଗ୍ରାମେ ଶସ୍ୟ ଲକ୍ଷ୍ମୀଙ୍କ ଆବାହନ ପାଇଁ ଘରେ ଘରେ ହସ ଉକୁଟି ଉଠୁଛି । ଘରକାନ୍ଥ ଲିପି ଚିତା ଲେଖୁ ଲେଖୁ ଝିଅ ବୋହୂମାନଙ୍କୁ ବେଳ ଅଣ୍ଟୁନାହିଁ । ଖଳାମାନ ଲିପା ପୋଛା ସରିଲାଣି । ବହୁଦିନ ପରେ ଲକ୍ଷ୍ମୀ ଆସୁଛନ୍ତି । ପିଠୋଉରେ ତାଙ୍କ ପାଦଚିହ୍ନ ସବୁଆଡ଼େ ପଡ଼ି ଗଲାଣି । ଧାନ ପାଚି ଆସୁଛି । ଏତେବେଳେ ଯଦି ବର୍ଗୀ ଆସନ୍ତି ତା'ହାଲେ... ଲୋକେ ଆଉ ଭାବିପାରୁ ନାହାଁନ୍ତି ।

* * *

ସକାଳ । ଘାସପତ୍ରରୁ କାକର ବିନ୍ଦୁ ଶୁଖି ନାହିଁ । ମାଗୁଣି ଦଳେଇ ତାଙ୍କ ପଥରବସା ଛାତିଏ ଉଞ୍ଚା ଦାଣ୍ଡ ପିଣ୍ଡାରେ ଖରାକୁ ପିଠିକରି ବସି, ଡୁଳେଇ ଡୁଳେଇ ହୁଏତ ତାଙ୍କ ଅତୀତ ଦିନର ବହୁ ବିଜୟ କାହାଣୀ ମନେ ମନେ ସ୍ମରଣ କରୁଥିଲେ । ଏତିକିବେଳେ ଗଡ଼ମାଳୀପୁର ଗାଁ ଲୋକେ ଦଳବାନ୍ଧି ଦଳେଇଙ୍କ ପିଣ୍ଡାତଳେ ଆସି ଠିଆ ହେଲେ । ଦଳେଇଙ୍କ ଡୁଳ ଭାଙ୍ଗିଗଲା । ସେମାନଙ୍କ ଆଡ଼େ ଚାହିଁ ଅଳ୍ପ ହସି ଦଳେଇ ପଚାରିଲେ... ''କିରେ ପିଲେ ଖବର କଣ ?''

ଦଳେଇ ଆଉ କେଉଁ ନୂଆ ଇଢ଼େଇର କାହାଣୀ ସେମାନଙ୍କୁ ଶୁଣାଇବା ପାଇଁ ମନେ ମନେ ହୁଏତ ପ୍ରସ୍ତୁତ ହେଉଥିଲେ । ମାତ୍ର ଗାଁ ଲୋକେ ସେଥିପାଇଁ ଉପଯୁକ୍ତ ମାନସିକ ଅବସ୍ଥାରେ ନଥିଲେ । ବର୍ଗୀମାନେ ରଥୀପୁର, ନଛିପୁର, ହରିପୁର ପ୍ରଭୃତି ଗାଁମାନ ଲୁଟି ସାରିଲେଣି, ନଛିପୁର ଗାଁଟା ପଅର ଦିନ ରାତିରେ ଛଳି କୁଆଡ଼େ ପାଉଁଶ ହୋଇ ଯାଇଛି । ଏହାପରେ ତ ଗଡ଼ମାଳୀପୁରର ପାଳି ପଡ଼ିବ । ଉପାୟ କଣ ? ପାଖ ବଣ ଜଙ୍ଗଲକୁ ନ ପଳାଇଲେ ଧନ, ଜୀବନ ରହିବ ନାହିଁ ।

ଦଳେଇ ସମସ୍ତଙ୍କ କଥା ଶୁଣି ମୁହୂର୍ତ୍ତକ ପାଇଁ ମନେ ମନେ ଆତଙ୍କିତ ହୋଇ ପଡ଼ିଲେ । ମାତ୍ର ଏତେଦିନ ଧରି ଯେଉଁମାନଙ୍କୁ ବର୍ଗୀଦଳରେ ଏତେ ବୀରତ୍ୱପୂର୍ଣ୍ଣ କାହାଣୀ ସେ ଶୁଣାଇ ଆସିଛନ୍ତି, ସେମାନଙ୍କୁ ଏବେ ଛତ୍ରଭଙ୍ଗ ଦେଇ ପଳାଇବା ପାଇଁ ସେ ପରାମର୍ଶ ଦେବେ କିପରି ? ଦଳେଇ କହିଲେ...''କିରେ ତମେଗୁଡ଼ା ଖଣ୍ଡେଇତ ପାଇକ ହୋଇ ପଳାଇବ କଣ ? ଏଇ ଠେଙ୍ଗା ଦେଖୁଛ; ଏଥିରେ ଢେଙ୍କାନାଳ ଖାଠିଏ ବାଟିଆ ବିଲରେ ତେମଣା ନାୟକର ନାକଦଣ୍ଡା ଫଟାଇ ଥିଲି । ମରହଟ୍ଟା ବର୍ଗୀମାନେ ସବୁଆଡ଼େ ଲୁଟିବେ ସିନା, ଏ ଗାଁ ମାଡ଼ିବେ ନାହିଁ ।''

Digitized by srujanika@gmail.com

ମାଗୁଣି ଦଳେଇ ଚେମଣା ନାଏକ ବିରୁଦ୍ଧରେ ଯୁଦ୍ଧ ଯାତ୍ରାର ବର୍ଣ୍ଣନା ''ସମର ତରଙ୍ଗ'' ପୋଥିରୁ ବୋଲିବା ପାଇଁ ଗଳା ଖଙ୍କାରୁ ଥିଲେ; ମାତ୍ର ଅନ୍ୟଦିନ ପରି ଆଜି ତାହା ଶୁଣିବା ପାଇଁ ଗାଁ ଲୋକଙ୍କର ଧୈର୍ଯ୍ୟ ନଥିଲା । ସନ୍ଧ୍ୟା ଆଗରୁ ଯେ ଯୁଆଡ଼େ ପଳାଇବା ପାଇଁ ସେମାନେ ଆଉ କାଳ ବିଳମ୍ବ ନକରି ଚାଲିଗଲେ ।

ଅପରାହ୍ଣର ଶୀତଳ ଛାୟା ବୁଲି ଆସିଲା ବେଳକୁ ଗଡ଼ମାଳୀପୁର ଗାଁ ଏକାବେଳକେ ନିଶୂନ ହୋଇ ସାରିଥିଲା । ବ୍ରାହ୍ମଣୀ ନଈ ମଝିରେ ଗୋଟାଏ ଜଙ୍ଗଲୀ କୁଦ ଅଛି । ବର୍ଗୀ ଆକ୍ରମଣର ସଙ୍କେତ ପାଇଲେ ଗଡ଼ମାଳୀପୁର ଗାଁ ଲୋକେ ସେହିଠାରେ ଆତ୍ମଗୋପନ କରନ୍ତି । ଆବାଳବୃଦ୍ଧବନିତା ଏବେ ସେହି କୁଦକୁ ପଳାଇ ସାରିଥିଲେ । ଏକା ଗଲେନାହିଁ ମାଗୁଣି ଦଢେଇ, ଅନ୍ୟମାନଙ୍କ ପରି ସେ ବର୍ଗୀମାନଙ୍କ ଭୟରେ ଆତ୍ମରକ୍ଷା ପାଇଁ ଗାଁ ଛାଡ଼ି ପଳାଇଲେ, ଆଉ କେଉଁ ମୁହଁରେ ପୁଣି ସେମାନଙ୍କୁ ଶୁଣାଇବେ ନିଜ ଅତୀତ ଗୌରବର କାହାଣୀ ? ଗାଁ ଲୋକେ ଯିଏ ଯେତେ ବୁଝାଇଲେ, ନାତି ଓ ନାତୁଣୀ ବୋହୂମାନେ ଯେତେ ବାଧ କଲେ ସୁଦ୍ଧା ମାଗୁଣୀ ଦଢେଇ କୌଣସିମତେ ଟଳିଲେ ନାହିଁ । ଶେଷକୁ ପ୍ରାଣ ରଖିବା ପାଇଁ ଦଳେଇ ବୁଢ଼ାକୁ ଛାଡ଼ି ତାଙ୍କ ଘର ଲୋକମାନେ ସୁଦ୍ଧା, ଅନ୍ୟ ଗାଁ ଲୋକମାନଙ୍କ ସଙ୍ଗରେ ମିଶି ଗାଁ ଛାଡ଼ି ପଳାଇଲେ ।

ସତକୁ ସତ ରାତି ପହରେ ନ ହେଉଣୁ ବର୍ଗୀମାନେ ମଶାଲ ଜାଳି, ଘୋଡ଼ା ଉପରେ ଚଢ଼ି ଗଡ଼ମାଳୀପୁର ଗାଁ ଉପରେ ଆସି ପଡ଼ିଲେ ।

* * *

ସବୁରାତି ପାହି ପୁଣି ସକାଳ ହୁଏ । ବ୍ରାହ୍ମଣୀ ନଈ ମଝି ବାଲିକୁଦର ବେଣା ଜଙ୍ଗଲ ଭିତରେ, ଶୀତ କାକରରେ ଗୋଟିଏ ଦୀର୍ଘ ଶୀତରାତି ପାହିଗଲା । ବର୍ଗୀପଲ କୌଣସି ସ୍ଥାନରେ ଗୋଟିଏ ରାତିରୁ ଅଧିକ ରହନ୍ତି ନାହିଁ । ରାତି ରାତି ଲୁଟ ତରାଜ ସାରି ସେମାନେ ପୁଣି ଅନ୍ୟ ଗାଁ ଆଡ଼େ ମୁହାଁନ୍ତି ।

ଭଲ କରି ସକାଳ ହେବା ପରେ ବେଣା ଜଙ୍ଗଲ ଭିତରୁ ବାହାରି କେତେଜଣ ଗାଁର ଅବସ୍ଥା ଦେଖି ଆସିବା ପାଇଁ ଜଙ୍ଗଲେ ଜଙ୍ଗଲେ ଗାଁ ଭିତରକୁ ଆସିଲେ । ବହୁ ଘରେ କବାଟ ତଡ଼ା ହୋଇ ଭଙ୍ଗା ଯାଇଛି । କେତେ ଆଟୁଘରେ ନିଆଁ ତଥାପି ଜକୁନ୍ତି, ବର୍ଗୀମାନେ ଗୁହାଳରୁ ଗାଈ ଗୋରୁମାନଙ୍କୁ ସୁଦ୍ଧା ଫିଟାଇ ନେଇ ଯାଇଛନ୍ତି । ଗାଁର ଦୃଶ୍ୟ ସେମାନେ ଯାହା ଦେଖିଛେ ସେଥିରେ ଫେରିଯାଇ ଅନ୍ୟମାନଙ୍କୁ ଖବର ଦେବା ପାଇଁ ସେମାନଙ୍କର ସବୁ ସାହସ ହଜିଗଲା ।

ମାଗୁଣି ଦଢେଇ କାହାନ୍ତି ?

ଦଢେଇକୁ ଖୋଜି ଖୋଜି ସେମାନେ ଗାଁ ମୁଣ୍ଡକୁ ଆସିଲେ ।

ଏଇଯେ ! ସାମନାରେ ମାଗୁଣି ଦଢେଇ, ମାଇ କଛାମାରି, ଅଣ୍ଟାରେ କଟୁରୀ, ବାଙ୍କୁରୀ, କଟିତାଇ, ବାଘନଖୀ ଓ ଶିଂଘା ପୁଣି ଛାତିରେ ଡାଇ ଝୁଲାଇ, ହାତରେ ପଟେ ଖଣ୍ଡା ଧରି, ମାଗୁଣି ଦଢେଇ ପଥରର ଗୋଟିଏ ମୂର୍ତ୍ତିପରି ଆମ୍ବ ଗଛ ତଳେ ଠିଆ ହୋଇଛନ୍ତି । ଗଛ

Digitized by srujanika@gmail.com

ଛାଇ ଅନ୍ଧାରରେ ତାଙ୍କ ମୁହଁ ଭଲ କରି ଦିଶୁନାହିଁ । ଦଳେଇ ଏସବୁ କେଉଁକାଳର ସାଇତା ଅସ୍ତ୍ର-ଶସ୍ତ୍ରମାନଙ୍କରେ ସାଜି ହୋଇ ସମ୍ଭବତଃ ଏକା ଏକା ବର୍ଗୀମାନଙ୍କ ପ୍ରତିରୋଧ ପାଇଁ ବାହାରିଥିଲେ । ଏତେ ବିପଦରେ ସୁଦ୍ଧା ଗାଁ ଲୋକଙ୍କ ମୁହଁରେ ହସର ଗୋଟିଏ କ୍ଷୀଣ ରେଖା ଖେଳିଗଲା । ସେମାନେ ଗଛ ପାଖକୁ ଆସିଲେ । ମାତ୍ର ଯାହା ଦେଖିଲେ ସେଥିରେ ସେମାନଙ୍କର ଓଠର ହସ ନିଭିଗଲା । ବର୍ଗୀମାନଙ୍କ ପ୍ରତିରୋଧ ପାଇଁ ହେଉ ଅଥବା କିଆବଣ ଭିତରେ ଆତ୍ମରକ୍ଷା ପାଇଁ ହେଉ, ମାଗୁଣି ଦଳେଇ ପାଇକମାନଙ୍କ ଅସ୍ତ୍ର ଶସ୍ତ୍ରରେ ସାଜି ହୋଇ ଗାଁ ମୁଣ୍ଡ ଗୋହିରୀ ପର୍ଯ୍ୟନ୍ତ ଆସିଥିଲେ । ସକାଳେ ଗଡ଼ମାଳୀପୁରିଆ ଗାଁକୁ ଫେରିଲା ପରେ, ଦଳେଇ ସେମାନଙ୍କୁ ଚଉପାଡ଼ିର ଭୂତପୂର୍ବ ସେନାପତି-ଅବତାର ଦେଖାଇ ବର୍ଗୀମାନେ କିପରି ତାଙ୍କୁ ଦେଖିବାମାତ୍ରେ ଗାଁ ଛାଡ଼ି ପଳାଇଥିଲେ ତାହା ହୁଏତ ବର୍ଣ୍ଣନା କରିଥାନ୍ତେ । ମାତ୍ର ବର୍ଗୀମାନେ ତାଙ୍କୁ ଧରି, ଆମ୍ବ ଗଛ ଗଣ୍ଡି ଦେହରେ ବାନ୍ଧି ରଖି ଯାଇଛନ୍ତି । କିନ୍ତୁ ମାଗୁଣି ଦଳେଇଙ୍କ ପିଣ୍ଡରେ ପ୍ରାଣ ନାହିଁ । ସଁବାକୁଆ ପରି ମୋଟା ମୋଟା ଦୁଇ ଭ୍ରୁଲତା ତଳେ ତାଙ୍କର ଦୁଇ ଆଖି ପଥରର ଆଖିପରି ମେଲା ହୋଇ ରହିଛି । ତାହାଣ ହାତରେ ଖଣ୍ଡା ବେଣ୍ଟରେ ହାତ ମୁଠା ଯାବ ପଡ଼ି ଯାଇଛି ।

ସାତକୋଡ଼ି ବର୍ଷର ପୋକଲଗା ଇତିହାସ, ଗଡ଼ମାଳୀପୁର ଗାଁ ମୁଣ୍ଡ କିଆ ଗୋହିରୀରେ ପାଳଭୂତ ପରି ଠିଆ ହୋଇଛି ।

Digitized by srujanika@gmail.com

ଆକାଶ ତଥାପି ସୁନୀଳ

ପଙ୍ଖାରୁ କାରବୋନ୍ ଶେଷ ହୋଇ ଆସିଥିଲା...

ଏକ କିଂଭୂତ ଖଟ୍‌ଖଟ୍ ଶବ୍ଦ କରି, ଛାତରୁ ଝୁଲିଥିବା ପଙ୍ଖାଟା, ଗୋଟିଏ ଆହତ ପକ୍ଷୀର ଡେଣାପରି ଚକର୍‌କାଟି ବୁଲୁଥିଲା; କେତେବେଳେ ଧୀରେ ଧୀରେ; ଆଉ କେତେବେଳେ ଜୋରରେ । ମାତ୍ର ପବନ ଅପେକ୍ଷା ସେଥିରେ ଶବ୍ଦର ବାହୁଲ୍ୟ ଥିଲା ବେଶି ।

ସହର ବସ୍ତୀ ରାସ୍ତା କଡ଼ରେ ଗୋଟିଏ ରେସ୍ତୁରାଁ । ଗରାଖମାନଙ୍କର ଭିଡ଼ ନଥିଲା । ସକାଳର ଅଇଁଠା ପ୍ଲେଟ୍, କପ୍, ଟେବୁଲ୍ ଉପରେ ଉଚ୍ଛିଷ୍ଟ ଓ ହାଡ଼କଣ୍ଟାର ଅବଶେଷ ସବୁ ମିଶି, ଏକ ଶ୍ମଶାନ ଅଥବା ପରିତ୍ୟକ୍ତ ରଣପ୍ରାନ୍ତରର ପରିବେଶ ସୃଷ୍ଟି କରିଥିଲା ।

ଅମିତାଭର ଟେବୁଲ୍ ଉପରେ, ଯେଉଁଠାରେ କେତେବିନ୍ଦୁ କ୍ଷୀର ଢାଳିହୋଇ ପଡ଼ିଥିଲା, କେତେଟା ମାଛି ତା'ଉପରେ ବାରମ୍ବାର ଆସି ବସୁଥିଲେ, ପୁଣି ଉଡ଼ି ଯାଉଥିଲେ । ବେଳେବେଳେ ସେଥିରୁ ରୁଚି କଟିଗଲେ, ମାଛି କେତେଟା ଉଡ଼ିଆସି ନାକଦଣ୍ଡାର ଏକ ସ୍ୱର୍ଶକାତର ଅଂଶ ଉପରେ ବସି ପଡୁଥିଲେ... ସେମାନଙ୍କୁ ତଡ଼ିବାପାଇଁ ଅମିତାଭ ଦୁଇହାତ ଶୂନ୍ୟରେ ବୁଲାଇ ଆଖିଆଗରେ ମେଲି ଧରିଥିବା ଖବରକାଗଜଟିକୁ ତଳେ ଫିଙ୍ଗିଦେଇ, ଉଦ୍‌କ୍ଷିପ୍ତ ପରି ଚଉକି ଛାଡ଼ି ଉଠି ପୁଣି ବସି ପଡୁଥିଲା ।

'ସ୍ୱଦେଶମିତ୍ର' ସମ୍ବାଦପତ୍ରର ବିଶେଷ ରାଜନୈତିକ ସମ୍ବାଦଦାତା, ଅମିତାଭ ।

ସେ କିନ୍ତୁ ଖବରକାଗଜ ପଢୁ ନଥିଲା । ଆଖିଆଗରେ ମେଲି ଧରିଥିବା ଖବରକାଗଜର ନେପଥ୍ୟରୁ ରାସ୍ତା ସେପଟ ଗୋଟିଏ ଦର୍ଜୀ ଦୋକାନରେ, କବାଟ ଉଡ଼ାଇରେ ଖଣ୍ଡେ ଟୁଲ ଉପରେ ବସିଥିବା, ଦର୍ଜୀ ହନିମାଷ୍ଟରର ଗତିବିଧି ଲକ୍ଷ୍ୟ କରୁଥିଲା । ତାହାର ଅଙ୍ଗପ୍ରତ୍ୟଙ୍ଗର ପ୍ରତ୍ୟେକ ଅର୍ଥହୀନ ସଞ୍ଚାଳନ, ସାମନା ରାସ୍ତାଆଡ଼େ ତାହାର ପ୍ରତ୍ୟେକ ଉଦ୍‌ବିଗ୍ନ ଦୃଷ୍ଟିର ସତର୍କ ଭଙ୍ଗୀ, ଆକସ୍ମିକ ଭାବରେ ଛୁଟିଯାଉଥିବା କୌଣସି ଗରାଖ ଅଥବା କୌଣସି ଆଗନ୍ତୁକ ସହିତ ନିତାନ୍ତ ମାମୁଲି କଥାବାର୍ତ୍ତା ସୁଦ୍ଧା, ଅମିତାଭ ଖବରକାଗଜ ଉଡ଼ାଳରେ ଅତ୍ୟନ୍ତ ସତର୍କ ଦୃଷ୍ଟିରେ ଲକ୍ଷ୍ୟ କରି, ତାହାର ବିଶ୍ଳେଷଣ କରୁଥିଲା ଓ ତଥ୍ୟଗୁଡ଼ିକୁ ମନେ ମନେ ଲିପିବଦ୍ଧ କରୁଥିଲା ।

ଆଲିବାବାର ଗୁମ୍ଫା ପରି ଦିଶୁଥିବା 'ମାଷ୍ଟର କଟିଙ୍ଗ୍ ଆଣ୍ଡ୍ ଟେଇରିଙ୍ଗ୍' ଦୋକାନର ଅଳହୁଭରା, ଅନ୍ଧାରୁଆ ଗହ୍ୱର ଭିତରୁ ହନିମାଷ୍ଟର ମଧ୍ୟ ବେଳେବେଳେ ଚାହିଁ ଲକ୍ଷ୍ୟ କରୁଥିଲା, ରେସ୍ତୁରାଁ ବାରଣ୍ଡାରେ ଦୋକାନ ମାଲିକ ଓ ଭିତରେ ଅମିତାଭ ଆଡ଼େ । ଦର୍ଜୀ ଦୋକାନକୁ ଲାଗି, ଏକ ପୀରଙ୍କ ସମାଧିସ୍ଥାନରେ ଗୋଟାଏ ବୁଢ଼ା ଶିମିଳିଗଛର ପତ୍ରହୀନ ଶାଖାଟିଏ,

Digitized by srujanika@gmail.com

ଲାଇଫୁଇର ଭାରରେ ଅବନତ ହୋଇ ରାସ୍ତାଉପରେ ଆକାଶର ପୃଷ୍ଠଭୂମିରେ, ଖଣ୍ଡେ ଜାପାନୀ ଫୁଇ ଚିତ୍ରପରି ଉତ୍କୀର୍ଣ୍ଣ ରହିଥିଲା । ସେଆଡ଼େ ଅମିତାଭ ବେଳେବେଳେ ଚାହୁଁଥିଲା ପ୍ରେରଣାପାଇଁ, ଆଉ ହନି ମାଷ୍ଟର ଚାହିଁଥିଲା ନିଜ ଜୀବନର ଉତ୍ସମୂଳ ସନ୍ଧାନ କରିବାପାଇଁ ।

ହନି ମାଷ୍ଟର ତାର ପିଲାଦିନୁ ସୁଦ୍ଧା, ଏହି ଶିମିଳିଗଛଟିକୁ ଏମିତି ଦେଖି ଆସିଅଛି । ଜୀବନର ସବୁ ସଂଶୟ, ଅନିଶ୍ଚିତତା, ଆଶଙ୍କା ଓ ଆତଙ୍କ ଭିତରେ ଏହି ଶିମିଳି ଗଛଟି ଯେପରି, ନିର୍ଭରଶୀଳତା ପୁଣି ନିଶ୍ଚିତତାର ଏକମାତ୍ର ସଙ୍କେତ । ଏବେ ସୁଦୀର୍ଘ ଅଠର ବର୍ଷର ବ୍ୟବଧାନ ଓ ଦେଶାନ୍ତର ପରେ ଏକ ଦରଦୀ ପ୍ରତିବେଶୀ ପରି, ସେହି ପତ୍ରହୀନ ଶିମିଳି ଗଛଟି ଯେପରି ହନି ମାଷ୍ଟର ଆଡ଼େ ତାହାର ସ୍ନେହସ୍ପର୍ଶ ପ୍ରସାରିତ କରିଥିଲା । ହନି ମାଷ୍ଟରର ଝାପ୍ସା ଆଖି ଆଗରେ ବେଳେ ବେଳେ ଭାସି ଉଠୁଥିଲା, ତାହାର 'ଆବ୍ବାଜାନ୍' ୟୁସୁଫ୍ ମୀର୍ଜା, ସ୍ତ୍ରୀ ଅପ୍ସରୀ ଜାନ୍, ଦୁଇପୁଅ ରମଜାନ୍ ଓ ଉସମାନ ପ୍ରମୁଖଙ୍କର ଛବି । ଆଃ... ସେମାନେ ସବୁ କିଏ କୁଆଡ଼େ ଝଡ଼ିଗଲେଣି, ତଥାପି ଶିମିଳିଗଛର ପତ୍ରହୀନ ଶାଖାରେ ଶାଖାରେ ଅଜଣ୍ଟି ଫୁଲ ।

ଏକଦା ପ୍ରସିଦ୍ଧ 'ମାଷ୍ଟର କଟିଙ୍ଗ୍ ଆଣ୍ଡ୍ ଟେଲରିଙ୍ଗ' ...ଏବେ ଏହି ବସ୍ତୀ ରାସ୍ତାକଡ଼ରେ ଏକ ବହୁବ୍ୟବହୃତ ଆସବାବ ପରି ଉପେକ୍ଷିତ ହୋଇ ପଡ଼ିଥଲା । ଏ ସୁଦୀର୍ଘ ଅଠରବର୍ଷ ମଧ୍ୟରେ, ଏହି କ୍ଷୁଦ୍ର ସହରଟିରେ ମଧ୍ୟ ମନୁଷ୍ୟର ରୁଚି ଓ ମନୁଷ୍ୟ ମନୁଷ୍ୟ ମଧ୍ୟରେ ସମ୍ପର୍କରେ ଯେଉଁ ବିରାଟ ପରିବର୍ତ୍ତନ, ଅଦୃଶ୍ୟ ଭାବରେ, ଅଲକ୍ଷିତରେ ଘଟି ଯାଇଥିଲା, ହନି ମାଷ୍ଟର ତାହାର କୌଣସି ମାପ ଖୋଜି ପାଉ ନଥିଲା । ତଥାପି ଦୀର୍ଘ ଅଠର ବର୍ଷର ଦେଶାନ୍ତର ପରେ, ଏହି ଅତି ପରିଚିତ ସହରଟି ତାକୁ ଜୀବନର ଉତ୍ସମୂଳ ପରି ଅତି ଅନ୍ତରଙ୍ଗ ଲାଗୁଥିଲା ।

ଦୋକାନ ବାହାରେ ଗୋଟାଏ ଖୁଣ୍ଟରେ ବନ୍ଧା ହୋଇଥିବା ପାତିମାଙ୍କଡ଼ଟି ହଠାତ୍ କିଚିରି ମିଚିରି ଶବ୍ଦ କରି, କାହାକୁ ଦାନ୍ତ ଦେଖାଇ ଚିତ୍କାର କରି ଉଠିଲା । କୌଣସି ଅପରିଚିତ ଆଗନ୍ତୁକକୁ ଦେଖିଲେ ପାତିମାଙ୍କଡ଼ଟି ଆକ୍ରମଣ କରିବାପାଇଁ ଉହୁଙ୍କି ଆସେ । ପାତିମାଙ୍କଡ଼ର ଚିତ୍କାର ଶୁଣି, ହନି ମାଷ୍ଟର, ଅତି ସନ୍ତର୍ପଣରେ କଇଁଛପରି ବେକ କାଢ଼ି ବାହାରକୁ ଅନାଇଲା ।

ଛୋଚାକୋଚା ଖଣ୍ଡେ ମଇଳା ପାଇଜାମା ଆଉ ଧଡ଼ିଚିଣ୍ଡା ହାଓ୍ୱାଇନ୍ ପିନ୍ଧି ଜଣେ ଲୋକ, କାଖତଳେ ଗୋଟାଏ କାଗଜମୋଡ଼ା ପାକେଟ୍ ଧରି ପିଣ୍ଡା ଉପରକୁ ଉଠି ଆସୁଥିଲା । ଏକ ଅପ୍ରସନ୍ନତାରେ ହନି ମାଷ୍ଟରର ମୁହଁର ରେଖାଗୁଡ଼ିକ କୁଞ୍ଚିତ ହୋଇଗଲା । ହତଭାଗା ନିଶ୍ଚୟ ଆସିଛି, ଫଟା ଛିଣ୍ଡା ପାଇଜାମା ରଫୁପାଇଁ, ନୋହିଲେ ମରାମତ ପାଇଁ, ନୋହିଲେ ଇସ୍ତାରେ ବା ଚଉଡ଼ାରେ ଇଞ୍ଚେ ବା ଦୁଇଇଞ୍ଚ ବଢ଼ାଇବା ପାଇଁ । କାଲି ବା ପଅରଦିନ କେଉଁଠି ଅଛି ଇଣ୍ଟରଭ୍ୟୁ, ତା ପୂର୍ବରୁ ଏ ଡାଳିପକା ପାଇଜାମା ଓ ଛାମାଗୁଡ଼ିକ ଚିକ୍କଣ ଦୋରସ୍ତ ହେବା ଦରକାର । ଏପରି ବହୁ ଅର୍ଡ଼ର ହନି ମାଷ୍ଟର ଏବେ ତାମିଲ କରିଥାଏ । ଦୁତ୍... ଏ ସବୁ ହନି ମାଷ୍ଟରର କର୍ମ ନୁହେଁ; ତଥାପି ଏହା ବ୍ୟତୀତ ଅନ୍ୟ କୌଣସି ସମ୍ଭ୍ରାନ୍ତ ଅର୍ଡ଼ର ଧରି

Digitized by srujanika@gmail.com

ଏବେ କେହି ହନି ମାଷ୍ଟରର 'ମାଷ୍ଟର ଟେଲରିଙ୍ଗ୍ ଆଣ୍ଡ୍ କଟିଙ୍ଗ୍'ର ରାସ୍ତା ମାଡ଼େନାହିଁ ।

ସେହି ଆଗନ୍ତୁକ ବ୍ୟକ୍ତିଟି ଇତିମଧ୍ୟରେ, ଦୋକାନର ଗହ୍ୱର ଭିତରେ ଅଦୃଶ୍ୟ ହୋଇ ସାରିଥିଲା ।

ଅମିତାଭ ସାମ୍ନାରେ ପଡ଼ିଥିବା ସିଗାରେଟ ପାକେଟ୍‌ରୁ ଖଣ୍ଡେ ସିଗାରେଟ୍ କାଢ଼ି, ଓଠରେ ଚାପିଧରି ସେଥିରେ ନିଆଁ ଲଗାଇଲା । ଏକ ଚାଞ୍ଚଲ୍ୟକର ଅନୁସନ୍ଧାନର ସଫଳତାରେ ତାହାର ଦୁଇ ଆଖି ମୋଟା ଲେନ୍‌ସର ଚଷମା ତଳେ, ଦପ୍ ଦପ୍ ହୋଇ ଜଳି ଉଠିଲା । କିନ୍ତୁ ସେତିକିବେଳେ ଦୁଇଟା ମାଛି ହଠାତ୍ ଉଡ଼ିଆସି ଅମିତାଭର ନାକଦଣ୍ଡା ଉପରେ ବସିପଡ଼ିବାରୁ, ସେ ହାତରୁ ଖବରକାଗଜଟା ଫିଙ୍ଗିଦେଇ ଉତ୍‌କ୍ଷିପ୍ତ ପରି ଠିଆ ହୋଇପଡ଼ିଲା ।

ଆଃ... ଏଇ ମାଛି ଆଉ ଗୁପ୍ତଚର ! ଦେଶର କୋଣେ କୋଣେ ଛାଇ ହୋଇ ପଡ଼ିଛନ୍ତି । ଅମିତାଭ ଏହି ବିରକ୍ତିକର ଅସ୍ୱସ୍ତିକର ପରିବେଶ ମଧ୍ୟରେ 'ସ୍ୱଦେଶମିତ୍ର' ଷ୍ଟମ୍ଭରେ ଗୋଟିଏ ଲେଖାପାଇଁ ପ୍ରାରମ୍ଭିକ ବାକ୍ୟର ସନ୍ଧାନ ପାଇ ସାରିଥିଲା । 'ସହରର ଜନସ୍ୱାସ୍ଥ୍ୟ ତଥା ରାଜନୈତିକ ସ୍ୱାସ୍ଥ୍ୟ ମାଛି ଓ ଗୁପ୍ତଚରମାନଙ୍କ ଦ୍ୱାରା ବିପନ୍ନ !' ରୂପକର ତୀବ୍ରତା, ଉପମାନ ଓ ଉପମେୟର ଅଭିନବତ୍ୱ, ପାଠକମାନଙ୍କୁ ଯେପରି ଏକ ସୁତୀବ୍ର ଆବେଦନରେ ଅଭିଭୂତ କରିଦେବ, ଅମିତାଭ ସେହି କଳ୍ପନା ମଧ୍ୟରେ, ହନି ମାଷ୍ଟର ଓ ସେହି ଆଗନ୍ତୁକର କଥା ସାମୟିକଭାବରେ ବିସ୍ମୃତ ହୋଇ ପଡ଼ିଥିଲା ।

ସେ ଆଗନ୍ତୁକ ଜଣକ ତଥାପି ଦୋକାନଭିତରୁ ବାହାରି ନାହିଁ । ହନି ମାଷ୍ଟର ସହିତ କି ଷଡ଼ଯନ୍ତ୍ରର ଗୋପନ ମନ୍ତ୍ରଣା ସେଠାରେ ଚାଲିଛି କେଜାଣେ ? ହନି ମାଷ୍ଟରର ପୋଷା ପାତିମାଙ୍କଡ଼ଟି ଖୁଣ୍ଟରେ ବନ୍ଧାହୋଇ ଏ ପର୍ଯ୍ୟନ୍ତ ନିଶ୍ଚଳଭାବରେ, ନୀରବରେ ବସି ଦୁଲାଉଥିଲା; କିନ୍ତୁ ଏବେ ଅକାରଣରେ କେତେବେଳେ ଖୁଣ୍ଟ ଉପରକୁ ଚଢ଼ିଯାଇଁ, ଆଉ କେତେବେଳେ ତଳକୁ ଖସିଆସି ଏକ ବିଚିତ୍ର କିଚିରି ମିଚିରି ଶବ୍ଦ କରି ସର୍କସ ଛୋକରପରି ନାଚୁଥିଲା, କୁଦୁଥିଲା, ନାନା ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଥିଲା ।

ଏବେ ଯେଉଁଠାରେ ଗୋଲାପି ଛିଟକନାର ଘାଘରାପିନ୍ଧା ପୋଷା ପାତିମାଙ୍କଡ଼ଟି ବନ୍ଧା ହୋଇଥିଲା, ଅଠର ବର୍ଷ ପୂର୍ବେ ସେଠାରେ ବନ୍ଧା ଥିଲା ଚାରିଫୁଟ ଉଚ୍ଚର ଗୋଟିଏ ଛେଳି । ତାହାର ଦୁଇ ଶିଙ୍ଗ ଦୁଇଟି ବର୍ଚ୍ଛାପରି ଉପରକୁ ମୁନିଆଁ ହୋଇ ଉଠିଥିଲା । ଥୋମଣିତଳେ ଗୋଟିଏ ଦାଢ଼ି ଚୀନା ଦାର୍ଶନିକମାନଙ୍କ ଦାଢ଼ିପରି ତଳକୁ ଲମ୍ବି ଆସିଥିଲା । ବିଲାତୀ ସିଝୁର ପତ୍ରପରି କାନ ଦୁଇଟା ତଳକୁ ଥୋମଣି ପର୍ଯ୍ୟନ୍ତ ଝୁଲି ପଡ଼ିଥିଲା । 'ମାଷ୍ଟର କଟିଙ୍ଗ୍ ଆଣ୍ଡ୍ ଟେଲରିଙ୍ଗ୍'ର ସଂକୀର୍ଣ୍ଣ ଅଣଓସାରୀ ପିଣ୍ଡା ଉପରେ, ଖୁଣ୍ଟରେ ବନ୍ଧାହୋଇ, ଆଖିବୁଜି ଦିନସାରା ସେ ପାକୁଳି କରୁଥିଲା, ଆଉ ହନି ମାଷ୍ଟର ଗୋଟିଏ ସିଲେଇ ମେସିନ୍ ପାଖରେ ବସି, ମେସିନ୍ ଚଳାଇବା ସଙ୍ଗେ ସଙ୍ଗେ, ସହରରେ ନୂତନତମ ଫିଲିମ୍‌ର ଲୋକପ୍ରିୟ ସଙ୍ଗୀତ ଗୁଣୁ ଗୁଣୁ କଣ୍ଠରେ ଗାଉଥିଲା, ବେଳେ ବେଳେ ମେସିନ୍‌ଟା ବନ୍ଦକରି ଗୀତରେ ତନ୍ମୟ ହୋଇ

Digitized by srujanika@gmail.com

ପଡୁଥିଲା, ନୋହିଲେ ଗୀତ ବନ୍ଦ କରି ନିଜର ସୂଚୀଶିଳ୍ପରେ ଆତ୍ମବିସ୍ମୃତ ହୋଇ ପଡୁଥିଲା । ଖରିଦଦାରମାନଙ୍କର ଭିଡ଼ ସେଦିନ ଏଠାରେ ଥିଲା ପ୍ରଚୁର, ହନି ମାଷ୍ଟରର କଟିଙ୍ଗରେ ମଧ୍ୟ ଥିଲା ଏକ ବିଶେଷତ୍ୱ - ସେ ଫତେଇ ହେଉ, କୁର୍ତ୍ତା ହେଉ, ପଞ୍ଜାବୀ ହେଉ ବା 'ଓପନ୍ - କଲାର୍' କାମିଜ୍ ହେଉ ।

ମଧ୍ୟବୟସ୍କ, ସୁପୁଷ୍ଟ ଦେହ, ଓସ୍ତାଦୀ ଆଖଡ଼ାରେ ବଳା ନିଟୋଳ ମାଂସପେଶୀ, ମୁହଁରେ ତ୍ରିକୋଣାକାରରେ କଟା ସୁଘଞ୍ଚ ଦାଢ଼ି, ଆଖିରେ ସୁରମା, କାନରେ ଅତରଦିଆ ତୁଳା, ଛାତିରେ କଳା ଫିତାରେ ବନ୍ଧା ଚାରିକୋଣିଆ ଗୋଟିଏ ରୂପାତାବିଜ ଓ ପିନ୍ଧାରେ ଖଣ୍ଡେ ଗାରଟଣା ସାବତ୍ତା ଲୁଙ୍ଗି... ସେଦିନର ହନି ମାଷ୍ଟର ସହିତ, ଜନସ୍ମୃତିରେ ବର୍ଜ୍ଜିତ, ଉପେକ୍ଷିତ ଓ ବିସ୍ମୃତ ଏ ବ୍ୟକ୍ତିଟିର ଅବଶ୍ୟ କୌଣସି ସାମଞ୍ଜସ୍ୟ ନାହିଁ । ସେଦିନ ଯେଉଁଠାରେ କଳା ମୁଚୁମୁଚୁ ବାଇର ଇହର ଭାଙ୍ଗୁଥିଲା, ଏବେ ତାହା ଚନ୍ଦା ପଡ଼ି ଆସିଥିଲା । ଆଖି ଦୁଇଟି କୋଟରଗତ । ଦୁଇ ପାଖର ଗାଲ ଡଙ୍କୁ ଝୁଲି ଆସିଥିଲା । ଛାତି ଓ ବାହୁର ମାଂସପେଶୀମାନ ଶିଥିଳ ଓ ଲୋଳିତ ହୋଇ ଶୁଖିଲା ଫଳପରି, ଦେହର ଶୀର୍ଣ୍ଣ ଶାଖାରେ ଯେପରି ଝୁଲି ରହିଥିଲା । ଆଖିରେ ସୁରମାର ଅଞ୍ଜନ ନଥିଲା, କାନରେ ଅତର କାଠିର ବାହାର୍ ନଥିଲା । ଅଠର ବର୍ଷି ତଳର ସେହି ସଯତ୍ନ ଛାଙ୍ଟିତ ଦାଢ଼ି ଏବେ ରୁକ୍ଷ ଓ ପିଙ୍ଗଳ ଦିଶୁଥିଲା । କେତୋଟି ଦାନ୍ତ ଖସି ପଡ଼ିଥିବାରୁ ହନି ମାଷ୍ଟରର ବଳିଲା ସୁଗଠିତ ମୁହଁଟି ଆକୃତିହୀନ ଦିଶୁଥିଲା ।

* * *

ପିତୃଦତ୍ତ ହନିଫ୍ ମୀର୍ଜ୍ଜା ନାମଟି କିପରି ଦିନେ ହନି ମାଷ୍ଟରରେ ପରିଣତ ହେଲା, ସେ ତଥ୍ୟ ଅବଶ୍ୟ ଜଣା ନାହିଁ । ସମ୍ଭବତଃ ସୂଚୀଶିଳ୍ପରେ କୁଶଳତା ହେତୁ, କେହି ବିଦଗ୍ଧ ଗୁଣଗ୍ରାହୀ ତା'ର ନାମ ସହିତ, ମାଷ୍ଟର ଉପାଧିଟି ଯୋଡ଼ି ଦେଇଥିଲା । ହନିଫ୍ ମାଷ୍ଟର ସଂକ୍ଷେପିତ ହୋଇ ଅବଶେଷରେ ରହିଥିଲା ''ହନି ମାଷ୍ଟରରେ'' ! ମାତ୍ର ଏହି ସମ୍ବୋଧନ ମଧ୍ୟରେ ଥିଲା, ଏହି ବ୍ୟକ୍ତିଟି ପ୍ରତି ଏକ ସାର୍ବଜନୀନ ଶ୍ରଦ୍ଧା ଓ ସମ୍ବେଦନ । ବସ୍ତୀ ଆଖଡ଼ାଠାରୁ ସୌଖୀନ ଗରାଖମାନଙ୍କର ମହଲା ପର୍ଯ୍ୟନ୍ତ, ସବୁଠାରେ ତା'ର ପରିଚୟ ଥିଲା... ହନି ମାଷ୍ଟର ।

ସାହିର ଦଶହରା ଦିୱାଲୀ ଉତ୍ସବରେ, ମେଢ଼ ବିସର୍ଜ୍ଜନ ପାଇଁ ହିନ୍ଦୁମାନଙ୍କର ପଟୁଆର ବାହାରିବା ବେଳେ, ହନି ମାଷ୍ଟର ସମସ୍ତଙ୍କର ପୁରୋଭାଗରେ ନବାହାରିଲେ ମେଢ଼ ଉଠୁ ନଥିଲା । ପିନ୍ଧାରେ ଗାରକଟା ଲୁଙ୍ଗି, ଦେହରେ ଫୁଲପକା ପାତଳା ଅଦ୍ଦି କନାର ପଞ୍ଜାବୀ, ମୁଣ୍ଡରେ ଗୋଲାପି ଜରଜେଟର ପଗଡ଼ି, ବେକରେ ହଳଦିଆ ଜିଲପିର ମାଳା, ହାତରେ ଚିତାଏ ଉଞ୍ଚାର ରୂପାଗୋବରସା ବାଉଁଶ ଠେଙ୍ଗା.... ହନି ମାଷ୍ଟରର ଏହି ମୂର୍ତ୍ତିଟିକୁ ସାହିରେ ତଥାପି କେହି କେହି ମନେ ରଖିଅଛନ୍ତି ।

* * *

ହନି ମାଷ୍ଟର, କିଛି ସମୟ ପରେ ଅନ୍ଧାରଗୁମ୍ଫାର ଗହ୍ୱର ପରି ଦିଶୁଥିବା ଦୋକାନ ଭିତରୁ

Digitized by srujanika@gmail.com

ବାହାରି, ପ୍ରଥମେ ଚୈତ୍ର ମଧ୍ୟାହ୍ନର ଉତ୍ତପ୍ତ ଆକାଶ ଓ ତା'ପରେ ଜନବିରଳ ଗଳିରାସ୍ତାର ବାମ ଓ ଦକ୍ଷିଣକୁ ଶୂନ୍ୟ, ଅର୍ଥହୀନ ଦୃଷ୍ଟିରେ ଚାହିଁ ପୁଣି ସେହି ଗୁମ୍ଫା ଭିତରକୁ ଚାଲିଗଲା । ଇତି ମଧ୍ୟରେ ଡୁଜାଇ ପଡ଼ିଥିବା ପାଡିମାଙ୍କଡ଼ଟା, ପୁଣି ପରସ୍ତେ କିଡିରି ମିଡିରି ଚିତ୍କାର କରି ନାଚି କୁଦି ଖୁଣ୍ଟ ଉପରକୁ ଉଠି, ହନି ମାଷ୍ଟରର ଦୃଷ୍ଟି ଆକର୍ଷଣ କରିବାପାଇଁ ଟ୍ରାପିଜ୍ ଖେଳ ଆରମ୍ଭ କରି ଦେଇଥିଲା ।

ଅମିତାଭ ମନେ ମନେ ବିଶ୍ଳେଷଣ କରୁଥିଲା... ସେ ଅଚିହ୍ନା ଗରାଖଟି ମଧ୍ୟ ନିଶ୍ଚୟ ଅନ୍ୟ ଏକ ସ୍ୱାଇ; କୌଣସି ଗୁପ୍ତ ସମ୍ବାଦ ଧରି ହନି ମାଷ୍ଟର ନିକଟକୁ ଆସିଥିଲା । ତା ନ ହେଲେ, ଏହି ଅଣ୍ଟାଳ ଦୋକାନକୁ କୌଣସି ମାର୍କିତ, ରୁଚିବନ୍ତ ଲୋକ ପୋଷାକ ସିଲାଇପାଇଁ କେବେ ଆସନ୍ତା କି ? ସେ ହୁଏତ ଆଣିଥିଲା, ଓ୍ୟାୟାରଲେଶ ଟ୍ରାନ୍‌ସମିଟର ସେଟ୍, ହାଣ୍ଡ ଗ୍ରେନଡ୍... ନୋହିଲେ ସଙ୍ଗରେ ନେଇଗଲା ଏହି ସହର ସମ୍ପର୍କରେ କେତେକ ଗୋପନୀୟ ତଥ୍ୟ ! ତା ନହେଲେ ହନି ମାଷ୍ଟର ଦୋକାନ ପିଣ୍ଡାରେ ଠିଆ ହୋଇ, ବିବେକଦଂଷ୍ଟ ଅପରାଧୀପରି ଏଣେ ତେଣେ ସେ ସେପରି ଚାହୁଁଛି କାହିଁକି ?

ଗଳିମୋଡ଼ରେ ଦୁଇଜଣ କନେଷ୍ଟବଲ୍ ଅଯଥାରେ ବୁଟ୍‌ଯୋତା ମଡ୍ ମଡ୍ କରି ଟ୍ରାଫିକ୍ ଡିଉଟିରୁ ଫେରୁଥିଲେ... ଯେପରି ସବୁ ଦମ୍ଭ ଓ ଅହଙ୍କାର ସେମାନଙ୍କର ସେହି ବୁଟ୍‌ମିଶା ପାଦରେ । ସେମାନଙ୍କୁ ଦେଖିବାମାତ୍ରେ ହନି ମାଷ୍ଟର ଦୋକାନ ଭିତରକୁ ପଶିଯାଇଁ ଭିତରୁ କବାଟ ଆଉଯାଇ ଦେଲା ।

ଅମିତାଭ ଗୋଟିଏ ଅଭିନବ ଆବିଷ୍କାରର ସଫଳତାରେ ସ୍ଫୀତ ହୋଇ, ଏକ ପ୍ରଚଣ୍ଡ ଆତ୍ମସନ୍ତୋଷରେ, ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇଲା । ହନି ମାଷ୍ଟର ଦୋକାନ ଭିତରେ ମେସିନ୍ ଚଳାଇବା ଆରମ୍ଭ କରିଥିଲା । ମେସିନ୍‌ର ଶବ୍ଦରେ ସେହି ଜନବିରଳ ଗଳିରାସ୍ତାର ନିଶୁତି ହଠାତ୍ ଯେପରି ଭାଜି ପଡ଼ିଥିଲା ।

ଆଜକୁ ଅଠର ବର୍ଷ ତଳେ...

ସ୍ତ୍ରୀ ଅସଗରୀଜାନ୍‌ର ମୃତ୍ୟୁ ପରେ, ହନି ମାଷ୍ଟର ଚିରପ୍ରଫୁଲ୍ଲ ବେପରୁଆ ମିଜାଜ୍ ହଠାତ୍ ସଂସାରବିମୁଖ ଓ ଉଦାସ ହୋଇ ପଡ଼ିଥିଲା । ଦୁଇ ପୁଅ ରମଜାନ୍ ଓ ଉସମାନ୍ କଲିକତା ପୋର୍ଟରେ ଖଲାସି କାମ କରୁଥିଲେ, ମାତ୍ର ବହୁଦିନୁ ସେମାନଙ୍କର କୌଣସି ପତ୍ତା ନଥିଲା । ପ୍ରତିବେଶୀ ଅନ୍ୟ କଲିକତା ପ୍ରତ୍ୟାଗତମାନଙ୍କଠାରୁ ଶୁଣାଶୁଣିରେ ଖବର ମିଳିଥିଲା, ସେମାନେ ଯାଇଥିଲେ ହାଣ ମୁହଁରେ !

ଉତ୍କଟ ସାମ୍ପ୍ରଦାୟିକତାରେ ବିଷାକ୍ତ ସେହିସବୁ ଭୟଙ୍କର ଦିନ... ଆଜି କଳ୍ପନା କଲେ ସୁଦ୍ଧା ଦେହ ଶୀତେଇ ଉଠେ ! ମାତ୍ର ସେତେବେଳକୁ ଏହି ସହରରେ ସଂଖ୍ୟାଗରିଷ୍ଠମାନଙ୍କର ଆକ୍ଷି, କାଚର ଆକ୍ଷିପରି ଶୀତଳ କଠୋରତାରେ ନିସ୍ତ୍ରାଣ ଓ ଅଭିବ୍ୟକ୍ତିହୀନ ହୋଇ ନଥିଲା; କିମ୍ବା ସଂଖ୍ୟାଲଘୁମାନଙ୍କର ଆକ୍ଷି ଆଶଙ୍କା ପୁଣି ଆତଙ୍କରେ ଛାଇଡଙ୍କା କଳାଘୁମର ପାଣିପରି

Digitized by srujanika@gmail.com

ଛଚ୍ଛଚ୍ଛ ହୋଇ ନଥିଲା କିମ୍ବା ଗୁମ୍‌ଗୁମିଆ ଋତୁନିଆଁ ଉପରେ ପାଉଁଶର ଆବରଣ ପରି, ପ୍ରଚ୍ଛନ୍ନ-ଚୀତ୍କାରେ ବିଷଣ୍ଣ ଦିଶି ନଥିଲା । ଏହି ଛୋଟ ସହରଟି ସେଦିନ, ଗଦାଏ ବାରୁଦପରି, ବିସ୍ଫୋରଣର ଅପେକ୍ଷାରେ ଜ୍ୱାଳାମୟ ଅସହନୀୟ ଓ ଅକଥନୀୟ ହୋଇ ନଥିଲା । ସେ ଦିନଗୁଡ଼ିକ ଏବେ ସ୍ମରଣ କଲେ ଏକ ଅସ୍ୱସ୍ତିରେ, ହନି ମାଷ୍ଟରର ଚେତନା ଜର୍ଜରିତ ଓ ଶିହରିତ ହୋଇଉଠେ ।

ଖରିଦ୍‌ଦାରମାନଙ୍କର ଆସିବା ହଠାତ୍ ଦିନେ ବନ୍ଦ ହୋଇଗଲା । ନିଜ ସମ୍ପ୍ରଦାୟର ଯେଉଁମାନେ ଆସନ୍ତି, କେହି ଖଣ୍ଡେ ଫଡେଇ ବା କୁର୍ତ୍ତା ବା ଚଂଘିଆ ସିଲେଇପାଇଁ; ହନି ମାଷ୍ଟର ସେମାନଙ୍କୁ ଦୁର୍ ଦୁର୍ କହି ତଡ଼ିଦିଏ । ଏସବୁ ହନି ମାଷ୍ଟରର କର୍ମ ନୁହେଁ । ସେଥିପାଇଁ ଦୁଷ୍‌ରା ଦୋକାନ ଅଛି, ଦୁଷ୍‌ରା ମିସ୍ତ୍ରୀ ଅଛନ୍ତି । ସନ୍ଧ୍ୟାରେ ବସ୍ତୀର ଟୋକାମାନେ ହନି ମାଷ୍ଟରର ଦୋକାନପିଣ୍ଡାରେ ଆଉ କଓ୍ୱାଲୀ ଆଡ୍ଡାରେ ଜମତି ନାହିଁ; ଦୋକାନ ସାମନା ରାସ୍ତା ଉପରେ ଅଖା ବିଛେଇ, ରାସ୍ତାର ବିଜୁଳି ଆଲୁଅରେ ତାସ ଖେଳ ଲଗାନ୍ତି ନାହିଁ ।

କଲିକତା, କାନପୁର, ଦିଲ୍ଲୀ, ବମ୍ବେ... ସବୁଠି ରକ୍ତର ହୋରିଖେଳ । ଏହି ଛୋଟ ସହରଟି ସେତେବେଳେ, ସାମ୍ପ୍ରଦାୟିକ ହିଂସାର ଉତ୍ତରଜ, ଫେନିଳ ଜଳରାଶି ମଧ୍ୟରେ, ଏକ ଦ୍ୱୀପପରି ଅବଶ୍ୟ ବିଚ୍ଛିନ୍ନ ରହିଥିଲା । ତଥାପି ତାହାର ବିଷାକ୍ତ ଲହରୀର ଆଘାତରେ ଏହି ସହରର ମର୍ମମୂଳ ଯେପରି ପ୍ରକମ୍ପିତ ହୋଇ ଉଠିଥିଲା ।

ପ୍ରତ୍ୟେକଟି ମୁହୂର୍ତ୍ତ ଆଶଙ୍କା ଓ ସନ୍ଦେହରେ ଦୁର୍ବିସହ । ପ୍ରତ୍ୟେକଟି ରାତ୍ରି ଆତଙ୍କିତ ଓ ବିନିଦ୍ର । ପ୍ରତ୍ୟେକଟି ପ୍ରହରରେ ଆତ୍ମରକ୍ଷା ନଚେତ୍ ଆକ୍ରମଣ ପାଇଁ ପ୍ରସ୍ତୁତି ।

ସେତେବେଳେ ସାମାନ୍ୟ ଦିଆସିଲି କାଠି ଖଣ୍ଡେ ସୁଦ୍ଧା, ସେହି ବାରୁଦ ସ୍ତୂପକୁ ଏକ ଅଗ୍ନ୍ୟୁଦ୍‌ଗାରରେ ପରିଣତ ଛରି ଦେଇ ପାରନ୍ତା । ଅଗ୍ନ୍ୟୁଦ୍‌ଗାର ହୋଇଥିଲେ ତାହା ଅବଶ୍ୟ ଜଳି ପୁଣି ନିଭି ଯାଇଥାନ୍ତା... ମାତ୍ର ପ୍ରତିମୁହୂର୍ତ୍ତରେ ଜଳି ଉଠିବାର ଆଶଙ୍କା, ଜଳିବାଠାରୁ ଥିଲା ଆଉରି ଉତ୍‌ପୀଡ଼କ - !

ଏଇ ଆଜି ରାତିଅଧରେ ହେବ ଚଢ଼ାଉ... କାଲି ହେବ ଆକ୍ରମଣ, ...ପ୍ରତ୍ୟେକଟି ମୁହୂର୍ତ୍ତ ଉଦ୍‌ବେଗ ଓ ଆଶଙ୍କାରେ ଅସ୍ଥିର । ସବୁଆଡ଼େ ଅସୁମାରି କାଚ ଆଖି; ଅନ୍ଧାରରେ ମହାବଳର ଜଳନ୍ତା ଆଖି ପରି ।

ଓଃ... ମଣିଷର ଆଖି ପୁଣି ଏପରି ଭୟଙ୍କର ହୋଇପାରେ ?

ପାକିସ୍ଥାନ କ'ଣ ସେ ବୁଝି ନଥିଲା...

ଏବେ ଅବଶ୍ୟ ସେ ପାକିସ୍ଥାନର ସ୍ୱରୂପ ନିଜ ଆଖିରେ ଦେଖିଛି ...ମୁଷ୍ଟିମେୟ ଧର୍ମାନ୍ଧଙ୍କର କ୍ଷମତାଲିପ୍‌ସାର ଚରିତାର୍ଥତା ପାଇଁ ରକ୍ତର ଏକ ଜୁଆଖେଳ ରୂପେ ପାକିସ୍ଥାନକୁ ସେ ଚିହ୍ନିଛି; କିନ୍ତୁ ସେଦିନ ପ୍ରତ୍ୟେକ ମୁସଲମାନର ଦୃଷ୍ଟିରେ ପାକିସ୍ଥାନ ଥିଲା, ନୂତନ ମକ୍କା, ମର୍ତ୍ତ୍ୟରେ ଜନ୍ନତ୍ ।

Digitized by srujanika@gmail.com

ଏହି ପରିସ୍ଥିତିରେ ଦିନେ ହନି ମାଷ୍ଟର ତାହାର ପୁରୁଣା ସିଙ୍ଗର ମେସିନ୍‌ର ବିକ୍ରିଲବ୍ଧ ପାଣ୍ଠିଧରି, ଦୋକାନରେ ତାଲା ଝୁଲାଇ, ଶିମିଳି ଗଛମୂଳେ ପୀରଙ୍କ ସମାଧିତଳେ ଗୋଟିଏ ଧୂପକାଠି ଜଳାଇ, ବାହାରି ଯାଇଥିଲା ପାକିସ୍ତାନ ଅଭିମୁଖରେ ।

* * *

ମେସିନ୍‌ର ଶବ୍ଦ ବନ୍ଦ ହୋଇ ଯାଇଥିଲା । ହନି ମାଷ୍ଟର ଦୋକାନ ପିଣ୍ଡାରେ ଠିଆ ହୋଇ, ରାସ୍ତା ଆଡ଼େ ଶୂନ୍ୟଦୃଷ୍ଟିରେ ଏପାଖ ସେପାଖ ଚାହିଁ, ଯେପରି କାହାର ଉତ୍‌କଣ୍ଠିତ ଅପେକ୍ଷାରେ ଠିଆହୋଇ ରହିଥିଲା ।

ଅମିତାଭ ଖବରକାଗଜ ଉଡ଼ାଳରେ ସିଗାରେଟ୍ ଧୂଆଁର କୁଣ୍ଡଳୀ ଉଡ଼ାଇ, ମନେ ମନେ ହନି ମାଷ୍ଟରର ପ୍ରତ୍ୟେକ ଆଚରଣ ଓ ଭଙ୍ଗୀ ବିଶ୍ଳେଷଣ କରି, ତାହାକୁ ନିଶ୍ଚିତ ଭାବରେ ଜଣେ ସ୍ପାଇ ରୂପେ ପ୍ରମାଣିତ କରିବାପାଇଁ ଯେପରି ଚୂଆଚୂଆ ଉପାଦାନମାନ ଆବିଷ୍କାର କରୁଥିଲା ।

ସିଲେଇ ମେସିନ୍‌ର ଶବ୍ଦ ହଠାତ୍ ବନ୍ଦ ହୋଇଯିବାରୁ, ଅମିତାଭର ଚିନ୍ତାର ଖିଅ ଛିଣ୍ଡିଗଲା । ସେ ଆଉ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇ ବାହାରକୁ ଉଠି ଆସିଲା ।

ରେସ୍ତୁରାଁର ମାଲିକ, ପ୍ରବେଶଦ୍ୱାର ପାଖରେ ଖଣ୍ଡେ ଟେବୁଲ୍ ପାଖରେ ଗୋଟିଏ ଡେଲଚିକିଟାବୋଲା ଚଉକି ଉପରେ ବସି ରେଡ଼ିଓଟି ସେହି ମାତ୍ର ଖୋଲି ଦେଇଥିଲା ।

ମଧ୍ୟାହ୍ନ ଗୋଟାଏ... ରେଡ଼ିଓରେ ମଧ୍ୟାହ୍ନ ଅଧିବେଶନ ଆରମ୍ଭର ସୂଚନାସଙ୍ଗୀତ ବାଜି ଉଠୁଥିଲା । ଅମିତାଭ ସେହି ବାଟଦେଇ ଆସିବାବେଳେ ସେ, ଚଉକି ଉପରୁ ଉଠି ଆସି, ଅତି ସନ୍ତର୍ପଣରେ ଅମିତାଭକୁ ପଚାରିଲା... ''ଆମର ଏ ସହରକୁ କେତେଜଣ ପାକିସ୍ତାନୀ କୁଆଡ଼େ ହାତବୋମା ଆଉ ବନ୍ଧୁକ ଧରି ଆସିଛନ୍ତି ?''

ଅମିତାଭ ରହସ୍ୟପୂର୍ଣ୍ଣ ଭାବରେ ମୃଦୁ ମୃଦୁ ହସି, ଦୋକାନୀ ଆଡ଼େ ଚାହିଁ କହିଲା, ''ଏଇ ତୁମ ସାମନାରେ ତ ପାକିସ୍ତାନୀ ସ୍ପାଇ !''

କେତେଜଣ ପୂର୍ବପାକିସ୍ତାନୀ ଲୁଗାବିକାଳି, ଲୁଗାବୋଝମାନ ପିଠିରୁ ଓହ୍ଲାଇ, ହନି ମାଷ୍ଟରର ଦୋକାନପିଣ୍ଡାରେ ବସି ଦେହରୁ ଝାଳ ମାରୁଥିଲେ ।

ହନି ମାଷ୍ଟରର ଦୋକାନକୁ ଲାଗି ଛୋଟ ପଡ଼ିଆଟିରେ ଏତେଦିନ ଥୁଣ୍ଟା ଶାଖା ପ୍ରଶାଖା ମେଲି ଠିଆ ହୋଇଥିବା ଶିମିଳି ଗଛଟି ଲାଲ ଫୁଲର ଭାରାରେ ଭାଙ୍ଗି ପଡୁଥିଲା । ଜୀବନ ଯେପରି ନିରୁତ୍ସବ ମାସ ଓ ବର୍ଷର ପୌନଃପୌନିକତା ମଧ୍ୟରେ କେବଳ ଗୋଟିଏ ବର୍ଣ୍ଣାଢ୍ୟ ମୁହୂର୍ତ୍ତ ମାତ୍ର ! ଶିମିଳି ଫୁଲର ଲାଲ ପାଖୁଡ଼ାମାନ ତଳେ ପୀରଙ୍କ ସମାଧି ଉପରେ ଓ ତାର ଚାରିପଟେ ପୁଷ୍ପାଞ୍ଜଳି ପରି ଝରି ପଡୁଥିଲା । ଦରବେଶ ପରି ଦିଶୁଥିବା ଦୁଇଜଣ ଫକୀର ସମାଧି ପାଖରେ ନମାଜ ପଢ଼ିବାପାଇଁ ପ୍ରସ୍ତୁତ ହେଉଥିଲେ । ସମାଧିଟା ଏତେଦିନ ଉପେକ୍ଷିତ ହୋଇ ପଡ଼ିଥିଲା, ମାତ୍ର ହନି ମାଷ୍ଟର ଆସିବାପରେ ସେଥିରେ ଚୂନ ବୋଳାଯାଇଁ,

Digitized by srujanika@gmail.com

ତାହା ସୁରକ୍ଷିତ ଦିଶୁଥିଲା । ସମାଧି ଉପରେ ଦ୍ୱିତୀୟାର ବଙ୍କିମଚନ୍ଦ୍ରଲାଞ୍ଛିତ ଗୋଟିଏ ସାବ୍‌ଜା ରଙ୍ଗର ପତାକା ମଧ୍ୟ ଉଡୁଥିଲା । ମାଟିର କେତେଟା ଧୂପଦାନି ଓ ଝୁଣାପାତ୍ର ସେଠାରେ ଇତଃସ୍ତତ ବିକ୍ଷିପ୍ତ ହୋଇ ପଡ଼ିଥିଲା ।

ଅମିତାଭ କହିଲା... ''ଏଇ ପତାକା ଦେଖୁଛ, ଏ ପାକିସ୍ତାନର ଜାତୀୟ ସଙ୍କେତ ।''

ହନିମାଷ୍ଟର ନମାଜ ପଢ଼ିବା ପାଇଁ, ମୁହଁ ହାତ ଧୋଇ, ସେହି ସମାଧି ପାଖକୁ ଲମ୍ବା ଲମ୍ବା ପାଦ ପକାଇ ଚାଲି ଯାଉଥିଲା । ନମାଜ ଶେଷ ହେଲେ, ସେ ଦରବେଶ୍ ଦୁଇଜଣ ଏଠାରେ ଦୋକାନ ପିଣ୍ଡାରେ ଆସି ମଧ୍ୟ ଜୁଟିବେ । ସେମାନେ ଯେ ସ୍ଥାନୀୟ ଅଧିବାସୀ ନୁହନ୍ତି, ତାହା ସେମାନଙ୍କ ବେଶଭୂଷାରେ ସୁସ୍ପଷ୍ଟ ଥିଲା । ଦେହରେ କଳା ଆଲଖାଲ୍ଲା, ବେକରେ ନାନାରଙ୍ଗର କାଁଚମାଳି, ମୁଣ୍ଡରେ କାନ୍ଧ ପର୍ଯ୍ୟନ୍ତ ଲମ୍ବି ଆସିଥିବା ବାବୁରିବାଳ ଓ ମୁହଁରେ ଲମ୍ବା ଅଯତ୍ନବିନ୍ୟସ୍ତ ଦାଢ଼ି - ସବୁ ମିଶି ସେମାନଙ୍କ ଚେହେରାକୁ ରହସ୍ୟାବୃତ କରି ରଖିଥିଲା ।

ଦୋକାନୀ ସେହି ସମାଧିସ୍ଥାନ ଆଡ଼େ ଚାହିଁ ଭାବୁଥିଲା, ହନି ମାଷ୍ଟର ଦେଶାନ୍ତରୀ ହେବା ପରେ, ତା'ର ଢିଅଖଣ୍ଡକୁ ମିଶାଇ ଏ ଜାଗାଟି ଦଖଲ କରିବା ପାଇଁ ଅତୀତରେ ତାର ବହୁ ବ୍ୟର୍ଥଚେଷ୍ଟାର କଥା । ସାହୀର ହିନ୍ଦୁ ଲୋକେ ସୁଦ୍ଧା, ସେଥିରେ ବାଧା ଦେଲେ ! ପୀରସ୍ଥାନ ସେମାନଙ୍କ ପକ୍ଷରେ ସୁଦ୍ଧା ପବିତ୍ର ! ଏହି ସମୟରେ କେଉଁଆଡୁ ହଠାତ୍ ଅନହୁତି ପରି ହନି ମାଷ୍ଟର ଦିନେ ଆସି ପହଞ୍ଚି ସେଠାରେ ପୁଣି ଦର୍ଜି ଦୋକାନ ଆରମ୍ଭ କରିଦେଲା ।

ଦୋକାନୀ ମଧ୍ୟ ଏ ସାହିର ଜଣେ ବିଶିଷ୍ଟ ରାଜନୀତିକ ମୁଖପାତ୍ର । ନିର୍ବାଚନବେଳେ ଏହି ରେସ୍ତୁରାଁରେ ହିଁ ଏ ସାହିର ଭୋଟ ନିଷ୍ପତ୍ତି ହୋଇଥାଏ ।

ସେ ଅଭିଯୋଗର କଣ୍ଠରେ କହିଲା... ''ସରକାର ତ ନାହିରେ ତେଲ ଦେଇ ପଡ଼ିଛନ୍ତି ! ଖବରକାଗଜବାଲାମାନେ ବି ଚୁପ୍ ! ଏଣେ ଗୁପ୍ତଚରମାନେ ଆମ ଦାଣ୍ଡଦୁଆରେ, ଘରଭିତରେ ! ଆପଣ ଜାଣନ୍ତି ହନି ମାଷ୍ଟର ଦୋକାନ ଭିତରେ ହାତବୋମା, ୱାୟାରଲେସ୍, ବନ୍ଧୁକ ସବୁ ମହଜୁଦ ହୋଇ ଅଛି ! ଇସାରା ମିଳିଲେ ହିଁ, ସେମାନେ ଦେଖିଲା କାମ ଆରମ୍ଭ କରିଦେବେ ।'' ଅମିତାଭ ଗମ୍ଭୀରଭାବରେ ସିଗାରେଟ୍‌ରୁ କଳେ ଧୂଆଁ ଛାଡ଼ି କହିଲା... ''ମୋର ମଧ୍ୟ ଠିକ୍ ସେହି ସନ୍ଦେହ । ତା ନହେଲେ ସେ ହଠାତ୍ ପାକିସ୍ତାନ ଛାଡ଼ି ଏଠାକୁ ପଳାଇ ଆସିଥାନ୍ତା କାହିଁକି ? ଏ ସାଂଘାତିକ ଲୋକଟା ଉପରେ କିନ୍ତୁ ବରାବର କଡ଼ା ନଜର ରଖିଥିବ ।''

ସେହି ସାଂଘାତିକ ଲୋକ, ଅର୍ଥାତ୍ ହନି ମାଷ୍ଟରର ନମାଜ ପଢ଼ା ସେତେବେଳକୁ ଶେଷ ହୋଇଥିଲା । ଦରବେଶ୍‌ମାନଙ୍କ ପଛେ ପଛେ, ସେ ନୀରବରେ ଅଶରୀରୀ ଛାୟା ପରି ସମାଧି ବେଦୀ ଉପରୁ ଓହ୍ଲାଇ ଦୋକାନ ଭିତରକୁ ଆସୁଥିଲା ।

ଅମିତାଭ ରେସ୍ତୁରାଁ ବାହାରେ ଅପେକ୍ଷା କରିଥିବା ସ୍କୁଟର ଉପରେ ଏକ ଲମ୍ଫ ଦେଇ, ପଛରେ ଧୂଳିର ଘୂର୍ଣ୍ଣୀ ଉଡ଼ାଇ, ଗଳି ମୋଡ଼ରେ ଝଡ଼ପରି ଅଦୃଶ୍ୟ ହୋଇଗଲା ।

* * *

Digitized by srujanika@gmail.com

ହେୟାରକ୍ଲିପରରେ ବାଇକଟାର ଏକଟଣା ଶବ୍ଦ ଓ ନାପିତର ଅଭ୍ୟସ୍ତ ହାତର ମୋଲାୟମ ସାଉଁଳା ଭିତରେ, ଅମିତାଭର ଦୁଇ ଆଖି ମୁଦି ହୋଇ ଆସୁଥିଲା । କ୍ଲିପର୍ ବନ୍ଦ କରି, କଇଁଚୀ ଲଗାଇଲାବେଳେ, ହଠାତ୍ କଇଁଚୀର ତୀକ୍ଷ୍ଣଧାର, ଚମଡ଼ାରେ ଲାଗିଯିବାରୁ, ଏକ ବେଦନାର ଶିହରଣରେ, ଅମିତାଭ ଦୁଇ ଆଖି ବିସ୍ଫାରିତ କରି, ଚଉକି ଉପରେ ସିଧା ହୋଇ ବସିପଡ଼ିଲା ।

ସାମନା କାନ୍ଥଅଇନାରେ ନିଜର ପ୍ରତିମୂର୍ତ୍ତି ଦେଖି, ଅମିତାଭ ମୁଗ୍ଧ ହୋଇ ଉଠୁଥିଲା । ସାଲୁନ କାନ୍ଥରେ ଝୁଲୁଥିବା ''ଅକ୍ସଫୋର୍ଡ କଟିଙ୍ଗ୍'' ବାଇକଟାଚିତ୍ରରେ, ସାର୍ଟ ଓ ଟାଇ ପିନ୍ଧା ସୁଦର୍ଶନ ବ୍ୟକ୍ତିଟିର କେଶକର୍ତ୍ତନଶୈଳୀ ସହିତ ନିଜର କେଶକର୍ତ୍ତନରୀତି ତୁଳନା ଓ ବିଶ୍ଳେଷଣ କରୁଥିଲା ।

ମାତ୍ର ନିଜର ନିଜେ ସମ୍ମୁଖୀନ ହେବାପାଇଁ, ଅମିତାଭ ସବୁବେଳେ ଭୟ କରେ । ସେଥିପାଇଁ ମୁଣ୍ଡ କୁଣ୍ଡାଇବାବେଳେ, ଏପରିକି ହାତରେ ଖଅର ହେବାବେଳେ ସୁଦ୍ଧା, ସେ କ୍ୱଚିତ୍ ଦର୍ପଣ ବ୍ୟବହାର କରିଥାଏ । ତାହାର ହାତର ଆଙ୍ଗୁଳିଗୁଡ଼ିକ ଯେପରି ଷଷ୍ଠେନ୍ଦ୍ରିୟସମ୍ପନ୍ନ, ମୁଣ୍ଡ ଉପରେ ଥରେ କେବଳ ଆଙ୍ଗୁଳି ବୁଲାଇ ସେ ସୂକ୍ଷ୍ମତମ କେଶଟିର ବିଶୃଙ୍ଖଳା ଲକ୍ଷ୍ୟକରି ତାହାକୁ ସଂଯତ କରିପାରେ । ଗାଲ ଉପରେ ଆଙ୍ଗୁଳି ଚଳାଇ ସେଫ୍‌ଟିରେଜରର ଦାଢ଼ରୁ ବର୍ତ୍ତିଥିବା କ୍ଷୁଦ୍ରତମ ଦାଢ଼ିଅଂଶାଟିକୁ ସୁଦ୍ଧା ସେ ସନ୍ଧାନ କରିପାରେ ।

ଦର୍ପଣରେ, ଅମିତାଭର ଦୁଇ ଆଖି ପ୍ରାଗୈତିହାସିକ ଗହ୍ୱର ମଧ୍ୟରୁ ଦୁଇଟି ହିଂସ୍ର, କ୍ଷୁଧିତ, ଜ୍ୱଳନ୍ତ ଅଗ୍ନିପିଣ୍ଡୁଳାପରି ଦିଶୁଥିଲା । ଆଖିତଳେ ଗୋଟିଏ ଗଭୀର କଳାରେଖା ଆଖିର କ୍ଷୁଧିତ ହିଂସ୍ରତାକୁ ରେଖାଙ୍କିତ କରି ଦେଇଥିଲା । ଆଖି କୋଣରେ କୁଞ୍ଚିତ ରେଖାଗୁଡ଼ିକ ଅମିତାଭର ଆଖି ଦୁଇଟିକୁ ଏକ ଅବର୍ଣ୍ଣନୀୟ ଆଦିମତାରେ କଠୋର କରି ଦେଇଥିଲା ।

କିନ୍ତୁ ଦିନେ ଏହି ଆଖି ଦୁଇଟି ଅମିତାଭର ବ୍ୟକ୍ତିତ୍ୱରେ ଥିଲା ଶ୍ରେଷ୍ଠ ଆକର୍ଷଣ ।

ନନ୍ଦିତା ସେଦିନ କ'ଣ ଏହି କୋଟରଗତ ଆଖି ଉପରେ, ଏହି କୁଞ୍ଚିତ ଆଖିପତା ଉପରେ, ବାରମ୍ବାର ଚୁମ୍ବନ ଦେଇ କହିଥିଲା... ''ତମର ଏ ଆଖି, ଆଖି ନୁହେଁ, ଉଚ୍ଛଳ ପାନପାତ୍ର !''

ବେକ ପଛରେ କ୍ଷୁର ଚଳାଇବାବେଳେ, ଯେଉଁଠାରେ କ୍ଷୁରର ଧାର ଲାଗି ଯାଇଥିଲା, ସେଠାରେ ଲୋସନ୍ ଦେବା ମାତ୍ରେ ସେହି ଅଂଶ ସବୁ ପୋଡ଼ି ଉଠୁଥିଲା ।

ନନ୍ଦିତାର ସ୍ମୃତି ମଧ୍ୟ, ମର୍ମଭୂମିର ଏକ ସ୍ପର୍ଶକାତର କୋମଳ ସ୍ଥାନରେ କ୍ଷୁରଧାର ପରି ଲାଗି ଯାଉଥିଲା ।

ବହୁବର୍ଷ ତଳର ଗୋଟିଏ ରାତ୍ରି...

ନିଦ୍ରିତ ସହର... ମୂର୍ଚ୍ଛିତ ରାସ୍ତା... ଆକାଶରେ ଫିକା ଜହ୍ନ ଓ ରାସ୍ତାର ବତୀଖୁଣ୍ଟରେ ଇଲେକ୍ଟ୍ରିକ ଆଲୁଅ ସୁଦ୍ଧା ରାତିର ନିଶ୍ଚୁତି ଭିତରେ ଝିମେଇ ପଡ଼ିଥିଲା । ଅମିତାଭ ସେହି ମୂର୍ଚ୍ଛିତ ରାସ୍ତା ଓ ମଳିନ ଆଲୋକରେ ପ୍ରେତଚ୍ଛାୟା ପରି ଏ ପାଖରୁ ସେପାଖ ପାଦଚାରଣା କରୁଥିଲା,

Digitized by srujanika@gmail.com

ଆଉ ବୁଲି ବୁଲି ଚାହୁଁଥିଲା, ସାମନା ଫ୍ଲାଟର ଉପର ମହଲାରେ ଗୋଟିଏ ଅନ୍ଧାର କୋଠରି ଆଡ଼େ ।

ହଠାତ୍ ମୁଣ୍ଡ ବିନ୍ଧିବାର ଛଳନା କରି, ନନ୍ଦିତା ସେଦିନ, ଅମିତାଭ ସହିତ ସନ୍ଧ୍ୟାରେ ବାହାରିବାର ପ୍ରୋଗ୍ରାମ, ଶେଷ ମୁହୂର୍ତ୍ତରେ କାଟି ଦେଇଥିଲା । ଅମିତାଭ କିନ୍ତୁ ମନେମନେ କଳ୍ପନା କରି ଆସିଥିଲା ଆଲୁଲାୟିତକେଶା, ବିବର୍ଣ୍ଣମୁଖୀ ନନ୍ଦିତାର ମଳିନ କପାଳ ଉପରେ ସ୍ୱର୍ଣ୍ଣାତୁର ଅଙ୍ଗୁଳି ଚଳାଇ ପଚାରିବାପାଇଁ... ''କିପରି ଅଛ ନନ୍ଦିତା ?''

ମାତ୍ର, ଅମିତାଭ ଗୋଟିଏ ଗୋଟିଏ ପଦକ୍ଷେପରେ ଏକାଥରେ ଦୁଇ ପାହାଚ, ତିନି ପାହାଚ, ସିଡ଼ି ଅତିକ୍ରମ କରି, ଫ୍ଲାଟ ଦୁଆରେ ପହଞ୍ଚିବା ପରେ, ସେଠାରୁ ତାକୁ କିଏ ଯେପରି ଏକ ନିଷ୍ଠୁର ଧକ୍‌କାରେ ତଳକୁ ଠେଲି ଫିଙ୍ଗି ଦେଇଥିଲା ।

ଫ୍ଲାଟ ଦୁଆରେ ଝୁଲୁଥିଲା, ଗୋଟିଏ ବୀଭତ୍ସ ଅଣ୍ଟାଳ ତାଲା !

ନନ୍ଦିତାର ଜଣେ ପ୍ରତିବେଶିନୀ - ଟେଲିଫୋନ ଏକ୍ସଚେଞ୍ଜରେ ଅପରେଟର - ରାତି ଡିଉଟିରେ ବାହାରିବାବେଳେ, ସିଡ଼ି ପାହାଚରେ କିଂକର୍ତ୍ତବ୍ୟବିମୂଢ଼ ଅମିତାଭକୁ ଦେଖି ମୁହଁରେ କୌତୁକୋଜ୍ଜ୍ୱଳ ହସର ଗୋଟିଏ ରେଖା ଫୁଟାଇ କହିଲେ... ''ନନ୍ଦିତା ଏଇ ଅଳ୍ପ ପୂର୍ବେ ବାହାରକୁ ଚାଲିଗଲେ ।''

ଏକା ନା କାହା ସାଥିରେ, ପଚାରିବାପାଇଁ, ଅମିତାଭ ମନରେ ସାହସ ଖୋଜି ପାଇଲା ନାହିଁ ।

ରାସ୍ତାକଡ଼ର ଗୋଟାଏ ଘର ଭିତରୁ କାନ୍ଥଘଣ୍ଟାରେ ରାତି ଦୁଇଟା ବାଜିବାର ଶବ୍ଦ, ରାତିର ନିଶ୍ଚୁପି ଭିତରେ ପୁଣି ନୀରବ ହୋଇ ଯାଉଥିଲା । ଗୋଟାଏ କଲାରଙ୍ଗର ଇମ୍ପା ମଟର ଗାଡ଼ି, ମସୃଣ ଗତିରେ ଆସି ରାସ୍ତାର ଅପର ପାଖରେ ବ୍ରେକ୍ କଷି ରହିଗଲା । ଅମିତାଭ, ରାସ୍ତା ଧାରରେ କୃଷ୍ଣଚୂଡ଼ା ଗଛର ଝଙ୍କାଳିଆ ଛାଇତଳକୁ ଘୁଞ୍ଚି ଆସିଲା । ସେହି ଆଲୋଡ଼ନହୀନ, ନୈଶ ନିସ୍ତବ୍ଧତା ମଧ୍ୟରେ, ଅମିତାଭ ଯେପରି ନିଜ ହୃତ୍‌ପିଣ୍ଡର ଅଶାନ୍ତ ସ୍ପନ୍ଦନ ସ୍ପଷ୍ଟ ଶୁଣି ପାରୁଥିଲା ।

ଗାଡ଼ି ଭିତରୁ ପ୍ରଥମେ ବାହାରି ଆସିଲା ନନ୍ଦିତା । ପିନ୍ଧିଥିଲା ସେହି ଅପରାଜିତା ରଙ୍ଗର ଶାଢ଼ୀ; ଯେଉଁ ରଙ୍ଗ ଅମିତାଭ ଆବିଷ୍କାର କରିଥିଲା, ନନ୍ଦିତାର ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ଦେହର ମସୃଣତାକୁ ଏକ ନୂତନ ଲୋଭନୀୟତାରେ ପ୍ରତିପ୍ତ କରିଦେବାପାଇଁ ।

ନନ୍ଦିତା ପଛେପଛେ ଗାଡ଼ି ଭିତରୁ ବାହାରି ଆସିଲା, କ୍ରିକେଟ୍ ଖେଳାଳୀ, ସୌଖୀନ, ଧନୀର ଦୁଲାଳ ଇସ୍‌ମାଇଲ । ତା'ର ଇମ୍ପା ରୁଜୁ ଦେହ, ଓଠତଳେ ଫ୍ରେଞ୍ଚକଟ୍ ଦାଢ଼ି, ଅସ୍ପଷ୍ଟ ଚନ୍ଦ୍ରାଲୋକରେ ସ୍ପଷ୍ଟ ବାରି ହେଉଥିଲା ।

ଇସମାଇଲ୍ କ୍ଲାନ୍ତ କଣ୍ଠରେ କହିଲା... ''ଗୁଡ୍ ନାଇଟ୍ ।''

ପରିତୃପ୍ତ, ହାସ୍ୟୋଜ୍ଜ୍ୱଳ, ମସୃଣ କଣ୍ଠରେ ନନ୍ଦିତା ହାଇ ମାରି କହିଲା... ''ଗୁଡ୍

Digitized by srujanika@gmail.com

ମର୍ଣ୍ଣିଙ୍ଗ୍ ।''

ରାତି ସେତେବେଳକୁ, ଦୁଇଟା ବାଜି ସାରିଥିଲା !

ଇସମାଇଲ୍ ହସି ହସି କହିଲା... ''ଗୁଡ୍ ମର୍ଣ୍ଣିଙ୍ଗ୍ !''

ଇସମାଇଲ୍‌ର ଗାଡ଼ି ତା'ପରେ ଏକ ଅଶାନ୍ତ ଝଡ଼ ପରି ରାସ୍ତା ମୋଡ଼ରେ ଅଦୃଶ୍ୟ ହୋଇଗଲା ।

ନନ୍ଦିତାର ପ୍ଲାଟ୍‌ରେ ଆଲୁଅ ପୁଣି ଜଳି ଉଠିଲା ।

ଅମିତାଭ ପିଡ଼ି ପର୍ଯ୍ୟନ୍ତ ଆସିଥିଲା, ପିଡ଼ି ଉପରକୁ ଉଠୁଥିଲା, ନନ୍ଦିତାର ଦରଜାରେ ଆଘାତ କରିବା ପାଇଁ ମନେମନେ ପ୍ରସ୍ତୁତ ହେଉଥିଲା; କିନ୍ତୁ ତନ୍ଦ୍ରାଚ୍ଛନ୍ନ ପରି ସେ ପୁଣି ପାଦ ଫେରାଇ, ଧୀରେ ଧୀରେ ସେଠାରୁ ଫେରି ଆସିଲା ।

ବାଁପଟ କାନମୁଣ୍ଡା ଉପରେ କଇଁଚୀ ଚଳାଇବା ପାଇଁ, ନାପିତ ଅପେକ୍ଷା କରି ରହିଥିଲା । ମାତ୍ର ଅମିତାଭ ଆତ୍ମବିସ୍ମୃତ ପରି, ମୁଣ୍ଡ ନ ଫେରାଇ ପାଷାଣର ମୂର୍ତ୍ତି ପରି ବସି ରହିଥିବାରୁ, ନାପିତ ନିଜ ହାତରେ ଅମିତାଭର ମୁଣ୍ଡଟା ବୁଲାଇ ଦେବା ବେଳେ, ତାହାର ସ୍ମୃତିର ତନ୍ଦ୍ରା ଭାଙ୍ଗିଗଲା ।

ଅମିତାଭ କହିଲା... ''କ୍ଲୋଜ୍-କ୍ରପ୍ କରି କାଟିବ ।''

ବାଁପଟ କାନ୍ଥରେ, ଏକ ରଙ୍ଗୀନ ସିନେମାମାଗାଜିନ୍ ପୃଷ୍ଠାରେ କେଉଁ ଏକ ଅଭିନେତ୍ରୀର ଛବି, ପିନ୍‌ବଳ୍‌ଡାରେ ଝୁଲୁଥିଲା... ମସୃଣ, ସବୁଜ ଘାସ ଉପରେ ତଳକୁ ମୁହଁମାଡ଼ି, ନିତମ୍ବ ଓ ଜଘନର ତରଙ୍ଗ ଖେଳାଇ, ଘାସ ଉପରେ ମୁହଁ ରଖି ଅଳସରେ ଦେହ ଢାଳି ଶୋଇବାର ଛବି...

ନାପିତର ପିନ୍ ଅପ୍ ଗାର୍ଲ୍ !

ଅମିତାଭ ସେ ଆଡୁ ମୁଣ୍ଡ ଫେରାଇ ନେଲା ।

* * *

ରେଡ଼ିଓରେ କୌଣସି ଜନନେତାଙ୍କ ଭାଷଣ ପ୍ରସାରିତ ହେଉଥିଲା... ଶାନ୍ତି, ମୈତ୍ରୀ ଓ ସଂପ୍ରୀତିର ଉଦ୍‌ବୋଧନ... ବୁଦ୍ଧ, ଗାନ୍ଧୀ ଓ ଭାରତୀୟ ସଂସ୍କୃତି ପ୍ରଭୃତି ଇଚ୍ଛାଧିକବାର ଉଚ୍ଚାରିତ କେତେକ ଶବ୍ଦର ଅର୍ଥହୀନ ରୋମନ୍ଥନ...

ଅମିତାଭର ଆଖି ଆଗରେ ପୁଣି ଭାସି ଉଠୁଥିଲା, ବହୁ ମହାନଗରୀର ପଥେ ପଥେ, ବହୁ ସମ୍ଭ୍ରାନ୍ତ, ଶୀତତାପ ନିୟନ୍ତ୍ରିତ ରେଷ୍ଟୁରାଁ, ହୋଟେଲ ଓ ସିନେମାର ପ୍ରେକ୍ଷାଳୟ ସାମନାରେ, ବହୁ ଅଭିଜାତ ବିପଣୀର କାଚଅଣ୍ଡା ''ସୋ କେସ୍'' ବାହାରେ, ଶୂନ୍ୟ ଦୃଷ୍ଟିରେ ବୁଲୁଥିବା ଗୋଟିଏ ଅତୃପ୍ତ ଯୁବକର କ୍ଷୁଧିତ ଚିତ୍ର ।

ଆଃ... ଜୀବନରେ ଆଜି ପରନ୍ତ ପରନ୍ତ ହୋଇ ଜମି ଯାଉଛି ଅନେକ ଗ୍ଲାନି, ଅକଳ୍ପିତ ବ୍ୟର୍ଥତା, ଅତୃପ୍ତି, ଅଶାନ୍ତି, ସର୍ଜକାତରତା ହୀନ ଅଥର୍ବ ମେଦ ଓ କଳଙ୍କ ! ଏସବୁ ଛଡ଼ାଇବା

Digitized by srujanika@gmail.com

ପାଇଁ ଲୋଡ଼ା ଯୁଦ୍ଧ, ଅନ୍ତର୍ବିପ୍ଳବ, ରକ୍ତସ୍ନାନ ! ଏକ ଅଗ୍ନ୍ୟୁଦ୍‌ଗାର ହିଁ କେବଳ, ଜୀବନ ଓ ପରିବେଶରୁ ଏ ଜଞ୍ଜାଳ ସବୁ ଜାଳି ପୋଡ଼ି ତାକୁ ପୁଣି ଶୁଭ୍ର ଓ ନିଷ୍କଳଙ୍କ କରିଦେଇ ପାରିବ ।

ଜନନେତା କହୁଥିଲେ... ''ଶାନ୍ତି ଓ ମୈତ୍ରୀ ପାଇଁ ସାଧନାର ଇତିହାସ... ଭାରତର ଇତିହାସ ।''

ଅମିତାଭ ଉନ୍ମାଦ ପରି ଚିତ୍କାର କରି ଉଠିଲା... ''ବାଜେ, ବାଜେ, ସବୁ ବାଜେ କଥା । ଶାନ୍ତିର ଅର୍ଥ ମିଥ୍ୟା ସହିତ ସାଲିସ, ଶୋଷଣ ସହିତ ବୁଝାମଣା, ଲୁଣ୍ଠନ ସହିତ ସହାବସ୍ଥାନ ।''

ନିଜ ଜୀବନର ଅକଳ୍ପିତ ବ୍ୟର୍ଥତା, ଅମିତାଭର ଦୃଷ୍ଟିରେ ହଠାତ୍ ଏକ ଜାଗତିକ ସତ୍ତା ଲାଭ କରିଥିଲା । ଏକ ହିଂସ୍ର ବିସ୍ଫୋରଣ ମଧ୍ୟରେ ସେ ଚାହୁଁଥିଲା ଜୀବନର ସବୁ ବ୍ୟର୍ଥତା ଓ ଗ୍ଲାନି ନିଶ୍ଚିହ୍ନ କରିଦେବା ପାଇଁ ।

ନାପିତ ବିସ୍ମିତ ଦୃଷ୍ଟିରେ ଅମିତାଭ ଆଡ଼େ ଚାହିଁ ପଚାରୁଥିଲା... ଦାଢ଼ି କାଟିବ କି ନାହିଁ !

* * *

ରାତି ନିଶ୍ଚୁପ୍ ହୋଇ ଆସିଥିଲା । ଛିଣ୍ଡାଛିଣ୍ଡା ବଉଦର ମାଛକାତିଆ ଆକାଶରେ, ଟୁକୁରାଏ ଆକୃତିହୀନ ଚନ୍ଦ୍ର ଭାସି ଭାସି ଯାଉଥିଲା ।

ସୁଲେମାନ୍ ଦରବେଶ୍, ଶିମିଟି ମୂଳେ, ସେହି ସମାଧି ପାଖରେ ବସି ଏକତାରା ବଜାଉଥିଲା । ହନି ମାଷ୍ଟରର ଦୋକାନ ପଛରେ, ଅଖାର ପର୍ଦ୍ଦାଢଙ୍କା, ପାରାଭାଡ଼ି ପରି କୋଠରିଟି ଭିତରେ, କେତେଜଣ ଏକାଠି ଜମିଥିଲେ । ଚାପା କଣ୍ଠରେ ସେମାନଙ୍କ କଥାବାର୍ତ୍ତା ରାତ୍ରିର ସ୍ତବ୍ଧତା ମଧ୍ୟରେ ବେଳେ ବେଳେ ଶୁଭୁଥିଲା । ହନିମାଷ୍ଟର ଦୋକାନ ବାହାରେ ଖଣ୍ଡେ ଟୁଲ ପକାଇ ବସିଥିଲା । ଅଶରୀରୀ ଛାୟା ପରି ଗୋଟିଏ ଗୋଟିଏ ମୂର୍ତ୍ତି, ସେହି ଦୋକାନ ଘର ଭିତରକୁ ବେଳେ ବେଳେ ଯାଉଥିଲେ ପୁଣି ଫେରି ଆସୁଥିଲେ ।

ରାତି ବାଟର ଦୁଇଜଣ କନେଷ୍ଟବଲ୍, ଭାରୀ ବୁଟ୍ ଜୋତା ମିଶା ପାଦରେ ମଚ୍ ମଚ୍ ଶବ୍ଦ କରି ସେହିବାଟେ ଚାଲିଗଲେ । ହନି ମାଷ୍ଟର୍ ଟୁଇ ଉପରୁ ଭିତରକୁ ଉଠିଆସି, କନେଷ୍ଟବଲ ଦୁଇଜଣ ଗଚ୍ଛି ମୋଡ଼ରେ ଅଦୃଶ୍ୟ ନହେବା ପର୍ଯ୍ୟନ୍ତ ସନ୍ତର୍ପିତ ସାବଧାନତାରେ ସେମାନଙ୍କ ଆଡ଼େ ଚାହିଁ ଠିଆ ହୋଇ ରହିଲା । ଦୋକାନ ଭିତରୁ ତେନାଏ ଲଣ୍ଠନ ଆଣୁଆ ରାସ୍ତା ଉପରେ ତେରଛା ହୋଇ ପଡ଼ିଥିଲା ।

ସୁଲେମାନ୍ ଦରବେଶ୍ ଏକତାରାରେ ଗୋଟିଏ ବିଚିତ୍ର ରାଗିଣୀ ବିଳାପ କରି ଉଠୁଥିଲା... ଗୋଟିଏ ମର୍ମଭେଦୀ, ଉଷ୍ଣ ଦୀର୍ଘଶ୍ୱାସ ଯେପରି କେଉଁ ପ୍ରିୟତମାର କର୍ଣ୍ଣମୂଳର ତୃର୍ଷ୍ଣ କୁନ୍ତଳରାଶି ମଧ୍ୟରେ ମରିଯିବାପାଇଁ ବ୍ୟାକୁଳ ଭାବରେ ଖୋଜି ଖୋଜି ବୁଲୁଥିଲା ।

ହନି ମାଷ୍ଟର ଠିକ୍ ଏହି ଅଶାନ୍ତ ରାଗିଣୀ ପରି, ପୂର୍ବପାକିସ୍ଥାନର କେତେ ଅଜଣା

Digitized by srujanika@gmail.com

ସହର ଓ ଜନପଦଠାରୁ, ଭାରତରେ ଏହି ଛୋଟ, ନିଦୁଆଳୀ ସହରର ଅନ୍ଧାର ଗଳି ପର୍ଯ୍ୟନ୍ତ, ଅତୀତର ଅଠରଟି ବର୍ଷ ଧରି କ'ଣ ଯେପରି ଖୋଜି ଖୋଜି ବୁଲିଅଛି, ମାତ୍ର କେଉଁଠାରେ ତାହାର ସନ୍ଧାନ ତଥାପି ପାଇନାହିଁ ! ଢାକ୍‌କା... ସୁଲତାନ୍‌ଗଞ୍ଜ... ଖୁଲନା... ଯେଶୋର... ମୈମନ୍‌ସିଂହ... ନାରାୟଣଗଞ୍ଜ... ଚିଟାଗଙ୍ଗ... ଦେଶବିଭାଗ ପରେ, ବହୁ ସହରରେ ସେ ଅନୁସନ୍ଧାନ କରି ବୁଲିଛି, ଜୀବନର ଉତ୍ସମୂଳ । କେଉଁଠି ହୁଏତ ସେ ପାଇଛି ଆଶ୍ରୟ କେଉଁଠାରେ ଅବା ପାଇଛି ଅବଲମ୍ବନ; ମାତ୍ର କୌଣସିଠାରେ ସେ ପାଇନାହିଁ ଜୀବନର ସେହି ଉତ୍ସମୂଳ ! ସବୁଠାରେ ସେ ଅନୁଭବ କରିଅଛି, ନିଜକୁ ଏକାନ୍ତ ନିଃସଙ୍ଗ, ଏକାନ୍ତ ଅବାଞ୍ଛିତ, ଏକାନ୍ତ ଅପରିଚିତ ଓ ଏକାନ୍ତ ଆଗନ୍ତୁକ ପରି ।

ହନିମାଷ୍ଟର ନାମଟା ତ ପ୍ରଥମେ ପରିହାସ ଓ ଉପହାସର ବିଷୟ ହୋଇ ପଡ଼ିଥିଲା । ତା'ଛଡ଼ା ହନି ମାଷ୍ଟରର ଉର୍ଦ୍ଦୁ ଉଚ୍ଚାରଣ, ପୁଣି ପୂର୍ବପାକିସ୍ତାନୀ ବଙ୍ଗଳା କହିବାର ଭଙ୍ଗୀ ମଧ୍ୟ ତାକୁ ସେଠାରେ ଅପାଙ୍‌କ୍ତେୟ କରିଦେଇଥିଲା । ଯେଉଁ ହନିମାଷ୍ଟର ଦିନେ ଥିଲା, ଏକ ଅନୁଷ୍ଠାନ, ନୂତନ ପରିବେଶ ଓ ସମାଜରେ ସେ ଏକ ଅବହେଳିତ ଓ ଉପେକ୍ଷିତ ବ୍ୟକ୍ତିତ୍ୱରେ ପରିଣତ ହୋଇ ପଡ଼ିଥିଲା । ପୁଣି ହନି ମାଷ୍ଟର ହାତରେ ଯେଉଁ କଟିଙ୍ଗ୍ ଏକଦା ସୌଖୀନ ଓ କଳାବନ୍ତ ରୂପେ ବିବେଚିତ ହେଉଥିଲା, ତାହା ମଧ୍ୟ ଏଠାରେ ନିତାନ୍ତ ଗ୍ରାମ୍ୟ ଓ ଅମାର୍ଜିତ ରୂପେ ଉପେକ୍ଷିତ ହୋଇପଡ଼ିଥିଲା ।

ହନି ମାଷ୍ଟର ବଞ୍ଚିବାର ଅବଲମ୍ବନ ପାଇଁ କିଛିଦିନ ବୁଲାବିକାଳି ସାଇ ଜୁଗା ଗଣ୍ଡିରା ପିଠିରେ ବୋହି, ବହୁ ଅଞ୍ଚଳ ବୁଲିଲା । ସେହିପରି ବୁଲୁ ବୁଲୁ, ସେ ପୂର୍ବବଙ୍ଗଳାର ସୀମା ଅତିକ୍ରମ କରି, ଦିନେ ଆସିଥିଲା ଆସାମ ଭିତରକୁ । ଆସାମରୁ ଆସିଥିଲା ପୁଣି ପଶ୍ଚିମ - ବଙ୍ଗଳା । ସେଠାରୁ ଲୁଚି ଲୁଚି ସେ ପଳାଇ ଆସିଥିଲା ଏହି ସହରକୁ । ତାହାର ପାସ୍‌ପୋର୍ଟ ଅଥବା ଭିସା ନଥିଲା । ସେ ପୁଣି ଛାଣି ନଥିଲା, ସେ କେଉଁ ଦେଶର ନାଗରିକ ! ସେ ଆସିଥିଲା ବ୍ୟାଧତ୍ରସ୍ତ ପଶୁପରି, ଭୟରେ, ସନ୍ତର୍ପଣରେ, ଲୁଚି ଲୁଚି, ଦିନରେ ଆତ୍ମଗୋପନ କରି, ରାତିରେ ପୁଣି ବାଟ ଚାଲି... ଶୁଖିଲା ପତ୍ରପରି ଉଡ଼ି ଉଡ଼ି !

ସେହିଦିନୁ କୌଣସି ପୁଲିସ ଅଥବା ସରକାରୀ ଲୋକ ଦେଖିଲେ ହନି ମାଷ୍ଟର ଆତଙ୍କିତ ହୋଇପଡ଼େ । ଏକ ଅହେତୁକ ଆଶଙ୍କା ଓ ଆତଙ୍କରେ ସେହିଦିନୁ ତାହାର ଅବଚେତନ ଆଚ୍ଛନ୍ନ ହୋଇପଡ଼ିଥିଲା । ଅକାରଣରେ ଏଣେତେଣେ ସନ୍ତର୍ପଣରେ ଚାହିଁବା, ତାହାର ଏକ ଅଭ୍ୟାସରେ ପରିଣତ ହୋଇ ପଡ଼ିଥିଲା । ଏଠାରେ ମଧ୍ୟ ସେ ରହିଥିଲା ଯେପରି ସେହି ପ୍ରଚ୍ଛନ୍ନ ଅଜ୍ଞାତବାସରେ !

ହନି ମାଷ୍ଟର ଭାବୁଥିଲା...

ଏଇ ଦେଶ, ଏଇ ମାଟି, ତାର ଜୀବନର ଉତ୍ସମୂଳ ! ମାତ୍ର ଏଠାରୁ ତାକୁ ନିର୍ବାସିତ କଲା କିଏ ? ଏଠି ତାକୁ ଅଜ୍ଞାତବାସର ଦୈନ୍ୟ ଓ ଅଭିଶାପ ଦେଲା କିଏ ? ଏ ଦେଶକୁ

Digitized by srujanika@gmail.com

ବିଭାଗ କଲା କିଏ ?

ଏ ସବୁ ବହୁ ବିଭ୍ରାନ୍ତିକର ଜଟିଳ ପ୍ରଶ୍ନ... ହନି ମାଷ୍ଟର୍ କେବେ ତାର କୌଣସି ଉତ୍ତର ଖୋଜି ପାଇନାହିଁ ! ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ ତାର ମନେ ହୋଇ ହୋଇଛି, ଏକ ନୀଚ ଷଡ଼ଯନ୍ତ୍ର ପରି ! ଆଜି କିନ୍ତୁ ହନି ମାଷ୍ଟର ସ୍ୱସ୍ତିର ଦୀର୍ଘ ନିଶ୍ୱାସ ପକାଇ ଭାବୁଥିଲା, ଯାହା ହେଉ ପଛେ; ରାତ୍ରି ଆଉ କେଉଁଠାରେ ଏପରି ନିବିଡ଼ ନୁହେଁ, ଆକାଶ ଏପରି ତାରାଖଚିତ ନୁହେଁ, ପବନ ଏପରି ଶୀତଳ, କୋମଳ ନୁହେଁ !

ଏଇ ତାର ମାତୃଭୂମି... ତାର 'ବେହସତ୍' !

* * *

''ସ୍ୱଦେଶମିତ୍ର''ର ସକାଳସଂସ୍କରଣରେ ବଡ଼ ବଡ଼ ହରଫ୍‌ରେ ଚାଞ୍ଚଲ୍ୟକାରୀ ଶିରୋନାମା ତଳେ, ହିଂସା ଓ ଘୃଣାର ଫୁଲ୍‌କିଉଡ଼ା ଭାଷାରେ ପ୍ରକାଶ ପାଇଥିଲା, ସହରରେ ପାକିସ୍ତାନୀ ଗୁପ୍ତଚରଚକ୍ର ଓ ତାହାର ସୂତ୍ରଧର ହନିମାଷ୍ଟରର ଚାଞ୍ଚଲ୍ୟକର ବିବରଣୀ । ରେଷ୍ଟୁରାଁରେ ମାନ୍ଧି ଅଡ଼େଇ ଅଡ଼େଇ, ରିପୋର୍ଟର ଯେଉଁ ପ୍ରାରମ୍ଭିକ ବାକ୍ୟଟି ଅମିତାଭର ଚେତନାରେ ସେଦିନ ସ୍ପନ୍ଦିତ ହୋଇଥିଲା, ସେହି ବାକ୍ୟଟିରେ ଆରମ୍ଭ ହୋଇଥିଲା, ଅମିତାଭର ରିପୋର୍ଟ୍... ଗୁପ୍ତଚରମାନଙ୍କର ଚକ୍ରାନ୍ତ, ବିନା ଭିସା ଓ ପାସପୋର୍ଟରେ ସେମାନଙ୍କ ଅନୁପ୍ରବେଶ, ହାଣ୍ଡଗ୍ରେନେଡ୍ ଓ ଅନ୍ୟ ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ସେମାନଙ୍କ ପ୍ରସ୍ତୁତି, ଶାସନର ଉଦାସୀନତା ପୁଣି ଜାତୀୟ ନିରାପତ୍ତାର ସଙ୍କଟ, ଇତ୍ୟାଦି ! ...''ସହରର ଜନସ୍ୱାସ୍ଥ୍ୟ ଓ ରାଜନୈତିକ ସ୍ୱାସ୍ଥ୍ୟ, ମାନ୍ଧି ଓ ଗୁପ୍ତଚରମାନଙ୍କ ଦ୍ୱାରା ବିପନ୍ନ !''

ବସ୍ ଷ୍ଟାଣ୍ଡରେ, ରେଷ୍ଟୁରାଁରେ, ହୋଟେଲ୍‌ରେ, ବୈଠକଖାନାରେ, ଦପ୍ତରରେ, ଘରେ, ବାହାରେ, ସବୁଠାରେ ତାହାହିଁ ଥିଲା ସହସ୍ର ମୁଖରେ ଆଲୋଚନାର ବିଷୟ ।

ସକାଳୁ ହନି ମାଷ୍ଟର୍‌ର ଦୋକାନ ବନ୍ଦ !

ସଶସ୍ତ୍ର ପୋଲିସ ଏକ ୱ୍ୟାୟାର୍‌ଲେସ୍ ଭାନ୍‌ରେ ଚଢ଼ି, ''ମାଷ୍ଟର କଟିଙ୍ଗ୍ ଆଣ୍ଡ୍ ଟେଲରିଙ୍ଗ୍'' ଦୋକାନରେ ପହଞ୍ଚିବା ପୂର୍ବରୁ, ହନି ମାଷ୍ଟର ସେଠାରୁ ପଳାଇ ସାରିଥିଲା । ବିନା ପାସ୍‌ପୋର୍ଟ ଓ ଭିସାରେ ଏକ ବିଦେଶ ଭୂମିରେ ଧରା ପଡ଼ିବାର ଶାସ୍ତି ତାହାକୁ ଅଜଣା ନଥିଲା ।

ମୁସଲମାନ ବସ୍ତିରେ କେତେଟା କୁକୁଡ଼ା ସେଇ ମାତ୍ର ରାବିବା ଆରମ୍ଭ କରିଥିଲେ । ଶିମିଳି ଗଛ ଉପରେ ପୂର୍ବର ରଙ୍ଗା ଆକାଶରେ ପାହାନ୍ତି ତାରା ମହଳ ପଡ଼ି ଆସୁଥିଲା ।

ଏଇ ତାର ଜନ୍ମମାଟି... ଏହି ଶିମିଳିଗଛ ପରି ସେ ମଧ୍ୟ ଏଠାରେ ବଢ଼ିଥିଲା ଏହି ଉଦାର, ସୁବିସ୍ତୃତ ଆକାଶ ତଳେ । ଆଜି ଶିମିଳିର ଶାଖାରେ ଶାଖାରେ ରାଶି ରାଶି ଲାଲ ଫୁଲର ସ୍ତବକ । ସେ କିନ୍ତୁ ଏଠାରୁ ବିଦାୟ ନେଉଥିଲା, ରାତ୍ରିର ଦସ୍ୟୁ ପରି, ସନ୍ତର୍ପଣରେ, ଲୁଚିଲୁଚି । ଗତ ଅଠର ବର୍ଷ ମଧ୍ୟରେ, ଏ ବିଦ୍ୟାରେ ସେ ପ୍ରବୀଣ ଓ ପାରଙ୍ଗମ ହୋଇ

Digitized by srujanika@gmail.com

ଉଠିଥିଲା । ପାତିମାଙ୍କଡ଼ଟି ସୁଦ୍ଧା ସେଠାରେ ନଥିଲା !

ଖବରକାଗଜ ରିପୋର୍ଟର, ପୋଲିସ, ମାଜିଷ୍ଟ୍ରେଟ ଓ ସାଧାରଣ କୌତୂହଳୀ ଜନତା, ସମସ୍ତଙ୍କ ଉପସ୍ଥିତିରେ ଦୋକାନର ଦରଜା ଭଙ୍ଗାଯାଇଁ ଖାନ୍‌ତଲ୍ଲାସ ହେଲା । ଗୋଟାଏ ପୁରୁଣା ସିଲେଇ ମେସିନ୍, ଟୁକ୍‌ରା ଟୁକ୍‌ରା କନା, ସିଲେଇ ଟୁକ୍‌ରା, ମେସିନ୍‌ର ଦରାଜ ଭିତରେ କେତେଟା ଅର୍ଡରର ମାପ, ଗୋଟାଏ କୋଣରେ ସନ୍ଦେହଜନକ ଭାବରେ ଯେଉଁ ପୁଟୁଳୀଟା ପଡ଼ିଥିଲା; ତା'ଭିତରେ କେତେଖଣ୍ଡ ଫୁଟା ଟ୍ରାଉଜର ଆଉ ହାୱାଇନ୍... କିନ୍ତୁ କାହିଁ ସେ ସବୁ ମାରାତ୍ମକ ହାଣ୍ଡ ଗ୍ରେନେଡ୍, ଟ୍ରାନ୍‌ସମିଟର୍ ଓ ଗୁପ୍ତ ଚିଠିପତ୍ର ?

ଅମିତାଭ କୈଫିୟତ୍ ଦେଉଥିଲା... ''ଆଃ; ସେ ସବୁ କଣ କେହି ପଛରେ ଛାଡ଼ିଯାଏ ?''

କିନ୍ତୁ ସେ ଯେ ଗୁପ୍ତଚର, ତାର ସବୁଠାରୁ ବଡ଼ ପ୍ରମାଣ ହେଉଛି ତ, ପୁଲିସ ଖାନତଲ୍ଲାସୀର ଆଶଙ୍କାରେ ହନିମାଷ୍ଟରର ଏହିପରି ଆକସ୍ମିକ ପଳାୟନ ! ରେଷ୍ଟୁରାଁର ମାଲିକ, ଆଖିରେ ମୁହଁରେ ଗଡ଼ ଜିଣିବାର ଏକ ଦର୍ପିତ ହସ ଫୁଟାଇ, ସମସ୍ତଙ୍କୁ ସେହି କଥା ବାରମ୍ବାର ବୁଝାଉଥିଲା !

ଦୋକାନ ପଛରେ, ଅନ୍ଧାର ଗୁମ୍ଫା ପରି ଯେଉଁ ସନ୍ତସତିଆ କୋଠରିଟିରେ ହନି ମାଷ୍ଟର ରହୁଥିଲା, ତାହା ମଧ୍ୟ ଖାନ୍‌ତଲ୍ଲାସ କରାଗଲା । ଗୋଟାଏ କୋଣରେ ପଡ଼ିଥିଲା କେତେଟା ଟିଇମ୍, ପୋଡ଼ା ଗଞ୍ଜେଇ ଗୁଣ୍ଡ, ଗୋଟାଏ ଡିବି, ମେଞ୍ଚାଏ ଶୁଖିଲା ପିଜୁଳିପତ୍ର ଓ ଗୁଳି ରାନ୍ଧିବାର ଅନ୍ୟାନ୍ୟ ସରଞ୍ଜାମ ।

ଏଠାରେ ତାହେଲେ ଏକ ଗୁଳିଖଟୀ ମଧ୍ୟ ଥିଲା ! ଯେଉଁ ଉଚ୍ଚପଦସ୍ଥ ପୁଲିସ ଅଫିସରଙ୍କ ନେତୃତ୍ୱରେ ଖାନତଲ୍ଲାସୀ ଚାଲିଥିଲା, ସେ ଏକ ପ୍ରଚଣ୍ଡ ତାଚ୍ଛଲ୍ୟରେ, ଜୋତାମିଶା ପାଦରେ ସେ ସବୁ ଆବର୍ଜ୍ଜନା ଠେଲିଦେଇ କହିଲେ, ''ଦୁତ୍, ଏସବୁ ଏକସାଇଜ୍ ମାମଲା !''

କିନ୍ତୁ କାହିଁ ସେ ଦେଶଦ୍ରୋହୀ ଷଡ଼ଯନ୍ତ୍ରର ମାରାତ୍ମକ ବ୍ୟୁହକେନ୍ଦ୍ର ? ଗୋଟାଏ ଚେପା ବଦ୍‌ନା, କଲେଇଛଡ଼ା କେତେଟା ଆଲୁମିନିୟମ ବାସନ, ଛିଣ୍ଡା ଗୋଦଡ଼ୀ, ଦରବେଶ୍‌ମାନଙ୍କର ଗୋଟାଏ କାଚମାଳୀ ବ୍ୟତୀତ ହନିମାଷ୍ଟର ଆଉ ଅନ୍ୟ କୌଣସି ରହସ୍ୟଜନକ ସଙ୍କେତ ପଛରେ ଛାଡ଼ି ଯାଇ ନଥିଲା ।

''ସ୍ୱଦେଶ-ମିତ୍ର''ରେ ସମ୍ବାଦ ବାହାରିଲା... ''ପୁଲିସ ଆସିବା ପୂର୍ବରୁ ହନି ମାଷ୍ଟର ଓ ଅନ୍ୟ ଗୁପ୍ତଚରମାନଙ୍କର ପଳାୟନ ! ନିରାପତ୍ତା ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସେମାନେ ସଙ୍ଗରେ ନେଇ ଯାଇଥିବାର ଆଶଙ୍କା ।''

ଏଡ଼ଗାର ୱାଲେସ୍ ବା ଆଗାଥା କ୍ରୀଷ୍ଟିଙ୍କର ଗୋୟେନ୍ଦା ଉପନ୍ୟାସର ଏକ ଚରିତ୍ର ପରି ହନି ମାଷ୍ଟର ହଠାତ୍ ପ୍ରଖ୍ୟାତ ଓ ରହସ୍ୟାବୃତ ହୋଇ ଉଠିଲା ।

କିନ୍ତୁ ତାପରେ ସହରଠାରୁ ଦୂରରେ; ଗ୍ରାମାଞ୍ଚଳର ପଥେ ପଥେ ଯେଉଁ ଅଚିହ୍ନା

Digitized by srujanika@gmail.com

ଫକୀରଟିଏ ବୁଲିବାର ଦେଖାଗଲା; ପାରିପାର୍ଶ୍ୱିକ ପରିସ୍ଥିତି ସହିତ ସେ ଏପରି ମିଶି ଯାଇଥିଲା ଯେ, ସେ କାହାର ଦୃଷ୍ଟି ଆକର୍ଷଣ କରୁ ନଥିଲା । ସଙ୍ଗରେ ତାର ଗୋଟିଏ ପାତିମାଙ୍କଡ଼; ହାତରେ ଗୋଟିଏ ଡମ୍ବରୁ । ଡମ୍ବରୁ ବଜାଇଲେ ପାତିମାଙ୍କଡ଼ଟି ନାନା ଭଙ୍ଗୀରେ ନାଚେ, ଅଳିକରେ, ହାତଯୋଡ଼ି ପଇସା ମାଗେ । ଫକୀରଟିର ଆଶ୍ରୟ ଉପରର ସୁନୀଳ ଆକାଶ ଓ ତଳର ମାଟି... ସାଥୀ ଓ ସହଚର ଗୋଟିଏ ପାତିମାଙ୍କଡ଼ ।

ଆକାଶ ଏଠି ତଥାପି ସୁନୀଳ, ମାଟି ତଥାପି ମମତାଭରା, ବୃକ୍ଷଛାୟା ତଥାପି ନିବିଡ଼... ଏଠୁ ତାକୁ ନିର୍ବାସିତ କଲା କିଏ ? ଏଠି ବଞ୍ଚିବାର ଅଧିକାରରୁ ତାକୁ ବଞ୍ଚିତ କଲା କିଏ ? ସତରଞ୍ଜ ଖେଳରେ କିସ୍ତିମାତ ପାଇଁ ବୋଡ଼ିଆଟି ପରି ତାକୁ ବିସର୍ଜନ ଦେଲା କିଏ ?

ଏ ସବୁ ଚିର ଅସମାଧିତ ପ୍ରଶ୍ନ !

ଏବେ ମଧ୍ୟ ହନି ମାଷ୍ଟର ତାହାର କୌଣସି ଉତ୍ତର ଖୋଜି ପାଉ ନଥିଲା !

Digitized by srujanika@gmail.com

ପୁଷ୍ୟାଭିଷେକ

କେତେ ଶତାବ୍ଦୀ ତଳର, ଓଡ଼ିଶାର ରାଜନୈତିକ ଇତିହାସ, ହଳଦୀଗାଁ, ମେଦିନୀରାୟ 'ଉଆସ'ର ଉଙ୍କା, ବର୍ଷାଧୁଆ ପାଟିରି, ଖତରା ନଅଶେଣିଆ, ସାତଶେଣିଆ, ପାଞ୍ଚଶେଣିଆ ଚାଳର ଓଇରା ଛପର, କୋଟୀକମକରା, ଉଇଖିଆ କାଠଶେଣୀ, ଆଉ ପୁରଷେ ଉଚ୍ଚା ଦାଣ୍ଡ ପିଣ୍ଡାର ବୁଖୁଡ଼ା କାନ୍ଥ ଭିତରେ ମୁହଁମାଡ଼ି ପଡ଼ିଛି - ତାହା ଆଜି ପ୍ରତ୍ନତତ୍ତ୍ୱର ଉର୍ଦ୍ଧ୍ୱରେ ।

ମାଟି ତାଡ଼ି, ପରସ୍ତ ପରସ୍ତ ଖୋଜି, ଭଙ୍ଗା ବାଇଜି ହାଣ୍ଡିର ଖଣ୍ଡ ଖଣ୍ଡ ଖପରା ମିଳାଇ, ଯୁକ୍ତିର ମସଲା ଆଉ କଳ୍ପନାର ରଙ୍ଗରେ, ଶିଶୁପାଳଗଡ଼ର ଇତିହାସ ଲେଖାଯାଇପାରେ, ଖାରବେଳଙ୍କ ରାଜଧାନୀର ସନ୍ଧାନ ମିଳିପାରେ; ମାତ୍ର ଏଠି ସେ ରୀତି ପ୍ରୟୋଗକଲେ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଇବେ ଖାଲି ମାଟି ଆଉ ମାଟି, ପୁଣି ମାଟି... କାଳହୀନ, ଇତିହାସହୀନ, ଅର୍ଥହୀନ, ନିର୍ବୋଧ, କଳା, ପାଉଁଶିଆ ମାଟି !

ନିତୁ ମାହାନ୍ତି 'ଉଆସ' ପଟୁଆରୀ... ତାଙ୍କ ଘରେ ହଳଦୀଗାଁ ଉଆସର ମାଦଳା ରହୁଥିଲା । ସେଠି କିନ୍ତୁ ଚେଷ୍ଟାକରି, ଆପଣ ହତାଶ ହେବେ ! ମହାକାଳର କ୍ଷୁଧାର୍ତ୍ତ ସନ୍ତାନ, ଉଇମାନଙ୍କ ଗର୍ଭରେ ସେସବୁ ନିଶ୍ଚିହ୍ନ ହୋଇଅଛି ।

ଆଉ ଶିଳାଲିପି ଖୋଜୁଛନ୍ତି ?

ଓଡ଼ିଶାର ସମୁଦ୍ରକୂଳବର୍ତ୍ତୀ, ତଳମାଳିଆ ହଳଦୀଗାଁରେ ଶିଳା ନାହିଁ କି ଲିପି ନାହିଁ !

ତଥାପି ଏଗାର ପୁରୁଷ ଭୋଗ କରୁଛନ୍ତି - ଜଗବନ୍ଧୁ ମହାପାତ୍ର ବଳୀୟାର ମଉଜଜ ମେଦିନୀରାୟ ! କେତେବର୍ଷ ତଳେ, ଜନସୁମାରିବାଲା, ଜନସୁମାରି ଫାରମରେ ଏତେ ଲମ୍ବା ନାଁଟାକୁ ସଂକ୍ଷିପ୍ତ କରି ଖାଲି ଜଗବନ୍ଧୁ ମହାପାତ୍ର ଲେଖିଦେବାରୁ ମେଦିନୀରାୟ ଲେଖିବା ଲୋକର ଗାଲରେ ଠୋ କରି ଏକ ବ୍ରହ୍ମଚଟକଣା ପିଟିଥିଲେ ।

ତାଙ୍କୁ ପଚାରିବେ ?

ଭିତର ପ୍ରସ୍ଥ, ଅନ୍ଧାରିଆ ଗମ୍ଭୀରି ଘରୁ, ଏଇ ତାଙ୍କ ଖୁଁ ଖୁଁ କାଶ ଶୁଭୁଛି । କନ୍ଥା ଆଉ କମ୍ବଳରେ ଢାଙ୍କି ହୋଇ ସେ କାଶରେ ଅଣନିଃଶ୍ୱାସୀ ହୋଇ ପଡ଼ିଥିବେ । ଉଆସ ବୈଦ୍ୟ, ବୈଦ୍ୟରାଜ ନିଧି ତିହାଡ଼ୀଙ୍କ ପୂର୍ବପୁରୁଷ ଦୁଇମାଣ ଜମି ଜାଗିରି ପାଇଥିଲେ । ସେଥିପାଇଁ ଏବେ ସୁଦ୍ଧା, ବୈଦ୍ୟରାଜଙ୍କ ତେଇଚିକିଟାବସା, କଳା ବଟୁଆରୁ ମେଦିନୀରାୟଙ୍କ ଧଇଁକାଶ ପାଇଁ ବଟିକା ଦେବାର ଛୁଟଣ ନାହିଁ । ତଥାପି ଜଗବନ୍ଧୁ ମହାପାତ୍ର ବଳୀୟାର ମଉଜଜ ମେଦିନୀରାୟଙ୍କ ଧଇଁକାଶ ଉଣା ପଡୁନାହିଁ !

ପୁଷମାସିଆ ଶୀତରେ ଧଇଁକାଶ ଟିକିଏ ବଢୁଛି ।

Digitized by srujanika@gmail.com

ସତୁରୀ ବର୍ଷ ଭୋଗ କଲେଣି, ଜଗବନ୍ଧୁ ମେଦିନୀରାୟ ! ତଥାପି ଅଣ୍ଡା ବାଙ୍କି ନାହିଁ। ବାଜିଆ ଭଣ୍ଡାରୀ ଆଉଟିକକୁ ଆସିଲେ, ସେ ପହଡ଼ ଛାଡ଼ି ଉଠିବେ ! ତାଙ୍କୁ ପଚାରନ୍ତୁ ନାହିଁ ! କାହାଣୀ କେଉଁଠି ଶେଷ ହୋଇ, କେଉଁଠି ବିଶ୍ୱାସଯୋଗ୍ୟ ଇତିହାସ ଆରମ୍ଭ ହେବ, ଆପଣ ଜାଣି ପାରିବେ ନାହିଁ ! ତାଙ୍କୁ ପଚାରିଲେ, ସେ ଅବିକା କହି ବସିବେ, ତାଙ୍କ ପୂର୍ବପୁରୁଷମାନେ କିପରି ଆକ୍‌ବର ବାଦସାଙ୍କ ସେନାପତି ମାନସିଂହଙ୍କୁ ନାକରେ ପାଣି ପିଆଇଥିଲେ ! ରାଜପୁତ ଶକ୍ତିକୁ ସୁଦ୍ଧା ବିପର୍ଯ୍ୟସ୍ତ କରିଥିବା ମରହଟ୍ଟା ସୁବାଦାର ଓ ସେନାପତିମାନଙ୍କୁ, ତାଙ୍କ ପୂର୍ବପୁରୁଷମାନେ କିପରି ପାଞ୍ଚଣ ବାଡ଼ି ଆଉ ବାଉଁଶ ଠେଙ୍ଗାରେ ବୈତରଣୀ ନଦୀ ଡିଆଁଇ ଦେଇ ନ ଥିଲେ, ସେ କଥା ସୁଦ୍ଧା ଶୁଣିବେ ମେଦିନୀରାୟଙ୍କଠାରୁ ! ...ଶୋଇଥାନ୍ତୁ ସେ। ଶୋଇ ଶୋଇ, କାଶୁଥାନ୍ତୁ ସେ, ତାଙ୍କୁ ଉଠାନ୍ତୁ ନାହିଁ। ବାଜିଆ ଭଣ୍ଡାରୀର ଚଉଦ ପୁରୁଷ, ବଡ଼ି ସକାଳ ନ ହେଉଣୁ, ପହଡ଼ଘର ଭିତରେ ମେଦିନୀରାୟମାନଙ୍କ ପଲଙ୍କ ପାଖରେ ଠିଆହୋଇ ପାଦ ମର୍ଦ୍ଦନ କରୁଥିଲେ ! ସେଥିପାଇଁ ବାଜିଆ ଏବେ ସୁଦ୍ଧା ନିଷ୍ଠର ଜାଗିରି ବୃତ୍ତି ଭୋଗ କରୁଛି ! ଆଜି ସେଥିରୁ ତାକୁ ଉଚ୍ଛେଦ କରିବ ବା କିଏ ! ସେଥିପାଇଁ ସେ ସକାଳୁ ଭଣ୍ଡାରୀ ମୁଠି ଧରି, କେଉଁଠି ଗାଁ ବୁଲୁଥିବ ! ତଥାପି ଆସିବ, ନିଶ୍ଚୟ ଆସିବ, ମାତ୍ର ବିଳମ୍ବ ଅଛି !

...ତାରି ଅପେକ୍ଷାରେ, ଜଗବନ୍ଧୁ ମହାପାତ୍ର ବଳୀୟାର ମଉଗଜ ମେଦିନୀରାୟ, ଶୋଇ ଶୋଇ କାଶୁଛନ୍ତି। ତାଙ୍କୁ ଉଠାନ୍ତୁ ନାହିଁ !

ଆଉ କାହାକୁ ପଚାରିବେ ?

ଉଆସ ଦାଣ୍ଡରେ, ଜୀର୍ଣ୍ଣ ଦେଉଳ ଭିତରେ ରାଧାକୃଷ୍ଣଙ୍କ କଳା ମୁଗୁନି ପଥରର ଯୁଗଳ ପ୍ରତିମା ! ତାଙ୍କୁ ପଚାରିବେ ?

ସେଇ ଜାଣିଥିବେ ଏକା ମେଦିନୀରାୟ ବଂଶର ଇତିହାସ ! ମେଦିନୀରାୟ ବଂଶର ନିରବଚ୍ଛିନ୍ନ, ଅଲିଖିତ ଇତିହାସର ସେଇ ଏକା ମୂକସାକ୍ଷୀ। କେଉଁ ମେଦିନୀରାୟ କେବେ ଏଇ ମନ୍ଦିରରୁ ଶାନ୍ତମୂର୍ତ୍ତି ଉଗ୍ରତାରାଙ୍କୁ କାଢ଼ି ଏଠି ତାଙ୍କୁ ପ୍ରତିଷ୍ଠିତ କରିଥିଲେ, ତାହା କହି ପାରିବେ ଏକା କଳା ମୁଗୁନୀର ଏଇ ଯୁଗଳ ପ୍ରତିମା। ମାତ୍ର ଯୁଗଳ ପ୍ରତିମାଙ୍କ ରଙ୍ଗାଓଠରେ ରହସ୍ୟ ବିଜଡ଼ିତ ହସ... ଉଆସ ପୁରୋହିତ ବ୍ରଜବନ୍ଧୁ ଶତପଥୀଏ, ତଳକୁ ମୁଣ୍ଡ ଚୁଆଁଇ ଚନ୍ଦନ ଘୋରୁଛନ୍ତି। ଶତପଥୀଏ, ଆଉ ଟିକକ ପରେ ଯୁଗଳ ପ୍ରତିମାଙ୍କ ଉପରେ ଟୋପିଏ ପାଣି ଛିଞ୍ଚି ଦେଇ, ଏଣୁ ତେଣୁ ଦୁଇଟା ଫୁଲ ଆଉ ତୁଳସୀଦଳ ଚଢ଼ାଇ, ଅନୁନାସିକ କଣ୍ଠରେ ''ଓଁ ନମୋ କୃଷ୍ଣାୟ, ଗୋପୀ ବଲ୍ଲଭାୟ'' ଅଶୁଦ୍ଧ ଭାବରେ ଉଚ୍ଚାରଣ କରି, କଦଳୀଟାଏ ଆଉ ମୁଠାଏ ଉଖୁଡ଼ା ଭୋଗ ଲଗାଇଦେବେ। ସେହି ପ୍ରସାଦ ଲୋଭରେ, ଦୁଇ ତିନିଟା ଲଙ୍ଗଳାପିଲା, ଘଣ୍ଟପିଟିବା ପାଇଁ ପ୍ରତିଯୋଗିତା ଆରମ୍ଭ କରିଦେଲେଣି। ଉଆସର ଇଷ୍ଟଦେବୀ ଉଗ୍ରତାରା, ଆଜି ଗାଁ ମୁଣ୍ଡରେ ଗୋଟାଏ ବେଇବଣ ଭିତରେ ପଡ଼ିଛନ୍ତି। ହଳଦୀଗାଁରେ ମାଜି-ବଂଶ,

Digitized by srujanika@gmail.com

ତାଙ୍କର ପୂଜକ ।

ଆଉ କାହାକୁ ପଚାରିବେ ?

ସାନ ଜେନାମଣିଙ୍କ ପହଡ଼ ତଥାପି ଭାଙ୍ଗିନାହିଁ । ସକାଳ ନ'ଟା ଆଗରୁ ତାଙ୍କ ନିଦ ଭାଙ୍ଗିବ ନାହିଁ । ତୁଚ୍ଛାକୁ ତ ଆମ୍ବବଉଳିଆ କୁହୁଡ଼ି ଭେଦି, ସକାଳ ଖରା ଏ ପର୍ଯ୍ୟନ୍ତ ଭଲ ହୋଇ ଫିଟିନାହିଁ । ବଡ଼ ଜେନାମଣି, ଜଗବନ୍ଧୁଙ୍କ ଅନ୍ତେ ଯାହାଙ୍କ ମୁଣ୍ଡରେ ମେଦିନୀରାୟ ଶିରପା ବନ୍ଧା ହେବ, ସେତ ଅବିକା କଟକ ସହରଉ କେଉଁ ସନ୍ତସନ୍ତିଆ ଅନ୍ଧାରିଆ ଗଳିରୁ, ହାତରେ ବଜାର ଝୁଲୀ ଖଣ୍ଡେ ଓହଳାଇ ମାର୍କେଟରୁ ପରିବା କିଣିବାପାଇଁ ବାହାରିଥିବେ । ପୀତାମ୍ବର ମହାପାତ୍ର, ବଡ଼ ଜେନାମଣି, କୋଉ ଗୋଟିଏ ସରକାରୀ ଦପ୍ତରରେ ତଳିଆ ଅମଲା, ସକାଳ ଦଶଟାରେ, ନାକରେ, କାନରେ ପୁଞ୍ଜାଏ ଗୁଞ୍ଜି ତାକୁ ଅଫିସ ବାହାରିବା ପାଇଁ ପଡ଼ିବ । ନୋହିଲେ ନାଲି ଛଜିର ଦାଗ । ତିନିଟା ନାଲିଛଜି ପଡ଼ିଲେ, କୈଫିୟତ୍ ତଲବ୍ ।

ସାନ ଜେନାମଣିଙ୍କ ପହଡ଼ ଭାଙ୍ଗି ନାହିଁ । କାଲି ରାତିରେ ଥିଏଟର ରିହର୍ସାଲ ଭାଙ୍ଗୁ ଭାଙ୍ଗୁ ବହୁତ ଡେରି ହୋଇଯାଇଥିଲା । ତାସ୍, ପଶା, ପାଲା, ସୁଆଙ୍ଗରେ ତାଙ୍କ ଦିନ କଟେ । ସାତ ବର୍ଷ କାଳ ଚେଷ୍ଟାକରି, ମାଟ୍ରିକୁଲେଶନ୍ ପରୀକ୍ଷା ଖଣ୍ଡେ ପାସ୍ କରି ନ ପାରି, ଏବେ ଗାଁରେ ରହିଛନ୍ତି । ହଳଦୀଗାଁ ପାଣମାନଙ୍କର ନେତା ସେ । ତାଙ୍କଠାରୁ ଇସାରା ପାଇଲେ ହଳଦୀଗାଁ ପାଣମାନେ ଖୁନ୍‌ଠାରୁ ରାହାଯାନୀ ପର୍ଯ୍ୟନ୍ତ କଣ ଯେ କରି ନ ପାରନ୍ତି ଏପରି ନାହିଁ । ଆଉ ଟିକକୁ ପାଣମାନେ, ଜଣେ ଦୁଇଜଣ ହୋଇ, ମେଦିନୀରାୟଙ୍କ ଦାଣ୍ଡକୁ ଗଡ଼ିବେ ।

ଆଉ କାହାକୁ ବା ପଚାରିବେ ?

ହାତୀଶାଳ ପରି ଖଞ୍ଜାମାନ ଭାଙ୍ଗି ଭାଙ୍ଗି ପଡୁଛି । ଭିତର ଖଞ୍ଜାରେ, ଚାରିଟା ବୁଢ଼ୀନାନୀ ଆଉ ପୋଇଲୀଙ୍କ ଛଡ଼ା ଆଉ କେହି ନାହାନ୍ତି । ଏକଦା ପାଇକରାପୁର ସାଆନ୍ତଙ୍କ ଘରୁ, ସେମାନେ ସାନ୍ତାଣୀଙ୍କ ସଙ୍ଗରେ ଯୌତୁକ ରୂପେ ଆସିଥିଲେ । ସାନ୍ତାଣୀ ସ୍ୱର୍ଗରେ, ଅହି ଡେଙ୍ଗୁରା ବଜାଇ, ଶଙ୍ଖା ସିନ୍ଦୁର ନାଇ ସ୍ୱର୍ଗକୁ ଯାଇଛନ୍ତି । ଏଇ ବୁଢ଼ୀମାନେ ଦିନେ ଦିନେ ତାଙ୍କ ଗୁଣ ସୁମରି, ନିଜ ନିଜ ଭିତରେ ସବୁ ବାଦ ବିସମ୍ବାଦ ବୁଲି, ଏକା ସାଙ୍ଗରେ ରଡ଼ିପକାଇ ବାହୁନନ୍ତି । ସେପରି ଦିନମାନଙ୍କରେ ସେମାନଙ୍କ ପାଇଁ ହାଣ୍ଡିଡଲିରେ ପଖାଳ ମୁଠାଏ ସୁଦ୍ଧା ନ ଥାଏ । ଆଉ ଟିକକୁ, ସେମାନଙ୍କ କଳି, ଡକରାଚ ଆଉ ଅଶ୍ରାବ୍ୟ ଗାଳିରେ ଉଆସ ଖଞ୍ଜା ଜୀବନ୍ତ ହୋଇ ଉଠିବ । ମାତ୍ର ଏବେ ସେମାନେ ବାସନ ମଜା, ଦୁଆର ଖରକା, ଚଉକାଦିଆ ପ୍ରଭୃତି କାର୍ଯ୍ୟରେ ବ୍ୟସ୍ତ ।

ସେମାନଙ୍କୁ ପଚାରି ଲାଭ ନାହିଁ ।

ସେମାନଙ୍କୁ ପଚାରିଲେ, ସେମାନେ ଗାଇବେ ଖାଲି ପାଇକରାପୁର ଉଆସର ବଡ଼େଇ । ମାତ୍ର ସେଥିରେ ଆପଣଙ୍କର କି ପ୍ରୟୋଜନ ? ପାଇକରାପୁର ଉଆସ ସିଂହଦ୍ୱାରରେ କାଳେ ପିଉଳର ଛାଉଁଳୀ କବାଟ ଥିଲା । ଏଇ ବୁଢ଼ୀମାନଙ୍କ ପାଇଁ ସେମାନେ ଟୋକୀକାଢେ,

Digitized by srujanika@gmail.com

ପାଇକରାପୁର ଉଆସରେ କାଳେ ପୋଇଲୀମାନେ ନିଯୋଗ ଖଟୁଥିଲେ ।

ସାନ ଜେମାଦେଈ କାହାନ୍ତି ?

ବେଣ୍ଡ ପୋଖରୀରେ ମାଜଣା ହେଉଛନ୍ତି ସେ । ଦକୁଆ ବେଣ୍ଡ ପୋଖରୀ । ପୋତି ହୋଇ ଆସିଲାଣି । ଜେମାଦେଈଙ୍କ ବୟସ କାଳେ, କୋଡ଼ିଏ ପୂରିଲାଣି । ସାଆନ୍ତ ଘରମାନଙ୍କରୁ ଯେଉଁ ଯୌତୁକ ଦାବି ଆସୁଛି, ତାହା ଜଗବନ୍ଧୁ ମାହାପାତ୍ର ମେଦିନୀରାୟଙ୍କ ଶକ୍ତିବହିର୍ଭୂତ । ଖଜୁରିପଦା 'ଚମ୍ପେଇତି' (ଚମ୍ପତିରାୟ)ଙ୍କ ମଝିଆଁ କୁଅଁରଙ୍କ ପାଇଁ ପ୍ରସ୍ତାବ ପଡ଼ିଥିଲା । ଚମ୍ପେଇତି ଘର କହିଲେ, ସ୍ୱୀକାର ମହାପ୍ରସାଦ ସୁନାଥାଳିଆରେ ଆସିବ । ସେଥିପାଇଁ ମେଦିନୀରାୟଙ୍କ ବଳ କାହିଁ ? ବଡ଼ଜେମା ହେମମାଳୀଙ୍କ ମଙ୍ଗଳକୃତ୍ୟରେ ତ ଅଧେ ଜମି ଯାଇଛି । ଏବେ ଉଆସତଳି, ଯେଉଁ ଜମି କୋଡ଼ିଏମାଣ ପଡ଼ିଛି, ସେତକ ପୁଣି ରାଧାକୃଷ୍ଣଙ୍କ ଦେବୋତ୍ତର ଜମି । ସେଥିରେ ହାତ ଦେବାର ଉପାୟ ନାହିଁ । ବେଣ୍ଡପୋଖରୀର ଇଚ୍ଛା ଚୁଠରେ ସାନ ଜେମାଦେଈ ରତ୍ନମାଳୀ, ସୂର୍ଯ୍ୟଙ୍କ ଆଡ଼େ ଚାହିଁ, ପାଣି ଆଞ୍ଜୁଳା ଇତୁଛନ୍ତି । ଭିଜା ଲୁଗା ଭେଦି, ତାଙ୍କ ଦେହରେ ଶ୍ୟାମକାନ୍ତି, ନୀଳକଇଁର ଶୀତଳସ୍ନିଗ୍ଧତାରେ ଉକୁଟି ଉଠୁଛି ।

ମେଦିନୀରାୟ ଉଆସର ସାନଜେମାଙ୍କ ଆଡ଼େ ଚାହିଁ ଦେଖିବାର ଦୁଃସାହସ ଆଉ କରନ୍ତୁ ନାହିଁ ।

ନିର୍ଜ୍ଜନ, ଜରାଜୀର୍ଣ୍ଣ, ମହାନିଦ୍ରାଗ୍ରସ୍ତ, ନିର୍ବେଦ ମେଦିନୀରାୟ ଉଆସ । କାହାକୁ ପଚାରିବା ପାଇଁ ଚେଷ୍ଟାକରି ଆଉ ଶକ୍ତିକ୍ଷୟ କରନ୍ତୁ ନାହିଁ ।

ମେଦିନୀରାୟ କାଶୁଛନ୍ତି ।

ସାନ ଜେମାଦେଈଙ୍କ ଗମ୍ଭିରୀ ଦୁଆରେ ପଞ୍ଜୁରୀରେ ଖାରୀଟିଏ ରହି ରହି, ବିସ୍ମୃତି ଓ ବିଇୟର ମହାମୌନ ନୀରବତା ଭିତରେ, ବେଳେବେଳେ ଡାକି ଉଠୁଛି... ''କୃଷ୍ଣ କୃଷ୍ଣ'' ।

ଓଡ଼ିଶା ଇତିହାସର ପ୍ରାୟ ଚାରି ଶତାବ୍ଦୀ ଏଠି ମୁହଁମାଡ଼ି ପଣପଣିଆ ମୃଷାମାଟି ଆଉ ଭଙ୍ଗା କାନ୍ଥକୁଡ଼ ଭିତରେ ଅଭିମାନିନୀ ତଅପୋଇ ପରି ପଡ଼ିଛି । ହଜିଲା ଇତିହାସ, ଧୀରେ ଧୀରେ ହଜି ଯାଉଛି । ମାତ୍ର ବିଇୟ ଓ ବିସ୍ମୃତିର ବାଲିଚର ତଳେ, ଫଲ୍‌ଗୁ ଧାରା ପରି, ଇତିହାସର ପ୍ରାଣଧାରା ଅନାହତ ଭାବରେ ତଥାପି ବହି ଚାଲିଅଛି । ଆପଣ ଇଚ୍ଛାକଲେ ସେହି ଇତିହାସ-ଧାରାର କଳଧ୍ୱନି ଶୁଣି ପାରନ୍ତି ।

ସାନ ଜେନାମଣି ନୀଳାମ୍ବର ମାଜଣା ପରେ ମଣୋହିରେ ବସିଥିଲେ । ପାଖାଳଙ୍ଗସା, ଶୁଖୁଆପୋଡ଼ା ଆଉ ପିଆଜର ନିରାଡ଼ମ୍ବର ମଣୋହି । ରାନ୍ଧୁଣି ନାନୀ ଅଳ୍ପଦୂରରେ ଚୁଲି ପାଖରେ ବସି, ଘଷି ନିଆଁରେ ଫୁଙ୍କ ଦେଉଥିଲା । ରତ୍ନମାଳୀ, ଭାଇ-ସାଆନ୍ତଙ୍କ ମଣୋହି ପାଖରେ ତଳକୁ ମୁଣ୍ଡପୋତି ଠିଆ ହୋଇଥିଲେ, ଭୂଇଁ ଉପରେ ପାଦନଖରେ ଗାର ଟାଣୁଥିଲେ । ରତ୍ନମାଳୀ କଣ ଯେପରି କହିବା ପାଇଁ ଚେଷ୍ଟାକରି, କହି ପାରୁନଥିଲେ ।

Digitized by srujanika@gmail.com

ନୀଳାମ୍ବର ମଣୋହି ସାରି, ହାତ ଧୋଇବାକୁ ଉଠିଗଲେ । ହାତ ଧୋଇସାରିବାପରେ, ରତ୍ନମାଳୀ ତାଙ୍କ ହାତକୁ ଗାମୁଛା ଆଉ ପାନବଟା ବଢ଼େଇ ଦେଇ, ଭୀରୁ, ସନ୍ତର୍ପିତ କଣ୍ଠରେ ଡାକିଲେ, ଭାଇ !

ନୀଳାମ୍ବର ହାତ ପୋନ୍ଛୁ ପୋନ୍ଛୁ ବେପରୁଆ କଣ୍ଠରେ ପଚାରିଲେ, ''କଣ କହିବୁ ?''

ରତ୍ନମାଳୀ କିଛି କହି ପାରିଲେ ନାହିଁ । ଏ ବଦ୍‌ରାଗୀ, ଦୁର୍ଦ୍ଦଣ୍ଡ ଭାଇକୁ କେବେ କିଛି କହିବା ପାଇଁ ରତ୍ନମାଳୀ ଭରସଡି ନାହିଁ । ନୀଳାମ୍ବର କହିଲେ... ''କଣ କହିବୁ ଜଲ୍ଦି କହ । ଏବର୍ଷ ମକରଯାତକୁ ଗାଁ ବାଲା ଥିଏଟର କରିବେ । ମୁଁ ନଗଲେ ରିହାର୍‌ସଲ ହୋଇ ପାରୁନାହିଁ । ମୁଁ ଡାଲିଯିବି ଅବିକା । ନୋହିଲେ ଡ୍ରାମାଟା ମାଟି ହୋଇଯିବ ।''

ରତ୍ନମାଳୀ ସାହସ ସଞ୍ଚୟ କରି କହିଲେ... ''ପଅରଦିନ ପୁଷ୍ୟାଭିଷେକ ଯେ ! ଏ ପର୍ଯ୍ୟନ୍ତ କିଛି ବନ୍ଦୋବସ୍ତ ହେଲାନାହିଁ ।''

ନୀଳାମ୍ବର କହିଲେ... ''ସେ ପାର୍ସରେ ମୁଁ ନାହିଁ ଜେମା, ମୋତେ ତା ଭିତରକୁ ଟାଣ ନାହିଁ । ଏ ଯୁଗରେ ଯଦି, ଦେବୋଉର ସମ୍ପତ୍ତି ଉପରେ ବଞ୍ଚି ରହୁଥିବା କେହି ଅପଦାର୍ଥ, ଫମ୍ପା ସାମନ୍ତବାଦର ଚଳଣି ମାନି ଭୂକ୍ଷୁଡ଼ା ବେଦୀ ଉପରେ ବସି ଅଭିଷିକ୍ତ ହେବାକୁ ଜିଦ୍ ଧରେ, ତାହାହେଲେ ସେ ପାଗଳ, ବଦ୍ଧ ପାଗଳ । ତା' ପାଗଳାମୀରେ ମୋତେ ମିଶାନା ଜେମା । ସେଥିପାଇଁ ଅନ୍ୟମାନେ ଅଛନ୍ତି ।''

ରତ୍ନମାଳୀ ଆହତ କଣ୍ଠରେ କହିଲେ... ''ତୁମେ ବାପାକୁ ଏମିତି ଅପମାନ କାହିଁକି କର କୁହ ତ । ବର୍ଷ ବର୍ଷ ଧରି ଯେଉଁ ବିଧି ଚଳି ଆସୁଛି, ସେ ବିଧି ସେ ଛାଡ଼ିବେ କିପରି ?''

ନୀଳାମ୍ବର କହିଲେ... ''ନିଜର ଜମି ଯାହାର ଚେନାଏ ନାହିଁ, ସେ ପୁଣି ସାମନ୍ତ ? ତା'ର ପୁଣି କି ଅଭିଷେକ ? ସେ ଗଢପତି ନାହାନ୍ତି, ସେ ସାମନ୍ତମାନେ ନାହାନ୍ତି ! ଜମିଦାରୀ ଗଲାଣି । ଜାଗିରି ଭୋଗୀମାନେ ଆଜି ସାମନ୍ତଙ୍କଠାରୁ ଢେର ଭଲରେ ଅଛନ୍ତି । ଆଜି ତେଣୁ ଏ ଅଭିଷେକ ପାଗଳାମୀ ଆଉ ଫାର୍ସ ନୁହେଁ ତ ଆଉ କଣ ?''

ନୀଳାମ୍ବର ଚାଲିଗଲେ ।

ରତ୍ନମାଳୀ ନିଜ ବେକରୁ ଆମ୍ବକଷିଆ ସୁନାହାର ମାଳକ କାଢ଼ିଆଣି, ଅଞ୍ଚଳରେ ବାନ୍ଧିଲେ ।

ବାହାର ପ୍ରସ୍ତରୁ ପାଟି ଗୋଳ ଶୁଭିଲାଣି । ଭିତର ଚଉପାଢ଼ିରେ ନିତିଦିନିଆ ମଜ୍‌ଲିସ୍ ଜମିଲାଣି । ଅବିକା ତା' ପାଇଁ ଡାକ ପଡ଼ିବ । କିନ୍ତୁ ଚିନି ଅଛି ତ ? ରତ୍ନମାଳୀ, ବ୍ୟସ୍ତ ଓ ବିବ୍ରତ ଭାବରେ ରନ୍ଧାଶାଳ ଆଡ଼େ ଚାଲିଗଲେ !

ଓଡ଼ିଶା ଇତିହାସର ଷୋଡ଼ଶ ଶତାବ୍ଦୀ, ମୁଣ୍ଡରେ ଛିଣ୍ଡା ମଫଲର୍ ଗୁଡ଼େଇ, ଦେହରେ ଖଣ୍ଡେ ଫିକା ହଳଦିଆ ରଙ୍ଗର ଧଡ଼ିଛିଣ୍ଡା ଶାଲ ଢାଙ୍କି, ପାକୁଆ ପାଟିରେ, ପାଟି ଚାକୁଚେଇ ଚାକୁଚେଇ, ସେମଟା ଦେହରେ, ନିର୍ବୋଧ, ପାଣିଚିଆ ଓ ଅସହାୟ ଆଖିରେ ଏଣେ ତେଣେ

Digitized by srujanika@gmail.com

ଚାହିଁ ବସିଛି ।

ଭିତର ଚୌପାଡ଼ୀ ଉପରେ ନିତିଦିନିଆ ଆସର ଜମିଲାଣି । ଦଳୀଦାଗାଁର ଯେତେକ ବେକାର, ଯେତେକ ବୁଢ଼ା, ଯେତେକ ଅଥର୍ବ ଯେତେକ ବୃତ୍ତିଭୋଗୀ ସମସ୍ତେ ଜମିଛନ୍ତି ଏଠି । ତଳେ ବିଛା ହୋଇଛି କେଉଁ ଅନାଦି କାଳର ଖଣ୍ଡେ ଛିଣ୍ଡା, ବହୁ ଜାଗାରେ ସ୍ୟାଇଡଳା ସତରଞ୍ଜି, ମେଦିନୀରାୟ ଉଆସର ଦରବାରୀ ଆସନ ! ଏ ସତରଞ୍ଜିର ସୁଦିନରେ ସୁଦ୍ଧା, ଏହା ବଣିକତନ୍ତ୍ର ଓ ହାକିମୀତନ୍ତ୍ରର ନବ୍ୟସାମନ୍ତମାନଙ୍କ 'ନବ୍ୟ ଉଆସ'ରେ ପା' ପୋନ୍ଛା କାର୍ପେଟ୍ ପାଇଁ ଯୋଗ୍ୟ ବୋଲି ବିବେଚିତ ହୁଅନ୍ତା ନାହିଁ ! ମାତ୍ର ଏବେ ବହୁ ଘୃଣିତ ସାମନ୍ତବାଦର ତାହାହିଁ ମହାସନ ।

ସାମ୍ୟବାଦ, ସାମନ୍ତବାଦର ଈର୍ଷ୍ୟାନ୍ୱିତ ପ୍ରତିବେଶୀ ।

କାନ୍ଥକୁ ଆଉଜି ବସିଛନ୍ତି ବୃଦ୍ଧ ମେଦିନୀରାୟ । ପାଚିଲା ଆମ୍ବ ପରି ଗୋରା ତକତକ ଚେହେରା, ପାକୁଆ, ସେମଟା ଗାଇ, ମୋଟା ଭୂଇଡା ତଳେ ଗହୀଡ଼ା ଆଖି, ନାକତଳେ ଦୁଇପଟ ବାଘୁଆ ନିଶ, ଦେହରେ ଖଣ୍ଡେ ପୁରୁଣା ବୁନିଆଦି ଶାଲ୍ । ଧଡ଼ିରୁ ସୁନେଲୀ, ରୂପେଲୀ ଜରିକାମର ବାହାର୍ କେବେଠୁ ନିଭିଗଲାଣି । ...ତାଙ୍କୁ ବେଢ଼ି ବସିଛନ୍ତି, ପଟୁଆରି ବୁଢ଼ା ନିତୁ ମହାନ୍ତି, ଛାମୁକରଣ ନିମେଇଁ ପଟ୍ଟନାୟକ, ପାଞ୍ଜିଆ ହରି ମହାନ୍ତି ଓ ''ଉଆସ''ର କେତେଜଣ ''ଗୋଇକ ପୁତ୍ର ।'' 'ଉଆସ'ର ଦାକ୍ଷିଣ୍ୟ ଉପରେ ନିର୍ଭର କରି ସେମାନଙ୍କର ଦିନ ଚଳେ । ପ୍ରାୟ ଅଧଘଣ୍ଟା ଆଗେ, ବାଜିଆ ଉଣ୍ଡାରୀକୁ ଚା' ଆଣିବା ପାଇଁ ହୁକୁମ୍ ହୋଇଥିଲା । ଘରେ ଚା' ଥିଲେ, ଚିନି ନ ଥିବ, ଚା' ଚିନି ଥିଲେ କ୍ଷୀର ନ ଥିବ । ମାତ୍ର ବାଜିଆ ଉଣ୍ଡାରୀ ''ଉଆସ'' ମର୍ଯ୍ୟାଦା ପଦାରେ ପକାଇ ଦେବ କିପରି ? ତେଣୁ ବାଜିଆ ଭିତର ଖଞ୍ଜାରେ ରାଛୁଣୀ ନାନୀକୁ 'ଚା' ବରାଦ ଦେଇ, ଏଣେ ସମସ୍ତଙ୍କ ଆଖି ଉଡ଼ାଳରେ ବସି, ଖରା ପୁଉଁଛି । ଚା' ଅପେକ୍ଷାରେ ସମସ୍ତେ ଯେପରି ନିରୁତ୍ସାହିତ, ଜୀବନ୍ମୃତ ପରି ବସିଛନ୍ତି... ମେଦିନୀରାୟ ସୁଦ୍ଧା ।

ମେଦିନୀରାୟ ବାଜିଆ ଉଦ୍ଦେଶ୍ୟରେ ଅଶ୍ରାବ୍ୟ ଗାଳି ବର୍ଷଣ କରି, ଦଦରା କଣ୍ଠରେ ଚିତ୍କାର କଲେ...

''ରେ ଶଳା, ହାରାମଜାଦା ବାଜିଆ । କେଉଁଠି ଶୋଇରୁରେ ଶଳା ?''

ମେଦିନୀରାୟଙ୍କର ପୁଣି କାଶ ଉଠିଲା ।

ବାଜିଆ ଅତି ସନ୍ତର୍ପଣରେ ବସିବା ସ୍ଥାନରୁ ଉଠି, ଭିତର ଖଞ୍ଜାଆଡ଼େ ଖସିଗଲା । ଜେମାଦେଇ ଚିନି ପାଇଁ କାହାକୁ ପଠାଇଛନ୍ତି, ସେ ଏ ପର୍ଯ୍ୟନ୍ତ ଫେରି ନାହିଁ ।

ଗ୍ରହବିପ୍ର କେନ୍ଦୁ ନାୟକ, କାଣ୍ଡିଆ ଖଣ୍ଡକରେ ତଦାମୁଣ୍ଡ ଆକର୍ଣ୍ଣ ଆବୃତ କରି, ପାଞ୍ଜିଖଣ୍ଡ କାଖରେ ଜାକି, ତେଣୁ ''ମଙ୍ଗଳଂ ଭଗବାନ ବିଷ୍ଣୁ, ମଙ୍ଗଳଂ ଗରୁଡ଼ଧ୍ୱଜ; ମଙ୍ଗଳଂ ପୁଣ୍ଡରୀକାକ୍ଷଂ, ମଙ୍ଗଳଂ ମଧୁସୂଦନଃ'' ଅନୁନାସିକ କଣ୍ଠରେ ଉଚ୍ଚାରଣ କରି କରି ଆସି

Digitized by srujanika@gmail.com

ପହଞ୍ଚିଗଲେ । ପ୍ରତିଦିନ ସକାଳେ ଆସି, ମେଦିନୀରାୟମାନଙ୍କ ଆଗରେ ପାଞ୍ଜି ବୋଲିବା ପାଇଁ, କେନ୍ଦୁ ନାୟକ ପୁରୁଷାନୁକ୍ରମେ ତିନିମାଣ ଜମି ଜାଗିରି ଭୋଗ କରି ଆସୁଅଛନ୍ତି । ସେଥିପାଇଁ, ସେ ମେଦିନୀରାୟଙ୍କ ସାମନାରେ ଠିଆହୋଇ, ମୁଣ୍ଡରେ ପ୍ରଥମେ ପାଞ୍ଜି ଛୁଆଇ, ପଢ଼ିଗଲେ ...ଧନୁ ଦି21ନ, ପୌଷ 14 ଶନିବାସରେ, ଯୋଗିନୀ ପଶ୍ଚିମେ ରାତ୍ରି ଘ.3.38 ଗତେ...''

ବାଜିଆ ଭଣ୍ଡାରୀ ଗୋଟାଏ ପିତ୍ତଳ ଲୋଟାରେ ଲୋଟାଭରି ଚା' ଆଉ କେତେଟା କାଚ ଓ ପିତ୍ତଳ ଗ୍ଲାସ୍ କାଖରେ, ହାତରେ ଜାକି ଆସି ପହଞ୍ଚିଗଲା । କେନ୍ଦୁ ନାୟକଙ୍କ ପାଞ୍ଜିପାଠ ଉପରେ ଆଉ କାହାରି ମନୋଯୋଗ ରହିଲା ନାହିଁ । ସମସ୍ତେ ଉଦ୍‌ଗ୍ରୀବ ହୋଇ ବାଜିଆ ଭଣ୍ଡାରୀ ଆଡ଼େ ଚାହିଁଲେ ।

ଚା' ପର୍ବ ଶେଷ ହେବା ପରେ, କେନ୍ଦୁ ନାୟକ କହିଲେ... ''ଦେବାଭିଷେକ କାଲି, ପୌଷ 15 ଦିନ, ପଅର ଦିନ ରାଜାଭିଷେକ, ମଙ୍ଗଳବାର । ଏ ବର୍ଷ କଣ ହେଉଛି ପଟ୍ଟୱାରିଏ ?''

ନିତୁ ମହାନ୍ତି, ଯେପରି ଏଇ ଆଲୋଚନାକୁ ଏତେ ସମୟ ଧରି ଏଡ଼ିବା ପାଇଁ ଚେଷ୍ଟା କରି ଆସୁଥିଲେ । କେନ୍ଦୁ ନାୟକଙ୍କ ପ୍ରଶ୍ନରେ, ସେ ଥରେ ଦୁଇଥର, ଅକାରଣରେ ଗଳା ଖଙ୍କାର ମାରି କହିଲେ...

''ଏ ଯୁଗ ତ ବଦଳିଗଲା । କେତେ ସାନ୍ତମାନଙ୍କ ଘରେ ପୁଷ୍ୟାଭିଷେକ ବନ୍ଦ ହୋଇଗଲାଣି । ତିନିବର୍ଷ ହେଲା ମିରିଗଡ଼ିଆଁ ରାୟସାନ୍ତଙ୍କ ଘରେ ତ ଆଉ ରାଜାଭିଷେକ ହେଉନାହିଁ, ଖାଲି ଦେବାଭିଷେକରେ ବିଧି ସରୁଛି । ଦେବୋଉର ଅଛି ବୋଲି ଦେବାଭିଷେକ ଯେନ ତେନ ଚଳୁଛି, ନୋହିଲେ ସେତକ ସୁଦ୍ଧା ବନ୍ଦ ହୋଇଯାନ୍ତା ।''

ମେଦିନୀରାୟ ବାଘୁଆ ନିଶ ଦୁଇପଟ ଆଉଁଷି, ଆଉଁଷି ପଟୁଆରୀଙ୍କ କଥା ଶୁଣୁଥିଲେ । ନିତୁ ମାହାନ୍ତିଙ୍କ କଥା ଶେଷ ନ ହେଉଣୁ, ସେ ଖିଙ୍କାରୀ ଉଠି କହିଲେ... ''ମିରିଗଡିଆଁ ରାୟଘର, କେବେଠୁ ସାଆନ୍ତ ହେଇ ହୋ ? ବାଇଶ ମାହାଲିଆ ରାଉତ ଥିଲେ, ତିନି ଚାରି ପୁରୁଷ ତଳୁ ରାୟ ହୋଇଛନ୍ତି । ତାଙ୍କ ଘରେ ରାଜାଭିଷେକ ବନ୍ଦ ହେଲା ବୋଲି, ଆମ ଘରେ ବନ୍ଦ ହୋଇଯିବ ?''

ମେଦିନୀରାୟ ପୁଣି କାଶି ଉଠିଲେ ।

ଗୋଳକ-ପୁତ୍ରମାନଙ୍କ ମଧ୍ୟରେ ନରସିଂହ ମହାପାତ୍ରେ, ଯିଏ ଆସି ଅଭିଷେକ ବେଳେ ବେଦୀ ପାଖରେ ଚାମର ଧରି ଠିଆ ହୁଅନ୍ତି, କହିଲେ ''ନାଇଁ, ନାଇଁ ସେ ବିଧି ଆମେ ଛାଡ଼ିବୁ କେମିତି ? ଏ ଆମ ଜାତିକୁ ନିନ୍ଦା, କୁଇକୁ କଳଙ୍କ, ଏଥିରେ କଣ ଭାରି ପଇସା ଖର୍ଚ୍ଚ ହୋଇଯିବ ଯେ; ମହୁରିଆ ଡୋଲିଆ ଆସିବେ । ସେମାନଙ୍କୁ ମୁଠାଏ ମୁଠାଏ ଖାଇବାକୁ ଦେଲେ ହେଲା । ଚୂଆ ଲୁଗା କଣ ସମସ୍ତେ ଦେଉଛନ୍ତି ? ଯାହାର ସଖ୍ୟ ହେଉଛି ଦେଉଛି,

Digitized by srujanika@gmail.com

ଯାହାର ନ ହେଉଛି, ସେ ନ ଦେଉଛି । ଆମେ ଏବେ ନ ଦେବା । ସମସ୍ତେ ତ ଜାଗିରି ଭୋଗୁଛନ୍ତି । ଆମେ ବିଧି ଛାଡ଼ିବା କିପରି ?''

ନିତୁ ମାହାନ୍ତି କହିଲେ... ''ଏଇଠି ପିଣ୍ଡା ଉପରେ ବସି ଖାଲି ଗୁଡ଼ାଏ କହି ଯାଉଛ, ନା କିଛି ବୁଝୁଛ ? ଗଉଡ଼ମାନେ କହୁଛନ୍ତି, ସେମାନେ ଛତି ଧରିବାକୁ ଆସିବେ ନାହିଁ । ଛତି ଧରିଲେ, ସୁଆରି କାନ୍ଧେଇଲେ, କୁଆଡ଼େ ସେମାନଙ୍କ ଜାତି ବାସନ୍ଦ ହୋଇଯିବ ।''

ମେଦିନୀରାୟ ଚିତ୍କାର କରି ଉଠିଲେ...

''କୋଉ ଶଳା ଏକଥା କହୁଛି ? ଧରି ଆଣ, ଧରି ଆଣ ତାକୁ, ଏଇ ନଡ଼ିଆ ଗଛରେ ଇଙ୍ଗଚ ଦଉଡ଼ାରେ ବାନ୍ଧି, ପିଟାଅ ପାଣଙ୍କ ହାତରେ ।''

ନିତୁ ମହାନ୍ତି କହିଲେ... ''ନାଇଁ ସାନ୍ତେ, ପିଟା ପିଟି କଥା କଣ ଆଜିକାଲି ଦିନେ ଆଉ ଚଳୁଛି ? ମୁଁ ସେମାନଙ୍କୁ ମଙ୍ଗେଇଛି । ସେମାନେ କହନ୍ତି, ଦାଣ୍ଡଘରେ ବସିବେ, କଂସାରେ ଖାଇବେ, ଆଉ ଜଣପିଛା ଚାରଣା ପାଇଲେ ଆସି ନିଯୋଗ ଖଟିବେ ।''

ମେଦିନୀରାୟ କହିଲେ... ''ହଉ ନିଅନ୍ତୁ ପଇସା, ଆମ ନିଯୋଗ ସେମାନେ, ଆମେ ସେମାନଙ୍କୁ ମନଖୁସିରେ ଦେବା । ଆଉ ସେମାନେ ଆସିବେ ନାହିଁ ? ଛାତିରେ ଏତେ ବହପ ଅଛି ସେମାନଙ୍କର ?''

ମେଦିନୀରାୟ ପୁଣି ଧକେଇଲେ ।

ବାଜିଆ ଭଣ୍ଡାରୀ ବସିଥିଲା । ଗଉଡ଼ମାନେ; କଂସାରେ ଖାଇବେ ଶୁଣି, ସେ ଦୁଇହାତ ଯୋଡ଼ି କହିଲା... ''ହଜୁର ସାନ୍ତେ, ଗଉଡ଼ମାନେ କଂସାରେ ଖାଇ, ନିଜ ହାତରେ କଂସା ଧୁଅନ୍ତୁ ପଛେ; ଆମେ ଧୋଇବୁ ନାହିଁ । ଗଉଡ଼ଙ୍କର ଖାଲି ଜାତି ଅଛି, ଆଉ ଆମର କଣ ଜାତି ନାହିଁ ?''

ଏ ସବୁ ଆଲୋଚନା ବନ୍ଦକରିବା ଉଦ୍ଦେଶ୍ୟରେ, ମେଦିନୀରାୟ ସିଦ୍ଧାନ୍ତ ସ୍ପଷ୍ଟ ଶୁଣାଇ ଦେଲେ... ''ନା, ନା, ଆମର ପୁଷ୍ୟାଭିଷେକ ହେବ; ବର୍ଷ ବର୍ଷ ଧରି ଯେମିତି ହୋଇ ଆସୁଛି, ସେମିତି ହେବ !''

ତା'ପରେ ସବୁ ଆଲୋଚନା ବନ୍ଦ ହୋଇଗଲା । ମେଦିନୀରାୟଙ୍କ କଥା ଉପରେ ଆଉ କିଏ କିଛି କହିଲେ, ଅବିକା ଦୋଅକ୍ଷରି ଆରମ୍ଭ ହୋଇଯିବ !

ପଟଉଆରା ନିତୁ ମାହାନ୍ତି ମନେ ମନେ ଆତଙ୍କିତ ହୋଇ ପଡ଼ିଥିଲେ, ସମସ୍ତଙ୍କୁ ଦିଓଳି ମୁଠାଏ ମୁଠାଏ ଖାଇବାକୁ ଦେବାପାଇଁ ସମ୍ବଳ ନାହିଁ । ଗଉଡ଼ମାନଙ୍କୁ ବିଦାକୀ ତ ଦୂରର କଥା ! ସବୁ ଚପଟ ଶେଷକୁ ପଡ଼ିବ ଆସି ତାଙ୍କରି ଉପରେ ।

ସମସ୍ତେ ଚୁପ୍‌ଚାପ୍ । ଖରା ଯେତିକି ବଢୁଛି, ଦେହକୁ ସେତିକି ମୋଲାୟେମ୍ ଲାଗୁଛି । ବୃଦ୍ଧ ଜଗବନ୍ଧୁ ମେଦିନୀରାୟ ସାମନାରେ ସୁନେଲୀ ଖରା ଆଡ଼େ ଶୂନ୍ୟ ଆଖିରେ ଚାହିଁ ଭାବୁଥିଲେ, ଅତୀତରେ ବହୁ ପୁଷ୍ୟାଭିଷେକର ସ୍ମୃତି । ତାଙ୍କ ବାପା କୃପାସିନ୍ଧୁ ମେଦିନୀରାୟଙ୍କ

Digitized by srujanika@gmail.com

ଅମଳରେ, ଏହି ଦିନ କେତେ ଉତ୍ସବ ହେଉ ନଥିଲା... !

କୃପାସିନ୍ଧୁ ମେଦିନୀରାୟଙ୍କ ଶବ ତେଣେ ପଡ଼ିଛି । ଏହି ଚଉପାଡ଼ି ସବୁଆଡ଼େ କାନ୍ଦବୋବାଳୀ । ତାରି ଭିତରେ ସୁଦ୍ଧା ଶଙ୍ଖଧ୍ୱନି ଆଉ ତିନିଖଣ୍ଡିଆ କାହାଳୀ ବାଜି ଉଠିଲା । ଜଗବନ୍ଧୁଙ୍କ ବୋଉ, ଆଖିରୁ ଲୁହ ପୋଛି, ଜଗବନ୍ଧୁଙ୍କ ମୁଣ୍ଡରେ ଶାଢ଼ୀ କାନିରୁ ଧଡ଼ି ଛିଣ୍ଡାଇ; ମାତୃଶିରୀପା ବାନ୍ଧି ଦେଲାବେଳେ, ତାଙ୍କ କପାଳ ଉପରେ କେଇ ବିନ୍ଦୁ ତତଲା ଲୁହ ଝରି ପଡ଼ିଥିଲା ! ସେଦିନ ଲୁହରେ ତାଙ୍କର ଅଭିଷେକ ହୋଇଥିଲା !

ଜଗବନ୍ଧୁ ମେଦିନୀରାୟ, ଚିତ୍କାର କରି ଉଠିଲେ... ''ମିରିଗଡିଆଁ ବାଇଶ ମାହାଲିଆ ରାଉତଘର ପୁଷ୍ୟାଭିଷେକ ଛାଡ଼ିଲେ ବୋଲି, ଆମେ ପୁଷ୍ୟାଭିଷେକ ଛାଡ଼ି ପାରିବୁ ନାହିଁ । ଅଭିଷେକ ହେବ, ଅଲ୍‌ବତ ହେବ । ଗଜପତି ଆମକୁ ସୁଦ୍ଧା ମାନରେ ସରି ନୁହନ୍ତି ।''

* * *

ଖଣ୍ଡିଆ, ଉଇଖିଆ, ବର୍ଷାଧୁଆ ମେଦିନୀରାୟ ଉଆସ ଅଗଣାରେ, ଶୁକ୍ଳା ଦ୍ୱାଦଶୀର ଜହ୍ନ ଆଲୁଅ ପଡ଼ି ହସୁଛି !

ହସୁଛି ନା ଉପହାସ କରୁଛି ?

ଦିନେ ହସୁଥିଲା, ମାତ୍ର ଆଜି ଉପହାସ କରୁଛି । ମେଦିନୀରାୟ ''ଉଆସ'', ପୁଣି ଅତୀତ ଶତାବ୍ଦୀର ଛିଣ୍ଡାକନ୍ଥା ଭିତରେ ଢୁଳେଇ ପଡ଼ିଲାଣି । ନାନୀ, ରାହୁଣୀ ବୁଢ଼ୀମାନେ, କେଉଁଠି କେଉଁଠି ଉଷୁମ କୋଣରେ କୁଣ୍ଡଳୀ ମୋଡ଼ି, ଶୋଇ ପଡ଼ିଲେଣି । ଉଆସ - ଦେଉଳରେ ବ୍ରଜବନ୍ଧୁ ଶତପଥୀଙ୍କ ପୁରାଣବୋଲା ସରିଗଲାଣି । ବାହାର ପ୍ରସ୍ତରୁ, ଜଗବନ୍ଧୁ ମେଦିନୀରାୟଙ୍କ ପହଡ଼ଘରୁ, ଖୁଁ ଖୁଁ କାଶ, ରହି ରହି ଶୁଭୁଛି । ମେଦିନୀରାୟ ଶୋଇ ନାହାନ୍ତି । ଅଫିମ ନିଶାଟା ଏବେ ସଦ୍ୟ ଲାଗି ଆସୁଅଛି । ବାଜିଆ ଭଣ୍ଡାରୀ, କେଉଁ ସ୍ମରଣାତୀତ କାଳରୁ ତା'ର ପୂର୍ବ ପୁରୁଷମାନେ ଠିଆହୋଇ ଆସିଥିବା ସ୍ଥାନରେ, ଠିଆହୋଇ, ମେଦିନୀରାୟଙ୍କ ପାଦରେ ଉଷୁମ ସୋରିଷ ତେଲ ମାଲିସ୍ କରୁଅଛି ।

...ରତ୍ନମାଳୀ, ଭିତରପ୍ରସ୍ଥ ଗମ୍ଭିରୀ ପିଣ୍ଡାରେ ବସି, ନଡ଼ିଆବାଡ଼ୀର ବାଉଳାଉପରେ ଚକ୍‌ଚକ୍ କରୁଥିବା ଜହ୍ନଆଲୁଅ ଆଡ଼େ, ଶୂନ୍ୟଦୃଷ୍ଟିରେ ଚାହିଁ ବସିଥିଲେ । ନୀଳାମ୍ବର ଥିଏଟର୍ ରିହାରସଲ୍‌ରୁ କେତେବେଳେ ଫେରିବେ କେଜାଣି ? ଜଗବନ୍ଧୁ ମେଦିନୀରାୟ ଶୋଇବା ଆଗରୁ, ତାଙ୍କ ପାଇଁ ହୁକା ସାଜି ନେବା ରତ୍ନମାଳୀଙ୍କର ପ୍ରତିଦିନର ଶେଷକାର୍ଯ୍ୟ । ସା'ନ୍ତାଣୀ ବଞ୍ଚିଥିବା ବେଳେ, ତାହା ତାଙ୍କର ନିତ୍ୟନୈମିତ୍ତିକ କାର୍ଯ୍ୟ ଥିଲା । ସା'ନ୍ତାଣୀଙ୍କ ଅନ୍ତେ, ରତ୍ନମାଳୀ ସେ କାର୍ଯ୍ୟ କରି ଆସୁଅଛନ୍ତି ।

...ରତ୍ନମାଳୀ ସେହି ଅପେକ୍ଷାରେ ବସିଛନ୍ତି ।

କି ଗୋଟାଏ ପକ୍ଷୀର ଅଶାନ୍ତ ଚିତ୍କାରରେ ରାତ୍ରିର ଶାନ୍ତ ସ୍ତବ୍ଧତା, ମୁହୂର୍ତ୍ତକ ପାଇଁ ବିଦୀର୍ଣ୍ଣ ହୋଇଗଲା । ଅଦୂରର ତାଳମାଳ ଭିତରେ ସେ ଚିତ୍କାର ଧୀରେ ଧୀରେ କ୍ରମେ ପୁଣି

Digitized by srujanika@gmail.com

ମିଳାଇଗଲା । ପତଳା କୁହୁଡ଼ିଢଙ୍କା ରାତି ପୁଣି ଶୋଇବା ପାଇଁ, ଯେପରି କଡ଼ ଲେଉଟାଇଲା ।

...ମେଦିନୀରାୟ ତଥାପି ଖୁଁ - ଖୁଁ ହୋଇ କାଶୁଥିଲେ ।

ରାତି କେତେଟା ବାଜିବ କେଜାଣି ?

ଭାତଖିଆ ପହର କେତେବେଳୁ ଗଡ଼ିଗଲାଣି ।

ସବୁଆଡ଼ ନିଃଶବ୍ଦ ।

ଅମାର ଖଞ୍ଜାରେ ମୂଷାଗୁଡ଼ାକର ଧାଁଧପଡ଼ ସୁଦ୍ଧା ଶୁଭୁଛି । ରତ୍ନମାଳୀଙ୍କ ବହୁଆଦରରେ ପାଳିତ ମାର୍ଜାରପଇ, ଏଣେ ତେଣେ ସେହିମାନଙ୍କର ସନ୍ଧାନରେ ଧାଇଁଛନ୍ତି ।

ବେଳେ ବେଳେ କାନପାତି ଶୁଣିଲେ, ବାଢିଆ ଭଣ୍ଡାରୀ ଆଉ ଜଗବନ୍ଧୁ ମେଦିନୀରାୟଙ୍କ ମଧ୍ୟରେ କଥାବାର୍ତ୍ତା ଅସ୍ପଷ୍ଟ ଭାବରେ ମଧ୍ୟ ଶୁଭୁଛି ।

ବାଢିଆ ଭଣ୍ଡାରୀ କହୁଥିଲା, ମନ୍ତ୍ରୀ ଆସିଥିଲେ ସୁନ୍ଦରପଦା ଗାଁକୁ । ତୋରଣ ସଜା ହୋଇଥିଲା, ଦୁଆରେ ଦୁଆରେ ପୂର୍ଣ୍ଣକୁମ୍ଭ ବସିଥିଲା । ମେଦିନୀରାୟଙ୍କ ଅଫିମରଙ୍ଗା ସ୍ମୃତିଲୋକରେ ନାଚି ଉଠୁଥିଲା, ଅତୀତରେ ନିଜ ଇଲାକା ବୁଲିଯିବାର କେତେ ଦୃଶ୍ୟ ! ଆଖି ଆଗରେ ଭାସି ଉଠୁଥିଲା, ତାଙ୍କ ବାପା କୃପାସିନ୍ଧୁ ମେଦିନୀରାୟଙ୍କ ଦୁଇପଟ ବାଘୁଆ ନିଶ, ଆଉ କପାଳରେ ସିନ୍ଦୂର କଲୀ । ଢେଙ୍କେବାପା ନରସିଂହ ମେଦିନୀରାୟଙ୍କ ଛବି ମଧ୍ୟ ବେଳେ ବେଳେ ତାଙ୍କ ଆଖି ଆଗରେ ଝଲସି ଉଠୁଥିଲା । ଗର୍ଭିଣୀଗାଈ ମଧ୍ୟ ତାକୁ ବାଟ ଛାଡୁଥିଲା । ପାଲିଙ୍କି ଚଢ଼ି, ସେ ଇଲାକା ବୁଲି ଯାଉଥିଲେ ।

ଜଗବନ୍ଧୁ ନିଦରେ ବିଡ଼ିବିଡ଼େଇଲା ପରି କହିଲେ... ''ବୁଝିଲୁ ବାଢିଆ, ଗଜପତି ରାଜା, ଆମମାନଙ୍କୁ ମାନରେ ସରି ନୁହନ୍ତି । ଗଜପତିଙ୍କ ଉଆସରେ ନିମିର ହେଲେ ଆମଘରେ ଗୁଆ ପଡୁଥିଲା ।''

ବାଢିଆ ନିଦରେ ତୁଚାଉ ତୁଚାଉ କହିଲା... ''ଇଏତ ଛାମୁ, ଆମ ଆଖିଦେଖା କଥା । ଛାମୁଙ୍କ ମଙ୍ଗଳକୃତ୍ୟ ବେଳେ, ବୁଢ଼ା ସାନ୍ତେ ମୋ ହାତରେ ପରା ପୁରୀ ଉଆସକୁ ଗୁଆ ପଠାଇଥିଲେ ।''

ଜଗବନ୍ଧୁଙ୍କଠାରୁ ବାଢିଆ ବୟସରେ ଦଶବର୍ଷ ସାନ ! ମାତ୍ର ଉଭୟ ଐତିହାସିକଙ୍କ ଇତିହାସରେ, ଘଟଣା ଅପେକ୍ଷା କଳ୍ପନା ବୃହତ୍ତର ସତ୍ୟ !

ବାଢିଆ କହି ଆସୁଥିଲା, ମାତ୍ର କହିଲା ନାହିଁ... ''ସାନ୍ତେ ଯୁଗ ବଦଳୁଛି, ଯୁଗ ବଦଳୁଛି । ମତେ ନିଦ ମାଡ଼ିଲାଣି ।''

ନୂଆ ଠେକିରେ, ପୁରୁଣା ରହଣିଆ ଘିଅ ଢଳା ହେଉଛି । ମାତ୍ର ହଳଦୀଗାଁ ଉଆସର ଭଙ୍ଗାକୁଡ଼ ଭିତରେ, ପୁରୁଣା ଠେକି ଭାଙ୍ଗି, ଧୀରେ ଧୀରେ ମାଟିରେ ମିଶି ଯାଉଅଛି । ନୂଆ ଘିଅ ନାହିଁ; ସେଥିପାଇଁ ସମ୍ବଳ ମଧ୍ୟ ନାହିଁ !

ଗଜପତିଙ୍କ ସାମନ୍ତମାନେ ଯାଇଛନ୍ତି । ତାଙ୍କ ସ୍ଥାନରେ ଆସିଛନ୍ତି ବଣିକତନ୍ତ୍ର ଓ

Digitized by srujanika@gmail.com

ଶାସନତନ୍ତ୍ରର ନବ୍ୟ-ସାମନ୍ତମାନେ ।

ଛିଣ୍ଡାକନା ଆଉ କମ୍ବଳରେ ଢାଙ୍କିହୋଇ ଜଗବନ୍ଧୁ ମଉଜରେ ବଢୀୟାର ମେଦିନୀରାୟ ଭାବୁଛନ୍ତି, ପୁଷ୍ୟାଭିଷେକ କଥା ।

ଖୁଁ - ଖୁଁ କାଶି, ଜଗବନ୍ଧୁ ମେଦିନୀରାୟ ଚିତ୍କାର କରି ଉଠିଲେ... ''ବୁଝିବୁ ବାଜିଆ, ମଲା ହାତୀ ବି ଲାଖେ ଟଙ୍କା । ସବୁ ସିନା ଉଡ଼ିଯିବ, ଭାଙ୍ଗିଯିବ, ହଜିଯିବ... ଏଗାର ପୁରୁଷର ଖାନ୍ଦାନ୍ ଯିବ କୁଆଡ଼େ ?''

ଜଗବନ୍ଧୁ ମେଦିନୀରାୟ, ବାଜିଆ କଥାରେ ଉତ୍ସାହିତ ହୋଇ କହିଲେ... ''ଶଳା ନିଡୁ ମାହାନ୍ତି କହୁଛି, ମିରିଗଡ଼ିଆଁ ରାଉତଘର ପୁଷ୍ୟାଭିଷେକ ବନ୍ଦ କଲେଣି, ଆମେ ସେଥିପାଇଁ ବନ୍ଦ କରିଦେବା । ଲାଥି ମାର୍ ତା ମୁହଁରେ ।''

ବାଜିଆ କହିଲା... ''ମାହାନ୍ତିଗୁଡ଼ା ବଡ଼ି ବଡ଼ି ଜରଣ, ଛିଡ଼ି ଛିଡ଼ି ଚଷା । ନିଡୁ ମାହାନ୍ତି କ'ଣ ବୁଝିବ ଖାନ୍ଦାନି ?''

ଜଗବନ୍ଧୁ ପ୍ରସନ୍ନ ହୋଇ ବର ଦେଲାଭଳି କଣ୍ଠରେ କହିଲେ... ''ଏଥର ପୁଷ୍ୟାଭିଷେକରେ, ତମ ଘରୁ ସମସ୍ତଙ୍କୁ ଆଣିବୁ । ମାଇପେ ବି ଆସିବେ । ଜେମା ପାଖରେ ଅଳି କରିବୁ, ନୂଆଲୁଗା ଥିଲେ ଖଣ୍ଡେ ଖଣ୍ଡେ ଦେବ ।''

ବାଜିଆ ଭଣ୍ଡାରୀ, ଶୁଖିଲା କାଠରୁ ସୁଦ୍ଧା ପାଣି ବାହାର କରି ଜାଣେ । କେତେଦିନୁ ଖଣ୍ଡେ ନୂଆ ଲୁଗା ପାଇଁ, ସେ ବୁଢ଼ା ପାଖରେ ଅଳି ଲଗାଇଥିଲା ।

ଜଗବନ୍ଧୁ ପୁଣି କାଶି ଉଠିଲେ । ବାଜିଆ, ସେହି ଅବସରରେ ଉଠି ବାହାରକୁ ଚାଲିଗଲା ।

ଭିତରେ ଖଞ୍ଜାରୁ, ଜେମା ହାତର ଚୁଡ଼ୀ ଆଉ ପାଦର ନୂପୁର ଶବ୍ଦ, ବେଳେ ବେଳେ ଝିମ୍ ଝିମ୍ ଶୁଭୁଛି ।

ଦୁଶ୍ଚିନ୍ତାର ଦାରୁଣ କଷାଘାତରେ, ଜଗବନ୍ଧୁ ଆର୍ତ୍ତନାଦ କରି, ବିଛଣା ଉପରେ ଉଠି ବସିଲେ ।

ସମସ୍ତେ ଜାଣନ୍ତି, ରତ୍ନମାଳୀକୁ କୋଡ଼ିଏ ଚାଲୁଛି । ମାତ୍ର ମେଦିନୀରାୟ ଜାଣନ୍ତି, ସାନ ଜେମା ପଚିଶ ଡେଇଁଲାଣି । ହେମମାଳୀର ମଙ୍ଗଳକୃତ୍ୟ ତ ବଢ଼ିଲା ତିରିଶ ବର୍ଷରେ ! କାଳିକାପୁର ଦନେଇ ପଧାନ ପୁଅ ବାନାମ୍ବର ପଧାନ, ଇଂରେଜୀ ପଢ଼ା ପଢ଼ିଛି, କଟକରେ ପୀତାମ୍ବର ସାଙ୍ଗରେ ଏକା ଅଫିସରେ କାମକରେ । ରତ୍ନମାଳୀର ମଙ୍ଗଳକୃତ୍ୟ ପ୍ରସ୍ତାବ ସେଇଠି ପଡ଼ିଥିଲା । ଦେବା ନେବା ସେମାନେ ଚାହାନ୍ତି ନାହିଁ । ଝୋଟଚାଷ କରି ଦନେଇଁ ପଧାନ ହାଲକୁ ବଡ଼ଲୋକ ହୋଇଛି, ରାତି ଅଧରେ ସେ ଦଶହଜାର ଟଙ୍କା ଗଣିଦେବ । ଓଇଟି ଦନେଇଁ ପଧାନ କିଛି ଦେଇପାରେ ! ପୀତାମ୍ବର, ପାର୍ବଣ ଛୁଟିରେ ଗାଁକୁ ଆସିଥିଲା ବେଳେ, ସେହି ପ୍ରସ୍ତାବ ଧରି ଆସିଥିଲା । ମାତ୍ର ମେଦିନୀରାୟ ଏ କଥାରେ ରାଜିହେବେ କିପରି ?

Digitized by srujanika@gmail.com

କାଳିକାପୁରର ପଧାନମାନେ ଯେ ମେଦିନୀରାୟମାନଙ୍କର ପାଇକାଳି ପ୍ରଜା ! ଦନେଇଁ ପଧାନ ଝୋଟଚାଷ କରି ହୋଇଥାଉ ପଛେ ବଡ଼ଲୋକ ।

ରତ୍ନମାଳୀ ଭିତର ଖଞ୍ଜାରେ, ଜଗବନ୍ଧୁଙ୍କ ଟିକିଆରେ ରଡ଼ନିଆଁ ଖଣ୍ଡ ପୁଙ୍କି, ହୁକା ତିଆରି କରୁଥିଲେ ।

ଏ ହୁକା ଜଗବନ୍ଧୁ ମେଦିନୀରାୟଙ୍କଠାରୁ ଆଉରି ପୁରାତନ । ଏଥିରେ ରତ୍ନମାଳୀଙ୍କ ପିତାମହୀଙ୍କ ନିଃଶ୍ୱାସ ସୁଦ୍ଧା ମିଶିଛି; ନରସିଂହ ମେଦିନୀରାୟ ଏଥିରୁ ଧୂଆଁ ଟାଣିଛନ୍ତି ! ମାତ୍ର ସେ ରୂପାର ନଳ ନାହିଁ । ରବରନଳୀ ଖଣ୍ଡେ ଲାଗିଛି । ସେ ସୁନେଲୀ ଝାଲର ମଧ୍ୟ କୁଆଡ଼େ ଛିଣ୍ଡି ପଡ଼ିଲାଣି ।

ରତ୍ନମାଳୀ ଗୋଟାଏ ହାତରେ ଜଳନ୍ତା ହୁକାଟା ଧରି, ଜଗବନ୍ଧୁଙ୍କ ଶୋଇବା ଘର ଭିତରକୁ ଅତି ସନ୍ତର୍ପଣରେ ଆସିଲେ ।

ଜଗବନ୍ଧୁ ଖଟବାଡ଼ା ଉପରେ ଗୋଟାଏ ମାଣ୍ଡିରେ ଡିରାଦେଇ, ଘର ଭିତରେ, ଲଣ୍ଠନ ଆଲୁଅମିଶା ଅନ୍ଧାର ଭିତରକୁ ଚାହିଁ ବସିଥିଲେ ।

ରତ୍ନମାଳୀ ନିତ୍ୟଅଭ୍ୟସ୍ତ ରୀତିରେ, ହୁକାଟା ଆଣି, ଜଗବନ୍ଧୁଙ୍କ ପଲଙ୍କ ପାଖରେ ଖଣ୍ଡେ ଖଟୁଲୀ ଉପରେ ରଖି, ନଳୀଟା ଜଗବନ୍ଧୁଙ୍କ ହାତକୁ ବଢ଼ାଇଦେଲେ ।

ଜଗବନ୍ଧୁ ଦୁଇଓଠରେ ନଳୀଟା ଚାପି, ଥରେ ଧୂଆଁ ଟାଣିଲେ । ଧୂଆଁର କୁଣ୍ଡଳୀ ଭିତରେ, ତାଙ୍କର ମୁହୂର୍ତ୍ତକ ପୂର୍ବର ସବୁ ବିଷାଦ ଧୀରେ ଧୀରେ କଟିଗଲା । ରତ୍ନମାଳୀ ଖଟୁଲୀ ପାଖରେ ବସିପଡ଼ି, ଟିକିଆନିଆଁରେ ଧୀରେ ଧୀରେ ଫୁଙ୍କ ଦେଲେ । ଟିକିଆନିଆଁର ଝଲକରେ ରତ୍ନମାଳୀଙ୍କର ମୁହଁର ଗୋଟିଏ ଅଂଶ କ୍ଷଣତ୍ ଆଲୋକିତ ହୋଇ, ଆଉରି ବିଷଣ୍ଣ ଦିଶୁଥିଲା । ଜଗବନ୍ଧୁ ସେ ଆଡ଼େ ଚାହିଁ ପାରିଲେ ନାହିଁ ।

କେତେକ୍ଷଣ ନୀରବରେ କଟିଗଲା ।

ଜଗବନ୍ଧୁ କହିଲେ... ''ପଅର ଦିନ, ମଙ୍ଗଳବାର ପୁଷ୍ୟାଭିଷେକ ।''

ରତ୍ନମାଳୀ କହିଲେ... ''ମୁଁ ଜାଣିଛି ବାପା ।''

''ବେଦୀ ଉପରେ ଚମ୍ଭାରମାନେ କାଲିଠୁ ଛାମୁଡ଼ିଆ ବାନ୍ଧି ଯାଇଛନ୍ତି । ମୁଁ ସେଥିରେ ଆଜି ଚିତା ଲେଖେଇ ଦେଇଛି ।''

ଜଗବନ୍ଧୁ, ଭୀରୁ, ସନ୍ତର୍ପିତ କଣ୍ଠରେ ପଚାରିଲେ... ''ଛାମୁଡ଼ିଆ ବାନ୍ଧିବା ପାଇଁ ଚମ୍ଭାରମାନେ ପଇସା ମାଗିଲେ ନାହିଁ ?''

ରତ୍ନମାଳୀ କହିଲେ... ''ସେମାନେ ତ ଜମି ଖାଉଛନ୍ତି; ପଇସା ମାଗିବେ କାହିଁକି ? ଯାହା କରିବା କଥା, ଆସି କରି ଯାଉଛନ୍ତି ।''

ଜଗବନ୍ଧୁ ହୁକାନଳୀରୁ କଳେ ଧୂଆଁ ଛାଡ଼ି କହିଲେ...

''ଗଉଡ଼ମାନେ କାଢେ କହୁଛନ୍ତି, ପଇସା ନ ପାଇଲେ ସେମାନେ ଛତି ଧରିବାକୁ

Digitized by srujanika@gmail.com

ଆସିବେ ନାହିଁ ।''

ରତ୍ନମାଳୀ କହିଲେ - ''ମତାଣିଆ ଲୋକେ, ସେମାନଙ୍କୁ ମତାଉଛନ୍ତି । ଛତିଟା ଆସି ଦଣ୍ଡେ ଧରିଦେଲେ, କୋଉ ମହଡଟା ତଳେ ପଡ଼ି ଯାଉଛି ଯେ ! ପଇସା ନେଲେ ନେବେ !''

ଜଗବନ୍ଧୁ କହିଲେ... ''ମୁଠାଏ, ମୁଠାଏ ସମସ୍ତେ ଖାଇବେ ।''

ରତ୍ନମାଳୀ ହସିବାର ଚେଷ୍ଟାକରି କହିଲେ, ''ତା' ଆଉ ଖାନ୍ତେ ନାହିଁ ! ଆପଣ ଏତେ ଭାବୁଛନ୍ତି କାହିଁକି ?''

ଜଗବନ୍ଧୁ କହିଲେ... ''ବାଜିଆକୁ ଖଣ୍ଡେ ନୂଆଲୁଗା ଦେବୁ । ବଡ଼ ନିମକସଟା ଲୋକ । ତା ଘରର ସମସ୍ତେ ଆସିବେ ବୋଲି, ମୁଁ ତା'କୁ କହିଛି ।''

ରତ୍ନମାଳୀ କିଛି କହିଲେ ନାହିଁ । ନିରୁତ୍ତର ଭାବରେ, ନୀରବରେ ସେ ଉଠୁଥିଲେ । ଜଗବନ୍ଧୁ କହିଲେ... ''ଏ ମାଣ୍ଡିଟା ଟିକିଏ ଉଠେଇ ଦେ'ତ ମା !''

ଯେଉଁ ମାଣ୍ଡି ଦେହରେ ଜଗବନ୍ଧୁ ଆଉଜି ବସିଥିଲେ, ରତ୍ନମାଳୀ ସେ ମାଣ୍ଡିଟା ଧୀରେ ଧୀରେ ଉଠାଇ ଦେଲେ । ଜଗବନ୍ଧୁ ପଚାରିଲେ... ''ପୀଠୁ ଜଣ କେତେଟା ଟଙ୍କା କଟକରୁ ପଠାଇଥିଲା, ଦେଖ୍ ତ ମା, କେତେ ଅଛି ।''

ମାଣ୍ଡିତଳେ ଖଣ୍ଡେ ମନିଅର୍ଡର କୁପନ୍‌ରେ ଗୁଡ଼ାହୋଇ ପଡ଼ିଥିଲା, ଦୁଇଖଣ୍ଡ ଦଶଟଙ୍କା, ଆଉ ଖଣ୍ଡେ ପାଞ୍ଚଟଙ୍କିଆ ନୋଟ ।

ପୀତାମ୍ବର ପ୍ରତିମାସରେ, ମେଦିନୀରାୟଙ୍କ ପାଖକୁ ପଚିଶ ଟଙ୍କା ପଠାନ୍ତି, ତାଙ୍କ ଅଫିମଖର୍ଚ୍ଚ ପାଇଁ ।

ଜଗବନ୍ଧୁ ଦୁଇଖଣ୍ଡ ଦଶଟଙ୍କିଆ ନୋଟ ରତ୍ନମାଳୀଙ୍କ ହାତକୁ ବଢ଼ାଇ ଦେଇ କହିଲେ... ''ନେ ମା, ଏ ଟଙ୍କା କେତେଟା ରଖିଥା । ପଅରଦିନ ପୁଷ୍ୟାଭିଷେକ ଖର୍ଚ୍ଚ ହେବ ।''

ରତ୍ନମାଳୀ ଆହତ ଜଷ୍ଟରେ କହିଲେ... ''ଏ ଆପଣଙ୍କ ଅଫିମଖର୍ଚ୍ଚ ଟଙ୍କା ଯେ !''

ଜଗବନ୍ଧୁ ଜଳେ ଧୂଆଁ ଛାଡ଼ି କହିଲେ...

''ମୁଁ ଜାଣେ ଜେମା ।''

ରତ୍ନମାଳୀଙ୍କର ଦୁଇ ଆଖିରୁ, ବୃଦ୍ଧ ମେଦିନୀରାୟଙ୍କ ଅସହାୟରେ, ଦୁଇଟୋପା ଲୁହ, ବିଛଣାରେ, ଡେଇଚିକିଟାବସା ମାଣ୍ଡି ଉପରେ ଗଡ଼ିପଡ଼ିଲା ।

ଜଗବନ୍ଧୁ, ପଥରର ପ୍ରତିମୂର୍ତ୍ତି ପରି ବସି ହୁକାରୁ ଧୂଆଁ ଟାଣୁଥିଲେ । ହୁକାର ଗୁଡୁ ଗୁଡୁ ଶବ୍ଦ ଭିତରେ, ରତ୍ନମାଳୀଙ୍କର ଖରନିଃଶ୍ୱାସ ଶୁଭୁଥିଲା । ମେଦିନୀରାୟଙ୍କର ଅଲକ୍ଷିତରେ, ସେ ଦଶଟଙ୍କିଆ ନୋଟ ଦୁଇଖଣ୍ଡ ପୂର୍ବ ସ୍ଥାନରେ ରଖିଦେଇ, ବାହାରକୁ ଚାଲି ଆସିଲେ ।

ଦୁଆରେ ଛାଇ ସବୁ ଲମ୍ବ ହୋଇ ପଡ଼ିଲାଣି । ନୀଳାମ୍ବରଙ୍କ ଘର ଦୁଆର ତଥାପି ଦରଆଉଜା ହୋଇଛି । ସେ ହୁଏତ ଆଜି ରାତିରେ ଆଉ ଫେରିବେ ନାହିଁ । ରତ୍ନମାଳୀ ନିଜ ଗମ୍ଭୀରା ଭିତରକୁ ଯାଇ ଭିତରୁ ଦୁଆର ବନ୍ଦ କରିଦେଲେ ।

Digitized by srujanika@gmail.com

ମେଦିନୀରାୟ ଉଆସ ଶୋଇ ପଡ଼ିଲାଣି ।

ଆଉ କାହାକୁ ପଚାରିବେ, ମେଦିନୀରାୟ ଇତିହାସ ? ...ଏଗାର ପୁରୁଷବ୍ୟାପୀ ପ୍ରାୟ ଚାରି ଶତାବ୍ଦୀର ଉଇଖିଆ କାହାଣୀ ? ...ଆଉ ପଚାରି ଲାଭ ନାହିଁ । ଏ ଇତିହାସ ଲୋପ ପାଇବା ପୂର୍ବରୁ ଏହାର ଐତିହାସିକମାନେ ସୁଦ୍ଧା ଲୋପ ପାଇଛନ୍ତି ।

ଜଗବନ୍ଧୁ ମହାପାତ୍ର ବଢୀୟାର ମଉଗଛ ମେଦିନୀରାୟ, ତଥାପି ଶୋଇ ନାହାନ୍ତି । ତାଙ୍କ ଇହରିଆ କାଶ, ଇତିହାସର ଅଟ୍ଟହାସ ପରି ଶୁଭୁଛି !

ତାକୁ ତଥାପି ପଚାରିବେ ?

କିନ୍ତୁ ବିଶ୍ୱାସଯୋଗ୍ୟ ଇତିହାସ କେଉଁଠି ଶେଷ ହୋଇ, କେଉଁଠି ଯେ ମନଗଢ଼ା କାହାଣୀ ଆରମ୍ଭ ହେବ, ଆପଣ ତାହା ଜାଣି ପାରିବେ ନାହିଁ ! ...କିନ୍ତୁ ସବୁ ଇତିହାସ ସେଇଆ ନୁହେଁ କି ?

କେଉଁଠି ଗୋଟାଏ ପେଚା ରାବୁଛି ।

ନିଶୁତି ରାତିରେ ପେଚା ରାବ ଶୁଣିଲେ, ରତ୍ନମାଳୀଙ୍କୁ ଭାରି ଡର ମାଡ଼େ । କାହାର ଆଶ୍ରୟର ଉଷ୍ମ ଅଭୟ ପାଇଁ, ସେ ମାଣ୍ଡିଟାକୁ ଦୁଇ ବାହୁରେ ଭିଡ଼ି ଧରନ୍ତି କେ ଜାଣେ ?

ରତ୍ନମାଳୀ କାନ୍ଦୁଥିଲେ !

ତାକୁ କିଛି ପଚାରନ୍ତୁ ନାହିଁ !

Digitized by srujanika@gmail.com

ଫାଲ୍‌ଗୁନ ଜ୍ୟୋସ୍ନା

ରାତି ବାରଟା ଅତିକ୍ରମ କରିଗଲାଣି । ଦୁଇ ଦୁଇଟା କାମ୍ପୋଜ ବଟିକା ସତ୍ତ୍ୱେ ହୃଦୟ ବାବୁଙ୍କ ଆଖିରେ ନିଦ ନାହିଁ । ନା... କାମ୍ପୋଜ ଏବେ ଅଚଳ ହୋଇ ପଡ଼ିଲାଣି ! ଆଉ କାମ ଦେଉନାହିଁ ! ଏହି ଅଳ୍ପ ସମୟ ପୂର୍ବେ ବାହାରେ, ନିର୍ଜ୍ଜନ ରାସ୍ତାରେ, କୌଣସି ବାର୍ ବା ଖଟିରୁ ଫେରୁଥିବା କୌଣସି ମାତାଲର ଶିଥିଳ ପାଦଶବ୍ଦ ଶୁଣା ଯାଉଥିଲା... ପାଦ କେତେବେଳେ ବାଁକୁ, କେତେବେଳେ ଡାହାଣକୁ ପଡୁଛି... ଠପ୍, ଠପ୍ । ରାତିର ନିଶୁତି ଆଉ ସେଇ ନିଦ୍ରାହୀନ ଉତ୍ପୀଡ଼କ ମୁହୂର୍ତ୍ତରେ ମାତାଲର ପାଦଶବ୍ଦ ପ୍ରତିଧ୍ୱନି ହୋଇ କିଛି ପରିମାଣରେ ହୃଦୟ ବାବୁଙ୍କର କ୍ଲାନ୍ତିକର ଚିନ୍ତାକୁ ଭାଙ୍ଗି ଦେଉଥିଲା । ତାଙ୍କର ସେଇ ନିଃସଙ୍ଗ ଘଟଣାବିହୀନ ନିର୍ଜ୍ଜନ ଦୁନିଆଁରେ କିଛି ହେଲେ ବି ଗୋଟାଏ ଘଟଣା ଘଟୁଛି ! କେହି ଜଣେ ଜୀଅନ୍ତା ମଣିଷ ହାତ ପାଆନ୍ତାରେ ରହିଛି, ଏହିପରି ଭାବନା ହୃଦୟ ବାବୁକୁ ଆରାମ ଦେଉଥିଲା । ...ମାତ୍ର ସେ ପାଦଶବ୍ଦ ବି ଦୂରରେ ମିଳେଇ ଗଲାଣି ।

ବାହାରେ ଫାଲ୍‌ଗୁନ ରାତ୍ରିର ସ୍ନିଗ୍ଧିଣୀ ଜ୍ୟୋସ୍ନା... ଦକ୍ଷିଣ ପଟରେ ଝରକା ବାଟେ - ସେଥିରୁ ଚେନାଏ ପଡ଼ିଛି ଆସି ହୃଦୟ ବାବୁଙ୍କ ଚଉଡ଼ା ଛାତି ଆଉ ନିର୍ଜ୍ଜନ ବିଛଣା ଉପରେ ।

ସମୟ ବିଚିତ୍ର ! ...ଦିନେ ବିଛଣା ଉପରେ ଏଇ ଚେନାଏ ଜହ୍ନ ଆଲୁଅ, ହୃଦୟ ବାବୁଙ୍କ ପ୍ରତି ସ୍ନାୟୁ କେନ୍ଦ୍ରରେ, ତନ୍ତ୍ରୀରେ ତନ୍ତ୍ରୀରେ ଜାଳି ଦେଇ ଯାଉଥିଲା ନିଆଁର ଫୁଲ୍‌କୀ ! ଆଜି ବ୍ୟାଧି ଆଉ ଅକାଳ ବାର୍ଦ୍ଧକ୍ୟର ପାଉଁଶ ତଳେ ସେଦିନର ସେ ଉତ୍ତାପ ଶୀତଳ ପଡ଼ିନାହିଁ । ଆଜି ବି ବିଛଣା ଉପରେ ସେଇ ଜ୍ୟୋସ୍ନା; ଫାଲ୍‌ଗୁନର ସେଇ ରାତ୍ରି, ସେଇ ଶିରିଶିରି ଦକ୍ଷିଣା ପବନ ! ସେଦିନ ଗୋଟିଏ ରତିକ୍ଲାନ୍ତା ନବବଧୂର ଶିଥିଳ ବେଶବାସ ତଳେ ଏଇ ଜ୍ୟୋସ୍ନା, ତା'ର ଅଙ୍ଗରେଖା ସବୁକୁ ଯେପରି ଆଉରି ତୀବ୍ର ଆଉରି ତୀକ୍ଷ୍ଣ କରି ଦେଉଥିଲା । ମାତ୍ର ଇତି ମଧ୍ୟରେ ବୟସର ତାପାରେ ସେ ଆଜି ମେଦୁଳା ଗୃହିଣୀ । ଧର୍ମରେ କର୍ମରେ ଭାରି ମତି । ଦେଉଳ, ଠାକୁର ଘରେ, ଦିନର ଅଧେ ବେଳ କଟୁଛି । ସେଥିରେ ପୁଣି, ରାତିରେ ବିଛଣାକୁ ଆସିବା ମାତ୍ରେ ଦୀର୍ଘ ସମୟ ଧରି ନାମଜପ ! କେବେ କେବେ ଚିଟା ଭାଙ୍ଗିବା ପାଇଁ ତାଙ୍କ ସହିତ ସାମାନ୍ୟ ରସିକତା ଆରମ୍ଭ କଲେ, କି ଚିତ୍କାର ! ଚରିତ୍ରହୀନ ବୋଲି କି ବିସ୍ଫୋରଣ ! ...ଦୁଇଦିନ ହେଲା, ସେ ଯାଇଛନ୍ତି ଶ୍ରୀକ୍ଷେତ୍ର । କି ଗୋଟାଏ ଦ୍ୱାଦଶୀ ଯୋଗ, ବହୁବର୍ଷ ପରେ ପଡ଼ିଛି ! ଏ ଯୋଗରେ ମହୋଦଧିରେ ସ୍ନାନ କରି, ଜଗନ୍ନାଥମୁଖ ଦର୍ଶନ କଲେ, କୁଆଡ଼େ ଅକ୍ଷୟ ପୁଣ୍ୟ ମିଳେ ! ସପ୍ତାହେ ତ ଅନ୍ତତଃ ସେ ଆଡ଼େ ସେ ରହିବେ । ଠିକ୍ ଅଛି ! ଏ ସପ୍ତାହକ ହୃଦୟ ବାବୁକୁ ଅଖଣ୍ଡ ସ୍ୱାଧୀନତା ମିଳିଛି ! କିନ୍ତୁ

Digitized by srujanika@gmail.com

ଆରଥ୍ରାଇଟିସ ପୀଡ଼ିତ ଅପଙ୍ଗ ଦେହ ଘେନି ଏ ସ୍ୱାଧୀନତା ନେଇ ସେ କ'ଣ ବା କରିବେ ? ଫାଲ୍‌ଗୁନର ଦକ୍ଷିଣା ପବନ ଆଉ ଏଇ ଚପଚ ଜ୍ୟୋସ୍ନାକୁ ବିଛଣାରେ ପଡ଼ି ପଡ଼ି ସତୃଷ୍ଣ ବିନିଦ୍ର ଆଖିରେ ଚାହିଁ ଚାହିଁ ହା ହତାଶ ହେବା କେବଳ ସାର ହେବ ସିନା... ତଥାପି ଏ ମୁକ୍ତି, ଏ ସ୍ୱାଧୀନତା ଭାରି ଲୋଭନୀୟ । ଘଣ୍ଟା ସମୟ ଜଗି ଔଷଧ ବଟିକା ଗିଳିବାପାଇଁ ଡାଗିଦ ନାହିଁ; ବ୍ଲଡ ପ୍ରେସର, ସୁଗରର ଭୂତଭୟ ନାହିଁ; ଟ୍ରଇଲ୍ ଟେଆରରେ ଆସି ବସି ଗୀତା ଭାଗବତ ପଢ଼ିବା ପାଇଁ ସଦୁପଦେଶ ନାହିଁ; ଦେହ ଆରୋଗ୍ୟ ପାଇଁ ପ୍ରତି ସପ୍ତାହରେ ଅତଃତଃ ଜଣେ ଜଣେ ଚୂଆ ବାବା, ବାବାଜିଙ୍କୁ କୁଆଡ଼ୁ ଧରି ଆଣି, ହୃଦୟ ବାବୁଙ୍କ ପାଖରେ ବସାଇ ଶାନ୍ତି ଦେବାନାହିଁ; ଅକାଳେ ସକାଳେ ଟ୍ରଇଲ୍ଟି ଗ୍ଲାସଟା ଧରି ବସିଲେ, ଚିତ୍କାର, ଆର୍ତ୍ତନାଦ ନାଇଁ, ଚରିତ୍ରହୀନ ବୋଲି ଆକ୍ଷେପ ନାହିଁ ! ...କିନ୍ତୁ ଏଇ ନିଃସଙ୍ଗତା, ଏଇ ନିର୍ଜନତା ଭାରି ଉତ୍ପାଡ଼କ ! ଗୃହିଣୀଙ୍କ ସହିତ କଳହ ମଧ୍ୟରେ ଅତଃତଃ ଚିଟା ଭାଙ୍ଗେ । ଏତେଟା ନିଃସଙ୍ଗ, ନିର୍ଜନ ମନେହୁଏ ନାହିଁ । ଇଏ ଉତ୍କଟ ଦାମ୍ପତ୍ୟରସ ! ଗୃହିଣୀ ସୁରମା ଦେବୀ ତୀର୍ଥାଟନରେ ଯିବା ପରେ ପରେ, ଶୂନ୍ୟତା, ନିଃସଙ୍ଗତା ପୁଷ୍କାହାଇ ପରି, ହୃଦୟ ବାବୁକୁ ଆଚ୍ଛନ୍ନ କରି ଯାଇଛି ।

...ଆଜି ଫାଲ୍‌ଗୁନର ଏଇ ସୁରଭିତ ରାତ୍ରି ! ଏଇ ଜ୍ୟୋସ୍ନା ! ଦକ୍ଷିଣାର ଏଇ ଚପଚତା । ଆଉ ଏଇ ନିର୍ଜନ, ନିଃସଙ୍ଗତା ! ଏଇ ଅପାଙ୍ଗ ଦେହ !

ଚକିଆ ଚକୁ, ସିଗାରେଟ୍ କେସ୍ କାଢ଼ି, ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇବା ପାଇଁ ଚେଷ୍ଟାକଲେ ହୃଦୟ ବାବୁ । ସିଗାରେଟ୍‌ରେ ନିଆଁ ଧରାଇବା ପାଇଁ କଷ୍ଟ ହୁଏ ତାକୁ । ଖୋଲା ଝରକା ବାଟେ, ଶିରିଶିରି ପବନରେ ଦିଆସିଲି କାଠି ସବୁ ଇଚ୍ଛିବା ମାତ୍ରେ ନିଭି ଯାଉଛି । ଅନେକ ଥର ଚେଷ୍ଟା କରିବା ପରେ ହୃଦୟ ବାବୁ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇ ଆରାମରେ କଚେ ଧୂଆଁ ଛାଡ଼ିଲେ । ଜହ୍ନ ଆଲୁଅରେ ସିଗାରେଟ୍ ଧୂଆଁର କୁଣ୍ଡଳୀ ! ଗୋଟାଏ ପାହାଡ଼ ଚୂଡ଼ା ଉପରେ ଉଠି ପାରିଥିବାର ତୃପ୍ତି ଅନୁଭବ କଲେ ହୃଦୟ ବାବୁ ।

ଅଥଚ କିଏ ଆଜି ବିଶ୍ୱାସ କରିବ, ଦିନେ ଯୌବନରେ ହୃଦୟବାବୁ ଥିଲେ ଅବ୍ଯର୍ଥ ଶିକାରୀ । ରାଇଫଲ୍ ଧରି ପାହାଡ଼ ଜଙ୍ଗଲରେ ଶିକାର ପାଇଁ ତାଙ୍କର ଥିଲା ପ୍ରବଳ ନିଶା । କନଜର୍‌ଭେଟର ଅଫ୍ ଫରେଷ୍ଟ ଭାବରେ, ତାଙ୍କର ଜୀବନ ପ୍ରାୟ ଅତିବାହିତ ହୋଇଥିଲା, ପାହାଡ଼ ଜଙ୍ଗଲରେ ।

ରାତିର ନିଶୁତି ଭିତରେ ବଗିଚାରେ ଶୁଭିଲା, ଗୋଟାଏ ଖସ୍ ଖସ୍ ଶବ୍ଦ, ମଣିଷର ପାଦଶବ୍ଦ ପରି । ନା... ଇଏ ବୋଧହୁଏ ହୃଦୟ ବାବୁଙ୍କର ଶୁଣିବାରେ ଭ୍ରମ । ରାସ୍ତାର କେଇଟା ଚୁଲା କୁକୁର ଭୁକି ଉଠିଲେ; ପଡ଼ିଶାଘର ମହାପାତ୍ର ବାବୁଙ୍କ ଆଲ୍‌ସେସିଆନ୍‌ଟା କେଇଥର ଭୁକି ଉଠି ନୀରବ ହୋଇଗଲା । ପୁଣି ସବୁ ଚୁପ୍ ଚାପ୍ ।

ହୃଦୟ ବାବୁ ପୁଣି ଫେରି ଆସିଲେ, ଅତୀତର ବେଦନାମଧୁର ସ୍ମୃତିଲୋକକୁ । ଏପରି ଅପଙ୍ଗ ଦେହରେ, ହୃଦୟ ବାବୁ ନିଜେ ସୁଦ୍ଧା ବିଶ୍ୱାସ କରିପାରୁ ନଥିଲେ, ତାଙ୍କର ଦୂରନ୍ତ,

Digitized by srujanika@gmail.com

ବଲ୍‌ଗାମୁକ୍ତ ଯୌବନର ସେଇ ଦିନଗୁଡ଼ିକୁ ।

ସେଦିନ ହୃଦୟ ବାବୁଙ୍କର ରାତି ପରେ ରାତି କଟୁଥିଲା, ନିର୍ଜ୍ଜନ, ପରିତ୍ୟକ୍ତ ପରେଷ୍ଟ ବଙ୍ଗଳାମାନଙ୍କରେ । କିନ୍ତୁ ଦିନେ ଥରକ ପାଇଁ ସୁଦ୍ଧା, ସେ କେବେ ଅନୁଭବ କରୁ ନଥିଲେ, ନିଃସଙ୍ଗତାର ଦଂଶନ ! ନିର୍ଜ୍ଜନତାର ଯନ୍ତ୍ରଣା ! ଅରଣ୍ୟର ଚେହେରା ସେଦିନ ତାଙ୍କୁ ମୁଗ୍ଧ, ବାତୁଚ କରି ଦେଇଥିଲା । ମାୟା ହରିଣୀର ଆଖି ତାଙ୍କୁ ପାଗଳ କରୁଥିଲା ।

ଜୀବନରେ ପଦଟିଏ କବିତା ତ ସେ ଲେଖି ପାରିଲେ ନାହିଁ । ଲେଖିଛନ୍ତି ବା ଲେଖିବା ପାଇଁ ସେ ଚେଷ୍ଟା କରିଛନ୍ତି, ଅନେକ ଥର । କିନ୍ତୁ କୌଣସି ଥର ନିଜ ଲେଖା କବିତା ତାଙ୍କ ମନକୁ ପାଏନାହିଁ । ହୃଦୟର ସେଇ ନିଭୃତ ଆବେଗ ଆଉ ସ୍ପନ୍ଦନ ସବୁ କାଗଜ କଲମରେ ଠିକ୍ ଧରା ପଡ଼ନ୍ତି ନାହିଁ । ହୃଦୟ ବାବୁଙ୍କ ମନକୁ ସେସବୁ ପାଏନାହିଁ । ସ୍ୱପ୍ନ ଯେତେବେଳେ ସାକାର ହୁଏ, ତା'ର ଚେହେରା ବୋଧହୁଏ ଏଇପରି ଅପୂର୍ଣ୍ଣ ଏଇପରି ବିବର୍ଣ୍ଣ ମନେହୁଏ । ଲେଖା କବିତା ସବୁ, ସେ ଚିରି ଫିଙ୍ଗି ଦିଅନ୍ତି ।

କିନ୍ତୁ ହୃଦୟ ବାବୁ ତଥାପି ରହି ଆସିଛନ୍ତି, ସେଇ ସ୍ୱପ୍ନ ପ୍ରବଣ ରୋମାଣ୍ଟିକ ! ସେଇ କବିପ୍ରାଣ !

ହଠାତ୍ ଖୋଲା ଝରକାର ଗ୍ରୀଲ୍ ବାହାରେ ଜହ୍ନ ଆଲୁଅର ପୃଷ୍ଠଭୂମିରେ ଦେଖାଗଲା, ମଣିଷ ମୁଣ୍ଡର ଗୋଟାଏ ସିଲୁଟ୍ । ହୃଦୟ ବାବୁ ଚମକି ଉଠିଲେ । ବ୍ୟାପାର ବୃତ୍ତାନ୍ତ କିଛି ବୁଝି ପାରିଲେ ନାହିଁ । ଗ୍ରୀଲ୍ ବାହାରେ ଲୋକଟା କିଛି ଗୋଟାଏ ଯନ୍ତ୍ରରେ ଗ୍ରୀଲ୍‌ର ରଡ୍‌ଗୁଡ଼ାକୁ ବୋଧହୁଏ କାଟିବା ଆରମ୍ଭ କରିଛି । ଗ୍ରୀଲ୍ କାଟିବାର ଯାନ୍ତ୍ରିକ ଶବ୍ଦ ଶୁଭୁଛି କ୍ଷୀଣ ଭାବରେ, କିନ୍ତୁ ଅସ୍ପଷ୍ଟ ନୁହେଁ !

ଲୋକଟା ନିଶ୍ଚୟ ଗୋଟାଏ ଚୋର ବା ଡକାୟତ । ତାକର ମଙ୍ଗୁଲିଆକୁ ଡାକି ଲାଭ ନାହିଁ । ଡାକରେ ସେ ସହଜରେ ଉଠିବ ନାହିଁ । ତା' ପାଇଁ ଦରକାର ଫାୟାର ବ୍ରିଗେଡ୍ ଘଣ୍ଟି । ଗଞ୍ଜେଇ ଟାଣି, ସେ କୋଉଠି ନିର୍ଧୂମ୍ ଶୋଇ ପଡ଼ିଥିବ । ଖଟ ଗଦିତଚୁ ହୃଦୟ ବାବୁ ରିଭଲଭର୍‌ଟା କାଢ଼ି ବାହାର କରିବା ପାଇଁ ଚେଷ୍ଟା କଲେ । ତାଙ୍କର ମନେ ପଡ଼ିଗଲା, ରିଭଲଭର୍‌ଟା ଲୋଡ଼େଡ୍ ନୁହେଁ । ଲୋଡ଼େଡ୍ ପିସ୍ତଲ୍ ବିଛଣାରେ ତକିଆ ତଳେ ରଖି ଶୋଇଲେ, ସୁରମା ଦେବୀଙ୍କୁ ଭଲ ନିଦ ହୁଏ ନାହିଁ । ତା'ହେଲେ ପିସ୍ତଲ ରଖି ଲାଭ କ'ଣ ? କିନ୍ତୁ ନାରୀମାନେ ତ ଆଉ ଯୁକ୍ତି ବୁଝନ୍ତି ନାହିଁ ! ସେ ଲୋକଟା ସେତେବେଳକୁ ଝରକା ବାଟେ ଉଠି ଘର ଭିତରକୁ ଆସି ସାରିଥିଲା ।

ହୃଦୟ ବାବୁ ବେଡ୍‌ଲାଇଟ୍‌ର ସୁଇଚଟା ଚିପି ଦେଲେ । ଫିକା ନୀଳ ଆଲୋକରେ ସେ ଲୋକଟାର ଚେହେରା ଦେଖି ହୃଦୟ ବାବୁ ମନେ ମନେ ଆତଙ୍କିତ ହୋଇ ଉଠିଲେ । ସେ ଲୋକଟା ପିନ୍ଧିଥିଲା, ଖଣ୍ଡେ କଳା ଜଙ୍ଘିଆ, ତଉଡ଼ା ଛାତିରେ ଛାତିଏ ବାଳ । ବେକରୁ ଝୁଲୁଥିଲା, କଳା ସୂତାରେ, ଗୋଟାଏ ତାରିକଣିଆ ତାବିଜ । ଦୁଇଟା ମୋଟା ମୋଟା କୁଣ୍ଡଳୀ

Digitized by srujanika@gmail.com

ମୋଡ଼ା ନିଶ । ମୁଣ୍ଡରେ ବାନ୍ଧିଥିଲା ଖଣ୍ଡେ କଳା ରୁମାଲ୍ ।

ଲୋକଟା ଏ ଲାଇନରେ ନୁଆ ପାଦ ଦେଇଛି ବୋଧହୁଏ ! ହୃଦୟ ବାବୁଙ୍କ ଆଡ଼େ ଚାହିଁ ସେ ଯେପରି କିଂକର୍ତ୍ତବ୍ୟବିମୂଢ଼ ହୋଇ ଉଠିଲା ।

ହୃଦୟ ବାବୁ ମନେ ମନେ ଭାବିଲେ, ଇଏ ମନ୍ଦ ନୁହେଁ । ଯାହା ଲୁଟିବାର ସେ ଲୁଟି ନେଉ । ତାକୁ ବାଧା ଦେବାର ଶକ୍ତି ହୃଦୟ ବାବୁଙ୍କର ତ ନାହିଁ ! କିନ୍ତୁ ଜଣେ ମଣିଷର ସାନ୍ନିଧ - ସେ ହେଉନା ପଛେ ତକାୟତ - ଏଇ ଚିଟାଧରା ନିଶୁତି ଭିତରେ ମନ୍ଦ କ'ଣ ?

ହୃଦୟ ବାବୁ କହିଲେ... 'ବସ, ବସ ହେ । ଅସ୍ଥିର ହେଉଛ କାହିଁକି ? ମୁଁ ତୁମକୁ ଏଇ ଷ୍ଟୀଲ ଆଲମିରା ଚାବି ଦେଉଛି । ଛୁରୀ ପୁରୀ କାଢ଼ି ଦେଖାଇବାର ଦରକାର ପଡ଼ିବ ନାହିଁ । ସବୁ ବଡ଼ ବଡ଼ ଧନୀ ଲୋକେ ତୁମର ସ୍ୱଗୋତ୍ର ହେ ବନ୍ଧୁ ! ତୁମକୁ କିଛୁ ସେମାନେ କହନ୍ତି ତକାୟତ । ଧୀରେ ସୁସ୍ଥେ ଯାହା ନେବାର ନେବ । ବସ, ଆଗେ ଏ ସିଗ୍ରେଟ ଖଣ୍ଡେ ଲଗାଅ ! ମୋ ସିଗ୍ରେଟରେ ବି ନିଆଁ ଧରାଇ ଦିଅ । ଆସ, ଟିକିଏ ଗପ ମଚ୍ଚା ଜମାଅ । ଭୟ କରୁଛ କି ପୁଲିସ୍‌କୁ ଟେଲିଫୋନରେ ଖବର ଦେବି ବୋଲି ? ଟେଲିଫୋନ୍ ଦୂରରେ । ମୁଁ ପୁଣି ସହଜେ ଅପଙ୍ଗ । ...ବସ, ବସ ସେଇ ହୁଇଲ୍ ଚେଆର ଉପରେ ! ଅନ୍ୟ ଚଉକି ତ ନାହିଁ ଏଠି !'

ସେ ଲୋକଟା ସେତେବେଳକୁ ପ୍ରକୃତରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଥିଲା । ହୁଇଲ ଚେଆର ଉପରେ ବସି, ସେ ଖଣ୍ଡେ ସିଗ୍ରେଟରେ ନିଆଁ ଧରାଇ ହୃଦୟବାବୁଙ୍କ ସିଗ୍ରେଟରେ ମଧ୍ୟ ନିଆଁ ଧରାଇ ଦେଲା ।

ଅଦୂରରେ କେଉଁଠି କେଉଁ ମୋଡ଼ ବା ବୁଲାଣିରେ କେଉଁ ବେସମ୍ଭାଳ କାର୍ ଡ୍ରାଇଭର, କାର୍‌ଟା ରାସ୍ତା କଡ଼ ନର୍ଦ୍ଦମା ଭିତରେ ଖସି ପଡୁ ପଡୁ ହଠାତ୍ ବ୍ରେକ୍ କଷିଲା ପରା ! ରାତିର ନିଶୁତି ଭିତରେ ପଛ ଚକ ରାସ୍ତାରେ ଘଷି ହୋଇ ଆର୍ତ୍ତନାଦ କରିବା ପରି ଦୁଇଥର ଚିତ୍କାର କରି ଉଠିଲା ।

ସେ ଲୋକଟା ହୁଇଲ୍ ଚେଆର ଉପରୁ ଉଠିପଡ଼ି, ଜଙ୍ଘିଆ ଭିତରୁ ପଟେ ଛୁରୀ କାଢ଼ି ଅସ୍ପୁଟ କଣ୍ଠରେ ଚିତ୍କାର କରି ଉଠିଲା ...'ଚାବି' !

ହୃଦୟ ବାବୁ କହିଲେ, 'ଛୁରୀଟା ପକେଟରେ ରଖ ବନ୍ଧୁ ! କହିଛି ପରା, ଛୁରୀ ଦେଖାଇବା ଦରକାର ନାହିଁ । ସବୁ ଚାବି ଗୃହିଣୀଙ୍କ ଅଣ୍ଟାରେ ! ସେ କିନ୍ତୁ ବର୍ତ୍ତମାନ ଶ୍ରୀକ୍ଷେତ୍ରରେ । ତକିଆ ତଳେ ଖୋଜି ଦେଖ ଡୁପ୍ଲିକେଟ ଥିବ ।'

ସେ ଲୋକଟା ସେହିପରି ତାହାଣ ହାତରେ ଛୁରୀ ଦେଖାଇ ବାଁ ହାତରେ ତକିଆ ତଳୁ ଡୁପ୍ଲିକେଟ ଚାବିଟା ଖୋଜି ପାଇଲା । ତା'ପରେ ଷ୍ଟୀଲ୍ ଆଲମୀରା ଖୋଲି, ତା'ର ଥାକ ଗୁଡ଼ାକୁ ଦୁଇ ହାତରେ ଘାଣ୍ଟିଗଲା । ବ୍ରିଫ୍‌କେଶ୍ ଦୁଇଟାରେ କାଗଜପତ୍ର ଛଡ଼ା ଆଉ ପ୍ରାୟ କିଛି ନ ଥିଲା ।

ହୃଦୟ ବାବୁଙ୍କ ଆଖିରେ ଆଶଙ୍କା ବା ଉଦ୍‌ବେଗର ଚିହ୍ନ ଆଉ ନାହିଁ । ସେ ବରଂ ଏଇ

Digitized by srujanika@gmail.com

ଦୃଶ୍ୟ ଯେପରି ବେଶ୍ ଉପଭୋଗ କରୁଥିଲେ । ଦୁଇଖଣ୍ଡ ଫିକ୍‌ସଡ୍ ଡିପୋଜିଟ୍ ଫର୍ମ ପାଇ ସେ ଲୋକଟା ଆଲୁଅରେ ଦେଖୁଥିଲା । ହୃଦୟ ବାବୁ କହିଲେ... 'ମନ୍ତ୍ରୀ, ନେତା ଆଉ ଆଡ୍‌ମିନିଷ୍ଟ୍ରେଟରମାନଙ୍କ ଷ୍ଟୀଲ ଆଲମୀରାରେ ପାଇବ ଥାକଥାକ କରେନ୍‌ସୀ ନୋଟ । ସେସବୁ ସେମାନେ ତ ବ୍ୟାଙ୍କରେ ରଖନ୍ତି ନାହିଁ । ଆମ ପରି ଲୋକଙ୍କର ସବୁ ଆୟ ଉପାର୍ଜନ ବ୍ୟାଙ୍କରେ । ସେ ଦୁଇଖଣ୍ଡ କାଗଜ ତୁମର କେଉଁ କାମରେ ଆସିବ ନାହିଁ । ସିଏଏଫ୍.ଡି. ଫର୍ମ ।'

ସେ ଲୋକଟା ଫିକ୍‌ସଡ୍ ଡିପୋଜିଟ୍ ଫର୍ମ ଦୁଇଖଣ୍ଡ ତଳେ ଫିଙ୍ଗିଦେଇ, ପୁଣି ସବୁ ଘାଣ୍ଟିଗଲା । ବ୍ରିଫ୍‌କେଶ୍ ଭିତରୁ ଖୋଜି ଖୋଜି ସେ ପାଇଲା, ଭରିଏ, ଦେଢ଼ଭରି ଓଜନର ଗୋଟିଏ ସୁନା ଚେନ୍ ଆଉ ଦୁଇଟା ମୁଦି ।

ହୃଦୟ ବାବୁ କହିଲେ... 'ସେ ଚେନ୍‌ଟା ବନ୍ଧୁ ତୁମେ ନନେଲେ ମୁଁ ଭାରି ଖୁସି ହୁଅନ୍ତି । ମୋର ସାନଝିଅ ସୁଜାତା, ଆଉ ଏ ଇହ ସଂସାରରେ ନାହିଁ । ସେ ଯେଉଁଦିନ ପ୍ରଥମେ କଲେଜକୁ ଗଲା, ସେ ଦିନ ଏ ଚେନ୍‌ଟା ମୁଁ କିଣି ଦେଇଥିଲି ତାକୁ । ଏଇ ଚେନ୍ ପିନ୍ଧି ସେ କଲେଜ ଯାଉଥିଲା ।' ...ଗୋଟାଏ ଗଭୀର ଦୀର୍ଘଶ୍ୱାସ, ରାତିର ସେଇ ଚପଳ ମୁହୂର୍ତ୍ତକୁ ହଠାତ୍ ଯେପରି ବେଦନାରେ ଭାରୀ କରିଦେଲା । ...ଚଟାଣଯାକ ସେ ଲୋକଟା ସେତେବେଳକୁ ଆଲମାରୀ ଥାକମାନଙ୍କରୁ କାଢ଼ି ଫିଙ୍ଗି ସାରିଥିଲା, ସୁରମା ଦେବୀଙ୍କର ଅନେକ ଦାମୀ ଶାଢ଼ୀ ଆଉ ହୃଦୟ ବାବୁଙ୍କ ପାଇଜାମା ପଞ୍ଜାବି । ସୁନାଚେନ୍ ଆଉ ମୁଦି ଦୁଇଟା ସେତେବେଳକୁ ଯାଇ ସାରିଥିଲା, ସେ ଲୋକଟାର ଜଙ୍ଘିଆ ପକେଟ ଭିତରକୁ ।

ବେଡ୍‌ଲାଇଟର ମୃଦୁ ନୀଳ ଆଲୋକରେ, ଆଲମାରୀ ଥାକରେ ଚକ୍ ଚକ୍ କରୁଥିଲା, ଦୁଇଟା ହୁଇସ୍କି ଆଉ ଗୋଟାଏ ଭୋଡ଼୍‌କା ବୋତଲ । ସେ ଲୋକଟା ଭୋଡ଼୍‌କା ବୋତଲଟା ହାତେଇ ଥିଲା, ହୃଦୟ ବାବୁ କହିଲେ, ଭୋଡ଼କା ଆଣନାହିଁ ହେ ବନ୍ଧୁ ! ଟମାଟୋ ଜୁସ୍ ନାହିଁ । ସୋଡ଼ା ବି ନାହିଁ । ଥିଲେ, ବଢ଼ିଆ ବ୍ଲୁଡ଼ି ମେରୀ କକ୍‌ଟେଲ ବନେଇ ଥାନ୍ତି, ତୁମ ପାଇଁ । କକ୍‌ଟେଲ ବନେଇବାରେ ମୁଁ ଆଜି ସୁଦ୍ଧା ପ୍ରସିଦ୍ଧ ବନ୍ଧୁ ! ବରଂ ସେଇ ହୁଇସ୍କି ଆଣ । ପାଣିରେ ବି ଚଳିବ । ଇଏ ହୁଇସ୍କି, କିନ୍ତୁ ତୁମର ସ୍ୱଦେଶୀ ହୁଇସ୍କି ନୁହେଁ, ଇଏ ଖାଣ୍ଟି ବୁନିଆଦି ସ୍କଚ୍ । କଷ୍ଟମ୍‌ସ ମାଲ୍ ।'

ସେ ଲୋକଟା ଗୋଟାଏ ଭାଟ୍ - 69 ବୋତଲ ଧରି ହୁଇଲ୍ ଚେଆର ଉପରେ ଆସି ବସିଲା ।

ହୃଦୟ ବାବୁ କହିଲେ, 'ଏଇ ପାଖ ରୁମ୍‌ଟା ଡାଇନିଙ୍ଗ୍ ରୁମ୍ । ତୁମେ କଷ୍ଟକରି ଯାଅ ଦୁଇଟା ଗ୍ଲାସ ଆଉ ଗୋଟାଏ ପାଣି ବୋତଲ ଧରି ଆସିବ ।'

କିଛିକ୍ଷଣ ପରେ ସେ ଲୋକଟା ଗୋଟାଏ ପାଣି ବୋତଲ ଆଉ ଦୁଇଟା ଗ୍ଲାସ ହାତରେ ଧରି ହୁଇଲ ଚେଆର ଉପରେ ଆସି ବସିଲା ।

ସେ ଲୋକଟା ପ୍ରାୟ ତିନି ପେଗ୍ ହୁଇସ୍କି ଏକାଥରେ ନିଜ ଗ୍ଲାସରେ ଢାଳିନେଲା ।

Digitized by srujanika@gmail.com

ସିଏ ବୋଧହୁଏ, ପୂରା ବୋତଲ ମୁହଁରେ ଲଗାଇ ଟାଣେ । ସେଥିପାଇଁ ପେଗ୍ ମାପରେ ସେ ଅଭ୍ୟସ୍ତ ନୁହେଁ । ପାଣି ମିଶାଇବା ତା'ର ଦରକାର ନଥିଲା । ଏକା ନିଶ୍ୱାସରେ ସେ ଗ୍ଲାସଟାକୁ ସଫା କରିଦେଇ, ଖଣ୍ଡେ ସିଗ୍ରେଟରେ ନିଆଁ ଲଗାଇଲା । ହୃଦୟ ବାବୁ ନିଜ ଗ୍ଲାସରେ ଗୋଟାଏ ପେଗ୍ ହୁଇସ୍କି ଢାଳି ନେଇ, ସେଥିରେ ପାଣି ମିଶାଇବା ପୂର୍ବରୁ ଆଘ୍ରାଣ କରୁଥିଲେ ।

ହୃଦୟ ବାବୁ କହିଲେ... 'ସ୍କଚର ଫ୍ଲେଭର ଅଲଗା !'

ସେ ଲୋକଟା, ଆଉଥରେ ବୋତଲରୁ ତା' ଗ୍ଲାସରେ ଢାଳି ନେବା ପରେ ବୋତଲରେ ଆଉ ବୋଧହୁଏ, ମାତ୍ର ଗୋଟାଏ ପେଗ୍ ତଳିରେ ଲାଗିଥିଲା ।

ହଠାତ୍ ପୋଲିସର ଘନଘନ ହୁଇସିଲ୍ ଆଉ ଜୀପ୍ ଶବ୍ଦରେ, ମୂର୍ଚ୍ଛିତ ରାତ୍ରିର ନିଶ୍ଚୁପ୍ତି, ଦୁଃସ୍ୱପ୍ନ ଦେଖି ବିଲିବିଲେଇବା ପରି ଚିତ୍କାର କରି ଉଠିଲା । ସହରରେ କେଇଜଣ ଖାଲିସ୍ତାନୀ ଆସି ପହଞ୍ଚିଛନ୍ତି ବୋଲି ଖବର କାଗଜରେ ଖବର ବାହାରିଥିଲା । ସେଥିପାଇଁ ରାତିରେ ପୋଲିସ ପଇଁତରା ଏବେ ବୃଦ୍ଧି ପାଇଛି । ପାହାନ୍ତା ପର୍ଯ୍ୟନ୍ତ ଚାଲିବ ଘନଘନ ପୋଲିସ ପଇଁତରା । ସେ ଲୋକଟା ଲାଇଟ୍ ନିଭାଇ ଦେଲା ।

ହୃଦୟ ବାବୁକୁ ବେଶ୍ ଭଲ ଲାଗୁଥିଲା - ଗୋଟାଏ ଖଣ୍ଡ ତାକୁ ହେଉପଛେ ଜଣେ ମଣିଷର ଏଇ ସାନ୍ନିଧ୍ୟ । ଦୀର୍ଘଦିନ ଧରି, ସେ କେବେ କାହାର ଏପରି ଜୀଅନ୍ତା ମଣିଷର ନିକଟ ସାନ୍ନିଧ୍ୟ, ହୁଇସ୍କି ଗ୍ଲାସ ଧରି ଏପରି ଉଦ୍ଦେଶ୍ୟହୀନ ଆଳାପ ଉପଭୋଗ କରି ନ ଥିଲେ । କେବଳ ଭିନ୍ନ ଭିନ୍ନ ସ୍ପେସିଆଲିଷ୍ଟ ଡାକ୍ତରଙ୍କ ସହିତ ବିଭିନ୍ନ ଉପସର୍ଗ ଘେନି କଥାବାର୍ତ୍ତା ଆଉ ଗୁରୁ ନୋହିଲେ ବାବାମାନଙ୍କଠାରୁ ଅଗଡ଼ମ୍ ବଗଡ଼ମ୍ ବ୍ୟତୀତ ଅନ୍ୟ କଥାବାର୍ତ୍ତା ପାଇଁ ତାକୁ ଆଉ କେବେ କୌଣସି ସାଥୀ ଜୁଟି ନଥିଲେ ।

ନିଶୀଥ ବନ୍ଧୁ କିଛୁ ହୁଇସ୍କି ଗ୍ଲାସ ଧରି ସେଠାରେ ହୃଦୟ ବାବୁଙ୍କ ଉପସ୍ଥିତି ଯେପରି ପୂରାପୂରି ଭୁଲି ଯାଇଥିଲା । ସେ ବୋଧହୁଏ ସେଠାରେ କିଛିଟା ଅସ୍ୱସ୍ତି ଅନୁଭବ କରୁଥିଲା ।

ଲୋକଟା ରିଲାକ୍ସଡ଼ ଭାବରେ ଆଳାପ କରି ଜାଣିନାହିଁ । ସେ ଏକା ଢୋକରେ ଗୋଟାଏ ଗୋଟାଏ ପେଗ୍ ହୁଇସ୍କି ସାପ୍‌କରି ଦେଉଛି । ଆଲମାରୀ ଥାକରେ, ସେ ଅନ୍ୟ ବୋତଲଟା ଆଡ଼େ ଚାହିଁଲାନି ।

ହୃଦୟ ବାବୁ କହିଲେ... 'ତମର କଳା ଜଙ୍ଘିଆଟା ଚଟ୍ ଚଟ୍ ବଦଳାଇ ନିଅ, ନିଶୀଥ ବନ୍ଧୁ ! ତୁମ ନାଁ ତ ତମେ ମୋତେ କେବେ କହିବ ନାହିଁ । ସେଥିପାଇଁ ତୁମ ନାଁ ଦେଇଛି ନିଶୀଥ ବନ୍ଧୁ ! ...କଳା ଜଙ୍ଘିଆ ପିନ୍ଧି, ଷଣ୍ଢାମାର୍କା ଚେହେରା, ଏତେ ରାତିରେ କାହା ଆଖିରେ ପଡ଼ିଲେ ବିପଦ । ଜଙ୍ଘିଆଟା ବଦଳାଇ, ମୋର ଗୋଟାଏ କୁର୍ତ୍ତା ପାଇଜାମା ଚଟ୍‌ପଟ୍ ପିନ୍ଧି ପକାଅ !'

ନିଶୀଥ ବନ୍ଧୁ ହୁଇସ୍କି ଗ୍ଲାସ ଛାଡ଼ି ସମ୍ମୋହିତ ପରି; ଗୋଟାଏ ପାଇଜାମା ଆଉ କୁର୍ତ୍ତା ବଦଳି ପକାଇଲା ।

Digitized by srujanika@gmail.com

ହୃଦୟ ବାବୁ ସିଗ୍ରେଟରୁ ଜଳେ ଧୂଆଁ ଛାଡ଼ି କହିଲେ, 'ଦାଟ୍‌ସ' ବେଟର । ତୁମେ ବର୍ତ୍ତମାନ ଜଣେ ବିଶିଷ୍ଟ ଭଦ୍ରଲୋକ ପରି ଦିଶୁଛ ! ...ହାଃ ...ଏଇ ଚେହେରା ! ଭଦ୍ର ଆଉ ଅଭଦ୍ର ! ସବୁ ଟେଲରମେଡ୍ ! ଦରଜୀ ଆଉ ସେଲୁନବାଲାମାନେ ହିଁ ସମାଜ ଆଖିରେ ମଣିଷକୁ ଭଦ୍ର ଆଉ ଅଭଦ୍ର କରିଥାନ୍ତି । ଏ ପୋଷକରେ ତୁମକୁ ଦେଖିଲେ କେହି କ'ଣ କେବେ ସନ୍ଦେହ କରିପାରିବ, ତୁମେ ଗ୍ରୀଲ୍ କାଟି ମୋ ଘରେ ପଶିଥିଲ ଲୁଟି କରିବା ପାଇଁ ? ...ତମେ ଜଣେ ଲେଫ୍‌ଟିଷ୍ଟ ନେତା ନୋହିଲେ ଆର୍ଟିଷ୍ଟ ପରି ଦିଶୁଛ ହେ ନିଶୀଥ ବନ୍ଧୁ ! ...ଟିଅରସ୍ !'

ନିଶୀଥ ବନ୍ଧୁ ହୁଇସ୍କି-ଭାରା ଗଳାରେ କହିଲା... 'ହାଃ... ଫର୍ ୟୋର ଇନ୍‌ଫରମେସନ୍ ମୁଁ ତମ ଇଉନିଭରସିଟିର ଜଣେ ପୋଷ୍‌ଗ୍ରାଜୁଏଟ... ଏମ୍.ଏ. - ପଲିଟିକାଲ୍ ସାଇନ୍‌ସରେ !'

...'କିନ୍ତୁ, ବେକାର !'

...'କପି କରି, ଧରାଧରିରେ ପାଶ୍ କରିଥିବ ନିଶ୍ଚୟ ।'

ନିଶୀଥ ବନ୍ଧୁ ବିସ୍ଫୋରଣ କରିବା ପରି କଣ୍ଠରେ କହିଲା... 'ସୋ ହ୍ୱାଟ୍ ? ସେଇ ତ ଆଜି, ଶିକ୍ଷାର ସିଷ୍ଟମ୍ । କପି ନୋହିଲେ ଧରାଧରିରେ ପାଶ୍ । କିନ୍ତୁ ମୋର ସାର୍ଟିଫିକେଟ୍‌ଟା ତ ଆଉ କପି ନୁହେଁ !'

'ତା' ହେଲେ ?' ...ହୃଦୟ ବାବୁ ବିଭ୍ରାନ୍ତ କଣ୍ଠରେ ପଚାରିଲେ ।

'ଅନେକ ଇଣ୍ଟରଭ୍ୟୁ, ବେକାରୀ ଦାଉ ଅନେକ ଭୋଗିବା ପରେ, ଦିନେ ଜଣେ ମନ୍ତ୍ରୀଙ୍କ ଉଦ୍‌ବୋଧନ ଶୁଣିଲି, ଶିକ୍ଷିତ ବେକାରମାନଙ୍କ ପାଇଁ ସରକାର ବାହାର କରିଛନ୍ତି, ଆତ୍ମନିଯୁକ୍ତି ଯୋଜନା । ସେଥିରେ ବି କିନ୍ତୁ ଦେଖିଲି, ଅନେକ ମାରପେଞ୍ଚ, ଅନେକ ଧରାଧରି । ମୁଁ ତେଣୁ ଆତ୍ମନିଯୁକ୍ତି ପାଇଁ ବାଛିନେଲି, 'ଏଇ କାରିଅର ।' ...ନିଶୀଥ ବନ୍ଧୁ ଏକା ନିଶ୍ୱାସରେ ଏତକ କହି ଗ୍ଲାସରୁ ଗୋଟାଏ ଲମ୍ବା ଢୋକ ଶୋଷି ନେଲା ।

ହୃଦୟ ବାବୁ ନିର୍ବାକ୍ ।

ନିଶୀଥ ବନ୍ଧୁ କହିଲା... 'ତୁମେ କିନ୍ତୁ ମୋତେ ଭାରି ଡିସାପଏଣ୍ଟ କଇ ।'

'ମାନେ ? ...ଏତେ ବନ୍ଧୁ ଚର୍ଚ୍ଚା ସତ୍ତ୍ୱେ ?'

ସେ କହିଲା... 'ଗ୍ରୀଲ୍‌କଟାରେ ସ୍ପେସିଆଲାଇଜ୍ କରିବା ପରେ, ମୁଁ ପ୍ରଥମେ ଆଜି ଆସିଥିଲି, ତୁମ ଗ୍ରୀଲ୍ କାଟିବା ପାଇଁ । ଶୁଣିଲି, ତୁମେ ଅପଙ୍ଗ । ତୁମ ଶ୍ରୀମତୀ ଯାଇଛନ୍ତି ତୀର୍ଥ କରି । ଟାକର ଗଞ୍ଜୋଡ୍ । ଫରେଷ୍ଟ କନ୍‌ଜରଭେଟର ଥିଲ ! ଅନେକ ମାଲ୍ ଲୁଟାଇ ରଖିଛ । କିନ୍ତୁ ଏ ସବୁ ଟିକିନଫିଡ୍ ! ତୁମର ଚନ୍ଦନ କାଠ ପଲଙ୍କ କାହିଁ ? ମାଲ୍ କାହିଁ ? ନା ଇଏ ତୁମର ଟାଲାଖି ? ଆଉ କେଉଁଠି ପୋତି ରଖିଛ ? ରାତି ଅଧରେ ଗ୍ରୀଲ୍ କାଟି ଡକାୟତ ଆସେ କ'ଣ ହୁଇସ୍କି ପିଇ ଘର ମାଲିକ ସଙ୍ଗେ ଗପ ଜମାଇବା ପାଇଁ ? ...ନନ୍‌ସେନ୍‌ସ ! ରାତିଟା ମାରା ହେଲା ମୋର !'

ହୃଦୟ ବାବୁ କହିଲେ ...'ମୋତେ ବିଶ୍ୱାସ କର ନିଶୀଥ ବନ୍ଧୁ । ମୁଁ ଆଉ ଯାହା ହେଲେ

Digitized by srujanika@gmail.com

ବି ଆଦୌ ଧୂର୍ତ୍ତ ଚାଲାଖ ନୁହେଁ । ଶିକାର ପଛରେ ବଣ ଜଙ୍ଗଲରେ ଛୁଟି ଛୁଟି ମୋ ଜୀବନ କଟିଲା । ଜାନୁଆର ଆଉ ଶିକାରୀ ସାମ୍ନା ସାମ୍ନି ହେବାବେଳେ, ସେଠି ଚାଲାଖି ଚଳେନାହିଁ । ମଣିଷମାନଙ୍କ ଭିତରେ ଚାଲାଖି ଚଳେ ସିନା ।' ମୋର ସାରା ଜୀବନ କଟିଲା, ଜଙ୍ଗଲର ଶିକାର ଆଉ ମାୟା ହରିଣୀମାନଙ୍କ ପଛେ ଛୁଟି ଛୁଟି । ...ମାୟା ହରିଣୀର ଆଖି ଦେଖିଛ କେବେ ? ମାୟା ହରିଣୀ ବୁଝୁଛ ତ ? ମୁଁ ଚନ୍ଦନ କାଠର ପଲଙ୍କ ପାଇବି କୁଆଡୁ ? ତା'ଛଡ଼ା ନିଶୀଥ ବନ୍ଧୁ, ଆମେ ସବୁ ସେ ଦିନର ଲୋକ; ଆମେ କେବେ କୋଡ଼ିଏ ଆଙ୍ଗୁଠି ପାଟିରେ ପୂରାଉ ନଥିଲୁ ! ଆମେ ଜଙ୍ଗଲରେ ଚନ୍ଦନ ପ୍ଲାଣ୍ଟେସନ୍ ଲଗାଉଥିଲୁ ! ଏମାନେ କାହିଁକି, ଏମାନଙ୍କ ଜିରାଣୀମାନେ ସୁଦ୍ଧା, ସେ ପ୍ଲାଣ୍ଟେସନ୍ ସବୁ କାଟି, ସେଥିରେ କବାଟ ପଲଙ୍କ ତିଆରି କରୁଛନ୍ତି । ମୋତେ ବିଶ୍ୱାସ କର ନିଶୀଥ ବନ୍ଧୁ ।'

ବାହାର ରାସ୍ତାରେ ପୋଲିସ୍ ଜୀପ୍‌ରେ ପଇଁତରା ମାରିବାର ଶବ୍ଦ । ଗୋଟାଏ ମୋଟର ବାଇକ୍ ରାତି ଶେଷର ନିଶୁତିକୁ ଥରାଇ ଦେଇ ସେଇ ରାସ୍ତାରେ ଚାଲିଗଲା ।

ଇଏ ବୋଧହୁଏ ପୋଲିସ୍‌ର ଶେଷ ରାଉଣ୍ଡ । ପାହାନ୍ତା ପହରର କେଇଟା ପକ୍ଷୀ, କାହା ବଗିଚାରେ, କେଉଁ ଗଛ ଡାଳରେ କେଇଥର ରାବିଉଠି ନୀରବ ହୋଇଗଲେ । ଶୁକ୍ଳ ତିଥିର ଚନ୍ଦ୍ର ଅସ୍ତଗଲାଣି । ଆକାଶରେ କ୍ରମେ ଫୁଟି ଉଠୁଛି, ଫିକା ପାଉଁଶିଆ ରଙ୍ଗ । ଅଳ୍ପ ସମୟ ପରେ ସେଥିରେ ନାଲିଚା ଉକୁଟିବ । ସେ ଯା' ଭିତରେ ଦ୍ୱିତୀୟ ହୁଇସ୍କି ବୋତଲଟା ପ୍ରାୟ ଶେଷ କରି ଦେଇଥିଲା ।

ଦୂରରେ ମେନ୍ ରୋଡ୍‌ରେ ଗୋଟାଏ ଟ୍ରକ୍‌ର ଘର୍ଘର ଶବ୍ଦ ଶୁଭୁଛି ! ସେ କଟା ଗ୍ରୀଲ୍ ବାଟେ ଯେପରି ନିଃଶବ୍ଦରେ ଆସିଥିଲା, ସେଇପରି ତା'ର ଗୋଟାଏ ଥଳିରେ କଳା ଜଙ୍ଘିଆ ଆଉ ଯନ୍ତ୍ରପାତି ଧରି କଟା ଗ୍ରୀଲ୍ ବାଟେ ବାହାରକୁ କୁଦି ପଡ଼ିବାକୁ ଚେଷ୍ଟା କରୁଥିଲା ।

ଦୃଦୟ ବାବୁଙ୍କ ଦୁଇ ଆଖି, କ୍ରମେ ନିଦରେ ଭାରୀ ହୋଇ ଆସିଲାଣି । ସେ କହିଲେ ...'ଶ୍ରୀମତୀ ତୀର୍ଥ କରି ଯାଇଥିଲା ବେଳେ, ତୁମେ ଆଉ ଯଦି କୋଉଦିନ ଆସିବ ନିଶୀଥ-ବନ୍ଧୁ, ତା' ହେଲେ ସେଦିନ ତୁମକୁ ନିଜ ହାତରେ ତିଆରି କରିଦେବି ବ୍ଲଡୀମେରୀ କକ୍‌ଟେଲ୍ !'

ହୃଦୟବାବୁ ଗ୍ଲାସରୁ ଶେଷ କେତେ ବିନ୍ଦୁ ହୁଇସ୍କି ପିଇବା ପାଇଁ, ବିଛଣା ଉପରେ ଉଠି ବସି ଚମକି ଉଠିଲେ । ନିଶୀଥ ବନ୍ଧୁ ଟି'ପୟ ଉପରେ ଛାଡ଼ି ଯାଇଛି, ସୁଜାତାର ସେଇ ଚେନ୍ ଆଉ ମୁଦି ।

ଚେନ୍‌ଟାକୁ ହାତରେ ଉଠାଇ ଧରି, ହୃଦୟ ବାବୁ ହଠାତ୍ ଗମ୍ଭୀର ହୋଇ ଉଠିଲେ । ସୁନା ଚେନ୍‌ଟାକୁ ହାତରେ ଧରି ଆଉଁସିବା ବେଳେ, ଗୋଟାଏ ଗଭୀର ଦୀର୍ଘଶ୍ୱାସରେ, ପାହାନ୍ତା ପହରର ଶୀତୁଆ ପବନ ହଠାତ୍ ଯେପରି ଉଷ୍ଣ ହୋଇ ଉଠିଲା ।

ରାତ୍ରି ଉଜାଗରର ଅବସାଦରେ ତାଙ୍କର ଦୁଇ ଆଖି ଧୀରେ ଧୀରେ ମୁଦି ହୋଇ ଆସୁଥିଲା ।

Printed at Shivam Offset Press, A-12/1 Naraina Indl. Area, Phase-I, New Delhi-110 028

Digitized by srujanika@gmail.com

ସୁରେନ୍ଦ୍ର ମହାନ୍ତି (1922 - 1990) ଆଧୁନିକ ଓଡ଼ିଆ ସାହିତ୍ୟରେ ଜଣେ ବହୁମୁଖୀ ପ୍ରତିଭା । ଗଳ୍ପ, ଉପନ୍ୟାସ, ସାହିତ୍ୟ ସମାଲୋଚନା, ସାମାଜିକ ଇତିହାସ, ନାଟକ, ଭ୍ରମଣ କାହାଣୀ, ଆତ୍ମଜୀବନୀ ପ୍ରଭୃତି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ କୃତିତ୍ୱ ଅର୍ଜନ କରିଥିଲେ ବି କ୍ଷୁଦ୍ରଗଳ୍ପ ତାଙ୍କ ସାହିତ୍ୟିକ ଅଭିବ୍ୟକ୍ତିର ମୁଖ୍ୟ ମାଧ୍ୟମ । ସେ ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟର ଅନ୍ୟତମ ପଥିକୃତ୍ । ପରିବର୍ତ୍ତିତ ସାମାଜିକ ପୃଷ୍ଠଭୂମିରେ ଆଧୁନିକ ଯୁଗଚେତନାର ସୂକ୍ଷ୍ମ ବିଶ୍ଳେଷଣ ତାଙ୍କ ଗଳ୍ପର ପ୍ରାଣ । ଶୈଳୀ ସମ୍ଭ୍ରାନ୍ତ ଓ ରସସିକ୍ତ । ଆନ୍ତର୍ଜାତିକ ଗଳ୍ପର ଗତି ଓ ପ୍ରବୃତ୍ତି ସହ ଓଡ଼ିଆ ଗଳ୍ପର ଯୋଗସୂତ୍ର ସ୍ଥାପିତାରେ ଶ୍ରୀ ମହାନ୍ତିଙ୍କ କୃତିତ୍ୱ ଅସାମାନ୍ୟ । 'ଅନ୍ଧ ଦିଗନ୍ତ', 'ନୀଳଶୈଳ', 'କାଳାନ୍ତର' ପ୍ରଭୃତି ଉପନ୍ୟାସ ଓ 'ମରାଳର ମୃତ୍ୟୁ', 'ମହାନଗରୀର ରାତ୍ରି', 'ଓଃ ! ବାଲୁବାଟ୍ଟା !!', 'କବି ଓ କର୍ଭଜୀ', 'ମହାନିର୍ବାଣ', 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ' ପ୍ରଭୃତି ଗଳ୍ପ ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ । 'ନୀଳଶୈଳ' ଉପନ୍ୟାସ ପାଇଁ ସେ 1970 ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ଓ ନିଜର ସାହିତ୍ୟ କୃତି ପାଇଁ ଏକାଧିକବାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ । ତାଙ୍କର ବହୁ ସଂଖ୍ୟକ କ୍ଷୁଦ୍ରଗଳ୍ପ ମଧ୍ୟରୁ ଏ ସଂଜଳନରେ ଏକୋଇଶଟି ପ୍ରତିନିଧିସ୍ଥାନୀୟ ଗଳ୍ପ ସଂକଳିତ ।

ଏ ସଂଜଳନର ସମ୍ପାଦକ ଦୁର୍ଗାଚରଣ ଦୁଅଁର ଓଡ଼ିଆ ସାହିତ୍ୟରେ ଜଣେ ସୁପରିଚିତ ଜଣେ, ଲେଖକ ଓ ସାହିତ୍ୟ ସମାଲୋଚକ । ନିଜର ସାହିତ୍ୟ କୃତି ପାଇଁ ସେ 1988ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଛନ୍ତି ।

ଟ. 85.00 ISBN 81-237-4386-6

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com